odia.org

ମନମୋହନ ମିଶ୍ର

# ଚଳନ୍ତି ଭାଷାର ବିଜ୍ଞାନ

ଲେଖକ :

ମନମୋହନ ମିଶ୍ର

ପ୍ରକାଶକ :

କେ. ମହାପାତ୍ର ଏଣ୍ଡ କୋ.

ଛାତ୍ରସାଥୀ ଅଫିସ

ନମଚଉଡ଼, କଟକ-୨

ମୂଲ୍ୟ : ବାରଟଙ୍କା

# ଚଳନ୍ତି ଭାଷାର ବିଜ୍ଞାନ

# The Science of CURRENT SPEECH


ଲେଖକ :
ଶ୍ରୀ ମନମୋହନ ମିଶ୍ର

*By :*
Sri Manmohan Misra



ପ୍ରକାଶକ :
ଜେ. ମହାପାତ୍ର ଏଣ୍ଡ କୋ:
ଛାତ୍ରସାଥୀ ଅଫିସ୍
କଟକ-୨

*Published by :*
J. Mohapatra & Co.
Chhatrasathi Office
Cuttack-2

ପ୍ରଚ୍ଛଦ ଶିଳ୍ପୀ :
ଶ୍ରୀ ଅଜୀତ୍ ମୁଖାର୍ଜି

*Cover designed by :*
Sri Ajit Mukharji

ମୁଦ୍ରଣ :
ଜନତା ପ୍ରିଣ୍ଟିଂ ପ୍ରେସ୍
ରାଜାବଗିଚ୍ଚ,
କଟକ-୯

*Printed at :*
Janata Printing Press
Rajabagicha,
Cuttack-9

ବ୍ଲକ :
ପ୍ରସେସ୍ ଆଣ୍ଡ ଅଫ୍‌ସେଟ୍ କୋ:
C/o ଜେ. ମହାପାତ୍ର ଏଣ୍ଡ କୋ:
ଚାନ୍ଦିନୀଚୌକ
କଟକ-୨

*Block Makers :*
Process & offset Co.
C/o J. Mohapatra & Co,
Chandinichouk
Cuttack-2

ମୂଲ୍ୟ : ୧୨ ଟଙ୍କା

Price : Rs 12/-

# ମୁଖଶାଳା

ଆମର 'ଓଡ଼ିଆ ଭାଷାର ପ୍ରୟୋଗ' ପରୀକ୍ଷା କେବଳ ଆମ ଭାଷାର କେତେ ଗୁଡ଼ିଏ ବିଶେଷତ୍ୱ ତ ଦୃଷ୍ଟିରେ ପଡ଼ିଲା ତା' ସଙ୍ଗରେ ଗୋଚରକୁ ଆସିଲା ଅନ୍ୟାନ୍ୟ ଉନ୍ନତ ସଭ୍ୟ ଭାଷାଙ୍କ ସହିତ କେତେ ଗୁଡ଼ିଏ ସାଦୃଶ୍ୟ । ତା' ପରେ ଗୋଟିଏ ଭାଷାର କିଛି କଥାର ଓଜନ କେତେ, ଗୋଟିଏ ଶୈଳୀ ଅନ୍ୟ ଶୈଳୀ ଅପେକ୍ଷା ଦୁର୍ବଳ ନାଁ ବଳିଷ୍ଠ, ଏ ବିଷୟରେ ସମାଲୋଚକ ର ଖିଆଲ ବା ପକ୍ଷପାତ ହିଁ କ'ଣ ଏକମାତ୍ର ଅବଲମ୍ବନ ନାଁ ଏଥିପାଇଁ ଏକ ଠିକଠୋକ ଗାଣିତିକ ମାପଚୂପ ଉଦ୍ଭାବନ ମିଳିପାରିବ । ଏ କଥା ମଧ୍ୟ ମନକୁ ଆସିଥିଲା । ଏହା ଛଡ଼ା କେବଳ ଦେଶପ୍ରେମୀ ଭିତ୍ତିରେ ଆମର ଭାଷା ହିଁ ସେ ପୃଥିବୀର ସବୁ ଜାତିର ଆଦିଭାଷା ଏକଥା ମନେ କରିନେଇ ତା'ପରେ ସେହି ମାନସିକ ପୂର୍ବ-ବିଶ୍ୱାସକୁ କିଛି ଯୁକ୍ତି ଜାଲରେ ଛନ୍ଦି ଦେବା ହେଉଛି ଭାଷା ବିଷୟକ ଗବେଷଣା ନାଁ ଭାଷାର ଏକ ବୈଜ୍ଞାନିକ, ବସ୍ତୁ ତାନ୍ତ୍ରିକ, ଗାଣିତିକ ଯୁକ୍ତି ସମ୍ମତ ଓ ଏକମାତ୍ର ସତ୍ୟ ବାହାରି ପାରିବ ତା'ର ଜନ୍ମ, ଅଭ୍ୟୁଦୟ, ପରିବାର ଓ ଭବିଷ୍ୟତ ବିଷୟରେ । ଏକଥା ବି ମୋତେ ଖୁବ୍ ବାରିଥିଲା ।

ଏହି ସମସ୍ତ କାରଣରୁ ଏ ବହିଟି 'ଚଳନ୍ତି ଭାଷାର ପ୍ରୟୋଗ' ପରେ ଲେଖିବା ଅତ୍ୟନ୍ତ ଆବଶ୍ୟକ ହୋଇଛି । ଭାଷା ମନୁଷ୍ୟ ସମାଜର ଏକ ବିସ୍ମୟକର ସୃଷ୍ଟି । ଭାଷା କ'ଣ, ତାହା କିଭଳି ଗଢ଼ା, ଅନ୍ୟ ଲୋକଙ୍କର ଭାଷାଠାରୁ ଆମର ମାତୃଭାଷାର ପ୍ରଭେଦ କ'ଣ, ମନୁଷ୍ୟର ଭାଷାଠାରୁ ଅନ୍ୟ ପଶୁପକ୍ଷୀଙ୍କର ସଙ୍କେତ—ଚିତ୍କାରର ପାର୍ଥକ୍ୟ କେଉଁଠି ଓ କିପରି ମନୁଷ୍ୟ ଭାଷା ସମାଜର ଅନ୍ୟ ସବୁ ଭାବ ଆଦାନ ପ୍ରଦାନର ବାହନ ଠାରୁ ନିଆରା, ଏହି ସବୁ ପ୍ରଶ୍ନ ଯୁଗ ଯୁଗ ଧରି ମନୁଷ୍ୟ ମନରେ ଜାଗିଛି ।

ଏହି ସବୁ ପ୍ରଶ୍ନର ଭାବନାରୁ ଭାଷାତତ୍ତ୍ୱ ବା ଭାଷା ବିଜ୍ଞାନର ଜନ୍ମ । ଭାଷାତତ୍ତ୍ୱର ବିକାଶ ସଙ୍ଗେ ସଙ୍ଗେ ଓ ତଥ୍ୟ ଓ ଜ୍ଞାନର ସଞ୍ଚୟନ ଫଳରେ ଭାଷାର ଅନୁସନ୍ଧାନ ପଦ୍ଧତି ଉନ୍ନତ ହୋଇଛି । ଆଜିର ବିଜ୍ଞାନର ଗାଣିତିକ ସଂଖ୍ୟା ଓ ବୈଜ୍ଞାନିକ ମାପଚୁପ ମଧ୍ୟ ଏହି ପଦ୍ଧତିର ବ୍ୟବହାରରେ ଲାଗିଛି । ତେଣୁ ଭାଷାତତ୍ତ୍ୱର ଗବେଷକ ଆଉ ଅନୁମାନ ଉପରେ ନିର୍ଭର କରି ସନ୍ତୁଷ୍ଟ ରହୁନାହାନ୍ତି । ଗାଣିତିକ ପରିସଂଖ୍ୟାନ, ସୂଚନା ତତ୍ତ୍ୱ, ସମ୍ଭାବନା ତତ୍ତ୍ୱ, ଗାଣିତିକ ଯୁକ୍ତିବାଦ, କଂପ୍ୟୁଟର ତତ୍ତ୍ୱ ଓ ସଂକେତ ତତ୍ତ୍ୱ ଏବେ ଭାଷାତତ୍ତ୍ୱ ଭିତର ପଶିଆସି କ୍ରମେ ଅଧିକରୁ ଅଧିକ କାର୍ଯ୍ୟ କରୁଛି ।

ଏହି "ଚଳନ୍ତି ଭାଷାର ବିଜ୍ଞାନ"ରେ ମୁଁ ବହୁ ଭାଷା ରାଜ୍ୟରେ ବିଚରଣ କରିବାର ସୁଯୋଗ ପାଇଛି । କ୍ୟାନାରି ଦ୍ୱୀପପୁଞ୍ଜରେ ଟେନ୍ନାସୁ ଭାଷୀଙ୍କର ସାକ୍ଷାତ ପାଇଛି । ଉତ୍ତରମେରୁର ଏସ୍କିମୋ, କେଉଁଝରର ଭୂୟାଁ, ଅଷ୍ଟ୍ରେଲିଆର ବୁଶମ୍ୟାନଙ୍କଠାରୁ ଆରମ୍ଭ କରି ଇଂରାଜୀ, ଫରାସୀ, ଜର୍ମାନ, ଇଟାଲୀୟ, ରୁଷ ଭାଷା ସଙ୍ଗେ ଆମର ଭାଷାକୁ ତୁଳନା କରିଛି, କଂପ୍ୟୁଟରକୁ କି ଭାଷା ଶିଖାଇଲେ ସେ ଯେ କୌଣସି ଭାଷାରୁ ଓଡ଼ିଆରେ ଓ ଓଡ଼ିଆରୁ ଯେ କୌଣସି ମାତୃଭାଷାରେ ଅନୁବାଦ କରିବ ସେ କଥା ଚର୍ଚ୍ଚା କରିଛି ଓ ଶେଷରେ ଆଜିର ମହାଶୂନ୍ୟ ଅଭିଯାନରେ ଯଦି କେବେ କୌଣସି ନିକଟ ବା ଦୂର ଦୂରାନ୍ତରର ନିହାରିକାର ଗ୍ରହଠାରୁ କୌଣସି କସ୍ମିକ (ସୃଷ୍ଟିପ୍ରିତ) ରେଡ଼ିଓ ସଙ୍କେତ ଆସେ ତେବେ ତାକୁ କି 'ମହାଜାଗତିକ ଭାଷା'ରେ ଉତ୍ତର ଦିଆଯିବ ଏହି ସମସ୍ତ ବିଷୟ ପ୍ରସଙ୍ଗକ୍ରମେ ଆଲୋଚନା କରିଛି ।

ଶେଷରେ ଏହି ବହିରେ ମୁଁ ଉପସଂହାର କରିଛି ଭାଷାର ପାରାବାର ଭିତରେ ବହୁଦୂର ପ୍ରବେଶ କରି ଏତିକି ମୋଟାମୋଟି ଧାରଣା ହୋଇଛି ମନୁଷ୍ୟର ବିଭିନ୍ନ ଜାତିର ମାତୃଭାଷା ଏକ ବିରାଟ, ଅଦ୍ଭୁତ ଓ ଚମତ୍କାର ସୃଷ୍ଟି । ଏହା ଯେପରି ଭାବପ୍ରକାଶକ, ନମନୀୟ, ମନୋଜ୍ଞ ଓ ଜୀବନ୍ତ ଅନ୍ୟ କୌଣସି ସଙ୍କେତ, ଇସାରା, ଯାନ୍ତ୍ରିକ ଭାଷା ଇତ୍ୟାଦି ସେପରି ହେବା ସମ୍ଭବ ନୁହେଁ । ଏହି ଗବେଷଣା ମୋ ମନରେ ମନୁଷ୍ୟର ଭାଷା ପ୍ରତି ଏକ ନୂତନ ସମ୍ମାନ ଓ ଶ୍ରଦ୍ଧା ସୃଷ୍ଟି କରିଛି ଓ ମୋର ଏହା ଦୃଢ଼ ବିଶ୍ୱାସ

ଯେ ଏହା ପ୍ରତ୍ୟେକ ପାଠକ ମନରେ ଏ ଅନୁରୂପ ଉଚ୍ଛ୍ୱାସରାଜ ସୃଷ୍ଟି କରିବ ।

ଶେଷରେ ଫକୀର ମୋହନ ଯାହା 'ଉତ୍କଳ ଭ୍ରମଣ'ରେ କହିଥିଲେ ତାହା ଅଜାଣତରେ ବା କେଶ ଉଚ୍ଛ୍ୱାସରେ କହିଥିବେ । କିନ୍ତୁ ଏବେ ବଙ୍ଗଳାର ବାସ୍ତବ ଅଞ୍ଜନ ଆଖିରେ ମାଖି ମୁଁ ଜାଣତରେ ବ ଠିକ୍ ସେଇ କଥାହିଁ କହନ୍ତି ଓ ମୋ ସାଥୀରେ ଏହି ବହିର ପାଠକେ କହନ୍ତେ—

ଭ୍ରମି ଆସିଲି କଣ୍ଡୁଦୂର,
କାଞ୍ଚି, କାମାକ୍ଷା, କାନପୁର,
ପାଇଲି ନାହିଁ ଘୂରି ଘୂରି
ମୋ ମାତୃଭାଷାର ମାଧୁରୀ

ମନମୋହନ ମିଶ୍ର

ରବିବାର, ମହାଳୟା ଅମାବାସ୍ୟା
୧୯ ସେପ୍ଟେମ୍ବର ୧୯୭୧

॥ ସୂଚୀ ॥

# ଚଳନ୍ତି ଭାଷାର ବିଜ୍ଞାନ


**ଧ୍ୱନି ଓ ଭାଷା :**

ଭାଷାର ବଂଶଧର—ଭାଷା ଜନ୍ମଗତ ନୁହେଁ—ଶିଶୁର ଭାଷା ଶିକ୍ଷା—ଅନୁକରଣ—କଣିକାଏ କଥା—ବିଦେଶୀ ବାଚନ ଭଙ୍ଗୀ—ଧ୍ୱନିରେ ଶୈଳୀ—ଭାଷା ଓ ତା'ର ଧ୍ୱନି ଶୃଙ୍ଖଳା—ବାଉଟି ସ୍ୱତନ୍ତ୍ର ଧ୍ୱନି ବା ସାର୍ବଜନୀନ ଧ୍ୱନି—ଶୁଣ, ଯନ୍ତ୍ରମଣିଷ !—ମଣିଷର ଭାଷା ଓ ପଶୁର ଭାଷା । ୧-୩୩

**ଇଙ୍ଗିତ, ସଂକେତ, ଭଙ୍ଗୀ ଓ ଭାଷା :**

ସଙ୍କେତର ବର୍ଣ୍ଣମାଳା—ବାକଚରିତ—ବିନା ଶବ୍ଦରେ କଥା କହିବା—ସଙ୍କେତର ଭାଷା—ସ୍ୱରୁ ସ୍ୱର ଓ ଫିସ୍ ଫିସ୍ ଶବ୍ଦ—ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସଙ୍କେତ—ସଙ୍କେତତନ୍ତ୍ର କଣ କହେ ! ୩୪-୬୩

**ଭାଷା ଓ କୋଡ୍ :**

ସୂଚନାତତ୍ତ୍ୱ—ଗୋଟିଏ ବର୍ଣ୍ଣରେ ସୂଚନାର ପରିମାଣ—ଅନାବଶ୍ୟକ ନଥିଲେ—ଲେଖା ଓ କଥା—ଭାଷା ଓ କଂପ୍ୟୁଟରତନ୍ତ୍ର—ବ୍ୟବହାର ଓ ତନ୍ତ୍ର—ଟେଲିଭିଜନ—ଟେଲିଗ୍ରାଫ୍ କୋଡ୍—କୋଡ଼ଠାରୁ ଭାଷାର ପାର୍ଥକ୍ୟ । ୬୪-୧୦୪

**ଲୋକ, ବସ୍ତୁ ଓ ଶବ୍ଦ :**

ବସ୍ତୁ ଓ ନିର୍ଦ୍ଦେଶକ ଶବ୍ଦ—ହୋରଫ୍‌ଙ୍କ ଅନୁମାନ—ଭାଷା ଓ ସଂସ୍କୃତି—ଦୁନିଆର ମଣ୍ଡଳ—ପୃଥିବୀ ଏକ ମଣ୍ଡଳ ସନ୍ଧାନରେ—ଶବ୍ଦ ଓ ସଂଖ୍ୟା—ଭାଷାତନ୍ତ୍ର ଓ ସମାଜ ବିଜ୍ଞାନ । ୧୦୫-୧୩୩

**ସଂଖ୍ୟା ଓ ଭାଷା :**

ଭାଷାର ଶବ୍ଦ ସମ୍ପଦ—ବହୁ ବ୍ୟବହୃତ ଶବ୍ଦ ଅଭିଧାନ—ପଢ଼ାଳକର ଶବ୍ଦ କଣ ହେବ ?—କଥାଭାଷା ପାଇଁ ଏକ ମୌଳିକ ଶବ୍ଦ ତାଲିକା—ଲେଖକର ଶବ୍ଦକୋଷ—ଭାଷାତନ୍ତ୍ରରେ ଗଣିତର ପ୍ରୟୋଗ—ସଂଖ୍ୟା ଓ କାବ୍ୟ—ଗାଣିତିକ ଭାଷାତନ୍ତ୍ର । ୧୩୪-୧୫୬

## ॥ ସୂଚୀ ॥


### ଇତିହାସର ଭାଷା ଗଡ଼ି :

ଟିକ୍ ଟାଇମ୍ଟା କେତେ ? —ଜନ୍ମ ବଂଶାବଳୀର ପଦ୍ଧତି—ମୌଳିକ ଶବ୍ଦ ଭଣ୍ଡାର—ସଂଗାଣ ଉଣିଶାର ପରିମାପ ସଂଖ୍ୟା—ପରସ୍ପରର ଉପାୟ—ଏକ ଅଜ୍ଞାତଭାଷାର ସନ୍ଧାନ—ଏକ ଦୁର୍ଲଭ ଦଳ ।

୧୫୭-୧୭୮

### ବିଶ୍ୱବିଜ୍ଞାନର ଭାଷା :

ଦୁଇ ଦୁଗୁଣେ ଚାରି—ଯୋଡ଼ିବ ଯନ୍ତ୍ର—ଡେଭଲଙ୍କୁ ମୂର୍ଖଶିଆଳ କଲଛି—ଏକ ଯାନ୍ତ୍ରିକ ସୃଷ୍ଟି ଘର—କେତେବ ଭାଷାଟିଏ ଲେଖା—ଶବର ଭାଷା ଓ 'ଶବର ଭାଷା'—ଅର୍ଥର ଭାଷା—ଆଗକୁ କଣ ହେବ ?—ଯନ୍ତ୍ରର କ୍ଷମତାର କ ସୀମା ଅଛି—ଜଟିଳତା ଏହାର ଊର୍ଦ୍ଧ୍ୱରେ ।

୧୭୯-୨୦୫

### ଏକ ବିଶ୍ୱଭାଷା :

କାହାଣୀଟି ମିଛ, କିନ୍ତୁ—ଶୀତଳ ସର୍ବଜନ ଭାଷା—ଅଧା କୃତ୍ରିମ ଭାଷା—ତୁମେ, ମୁଁ, ଆମେ, କଣିବା, ଦଳବା—ଭାବନାର ବୀଜଗଣିତ—ଭୋଲାପ୍ୟୁକ୍ ଏବଂ ଏସ୍ପେରାଣ୍ଟୋ ।

୨୦୬-୨୨୮

### ଯନ୍ତ୍ରରେ ଅନୁବାଦ :

ମେସିନ୍‌ର ଚମତ୍କାର—ମଣିଷର ଯାନ୍ତ୍ରିକ ଅନୁବାଦ—ମଧ୍ୟବର୍ତ୍ତୀ ଭାଷାରେ ବିତର୍କ—ଥୋରସୋଉରସ୍ ପଦ୍ଧତି—ମନୁଷ୍ୟର ଭାଷା ଓ ଯନ୍ତ୍ରର ଭାଷା ।

୨୨୯-୨୪୧

### ଛାୟାପଥର ଭାଷା :

କଳ୍ପିତ ବନ୍ଧରେ—ତାରକା ଜଗତରେ କଥୋପକଥନ—ମହାଶୂନ୍ୟର ଭାଷାରେ—ଗଣିତ ହିଁ ହେବ ମୂଳଦୁଆ—ଲିଙ୍କୋସ (ମହା ଜାଗତିକ ଭାଷା)—ମହା ଜାଗତିକ ଭାଇ, ନମସ୍କାର !

୨୪୨-୨୬୨

# ଧ୍ୱନି ଓ ଭାଷା

[ଲୋକେ କପରି କହନ୍ତି ? ଆମେ କାହିଁକି ପରସ୍ପରକୁ ବୁଝିପାରୁ ? ଏହାର ଚର୍ଚ୍ଚା କରେ ଧ୍ୱନିତତ୍ତ୍ୱ, ପ୍ରାକୃତିକ ବିଜ୍ଞାନ ପାଇଁ ପରମାଣୁ ପଦାର୍ଥ ବିଦ୍ୟା ଯେତିକି ଉପଯୋଗୀ ମାନବ ବିଦ୍ୟାମାନଙ୍କ ପାଇଁ ଏହି ଧ୍ୱନିତତ୍ତ୍ୱ ଠିକ୍ ସେତିକି ଉପଯୋଗୀ ।

ଏହି ତତ୍ତ୍ୱହିଁ ମନୁଷ୍ୟର ସବୁଠାରୁ ମହାନ୍ ଚମତ୍କାରିତା ତାହାର 'ବାକ୍‌ଶକ୍ତି' ବିଷୟରେ ସନ୍ଧାନ ଦିଏ ।

ଆମେ ଭାରତୀୟ ଲୋକେ ପୂର୍ବେ ମନେ କରିଥିଲୁ ବାକ୍‌ଦେବୀ ଆମକୁ ବାକ୍‌ଶକ୍ତି ଦେଇଛନ୍ତି । କୌଣସି ଲୋକ ମୁହଁରୁ ଭଲ କଥା ଶୁଣିବାକୁ ମିଳିଲେ କୁହାଯାଏ "ତା କଣ୍ଠରେ ସରସ୍ୱତୀ ବିଜେ କଲେ ।" ଏହି ବାକ୍‌ଦେବୀ ବିଜ୍ଞାନ ଭାଷାରେ କ'ଣ ତାହା ଏଠାରେ କୁହାଯାଇଛି ।]

## ଭାଷାର ବିଶେଷତ୍ୱ

ପୃଥିବୀରେ ଅସଂଖ୍ୟ ଭାଷା । ଏପରିକି ୧୯୭୧ ଜନଗଣନାରେ କୁଆଡ଼େ ଗୋଟିଏ ଭାଷାର ସନ୍ଧାନ ମିଳିଛି ଯେଉଁ ଭାଷାରେ ଭାରତର ମାତ୍ର ଜଣେ ଲୋକ କଥା କହେ । ଭାଷାଟି ନାଁ ହେଲା ଗୋବ୍ରା । ୧୯୭୫ ମାର୍ଚ୍ଚ ପତ୍ରିକାରେ କଲିକତାର ଷ୍ଟେଟ୍ସମ୍ୟାନ୍ କାଗଜ ଲେଖିଥିଲା, "ଅଧିକାଂଶ ଭାରତୀୟ ଲୋକ ବିଭିନ୍ନ ପରିମାଣର ଉଗ୍ରପ ଓ ଉତ୍ତେଜନା ସହ ବିଭିନ୍ନ ପ୍ରଧାନ ପ୍ରଧାନ ଭାଷାରେ କଥାବାର୍ତ୍ତା ହୁଅନ୍ତି । ଏହି ଭାଷାଗୁଡ଼ିକ କୋଟି କୋଟି ଲୋକମୁଖର ଭାଷା । ଏହି ଭାଷାମାନଙ୍କରୁ ବହୁ ଦ୍ୱେଷସଙ୍କୁଳ କଳିତକବଲର ଉତ୍ପତ୍ତି । ଏଥିରୁ ହିଁ ଜନ୍ମ ହୁଏ ଫରମୁଲା, କୋଟା ଇତ୍ୟାଦି । ଏହି ଫରମୁଲା (ସୂତ୍ର) ଇତ୍ୟାଦିରୁ ପୁଣି ଆହୁରି ନୂତନ କନ୍ଦଳ ଉପୁଜ ଥାଏ । ଏଭଳି କାଳଚକ୍ରର ଘୂର୍ଣ୍ଣନ ବହୁ ଲୋକଙ୍କୁ ବିକାର କରି ସାରନ୍ତିଣି । ଏଥିରେ କେତେକ ବେଦନାମୟ ବା ଅନ୍ୟ ଧରଣର ପରିଣାମ ଥିବାରୁ ହିଁ ଏହି ଭାଷାର ଚର୍ଚ୍ଚା ଏବେ ବି ଖୁବ୍ ଉତ୍ତେଜକ । ତେଣୁ ଗ୍ରେଟ ଗ୍ରେଟ ଭାଷାମାନଙ୍କୁ ନଜର ଦେବା ବରଂ ଆମୋଦ-ଦାୟକ । ୧୯୭୧ ମସିହାର ଜନଗଣନା ଅନୁସାରେ ଏଭଳି ଗ୍ରେଟ ଭାଷାମାନଙ୍କର ସଂଖ୍ୟା ବେଶ୍ ଅନେକ । ଉଦାହରଣ ସ୍ୱରୂପ ଆସୁରି ବୋଲି ଗୋଟିଏ ଭାଷାକୁ ମାତ୍ର ୪୫୪୦ ଜଣ ଲୋକ କହନ୍ତି । ଏହି ଲୋକମାନେ ଆପଣା ଭାଷାକୁ ରାଜଭାଷାରେ ପରିଣତ କରିବାର ଅଭିଳାଷୀ ନୁହନ୍ତି । ଆପଣା ଆପଣାର ଗ୍ରେଟ ପରିସର ଭିତରେ ଆପଣାର ଗ୍ରେଟ ଭାଷାଟିକୁ ଚଳେଇ ସେମାନେ ବେଶ୍ ସନ୍ତୁଷ୍ଟ । ତା'ପରେ ଆସିଲା ଆଉ ଏକ ଭାଷା । ତା ନାଁ ହେଲା ପାହାଡ଼ି—, ବିରଜିଆ । ଏହି ଭାଷାଭାଷୀ ଅଖିଳ ଭାରତୀୟ ସଂଖ୍ୟା ହେଲା ଗଣି ଗଣି ଛଅ । ଏହି ଛଅଜଣ ଯେ ଆପଣା ଭାଷା ସେଇ ଆପଣା ଆପଣା ଭିତରେ ଝଗଡ଼ା କରୁଥିବେ ଏକଥା ଅନୁମାନ କରି ହେଉନାହିଁ । ତେବେ କ୍ଷୁଦ୍ରତାର ଗୁଣର ଶେଷ ସୀମା ହେଲା ଏକ ସଂଖ୍ୟକ ଭାଷାଭାଷୀ ଲୋକ— ଭାଷାର ନାମ ହେଲା ଗୋବ୍ରା । ଏହି ଭାଷାଟି ସାନ୍ତାଳି ଭାଷା ତାଲିକାରେ

ସ୍ଥାନ ପାଇଛନ୍ତି । ଏମାନଙ୍କ ସଙ୍ଗରେ ଟକ୍କର ଦେଇ ଭଲ ସମାନ ଗୌରବରେ ଆପଣା ସୁଖେ କାଳ କଟାଉଥିବା ଭାଷାମାନେ ହେଲେ ଆସକାରୃତ । ବଲଟି ସିମଙ୍ଗ (ଆବର) ଗିର୍ଡୁ (ଷିକଗସ୍ତ) । କେତେକ ମନେ କରିପାରନ୍ତି ଯେଉଁ ମାତୃଭାଷାକୁ ଜଣକ ଛଡ଼ା ; ଆଉ କେହି ନ କହନ୍ତି ସେଭଳି ଭାଷାରେ କି ପ୍ରକାର କଥାଭାଷା ଚଳିବ ? ତେବେ, ବୋଧ ହେଉଛି, ଆପଣାକୁ ଆପେ କଥା କହିବାରେ ଆନନ୍ଦ ଅଛି । କାରଣ ଅନ୍ତତଃ ସେପରି ସ୍ଥଳେ ତୁମେ ଶ୍ରୋତା, ତୁମେ ବକ୍ତା, ତୁମେ କଥକ, ତୁମେ ଗ୍ରାହକ ।

ଜଣେ ଲୋକର ଗୋଟିଏ ଭାଷା ! ଏହା ଅସମ୍ଭବ ହାସ୍ୟାସ୍ପଦ କଥା । ଯଦି ଭାରତରେ ଭାଷାର ବିଭିନ୍ନତା ଓ ବହୁଳତା ଦର୍ଶାଇବାପାଇଁ ଏଭଳି ଉଦ୍ଭଟ ପରିସଂଖ୍ୟାନ କେହି କରିଥାଏ ତାହା ତ ନିଆରା କଥା । କିନ୍ତୁ ଭାଷା ବୋଇଲେ ଯାହା ବୁଝାଏ ତାହା ଜଣେ ଲୋକରେ କେବେ ହୁଏ ନାହିଁ । ଭାଷା ହେଉଛି ସମାଜର ଭାବ ପ୍ରକାଶର ବାହନ । ଜଣେ ଲୋକରେ କେବେ ସମାଜ ହୁଏ ନାହିଁ । ଅଥବା ଗୁରି ଜଣରେ ବି ଗୋଟିଏ ସମାଜ ବା ଗୋଟିଏ ଭାଷା ହୁଏ ନାହିଁ । ଆମେ ଯେଭଳି ବିନା ଆୟାସରେ ଖାଉ, ଚଲାବୁଲା କରୁଁ ବା ଶୋଉଁ ସେଭଳି କଥାଭାଷା କରୁଁ । ଆମ୍ଭେମାନେ କେବେ ଏକଥା ବିଚାର କରି ନାହୁଁ ଯେ, ଆମର ଭାଷା ଯାହା ମାତୃଭାଷା ଛଳରେ ଆମକୁ ମିଳିଛି ତାହା ଆମର ସ୍ୱଭାବସିଦ୍ଧ ନା ତାହାକୁ ଆମେ ହାସଲ କରିଛୁଁ ? ବାସ୍ତବକୁ ଦେଖିଲେ ତାହା ଆମେ ଅଲକ୍ଷିତରେ ଶିଖିଥାଉଁ । ମଣିଷର ଭାଷା ତା'ର ଜନ୍ମଗତ ନୁହେଁ । ଏହା ତାକୁ ଶିଖିବାକୁ ହୋଇଥାଏ । ଯେଉଁ ସମାଜରେ ସେ ବାସ କରେ ସେହି ସମାଜ ହିଁ ତାକୁ ଏହି ଭାଷା ଶିଖାଇଥାଏ ।

## ଭାଷା ଜନ୍ମଗତ ନୁହେଁ

ଜନ୍ମ ହେଲା ମାତ୍ରେ ମଣିଷ ଶିଶୁ କୋଳରେ ପାଟି କରେ । ପାଟି କରେ କିନ୍ତୁ କଥା କହେ ନାହିଁ । ଅଶାନ୍ତ ହେଲେ କାନ୍ଦେ କିମ୍ବା ଶାନ୍ତ ହେଲେ ସନ୍ତୋଷରେ ଚିତ୍କାର କରେ । ନବଜାତକର ଏହା ହିଁ ହେଲା ତା'ର ଚତୁର୍ଦ୍ଦିଗର ସଂସାର ବିଷୟରେ ପ୍ରତିକ୍ରିୟା । ଏଭଳି ପାଟିତୁଣ୍ଡ, ଭାଉ ହେଉଛି ଜୈବିକ ; ଏହା କଥା ନୁହେଁ । ଏଭଳି ପାଟିତୁଣ୍ଡ ବା ରଡ଼ି

ତାକୁ କେହି ଶିଖାଇ ନଥାଏ । ଜନ୍ତୁ ଜାନୁଆରଙ୍କ ପରି ଏହା ଆପଣା ସ୍ୱୟଁ ତା ମୁହଁରୁ ବାହାରି ଆସିଥାଏ ।

କିନ୍ତୁ ଦିନୁ ଦିନ ବଢ଼େ, ତା'ର ଦୁନିଆର ପରିସର ବି ଆହୁରି ଫରକ୍ ହୋଇ ଆସେ ତା'ର ମୁହଁର ଧ୍ୱନି ବି ନାନାବିଧ ଆକାର ଧରେ । ପ୍ରଥମେ ପ୍ରଥମେ ବିରକ୍ତ ଚିତ୍କାର ବା ଆନନ୍ଦର କୁରୁଳି ବା କୁହାଟ-ଗୁଡ଼ିକ ହୁଏ ସ୍ୱରବର୍ଣ୍ଣର ଧ୍ୱନି । ମଣିଷର କଥା ସହିତ ତାକୁ ତୁଳନା କଲେ ତାହା ଅତି ପ୍ରାଥମିକ ଶବ୍ଦ । ତା'ପରେ ତା'ର କୁହାଟରେ ବ୍ୟଞ୍ଜନ ବର୍ଣ୍ଣର ଧ୍ୱନି ପ୍ରକାଶ ପାଏ ।

ଶିଶୁ ପ୍ରଥମେ ସ୍ୱରବର୍ଣ୍ଣ ଧ୍ୱନି କରେ କାହିଁକି ? କାରଣ ମନୁଷ୍ୟର କଣ୍ଠ ସ୍ୱରବର୍ଣ୍ଣର ଧ୍ୱନି ସହଜରେ ଉଚ୍ଚାରଣ କରିପାରେ । ଶିଶୁ କଥା କହେ ନାହିଁ । ଅନ୍ୟାନ୍ୟ ଜନ୍ତୁଙ୍କ ଭଳି ଖାଲି ଶବ୍ଦ ବାହାର କରେ । ଯେପରି ସେ ଦୁନିଆକୁ ଜଣାଏ ଯେ ତା'ର କଣ୍ଠନଳୀ ଅଛି ଆଉ ସେଥିରେ ଜୋର ଅଛି ।

ପରେ ପରେ ସହଜଜ୍ଞାନରୁ, ଶରୀର ଗଠନ ବିନ୍ୟାସରୁ ଏହି ଧ୍ୱନି ଭିତରର କଥା ବା ଭାଷାରେ ରୂପାନ୍ତର ହୁଏ । ଏଭଳି ରୂପାନ୍ତର ଆପଣା ସ୍ୱୟଁ ହୁଏ ନାହିଁ । ତା'ର ଚତୁଃପାର୍ଶ୍ୱର ଜନସମାଜର ପ୍ରଭାବ, ଯଥା— ମାଆ, ବାପା ଓ ଅନ୍ୟମାନଙ୍କର ପ୍ରଭାବରୁ ହୁଏ ।

ପୃଥିବୀର କୌଣସିଠାରେ କୌଣସି ଶିଶୁ ଭିତରୁ କୌଣସି ଜନ୍ମଗତ କଥାର ପ୍ରମାଣ ମିଳିନାହିଁ । ବୁଶମ୍ୟାନ ଘରର ବା ଫ୍ରେଞ୍ଚ, ଜର୍ମାନ ବା ଜାପାନୀ ଶିଶୁ ବା ଅନ୍ୟ ଯେ କୌଣସି ଦେଶର ଭାଷାର ବାଳୁତ ପିଲା ସମସ୍ତେ ଜନ୍ମ ବେଳେ ସମାନ ପ୍ରକାରର ଧ୍ୱନି କରନ୍ତି । ଯଦି ଗୋଟିଏ ମାସିକିଆ ଠାରୁ ତିନିମାସିଆ ବୁଶମ୍ୟାନ ଛୁଆକୁ ଏକ ଇଂରେଜ ପରିବାରରେ ରଖିଦିଆଯିବ ତେବେ ଆପଣାର ମାତୃଭାଷା ଭଳି ଇଂରେଜୀ ଭାଷା କହିବ । ଓଲଟା ଭାବରେ ଗୋଟିଏ ଇଂରେଜ ବାପ ମା'ଙ୍କର ଛୁଆ ଯଦି ବାଣ୍ଟୁ ପରିବାର ଭିତରେ ଜନ୍ମରୁ ବଢ଼େ ତେବେ ସେ ବାଣ୍ଟୁ ଭାଷାରେ ପୁରାପୂରି ଦୋରସ୍ତ ହୋଇଯିବ ।

କିନ୍ତୁ ଏମିତି ବି ବେଳକାଳ ଥିଲା, ଯେତେବେଳେ ଲୋକେ ଭାବୁଥିଲେ ସେ ପୃଥିବୀର ସବୁ ଲୋକଙ୍କର ଜନ୍ମଗତ ଗୋଟାଏ ଭାଷା ଅଛି ।

ମିସର ଦେଶରେ ଏକ ପୁରାଣ କଥା ଅଛି । ମିସରର ରାଜା ଫାରାଓ ସମାମେଟିକସ୍ ମନେ ମନେ ଭାବିଲେ ଯେ ପୃଥିବୀର କେଉଁ ଭାଷାଟା ସବାଆଗ ତାହା ସ୍ଥିର କରିବେ । ତେଣୁ ସେ ଦୁଇଟି ସଦ୍ୟଜାତ ଶିଶୁଙ୍କୁ ନେଇ ଗୋଟିଏ ବୁଢ଼ା ଘୁଙ୍ଗା ଲୋକ ପାଖରେ ଛାଡ଼ିଦେଲେ ଯେପରି କି ସେ ଶିଶୁମାନେ କୌଣସି ଭାଷା ଶିଖିବାକୁ ପାଇବେ ନାହିଁ । ତାଙ୍କର ଉଦ୍ଦେଶ୍ୟ ଥିଲା ଶିଶୁ ଯୋଡ଼ିକ ସ୍ୱାଭାବିକ ଭାବରେ କେଉଁ ଭାଷା ଆଦରିବେ ତାହା ଦେଖିବା । ଶିଶୁମାନେ ଯେଉଁ ଭାଷାରେ କଥା କହିବେ ତାହାହିଁ ପୃଥିବୀର ଆଦିଭାଷା ବୋଲି ସାବ୍ୟସ୍ତ ହୋଇଯିବ । ଉକ୍ତ ପୁରାଣ କଥାରେ କଥିତ ଅଛି ଶିଶୁଦୁଇଟି ଫ୍ରିଜିୟାନ ଭାଷାରେ କଥା କହିବା ଆରମ୍ଭ କରିଥିଲେ ।

ଏଭଳି ଯେ ଗୋଟାଏ ପରୀକ୍ଷା ହୋଇଥିଲା ଏକଥା କେବଳ କାହାଣୀର କଥା । ଏହା ସତ କି ନୁହେଁ ଜଣା ନାହିଁ । ଯଦି ସତ ହୋଇ-ଥାଏ ତେବେ ଉକ୍ତ ଫାରାଓଙ୍କୁ କେହି ଜଣେ ନିଶ୍ଚୟ ଧୋକା ଦେଇଥିଲା । କେହି ନିଶ୍ଚିତ ଭାବରେ ଶିଶୁ ଦୁଇଟିଙ୍କୁ ଫ୍ରିଜିୟାନ ଭାଷା ଶିଖାଇଥିଲା, ତା ନୋହିଥିଲେ ସେମାନେ କୌଣସି ପ୍ରକାର ମନୁଷ୍ୟ ଭାଷା ଶିଖି ପାରି ନ ଥାନ୍ତେ । ଏହା ହିଁ ଭାଷାତତ୍ତ୍ୱର ପ୍ରମାଣ । ଅବଶ୍ୟ ଏବେ ଫାରାଓଙ୍କର ଏ ପ୍ରକାର ମେରସାପୂ ନିର୍ଦ୍ଦୟ ପରୀକ୍ଷା କରିବାକୁ କେହି ମଙ୍ଗିବେ ନାହିଁ କିନ୍ତୁ ଏଭଳି ପରୀକ୍ଷା ତ ବାରମ୍ବାର ପ୍ରାକୃତିକ କାରଣରୁ ହୋଇଯାଇଛି । ସେଥିରୁ କ'ଣ ଶିକ୍ଷା ମିଳୁଛି ?

ଏଭଳି ବହୁ ଦୃଷ୍ଟାନ୍ତ ଅଛି ଯେ, ଘଟଣାଚକ୍ରରେ ମଣିଷର ପିଲାମାନେ ବନ୍ୟଜନ୍ତୁଙ୍କ ଲାଳନପାଳନରେ ବଢ଼ିଛନ୍ତି । ଗଧିଆ, ଚିତାବାଘ, ମାଙ୍କଡ଼, ଭାଲୁ ଏପରିକି ମେଣ୍ଢାଙ୍କ ଦଳରେ ବି ମଣିଷ ଶିଶୁ ଜନ୍ମରୁ ରହି ଯାଇଥିବାର ବହୁ ଦୃଷ୍ଟାନ୍ତ ମିଳୁଛି । ଏଭଳି ବନ୍ୟ ମଣିଷ ଶିଶୁମାନେ ଫ୍ରିଜିୟାନ, ବା ଓଡ଼ିଆ ବା ସଂସ୍କୃତ ଭାଷାରେ କଥା କହି ନାହାନ୍ତି ସେମାନେ ଏକପ୍ରକାର ଜାନ୍ତବ ଭାଷାରେ କଥା କହିବା ଶିଖିଛନ୍ତି । ସେମାନଙ୍କର କଣ୍ଠନଳୀରୁ ଯେଉଁ ଯେଉଁ ବନ୍ୟଜନ୍ତୁଙ୍କର ପ୍ରତିପାଳନରେ ସେମାନେ ବଢ଼ିଥିଲେ ସେହି ସେହି ଜନ୍ତୁଙ୍କର ସଙ୍କେତ ଗର୍ଜନ ହିଁ ବାହାରିଥିଲା । ସେମାନେ ଗଧିଆ ବାଘ ପରି ହେଣ୍ଟାଳୁଛନ୍ତି କିମ୍ବା ମାଙ୍କଡ଼ ଭଳି କିଚିରି ମିଚିରି

କରିଛନ୍ତି ଅଥବା ମେଣ୍ଢା ଭଳି ବୋବାଇ ଗୁଣ୍ଡୁଛନ୍ତି । ପରେ କଷ୍ଟ କଷ୍ଟରେ ସେମାନଙ୍କୁ କୌଣସି ଏକ ମନୁଷ୍ୟ ଭାଷା ଶିଖା ଦିଆଯାଇ ପାରିଛି ।

## ଶିଶୁର ଭାଷା ଶିକ୍ଷା-ଅନୁକରଣ

ତେବେ ମନୁଷ୍ୟ ସମାଜରେ ଯେଉଁ ଶିଶୁ ଜନ୍ମ ହୁଏ ସେଭଳି ଶହ ଶହ, ଲକ୍ଷ ଲକ୍ଷ ସାଧାରଣ ଶିଶୁ କି ଭଳି କଥା କହିବା ଶିଖନ୍ତି ?

ଜନ୍ମର ପ୍ରଥମ କେତୋଟି ଦିନ୍ରା ଭିତରେ ଶିଶୁ ବିଭିନ୍ନ ପ୍ରକାର ଶବ୍ଦ ଶୁଣି ସେଥିପ୍ରତି ଆକୃଷ୍ଟ ହୁଏ । ତେବେ ଏ ଆକର୍ଷଣ ସରଳ ଆକର୍ଷଣ ନୁହେଁ । ଏହି ଆକର୍ଷଣ ଓ ବିରକ୍ତି ଉଭୟ ଭିତରେ ତାରତମ୍ୟ ଥାଏ । ଯେଉଁ ଶବ୍ଦଗୁଡ଼ିକ ବିରକ୍ତିକର, ତୀକ୍ଷ୍ଣ, ବା ଖୁବ୍ ଜୋର ତାହା ପ୍ରତି ତା'ର ବିରକ୍ତି ଜନ୍ମେ । ଯେଉଁ ଶବ୍ଦଗୁଡ଼ିକ ପରିତୋଷକ, ସଙ୍ଗୀତମୟ ବା ମିଠା ସେଥିପ୍ରତି ତା'ର ଆକର୍ଷଣ ବଢ଼େ । ଶ୍ରେଷ୍ଠ ଛୁଆ ପକ୍ଷରେ ତା'ର ମା'ର କଣ୍ଠସ୍ୱର ସବୁଠାରୁ ସୁମିଷ୍ଟ ଶୁଭେ । ଏକଥା କଳ୍ପିତ ଅନୁମାନ ନୁହେଁ । ଏହା ବୈଜ୍ଞାନିକ ପ୍ରମାଣସିଦ୍ଧ । ଏହି ମାତାର କଣ୍ଠସ୍ୱରକୁ ନାନା ପ୍ରକାର ବିସ୍ବାଦ ଶବ୍ଦ ଭିତରୁ ସେ ଠିକ୍ ବାରି ନେଇପାରେ ଓ ଏହା ଶୁଣିଲା ମାତ୍ରେ ସେ ଉଲ୍ଲସିତ ହୋଇଥାଏ ।

ଏଭଳି ସ୍ଥଳରେ କେବଳ ବାକ୍‌ଶକ୍ତି ବା ଧ୍ୱନି ସୃଷ୍ଟିର ଶକ୍ତି ପାଇଁ ସେ ଯେ ତିଆରି ହୁଏ ସେତିକି ନୁହେଁ, ଶିଶୁ ଏଭଳି ସ୍ଥଳରେ ଗୋଟିଏ ପ୍ରକାର ଧ୍ୱନି ଠାରୁ ଅନ୍ୟପ୍ରକାର ଧ୍ୱନିର ପ୍ରଭେଦ ବାରିପାରେ ଓ ଠିକ୍ ଠିକ୍ ରୂପେ ମନୁଷ୍ୟର କଥା ଶିଖିବାକୁ ଆରମ୍ଭ କରେ । ସେ ଅନ୍ୟକୁ ଅନୁକରଣ କରେ । ଯେଉଁ ଧ୍ୱନିକୁ ଶୁଣେ ତାହାକୁ ନକଲ କରିବାକୁ ଚେଷ୍ଟା କରେ (ଅବଶ୍ୟ ଏକଥା ସତ ଯେ ଏଭଳି ଅନୁକରଣ କେବଳ ମନୁଷ୍ୟ ଶିଶୁ କ୍ଷେତ୍ରରେ ନୁହେଁ, ଶୁଆ, ସାରୀ ପ୍ରଭୃତି ଜନ୍ତୁଙ୍କ କ୍ଷେତ୍ରରେ ମଧ୍ୟ ଦେଖାଯାଏ) । ମନୁଷ୍ୟ ଶିଶୁ ବିଭିନ୍ନ ଧ୍ୱନିକୁ କଳବଳାଏ ଓ ତାହାର ନାଦ ସହିତ ଖେଳିବା ଆରମ୍ଭ କରେ ଠିକ୍ ଯେପରି ମନୁଷ୍ୟ ଶିଶୁ ହଁ କରନ୍ତା ସେପରି ହଁ କରିବା ଆରମ୍ଭ କରେ ।

ବୟସ୍କ ଲୋକ ଦଶେଟି କଥା କହିଲେ, ଅଥବା ଖଟେଇ ଖଟେଇ କଥା କହିଲେ ତାହା ନାପସନ୍ଦ ହୁଏ ; କିନ୍ତୁ ବାଳ୍ୟତର ଜୀବନରେ ଏହି

ବସେଣ୍ଟି ଭଳଥାର ସ୍ଥାନ ଖୁବ୍ ଉଚ୍ଚରେ । କାରଣ ଏଗୁଡ଼ିକ ଶିଶୁଙ୍କର ଅବସ୍ଥା ବନ୍ଧୁଦରେ ଜାନ୍ତବ ଚିତ୍କାର ନୁହେଁ ବା ଆନନ୍ଦର ଲୁହାଟ ନୁହେଁ । ଏମାନେ ଏକ ଧରଣର ଶବ୍ଦ ସମ୍ଭାର । ଏହି ଶବ୍ଦ ସମ୍ଭାର ହିଁ ପରେ ଏକ ସୁସଂହତ ଭାଷାର ଶୃଙ୍ଖଳାରେ ଛନ୍ଦୋବଦ୍ଧ ହୁଏ ।

ଛଅ ରୁ ଆଠ ମାସ ବୟସ ବେଳକୁ ମଣିଷ ଶିଶୁ ମୁହଁରେ ନାନାପ୍ରକାର ଅବୋଧ ଧ୍ୱନି କରେ । ପୃଥିବୀର ସବୁ ଭାଷା'ର ଓ ଅଞ୍ଚଳର ଶିଶୁ ମୁହଁରେ ଏଭଳି ଧ୍ୱନି ସମାନ । ଶିଶୁଧ୍ୱନି ଗବେଷକମାନେ ଏ ବିଷୟରେ ଏକମତ ହୋଇଛନ୍ତି ଯେ, ବସେଣ୍ଟି ଧ୍ୱନି ଭିତରେ ନାନା ଅଦ୍ଭୁତ ଧରଣର ଶବ୍ଦ ଥାଏ । ଏଥିରେ ଉଚ୍ଚ ସ୍ୱର ଶବ୍ଦ ଏପରିକି ବୁଶମ୍ୟାନ୍ ବା ହୋଟେନ୍‌ଟୋଟ ଆଦିବାସୀମାନଙ୍କର ଟାକରା ଫୁଟାଇବାର ଶବ୍ଦ ମଧ୍ୟ ଥାଏ ।

ଯଦି ସାରା ସଂସାରର ଶିଶୁ ଧ୍ୱନି ପ୍ରାୟ ଏକ ରକମର ତେବେ ସେହି ଶିଶୁ ବୟସ୍କ ହୋଇଗଲେ ପୁଣି ବିଭିନ୍ନ ଭାଷା କହନ୍ତି କହେ ? କାହିଁକି ତେବେ ପୃଥିବୀର ଭାଷା ସବୁ ନିଆରା ନିଆରା ହୁଏ । କାହିଁକି ସାରା ପୃଥିବୀ ପାଇଁ ସମାନ ପ୍ରକାରର ବୟସ୍କ ଭାଷା ହେଉ ନାହିଁ ?

ଏହାର କାରଣ ମନୁଷ୍ୟର ଭାଷା ଆପଣାଛୁଏଁ ବିକାଶ ଲାଭ କରେ ନାହିଁ । ଏହାକୁ ଶିକ୍ଷାଦେବାକୁ ପଡ଼େ । ସମାଜ ହିଁ ଏହି ପ୍ରକାର ଶିକ୍ଷକ । ଏହା କାଳକ୍ରମର ବିକାଶ ସଙ୍ଗେ ସଙ୍ଗେ ସମାଜ ମାଧ୍ୟମରେ ତାହାର ମୁହଁରେ ଫୁଟିଥାଏ । ବୟସ୍କ ଲୋକଙ୍କର ପ୍ରଭାବ ଯୋଗୁଁ ଶିଶୁମାନଙ୍କର ଅବୋଧ ଧ୍ୱନି ଶିଶୁର କଥାରେ ପରିଣତ ହୋଇଥାଏ । ଯେଉଁ ନାଦ ବା ଧ୍ୱନିଗୁଡ଼ିକ ମାତୃଭାଷାରେ ନ ଥାଏ ସେଗୁଡ଼ିକ ପାଶୋରି ଯାଏ । ବୟସ୍କମାନେ ସେଗୁଡ଼ିକ ବ୍ୟବହାର ନ କରିବାରୁ ସେଗୁଡ଼ିକ ଶିଶୁର ମନରୁ ମଧ୍ୟ ପୋଛି ହୋଇଯାଏ । କାରଣ ବୟସ୍କମାନେ ଆପଣା କଥାଭାଷାରେ ସେଭଳି ଧ୍ୱନିର ପାଖ ପଶନ୍ତି ନାହିଁ ।

ଭାଷାର ସଂସ୍ଥା ହେଉଛି ଚାଲୁଣି ପରି । ଯାହା ଅଲୋଡ଼ା ତାହାକୁ ଚାଲୁଣିରେ ଚାଳେଇ ଦେଲା ପରି ଭାଷା ଚାଳେଇ ଫିଙ୍ଗିଦିଏ । କେବଳ ଜନ୍ମଭୂମିର ଭାଷାର ଧ୍ୱନିତକ ଶିଶୁ ସାଇତି ରଖେ । ତେବେ ଏହି ଚାଲୁଣିଟି

ଶବ୍ଦ କଣ ପଦାର୍ଥ ? ଆମ୍ଭେମାନେ ଭିନ୍ନ ଭାଷାରେ ଭିନ୍ନ ପ୍ରକାରେ କହୁ କାହିଁକି ? ଗୋଟିଏ ଭାଷାର ସଂସ୍ଥାନ କ'ଣ ? ଏହା କାହିଁକି ଲୋଡ଼ା ପଡ଼େ ?

## କଣିକାଏ କଥା

ଯେ କୌଣସି ଅଭିଧାନ ଖୋଲିଲେ ଅ, ଆ, କ, ଖ ରେ କିଛିତ ଅକ୍ଷର ଆଖିରେ ପଡ଼ିବ । ଏଥିରୁ ଗୋଟିଏ ଅକ୍ଷରର ମନେକର ଗୋଟିଏ ଶବ୍ଦ ହେଲା ସରସ । ଏହି ସରସରେ 'ସ' ଜାଗାରେ 'ସା' ଲେଖିଲେ ହେଲା ସାରସ । ଏହା ଆଉ ଗୋଟିଏ ଶବ୍ଦ । ସରସର ଶେଷ ଦନ୍ତ୍ୟ 'ସ' ସ୍ଥାନରେ 'ସୀ' ଲେଖିଲେ ହେଲା ସରସୀ । ସରଳରୁ 'ର' ଜାଗାରେ ବ ଲେଖିଲେ ହେଲା ସବଳ । ବ ଜ ଲେଖି ଜ ଲେଖିଲେ ସଜଳ । ଏଭଳି ଗୋଟିଏ ଅକ୍ଷର, ଗୋଟିଏ ମାତ୍ରା, ଗୋଟିଏ ଧ୍ୱନିର ଅଦଳବଦଳରେ ଶବ୍ଦର ଅର୍ଥ ବଦଳିଯାଏ ; ତେଣୁ ଧ୍ୱନିର ଅଦଳବଦଳରେ ଶବ୍ଦର ଅର୍ଥ ବଦଳିଯିବାର ଯେଉଁ ଗୁଣ ଅର୍ଥାତ୍ ଧ୍ୱନିର ଏହି ଯେ ଗୁଣ ଏହାକୁ ଶବ୍ଦର ଧ୍ୱନି ତତ୍ତ୍ୱମୂଳକ ପ୍ରଭେଦ ବୋଲି କୁହାଯାଏ । ପ୍ରତ୍ୟେକ ଭାଷାରେ ଏପରି ମାଳମାଳ ଶବ୍ଦ ଅଛନ୍ତି ଯେଉଁମାନେ ଗୋଟିଏ ଗୋଟିଏ ଧ୍ୱନିର ପ୍ରଭେଦରେ ପ୍ରଭେଦ ହୋଇଯାଆନ୍ତି । ପ୍ରଭେଦକାରୀ ଧ୍ୱନିର ନିଜସ୍ୱ କୌଣସି ଅର୍ଥ ନାହିଁ କିନ୍ତୁ ଏହା ଗୋଟିଏ ଶବ୍ଦକୁ ଭିନ୍ନାର୍ଥବୋଧକ ଶବ୍ଦରେ ପରିଣତ କରିଦିଏ । ଉପରର ଉଦାହରଣ ପରି ଅଜସ୍ର ଉଦାହରଣ ପୃଥିବୀର ସବୁ ଭାଷାରେ ମିଳିବ ।

କିନ୍ତୁ ତାହା ବୋଲି କେବଳ ସ୍ୱରର ପରିବର୍ତ୍ତନରେ କ'ଣ ଅର୍ଥର ପରିବର୍ତ୍ତନ ହୋଇଯିବ ? ମନେକର ଗୋଟିଏ ସାନ ପିଲା ଗୁଇଁ-ଗୁଇଁଆ ସ୍ୱରରେ କିଛି କଥା କହିଲା କୌଣସି ବୟସାଧିକ ଲୋକ ନିମ୍ନ ସ୍ୱରରେ କିଛି କହିଲା । ଏଥିରେ ଅବଶ୍ୟ ମୋଟାମୋଟି ଧ୍ୱନିରେ ତାରତମ୍ୟ ହେଲା । କିନ୍ତୁ ଏହାଦ୍ୱାରା ଅର୍ଥର କିଛି ବ୍ୟତିକ୍ରମ ହେବ ନାହିଁ ।

କେତେ ଭାଷା ଅଛନ୍ତି ଯେଉଁଠି ଦୀର୍ଘ ସ୍ୱରବର୍ଣ୍ଣ ବା ହ୍ରସ୍ୱ ସ୍ୱର-ବର୍ଣ୍ଣ ଭିତରେ କୌଣସି ପ୍ରଭେଦ ନାହିଁ । ଶବ୍ଦର ଅର୍ଥରେ କିଛି ବ୍ୟତିକ୍ରମ

ହୁଏ ନାହିଁ । ଯେପରି ଓଡ଼ିଆରେ ନଇ ଓ ନଈ । ଉଭୟ ହ୍ରସ୍ୱ ବା ଦୀର୍ଘ ସ୍ୱରରେ ଉଚ୍ଚାରଣ କଲେ ଏଠାରେ କୌଣସି ଅଲଗା ଅର୍ଥ ବୁଝାଏ ନାହିଁ । ରୁଷ ଭାଷାରେ 'STVL' ଶବ୍ଦକୁ ଜର୍ମୀନ ଭାଷାର 'STUHL' ବା ଇଂରେଜ 'Few' ଭଳି ଉଚ୍ଚାରଣର ଅର୍ଥ ବଦଳିଯିବାର ସମ୍ଭାବନା ନାହିଁ କିନ୍ତୁ ଜର୍ମୀନ ଭାଷାରେ 'ଷ୍ଟେହଲେଲେନ୍' ଦୀର୍ଘସ୍ୱରରେ ଅର୍ଥହୁଏ ଚୋରି କରିବା କିନ୍ତୁ 'ଷ୍ଟେଲେନ୍' ହ୍ରସ୍ୱ ସ୍ୱରରେ ଅର୍ଥ ହେଲା 'ଶୋଇବା' ।

ଓଡ଼ିଆ ଭାଷାରେ ସଂସ୍କୃତର ଗୁରୁ ଲଘୁ ନିୟମ ନାହିଁ । ଅର୍ଥାତ୍ ଏଠାରେ ହ୍ରସ୍ୱ ସ୍ୱର ବା ଦୀର୍ଘ ସ୍ୱର ଫଳରେ ଶବ୍ଦର ଅର୍ଥରେ ପ୍ରଭେଦ ବାରି ହୁଏ ନାହିଁ । ଅବଶ୍ୟ ବହୁତ ସଂସ୍କୃତ ଶବ୍ଦ ରହିଛି ଯାହାର ବନାନ ଆମେ ଓଡ଼ିଆ ଭାଷାରେ ବି ସଂସ୍କୃତ ଭଳି କରିଥାଉଁ । ଯଥା ଚିର ଅର୍ଥାତ୍ ଚିରକାଳ ଓ ଚୀର ଅର୍ଥାତ୍ ଛିଣ୍ଡାକନା । କିନ୍ତୁ ଏହି ଶବ୍ଦଗୁଡ଼ିକ ଓଡ଼ିଆ ନୁହେଁ । ଏ ଗୁଡ଼ିକ ମୂଳତଃ ସଂସ୍କୃତ ଶବ୍ଦ ।

ଓଡ଼ିଆ ଭଳି ରୁଷ ଭାଷାରେ ଲଘୁ ବା ଗୁରୁ ସ୍ୱର ଅର୍ଥାତ୍ ହ୍ରସ୍ୱ ବା ଦୀର୍ଘ ସ୍ୱରର ଉଚ୍ଚାରଣରେ ଶବ୍ଦାର୍ଥର କୌଣସି ପରିବର୍ତ୍ତନ ହୁଏ ନାହିଁ । କିନ୍ତୁ ଜର୍ମାନ, ଇଂରେଜ ଓ ଚୀନ ଭାଷାରେ ଅର୍ଥର ପରିବର୍ତ୍ତନ ହୁଏ ।

ଉପରୁ ଏକଥା ସ୍ପଷ୍ଟ ଯେ, ଭାଷାର ଧାରାରେ ସବୁ ପ୍ରକାର ଧ୍ୱନିର ପ୍ରଭେଦ ସେତେ ଗୁରୁତର ନୁହେଁ । ଯେଉଁ ସବୁ ଧ୍ୱନିର କୌଣସି ଗୁରୁତା ନାହିଁ ସେମାନଙ୍କୁ ଭାଷାର ଗୋଟିଏ ଗୋଟିଏ କଣିକା ବୋଲି ଧରାଯାଏ । ପ୍ରତ୍ୟେକ ଭାଷାରେ ଏଭଳି ଧ୍ୱନିକୁ ଗୋଟିଏ ଗୋଟିଏ 'ଫୋନିମ୍' ବୋଲି ଭାଷାତତ୍ତ୍ୱବିଦ୍‌ମାନେ କହିଛନ୍ତି ।

ଏଭଳି 'ଫୋନିମ୍'କୁ କଥକର ସ୍ୱର ଅନୁସାରେ ଓ ସ୍ୱରର ବିଶେଷତ୍ୱ ଅନୁସାରେ ବିଭିନ୍ନ ଭାବରେ ଉଚ୍ଚାରଣ କରାଯାଇପାରେ । 'ମାଆ'କୁ ବିଭିନ୍ନ ଲୋକେ ବିଭିନ୍ନ ଭାବରେ ଉଚ୍ଚାରଣ କରନ୍ତି । ଓଠର ଭଙ୍ଗୀକୁ ବିଭିନ୍ନ ରକମ କରି ଏହି ଉଚ୍ଚାରଣକୁ ନାନା ରୂପ ଦିଆଯାଇପାରେ କିନ୍ତୁ ସେହି ଶବ୍ଦ 'ମା' 'ମା' ହୋଇ ହିଁ ରହିବ । ଅଥଚ ସେହି 'ମା' ଜାଗାରେ ଯଦି ଆମେ 'ବା' ବୋଲି କହିଦେଉଁ ତେବେ ଅର୍ଥ ଅଲଗା ହୋଇଯିବ । ତେଣୁ ମ ଓ ବ ହେଉଛି ଦୁଇଟି ଅଲଗା ଅଲଗା 'ଫୋନିମ' ଓ ସେମାନଙ୍କର ଉଚ୍ଚାରଣରୁ ଅଲଗା ଅଲଗା ଶବ୍ଦର ଉତ୍ପତ୍ତି ହୁଏ ।

ଏକଥା ପ୍ରାୟ ଦେଖାଯାଇଛି ଯେ, ଗୋଟିଏ ଫୋନମ୍‌ର ବିଭିନ୍ନ ବିକାଶ ଫଳରେ ଏକପ୍ରକାର ଧ୍ୱନି ଜନ୍ମ ହୁଏ ଯେଉଁଥିରୁ ଗୋଟିଏ ଭାଷାର ବହୁତ ଶବ୍ଦ ବାହାରେ । ଅନ୍ୟ ପକ୍ଷରେ ସେହି ଶବ୍ଦମାନେ ଅନ୍ୟ ଭାଷାରେ କଥାର ଅନ୍ୟ କଣିକା ରୂପରେ ଦେଖାଯାଆନ୍ତି ।

ଇଂରାଜୀରେ 'K' ଗୋଟିଏ ପ୍ରକାର ମୌଳିକ ଉଚ୍ଚାରଣ କିନ୍ତୁ ହିନ୍ଦୀ ବା ଓଡ଼ିଆରେ କ, ଖ ଦୁଇଟି ଉଚ୍ଚାରଣ ସୃଷ୍ଟି କରେ ଓ ଏହି ଦୁଇଟି ଉଚ୍ଚାରଣ ଫଳରେ କର, ଖର, କଳ, ଖଳ, କଟ, ଖଟ ଇତ୍ୟାଦି ନାନାଧ ଶବ୍ଦ ଉତ୍ପନ୍ନ ହୁଏ ।

ରୁଷିଆର କକେସସ୍ ଅଞ୍ଚଳରେ ଚାଗେସ୍ଥାନ ଅଛି । ସେଠାର ଆଭାର ନାମକ ଭାଷାରେ 'କ'ର ଉଚ୍ଚାରଣ ଚଉଦ ପ୍ରକାର । ତେଣୁ କର ଚୌଦଟି ବିଭିନ୍ନ ଫୋନମ୍ ରହିଛି । ଏହି ଉଚ୍ଚାରଣଗୁଡ଼ିକ ଠିକ୍ ନ ଧରି ପାରିଲେ ସେହି ଆଭାର ଭାଷାର ଶବ୍ଦ ଶବ୍ଦ ଶବ୍ଦକୁ ଜାଣି ହେବ ନାହିଁ ।

ଗୋଟିଏ ବାକୁତ ପିଲା ଓ ଜଣେ ବୟସ୍କ ଲୋକ ସମାନ ସମାନ ଧ୍ୱନି ଉଚ୍ଚାରଣ କରିପାରେ । କିନ୍ତୁ କହିବାର ଦକ୍ଷତା ସେତେବେଳେ ଯାଇ ଆସେ ଯେତେବେଳେ ଜଣେ ଗୋଟିଏ ଧ୍ୱନିରୁ ଅନ୍ୟ ଧ୍ୱନିକୁ ବାଛିପାରେ, କେବଳ ଉଚ୍ଚାରଣ କରିପାରିଲେ କହିବାର ଦକ୍ଷତା ଆସେ ନାହିଁ । ପୁଣି କେବଳ ଧ୍ୱନିଗୁଡ଼ିକ କରିପାରିଲେ ବି ଯଥେଷ୍ଟ ହେଲା ନାହିଁ । ବାରିବା ସଙ୍ଗେ ସଙ୍ଗେ ଯେଉଁ ଧ୍ୱନି ଫଳରେ ଭାଷାରେ ଶବ୍ଦଗୁଡ଼ିକ ବାରି ହୋଇପଡ଼େ ସେଗୁଡ଼ିକ ବି ଜାଣିବା ଦରକାର ହୁଏ ।

ମୋଟ ଉପରେ ତେବେ, ଧ୍ୱନିର ସବୁ ପ୍ରକାର ପ୍ରଭେଦ ଯେ ଅର୍ଥବ୍ୟଞ୍ଜକ ସେ କଥା ନୁହେଁ । 'ଫୋନମ୍' ଭିତରେ ଯେଉଁ ପ୍ରଭେଦଗୁଡ଼ିକ ନିହିତ ରହିଛି ସେହିଗୁଡ଼ିକ ହିଁ ଅର୍ଥବ୍ୟଞ୍ଜକ । ଏଭଳି ଗୋଟାଏ କଥାକୁ ପ୍ରଧାନ ବୋଲି ମାନିନେବା କ'ଣ ଠିକ୍ ? ହଁ ଠିକ୍ ପୁଣି ଠିକ୍ ବି ନୁହେଁ । ଠିକ୍ ଏହି ଅର୍ଥରେ ଯେ ଶବ୍ଦର ଅର୍ଥ କ୍ଷେତ୍ରରେ ଫୋନମ୍‌ଗୁଡ଼ିକ ଗୁରୁତ୍ୱ-ପୂର୍ଣ୍ଣ କିନ୍ତୁ ଆମେ କାହାକୁ କଥା କହିବାର ଶୁଣିଲାବେଳେ କେବଳ ଶବ୍ଦର ଅର୍ଥରୁ ତା'ର କଥିତବ୍ୟକୁ ଗ୍ରହଣ କରୁନାହିଁ । ସେ ଲୋକର କହିବା

ଭଙ୍ଗିରୁ ବି ତା'ର ମାନସ କ୍ରିୟାକୁ ଆମେ ଧରି ନେଇପାରୁ, ତେଣୁ ଏହି ମାନସ କ୍ରିୟା କଥିତ ଶବ୍ଦର ଅର୍ଥରୁ କେବଳ ଧରାଯାଏ ନାହିଁ ।

ସେଇ ଗୋଟିଏ ବାକ୍ୟ ବା ବାକ୍ୟାଂଶ । ସମାନ ଅର୍ଥ, ସମାନ ଭାବ କିନ୍ତୁ ତାହା ବି ନାନାବିଧ ଢଙ୍ଗରେ କୁହାଯାଇପାରେ । ଏଭଳି କହିବାର ଭଙ୍ଗି କଥକର ମାନସକ୍ରିୟା ଉପରେ ନିର୍ଭର କରେ । ଗୋଟାଏ ଶବ୍ଦ 'ଓହୋ' ଭିତରେ କଥକ ନାନାବିଧ ଉଚ୍ଛ୍ୱାସକୁ ଭରି ଦେଇପାରେ । ତାହା ଆନନ୍ଦ ଓ ଉତ୍‌ଫୁଲ୍ଲତାର 'ଓହୋ' ହୋଇପାରେ, ସନ୍ତୋଷ ଓ ପରିତୃପ୍ତିର ହୋଇପାରେ ଓ ବିଷାଦ ହତାଶାର ବି ହୋଇପାରେ । କୌଣସି ପାଖୋଖ ଲୋକ ବି ଦଠ'କୁ ତା'ର କଥନଭଙ୍ଗୀ ଓ ବାଚନଢଙ୍ଗ ବା ଉଚ୍ଚାରଣ ଯୋଗୁଁ ହଠାତ୍ ଆମର ସ୍ମୃତି ପଥରେ ଛିଡ଼ା ହୋଇ ଯାଇପାରେ ।

ସବା ଶେଷରେ ଆମେ କଥକର ବୟସ, ସେ ଶିଶୁ କି ଯୁବା କି ବୃଦ୍ଧ, ସେ ପୁରୁଷ ନା ନାରୀ ଓ ଏପରିକି ତା'ର ଜନ୍ମସ୍ଥାନ କେଉଁଠି (ତା'ର ଭାଷାର ଭଙ୍ଗ ବା Accentରୁ) ଆମେ ମଧ୍ୟ ଠଉରାଇ ନେଇପାରୁଁ ।

ହେଲେ ହେଁ, ଲଣ୍ଡନ ଲୋକ ପାଇଁ ନିଉୟର୍କ ବା ନିଉଜିଲାଣ୍ଡ ଲୋକ ପାଇଁ ଇଂରେଜ ଇଂରାଜୀ ହିଁ ହୋଇ ରହିବ । ଧ୍ୱନିତତ୍ତ୍ୱବିତ୍ ଓ ଭାଷାତତ୍ତ୍ୱବିତ୍‌ମାନେ ଏକଥା ପ୍ରମାଣ କରିଛନ୍ତି ଯେ, ଦୁଇଜଣ ଲୋକ ଏକାପ୍ରକାରେ କଥା କହନ୍ତି ନାହିଁ, ସେମାନେ ଶବ୍ଦ ଉଚ୍ଚାରଣ ବେଳେ ପ୍ରତ୍ୟେକ ଲୋକର ଅନ୍ୟ ଲୋକଠାରୁ ଉଚ୍ଚାରଣରେ ପ୍ରଭେଦ ଥାଏ । ତେବେ ବି ପରସ୍ପରକୁ ବୁଝିବାକୁ ଅସୁବିଧା ହୁଏ ନାହିଁ । ଏପରିକି ସେହି ଏକା ଜଣେ ଲୋକ ବିଭିନ୍ନ ଘଟଣାରେ ବିଭିନ୍ନ ଭାବରେ କଥା କହେ । ମାମୁଲି କଥାଭାଷାରେ ଆମେ କେତେଗୁଡ଼ାଏ ଉଚ୍ଚାରଣ ଚୋକ ଦେଉଁ, କେତେବେଳେ ଗୋଟା ଗୋଟା ଶବ୍ଦାଂଶ ବି ଚୋକ ଦେଉଁ କିନ୍ତୁ ରେଡ଼ିଓ ବା ଟେଲିଭିଜନ୍‌ର ଖବର ପଢ଼ାଳି ବା ନିର୍ଘୋଷକ କ୍ଷେତ୍ରରେ ଏଭଳି ଚୋକ ଦେବା ଚଳେ ନାହିଁ ।

କଥାର ଧ୍ୱନି ଅସଂଖ୍ୟ ରକମର । ତେଣୁ ଭାଷାର ଯାହା ମୂଳଦୁଆ ସେତିକି ହିଁ କେବଳ ବାଛିନେବା ହେଉଛି ଗୁରୁତ୍ୱପୂର୍ଣ୍ଣ । ସେଗୁଡ଼ିକ ହେଲା ଶବ୍ଦ ଓ ଢେର ଅର୍ଥ ଅର୍ଥରୁ ଅର୍ଥବ୍ୟଞ୍ଜକ ଶବ୍ଦ । ଯାହାର କୌଣସି

ଅର୍ଥ ନାହିଁ ତାହାକୁ ଶବ୍ଦ ବୋଲି ତ କେହି ଗଣନ୍ତି ନାହିଁ । ବାଚନଭଙ୍ଗୀରେ ବି ସବୁ ପ୍ରକାରର ଭଙ୍ଗିମାକୁ କେହି ଲୋଡ଼ନ୍ତି ନାହିଁ । କେବଳ ସାଧାରଣତଃ ଯେ ଗୁଡ଼ିକ ସମସ୍ତେ ବୁଝିପାରନ୍ତି ସେ ପ୍ରକାର ବାଚନଭଙ୍ଗିକୁ ହିଁ ବାଛନ୍ତି । ଏଭଳି ବାଚନଭଙ୍ଗୀକୁ 'ଇଣ୍ଟୋନେମ୍' କୁହାଯାଏ ବା ବାଚନଭଙ୍ଗୀର ପ୍ରକାରଭେଦ କୁହାଯାଏ । ଏ ବିଷୟରେ ବସ୍ତୁରପ ଇଁ ଏବେ ଏକ ନୂଆ ବିଜ୍ଞାନର ସୃଷ୍ଟି ହୋଇଛି । ଯାହାର ନାମ ହେଲା 'ଫୋନୋଲଜି' ବା 'ବାଚନତତ୍ତ୍ୱ' । କାରଣ 'ଫୋନେମ୍' ଓ 'ଇଣ୍ଟୋନେମ୍'ରେ କଥାର ଏକ ଅର୍ଥପୂର୍ଣ୍ଣ ପର୍ଯ୍ୟାୟ ଏକଥା ଆଜି ସ୍ୱୀକୃତ ହୋଇଯାଇଛି ।

## ବିଦେଶୀ ବାଚନଭଙ୍ଗୀ

ଅନେକ ବେଳେ କୌଣସି ଲୋକର କଥାରୁ ଜଣାପଡ଼େ ସେ ଆପଣାର ମାତୃଭାଷାରେ କହୁତ ନାହିଁ । ଅର୍ଥାତ୍ ସେଉଁ ଭାଷାରେ ସେ କଥା କହୁଛି ସେ ଭାଷା ତା'ର ମାତୃଭାଷା ବି ନୁହେଁ । ବାଚନଭଙ୍ଗୀ ଯଦି ପରଦେଶୀ ହୁଏ ତେବେ ତାହା କାନକୁ ଅଡ଼୍ଆ ଲାଗେ । କହିବା ଲୋକ ଧରା ପଡ଼ିଯାଏ । ଏହା ଘଟେ କାରଣ କହିବା ଲୋକର ଉଚ୍ଚାରଣ ନିର୍ଭୁଲ ନୁହେଁ, ତା'ର ମାତୃଭାଷା ଅଲଗା ।

ଜଣେ ଲୋକ ଯଦି ପ୍ରକୃତରେ ଶିଶୁ ବୟସରୁ ଓଡ଼ିଆ ସମାଜ ଭିତରେ ନ ବଢ଼ିଛି ତେବେ ସେ ଯେତେ ଭଲ ଭାବରେ ଓଡ଼ିଆ ଶବ୍ଦ ସମ୍ଭାରରେ ଗମିଥାଉ ବା ଓଡ଼ିଆ ବ୍ୟାକରଣ ବିଧିବିଧାନରେ ଯେତେ ବି ଦୋରସ୍ତ ହେଉ ଓ ଓଡ଼ିଆର ମୌଳିକ ଧ୍ୱନି ଉପରେ ତା'ର ଯେତେ ବି ଦଖଲ ଥାଉ ତଥାପି ତା'ର ବାଚନଭଙ୍ଗୀରେ ଗଲତି ଦେଖାଦିଏ । ଏକଥା ଆମେ ସଚରାଚର ଆମର ଏହି ଜନ୍ମମାଟିରେ ଦେଖୁଥାଉଁ ? ଏପରି କାହିଁକି ହୁଏ ?

ଏ ପ୍ରଶ୍ନଟି ଅତି ସରଳ ପ୍ରଶ୍ନ ଭଳି ଜଣାପଡ଼େ । କିନ୍ତୁ କେବଳ 'ଫୋନୋଲଜି' ବା 'ବାଚନତତ୍ତ୍ୱ'ହିଁ ଏହାର ଯଥାଯଥ ଉତ୍ତର ଦେଇଥାଏ ।

କଥାର ଧ୍ୱନି ଗୋଟାଏ ଧାରାବାହିକ ପରଦା । ପ୍ରତ୍ୟେକ ଭାଷାରେ ଏହି ପରଦାର କୌଣସି କୌଣସି ଜାଗାରେ ଥାକ ଥାଏ । ଭାଷା ଅନୁସାରେ ସେହି ଥାକର ଗତି ପ୍ରକୃତି ଠିକ୍ ହୁଏ । ଜଣେ ଲୋକ ବିଦେଶୀ ଭାଷାରେ

କଥା କହିଲାବେଳେ ଆପଣାର ମାତୃଭାଷାର କଥାର ଧାରକୁ ଅଜାଣତରେ କଥା ଭିତରେ ଗୁନ୍ଥି ଦିଏ। ଏଗୁଡ଼ିକ ଖୁବ୍ ବେଶି ପ୍ରକଟ ହୁଏ ଯେତେବେଳେ କଥିତ ଭାଷା ଓ କଥକର ମାତୃଭାଷା ଭିତରେ ଧ୍ୱନିର ମେଳ ଥାଏ। ଯେପରି ବଙ୍ଗଳା ଓ ଓଡ଼ିଆ ଭାଷାରେ ଳ, ଡ଼, ର ଉଚ୍ଚାରଣ ଭିତରେ ସାମାନ୍ୟ ପ୍ରଭେଦ। ତେଣୁ ବଙ୍ଗଳାଭାଷୀ ଓଡ଼ିଆ ଉଚ୍ଚାରଣବେଳେ 'ଳ' ଉଚ୍ଚାରଣ ନ କରି ସଚରାଚର ଲ ଉଚ୍ଚାରଣ କରିଥାଏ। ରୁଷୀୟ ଭାଷାରେ 'pot' ପଟ୍ ଓ ଇଂରାଜରେ 'pot'ର ଉଚ୍ଚାରଣ ପ୍ରାୟ ସମାନ କିନ୍ତୁ ରୁଷୀୟ 'p' ଓ ଇଂରାଜ 'p'ର ଉଚ୍ଚାରଣ ଭିତରେ ଲକ୍ଷଣୀୟ ପ୍ରଭେଦ ଅଛି। ରୁଷୀୟ ଲୋକ ଇଂରାଜୀରେ 'pot' କହିଲା ମାତ୍ରେ ତାହା ବାରି ହୋଇପଡ଼େ। ସ୍ୱରବର୍ଣ୍ଣର ଧ୍ୱନିଗୁଡ଼ିକରେ ଏହି ପ୍ରଭେଦ ଆହୁରି ସ୍ପଷ୍ଟ ହୋଇ ଜଣାପଡ଼େ। ଏଡ୍‌ୱାର୍ଡ଼ ସାପିରଙ୍କ ମତରେ ଇଂରାଜ ଓ ରୁଷ ଭାଷାରେ ସ୍ୱରବର୍ଣ୍ଣ ଧ୍ୱନିଗୁଡ଼ିକ ପୂରାପୂରି ଅଲଗା। କୌଣସି ରୁଷ ସ୍ୱରଧ୍ୱନି ସହିତ କୌଣସି ଇଂରାଜ ସ୍ୱରବର୍ଣ୍ଣ ଧ୍ୱନିର ମେଳକ ନାହିଁ।

ପ୍ରଥମ ଶୈଶବରୁ କେହି ଜଣେ ମାତୃଭାଷାରେ ଦଖଲ ନିଏ, ଏହି ମାତୃଭାଷା ଶିଖୁ ଶିଖୁ ତା' ମନ ଭିତରେ ଚେରମୂଳ ମାଡ଼ି ବସିଯାଏ। ଏହା ଲୋକର ଜୀବନବ୍ୟାପୀ ବ୍ୟବହାରରେ ଲାଗେ। ତେଣୁ ଏହା ଆପଣାଛାଏଁ ଲୋକର ପାଟିକୁ ଆସିଯାଏ। କିନ୍ତୁ ବିଦେଶୀ ଭାଷା କ୍ଷେତ୍ରରେ ଏକଥା ନୁହେଁ। ସ୍ୱାଭାବିକ ଭାବରେ ସେହି ଭାଷାର ବାଚନ-ତନ୍ତ୍ରର ପ୍ରଧାନ ପ୍ରଧାନ ବୈଶିଷ୍ଟ୍ୟଗୁଡ଼ିକ ଆୟତ୍ତ କରିବା ଦରକାର ପଡ଼େ। ଏକ ବିଦେଶୀ ଭାଷାର 'ଫୋନିମ୍' ଗୁଡ଼ିକର ସୀମା ବି ଶିଖିବାକୁ ପଡ଼େ। ଏକଥା କହିଲାବେଳେ ଆମେ ଅଭ୍ୟାସ ମୁତାବକ ଆମର ମାତୃଭାଷାର ଅଭ୍ୟାସଗୁଡ଼ିକୁ ନେଇ ଏହି ନୂଆ କଥାର କମକୂଟ ଭିତରେ ଗୁନ୍ଥି ଦେଉଁ। ଫଳରେ ଏକ ଅଲଗା ବଚନଭଙ୍ଗୀ ତିଆରି ହୋଇଯାଏ। ଉଦାହରଣ ସ୍ୱରୂପ ଓଡ଼ିଆଭାଷୀମାନେ ସାଧାରଣତଃ ହିନ୍ଦି କହିଲା ବେଳେ ଆକାରାନ୍ତ ଶବ୍ଦଗୁଡ଼ିକୁ ଅକାରାନ୍ତ କରି ଦିଅନ୍ତି। ଏପରିକି ଓଡ଼ିଆରେ ଆମେ କହୁଁ 'କେରଳ' କିନ୍ତୁ ତାର ଉଚ୍ଚାରଣ ହେବା ଉଚିତ 'କେରାଲ'। ଏହା ଫଳରେ କେବଳ 'ଫୋନିମ୍' ବା ଧ୍ୱନି କଣିକା ଯେ ବିକଳ ହୁଏ ତାହା ନୁହେଁ, ଏହା ଫଳରେ ବାଚନଭଙ୍ଗୀ ବି ବିକଳ ହୁଏ ଅର୍ଥାତ୍ ଆମର ମାତୃଭାଷାର କଥନର ଛନ୍ଦକୁ ଆମେ

ମାତୃଭାଷା ବା କଥିତ ଭାଷାରେ ଗୁନ୍ଥି ହେଉ । ଆଜ ବାଲ୍ୟକାଳରୁ ଯେ କଥାର ଅଭ୍ୟାସ ଆମ ଭିତରେ ଚେରମାଡ଼ି ବସିଛି ତାହାକୁ ସହଜରେ ଭୁଲି ଆଉ ଗୋଟାଏ କଥାର ଅଭ୍ୟାସକୁ ପୂରାପୂରି ଦୋରସ୍ତ କରିବା ସହଜ ହୁଏ ନାହିଁ ।

ଆମ ଦେଶରେ ଯେଉଁମାନେ ପୂର୍ବେ ଇଂରାଜୀ ଶିଖୁଥିଲେ ସେମାନଙ୍କର ଇଂରାଜୀ ଉଚ୍ଚାରଣ ଶୁଣିଲେ ହିଁ କହିଦେଇ ହେବ ସେମାନେ ମାନ୍ଦ୍ରାଜି ବା ବଙ୍ଗାଳି ନା ପଞ୍ଜାବି ନା ସିନ୍ଧି । କାରଣ ସେମାନେ ଆପଣାର ଇଂରାଜୀ ଉଚ୍ଚାରଣରେ କୌଣସି ଖାଣ୍ଟି ମାତୃଭାଷୀ ଇଂରାଜକୁ ବହୁକାଳ ଯାଏ ଅନୁସରଣ ନ କଲେ ତାଙ୍କର ଇଂରାଜୀ ଉଚ୍ଚାରଣ ତାଙ୍କର ମାତୃଭାଷାର ଉଚ୍ଚାରଣ ସହିତ ମିଶ୍ରିତ ହେବାକୁ ବାଧ୍ୟ । ଆଗେ ଖାଣ୍ଟି ଇଂରାଜ-ମାତୃଭାଷୀ ଶିକ୍ଷକ ଓ ସେହି ଭାବରେ ଅନ୍ୟ ଭାଷାର ଶିକ୍ଷକ ଜଣକୁ ବହୁକାଳଯାଏ ପାଇବା ଓ ତାହାର ତତ୍ତ୍ୱାବଧାନରେ ଆପଣା ମାତୃଭାଷାର ବାଚନଭଙ୍ଗୀ ଓ ଉଚ୍ଚାରଣର ଅଭ୍ୟାସକୁ ଦୂରକୁ ଠେଲି କଥିତ ଭାଷାକୁ ଆୟତ୍ତ କରିବା ଏକ କାଠିକର ପାଠ ଥିଲା । କିନ୍ତୁ ଏବେ 'ଲିଙ୍ଗୁଆଫୋନ୍' 'ଟେପ୍‌ରେକର୍ଡ଼ର' ପ୍ରଭୃତିର ପ୍ରଚଳନ ପରେ ଏହି ଅସୁବିଧା ଦୂର ହୋଇଛି । ଉକ୍ତ ଫୋନୋଗ୍ରାଫରେ ପୃଥିବୀର ପ୍ରତ୍ୟେକ ଭାଷାର ସବୁଠାରୁ ସ୍ପଷ୍ଟ, ଶୁଦ୍ଧ ଉଚ୍ଚାରଣବାଲା ଲୋକମାନଙ୍କର କଣ୍ଠସ୍ୱର ଓ କଥାକୁ ରେକର୍ଡ଼ କରାଯାଇଛି । ଉକ୍ତ କଣ୍ଠସ୍ୱରକୁ ଅନୁସରଣ କରି ଉଚ୍ଚାରଣ ଓ ବାଚନଭଙ୍ଗୀ ଆୟତ୍ତ କରିବା ଓ ଆପଣାର ଟେପ୍‌ରେକର୍ଡ଼ ବାଚନଭଙ୍ଗୀ ଓ ଉଚ୍ଚାରଣକୁ ସେମାନଙ୍କର ଖାଣ୍ଟି ଶୁଦ୍ଧ ଉଚ୍ଚାରଣ ସଙ୍ଗେ ମିଳାଇ ଆପଣାର ଭୁଲକୁ ସୁଧାରିନେବା ସହଜ ହୋଇଯାଇଛି । ଏବେ ପୃଥିବୀର ବହୁ ଦେଶରେ ଏହି କାର୍ଯ୍ୟ ସୁଗମ କରିବା ପାଇଁ ଭାଷାର ଲାବରେଟରୀ' ଖୋଲିଛି । ଯେଠାରେ ଶହ ଶହ ଲୋକ ଆପଣାର ଦରକାର ମୁତାବକ ବିଭିନ୍ନ ଦେଶର ଭାଷାକୁ ଶୁଦ୍ଧ ଓ ଖାଣ୍ଟି ଉଚ୍ଚାରଣ ଦ୍ୱାରା ଆୟତ୍ତ କରିପାରୁଛନ୍ତି ।

ମନୁଷ୍ୟର ଭାବୋଚ୍ଛ୍ୱାସ ଓ ଚିନ୍ତାଧାରାକୁ ଅନ୍ୟଠାରେ ନିବେଦନ କରିବାର ସବୁଠାରୁ ସୂକ୍ଷ୍ମ ହତିଆର ହେଲା ଭାଷା । ଅନ୍ୟ ଭାଷା ବିଷୟରେ ଆମର ଜ୍ଞାନ ଥିଲେ ଅନ୍ୟ ଲୋକଙ୍କ ବିଷୟରେ ଆମର ଜ୍ଞାନ ଜନ୍ମେ । ତେଣୁ ଅନ୍ୟମାନଙ୍କ ସଙ୍ଗେ ତୁଳନା କରି ଆମେ ଆମକୁ ଆହୁରି ଭଲ

ଭାବରେ ଚିହ୍ନି ପାରୁ । ଅନ୍ୟ ଭାଷାକୁ ଜାଣିଲେ ହିଁ ଆପଣା ମାତୃଭାଷାର ବିଶେଷତ୍ୱ ଆମର ନଜରରେ ପଡ଼େ ।

## ଧ୍ୱନିରେ ଶୈଳୀ

'ଫୋନିମ୍' ବୋଲି ଯାହା କୁହାଯାଉଛି ସେଗୁଡ଼ିକ ହେଉଛି 'ଭାଷାର କଣିକା' ଅଥବା 'ଭାଷାର ଅଣୁ' । ଏହି ଅଣୁଗୁଡ଼ିକ ଯୋଗ ଭାଷା ତିଆରି ହୋଇଛି । ଧ୍ୱନିର ସ୍ରୋତକୁ ମନୁଷ୍ୟର କଥାରେ ପରିଣତ କରିବା ହେଉଛି ଏମାନଙ୍କର କାମ । ଆମକୁ ଏକଥା ଆଗରୁ ଜଣାଅଛି ଯେ, କଥାରୁ ଲୋକର ବୟସ ଓ ଲିଙ୍ଗ ଜାଣି ହେବ, ତାର ମନର ସ୍ଥିତି ବି ଧରି ହେବ । ତା' ଛଡ଼ା ଆହୁରି ବହୁତ କିଛି ଜାଣିହେବ ।

ବେଳେ ବେଳେ କଥକକୁ ଆଖିରେ ନ ଦେଖି ପାରିଲେ ବି କହିହେବ ସେ ମୋଟା କି ସରୁ । ତା'ର ଶ୍ୱାସ କି ପେଟମସ୍ଥ ଶୂଳ ବେମାରି ଅଛି କି ନାହିଁ । ଏସବୁ କଥାରୁ ଧରି ନେଇ ହେବ ।

କିନ୍ତୁ ଏସବୁ ଭାଷାର ତଥ୍ୟରୁ ଜଣାପଡ଼ିବ ନାହିଁ । ଜଣାପଡ଼ିବ ସଙ୍କେତରୁ । କୌଣସି ଲୋକର ମନ ଖରାପ ଥିଲେ ସେ ଆପଣା କଥାରେ ଏକ ବିଶେଷ ଧରଣର ବ୍ୟଥା ଦେଇ କଥା କହିବ ଏଇଟା ତାର ଭାଷାର ତଥ୍ୟ ନୁହେଁ । ତାର ଭାଷା—ଧରନ୍ତୁ ଓଡ଼ିଆ ବା ଇଂରାଜୀ ଏପରି ଏକ ନିର୍ଦ୍ଦିଷ୍ଟ ବାହନ ନୁହେଁ ଯାହା କି ତା'ର ମନସ୍ଥିତିକୁ ପ୍ରକାଶ କରିବାରେ ସମର୍ଥ । ଠିକ୍ ସେପରି ବେମାରି, ବାର୍ଦ୍ଧକ୍ୟ ବା ନାନା ଧରଣର ମାନସ-ସ୍ଥିତିଗୁଡ଼ିକ ଭାଷାର ଧାର ଧାରନ୍ତି ନାହିଁ । କୌଣସି ନିର୍ଦ୍ଦିଷ୍ଟ ଭାଷା ବା ଭାଷାର ନିର୍ଦ୍ଦିଷ୍ଟ ଢଙ୍ଗ କୌଣସି ନିର୍ଦ୍ଦିଷ୍ଟ ବେମାରି, ବୃଦ୍ଧାବସ୍ଥା ବା ହତାଶା ବା କ୍ରୋଧର ବାହନ ନୁହେଁ ।

ତଥାପି, ଭାଷା ଭିତରେ ଏଭଳି ଉପାଦାନ ଅଛି, ଏଭଳି ସଙ୍କେତର ଧାରା ଅଛି ଯାହା ଫଳରେ କେବଳ ସରଳାର୍ଥ ଛଡ଼ା ଆଉ ଅନେକ କଥା ଜଣା ପଡ଼ିପାରେ ।

ଭାଷା ଏକ ସାମାଜିକ ଘଟଣା । ଧ୍ୱନିର ଉଚ୍ଚାରଣରେ ଉଚ୍ଚାରଣ କଲା ଲୋକ ସାମାଜିକ ଶ୍ରେଣୀ, ତା'ର ପାଠପଢ଼ାର ସ୍ତର, ତା'ର ପୃଷ୍ଠଭୂମି

ଶିକ୍ଷା ଇତ୍ୟାଦି ଅନେକ କଥା ପ୍ରକଟ କରିଦିଏ । ଏଗୁଡ଼ିକ ନିର୍ଦ୍ଦେଶନାତ୍ମକ ସଙ୍କେତର ଉପାଦାନ ।

'ଫୋନୋଲୋଜି' ବା 'ବାଚନତତ୍ତ୍ୱ' ଶାସ୍ତ୍ରର ବିଧାତାଙ୍କ ଭିତରେ ଜଣେ ପ୍ରଧାନ ଲେଖକ ହେଉଛନ୍ତି ରୁଷ ବୈଜ୍ଞାନିକ ଏନ୍. ଏସ୍. ଟ୍ରୁବେଟ୍‌ସ୍କୋୟ୍ । ସେ ଦର୍ଶାଇଛନ୍ତି ଯେ ଉପଜାତି ଗୋଷ୍ଠୀର ଜନ୍ମସ୍ଥଳରେ ଯେଉଁ ସମାଜ ରହିଛି ସେହିମାନଙ୍କର ଲିଙ୍ଗ ଓ ବୟସର ପ୍ରଭେଦରେ କଥା ଭିତରେ ପ୍ରଭେଦ ଖୁବ୍ ଜଣାପଡ଼େ । ସମାନ ସମାନ 'ଫୋନେମ୍'ରେ ପୁରୁଷ ଓ ସ୍ତ୍ରୀ ଭେଦରେ ଉଚ୍ଚାରଣ ବି ଅଲଗା ଅଲଗା ହୁଏ । ଏଠାରେ ଉଚ୍ଚାରଣ କଣ୍ଠନଳୀର ଗଢ଼ଣ ଯୋଗୁ ଅଲଗା ଅଲଗା ହୁଏ ନାହିଁ । ଅର୍ଥାତ୍ ପୁରୁଷର କଣ୍ଠ ଗମ୍ଭୀର ଓ ସ୍ତ୍ରୀର କଣ୍ଠ ଖୁବ୍ କ୍ଷୀଣ ହୁଏ ଏକଥା ନୁହେଁ । ଏହି ସମାଜରେ ସାମାଜିକ କାରଣ ଯୋଗୁ ହିଁ 'ଫୋନେମ୍'ର ଉଚ୍ଚାରଣ ଅଲଗା ହୁଏ ।

ଉଦାହରଣ ଯଥା:—ରୁଷିଆର ଉତ୍ତର ସାଇବେରିଆ ଅଞ୍ଚଳରେ ଚୁକ୍‌ଚି ନାମକ ଏକ ଆଦିମ ଜାତି ଅଛନ୍ତି । ସେମାନଙ୍କର ଗୋଟିଏ ରକମର ଧ୍ୱନି ଅଛି ଯାହାକୁ ପୁରୁଷମାନେ 'ର' ଭାବରେ ଉଚ୍ଚାରଣ କରନ୍ତି କିନ୍ତୁ ମହିଳାମାନେ 'ସ୍ର' ଭାବରେ ଉଚ୍ଚାରଣ କରନ୍ତି । ରୁଷିଆ ଭାଷାର ଗୋଟିଏ ଉପନ୍ୟାସ 'କୁକୋଟ୍‌କା'ରେ ରୁଷ ଭାଷାର ଶିକ୍ଷକ ତାଙ୍କର ଚୁକ୍‌ଚି ଜାତିର ଛାତ୍ରୀକୁ କହୁଛନ୍ତି, "ଉଚ୍ଚାରଣ କର ତ 'ର' " । ଛାତ୍ରୀଟି ଶିକ୍ଷକଙ୍କୁ କହୁଛି "ଏଭଳି ଉଚ୍ଚାରଣ ପାଇଁ କହିବା ଭଲ ନୁହେଁ ।"

ଯୁକାଗିରମାନଙ୍କର ଭାଷାରେ (କୋଲିମା, ସାଇବେରିଆ) ଏଭଳି ଧ୍ୱନି ଅଛି ଯାହା ପୁରୁଷ, ମହିଳା, ବାଳ, ବୃଦ୍ଧ ବିଭିନ୍ନ ବୟସ ଓ ଲିଙ୍ଗ ପାଇଁ ବିଭିନ୍ନ ଭାବରେ ଉଚ୍ଚାରଣ କରାଯାଏ ।

ଶ୍ରେଣୀ-ବିଭକ୍ତ ସମାଜରେ ବିଭିନ୍ନ ଦଳ ବା ଶ୍ରେଣୀ ଭିତରେ ଉଚ୍ଚାରଣରେ ପାର୍ଥକ୍ୟ ବେଶ୍ ବାରି ହୋଇପଡ଼େ । ଉକ୍ତ ବାଚନତତ୍ତ୍ୱବିତ୍ ଟ୍ରୁବେଟ୍‌ସ୍କୋୟ ଏକଥା ମଧ୍ୟ କହିଛନ୍ତି ଯେ, ଭିଏନାରେ ଏକ ମନ୍ତ୍ରୀ-ମଣ୍ଡଳର ନୌକରମାନଙ୍କର କଥା ଦୋକାନର ବିକାଳିର କଥା ଠାରୁ ଭିନ୍ନ ଥାଏ । ରୁଷ ଭାଷାର ସାହିତ୍ୟିକ କଥାରେ ଜଣେ ସମ୍ଭ୍ରାନ୍ତ ବଂଶର

ଲୋକ ଓ ଜଣେ ବ୍ୟବସାୟୀ ମହାଜନର କଥାରେ ତାରତମ୍ୟ ଥାଏ । ସବୁ ଭାଷାରେ ବୋଧହୁଏ ସହରିଆ ଆଉ ମଫସଲିଆଙ୍କର ଉଚ୍ଚାରଣରେ ଫରକ ଥାଏ । ଅର୍ଥାତ୍ ପାଠୁଆ ଓ ଅପାଠୁଆଙ୍କ ଉଚ୍ଚାରଣରେ ଫରକ ଥାଏ । ଓଡ଼ିଆରେ ଅପାଠୁଆ ଲୋକେ ସଂସ୍କୃତ ଶବ୍ଦର ଉଚ୍ଚାରଣରେ ପର୍ବତକୁ ପ୍ରବତ, ସମ୍ମାନକୁ ସନମାନ ଇତ୍ୟାଦି କହି ଶେଷରେ ଏଥିଭିତରୁ କେତେଗୁଡ଼ିକୁ ଓଡ଼ିଆ ରୂଢ଼ ପ୍ରୟୋଗରେ ପରିଣତ କରିଦେଲେଣି । ଏହାଛଡ଼ା ଏକପ୍ରକାର ଉଚ୍ଚାରଣ ଏବେ ଓଡ଼ିଆର ଦୁର୍ଦ୍ଦାନ୍ତ ଇଂରାଜି ନକଲିଆ ଲୋକଙ୍କର ଫେସନ ହୋଇଯାଇଛି । ଆଉ ବି ବାବୁଆନ ଲଫଙ୍ଗାଙ୍କର ବି ଗୋଟିଏ ପ୍ରକାର ଓଡ଼ିଆ ଉଚ୍ଚାରଣ ଆମ୍ଭେମାନେ କେତେ କେତେ ବେଳେ ଶୁଣିବାକୁ ପାଉଁ ।

ଦକ୍ଷିଣ ଭାରତର ତାମିଲମାନଙ୍କ ଭିତରେ ଜାତିଭେଦ ପ୍ରଥା ଅତ୍ୟନ୍ତ ପ୍ରବଳ । ଏମାନଙ୍କର ଉଚ୍ଚ ବର୍ଣ୍ଣ ହେଉଛନ୍ତି ବ୍ରାହ୍ମଣ, ଏମାନଙ୍କ ତଳକୁ କ୍ଷତ୍ରିୟ, ତାଙ୍କ ତଳକୁ ବୈଶ୍ୟ ଓ ସବା ତଳକୁ ଶୂଦ୍ର । ଏହି ଜାତି-ଭେଦ ତାମିଲ ଭାଷାରେ ବି ପ୍ରତିଫଳିତ ହୋଇଛି । ବ୍ରାହ୍ମଣମାନେ ଗୋଟିଏ 'ଫୋନମ୍'କୁ ତାଲଶ 'ଶ' ଭଳି ଉଚ୍ଚାରଣ କଲାବେଳେ କ୍ଷତ୍ରିୟ ଓ ବୈଶ୍ୟମାନେ ତାହାକୁ 'ଚ' ଭଳି ଉଚ୍ଚାରଣ କରନ୍ତି ଓ ଶୂଦ୍ରମାନେ 'ସ' ଭଳି ଉଚ୍ଚାରଣ କରନ୍ତି । ଓଡ଼ିଆଙ୍କର ବ୍ରାହ୍ମଣ ଘରେ ବି 'ଶ୍ୟନବାର' 'ଶ୍ୟନସପ୍ତା' 'ଶ୍ୟାନ୍ତି' ଏଭଳି ଉଚ୍ଚାରଣ ଦେଖାଯାଏ । ବୈଶ୍ୟ ଓ ଶୂଦ୍ରମାନେ 'ଆ'ର ପ୍ରୟୋଗ ବେଶୀ କରନ୍ତି । 'ନ' କୁ 'ଲ' ଭାବରେ ଯଥା ନଖ ବା 'ଲଖ', ଆସିଲୁକୁ 'ଅଇଲୁ' ଯଥା 'ଅଇଲା କଳାପାହାଡ଼ ଭାଙ୍ଗିଲା ଲୁହାର ବାଡ଼' ଇତ୍ୟାଦି ପ୍ରଚଳନ ଏବେ ବି ବ୍ରାହ୍ମଣଙ୍କ ଭିତରେ ରହିଛି ।

ରୁଷ ଭାଷାରେ 'a' ଓ 'ó' ଅକ୍ଷର ଦୁଇଟିର ପ୍ରାୟ ସମାନ ଉଚ୍ଚାରଣ । ଯଦି ଏହା ଉପରେ ଆକ ପଡ଼େ ତେବେ ସେମାନଙ୍କର ଉଚ୍ଚାରଣରେ ତାରତମ୍ୟ ହୁଏ ଅଥଚ ପୁରୁଣା ରୁଷୀୟ ଭାଷାରେ ଧର୍ମଯାଜକମାନେ ସାଧାରଣତଃ 'o'କୁ ଜୋର ଦେଇ ଉଚ୍ଚାରଣ କରନ୍ତି । କାରଣ ସେମାନେ ଏହାଦ୍ୱାରା ସେମାନଙ୍କର ଧର୍ମୀୟ ବଡ଼ିମା ଦେଖାଇବାକୁ ଚାହାନ୍ତି ।

ପୃଥିବୀର ପ୍ରତ୍ୟେକ ଭାଷାରେ ଅଞ୍ଚଳ ଅନୁସାରେ ବି ଉଚ୍ଚାରଣରେ ଫରକ ହୁଏ । ବାଚନଭଙ୍ଗୀର ବି ଫରକ ହୁଏ । ଗଞ୍ଜାମରେ କାଶୀ, ଦଣ୍ଡାସି ଇତ୍ୟାଦି ଶବ୍ଦରେ ଆକାରର ଦୀର୍ଘ ସ୍ୱର ହୁଏ । ଅନୁଗୋଳ ଓ ଢେଙ୍କାନାଳ ଅଞ୍ଚଳରେ ଭାଷାର ବାଚନଭଙ୍ଗୀରେ ଏକ ବିଶେଷ ଧରଣର ସ୍ୱର ଲହରି ଶୁଣିବାକୁ ମିଳେ । ବାଲେଶ୍ୱରରେ 'ଡ଼' କାର ସାଧାରଣତଃ 'ର' କାର ଭଳି ଉଚ୍ଚାରିତ ହୁଏ । ଯଥା 'ଗୋଡ଼' = ଗୁଡ଼ । ଏଥିରୁ ଏହା ସ୍ପଷ୍ଟ ଯେ, କେବଳ ବାଚନଭଙ୍ଗି ନୁହେଁ, ଅଥବା ବଡ଼ ପାଟି ନୁହେଁ, ସ୍ୱରର ତୀକ୍ଷ୍ଣତାର ଫରକରେ ନୁହେଁ ଭାଷାର ପ୍ରବାହ ଶୃଙ୍ଖଳାରେ ଅର୍ଥାତ୍ ଏହାର 'ଫୋନିମ'ରେ ମଧ୍ୟ ଉତ୍ପତ୍ତି, ଅଞ୍ଚଳ, ଶିକ୍ଷା, ଲାଳନପାଳନ ଓ ଲିଙ୍ଗ ଇତ୍ୟାଦିର ସୂଚକ୍ ମିଳିଥାଏ । ଏଗୁଡ଼ିକ ଅବଶ୍ୟ ବାଚନତତ୍ତ୍ୱର ବିଷୟ ନୁହେଁ, ଏଗୁଡ଼ିକ ଭାଷାତତ୍ତ୍ୱର ଆଉ ଗୋଟିଏ ବିଭାଗ ଶୈଳୀତତ୍ତ୍ୱର ଗବେଷଣାର ବିଷୟ । ତେବେ ପୃଥିବୀର ସବୁ ଭାଷାର ବାଚନତତ୍ତ୍ୱ ଦେଉଛି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ; କାରଣ ଏହା ମନୁଷ୍ୟର ଭାଷାର ଧ୍ୱନିର ବିଜ୍ଞାନ । ଏଥିରୁ ମନୁଷ୍ୟର ଭାଷାର ଏକତା ବହୁ ପରିମାଣରେ ସ୍ଥିର କରାଯାଇପାରେ ।

## ଭାଷା ଓ ତାହାର ଧ୍ୱନି ଶୃଙ୍ଖଳା

ପ୍ରତ୍ୟେକ ଭାଷାରେ ଆପଣାର ଧ୍ୱନି ଜଗତର ବିଭାଗ ଓ ଉପବିଭାଗ ରହିଛି । ପୃଥିବୀର ବିଭିନ୍ନ ଧ୍ୱନି ଭିତରୁ ପ୍ରତ୍ୟେକ ଭାଷା ଆପଣାର 'ଫୋନିମ୍' ବା ସ୍ୱକୀୟ ଧ୍ୱନିଗୁଡ଼ିକ ଚାଲୁଣୀରେ ଛାଣିଲା ପରି ଛାଣି ନିଏ ।

ଆଗରୁ କୁହାଯାଇଛି, ଗୋଟିଏ ଭାଷାରେ କେତେଗୁଡ଼ିଏ ଧ୍ୱନିଅଣୁ ଅଛି, ଯାହାର ନାମ 'ଫୋନିମ୍' । ତେବେ ଗୋଟିଏ ଭାଷାରେ କେତୋଟି 'ଫୋନିମ୍' ଅଛି ତାହା କିପରି ଜଣାଯାଏ ? ପ୍ରକୃତ ପକ୍ଷରେ କୌଣସି ଭାଷାରେ ଅଭିଜ୍ଞ କେଉଁ ଲୋକ ସେହି ଭାଷାର ଧ୍ୱନିଅଣୁକୁ ହିସାବ କରିପାରେ ଯଦି ସେ ଶବ୍ଦଗୁଡ଼ିକ ପରସ୍ପର ତୁଳନା କରେ ଓ ଯେଉଁ ମୂଳ ସୂତ୍ର ବା ଫୋନିମ୍ ଧ୍ୱନି ବା ନାଦ ପ୍ରକାରରେ ଶବ୍ଦମାନଙ୍କର ଫରକ ଦର୍ଶାଏ ସେଗୁଡ଼ିକୁ ଅଲଗା ଅଲଗା କରି ଗଣନା କରେ ।

ଏହି ବହିଟି ଓଡ଼ିଆ ଭାଷାରେ ଲେଖା ହୋଇଛି । ଏଥିରେ ଯେ କେଉଁ ଓଡ଼ିଆ ଭାଷାର ଧ୍ୱନିଅଣୁ ବା ଫୋନିମ୍‌ଗୁଡ଼ିକ ହିସାବ କରି

ପାରିବ । ଏହି ହିସାବରୁ ସ୍ପଷ୍ଟ ହେଉଛି ହଳେ ହଳେ ଶବ୍ଦ ନେଇ ତାହାଙ୍କୁ ପରୀକ୍ଷା କରିବା ଯେଉଁଠି ଗୋଟିଏ ଧ୍ୱନିର ପରିବର୍ତ୍ତନରେ ଶବ୍ଦର ଅର୍ଥ ବଦଳି ଯାଉଛି; ଯଥା—ଚଳ, ମଳ, ଖଳ, ତଳ, ଗଳ, ବଳ, ଜଳ ଇତ୍ୟାଦି । ଲକ୍ଷ୍ୟ କରିବାର କଥା ଯେ, ସାଧାସିଧା ଗୋଟିଏ ପଦାଂଶ ଥିବାର ପଦଗୁଡ଼ିକୁ ନେଲେ ଏଭଳି ଧ୍ୱନିଅଣୁକୁ ସହଜରେ ବାଛି ନିଆଯାଇପାରେ । ଇଂରାଜୀରେ ସେହିପରି top, tap, tip, bit, bat, but, sun, sin, son ଏହିଭଳି ଭାବରେ ଧ୍ୱନିଅଣୁର ହିସାବ କରାଯାଇପାରେ ।

ବିଭିନ୍ନ ଭାଷାର ଏହି ଧ୍ୱନିତାତ୍ତ୍ୱିକ ପ୍ରବାହ ଶୃଙ୍ଖଳା ଭିତରେ ଫରକ ଥାଏ । ଉଦାହରଣକୁ ନିଅ; ଯଥା—ରୁଷ ଭାଷାରେ 'a' ଧ୍ୱନି ଗୋଟିଏ ଲାଟିନରେ 'a' ଧ୍ୱନି ଦୁଇଟି (ଗୋଟାଏ ହ୍ରସ୍ୱସ୍ୱର ଆଉଟି ଦୀର୍ଘ ସ୍ୱର) ଲାଟିନରେ 'malum'ର ଯଦି aଟା ହ୍ରସ୍ୱ ହୁଏ ତାର ଅର୍ଥ ହୁଏ 'ଖରାପ', ଯଦି aଟା ଦୀର୍ଘ ହୁଏ ତେବେ ଅର୍ଥ ହୁଏ 'ସେଓଫଳ' । ଠିକ୍ ସେହିପରି ଲାଟିନ ଭାଷାରେ 'i' ଦୀର୍ଘ ଓ ହ୍ରସ୍ୱ ଉଚ୍ଚାରଣରେ ଦୁଇଟି ଫୋନିମ୍ ବା ଧ୍ୱନିଅଣୁ ରହିଛି । ଦୁଇଟି 'o' ଦୁଇଟି 'u' ବା ଉ ବା ଦୁଇଟି 'e' ଧ୍ୱନିଅଣୁ ରହିଛି । ଏହାର ଅର୍ଥ ଲାଟିନରେ ପାଞ୍ଚୋଟି ଅକ୍ଷର ଉପରେ ନିର୍ଭର କରି ଦଶଟି ଧ୍ୱନିଅଣୁ ଅଛି । ପୂର୍ବକାଳରେ ମୟା ସଭ୍ୟତାର ଯେଉଁ ଭାରତୀୟ ଭାଷା 'ମାୟା' ପ୍ରଚଳିତ ଥିଲା, ସେଥିରେ ପାଞ୍ଚୋଟି ଅକ୍ଷର ଉପରେ ନିର୍ଭର କରି ପନ୍ଦରଟି ଧ୍ୱନିଅଣୁ ଥିଲା । ହ୍ରସ୍ୱ ସ୍ୱର ଓ ଦୀର୍ଘ ସ୍ୱର ଛଡ଼ା ମଧ୍ୟ ଗୋଟାଏ ପ୍ରକାର ଉଦ୍ଧୃତ ଚିହ୍ନବାଲା ଧ୍ୱନିଅଣୁ ବି ରହିଥିଲା । ଏଭଳି ଧ୍ୱନି ହଠରୁ କଣ୍ଠନାଳକୁ ରୁନ୍ଧ ଦେଇ ସ୍ୱରର ଲୋପ ଦ୍ୱାରା ସୃଷ୍ଟି କରାଯାଉଥିଲା ।

ଅନ୍ୟ ପକ୍ଷରେ 'ମାୟା' ଭାଷାରେ ଅତ୍ୟନ୍ତ ସାଧାରଣ ଧ୍ୱନି, ଯଥା— ସ୍, ଦ୍, ଭ୍ ଓ ଫ୍ ଦ୍ ଓ ଛ୍ ର ପ୍ରଭେଦ ନଥିଲା । ତେଣୁ ସେମାନେ ଦ.ନ୍ ଓ ତ.ନ୍ ଉଭୟଙ୍କୁ ଏକ ପ୍ରକାର ଧ୍ୱନି ଭାବରେ ଗ୍ରହଣ କରୁଥିଲେ ।

କେତେକ ଭାଷାରେ ଧ୍ୱନିଅଣୁ ବା ଫୋନିମ୍ ଛଡ଼ା ବି ଉଚ୍ଚାରଣରେ ପ୍ରଥମ ଅକ୍ଷର ବା ଶେଷ ଅକ୍ଷର ବା ମଝି ଅକ୍ଷରରେ ଜୋର ଦେଇ ଅର୍ଥର ପ୍ରଭେଦ କରାଯାଏ । ଯଥା-ଇଂରାଜୀରେ subject (ବିଶେଷ୍ୟ) ଓ subject (କ୍ରିୟା) । କିନ୍ତୁ ଫରାସୀ, ଫିନିଶ, ଚେକ୍, ଜର୍ଜିୟ, ହଙ୍ଗେରୀୟ ଭାଷାରେ

ଏହି ପ୍ରଚଳନ ନାହିଁ । ଭାଷାମାନଙ୍କ ଭିତରେ ବି ଆଉ ଏକ ପ୍ରକାର ପ୍ରଭେଦ ଅଛି । ତାହା ହେଉଛି ଧ୍ୱନିର ସମାହାର । କେତେକ ଭାଷାରେ କେତେକ ଧ୍ୱନି ଏକାଠି ମିଳିବାର ପ୍ରଚଳନ ଅଛି । ଆଉ କେତେକ ଧ୍ୱନିର ମିଳନ ଅଚଳ । ରୁଷ ଭାଷାରେ କୌଣସି ଶବ୍ଦ 'y'ର ଆରମ୍ଭରେ ହୋଇ ପାରେନା । ଠିକ୍ ଯେପରି ଓଡ଼ିଆ ଭାଷରେ ଦୀର୍ଘ 'ଡ଼' 'ଢ଼' ବା 'ଙ' 'ଞ' 'ଣ' ଇତ୍ୟାଦି ଧ୍ୱନି ଶବ୍ଦର ମୂଳରେ ରହିପାରେ ନାହିଁ । ଅଥଚ ଏସ୍କିମୋ, ତୁର୍କିଶ, ମଙ୍ଗୋଲିଆ ପ୍ରଭୃତି ଭାଷାରେ ଅସଂଖ୍ୟ ଶବ୍ଦ ଅଛି ଯେଉଁମାନଙ୍କର ଆଗ ଅକ୍ଷର 'y' ।

ଦକ୍ଷିଣ ପ୍ରଶାନ୍ତ ମହାସାଗରର ପଲିନେସିଅ ଭାଷାରେ ଦୁଇଟି ବ୍ୟଞ୍ଜନବର୍ଣ୍ଣ ଏକାଠି ରହିବାର ବ୍ୟବସ୍ଥା ନାହିଁ । ଅର୍ଥାତ୍ ଦୁଇଟି ବ୍ୟଞ୍ଜନ ଧ୍ୱନି ଏକାଠି ରହିପାରନ୍ତି ନାହିଁ । ତାହାଛଡ଼ା ଓଡ଼ିଆ ପରି ଏଠାରେ ପ୍ରତ୍ୟେକ ଶବ୍ଦ ଏକ ସ୍ୱର ଧ୍ୱନିରେ ହିଁ ଶେଷ ହେବା ଦରକାର । ଓଡ଼ିଆରେ ସଂସ୍କୃତର ବଳବାନ, ଧନବାନ, ହଠାତ୍ ଇତ୍ୟାଦି କେତୋଟି ବ୍ୟତିକ୍ରମ ଛାଡ଼ିଦେଲେ ଠିକ୍ ସେହି ଏକା କଥା । ଏମାନଙ୍କ ପାଇଁ ଏକାଧିକ ବ୍ୟଞ୍ଜନ ଧ୍ୱନି ଥିବା ଶବ୍ଦ ଉଚ୍ଚାରଣ ଅତ୍ୟନ୍ତ କଷ୍ଟଦାୟକ । ଅଥଚ ଏହି ଭାଷମାନଙ୍କରେ ଖୁବ୍ ଲମ୍ବା ଲମ୍ବା ଶବ୍ଦ ଅଛି ଯେଉଁଥିରେ ଗୋଟିଏ ବି ବ୍ୟଞ୍ଜନ ଧ୍ୱନି ନାହିଁ । ହାଉଆଇ ଶବ୍ଦ 'ଓଇଆଇଓ' ଅର୍ଥାତ୍ 'ମୂର୍ଖ' ଏଭଳି ଗୋଟିଏ ଶବ୍ଦ । ଏଥିରେ ପାଞ୍ଚୋଟି ସ୍ୱର ଧ୍ୱନି ଅଛି କିନ୍ତୁ ଗୋଟିଏ ବି ବ୍ୟଞ୍ଜନ ଧ୍ୱନି ନାହିଁ ।

ଏଭଳି ଭାଷା ବି ଅଛି ଯାହାଙ୍କର ଧ୍ୱନି ଇଂରାଜି, ରୁଷ ବା ସଂସ୍କୃତ ଓଡ଼ିଆ କୌଣସି ଭାଷାର ଧ୍ୱନି ସଙ୍ଗେ ମିଳେ ନାହିଁ । ଯଥା—ବୁଶମ୍ୟାନ, ହୋଟେନ୍‌ଟଟ୍ ବା ଜୁଲୁମାନଙ୍କର ଟାକରା ଫୁଟାଇଲା ଭଳି ଧ୍ୱନି ।

ପ୍ରତ୍ୟେକ ଭାଷା ଧ୍ୱନିର ଅବିଚ୍ଛିନ୍ନ ପରଦା ଦେହରୁ ଆପଣାର ଦରକାରୀ ଧ୍ୱନିକୁ ବାଛି ନେଇ ଆପଣାର ଭାଷାକୁ ତିଆରି କରେ ।

ପଲିନେସୀୟ ଭାଷାମାନଙ୍କରେ ଏଭଳି 'ଫୋନିମ୍' ବା ଧ୍ୱନିଅଣୁର ସଂଖ୍ୟା ସବୁଠାରୁ କମ୍ । ଅଷ୍ଟ୍ରେଲିଆର ଆଦିମ ବାସିନ୍ଦାମାନଙ୍କର ଭାଷାରେ

ବି ଏଭଳି ଧ୍ୱନିଅଣୁ ବା ଫୋନିମ୍‌ର ସଂଖ୍ୟା ମାତ୍ର ୧୨ ରୁ ୧୫ ଯାଏ ହେବ ।

ହାଓ୍ୱାଇ ଭାଷରେ ସାତୋଟି ବ୍ୟଞ୍ଜନବର୍ଣ୍ଣ ଓ ପାଞ୍ଚୋଟି ସ୍ୱର ବର୍ଣ୍ଣ ରହିଛି । ରୁଷୀୟ ଭଷାରେ ୫ ଗୋଟି ସ୍ୱରବର୍ଣ୍ଣ ଓ ୩୫ ଗୋଟି ବ୍ୟଞ୍ଜନବର୍ଣ୍ଣ, ଓଡ଼ିଆରେ ବାରଟି ସ୍ୱରବର୍ଣ୍ଣ ଓ ୩୦ଟି ବ୍ୟଞ୍ଜନବର୍ଣ୍ଣ ଅଛି । କିନ୍ତୁ ୧୨ଟି ସ୍ୱରବର୍ଣ୍ଣର ଧ୍ୱନି ଭିତରୁ ୫ଟି ବା ୬ଟି ସ୍ୱରଧ୍ୱନିର ଉଚ୍ଚାରଣ ଅଛି । କେତେଗୁଡ଼ିଏ କକେସସ୍ ଭଷା ଅଛନ୍ତି ଯେଉଁମାନଙ୍କର ଧ୍ୱନିଅଣୁର ସଂଖ୍ୟା ୭୦ ଯାଏ ହେବ । ଉଦାହରଣ ସ୍ୱରୂପ ଆବ୍‌ଖାସି ଭାଷାର ସତୁରିଟି ଯାଏ ବ୍ୟଞ୍ଜନ ବର୍ଣ୍ଣ ଅଛି ଓ କେବଳ ଯୋଡ଼ିଏ ସ୍ୱରବର୍ଣ୍ଣ ଅଛି । କେତେକ ଗବେଷକଙ୍କ ମତରେ ବୋଧହୁଏ ଗୋଟିଏ ମାତ୍ର ସ୍ୱରଧ୍ୱନି ଅଛି; ଅନ୍ୟ ସ୍ୱରଧ୍ୱନିଟି ପୂର୍ବ ସ୍ୱରଧ୍ୱନିର ଏକ ବିକଳ୍ପ ।

## ବାରଟି ସ୍ୱତନ୍ତ୍ର ଧ୍ୱନି ବା ସର୍ବଜନୀନ ଧ୍ୱନି

ମୋଟ ଉପରେ ପୃଥିବୀରେ ବହୁ ସହସ୍ର ଭାଷା ଅଛନ୍ତି । କେବଳ ଆମେରିକା ମହାଦେଶରେ ପ୍ରାୟ ଦୁଇ ହଜାର ସଠିକ ଭାଷା ଅଛି । ଏହାର ଅର୍ଥ ଆମ ପୃଥିବୀରେ କେତୋଟି ହଜାର ନିର୍ଦ୍ଦିଷ୍ଟ ଧ୍ୱନି ତାତ୍ତ୍ୱିକ ପ୍ରବାହଧାରା ରହିଛି । ତେବେ ଗୋଟିଏ ଭଷରେ ଯେଉଁ ଉପଭଷା ବା ବୋଲି ରହିଛି ସେଗୁଡ଼ିକ ହିସାବକୁ ନେଲେ ଆଉ ଏହି କେତୋଟି ହଜାରଠାରୁ ଆଉ କିଛି ବେଶି ଧ୍ୱନିତାତ୍ତ୍ୱିକ ପ୍ରବାହଧାରା ମିଳିବେ । ପ୍ରତ୍ୟେକ ବୋଲି ବା ଉପଭାଷାର ମଧ୍ୟ ନିଜସ୍ୱ ଧ୍ୱନିତାତ୍ତ୍ୱିକ ପ୍ରବାହଧାରା ରହିଛି । ଏପରିକି ଘନିଷ୍ଠ ସମ୍ପର୍କିତ ଭାଷାମାନଙ୍କ ଭିତରେ ବି ପ୍ରଭେଦ ରହିଛି । କିନ୍ତୁ ଏ ସମସ୍ତ ଫରକ ସତ୍ତ୍ୱେ ଗବେଷଣାରୁ ଜଣାପାଇଛି, ସାରା ସଂସାରର ହଜାର ହଜାର ଭାଷାର ହଜାର ହଜାର ଧ୍ୱନିପ୍ରବାହ ଥିଲେ ବି ସେମାନଙ୍କ ଭିତରେ କେତେଗୁଡ଼ିଏ ସାଧାରଣ ଚେହେରା ରହିଛି । ଏଥିରୁ ଏକଥା ବି ମନେ ହେଉଛି ଯେ ଏହି ସାଧାରଣ ଚେହେରାଗୁଡ଼ିକୁ ଅଲଗା କରିନେଇ ଓ ବିଶେଷ ବିଶେଷ ଚେହେରାଗୁଡ଼ିକୁ ତା ସଙ୍ଗରେ ଯୋଖି ପୃଥିବୀର ସବୁ ଭାଷା ପାଇଁ ଏକ ଧ୍ୱନି ସଙ୍ଗମ ବା ଏକ ସର୍ବଜନୀନ ଧ୍ୱନି ତିଆରି କରାଯାଇପାରେ ।

ଏବେ ଭାଷ ତତ୍ତ୍ୱବିତ୍‌ମାନେ ଅବାକ୍ ହେଲେଣି ଯେ ଅଷ୍ଟ୍ରେଲିଆ, ଦୁଇ ଆମେରିକା, ଏସିଆ, ଓସେନିଆ (ଅର୍ଥାତ୍ ପ୍ରଶାନ୍ତ ମହାସାଗରୀୟ

ଅଞ୍ଚଳ), ଇଉରୋପ ଓ ଆଫ୍ରିକାରେ ସବୁ ଭାଷାରେ ଭାଷାର ଗଢ଼ଣ ବା ଶବ୍ଦଭଣ୍ଡାରର ବିଭିନ୍ନତା ସତ୍ତ୍ୱେ କେତେଗୁଡ଼ିଏ ସାଧାରଣ ଚେହେରାର ଲକ୍ଷଣ ମିଳୁଛି । ମାର୍କିନ ଯୁକ୍ତରାଷ୍ଟ୍ରର ଭାଷାବିତ୍ ଏଡୱାର୍ଡ ସାପିର୍ ମନେ କରନ୍ତି ଯେ ଏହି ଚେହେରାର ଲକ୍ଷଣଗୁଡ଼ିକ ପୃଥିବୀର କୌଣସି ନିର୍ଦ୍ଦିଷ୍ଟ ଅଞ୍ଚଳରେ ସୀମାବଦ୍ଧ ନୁହେଁ । ସେଗୁଡ଼ିକ ସାରା ପୃଥିବୀର ସବୁ ଅଞ୍ଚଳରେ ଭାଷାର ଗଢ଼ଣ ବା ଶବ୍ଦସମ୍ପଦର ତାରତମ୍ୟ ନିର୍ବିଶେଷରେ ବ୍ୟାପ୍ତ ।

ଅ ଆଉ କ୍ ଭିତରେ ପ୍ରଭେଦ ହେଲା, ଅ ଏକ ସ୍ୱର କ୍ ଏକ ବ୍ୟଞ୍ଜନ । ତେଣୁ ଧ୍ୱନିଅଣୁ ଗୁଡ଼ିକର ଶ୍ରେଣୀ ବିଭାଗରେ ଆମକୁ ଗୋଟିଏ ପ୍ରଥମ ସୂତ୍ର ମିଳିଲା—ସ୍ୱରବର୍ଣ୍ଣ ଓ ଅ ସ୍ୱରବର୍ଣ୍ଣ—ଅର୍ଥାତ୍ ସ୍ୱର ଧ୍ୱନି ଓ ନିଃ-ସ୍ୱରଧ୍ୱନି ; ତେଣୁ ପୃଥିବୀରେ ସବୁ ଭାଷାରେ ଏହି ଏକ ପ୍ରକାର ବିଭାଗ କରାଯାଇପାରେ ସ୍ୱର ଓ ଅଣସ୍ୱର । ଓଡ଼ିଆ ଭାଷା ଭଳି ବହୁଭାଷାରେ ଅନେକଗୁଡ଼ିଏ ସ୍ୱରବର୍ଣ୍ଣ ଅଛି ଓ ମାନେ ହେବ ବ୍ୟଞ୍ଜନ ବର୍ଣ୍ଣ ଅଛି । ଏମାନଙ୍କ ଭିତରେ ଅର୍ଥାତ୍ ବ୍ୟଞ୍ଜନଙ୍କ ଭିତରେ ତଫାତ୍ କଣ ?

ବ ଓ ପ ଦୁଇଟି ବ୍ୟଞ୍ଜନବର୍ଣ୍ଣ ନିଆଯାଉ । ଏମାନଙ୍କ ଭିତରେ ଗୋଟିଏ ଶବ୍ଦପ୍ରିତ ଆଉଟି ନିଃଶବ୍ଦ । ସାରା ପୃଥିବୀର ସବୁ ଭାଷାରେ ଏପରି ବି ଦୁଇଟି ଶ୍ରେଣୀର ବ୍ୟଞ୍ଜନ ବର୍ଣ୍ଣ ଅଛନ୍ତି । ଗୋଟିଏ କମ୍ପନର ବ୍ୟଞ୍ଜନବର୍ଣ୍ଣରେ ଶବ୍ଦ ହୁଏ ଆଉ ଗୋଟିଏ ବ୍ୟଞ୍ଜନ ଧ୍ୱନି ନିଃଶବ୍ଦ ।

ଆଉ ଏକ ପ୍ରକାର ଧ୍ୱନିଗତ ଶ୍ରେଣୀ ବିଭାଗ କରାଯାଇପାରେ । କେତେଗୁଡ଼ିଏ ଧ୍ୱନି ହେଉଛି ଲଗାଣର ଆଉ କେତେଗୁଡ଼ିଏ ବିଖଣ୍ଡିତ । ଓଡ଼ିଆରେ 'ର୍' ଏକ ଲଗାତାର ଧ୍ୱନି କିନ୍ତୁ 'ଳ' ଏକ ବିଖଣ୍ଡିତ ଧ୍ୱନି ।

ଆହୁରି ଏକ ଅବାକ୍ ହେବାର କଥା ଏହି ଯେ, ପୃଥିବୀର ସବୁ ଭାଷାରେ ମିଶି ପ୍ରାୟ ଏକଲକ୍ଷ ଧ୍ୱନିଅଣୁ ଥିଲେ ବି ଉପରୋକ୍ତ ଶ୍ରେଣୀବିଭାଗରେ ସେମାନଙ୍କୁ ରଖିଲେ ସେମାନେ ବାରଗୋଟି ବିଭାଗ ଭିତରକୁ ସମସ୍ତେ ଆସିଯିବେ । ଏହାର ଅର୍ଥ ମନୁଷ୍ୟର ମୁଖର ଧ୍ୱନି ଭିତରେ ବହୁ ପାର୍ଥକ୍ୟ ସତ୍ତ୍ୱେ ଗୋଟାଏ ଏକତା ରହିଛି ।

କଥିତ ଭାଷାକୁ ଦୁଇଟି ଦିଗରୁ ଦେଖାଯାଇପାରେ । ଗୋଟିଏ ଦିଗ ହେଉଛି ଲହରୀର କମ୍ପନ ଅର୍ଥାତ୍ ଏକ ନିରବଚ୍ଛିନ୍ନ ଧ୍ୱନିର ଝରଣା ।

ଅନ୍ୟ ପକ୍ଷରେ ଏହାକୁ ଧରାଯାଇପାରେ ମଣିଷର କଣ୍ଠନାଳୀ, ଜିଭ ଓ ଓଠର ତୁଳନା ।

ଏଥିରୁ ଧ୍ୱନିର ଲହରୀଗୁଡ଼ିକୁ ଆମେ ଟେପରେକର୍ଡରେ ବା ଓସିଲୋଗ୍ରାଫ ବା ଦୋଳାୟମାନ ଯନ୍ତ୍ରରେ ରେକର୍ଡ କରୁଁ । ଅନ୍ୟ ପକ୍ଷରେ ମଣିଷର ଅଙ୍ଗପ୍ରତ୍ୟଙ୍ଗର ଯନ୍ତ୍ରପାତି ସରଞ୍ଜାମ, ଯଥା —କଣ୍ଠନାଳୀ, ଓଠ ଓ ଜିଭର ଚଳପ୍ରଚଳ ଓ ଗତିକୁ ଆମେ ପରଖ କରୁଁ । ଏଭଳି ଭାବରେ ଆମେ ଧ୍ୱନିଅଣୁ ବା ଫୋନିମ୍‌ର ରୂପରେଖା ସ୍ପଷ୍ଟରେ ଦୁଇଦିଗରୁ ବର୍ଣ୍ଣନା ପାଉଁ । ଗୋଟିଏ ହେଲା ଶବ୍ଦତରଙ୍ଗ ତରଫରୁ, ଅନ୍ୟଟି କଥା ଓ ବାଚନ ଯନ୍ତ୍ର ତରଫରୁ—

ଯେଣୁ ଯଦି ଆମେ ଶବ୍ଦତରଙ୍ଗ ଦିଗରୁ ଧ୍ୱନିଅଣୁକୁ ପରୀକ୍ଷା କରୁଁ ତେବେ ଆମେ ସ୍ପଷ୍ଟ ବାରଗୋଟି ଯୋଡ଼ିର ଶ୍ରେଣୀବିଭାଗ ବା ପାର୍ଥକ୍ୟ ପାଇବା । ଏଗୁଡ଼ିକ ଭିତରେ ପୃଥିବୀର ସବୁ ଭାଷା ଆସିଯିବେ । କେହି ବାଦ୍ ପଡ଼ିଯିବେ ନାହିଁ ।

ତେବେ ଏ ଯେ ବାରଯୋଡ଼ା ଶ୍ରେଣୀ ବା ପାର୍ଥକ୍ୟ ତିଆରି ହୋଇଛି ଏଥିରେ ଏ 'ଯୋଡ଼ା' କାହିଁକି ? 'ଯୋଡ଼' 'ଯୋଡ଼ା' ନ କରି 'ତିନିଟିକିଆ' 'ଚାରିଟିକିଆ' କରିଥିଲେ କ୍ଷତି କ'ଣ ହୋଇ ଥାଆନ୍ତା ?

କାରଣ ଏହାହିଁ ଶ୍ରେଣୀବିଭାଗର ସ୍ୱାଭାବିକ ମାନବିକ ଢଙ୍ଗ । କଳା, ଧଳା, ଆଲୁଅ, ଅନ୍ଧାର ଯେପରି ଗୋଟିଏ ଭାବ ଓ ଅନ୍ୟଟି ଅଭାବ (କଳା ରଙ୍ଗର ଅଭାବ, ଧଳା ରଙ୍ଗର ସଂପୂର୍ଣ୍ଣ ଭାବ) । ଠିକ୍ ସେପରି ଶ୍ରେଷ୍ଠ ଶିଶୁର ଏହି ଶ୍ରେଣୀବିଭାଗ ହିଁ ପିଲାଦିନେ ଭାଷା ଶିକ୍ଷାର ଅବଲମ୍ବନ । ଏଭଳି ଭାବରେ ଶିଶୁ ଶବ୍ଦ ଶବ୍ଦ କଥାର ଧ୍ୱନି ଭିତରୁ ଆପଣାର ଅନୁକରଣର ଧ୍ୱନିଗୁଡ଼ିକ ବାଛିନିଏ । ପିଲାଦିନେ ଶିଶୁ ଯେ ପ୍ରଥମେ ବା, ଦା, କା, ବା ଇତ୍ୟାଦି ଧ୍ୱନିକୁ ପ୍ରଥମେ ଉଚ୍ଚାରଣ କରିବାକୁ ଶିଖେ ତା'ର କାରଣ ସେ ଭାଷାର ଶବ୍ଦ ଶବ୍ଦ ଧ୍ୱନି ଭିତରୁ ସ୍ୱର ଓ ବ୍ୟଞ୍ଜନର ଗୋଟିଏ ଗୋଟିଏ ସ୍ୱର ଓ ନିଃସ୍ୱର ବର୍ଣ୍ଣକୁ ବାଛିନିଏ । ଏହାହିଁ ମନୁଷ୍ୟ ଶିଶୁର ଚରିତ୍ରଗତ ଲକ୍ଷଣ । ଅବଶ୍ୟ ୬ରୁ ୧୦ ମାସ ଯାଏ ଶିଶୁ କେବେ କୌଣସି ଧ୍ୱନିଅଣୁ ବା ଫୋନିମ୍‌କୁ ବାଛିକି ତାହା ଚିନ୍ତା କରିବାର କ୍ଷମତାରେ ନଥାଏ (ଏପରିକି

ବିଂଶ ଶତାବ୍ଦୀ ଯାଏ ଭାଷାବିତ୍‌ମାନେ ବି ଧ୍ୱନିଅଣୁର ଦେଖା ପାଇ ନଥିଲେ) କିନ୍ତୁ ଶିଶୁ ଅବଚେତନ ଭାବରେ ସ୍ୱରଯୁକ୍ତ ଓ ସ୍ୱରହୀନ ବ୍ୟଞ୍ଜନ ବର୍ଣ୍ଣର ପ୍ରଭେଦ ବାରିନେଇଥାଏ ।

ତେବେ ଏହି 'ଯୋଡ଼ ଯାଞ୍ଚିଲ' ଭାବରେ ଧ୍ୱନିଅଣୁର ତାରତମ୍ୟ ବାଛିବା ମଣିଷ ଶିଶୁ ପାଇଁ ସୁବିଧା ନୁହଁ ; କଂପ୍ୟୁଟର ଯନ୍ତ୍ର ପାଇଁ ବି ସୁବିଧା । ଯାହା ଫଳରେ ଉକ୍ତ ଯନ୍ତ୍ର ବି କଥା ଶୁଣିପାରେ, ସେ କଥା-ଗୁଡ଼ିକ ମନେ ରଖେ ଓ ତାହାର ଅନୁସାରେ କାମ କରେ ।

## ଶୁଣ, ଯନ୍ତ୍ର-ମଣିଷ !

ଯନ୍ତ୍ରର ନାମ କଂପ୍ୟୁଟର । ଏହା ସଂସାରରେ ଚହଳ ପକାଇଛି । ଏହାର ଦୃଷ୍ଟିଶକ୍ତି ଅଛି । ଏହାର ଅଛି ବିଶ୍ୱଚକ୍ଷୁ, ଏକ ଇଲେକ୍‌ଟ୍ରୋନିକ୍ ଆଖି । ତାହା ଫଟୋ ବୈଦ୍ୟୁତିକ ପ୍ରଣାଳୀରେ ତିଆରି । ଏହାର ସ୍ପର୍ଶଶକ୍ତି ଅଛି । ଏଥିରେ ମୋହରମରା କାର୍ଡ, ଟେପ୍ ଚୁମ୍ବକୀୟ ଥାଳା ଓ ଟେପ୍ ଓ ଡ୍ରମ୍ ସାହାଯ୍ୟରେ ସ୍ପର୍ଶର ଅନୁଭବ ଅଣାଯାଇପାରେ । ଗୋଟାଏ ମାଇକ୍ରୋଫୋନ ବା ଡାକବାଜା ଯନ୍ତ୍ର ଖଞ୍ଜିଲେ ଏହାର ଶୁଣିବାର ଶକ୍ତି ହୋଇ ଯାଇପାରେ । ତେବେ ଏଭଳି ମେସିନ୍ ସାଙ୍ଗରେ ପ୍ରୋଗ୍ରାମ୍ ଓ ଗଣିତ ସୂତ୍ର ବା ଟେଲିଗ୍ରାଫ୍‌ର କୋଡ୍‌ଭଳି କୌଣସି ଠାର ଭାଷାରେ କଥାବାର୍ତ୍ତା ନ ହୋଇ ମଣିଷ ଭାଷାରେ କଥାବାର୍ତ୍ତା ହେଲେ ହୁଅନ୍ତା ନାହିଁ !

ବେଶ୍ ଏଭଳି ଗୋଟାଏ ଗଣକ ଯନ୍ତ୍ରକୁ ମନୁଷ୍ୟର ଭାଷା କେମିତି ଶିଖାଇବା ? ତେବେ କିଛି ଝଞ୍ଜଟରୁ ରକ୍ଷା ମିଳନ୍ତା, ଜଣେ କେହି ଯଦି କୌଣସି ଭାଷାରେ ଛିଡ଼ା ହୋଇ ବକ୍ତୃତା ଦେଇଦେଲା ତେବେ ଯନ୍ତ୍ର ତାକୁ ଭିନ୍ନ ଭାଷାରେ ଅନୁବାଦ କରି ଦିଅନ୍ତା, ଅଥବା ବଡ଼ ବଡ଼ କଳକାରଖାନା ବିରାଟ ବ୍ୟାପାର ଚଳାଉଥିବା କୌଣସି କମ୍ପାନିର ଡିରେକ୍‌ଟର ଟେଲିଫୋନ୍ ଧରି କମ୍ପ୍ୟୁଟର ଯନ୍ତ୍ରକୁ କହି ଦିଅନ୍ତେ—"ଦେଖ, ଯନ୍ତ୍ର-ମଣିଷ, ଆମର ଏଭଳି ସାମ୍ପଲରୁ ଗୁଳଣି ଲକ୍ଷ ଦରକାର । ତୁମେ ଏଥିପାଇଁ କ'ଣ କ'ଣ ସରଞ୍ଜାମ ଲୋଡ଼ା ଗୋଟାଏ ପ୍ଲାନ ଛକା କରି ଦିଅ ।"

ଏହା କ'ଣ ସମ୍ଭବ ? ଯନ୍ତ୍ରଟାଏ ମନୁଷ୍ୟର ଭାଷା ଶୁଣିବ, ତାହା ବୁଝିବ ଓ ସେ ଅନୁସାରେ କାର୍ଯ୍ୟ କରିବ ଅଥବା ଉତ୍ତର ଦେବ ? ହେଲେ, ଯନ୍ତ୍ର ଯଦି ମଣିଷର କଥିତ ଭାଷାକୁ ବିଶ୍ଳେଷଣ କରି ପାରୁଛି, ତେବେ ଯନ୍ତ୍ର କାହିଁକି ମଣିଷର କୌଣସି ହୁକୁମକୁ ବୁଝି ନ ପାରିବ ବା ମଣିଷର କଥନ ଭଳି କହି ନ ପାରିବ ? ଏହା କେବଳ ମେସିନ୍ ଅନୁବାଦକ ପାଇଁ ସୁବିଧା ନୁହଁ ; ଏଥିରେ ଅନ୍ଧମାନଙ୍କ ପାଇଁ ଯନ୍ତ୍ରର ସୁବିଧା ଆଉ ମନୁଷ୍ୟକୃତ ବହୁ ଯନ୍ତ୍ର ପାଇଁ ଏ ବି ଅନେକ ସୁବିଧା । ଉଡ଼ାଜାହାଜରେ ପାଇଲଟ ବି ଏଭଳି ସୁବିଧା ଥିଲେ ନାନା ପ୍ରକାର ଜଟିଳ ମେସିନ୍‌କୁ ନ ଦେଖି କଥାର ସଙ୍କେତରେ ସବୁ ଜାଣି ପାରନ୍ତେ । ମହାକାଶଯାନରେ ବି ପାଇଲଟ କଣ୍ଟ୍ରୋଲରଠାରୁ ଏସବୁ ସମ୍ବାଦ କଥାଭାଷା ଜରିଆରେ ପାଇପାଆନ୍ତେ (ଏବେ କେବଳ ବିଜ୍ଞାନ-ଉପନ୍ୟାସରେ ଏହାର କଳ୍ପନା ହିଁ କରାଯାଉଛି ?) । କଥା ହେଲା, ମଣିଷ ସାଙ୍ଗରେ ଯନ୍ତ୍ରର କାରବାର ଯନ୍ତ୍ରର ଭାଷାରେ ନ ହୋଇ ମଣିଷର ଭାଷା ହୋଇ ପାରିବ କି ?

କଂପ୍ୟୁଟର ଯନ୍ତ୍ରର ଉଦ୍‌ଭାବନ ପୂର୍ବରୁ ଅଷ୍ଟାଦଶ ଶତାବ୍ଦୀରେ ଏଭଳି ଏକ କଥାକୁହା ଯନ୍ତ୍ର ପାଇଁ ଉଦ୍ୟମ ହୋଇଥିଲା । ୧୭୮୦ ମସିହାରେ ରୁଷିଆର ବିଜ୍ଞାନ ଏକାଡେମୀ ନିମ୍ନଲିଖିତ ସମସ୍ୟାର ସମାଧାନ ପାଇଁ ଡାକରା ଦେଇଥିଲେ" (୧) ଇଂରେଜୀ ବର୍ଣ୍ଣମାଳାର a, e, i, o, u ସ୍ୱରବର୍ଣ୍ଣଗୁଡ଼ିକର ଉଚ୍ଚାରଣର ଗୁଣ ଓ ଚରିତ୍ର କ'ଣ (୨) ମଣିଷର କଣ୍ଠନଳୀ ଭଳି ଏପରି କୌଣସି ନଳୀ କ'ଣ ତିଆରି କରାଯାଇ ପାରିବ ଯାହା ଏହି ସ୍ୱରବର୍ଣ୍ଣର ଧ୍ୱନିଗୁଡ଼ିକ ଅନୁକରଣ କରି ପାରିବ ?

ଅଷ୍ଟାଦଶ ଶତାବ୍ଦୀର ଶେଷଭାଗରେ ହଙ୍ଗେରୀ ଦେଶର ଜଣେ ଚମତ୍କାର ଇନ୍‌ଜିନିଅର ଓ ଯାନ୍ତ୍ରିକ ଏକ 'କଥାକୁହା ଯନ୍ତ୍ର' ତିଆରି କରିଥିଲେ । କିନ୍ତୁ ତାଙ୍କର ଯନ୍ତ୍ର ଓ ତାଙ୍କ ପରେ ପରେ ୧୮ଶ, ୧୯ଶ ଓ ୨୦ଶ ଶତାବ୍ଦୀର ପ୍ରଥମ ଭାଗରେ ଯେତେ ଯନ୍ତ୍ର ତିଆରି ହେଲା ସେ ସବୁ ଯନ୍ତ୍ର ସେପରି କିଛି କାମୀ ଜିନିଷ ନ ଥିଲା । ସେଗୁଡ଼ିକ ଥିଲା ଖେଳନା, କଂପ୍ୟୁଟର ଯନ୍ତ୍ରର ଉଦ୍‌ଭାବନ ପରେ ଯାଇ ମନୁଷ୍ୟ ସାଙ୍ଗରେ ଯନ୍ତ୍ରର କଥାଭାଷା ବିଷୟ ପ୍ରକୃତରେ ବ୍ୟାବହାରିକ ପର୍ଯ୍ୟାୟରେ ପଡ଼ିଲା । ଏବେ ଏହାର ଫଳ ବହୁ ଦୂର ଆଗେଇ ଯାଇଛି ।

ପ୍ରଥମେ ଯେଉଁମାନେ ଏହି ଦିଗରେ ଆଗେଇଲେ ସେମାନେ ଧ୍ୱନି-ଅଣୁ ବିଷୟ ଜାଣି ନ ଥିଲେ । ସେମାନେ ବିଭିନ୍ନ ଭାଷାର ଶବ୍ଦକୁ ହିଁ ସେମାନଙ୍କର ପ୍ରାଥମିକ ପଦ ଭାବରେ ନେଇଥିଲେ । ଯୁକ୍ତରାଷ୍ଟ୍ର ଆମେରିକାରେ ଏବେ ହାଲ ଗୋଟିଏ ପରୀକ୍ଷାରେ ଗୋଟିଏ କଂପ୍ୟୁଟର ଯନ୍ତ୍ରକୁ ଗୋଟିଏ ଆଲୋକ-ପରଦା-ବୀକ୍ଷଣ ବା ଷ୍ଟ୍ରୋବୋସ୍କୋପରେ ଯୋଡ଼ି ଦିଆଯାଇଥିଲା । ଉକ୍ତ ଆଲୋକ ପରଦା-ବୀକ୍ଷଣ ଯନ୍ତ୍ରର କାମ ଥିଲା ଧ୍ୱନି-ଗୁଡ଼ିକର ଫ୍ରିକ୍ୱେନ୍ସିର ବିଶ୍ଳେଷଣ । ଏହି ବୀକ୍ଷଣ ଯନ୍ତ୍ରର ଫଳଗୁଡ଼ିକୁ ତା'ପରେ ସଂଖ୍ୟାରେ ପରିଣତ କରାଯାଇ କଂପ୍ୟୁଟର ଭିତରେ ସାମିଲ କରାଯାଇଥିଲା ।

ଏଥିରେ ବକ୍ତା ପ୍ରଥମେ ଗୋଟିଏ ନିର୍ଦ୍ଦିଷ୍ଟ ଶବ୍ଦ ବାରମ୍ବାର ଉଚ୍ଚାରଣ କରନ୍ତି । ମନେକର ଶବ୍ଦଟି ହେଲା ଦୁଇ । ଏଭଳି ବାରମ୍ବାର ଉଚ୍ଚାରଣ କରିବାରେ ଯନ୍ତ୍ରଟି ଆପଣାର ସ୍ମୃତି ଭିତରେ ସେହି 'ଦୁଇ'ଟିକୁ ସାଇତି ରଖେ । ତା ପରେ 'ଦୁଇ' ଶବ୍ଦଟିକୁ ଛପା ଅକ୍ଷରରେ ମେସିନ ଭିତରେ ପ୍ରବେଶ କରାଇ ଦିଆଯାଏ । ତା'ପରେ ମେସିନ୍ ଏହି 'ଦୁଇ'ଟିକୁ ଚିହ୍ନିବାର ଧାରା ଭିତରେ ଆପଣ ହିଁ ଶିକ୍ଷା କରିନିଏ ।

ଏଭଳି ଶିକ୍ଷା ସମାପ୍ତ ହେଲାପରେ ଯନ୍ତ୍ରଟି ଜାଣି ନିଧାରେ ବକ୍ତାଙ୍କର ବା ଶିକ୍ଷକଙ୍କର ଶିଖାଇଥିବା ଶବ୍ଦଟିର ଉଚ୍ଚାରଣକୁ ଧରିପାରେ ଓ ଆପଣାର ସ୍ମୃତିର ଗନ୍ତାଘରେ ଯେଉଁ 'ଦୁଇ' ଶବ୍ଦଟି ସାଇତି ରଖିଥାଏ ତାହା ସଙ୍ଗରେ ମିଳାଇ ନିଏ । ଏଭଳି ଭାବରେ ଯୁକ୍ତରାଷ୍ଟ୍ରର ସେହି ପ୍ରୟୋଗ ପରୀକ୍ଷାରେ ସାତ ଜଣ ମହିଳା ଓ ସାତ ଜଣ ପୁରୁଷ ଲୋକ ଏଭଳି ଶିକ୍ଷକର କାର୍ଯ୍ୟ କରିଥିଲେ ଓ ସେମାନେ ଯନ୍ତ୍ରକୁ ଶିକ୍ଷା ଦେବାରେ ଲାଗିଥିଲେ । ଯନ୍ତ୍ର ଶବ୍ଦଗୁଡ଼ିକ କେବଳ ଯେ ସ୍ମୃତିରେ ସାଇତି ରଖିଥିଲା ତାହା ନୁହେଁ ବକ୍ତାମାନଙ୍କୁ ମଧ୍ୟ ଚିହ୍ନାଇ ନେଇଥିଲା ; ମହିଳାମାନଙ୍କର କଣ୍ଠ ତ ନିର୍ଭୁଲ ଭାବରେ ଚିହ୍ନାଇ ନେଇଥିଲା । ପୁରୁଷମାନଙ୍କର କଣ୍ଠ ଶତକଡ଼ା ୯୩ ଠିକ୍ ଭାବରେ କହି ପାରିଥିଲା ।

ଏଭଳି ଗୋଟାଏ ଶିକ୍ଷା ଅଧ୍ୟାୟ ସରିଲା ପରେ ଗବେଷକମାନେ ଠିକ୍ କଲେ ଯେ, 'ଆତ୍ମଶିକ୍ଷା'ର ଅଧ୍ୟାୟଟାଏ ଆରମ୍ଭ ହେଉ । ଯନ୍ତ୍ର ତା'ପରେ ନୂଆ ନୂଆ ବକ୍ତାଙ୍କର ଧ୍ୱନି ଶୁଣିଲା ଓ ଆଗରୁ ଶିଖିଥିବା

କଥାଗୁଡ଼ିକ ସଙ୍ଗରେ ସେଗୁଡ଼ିକୁ ମେଳ ଖୁଆଇ ନେଲା ଓ ଯେଉଁ ସେହି ଶବ୍ଦଗୁଡ଼ିକର ସାଧାରଣ ଧ୍ୱନିକୁ ଯୋଗ କରିନେଲା । ଅର୍ଥାତ୍ କେବେ କେବେ ପୁରୁଣା ଶିକ୍ଷକମାନଙ୍କର ଧ୍ୱନି ସହିତ ନୂଆ ବକ୍ତାଙ୍କର ଧ୍ୱନିର କିଛି କିଛି ପ୍ରଭେଦ ଥିଲେ ତାହାକୁ ଠିକ୍ କରିନେଲା ।

କିନ୍ତୁ ଯେଉଁଠି ଶବ୍ଦର ସଂଖ୍ୟା ସୀମାବଦ୍ଧ ସେଇଠି ଏଭଳି କାର୍ଯ୍ୟ ସଫଳ ହେବ । ଯନ୍ତ୍ର କ୍ଷେତ୍ରରେ ଦେଖାଗଲା ଯେ, ଦେଢ଼ ସେକେଣ୍ଡରେ ଗୋଟିଏ ଲେଖାଏଁ ଶବ୍ଦ ସଙ୍ଗରେ ଚିହ୍ନା ପରିଚୟ ହେବା ଫଳରେ ଯନ୍ତ୍ର ୮୩ଗୋଟି ଇଂରାଜୀ ଶବ୍ଦ ଶିଖିଗଲା । କିନ୍ତୁ ଏଥିରୁ ଆହୁରି ଅଧିକ ଶବ୍ଦକୁ ସ୍ମୃତିର ଭଣ୍ଡାରରେ ରଖିବାକୁ ହେଲେ ଯନ୍ତ୍ରର ସ୍ମୃତିର ପରିଧି ବଢ଼ାଇବା ଦରକାର ।

ଫଳରେ ଦେଖାଗଲା, ଶବ୍ଦର ସଂଖ୍ୟା ଯେତେ ବଢ଼ିଲା ତାହାକୁ ସ୍ମୃତିରେ ସାଇତି ରଖିବାର ଅସୁବିଧା ସେତିକି ବଢ଼ିଲା । ଯେତେବେଳେ କେତେଟି ଶବ୍ଦର କଥା ଉଠୁଥିଲା, 'ଦୁଇ' 'ତିନି' 'ଚାରି' ସେତେବେଳେ ସେଗୁଡ଼ିକୁ ସ୍ମୃତିସ୍ଥ କରିବାରେ କୌଣସି କଷ୍ଟ ନ ଥିଲା । କିନ୍ତୁ ଯେତେବେଳେ ସମାନ ସମାନ ଧ୍ୱନିର ଓ ସମାନ ସମାନ ଅର୍ଥର ଶବ୍ଦମାନେ ଆସି ପଶି ହୋଇଗଲେ ଯଥା 'ଦୁଇ' 'ଉଭ' 'ଦୁଇ' ଅଥବା 'ତିନି' 'ତ୍ରି' ସେତେବେଳକୁ ଯନ୍ତ୍ରର ଅକଲ ଗୁଡ଼ୁମ ହୋଇଗଲା ।

ଚିହ୍ନା ପରିଚୟ ବେଳକାଳ ଭିତରେ ବି ବିଭ୍ରାଟ ଦେଖାଦେଲା । ଯେତେ ଯେତେ ଶବ୍ଦର ସଂଖ୍ୟା ବଢ଼ିଲା, ଜଟିଳତା ବଢ଼ିଲା । ତେଣୁ ଯନ୍ତ୍ରକୁ ଶବ୍ଦଗୁଡ଼ିକ ଠଉରାଇବା କାଠିକର ପାଠ ହେଲା ; ଯଥା ସମୟରେ ଠଉରାଇ ପାରିଲା ନାହିଁ । ତେଣୁ ଯନ୍ତ୍ରଟା ଗୋଟାଏ ନିର୍ବୋଧ ପାଲଟିଯିବା ଭୟରେ ତାର ଯାନ୍ତ୍ରିକ ବେଗ ଆହୁରି ବଢ଼ାଇବା ଦରକାର ପଡ଼ିଲା । ପୁଣି ଯେତେ ଯେତେ ସ୍ମୃତି ଭଣ୍ଡାର ବଢ଼ିବାକୁ ଲାଗିଲା ସେଥିରୁ ଶବ୍ଦଗୁଡ଼ିକ ଖୋଜି ବାହାର କରିବାକୁ ଯନ୍ତ୍ରକୁ ସେତିକି କଷ୍ଟ କରିବାକୁ ପଡ଼ିଲା ଓ ଯେତେ ଶବ୍ଦ ସଂପଦ ବଢ଼ିଲା ତା'ର ଅନୁପାତରେ ସେତିକି ସ୍ମୃତିକୁ ବୃଦ୍ଧି କରିବାକୁ ପଡ଼ିଲା ।

ଶେଷକୁ ଭାଷାବିଦ୍ମାନେ ଏହି ମତ ଦେଲେ ଯେ, କଥିତ ଶବ୍ଦ ବା ଶବ୍ଦ ଯଦି ଶିଖିବାର ମୂଳ କଣିକା ହୁଏ ତେବେ ବଡ଼ ଶବ୍ଦଭଣ୍ଡାର

କ୍ଷେତ୍ରରେ ସମସ୍ୟା ଗୁରୁତର ହେବ ଓ ଯନ୍ତ୍ର କଦାପି ସେଥିରେ ପାର ଉଠିବ ନାହିଁ । କାରଣ ଆଧୁନିକ କଂପ୍ୟୁଟର ଯନ୍ତ୍ରର ସଂପାଦନାର ଶକ୍ତି ଏତେ ନୁହେଁ ଯେ କୌଣସି ଭାଷାର ସବୁଠୁ ପ୍ରଚଳିତ ହଜାରେ ହେବ ଶବ୍ଦ ତାହା ସ୍ମୃତିଭଣ୍ଡାରରେ ସାଇତି ହେଇପାରିବ । ଏହାର ଅର୍ଥ ହେଲା ଯନ୍ତ୍ରର ସ୍ମୃତିଭଣ୍ଡାରକୁ ବହୁଗୁଣ ବଢ଼ାଇବାକୁ ପଡ଼ିବ କିନ୍ତୁ ଏବେଯାଏ କଂପ୍ୟୁଟର ଯନ୍ତ୍ରର ଯେତିକି ବିକାଶ ହୋଇଛି ସେତିକରେ ଏଭଳି ବୃଦ୍ଧି ଅସମ୍ଭବ ।

ରୁଷ ଭାଷାବିତ୍ ଇଭାନୋଭ ଲେଖିଛନ୍ତି, "ଏକାଟ୍ୟ ଯାନ୍ତ୍ରିକ ପ୍ରତିବନ୍ଧକ ଆସି ପହଞ୍ଚିଗଲାଣି । ଯନ୍ତ୍ରର ସ୍ମୃତିର ଆୟତନ ବଢ଼େଇବା ଓ ଗୋଟାଏ ଅସୁବିଧା, ଦ୍ୱିତୀୟ ଅସୁବିଧା ହେଲା ଶବ୍ଦଭଣ୍ଡାର ଭିତରୁ ଅତି ଅଳ୍ପ ସମୟ ଭିତରେ ଦରକାରୀ ଶବ୍ଦକୁ ବାହାର କରି ଆଣିବା ଓ ଏହି ବାହାର କରିବା କାର୍ଯ୍ୟ ଏତେ ଚଞ୍ଚାପଟ ହେବା ଦରକାର ଯେପରିକି ଗୋଟିଏ ଶବ୍ଦ ବାହାର କରି ଆଣିବା ବେଳକୁ ବାକ୍ୟର ପର ଶବ୍ଦଟିକୁ ସମ୍ପ୍ରତି ପୁଣି ସ୍ମୃତିଭଣ୍ଡାରରୁ ତାକୁ ଦଣ୍ଡି ବାହାର କରିବାକୁ ହେବ ।

ତେଣୁ ଯନ୍ତ୍ରକୁ କେତେ ଟି ମନୁଷ୍ୟର କହିବା କଥାରୁ ଶବ୍ଦ ଶିଖାଇ ଦେବା ସହଜ (କେତେକ ଯନ୍ତ୍ର ଏକଥା ଶିଖିଗଲେଣି) କିନ୍ତୁ ତାହା ଦ୍ୱାରା କୌଣସି କାର୍ଯ୍ୟ ହେବ ନାହିଁ । ତେଣୁ ଶବ୍ଦରୂ କଣିକା ସେନ ଯନ୍ତ୍ରର ଭାଷା ଶିକ୍ଷା ପ୍ରକୃତ ଶିକ୍ଷା ନୁହେଁ । ତେଣୁ ମଣିଷ ସଙ୍ଗରେ ଯନ୍ତ୍ରର କଥୋପକଥନ ପାଇଁ ଶବ୍ଦ ବଦଳରେ ଆଉ କୌଣସି ଧ୍ୱନିକଣିକାକୁ ବ୍ୟବହାର କରିବାକୁ ହେବ ।

ସେଠୁ 'ଫୋନେମ୍' ବା 'ଧ୍ୱନି ଅଣୁ'ର କଥା ଉଠିଲା । କାରଣ ଧ୍ୱନିଅଣୁର ସଂଖ୍ୟା ପୃଥିବୀର କୌଣସି ଭାଷାରେ ୬୦,୮୦ରୁ ବେଶୀ ନୁହେଁ । ତେଣୁ ଏହି ୭୦,୮୦ ଗୋଟିଏ 'ଧ୍ୱନି ଅଣୁ' ବା ଫୋନେମ୍‌କୁ ମନେ ରଖିବାକୁ ଯନ୍ତ୍ରକୁ ଗୋଟାଏ ବିଶାଳ ସ୍ମୃତିଭଣ୍ଡାର ଦରକାର ପଡ଼ିବ ନାହିଁ । ତେଣୁ ହଜାରେ ହେ ମନେ ରଖିବାକୁ ଯେତେ ବଡ଼ ସ୍ମୃତିଭଣ୍ଡାର ଦରକାର ତାହାଠାରୁ ଟିକିଏ ଛୋଟ ହେଲେ ବି ଚଳିବ ।

ଗତ ପନ୍ଦରବର୍ଷ ଭିତରେ ସାରା ପୃଥିବୀର ବୈଜ୍ଞାନିକମାନେ ଏହି କାର୍ଯ୍ୟରେ ତତ୍ପର ହୋଇଛନ୍ତି । ସେମାନେ କଂପ୍ୟୁଟର ଯନ୍ତ୍ରକୁ

ଧ୍ୱନିଅଣୁ ଶିଖାଉଛନ୍ତି । ତେବେ ଦୁର୍ଭାଗ୍ୟର କଥା କଂପ୍ୟୁଟର ଯନ୍ତ୍ର ଏଥିକି ଭଜନ ହେଉନାହିଁ । କଥାର ଧ୍ୱନିର ସ୍ରୋତ ଲହଡ଼ିର ନିରବଚ୍ଛିନ୍ନ ସ୍ରୋତ ପରି ବହି ଚାଲେ ; ତେଣୁ କଂପ୍ୟୁଟର ଯନ୍ତ୍ରମାନେ ଏଥିରୁ ଧ୍ୱନିଅଣୁର କଣିକାଗୁଡ଼ିକୁ ବାଛି କରି ସ୍ମୃତିସ୍ଥ କରିପାରୁ ନାହାନ୍ତି ।

ଆଉ ଏକ ଅସୁବିଧା ଅଛି । ଧ୍ୱନିଅଣୁଗୁଡ଼ିକର ଉଚ୍ଚାରଣ ଲୋକର ବୟସ, ଲିଙ୍ଗ, ଜନ୍ମମାଟି ବା ଅଞ୍ଚଳ ଭେଦରେ ବିଭିନ୍ନ ହୁଏ । ଆମେ ମନୁଷ୍ୟମାନେ ତାହା ଶୁଣିଲା ବେଳେ ଆମର ମସ୍ତିଷ୍କର ସହଜଜ୍ଞାନ ବଳରୁ ସେଗୁଡ଼ିକ ଭିତରେ ଥିବା ବେଆଡ଼ା ପଣକୁ ସଜାଡ଼ି ନେଇ ଓ ଆମର ଗନ୍ତାଘରେ ଯେଉଁ ଧ୍ୱନିଅଣୁଗୁଡ଼ିକ ରହିଛି ତାହା ସଙ୍ଗେ ତୁଳନା କରି ଆମେ ମନେ ମନେ କୌଣସି ଗୋଳମାଳିଆ ଧ୍ୱନିଅଣୁ ଉଚ୍ଚାରଣକୁ ବି ସମଝିପାରୁଁ । କିନ୍ତୁ ଯନ୍ତ୍ରକୁ ଏ ମାମଲତ ଶିଖାଇବା ତ ସହଜ ନୁହେଁ । ତେବେ ଏହି ସମସ୍ୟାର ଗୋଟାଏ ସମାଧାନ ସୂତ୍ର ହୋଇପାରେ । ସୂତ୍ରଟି ହେଲା ବାରଟି ସାର୍ବଜନୀନ ଧ୍ୱନିଅଣୁ ସୂତ୍ର । ଯାହା ସବୁ ଭାଷାର ମୌଳିକ ସାଧାରଣ ଗୁଣାତ୍ମକ । ଯନ୍ତ୍ର ଯେତେବେଳେ ମନୁଷ୍ୟର କଥାର ଧ୍ୱନି ଶୁଣିପାରେ ତା'ର ପ୍ରଥମ କର୍ତ୍ତବ୍ୟ ହେଲା—ଏହି ଧ୍ୱନି ବା ନାଦକୁ ବାରଟି ସାର୍ବଜନୀନ ଧ୍ୱନିରୁ ଗୋଟିକରେ ପରିଣତ କରିଦେବା ଓ ତାହା ପରେ ଏହି ସାର୍ବଜନୀନ ଧ୍ୱନିକୁ ଗୋଟିଏ ପୂର୍ବ ଶବ୍ଦର ବିଟକରା ସଙ୍ଗେ ତୁଳନା କରିଦେବା । ଏଭଳି ଶବ୍ଦ ଯନ୍ତ୍ରର ସ୍ମୃତିଗନ୍ତାଘରେ ଆଗରୁ ସାଇତା ଥିବା ଚାହିଁ । ତେବେ ଯାଇ ଯନ୍ତ୍ର କୌଣସି ଭାଷାର ଧ୍ୱନି ଉପରେ ଦଖଲକାର ହୋଇପାରିବ ।

ଆଧୁନିକ କଂପ୍ୟୁଟର ଯନ୍ତ୍ରର ଦୁଇ କିସମର ସ୍ମୃତି ରହିଛି । ଏକ ହେଉଛି ଛୋଟ ଆକାରର ଅଧିକ ବେଗର ସ୍ମୃତି, ଅନ୍ୟଟି ବଡ଼ ଆକାରର ଓ ଅପେକ୍ଷାକୃତ ଅଳ୍ପ ବେଗର ସ୍ମୃତି । ଅଧିକ ବେଗର ସ୍ମୃତିର କାର୍ଯ୍ୟ ହେଲା କଥାର ଧ୍ୱନିଗୁଡ଼ିକୁ ଶ୍ରେଣୀବିଭାଗ କରି ଦେବା ଓ ସେମାନଙ୍କୁ ପରସ୍ପରର ବିଶେଷଗୁଣ ଅନୁକ୍ରମରେ ପରୀକ୍ଷା କରିନେବା ଓ ବଡ଼ ଆକାରର ସ୍ମୃତିର କାମ ହେଲା ସମସ୍ତ ଶବ୍ଦଭଣ୍ଡାରକୁ ସାଇତି ରଖିବା ।

ତେଣୁ ଯଦି ଏପରି ଏକ କଂପ୍ୟୁଟର ଯନ୍ତ୍ର ତିଆରି ହୁଏ ଯାର ଗୋଟିଏ ସ୍ମୃତିଭଣ୍ଡାର ବଦଳରେ ଦୁଇଟି ସ୍ମୃତି ଭଣ୍ଡାର ରହେ, ଗୋଟିଏ

ଶ୍ରେଷ୍ଠ ବେଗ-ବେଗା ସ୍ମୃତିଭଣ୍ଡାର ଆଉଟି କଡ଼ ଚିର-ବେଗା ସ୍ମୃତିଭଣ୍ଡାର, ତେବେ ଯାଇ କାମ ଚଳିବ । ଏଭଳି ଗୋଟିଏ ମଡେଲ୍ ପାଇଁ ଭାଷା-ବିଦ୍‌ମାନେ ଖୁବ୍ ଆଗ୍ରହୀ ହୋଇପଡ଼ିଛନ୍ତି । ପୃଥିବୀର ବହୁ ଦେଶରେ ଭାଷା-ତତ୍ତ୍ୱାନ୍ୱେଷୀମାନେ ମନେ କରୁଛନ୍ତି ଯେ, ମନୁଷ୍ୟ ମଧ୍ୟ ତା'ର କଥାକୁ ଚିହ୍ନିବା ପାଇଁ ଏହି ଢଙ୍ଗ ଧରେ । ଅର୍ଥାତ୍ କୌଣସି କଥାର ଧ୍ୱନି ଶୁଣି ମନୁଷ୍ୟ ପ୍ରଥମେ ତାହାକୁ ଠଉରାଇ ଦିଏ ଓ ତା'ପରେ ଆପଣାର ସ୍ମୃତି-ଭଣ୍ଡାରରେ ସାଇତା ଶବ୍ଦର ଧ୍ୱନି ସାଙ୍ଗରେ ତାହାକୁ ମିଳାଇ ସେହି କଥାର ଅର୍ଥକୁ ସମଝିନିଏ ଓ ସେହି କଥାଟିକୁ ବାରମ୍ବାର ଶୁଣି ସ୍ମୃତି-ଭଣ୍ଡାରରେ ରଖିନିଏ ।

ତେଣୁ କମ୍ପ୍ୟୁଟର ଯନ୍ତ୍ରକୁ ଏଭଳି ମନୁଷ୍ୟ ଭାବରେହିଁ କଥା ସମଝିବାକୁ ପଡ଼ିବ ଓ ତାହାକୁ ସମ୍ପାଦିବାକୁ ପଡ଼ିବ । ତାକୁ ଶିଖିବାକୁ ପଡ଼ିବ ଯେ, ମଣିଷ ସାଙ୍ଗରେ କଥାଭାଷା କଲାବେଳେ ମଣିଷର ମସ୍ତିଷ୍କ ଭଳି ଯନ୍ତ୍ରର ମସ୍ତିଷ୍କ ହେବା ବୃଦ୍ଧ । ମଣିଷ ଯେପରି କରୁଛି ସେପରି କରିବା ବୃଦ୍ଧ ।

ଆଧୁନିକ ବିଜ୍ଞାନର ଆଶା ଯେ, ଏକଥା ହୋଇ ପାରିବ ।

## ମଣିଷର ଭାଷା ଓ ପଶୁର ଭାଷା

ମନୁଷ୍ୟର ଭାଷାରେ ହାରାହାରି ତିରିଶରୁ ଚାଳିଶ ଯାଏ ଧ୍ୱନିଅଣୁ ଅଛି । ଜୀବ-ମନସ୍ତତ୍ତ୍ୱବିତ୍‌ମାନଙ୍କର ପ୍ରୟୋଗ ପରୀକ୍ଷାରୁ ଜଣାପଡ଼ିଛି ଯେ, ଏହି ତିରିଶ ବା ଚାଳିଶ ଧ୍ୱନି କଣିକା ବି ଜୀବଜନ୍ତୁମାନଙ୍କର ସଙ୍କେତ-ଭାଷା ଭିତରେ ମିଳିଥାଏ । ଏଭଳି ଜୀବଜନ୍ତୁ ହେଲେ ସିମ୍ପାଞ୍ଜି ଓ ଡଲଫିନ୍ ପକ୍ଷୀ ।

ବୋଧହୁଏ ଏହି ମେଳକଟା ଆକସ୍ମିକ ନୁହେଁ । ମନୁଷ୍ୟମାନଙ୍କ ଭିତରେ ଭାଷାର ପାର୍ଥକ୍ୟ ଏହିଠାରେ ଯେ ପ୍ରାଥମିକ ୟୁନିଟଗୁଡ଼ିକ ଯଥା 'ଫୋନେମ୍'ଗୁଡ଼ିକ ମିଶି ଶବ୍ଦାଂଶ ତିଆରି କରନ୍ତି, ଶବ୍ଦ ତିଆରି କରନ୍ତି ଓ ଶେଷରେ ବାକ୍ୟ ଗଢ଼ନ୍ତି । କିନ୍ତୁ ଜୀବଜନ୍ତୁଙ୍କ ସ୍ଥଳେ ଏକଥା ହୁଏ ନାହିଁ । ସେମାନଙ୍କର ସଙ୍କେତ-ଉଚ୍ଚାରରେ ବ୍ୟାକରଣର ଚାତୁର୍ଯ୍ୟ

ନାହିଁ ଅର୍ଥାତ୍ ସେମାନେ ଆପଣାର ସଙ୍କେତ ଧ୍ୱନିକୁ ସଂଯୋଗ କରି ଜଟିଳ ଭାଷାଗତ ସ୍ଫୁଟନ ଗଢ଼ି ପାରନ୍ତି ନାହିଁ ।

କାହିଁକି ମନୁଷ୍ୟ ପକ୍ଷରେ ଯାହା ସମ୍ଭବ ତାହା ଅନ୍ୟ ଜୀବଜନ୍ତୁଙ୍କ ପକ୍ଷରେ ସମ୍ଭବ ହେଲା ନାହିଁ ? କାହିଁକି ମନୁଷ୍ୟ ପ୍ରାଥମିକ ନାଦ ବା ଧ୍ୱନିର ସ୍ଫୁଟନ ଭିତରୁ ଶବ୍ଦ ତିଆରି କରି ପାରିଲା ଏବଂ ପଶୁମାନେ ବା ଅନ୍ୟ ଜୀବଜନ୍ତୁମାନେ ପାରିଲେ ନାହିଁ । ପୁଣି ଯେତେବେଳେ ଉଭୟ କ୍ଷେତ୍ରରେ ସମାନ ସୁବିଧା ଥିଲା ଅର୍ଥାତ୍ ଆମର ବାସଭୂମି ଏହି ପୃଥିବୀର ଭିତରର ସଂଗଠିତ ବାସିନ୍ଦାମାନେ ମଣିଷ ହୁଅନ୍ତୁ, ଡଲଫିନ୍ ହୁଅନ୍ତୁ ବା ମଙ୍କଡ଼ ହୁଅନ୍ତୁ ସେମାନଙ୍କୁ ସମସ୍ତଙ୍କର ସ୍ୱର ବା ଉତ୍କାରରେ ସମାନ ପରିମାଣର ଧ୍ୱନିର ସ୍ଫୁଟନ ପ୍ରକୃତି ଦେଇ ସାରିଛି ?

ଏହାର ଉତ୍ତର ଭାଷାତତ୍ତ୍ୱରୁ ମିଳିବ ନାହିଁ । ଏହାର ଉତ୍ତର ମିଳିବ ଇତିହାସ, ମନସ୍ତତ୍ତ୍ୱ ଓ ସମାଜ ବିଜ୍ଞାନରୁ ।

ଡଲଫିନ୍ ଓ ଶିମ୍ପାଞ୍ଜିମାନେ ଆପଣାର ସଙ୍କେତ ଭାଷା ପାଇଁ ଦୁଇ ତିନି ଡଜନ୍ ଧ୍ୱନି କରି ପାରିଲେ ତାଙ୍କର ଚଳିଯାଏ । ତାଙ୍କର ଏହାଠାରୁ ଆଉ ବେଶୀ କିଛି ଲୋଡ଼ା ପଡ଼େ ନାହିଁ । ସେମାନେ ଜଟିଳ ଭାବନା, ଧାରଣା, ଅନୁଭୂତି, ଅଭିଳାଷ ଇତ୍ୟାଦିର ପ୍ରକାଶ କରିବାର ଆବଶ୍ୟକତା ବୁଝନ୍ତି ନାହିଁ । ତେଣୁ ସେମାନେ ପ୍ରାଥମିକ ସଙ୍କେତଗୁଡ଼ିକୁ ଅଧିକ ଏକକରେ ପରିଣତ କରିବାକୁ ଆଗେଇ ଯାଆନ୍ତି ନାହିଁ ।

ଏହାର କାରଣ ହେଲା ସେମାନଙ୍କର ସମାଜ ନାହିଁ । ସେମାନେ କେବଳ ଏକ ଦଳ ଜନ୍ତୁ ବା ଜୀବ । ଆଗରୁ ଆମେ କହିଥାଇଁ ଯେ ଜଣେ ଲୋକରେ ଗୋଟାଏ ଭାଷା ହୁଏ ନାହିଁ । ଶହେ ଜଣ ଜନ୍ତୁରେ ବି ଗୋଟାଏ ଭାଷା ହୁଏ ନାହିଁ । କାରଣ ଉଭୟ କ୍ଷେତ୍ରରେ ଅଭାବ ହେଲା ସମାଜ । ଯେଉଁଠି ଭାବର ଆଦାନ ପ୍ରଦାନ ନାହିଁ ସେଇଠି ଧ୍ୱନିର ଶବ୍ଦ ହେବାର ପ୍ରୟୋଜନ ନାହିଁ । ସେଇଠି ପଦବିନ୍ୟାସ ଓ ବାକ୍ୟଗଠନର ପ୍ରୟୋଜନ ନାହିଁ । ଜନ୍ତୁମାନେ କେବଳ ବୁଝାନ୍ତି କେତୋଟି ଅତ୍ୟନ୍ତ ଜୀବନ୍ତ ବିଷୟ—ସତର୍କତା, ପରିତୃପ୍ତି, ଅନ୍ୱେଷଣ—ଏଗୁଡ଼ିକ ଅତି ପ୍ରାଥମିକ ସଙ୍କେତ ଧ୍ୱନି । ଏଭଳି ବିଷୟଗୁଡ଼ିକ ପୂରଣ କରିବାକୁ କୋଡ଼ିଏ ବା ତିରିଶ ରକମର ସଙ୍କେତ ଧ୍ୱନି ତ ଯଥେଷ୍ଟ ।

ଆମର ପୂର୍ବକାଳର ପୂର୍ବପୁରୁଷମାନଙ୍କର ଖପୁରିକୁ ବିଶ୍ଳେଷଣ କରିବାରେ ଏକଥା ପ୍ରମାଣ ମିଳୁଛି ଯେ ଆମେ ଆଜି କଥା ବୋଲି କହୁଁଲେ ଯାହା ବୁଝୁ ତାହା ସେମାନଙ୍କ କ୍ଷେତ୍ରରେ ନ ଥିଲା । ପିଥେକାନ୍ଥ୍ରପସ୍, ନର-ବାନର, ଗୁହାବାସୀଗଣ ଓ ନିଏନଡରଥାଲ ମଣିଷମାନେ ଏହି ଗୋଷ୍ଠିର ଅନ୍ତର୍ଗତ ଥିଲେ । ଏମାନଙ୍କୁ ଉଚ୍ଚାରଣ-ଦୋରସ୍ତ ମନୁଷ୍ୟର କଥା ଅଜଣା ଥିଲା । ଅପାତତଃ, ସେମାନଙ୍କ ଭିତରେ ମାଙ୍କଡ଼ମାନଙ୍କ ଭଳି ଏକ ଅଧମ ସଙ୍କେତ ପ୍ରଥା ଚଳୁଥିଲା ।

ପରିଶ୍ରମ କରିବାର ଧନ୍ଦା ଯେତେବେଳେ ମନୁଷ୍ୟ ଶିଖିଲା ସେତେ-ବେଳେ ତା'ର ନୂଆ ଶବ୍ଦ ଓ ନୂଆ ସଙ୍କେତର ଆବଶ୍ୟକତା ଆସିଲା । ତେଣୁ ଶବ୍ଦ ସବୁ ତିଆରି ହେବାରେ ଲାଗିଲେ । ପଣ ପଣ, ହଜାର ହଜାର ଶବ୍ଦ । ଏହି ସମସ୍ୟା ସମାଧାନ ପାଇଁ ଜୀବଜନ୍ତୁମାନଙ୍କର କଠିନ ଅଚ୍ଛେଦ୍ୟ ସଙ୍କେତକୁ ଅଲଗ ଅଲଗା କରି ପ୍ରାଥମିକ ଧ୍ୱନିଅଣୁ ଓ ସଙ୍କେତ ଶବ୍ଦରେ ପରିଣତ କରିବାକୁ ହୋଇଥିଲା ।

ଭବିଷ୍ୟତର ବୈଜ୍ଞାନିକମାନେ ହୁଏତ ଅନୁଭୂତି କରି ପାରିବେ ଠିକ୍ କିଭଳି ଭାବରେ ପ୍ରାଚୀନ ବାନର, ମଣିଷର ପୂର୍ବ ପୁରୁଷର ସଙ୍କେତ ପ୍ରଥା ଭିତରୁ ମନୁଷ୍ୟ ଭାଷା ଜନ୍ମ ନେଲା । କିପରି କର୍ମ ଓ କାର୍ଯ୍ୟପ୍ରବାହ ନୂତନ ସଙ୍କେତ ପାଇଁ ବାଟ ଫିଟାଇଲା । କିପରି ବଢୁଥିବା ଶବ୍ଦ ଭଣ୍ଡାର ଯୋଗୁଁ ଅଧମ ମନୁଷ୍ୟର ମୁଣ୍ଡର ଘର ବଢ଼ିବାରେ ଲାଗିଲା । କିପରି ପରିଶ୍ରମର ଅଭ୍ୟାସ ଓ ବୃଦ୍ଧିପ୍ରାପ୍ତ ଶବ୍ଦଭଣ୍ଡାର ମସ୍ତିଷ୍କର ବିକାଶ ଦିଗରେ ସହାୟକ ହେଲା, କିପରି ମସ୍ତିଷ୍କର ବିକାଶ ସଙ୍ଗେ ସଙ୍ଗେ ସମାନ୍ତର ଭାବରେ ମଣିଷ କଥନ ଯନ୍ତ୍ର ଗଳା, ଜିଭ, ତାଳୁ ଏବଂ ଓଠର ବିକାଶ ହେଲା ଓ କିପରି ଭାଷାର ବିଧିବିଧାନ ସମାଜ ଭିତରେ ପ୍ରତିଷ୍ଠିତ ହେଲା ; ଧୀରେ ଧୀରେ କିପରି ଏହି ଭାଷା ସମାଜର ଲୋକଙ୍କ ମନରେ ଦୃଢ଼ ଭାବରେ ମୂଳଦୁଆ ପକାଇଲା, ଅର୍ଥାତ୍ ମୋଟ ଉପରେ କିପରି ମଣିଷର ଭାଷାର ଜନ୍ମ ହେଲା ।

ଧ୍ୱନିତତ୍ତ୍ୱ ହିଁ ମନୁଷ୍ୟର କଥା ବିଷୟରେ ଅଧ୍ୟୟନ ପାଇଁ ବହୁ ପରିମାଣରେ ସାହାଯ୍ୟ କରୁଛି । ଏହା ମଧ୍ୟ 'ଜୀବଜନ୍ତୁଙ୍କର ଭାଷା'ର ଠିକଣା ଅଧ୍ୟୟନରେ ସାହାଯ୍ୟ କରୁଛି ଓ ଡଲଫିନ୍, ବାନର, ମହୁମାଛି ଓ ପିମ୍ପୁଡ଼ି-ମାନଙ୍କର ସଙ୍କେତ ପ୍ରଥା ବିଷୟରେ ଆଲୋକପାତ କରୁଛି ।

ଅଳ୍ପ କାଳ ପୂର୍ବେ ସୋଭିଏତ୍ ଗବେଷକ ଏନ୍: ଆଇ. ଝିନ୍‌କିନ୍ ଆପଣାର ଗବେଷଣାରେ ବଚନ ବା କଥାର ଶରୀରତତ୍ତ୍ୱ ଓ ମନସ୍ତତ୍ତ୍ୱ ଉପରେ ଅଧ୍ୟୟନ କରି ହାମାଡ୍ରିୟାଡ୍ ବ୍ୟାବୁନ୍ ନାମକ ଏକପ୍ରକାର ବାନରଙ୍କର ସ୍ୱର ସଙ୍କେତ ପ୍ରଥାର ବିଶ୍ଳେଷଣ କରିଛନ୍ତି । ଏହି ଅଧ୍ୟୟନଟି ପୂରାପୂରି ବିଜ୍ଞାନ ଗବେଷଣାର ସାହାଯ୍ୟରେ କରାଯାଇଥିଲା । ଏଥିରେ ଆଧୁନିକ ଭାଷାତତ୍ତ୍ୱର ସବୁ ଆଇନ କାନୁନକୁ ଉପଯୋଗ କରାଯାଇଥିଲା । 'ବ୍ୟାବୁନ୍'ର ଚିତ୍କାରକୁ ଦୋଳନ-ମାନରେ ଅର୍ଥାତ୍ ଓସିଲୋଗ୍ରାଫ୍‌ରେ ମାପି ଝିନ୍‌କିନ୍ ସେହି ଜନ୍ତୁର ଧ୍ୱନିର ଏକ 'ଅଣୁସାଙ୍କେତିକ ବିଶ୍ଳେଷଣ' କରିଥିଲେ । ତାହାର 'କଥା'କୁ ଏକ ରଣ୍ଟ୍‌ଜେନ୍-ମାନ ଯନ୍ତ୍ରରେ ପରୀକ୍ଷା କରାଯାଇ ଉକ୍ତ ଜନ୍ତୁର 'କଥା କହିବା' ବେଳେ ବାଚନଭଙ୍ଗିର ଗଠନକୁ ସ୍ଥିର କରାଯାଇଥିଲା ।

ଶେଷରେ ଯେଉଁ ଫଳ ମିଳିଛି ସେଥିରୁ ଜଣାପଡ଼ୁଛି ଯେ, ମନୁଷ୍ୟ ଭାଷା ଭିତରେ ଯେଉଁ ବାରଟି ସାର୍ବଜନୀନ ଧ୍ୱନିର ପ୍ରମାଣ ମିଳୁଛି ସେଗୁଡ଼ିକ ସବୁ 'ବ୍ୟାବୁନ'ର ଧ୍ୱନି ଭିତରେ ରହିଛି ।

ଜୀବଜନ୍ତୁଙ୍କର ଭାଷାର ଅଧ୍ୟୟନ ଭାଷାତତ୍ତ୍ୱ ପାଇଁ ଗୁରୁତ୍ୱପୂର୍ଣ୍ଣ । କାରଣ ଏହାଦ୍ୱାରା ଜଣାପଡ଼େ କିପରି ମନୁଷ୍ୟର ଭାଷା ଜୀବଜନ୍ତୁଙ୍କର ସଙ୍କେତ ପ୍ରଥାଠାରୁ ଅଲଗା । ଏହା ମଧ୍ୟ ସାଙ୍କେତିକତତ୍ତ୍ୱ ପାଇଁ ପ୍ରୟୋଜନ କାରଣ ସାଙ୍କେତିକତତ୍ତ୍ୱ ହିଁ ସବୁପ୍ରକାରର ସଙ୍କେତ ବିଷୟରେ ଆଲୋଚନା କରେ । ସେ ସଙ୍କେତଗୁଡ଼ିକ ପ୍ରାକୃତିକ ହେଉ ବା କୃତ୍ରିମ ହେଉ ସେଗୁଡ଼ିକୁ ମନୁଷ୍ୟ ବ୍ୟବହାର କରୁଥାଉ ନାଁ ତାହା ଜୀବଜନ୍ତୁ ବା ଯନ୍ତ୍ର ବ୍ୟବହାର କରୁଥାଉ । ଶେଷରେ ସାଇବରନେଟିକସ ବା କଂପ୍ୟୁଟରତତ୍ତ୍ୱ ମଧ୍ୟ ପଶୁପକ୍ଷୀଙ୍କର ସଙ୍କେତ ଧ୍ୱନି ବିଷୟରେ ଆଗ୍ରହୀ କାରଣ ଏହାର ଭିତରୁ ଅଧିକ ସ୍ପଷ୍ଟ ଭାବରେ ମନ୍ତ୍ରର ଭାଷା ପାଇଁ ସୂଚନା ମିଳେ ।

ଶେଷରେ ଜୀବଜନ୍ତୁଙ୍କର ଭାଷାର ସର୍ବଶ୍ରେଷ୍ଠ ଗୁରୁତ୍ୱ ହେଲା ମହାଶୂନ୍ୟର ଅନ୍ୟାନ୍ୟ ସୌରଜଗତର ସଭ୍ୟତା ମଣିଷର କଥାଭାଷାକୁ ନିର୍ଣ୍ଣୟ କରିବା । ଯାହାକୁ କୁହାଯାଏ ମହାଶୂନ୍ୟର ଭାଷା । ଏଭଳି ଭାଷା ଏବେ କେବଳ ବିଜ୍ଞାନ କଳ୍ପନା ଉପନ୍ୟାସ ଭିତରେ ବଂଚିଛି । କିନ୍ତୁ ଯଦି ଏହି ମହାଶୂନ୍ୟରେ ଭାସମାନ କୌଣସି ସୂର୍ଯ୍ୟ, ତାରା, ଗ୍ରହ ବା ଉପଗ୍ରହରେ ବୁଦ୍ଧିମାନ ପ୍ରାଣୀ ଥାଆନ୍ତି ତେବେ ଦିନେ ନା ଦିନେ ପୃଥିବୀର ମନୁଷ୍ୟର

ସେମାନଙ୍କ ସହିତ ଯୋଗାଯୋଗ ପ୍ରତିଷ୍ଠା ହେବ । ସେହି ଯୋଗା-ଯୋଗ ରକ୍ଷା ପାଇଁ ମନୁଷ୍ୟ କ ଭାଷା ବ୍ୟବହାର କରିବ ? ପୃଥିବୀର ମନୁଷ୍ୟ ଭାଷା ଏତେ ବିଭିନ୍ନ ଓ ପାର୍ଥକ୍ୟପୂର୍ଣ୍ଣ ଯେ ସେ ଭାଷା ତ ପୃଥିବୀର ବିଭିନ୍ନ ଜାତି ପରସ୍ପରକୁ ବୁଝିପାରୁନାହିଁ, ତେଣୁ ଏଭଳି ଏକ ସାଙ୍କେତିକ ଭାଷା ଦରକାର ପଡ଼ିବ ଯାହାକି ଅନ୍ୟ ତାରକା ବା ଗ୍ରହ ଲୋକ ସମଝିବାକୁ ସମର୍ଥ ହେବେ । ସେହି ଠାରୁ ବା ସଙ୍କେତର ଭାଷାର ଆଦିମୂଳ ହେଲା ଜୀବଜନ୍ତୁଙ୍କର ସଙ୍କେତ ଭାଷା । ତାହାର ଧ୍ୱନିଅଣୁ ଉପରେ ଭରସା କରି ଏହି ଆନ୍ତର୍ଜାତିକ ଭାଷା ଗଢ଼ିବାକୁ ପଡ଼ିବ ।

# ଇଙ୍ଗିତ, ସଙ୍କେତ, ଭଙ୍ଗୀ ଓ ଭାଷା

ଭାଷା ମନୁଷ୍ୟ ସମାଜର ଏକ ବିଚିତ୍ର ସୃଷ୍ଟି । ଏହା ଭାବ ଆଦାନ ପ୍ରଦାନର ଅନ୍ୟ ସମସ୍ତ ମାଧ୍ୟମ ବା ବାହନଠାରୁ ଅଲଗା । ଏହା ସଙ୍କେତ, ଭଙ୍ଗୀ, ଇଙ୍ଗିତ ବା ଠାର ଠାରୁ ଊର୍ଦ୍ଧ୍ୱରେ । ଏହା ସବୁ ପ୍ରକାର ପଶୁପକ୍ଷୀଙ୍କର ଭାଷା ଓ ତଥାକଥିତ ଯନ୍ତ୍ରର ଭାଷାଠାରୁ ସ୍ୱତନ୍ତ୍ର ।

## ଗଛବୃଛ କ'ଣ କଥା କହନ୍ତି ?

କବି ଲେଖିଛନ୍ତି—

'ପ୍ରେମେ ଉନ୍ମାଦିନୀ ହୋଇ ସେ ତଟିନୀ ଚଳିଲା ଜଳଧି ମୁଖେ
ଶିଶିର ଛଳେ କି ମୁଞ୍ଚୁଥିଲେ ଅଶ୍ରୁ ତରୁଲତା ତା'ର ଦୁଃଖେ'

ଗଛପତ୍ର, ଘାସ, ମେଘ ଓ ବନର ଭାଷା ? ପର୍ବତ ଓ ନିର୍ଝରର ଭାଷା ? କବିର କଳ୍ପନାରେ ଏହା ପୃଥିବୀର ବହୁ ସାହିତ୍ୟରେ ଆସନ ଲାଭ କରିଛି ? ଏହା କ'ଣ ସତ୍ୟ ନାଁ କବି କଳ୍ପନା ?

ଆଦିମ ମନୁଷ୍ୟ ମନେ କରୁଥିଲା ଏହା ସତ୍ୟ । ପ୍ରକୃତି ମଣିଷ ସଙ୍ଗରେ କଥା କହେ । ମଣିଷକୁ ଆସନ୍ନ ବିପଦର ବାର୍ତ୍ତା ଜଣାଇଦିଏ । ତାହାକୁ ଚେତାବନୀ ଦିଏ । କେବେ ମନୁଷ୍ୟକୁ ଉଦ୍‌ଭ୍ରାନ୍ତ କରେ । ସୂର୍ଯ୍ୟ ବାଦଲ ପଛପଟୁ ପ୍ରୀତିର ସମ୍ଭାଷଣ ଜଣାନ୍ତି । ହଠାତ୍ ଆଲୋକମାଳା ଜଳି ଉଠନ୍ତି । ବଜ୍ରପାତର ନିର୍ଘୋଷରେ ପାପାତ୍ମା ପ୍ରତି ଦେବତାର ଅସନ୍ତୋଷ ଜଣାପଡ଼େ । ଇତ୍ୟାଦି ।

ଏସବୁ ଏବେ କେବଳ କବି କଳ୍ପନା । କିନ୍ତୁ ଦିନେ ଏଗୁଡ଼ିକ ପ୍ରତ୍ୟକ୍ଷ ବୋଲି ଲୋକେ ମଣୁଥିଲେ । ଲୋକେ ଏହାକୁ ପ୍ରକୃତିର ଭାଷା

ବୋଲି ନ ମଣି ଏହା ଦେବଦେବୀଙ୍କର ଭାଷା ବୋଲି ମଣୁଥିଲେ । ଏହି ଆଦିମ ବିଶ୍ୱାସ ଏବେ ଭାଙ୍ଗିଗଲାଣି । ଏବେ ଲୋକଙ୍କ ଭିତରେ ଏହି ଧାରଣା ପ୍ରାୟ ସ୍ପଷ୍ଟ ହୋଇଗଲାଣି ଯେ କେବଳ ଜୀବନ୍ତ ପଦାର୍ଥର ଧ୍ୱନି ଅଛି ବା ଜୀବନ୍ତ ପଦାର୍ଥ ଭିତରେ କେବଳ ପ୍ରାଣୀ ହିଁ ଶବ୍ଦ କରନ୍ତି ଆଉ କେହି କରନ୍ତି ନାହିଁ ।

ତେବେ, ବାର୍ତ୍ତା ବା ସନ୍ଦେଶ ପ୍ରେରଣ ଯଦି ଏକରକମର କଥା ତେବେ ପ୍ରକୃତି ବି ଏଭଳି କଥା କହେ । ଗଛର ପତ୍ର ଦୋହଲିଲେ ଏକ ପ୍ରବଳ ପବନର ସୂଚନା ମିଳେ । ପତ୍ରର ମର୍ମରରେ ମୃଦୁ ପବନର ସଙ୍କେତ ମିଳେ । କଳାହାଣ୍ଡିଆ ମେଘ ଦେଖିଲେ ବର୍ଷାର ଆଗମନର ସୂଚନା ମିଳେ ।

ପ୍ରକୃତିର ଏହି ପ୍ରକାର ଭାଷା କୌଣସି କଥୋପକଥନର ଭାଷା ନୁହେଁ । ଏହା ମନୁଷ୍ୟମାନଙ୍କ ଭିତରେ ଭାବ ଆଦାନ ପ୍ରଦାନ ନୁହେଁ । ମନୁଷ୍ୟ ଛଡ଼ା ଅନ୍ୟ ପ୍ରାଣୀମାନଙ୍କର ଭାବ ଆଦାନ ପ୍ରଦାନର ମଧ୍ୟ ଏହି ପ୍ରକାର ଭାଷା ହୁଏ ନାହିଁ । ପ୍ରାଣୀମାନେ ଯେଉଁ ସଙ୍କେତ ବ୍ୟବହାର କରନ୍ତି ତାହା କୌଣସି ନିର୍ଦ୍ଦିଷ୍ଟ ଅନ୍ୟ ପ୍ରାଣୀର ଲକ୍ଷ୍ୟରେ କରନ୍ତି । କିନ୍ତୁ ପ୍ରକୃତି କାହାକୁ ନିର୍ଦ୍ଦିଷ୍ଟ ଭାବରେ ଲକ୍ଷ୍ୟ ରଖି ନିବେଦନ କରେ ନାହିଁ । ମେଘମାଳା ଇଚ୍ଛା କରି ବର୍ଷାର ସୂଚନା ଦିଅନ୍ତି ନାହିଁ କିମ୍ବା ଗଛବୃକ୍ଷ ଇଚ୍ଛା କରି ପବନ ବିଷୟରେ ସଙ୍କେତ ଦିଅନ୍ତି ନାହିଁ । ତେଣୁ ପ୍ରକୃତି ବାର୍ତ୍ତା ଦିଏ କିନ୍ତୁ କଥୋପକଥନ କରେ ନାହିଁ ।

ଓଡ଼ିଆରେ ଆମେ ଯାହାକୁ ସଙ୍କେତ ବୋଲି କହୁଁ ତାହାର ଅର୍ଥ ଅନେକ ପ୍ରକାର । କିନ୍ତୁ ବିଜ୍ଞାନରେ ସଙ୍କେତ ବୋଇଲେ ଗୋଟିଏ କଥା—ଗୋପବନ୍ଧୁ ଦାସ 'ବନ୍ଦୀର ଆତ୍ମକଥା'ରେ ଲେଖିଛନ୍ତି ।

ଛାଡ଼ିଲାଣି ଗାଡ଼ି, ଦେଲାଣି ସଙ୍କେତ
ବାଜିଲାଣି ଘଣ୍ଟା, ଉଡ଼େ ନାଳକେତ ।

ଏଠାରେ ସଙ୍କେତ ଅର୍ଥ ଇଂରାଜୀର ସିଗ୍‌ନାଲ । ଓଡ଼ିଆ ଗଣିତରେ ସାଙ୍କେତିକ ବୋଲି ଯେଉଁ ପଦ୍ଧତି ଅଛି ତାହା ବି ସଙ୍କେତ ଶବ୍ଦରୁ ଆସିଛି । ଏହି 'ସାଙ୍କେତିକ' ଇଂରାଜୀର ସିମ୍ବଲ ଶବ୍ଦର ନିକଟବର୍ତ୍ତୀ:

ପ୍ରକଟିତ। ମନୁଷ୍ୟ ଛଡ଼ା ଅନ୍ୟ ଯେଉଁ ଜନ୍ତୁମାନେ ଚିତ୍କାର, କଳରବ, ବୃଂହିତ, ହ୍ରେଷା ଇତ୍ୟାଦି ଶବ୍ଦ କରନ୍ତି ସେଗୁଡ଼ିକ ହେଲା ସଙ୍କେତ। ଏହାଛଡ଼ା ଭାଷା ବାହାରେ ଯେଉଁ ଅସଂଖ୍ୟ ଓ ନାନାବିଧ ଠାର ବା ଭଙ୍ଗୀ ବା ସଙ୍କେତ ରହିଛି ଯଥା ଗାର୍ଡ଼ର ସଙ୍କେତ, ରେଲଗାଡ଼ିର ନାଲି ନୀଳ କେତନ ବା ନାଲି ନୀଳ ଲଣ୍ଠନ, ଦୋକାନ ଆଗରେ ଜନସମ୍ପର୍କ ପ୍ରଦର୍ଶନୀର ସଙ୍କେତ, ମାନଚିତ୍ର, ନକ୍ସା ଇତ୍ୟାଦି ସେଗୁଡ଼ିକ ବି ଏକ ପ୍ରକାର ସନ୍ଦେଶ ପ୍ରେରଣ କରନ୍ତି। ଏହି ସଙ୍କେତ ବିଷୟରେ ଚର୍ଚ୍ଚା ପାଇଁ ଭାଷା ବିଜ୍ଞାନର ଏକ ନୂତନ ବିଭାଗ ହୋଇଛି ତାହାର ନାମ ସଙ୍କେତ-ତତ୍ତ୍ୱ। ଏହି ସଙ୍କେତ ତତ୍ତ୍ୱ ସହିତ ଏବର ଅତ୍ୟାଧୁନିକ ସାଇବରନେଟିକ୍ସ ବା କଂପ୍ୟୁଟର ତତ୍ତ୍ୱର ଖୁବ୍ ନିକଟ ସଂପର୍କ ଅଛି। କାରଣ ସଙ୍କେତ ତତ୍ତ୍ୱ ଅନୁସାରେ ମଣିଷ, ଜୀବଜନ୍ତୁ ବା ଯନ୍ତ୍ର ସଭିଏଁ ଏକ ଏକ କଂପ୍ୟୁଟର କପିକଳ ଏମାନଙ୍କର ସଙ୍କେତ, ଠାର, ଭଙ୍ଗୀ, ଇଙ୍ଗିତ କେବଳ ପରସ୍ପର ଠାରୁ ଭିନ୍ନ ଭିନ୍ନ।

## ସଙ୍କେତର 'ବର୍ଣ୍ଣମାଳା'

ଭଙ୍ଗୀ, ଠାର ଓ ସଙ୍କେତ ଏମାନଙ୍କ ଭିତରେ ଆମେ ସାଧାରଣ କଥନରେ ବିଶେଷ କୌଣସି ପାର୍ଥକ୍ୟ ରଖୁନାହିଁ। କିନ୍ତୁ ସଙ୍କେତ ତତ୍ତ୍ୱରେ ଏଗୁଡ଼ିକର ପାର୍ଥକ୍ୟ ଠେକଠେ.କ୍। ଠାର ଓ ସଙ୍କେତ ଭିତରେ ବିଜ୍ଞାନର ସଂଜ୍ଞା ରହିଛି।

ପୃଥିବୀରେ ଯେଉଁ ଯେଉଁ ସହସ୍ର ପଦାର୍ଥ ବା ଘଟଣା ମାଧ୍ୟମରେ ଆମେ ଖବର ବା ସୂଚନା ଲାଭ କରୁ, ସେହି ସୂଚନା ବା ଖବରରେ ବାହକ ହେଉଛି ସଙ୍କେତ। ଯେପରି ଏହି ବହିର ଅକ୍ଷର ଏକ ସଙ୍କେତ।

ଖବରକାଗଜରେ ଫଟୋଗ୍ରାଫ୍, ବିଦ୍ୟୁତ୍ ସ୍ରୋତର ତରଙ୍ଗ, ରେଲଗାଡ଼ିର ନୀଳ ପତାକା ଗୋଟିଏ ଗୋଟିଏ ସଙ୍କେତ। ଠାର ହେଉଛି ଏକ ଧରଣର ସଙ୍କେତ। ସବୁ ଠାର ହେଉଛି ସଙ୍କେତ କିନ୍ତୁ ସବୁ ସଙ୍କେତ ଠାର ନୁହେଁ। ନିଆଁର ଧୂଆଁ ହେଉଛି ସଙ୍କେତ (ଅର୍ଥାତ୍ ଏକ ପ୍ରାକୃତିକ ଠାର, ବା ଏକ ତର୍ଜମା ଠାର) ଏହା ନିଆଁର ଅସ୍ତିତ୍ୱ ସୂଚନା ଦିଏ, ଆମେ ନିଆଁ ଦେଖୁ ବା ନ ଦେଖୁ। କିନ୍ତୁ ଯଦି ଆମେ ତାହାକୁ କହିଥାଉ

ଯେ ଭୁମେ ଧୂଆଁ ଦେଖିଲେ ବୁଝିବ ଯେ ସବୁ ଠିକ୍ ଅଛି ତେବେ ଏଇଠି ଧୂଆଁ କେବଳ ସଙ୍କେତ ନୁହେଁ । ତାହା ଠାଭ । ଓଡ଼ିଆରେ 'କାଲ ଠ.ଭ କ ଲ ମା ଜାଣେ' ବୋଲି କୁହାଯାଏ । ଏଠାରେ ଠାଭ ହେଉଛି ବୈଜ୍ଞାନିକ ପରମ୍ପରାଭ ଠ.ଭ ।

ସଙ୍କେତ ହେଉଛି ସୂଚନାର ବାହକ । ନୌକାରେ ନାଲ, କଳା ଓ ଧଳା ପାଲ ଦେଖିଲେ ଆମେ ତା ଉପରେ କୌଣସି ଗୁରୁତ୍ୱ ଦେଉନାହିଁ । ମାମୁଲି ଭାବରେ କେଉଁ ନାଲ, କେଉଁ ଧଳା କେଉଁ କଳା । କିନ୍ତୁ ଗ୍ରିକ୍ ପୁରାଣରେ ଥେସିୟୁସ ଯେତେବେଳେ ନୌକାରେ ବିଦେଶ ଗଲା ସେତେବେଳେ ସେ ବୃଦ୍ଧ ବାପ ରାଜା ଏଜ୍ୟୁସଙ୍କୁ କହିଯାଇଥିଲା ଯେ, ଜାହାଜରେ କଳା ପାଲ ଟଣା ଥିଲେ ବିପଦର ସଙ୍କେତ ବୋଲି ବୁଝିବେ । ଧଳା ପାଲ ଟଣା ଥିଲେ ବୁଝିବେ ସବୁ ଶୁଭ । ଏହି ପ୍ରାଥମିକ ସଙ୍କେତ ପଦ୍ଧତି ହେଲା ଏକପ୍ରକାର ଠାଭ । ଏଠାରେ ପାଲର ରଙ୍ଗ କେବଳ ରଙ୍ଗ ବୁଝାଏ ନାହିଁ । ଏହା ଠାଭ ଦ୍ୱାରା ସୂଚନା ହୁଏ ।

କଳା ପାଲ ଏଜ୍ୟୁସଙ୍କୁ ଜଣାଇଦେଲା ଯେ, ପୁଅ ମରିଯାଇଛି । ୧୬ ଶ ଓ ୧୭ ଶ ଶତାବ୍ଦୀରେ ସମୁଦ୍ରଯାତ୍ରୀ ନାବିକମାନେ କଳା ପାଲ ଦେଖିଲେ ତାକୁ ଜଳଦସ୍ୟୁର ସଙ୍କେତ ବୋଲି ମନେ କରୁଥିଲେ । ଏଠାରେ କଳା ପାଲ ଏକ ସଙ୍କେତ । ତାହା ଠାଭ ନୁହେଁ । ଠାଭରେ ଜଣେ ପ୍ରେରକ ଥାଏ ଆଉ ଜଣେ ଗ୍ରାହକ ଥାଏ । ସଙ୍କେତରେ ଉଭୟ ପ୍ରେରକ ଓ ଗ୍ରାହକ ଥିବା ଦରକାର ନାହିଁ । ଗୋଟିଏ ପାହାଡ଼ ଉପରୁ ଧୂଆଁ ଉଠିବାର ଦେଖିଲେ ଆମେ ଅନୁମାନ କରୁଁ ଯେ ପାହାଡ଼ରେ ନିଆଁ ଲାଗିଛି । ଧୂଆଁ ହେଉଛି ଏହାର ସଙ୍କେତ କିନ୍ତୁ ଏହି ସଙ୍କେତର ପ୍ରେରକ କେହି ନାହିଁ । କେହି ଏହି ପାହାଡ଼ ନିଆଁର ସୂଚନା ଦେବାକୁ ଏହି ଧୂଆଁ ପଠାଇ ନାହିଁ ।

ସଙ୍କେତ ତତ୍ତ୍ୱରେ ତିନିପ୍ରକାର ସଙ୍କେତ ଥାଏ । ଏକ ତର୍ଜମା ସଙ୍କେତ ଯାହାକୁ ବ ପ୍ରାକୃତିକ ସଙ୍କେତ କୁହାଯାଇ ପାରେ । ଏହା ହେଉଛି ପ୍ରାକୃତିକ କାରଣ ଏଥିପୂର୍ବରୁ ଏହି ସଙ୍କେତ ମିଳିଲେ କ'ଣ ବୁଝାଯିବ ସେପରି କୌଣସି ବୁଝାମଣା ନାହିଁ । ଉଦାହରଣ ସ୍ୱରୂପ ଗୋଟିଏ ହନୁମାନଙ୍କ ବାଘର ଗନ୍ଧ ଜାଣିପାରିଲା । ଏହି ଗନ୍ଧ ହେଲା ଗୋଟିଏ

ସଙ୍କେତ ଯେ ଆଖପାଖରେ କୋଉଠି ବାଘ ଅଛି । ଯଦିଓ ହନୁମାନ ଏ ପର୍ଯ୍ୟନ୍ତ ବାଘଟିକୁ ଦେଖିନାହିଁ ଠିକ୍ ସେପରି କାଚ ଭଙ୍ଗାର ଝଣ ଝଣ ଶୁଭିଲା ଓ ଆମେ ଜାଣିଲୁ ଗୋଟିଏ କାଚଝରକା ଭାଙ୍ଗିଗଲା । ଅଥଚ ଆମେ ଝରକାଭଙ୍ଗା ପ୍ରତ୍ୟକ୍ଷ କରିନାହୁଁ । ଓଡ଼ିଆରେ କଥା ଅଛି—"ନିଆଁ ନଥିଲେ ଧୂଆଁ ନାହିଁ ।" ତେଣୁ ଧୂଆଁ ହେଲା ନିଆଁର ପ୍ରାକୃତିକ ଚିହ୍ନ । ରାସ୍ତାରେ ଲୋକେ ଓଦାଜାଡ଼ ହୋଇ ଯାଉଛନ୍ତି । ତେଣୁ ଆମେ ଜାଣୁଥାଉ ଯେ ବାହାରେ ବର୍ଷା ପଡ଼ୁଛି । ଏହା ବି ଏକ ପ୍ରାକୃତିକ ଚିହ୍ନ ବା ତର୍ଜମା ଚିହ୍ନ । ସାଧାରଣତଃ ପ୍ରାକୃତିକ ଘଟଣାରୁ ଯେଉଁ ସୂଚନା ମିଳେ ସେଗୁଡ଼ିକ ଓ ଜୀବଜନ୍ତୁଙ୍କଠାରୁ ଯେଉଁ ସୂଚନା ମିଳେ ସେଗୁଡ଼ିକ ଏକ୍ସ ପ୍ରାକୃତିକ ବା ତର୍ଜମା ଚିହ୍ନ । କିନ୍ତୁ ଏ ସବୁ ଚିହ୍ନ ତର୍ଜମା ଚିହ୍ନ ବା ପ୍ରାକୃତିକ ଚିହ୍ନ ନୁହେଁ ।

ଜୀବଜନ୍ତୁଙ୍କର ଖୋଜ କି ତର୍ଜମା ସଙ୍କେତ ? ବାହାରକୁ ଜଣାପଡ଼ିବ ଏଗୁଡ଼ିକ ତର୍ଜମା ସଙ୍କେତ । କାରଣ ବାଘ କି ବାର୍ହା ସଙ୍ଗରେ ଆମେ ତ କୌଣସି ବୁଝାମଣା କରିନାହୁଁ ଯେ ଏଭଳି ଖୋଜ ଦେଖିଲେ ବାଘ କି ବାର୍ହା ଗତାଗତ ହୋଇଛି ବୋଲି ଧରାଯିବ । ତେଣୁ ମନେ ହୋଇପାରେ ଏହା ପ୍ରାକୃତିକ ସଙ୍କେତ କିନ୍ତୁ ସବୁ ଖୋଜର ଗୋରୁ ଖୋଜ ହେଉ ବା ବାଘଖୋଜ ହେଉ ଏକ ଚରିତ୍ରଗତ ବିଶେଷତ୍ୱ ଅଛି ଯାହା ପ୍ରାକୃତିକ ଚିହ୍ନ ଠାରୁ ଅଲଗା । ଗୋରୁ ଖୋଜର ଗୋଟାଏ ନିର୍ଦ୍ଦିଷ୍ଟ ଆକୃତି । ବାଘ ଖୋଜର ଆଉ ଏକ ନିର୍ଦ୍ଦିଷ୍ଟ ଆକୃତି ଓ ବିସ୍ତୃତି । ଏହି ପ୍ରକାର ସଙ୍କେତର କେବଳ ଅର୍ଥ ନାହିଁ ଏହାର ବହିରାକୃତି ଅଛି । ଏଭଳି ସଂଙ୍କେତକୁ 'ନମୁନା ସଙ୍କେତ' ବା 'ପ୍ରତିଚ୍ଛବି ସଙ୍କେତ' କୋହାଯାଏ । ଏହାର କାରଣ ଏହାର ଅର୍ଥ (ଆଧାର) (ଏଠାରେ ମନେ କରନ୍ତୁ ଗୋରୁ ଖୋଜ) ତାହାର ବହିରାକୃତି (ପ୍ରକାଶ) ସଙ୍ଗେ ମେଳ ଖାଏ । ଏଭଳି ନମୁନା ସଙ୍କେତ ବା ପ୍ରତିଚ୍ଛବି ସଙ୍କେତ ହେଲେ ଫଟୋଗ୍ରାଫ୍ ସ୍ଥାମ୍ପ, ମୁଦ୍ରିତ ବ୍ଲକ୍ ଇତ୍ୟାଦି ।

ତୃତୀୟ ପ୍ରକାର ସଙ୍କେତ ହେଲା ଭାବ ଆଦାନ ପ୍ରଦାନର ସଙ୍କେତ ଅଥବା ଚିରାଚରିତ ଠାର । ଏମାନଙ୍କୁ ସଂକୀର୍ଣ୍ଣ ଅର୍ଥରେ କୁହାଯାଏ ଠାର । ଲୋକେ ଯେତେ ପ୍ରକାର ଠାର ବ୍ୟବହାର କରନ୍ତି ସେସବୁ ପ୍ରାୟ

ଏହି ଧରଣର । ମନେକର '!' ଚିହ୍ନ ଆମେ ରାସ୍ତାରେ କୌଣସି କାଠ ଫଳକରେ ଦେଖିଲୁ । ଆମେ ଜାଣୁ ଯେ '!'ର ବିପଦ ସଙ୍ଗେ କୌଣସି ସଂପର୍କ ନାହିଁ । ତଥାପି ଆମେ '!'କୁ ବିପଦ ସଙ୍କେତ ବୋଲି ମନେ କରୁଁ । 'ହାତୀ' ବୋଲି ଶବ୍ଦଟି ଅଫ୍ରିକାର ବା ଭାରତର ଏକ "ଅଧା ତାଳଗଛ କାଳିଆ" ଜନ୍ତୁ ସହିତ କିଛି ସଂପର୍କ ନାହିଁ । କିନ୍ତୁ ଯେତେବେଳେ ଢଗରେ ପଚରାଯାଏ

"ଅଧା ତାଳଗଛ କାଳିଆ
ତହିଁ ଭଲ ଭଲ ଲୋକେ ମେଳିଆ
ତହିଁ ଆଲଟ ଚାମର ପଡୁଛି
ତହିଁ ନାଗ ସାପ ଦୋଳି ଖେଳୁଛି ।"

ସେତେବେଳେ ଜାଣିବା ଶୁଣିବା ଲୋକେ କହନ୍ତି 'ହାତୀ' । ମୁଣ୍ଡିକୁ ହଲାଇଲେ ଆମେ ବୁଝୁଁ ନାସ୍ତି । କିନ୍ତୁ ବୁଲଗେରିଆରେ ଲୋକେ ବୁଝନ୍ତି ଯେ ଲୋକ ରାଜି ହେଲା । ଗଞ୍ଜାମରେ ବି ଏଭଳି ମଥାଭଙ୍ଗୀ ଯାହାକୁ ଆମେ 'ନାସ୍ତି' ବୋଲି ବୁଝୁ ତାହାକୁ ସେମାନେ ହଁ ଭାବିବା ବୁଝନ୍ତି । ଏଥିରୁ ଜଣାପଡ଼େ ଯେ, ଏଭଳି ଭଙ୍ଗୀ ହେଉଛି ସମାଜର ପ୍ରଚଳିତ ଯୁଗସମର୍ଥିତ ଠାର । ଏଗୁଡ଼ିକ ପ୍ରକୃତିଦତ୍ତ ନୁହଁ ବା ପ୍ରାକୃତିକ ନୁହଁ ।

ଏଭଳି ପ୍ରଚଳିତ ଠାର ଓ ସୂଚକ ଠାର ଜୀବଜନ୍ତୁଙ୍କ ଭିତରେ ଦେଖିବାକୁ ମିଳେ । ବ୍ୟାବୁନ୍ ନାମକ ବାନରର 'ଆକ୍-ଆକ୍-ଆକ୍' ଚିତ୍କାର ହେଉଛି ଏକ ସାବଧାନୀ ସଙ୍କେତ । ଏହା ଫଳରେ ସମ୍ରା ବ୍ୟାବୁନ୍ ଦଳର ଅନ୍ୟମାନଙ୍କୁ ସାବଧାନ କରାଇଦିଏ । ଖାଲି ଥରେ ଶ୍ରେଷ୍ଠ 'ଆକ୍'ଟିଏ କଲେ ସାରା ଦଳକୁ ସଙ୍କେତ ଦିଏ, ପଳାଅ । କୁକୁର, ବିରାଡ଼ି ଓ ନାନାବିଧ ଚଢ଼େଇଙ୍କର ଏହିଭଳି ପ୍ରଚଳିତ ଠାର ସବୁ ଅଛି ।

ସବୁ ଠାର ଓ ସଙ୍କେତରେ ଗୋଟିଏ କଥା ନିଶ୍ଚିତ ଥିବ । ତାହା ହେଲା—କେଉଁ ଜିନିଷ ଠାରୁଛି ଓ କୋଉକଥା ଠାରୁଛି ? ଅର୍ଥାତ୍ ଠାରିବା ବିଷୟଟା କିଏ ଓ ଠାରିବା ଜିନିଷଟା କ'ଣ ?

ଏହି ବହିର ପୃଷ୍ଠାଗୁଡ଼ିକର ଅକ୍ଷର ଟାଇପ୍ ସବୁ ସଜା ହୋଇଛି । କଳା କଳା ଅକ୍ଷରଗୁଡ଼ିକ ଯେଉଁଥିରେ ଶବ୍ଦ ତିଆରି ହୋଇଛି ଓ ଦୁଇଟି ଶବ୍ଦ ଭିତରେ ଯେଉଁ ଶୂନ୍ୟସ୍ଥାନ ଅଛି, ତାହା ହେଉଛି ବହିଟିର ଫର୍ମ । ଶବ୍ଦଗୁଡିକର ଅର୍ଥ ହେଉଛି ଏହି ବହିଟିର ବିଷୟବସ୍ତୁ । ଅର୍ଥାତ୍ ଏହି ବହିର ପ୍ରତ୍ୟେକ ପୃଷ୍ଠାରେ ଗୋଟାଏ ଫର୍ମ ଅଛି ଓ ଆଉ ବହିର ଗୋଟାଏ ଅର୍ଥ ଅଛି । ଯିଏ ଫର୍ମ ସଜାଉଛନ୍ତି ସେ ଯେ ବହିର ଅର୍ଥ ବୁଝୁଛନ୍ତି ତାହା ନ ହୋଇପାରେ, କିନ୍ତୁ ଫର୍ମ ନ ସଜଡ଼ା ହେଲେ ଏ ବହିର ବିଷୟବସ୍ତୁ କେହି ଜାଣିପାରନ୍ତେ ନାହିଁ । ତେଣୁ ପ୍ରତ୍ୟେକ ଠାର ଓ ସଙ୍କେତରେ ଗୋଟାଏ ଥାଏ ଫର୍ମ ଅର୍ଥାତ୍ ମାଲନେତ, ବା '!', ବା ଆକ୍-ଆକ୍-ଆକ୍ । ଶବ୍ଦ ଓ ତାହାର ଥାଏ ଅନ୍ତର୍ନିହିତ ଅର୍ଥ (ବିଷୟବସ୍ତୁ) ଯଥା ଏ ବହିର ବିଷୟବସ୍ତୁ ଅଥବା 'ରାଡ଼ି ଗୁଡ଼ୁ' ବା 'ଶତ୍ରୁ ଆସୁଛି' ଇତ୍ୟାଦି ।

ଠାରର କିଛି ଶୃଙ୍ଖଳା ନ ଥିଲେ ଠାର ତ ନିରର୍ଥକ ! ଉଦାହରଣ ସ୍ୱରୂପ '!' କୁ ନିଆଯାଉ । ସ୍କୁଲ ପିଲାଙ୍କୁ ଏହି ଚିହ୍ନ ଦେଖାଇଲେ ସେ କହିବେ 'ବିସ୍ମୟ ସୂଚକ ଚିହ୍ନ' ମଟରଗାଡ଼ି ଡ୍ରାଇଭରକୁ ଦେଖାଇଲେ ସେ କହିବେ 'ସାବଧାନ' ତ ଜଣେ ଚେସ୍ ଖେଳାଳିକୁ ଦେଖାଇଲେ ସେ କହିବେ 'ବଢିଆ ଚାଲ୍' । ଜଣେ ଗଣିତଜ୍ଞଙ୍କୁ ଦେଖାଇଲେ ସେ କହିବେ 'Factorial' । ତେଣୁ ଏହି ଚିହ୍ନଟି ଏହି ବିଭିନ୍ନ ଧନ୍ଦାର ବା ବିଷୟର କାରବାରୀଙ୍କ ପାଇଁ ଭିନ୍ନ ଭିନ୍ନ ଅର୍ଥର ସୂଚନା ଦେଉଛି ।

## କାକ ଚରିତ

ପ୍ରକୃତିର ବିଭିନ୍ନ ଘଟଣା ଓ ବିଘଟଣରୁ ଆମେ ବିଭିନ୍ନ ସନ୍ଦେଶ ପାଉଁ; କିନ୍ତୁ ପ୍ରକୃତି ଆମ ସାଙ୍ଗରେ ତ କଥା ହୁଏ ନାହିଁ । ଜୀବଜନ୍ତୁଙ୍କ କଥା ପ୍ରକୃତିଠାରୁ ଅଲଗା । ସେମାନଙ୍କର ଗୋଟିଏ 'ଭାଷା' ଅଛି । ସେହି ଭାଷା ମନୁଷ୍ୟ ଭାଷାଠାରୁ କିଭଳି ଭିନ୍ନ ଓ ସେମାନଙ୍କ ଭାଷାରେ କିଭଳି ମେଳ ଅଛି ?

ଆଦିମ ମନୁଷ୍ୟ ପ୍ରକୃତି ଭିତରେ ଆତ୍ମା ଆରୋପି ଥିଲା । ତା'ପରେ ମଧ୍ୟଯୁଗରେ ଆଉ ଏକ ଧାରଣା ବଳବତ୍ତର ହୋଇଗଲା ଯେ ମନୁଷ୍ୟ

ଛଡ଼ା ଆଉ କୌଣସି ଜୀବଜନ୍ତୁର ଭାଷା ନାହିଁ । କିନ୍ତୁ ଏବେ ବୈଜ୍ଞାନିକମାନେ ନିଃସନ୍ଦେହ ଭାବରେ ପ୍ରମାଣ କରୁଛନ୍ତି ଯେ, ପ୍ରାଣୀମାନଙ୍କର ଗୋଟିଏ ଭାଷା ଅଛି, ତାହା ଖୁବ୍ ବନ୍ୟ ଓ ସରଳ । ମନୁଷ୍ୟର ଭାଷା ସଙ୍ଗରେ ସେ ଭାଷା ତୁଳନୀୟ ନୁହେଁ । କିନ୍ତୁ କୁକୁଡ଼ା ଛୁଆ, ବକ ଛୁଆ, ମାଙ୍କଡ଼, ବିରାଡ଼ି, ମହୁମାଛି, ହାତୀ, ପକ୍ଷୀ ଓ ପିମ୍ପୁଡ଼ି ଏମାନେ ଯେ ତାର ଭାଷା ବ୍ୟବହାର କରନ୍ତି ଏକଥା ନିଃସନ୍ଦେହ । ଏଗୁଡ଼ିକ ମାମୁଲି ସଙ୍କେତ ନୁହେଁ—ତାର ଭାଷ ! ମହୁମାଛିମାନଙ୍କର ଏକ ଖୁବ୍ ଉଚ୍ଚ ଧରଣର 'ନୃତ୍ୟ' ପଦ୍ଧତି ଅଛି । କେତେକ ଜନ୍ତୁଙ୍କର ଅଞ୍ଚଳ ଓ ମାଣ୍ଡି ଭେଦରେ ତାରର ତାରତମ୍ୟ ଅଛି । ବ୍ୟାବୁନ (ବାନର) ମାନଙ୍କର ୧୭ ପ୍ରକାର ଶବ୍ଦ ତାର ଅଛି ଓ ବଣମଣିଷ ମାଙ୍କଡ଼ଙ୍କର ତିରିଶ ପ୍ରକାର ଶବ୍ଦ ତାର ଅଛି ।

ଅବଶ୍ୟ ଜୀବଜନ୍ତୁଙ୍କର ତାରରେ ସେଭଳି କିଛି ନିୟମ ଶୃଙ୍ଖଳା ନାହିଁ । ବେଳେ ବେଳେ ଏଗୁଡ଼ିକ କୌଣସି ନିର୍ଦ୍ଦିଷ୍ଟ ସୂଚନା ସାଙ୍ଗରେ ବନ୍ଧା ନୁହନ୍ତି ( ଯଥା ବିରାଡ଼ିର ମିଆଉଁ ବା ଘୁଡ଼ୁ ଘୁଡ଼ୁ ଶବ୍ଦ ) । କିନ୍ତୁ କେତେକ ଜନ୍ତୁଙ୍କର ଏହି ବିଚ୍ଛିନ୍ନ ତାର ବି ଗୋଟିଏ ନିୟମବଦ୍ଧ ଶୃଙ୍ଖଳା ଗ୍ରହଣ କରିନିଏ ଓ ସେଥିରୁ ବି କେତେ ପ୍ରକାରର ବିଚ୍ଛିନ୍ନ ତାରର ସମନ୍ୱୟ ସୃଷ୍ଟି ହୋଇପାରେ । ଯଥା, କୁକୁଡ଼ା ଛୁଆଙ୍କର ମାମୁଲି ସତର୍କ ଚିତ୍କାର ଚାରିଗୋଟି ବିଭିନ୍ନ ଧରଣର ତାର ବା ଚିତ୍କାର ହୋଇପାରେ 'ପଖ ଆଖିରେ ବିପଦ', 'ବିପଦ ଦୂରରେ', 'ମଣିଷଠାରୁ ବିପଦ' ଓ 'ଛୁଆଁଠାରୁ ବିପଦ' । କୁକୁଡ଼ା ଛୁଆଙ୍କ ଭାଷାରେ ଦଶଟି ମୌଳିକ ତାର ଅଛି ଓ ବିଭିନ୍ନ ତାରର ବିଭିନ୍ନ ପ୍ରକାର ଯୋଡ଼ ଅଛି ଏଥିରୁ ପ୍ରାୟ କୋଡ଼ିଏଟି ଯାଏ 'ସମାହୃତ ତାର' ରହିଛି ଯଥା—'ନିସ୍ପୃହ ଅର୍ଥବୋଧକ ଆଦେଶ' ଯେଉଁଥିରେ ଦୁଇଥର ସେହି 'କକ୍‌ରେକ୍' ଉଚ୍ଚାରିତ ହୋଇଥାଏ ।

ଆମର ପୂର୍ବପୁରୁଷଙ୍କ ଅନୁମାନ ଥିଲା କୁଆ ଓ ଡାମରା କୁଆ, ଭବିଷ୍ୟ ସନ୍ଦେଶବାହକ ଓ ଏମାନଙ୍କର ଭାଷାରେ ବହୁକଥାର ସୂଚନା ମିଳେ । ଏବେ ବିଜ୍ଞାନର ଗବେଷଣା ବଳରେ ଜଣାପଡ଼ୁଛି ଯେ, କୁଆମାନଙ୍କର ନାନାବିଧ ଭାଷା ଅଛି । ସହରର କୁଆ ମଫସଲର କୁଆର କଥା ବୁଝି ପାରେ ନାହିଁ । କଟକିଆ କୁଆ ବାଣପୁରିଆ କୁଆ ସାଙ୍ଗରେ କଥାଭାଷା ହୋଇ ପାରିବ ନାହିଁ । କିନ୍ତୁ ତା' ଛଡ଼ା ଆଉ ବି ବୁଲା କୁଆ ଅଛନ୍ତି

ଯେଉଁମାନେ ସହରରୁ ମଫସଲକୁ ଯାଆନ୍ତି; ଗୋଟିଏ ରାଜ୍ୟରୁ ଅନ୍ୟ ରାଜ୍ୟକୁ ଯାଆନ୍ତି । ଏଭଳି କୁଆମାନଙ୍କ ଭିତରେ ଅଛି ଏକ ରକମର ଭାଷା ଚଳେ । ଏହି ବୁଲା କୁଆମାନେ ସହର କୁଆଙ୍କୁ କଥା କହି ପାରନ୍ତି, ମଫସଲ କୁଆଙ୍କୁ ବି । ତେଣୁ ଏମାନେ ଏକ ପ୍ରକାର ବହୁଭାଷୀ କୁଆ । ଏଥିରୁ ଜଣାପଡ଼ୁଛି ମନୁଷ୍ୟର କେବଳ ବହୁଭାଷା ଶିଖିବାର ସାମର୍ଥ୍ୟ ନାହିଁ, କୁଆର ବି ଅଛି (ଅବଶ୍ୟ କୁଆ ସ୍ଥଳେ କୁଆ ଭାଷ)।

ତେବେ ଜୀବଜନ୍ତୁଙ୍କର ଭାଷା ମନୁଷ୍ୟ ଭାଷଠାରୁ କି ଭାବରେ ଫରକ୍ ? ବିଶେଷତଃ ଯୋଉଠିବେଳେ ଜୀବଜନ୍ତୁମାନେ ଲୋକଙ୍କ ଭଳି ସବୁ ରକମ ଠାର ବ୍ୟବହାର କରନ୍ତି, ୧ । ତର୍ଜନୀ ଠାର ୨ । ପ୍ରତିଚ୍ଛବି ଠାର, ଓ ୩ । ଭାବ-ଆଦାନ ପ୍ରଦାନ ଠାର ।

ଗୋଟିଏ ପ୍ରଭେଦ ରହିଛି; ଜୀବଜନ୍ତୁଙ୍କର ଠାର ହେଲା ସାକାର—ସେଗୁଡ଼ିକ ମୂର୍ତ୍ତି ଘଟଣା ସଙ୍ଗେ ସଂପୃକ୍ତ । ଗୋଟିଏ କୁକୁଡ଼ା ତା' ଛୁଆଙ୍କୁ ଗତକାଲି କ'ଣ ଘଟିଥିଲା ଓ ଆସନ୍ତା କାଲି କ'ଣ ଘଟିବାର ଅଛି ସେସବୁ କହି କହିପାରିବ ନାହିଁ; ଏପରିକି ଅତି ଚତୁର ସିଂପାଞ୍ଜୀ ବି ଏକଥା କରିପାରିବ ନାହିଁ । ସେମାନଙ୍କ ଠାର କେବଳ ଗୋଟିଏ କାଳ ପାଇଁ (ତାହା ହେଉଛି ବର୍ତ୍ତମାନ) ଓ କୌଣସି ନିର୍ଦ୍ଦିଷ୍ଟ ସାକାର ଅବସ୍ଥା ପାଇଁ । ଅନ୍ୟ କୌଣସି ସମୟ ବା ଅବସ୍ଥା ପାଇଁ ଏହାର ଉପଯୋଗିତା ବା ବ୍ୟବହାର ନାହିଁ ।

କେବଳ ମଣିଷର ଭାଷାହିଁ ଠାର ଠାରୁ ପରିସ୍ଥିତିର ପ୍ରଭେଦ ବାରି ପାରେ । କେବଳ ମନୁଷ୍ୟ ହିଁ ଭବିଷ୍ୟତର ଘଟଣା ଓ ଅତୀତ ବିଷୟରେ, କାଳ୍ପନିକ ବାସ୍ତବ ଓ କାଳ୍ପନିକ ଅବାସ୍ତବ ବିଷୟରେ କହିପାରେ । ବହୁଭାଷୀ କୁଆ ଯେତେ କୁଆଭାଷା ଜାଣିଥିଲେ ବି ଆପଣାର ପିଲାପିଲିଙ୍କୁ ଗୋଟିଏ କାହାଣୀ ବା ଗପ ଶୁଣାଇ ପାରିବ ନାହିଁ । କାରଣ କୁଆର ଭାଷା ହେଲା ସାକାର ତାତ୍କାଳିକ ଘଟଣା ବା ଅବସ୍ଥାର ଭାଷା । ମଣିଷ ଆପଣାର ଭାଷାକୁ ଏକ ସ୍ୱତନ୍ତ୍ର ଠାରରେ ପରିଣତ ଓ ରୂପାନ୍ତରିତ କରିପାରିଛି ତେଣୁ ମଣିଷ ଅନ୍ୟ ଜୀବଜନ୍ତୁଙ୍କ ଠାରୁ ଆହୁରି ଉନ୍ନତ ସାମର୍ଥ୍ୟ ହାସଲ କରିଛି ।

ପଞ୍ଜୁରୀର ପକ୍ଷୀ ଯେତେବେଳେ ଖାଦ୍ୟ ଆଶାରେ ଚିତ୍କାର କରେ ଓ ମଣିଷର ଦୃଷ୍ଟି ଆକର୍ଷଣ କରିବାକୁ ଚେଷ୍ଟା କରେ ସେତେବେଳେ ଏହା ଜାଣେ ନାହିଁ ଯେ, ଏହା ଗୋଟିଏ ଠାର ବ୍ୟବହାର କରୁଛି । ଜୀବଜନ୍ତୁଙ୍କ ଭାଷାରେ ଠାର ଓ ଯେଉଁ କଥା ପାଇଁ ଠାରର ପ୍ରୟୋଜନ ଏ ଦୁଇଟା ଭିତରେ କୌଣସି ପ୍ରକାର ପ୍ରଭେଦ ନ ଥାଏ । ତେଣୁ ସେମାନଙ୍କ ଭାଷାର ବିକାଶ ହୁଏ ନାହିଁ ବା ସେ ଭାଷାର କୌଣସି ପରିବର୍ତ୍ତନ ନାହିଁ । ଆଜକୁ ଶହେ ବା ହଜାରେ ବର୍ଷ ତଳେ ବ୍ୟାବୁନ, ସିଂପାଞ୍ଜି ବା କୁକୁଡ଼ା ଛୁଆମାନେ ଯେଉଁ ଠାର ବ୍ୟବହାର କରୁଥିଲେ, ଏବେ ବି ଠିକ୍ ସେହି ଠାର ବ୍ୟବହାର କରୁଛନ୍ତି ଓ ଭବିଷ୍ୟତରେ ବି କରୁଥିବେ ।

ଏହାଛଡ଼ା ଜୀବଜନ୍ତୁଙ୍କ ଲାଗି ଠାର ଉଲ୍ଲାସ, ଭୟ, ଶୋକ ବା ନିବେଦନ ହୋଇପାରେ । ଏଗୁଡ଼ିକୁ ମନୁଷ୍ୟର ଭାଷାରେ କହିଲେ ହୁଏତ ଗୋଟିଏ ଶବ୍ଦରେ ନ ହୋଇ ଗୋଟିଏ ବାକ୍ୟରେ କୁହାଯାଇ ପାରେ । କିନ୍ତୁ ଜୀବଜନ୍ତୁ କେବେ ବାକ୍ୟ ବା ବାକ୍ୟାଂଶ କହନ୍ତି ନାହିଁ । ସେମାନଙ୍କର ଚିତ୍କାର, କଥା ଓ ବାକ୍ୟାଂଶ ବା ଠାର ଗୋଟିଏ ଜିନିଷ ।

ତେଣୁ ଜୀବଜନ୍ତୁଙ୍କର ଭାଷା ଓ ମନୁଷ୍ୟର ଶବ୍ଦମୟ ଭାଷା ଭିତରେ କାର୍ଯ୍ୟରେ ଓ ଗଠଣରେ ବି ପ୍ରଭେଦ ଥାଏ ।

ଆଉ ଗୋଟିଏ କଥା, ମନୁଷ୍ୟମାନେ ସବୁବେଳେ ଶବ୍ଦ ଉଚ୍ଚାରଣ କରି କଥା କହନ୍ତି ନାହିଁ । ବେଳେ ବେଳେ ଏହି କଥା ଆତୁର ଅନେକ ଧ୍ୱନି ଦ୍ୱାରା ଗଠିତ ହୁଏ ।

## ବିନା ଶବ୍ଦରେ କଥା କହିବା

କାଳିଦାସଙ୍କ ବିଷୟରେ କାହାଣୀ ଅଛି ଯେ, କାଳିଦାସ ଯୁବାକାଳ ଯାଏ ମୂର୍ଖ ଥିଲେ । କିନ୍ତୁ ତାଙ୍କୁ ବିଦ୍ୟାନଗରର ରାଜଜେମାଙ୍କ ସହିତ ବିବାହ ଦେବା ପାଇଁ ଦଳେ ଖଳ ଲୋକ ସ୍ଥିର କରିଥିଲେ । ବିଦ୍ୟାନଗରର ରାଜଜେମାଙ୍କର ଖୁବ୍ ଜ୍ଞାନଗର୍ବ ଥିଲା । ସେ ପଣ କରିଥିଲେ ଯେ ଯେଉଁ ପୁରୁଷ ତାଙ୍କୁ ବିଦ୍ୟାରେ ହରାଇ ଦେଇ ପାରିବ ତାଙ୍କୁହିଁ ସେ

ବରଣମାଳା ଦେଇ ବିବାହ କରିବେ । ତେଣୁ କାଳିଦାସଙ୍କୁ ଭକ୍ତ ଜେମାଙ୍କ ଆଗରେ ନେଇ ପହଞ୍ଚାଇ ଦିଆଯାଇଥିଲା । ରାଜଜେମା କାଳିଦାସଙ୍କୁ ଗୋଟିଏ ଆଙ୍ଗୁଠି ଦେଖାଇଲେ । କାଳିଦାସ ତ ସହଜେ ମୂର୍ଖ; ସେ ଦୁଇଟି ଦେଖାଇଲେ । ଏଥିରେ ରାଜଜେମାଙ୍କର ମନ ମାନିଗଲା । କାରଣ ସେ ଏକ ଆଙ୍ଗୁଠି ଦେଖାଇ କହିବାକୁ ଚାହିଁଥିଲେ ଯେ ଈଶ୍ୱର ଏକ । ରାଜଜେମା ମନରେ ଭାବିଲେ କାଳିଦାସ ଦୁଇଟି ଆଙ୍ଗୁଠି ଦେଖାଇ କହିବାକୁ ଚାହାନ୍ତି ଯେ ଦ୍ୱିତୀୟ ନାସ୍ତି । ଅର୍ଥାତ୍ ଈଶ୍ୱର ଅଦ୍ୱିତୀୟ ।

ଏଭଳି କାହାଣୀ କେବଳ ଭାରତରେ ପ୍ରଚଳିତ ନାହିଁ । ସ୍କାଣ୍ଡିନେଭିଆ ପୁରାଣଗାଥାରେ ସ୍କାଲ୍ଡ୍ ବା ଚାରଣମାନେ ବି ଏଭଳି ଏକ କାହାଣୀ ଗାନ କରନ୍ତି । ଏଥିରୁ ଜଣାପଡ଼ୁଛି ଯେ, ଠାରର ଭାଷା କଥୋପ-କଥନ ପାଇଁ ଖୁବ୍ ସୁବିଧା ନୁହେଁ । କାରଣ ପ୍ରଥମ ଲୋକ କ'ଣ ଠାରିଲା ଓ ଦ୍ୱିତୀୟ ଲୋକ ସେଥିରୁ କ'ଣ ବୁଝି ପ୍ରତି-ଠାର ଦେଲା ତାହା ଜାଣିବା ସବୁବେଳେ ସହଜ ନୁହେଁ । ତେଣୁ ରାଜଜେମାଙ୍କର ଯେଉଁ ଭୁଲ କାଳିଦାସଙ୍କର ପାଣ୍ଡିତ୍ୟ ବିଷୟରେ ଘଟିଲା ସେ ଭୁଲ ଠାର ଭାଷାରେ ଘଟିବା ସମ୍ଭବ ।

ଠାର ଭାଷାରେ ମୁଣ୍ଡ ହଲାଇବା ଗୋଟିଏ ଲୋକ ପାଇଁ ହୁଏତ 'ହଁ' ଅନ୍ୟ ଲୋକ ପାଇଁ ହୁଏତ ହୋଇପାରେ 'ନାହିଁ'; ତେଣୁ ପ୍ରଧାନ କଥା ଠାର ନୁହେଁ, ପ୍ରଧାନ କଥା ହେଲା ଠାରର ଶୃଙ୍ଖଳାବଦ୍ଧି ।

କେତେକ ଭଙ୍ଗୀରେ ମୁଣ୍ଡକୁ ଆଗକୁ ଲଡ଼ିଲେ ତାହାର ଅର୍ଥ ହେଲା 'ହଁ' । ମୁଣ୍ଡକୁ ହଲାଇଲେ ତାର ଅର୍ଥ ହେଲା 'ନାହିଁ' । ଆମେରିକାର 'ଆଦିବାସୀ' ମାନଙ୍କର ଆଉ ଏକ ସରଳ ଠାର ଦେଖା ଅଛି । ସେମାନେ ଗଛ ଓ ପତ୍ରକୁ ଠାରରେ ପ୍ରକାଶ କରନ୍ତି । ପ୍ରଥମେ ସେମାନେ ଗଛର ଭାବକୁ ଠାରରେ ଜଣାନ୍ତି ଓ ତାପରେ ଗଛରୁ ପତ୍ର ଝଡ଼ିବାକୁ ଠାରରେ ଜଣାନ୍ତି । ଗଛରୁ ପତ୍ରଝଡ଼ାକୁ ବାରମ୍ବାର ଦେଖାଇ ସେମାନେ ଶରତ୍ ଋତୁର ଭାବ ପ୍ରକାଶ କରନ୍ତି । ଠାର ବଳରେ ଆମେରିକା 'ଆଦିବାସୀ'ମାନେ ଅନେକ କଥା ପ୍ରକାଶ କରନ୍ତି, ଯଥା—ଯୁଦ୍ଧର ଆରମ୍ଭ, ସନ୍ଧିର ଶେଷ । ଏପରିକି ଠାରର ଭାଷାରେ ସେମାନେ ଜଟିଳ ପୁରା-କାହାଣୀ ଓ କିମ୍ବଦନ୍ତୀକୁ ପ୍ରକାଶ କରିପାରନ୍ତି ।

ଆମର ଭାରତୀୟ ନୃତ୍ୟକଳାରେ ବିଶେଷତଃ ଓଡ଼ିଶୀ ଓ ଭାରତ ନୃତ୍ୟରେ ମୁଦ୍ରାର ପ୍ରୟୋଗ ଦେଖାଯାଏ । ଏହା ସବୁ ଭଙ୍ଗୀ ଓ ଠାର । ଭାରତର ପୁରୋହିତ ଓ ବ୍ରାହ୍ମଣମାନେ ପୂଜା ଓ ଅର୍ଚ୍ଚନାରେ ବି ଆବାହନ, ସସ୍ଥାପନ ଧେନୁମୁଦ୍ରା, ଧ୍ୟାନମୁଦ୍ରା ଇତ୍ୟାଦି ନାନା ପ୍ରକାର ଭଙ୍ଗୀ ବ୍ୟବହାର କରନ୍ତି । ଅଷ୍ଟ୍ରେଲିଆର ଆଦିବାସୀଙ୍କ ଭିତରେ ବେଶ୍ ଉନ୍ନତ ଧରଣର ଠାର ଭାଷା ରହିଛି । ଏହା ନାନାବିଧ କାର୍ଯ୍ୟରେ ବ୍ୟବହୃତ ହୋଇଥାଏ । ଯଥା, ଯେଉଁଠି ବହୁଦୂରରୁ ସୂଚନା ପଠାଇବାକୁ ପଡ଼େ ତେଣୁ ଭୁଣ୍ଡିର ଆବାଜ ଶୁଭେ ନାହିଁ, ଯେଉଁଠି ଭିନ୍ନ ଭିନ୍ନ ଭାଷାଭାଷୀ ଉପଜାତିମାନଙ୍କର ମେଳା ବସେ, ଅଥବା ଯେଉଁଠି କଥା କହିବା ହେଉଛି ଗର୍ହିତ କାର୍ଯ୍ୟ । ଅଷ୍ଟ୍ରେଲିଆରେ ସଦ୍ୟମୃତ ବ୍ୟକ୍ତିର ବିଧବା ପକ୍ଷରେ କଥା କହିବା ମନା ଅଥବା ସାବାଳକ ହେବାକୁ ଯାଉଥିବା କିଶୋର ପାଇଁ କଥାଭାଷ ମନା ଇତ୍ୟାଦି । ଭାରତର ଅନ୍ୟ ଅଞ୍ଚଳରେ ଅଛି କି ନାହିଁ କହିହେବ ନାହିଁ କିନ୍ତୁ ଓଡ଼ିଶାରେ ବିଶେଷତଃ ଉଚ୍ଚବର୍ଣ୍ଣର ବ୍ରାହ୍ମଣଙ୍କ କୁଳରେ ପୂର୍ବେ ଚଳଣି ଥିଲା ନବପରିଣୀତା ବୋହୂ ଶ୍ୱଶୁର ଘରେ ଗୁରୁଜନମାନଙ୍କୁ କଥା କହେ ନାହିଁ । ଏକ ପ୍ରକାର ଚୁଟୁକାର କରି ହାତ ଭଙ୍ଗୀରେ ଭାବ ପ୍ରକାଶ କରେ । ଖ୍ରୀଷ୍ଟିଆନମାନଙ୍କର ମୌନି ବାବାମାନେ ବର୍ଷ ବର୍ଷ କାଳ ମୁହଁ ଖୋଲି କଥା କୁହନ୍ତି ନାହିଁ । କାରଣ କଥା କହିବା ସେମାନଙ୍କ ମତରେ ପାପ କାର୍ଯ୍ୟ ।

ଅଷ୍ଟ୍ରେଲିଆର ଆରାଣ୍ଡା ଗୋଷ୍ଠି ହାତର ଭଙ୍ଗୀରେ ପ୍ରାୟ ୫୦୦ ଗୋଟି ବିଭିନ୍ନ ରକମର ଠାର ଶିଖି ଥାଆନ୍ତି । ଏହି ଠାରରେ ପଦାର୍ଥ, କାର୍ଯ୍ୟ, ପଦାର୍ଥମାନଙ୍କର ଗୁଣ, ସାମାଜିକ ସ୍ଥିତି ମାତ୍ର ଏପରି କି ଗୋଟା ଗୋଟା ପ୍ରଶ୍ନ ଓ ଗୋଟା ଗୋଟା ବାକ୍ୟାଂଶ ବି କୁହାଯାଇଥାଏ ।

ଅଧିକାଂଶ ସ୍ଥଳରେ ଅବଶ୍ୟ, ଯଥା ଆମେରିକା 'ଭାରତୀୟ'ମାନଙ୍କ କ୍ଷେତ୍ରରେ, ଗୋଟା ଗୋଟା ସମ୍ପୂର୍ଣ୍ଣ ବାକ୍ୟର ଭାବକୁ ତିନୋଟି ବା ଚାରୋଟି ବା ଅଧିକ ଠାରରେ ବ୍ୟକ୍ତ କରାଯାଏ । ଉଦାହରଣ ସ୍ୱରୂପ 'ଭାଇ ମରିଗଲେ' ବୋଲି କହିବା ବେଳେ 'ଭାଇ' 'ମରିଯିବା' ଓ 'ଅତୀତ କାଳ' ଏହି ତିନୋଟି ଭାବକୁ ତିନୋଟି ଠାରରେ ବ୍ୟକ୍ତ କରାଯାଏ । କେତେକ ଶବ୍ଦ ଚିହ୍ନ ପାଇଁ ଅଷ୍ଟ୍ରେଲିଆ ଆଦିମ ଲୋକେ କେବଳ ଆଙ୍ଗୁଠି ବ୍ୟବହାର

କରନ୍ତି । କିନ୍ତୁ ଆଙ୍ଗୁଠି ତ ବେଶିଦୂର ଯାଏ ଦେଖାଯାଏ ନାହିଁ । ତେଣୁ ବେଶି ଦୂର କଥୋପକଥନ ପାଇଁ ସାରା ବାହୁ, ମୁଣ୍ଡ ଓ ଏପରିକି ଦେହର ଉପରିଭାଗ ମଧ୍ୟ କାର୍ଯ୍ୟରେ ଲଗାଯାଇଥାଏ ।

ଇଂଲଣ୍ଡ, ରୁଷ, ଫରାସୀ ଓ ଜର୍ମାନମାନେ 'ମୁଁ ଜାଣେ ନାହିଁ' କହିବାକୁ ଚାହିଁଲେ କାନ୍ଧକୁ ଟେକି କରି ଝାଙ୍କି ଦିଅନ୍ତି । (ଏବେ ଭାରତରେ ବି କେତେକ ନବ୍ୟସଭ୍ୟ ତାଙ୍କର ଦେଖାଶିଖା ଏଭଳି କାନ୍ଧ ଝାଙ୍କିବା କରୁଛନ୍ତି । କିନ୍ତୁ ଏପରି ଭାରତୀୟ ଚଳଣି ଥିବାର ପ୍ରମାଣ ନାହିଁ ।) କେତେକ ଦେଶରେ, ଯଥା—ରୁଷରେ ଆଙ୍ଗୁଠିଗୁଡ଼ିକୁ ଏକାଠି କରି ହଲାଇବା ହେଉଛି ବିଦାୟର ସମ୍ଭାଷଣ କିନ୍ତୁ ବ୍ରାଜିଲ ଦେଶରେ ଏହାର ଅର୍ଥ ହେଲା 'ଏଠାକୁ ଆସ ।' ଆମ ଦେଶରେ ଓଡ଼ିଶାରେ ଓଳିଗି ହେବା, ସାଷ୍ଟାଙ୍ଗ ଦଣ୍ଡବତ, ପ୍ରଣାମ, ନମସ୍କାର ଓ ନୃତ୍ୟର ନମସ୍କାର ମୁଦ୍ରା ଏକ ଏକ କସରତ । ରୁଷ ଦେଶରେ କାହାକୁ ଡାକିବାକୁ ଥିଲେ ପାପୁଲିକୁ ଉପରକୁ ବୁଲାଇ ଏପଟ ସେପଟ ହଲାଇବାକୁ କହନ୍ତି 'ଏଠକୁ ଆସ ।' ଭାରତରେ ପାପୁଲିକୁ ଉପରକୁ ଉଠାଇ ଆଙ୍ଗୁଠିକୁ ନିକଟକୁ ସଂକୋଚନ ଓ ପ୍ରସାରଣ କରିବା ଠାରି ହେଉଛି 'ଏଠାକୁ ଆସ ।' ୟୁରୋପର ବହୁ ଦେଶରେ ଓ ଭାରତରେ ପାପୁଲିକୁ ଦୂରରେ ରଖି ହାତ ହଲାଇବା ହେଉଛି ବିଦାୟ ସମ୍ଭାଷଣ ।

ରୁଷ ଦେଶରେ ବୁଢ଼ା ଆଙ୍ଗୁଠିକୁ ଟେକି ରଖି ବାକି ସମସ୍ତ ହାତ ମୁଠା ରଖିବାର ଅର୍ଥ ହେଲା—ବଢ଼ିଆ ! ଫରାସି ଦେଶରେ ଏହି 'ବଢ଼ିଆ'ର ଠାରି ହେଲା ବୁଢ଼ା ଆଙ୍ଗୁଠି ଓ ବଣି ଆଙ୍ଗୁଠିରେ ଗୋଟିଏ ମୁଣ୍ଡଳୀ କରି ସେଇ ଆଙ୍ଗୁଠି ଦୁଇଟିକୁ ଓଠ ପାଖକୁ ନେଇ ଚୁମା ଦେବାର ଶବ୍ଦ କରିବା । ବ୍ରାଜିଲରେ ଆଙ୍ଗୁଠିରେ କାନର ତଳ ପାଖ ଧରିଲେ ତାହା ହେଲା 'ବଢ଼ିଆ' ।

ୟୁରୋପର ଏବକାଳର ଲୋକେ କଥା କହିଲାବେଳେ କଥା ଉପରେ ଗୁରୁତ୍ୱ ଦେବାପାଇଁ ହାତରେ ଠାରନ୍ତି ଓ ମୁହଁର ଭଙ୍ଗୀ ବି କରନ୍ତି । ଭଙ୍ଗୀକୁ ଲୋକର ଉଚ୍ଛ୍ୱାସ ଧରିହୁଏ, ଭଙ୍ଗୀରେ କୌଣସି ନିର୍ଦ୍ଦିଷ୍ଟ ଶବ୍ଦ ଉପରେ ବେଶି ଜୋର ଦିଆଯାଏ, ଅର୍ଥରେ ନୂତନ ବ୍ୟଞ୍ଜନା ବି ଦିଆଯାଏ । ବେଳେ ବେଳେ ଏଭଳି ଭଙ୍ଗୀ ଯୋଗୁଁ ବ୍ୟଙ୍ଗ ବା ବିଦ୍ରୂପରେ

ଓଲଟା ଅର୍ଥର ସୂଚନା ବି ଦିଆଯାଏ । ବେଳେ ବେଳେ ଶ୍ଳେଷଭରା କଣ୍ଠରେ ଅନ୍ୟର ଗଳା ଅନୁକରଣ କରିବାରେ ବା ଆଖି ମିଟିକା ମାରିବାରେ କହୁଥିବା କଥାର ପ୍ରକୃତ ଅର୍ଥ ବଦଳିରେ ଅନ୍ୟ ଅର୍ଥ ପ୍ରକାଶ କରାଯାଏ । ବେଳେ ବେଳେ ବକ୍ତା ଆପଣାର ବାଚନଭଙ୍ଗୀ ଓ ମୁଖାକୃତି ବିଷୟରେ ଶବ୍ଦ ଅପେକ୍ଷା ବେଶି ସ୍ପଷ୍ଟ ହେବାର ଦେଖାଯାଏ ।

ଜଣେ ପ୍ରଧାନ ଫରାସୀ ସାଇ.ଦେ଼ ଜେ. ମୋରୋକେ ମୁଖଭଙ୍ଗୀ ଓ ବୃତ୍ତିର ବିଷୟରେ କହିଛନ୍ତି, "ଆଖିମିଟିକା ମାରିବା ଅର୍ଥ ଷଡ଼ଯନ୍ତ୍ର କରିବା, ସନ୍ଦେହ, ଚତୁରତା, ଧୂର୍ତ୍ତତା ଇତ୍ୟାଦି ଜଣାପଡ଼େ । ଏହା ଓଠର ବିସ୍ତୃତି ଓ ସଙ୍କୁଚିତ ଅନୁସାରେ ଜଣାଯାଏ । ଆଖିକୁ ଏକାବେଳକେ ସାହାଣ ମେଲା କରିଦେଲେ ଜଣାଯାଏ କୌତୂହଳ ବା ବିସ୍ମୟ । ମୁହଁକୁ କୁଞ୍ଚିତ କଲେ ଅସନ୍ତୁଷ୍ଟି ପ୍ରକାଶ ପାଏ । ମୃଦୁ ହସରେ କୋମଳତା, ସନ୍ଦେହ ବା ବିଦ୍ରୂପ ମିଶି ଥାଏ । କପାଳରେ କୁଞ୍ଚିତ ରେଖା ଯଦି ଉପରୁ ତଳକୁ ଲମ୍ବିଥାଏ ତେବେ ତାହା ଗମ୍ଭୀର ଚିନ୍ତା ବା ବିସ୍ମୟ ପ୍ରକାଶ କରେ; ଆଉ ଯେଉଁ କପାଳରେ ପାର୍ଶ୍ୱରୁ ପାର୍ଶ୍ୱ ଯାଏ କୁଞ୍ଚିତ ରେଖା ଦେଖାଯାଏ ତାହା କ୍ରୋଧ ବା ଧମକ ପ୍ରକାଶ କରେ ।"

ହାତର ଭଙ୍ଗୀର ସେ ଗୁଡ଼ିଏ ଅର୍ଥ ଦେଇଛନ୍ତି, ଯଥା —ଗୋଟିଏ ଖୋଲା ସମତଳ କରଟି ପାପୁଲି ଗୁଡ଼ିକ ଊର୍ଦ୍ଧ୍ୱମୁଖ ହୋଇଥିଲେ ତାହାର ଅର୍ଥ ସନ୍ତୋଷ ଭାବରେ ରାଜି । ଯଦି ପାପୁଲିଗୁଡ଼ିକ ଓଲଟା ଦିଗରେ ଅର୍ଥାତ୍ ନିମ୍ନମୁଖ ତେବେ ତାହା ହେଲା ଅସ୍ୱୀକାର । ଦୁଇ ପାପୁଲି ଏକାଠି ହେଲେ ତାହା ହେଲା ଅନୁରୋଧ । ବଶି ଅଙ୍ଗୁଠିକୁ ଟେକି ରଖିଲେ ତାହା ହେଲା ସାବଧାନବାଣୀ । ସେହି ବଶି ଅଙ୍ଗୁଠିକୁ କପାଳରେ ଲଗାଇଲେ ତାହା ହେଲା ଗମ୍ଭୀର ଚିନ୍ତାର ଚିହ୍ନ । ସେହି ବଶି ଅଙ୍ଗୁଠିକୁ ଓଠରେ ଲଗାଇଲେ ତାହାର ଅର୍ଥ ହେଲା 'ଚୁପ ରୁହ ।' ଜଙ୍ଘରେ ହାତ ମାରିବା ହେଲା ଏକ ଭଣ୍ଡାକରା ! ଛାତିରେ ହାତ ଛନ୍ଦିବା ହେଲା ସାହସ-ଗର୍ବ···

ଏହି ଫରାସୀ ଲେଖକଙ୍କର ଲେଖାରେ ବର୍ଣ୍ଣିତ ଭଙ୍ଗୀଗୁଡ଼ିକ ଏବେ ରୁଷ, ବଲ୍ଗର, ଯୁକ୍ତରାଷ୍ଟ୍ର ଓ ଅନ୍ୟାନ୍ୟ ଦେଶର ଭଙ୍ଗୀ ଭଳି ପ୍ରାୟ ଏକ । ଅବଶ୍ୟ କେଉଁଠି କିପରି ପ୍ରଭେଦ ଥାଇପାରେ । ବେଳେ ବେଳେ ଭଙ୍ଗୀର ବର୍ଣ୍ଣନାକୁ ଶବ୍ଦରେ କହିଲେ ବା ଲେଖିଲେ ତାହା ଅତ୍ୟନ୍ତ ସ୍ଥୂଳ

ଅଭିନୟ-ପଟୁତା ଭଳି ମନେ ହେବ । କାରଣ ଭଙ୍ଗୀ ବା ଠାରକୁ କଥାରେ ବର୍ଣ୍ଣନା କରିବା ସହଜ ନୁହେଁ ।

ମନୁଷ୍ୟର ଭଙ୍ଗୀ ଓ ଠାରର ଭାବକୁ ବୈଜ୍ଞାନିକ ଭାଷାରେ କହନ୍ତି ମେଣ୍ଟଲଙ୍ଗୁଏଜ୍ ବା ଅଙ୍ଗ-ଭାଷା । ଭରତ ମୁନିଙ୍କ ନାଟ୍ୟଶାସ୍ତ୍ର ଓ ନନ୍ଦିକେଶ୍ୱରଙ୍କ ଅଭିନୟ ଦର୍ପଣରେ ଶିର-ଗ୍ରୀବା ଭଙ୍ଗୀ ଓ ହସ୍ତ-ମୁଦ୍ରା ବୋଲି ନାମ-କରଣ ଯାହା କରାଯାଇଛି ସେଗୁଡ଼ିକ ଭଙ୍ଗୀ ବା ଠାର ଛଡ଼ା ଆଉ କିଛି ନୁହେଁ । ଏଗୁଡ଼ିକ ସାମାଜିକ ଜୀବନ ଭିତରୁ ସବୁ ଆସି ନଥିଲେ । ଏଗୁଡ଼ିକ ପରବର୍ତ୍ତୀ କାଳରେ ଶିଖିବାକୁ ପଡ଼ିଛି । ତେବେ ତନ୍ତ୍ର ବା ପୂଜା-ଆରାଧନାର ମୁଦ୍ରାଗୁଡ଼ିକ ବୋଧହୁଏ ସାମାଜିକ ବା ଅର୍ଦ୍ଧ-ସାମାଜିକ । ଆଙ୍ଗିକ ଅଭିନୟର ଏହି ମୁଦ୍ରାଗୁଡ଼ିକ ଯାହା ଭରତ ନାଟ୍ୟମ୍ ଓଡ଼ିଶୀ ଓ କିଛି କିଛି କଥକ ନୃତ୍ୟରେ ଦେଖିବାକୁ ମିଳେ ସେଗୁଡ଼ିକ ପୂରାପୂରି ନିର୍ଦ୍ଦିଷ୍ଟ କୃତ୍ରିମ ଶୈଳୀ ନୁହନ୍ତି । କାରଣ ସେଗୁଡ଼ିକ ମଧ୍ୟରୁ କେତେକ ଜୀବନ କ୍ଷେତ୍ରରେ ବ୍ୟବହାରରେ ଲାଗନ୍ତି ।

ଭାରତୀୟ ନୃତ୍ୟରେ ଶିର, ଗ୍ରୀବା ଭଙ୍ଗୀ ଓ ହସ୍ତମୁଦ୍ରା, ଚାରୀ ଓ ମଣ୍ଡଳ ପ୍ରଭୃତିର ବ୍ୟବହାର ଗୋଟିଏ ବିଷୟର ଗୋଟିଏ ଅର୍ଥ ବୋଧକ ହୁଏ ନାହିଁ । ଯଥା—ପତାକା ହସ୍ତମୁଦ୍ରା ସାରା ଜୀବନର ବହୁ ଘଟଣା, ଭାବ, ପରିବେଶ ସଙ୍ଗେ ଜଡ଼ିତ ରହିଛି । ଏହି ସବୁ ଭଙ୍ଗୀ ଭାଷାରେ ପୃଥିବୀର ବିଭିନ୍ନ ଜାତିର ଜୀବନ ଖୁବ୍ ସମୃଦ୍ଧ । ଦୁଇ ହଜାର ବର୍ଷ ତଳେ ସିସେରୋ ଛାତ୍ରମାନଙ୍କୁ ଶିକ୍ଷା ଦେଲାବେଳେ କହିଥିଲେ, "ଆମ୍ଭର ସକଳ ଗତି ଯଥାଯୋଗ୍ୟ ଭଙ୍ଗୀ ଦ୍ୱାରା ପରିସ୍ଫୁଟ ହେବା ଉଚିତ ଯେପରିକି କାର୍ଯ୍ୟ ଓ ଚିନ୍ତାର ସମସ୍ତ କଥା ବୁଝି ଯାଇ ପାରିବ । କଟି, ଅଙ୍ଗୁଳି, ସାରା ହାତର ପ୍ରସାରଣ, ମାଟି ଉପରେ ପଦାଘାତ, ଆଖିର ବିଭିନ୍ନ ଭଙ୍ଗୀ, ଏ ସବୁ ହେଲା ଠାର ଯାହା ଅଙ୍ଗର ଭାଷା ବା ଆଙ୍ଗିକ, ଯାହାକୁ ଅସଭ୍ୟ ବର୍ବର ଲୋକେ ବି ବୁଝିବାକୁ ସମର୍ଥ ହୁଅନ୍ତି ।" ସେତେବେଳେ ଜଣେ ରୋମାନ୍ ଛାତ୍ର କୁଇନ୍ଟିଲିଆନ୍ ଭଙ୍ଗୀମାନଙ୍କର ଗୋଟିଏ ଅଭିଧାନ ବି ପ୍ରଣୟନ କରିଥିଲେ । କିନ୍ତୁ ଏହା ପରେ ଦୁଇ ହଜାର ବର୍ଷ ଗତ ହୋଇଯାଇଛି । କିନ୍ତୁ ଭଙ୍ଗୀର ଭାଷା ବିଷୟରେ ମନୁଷ୍ୟର ଜ୍ଞାନ ରୋମାନ୍‌ମାନଙ୍କର ଜ୍ଞାନଠାରୁ ବିଶେଷ କିଛି ଉନ୍ନତ ହୋଇ ନାହିଁ । କାରଣ ଭଙ୍ଗୀଗୁଡ଼ିକ ଲିପିବଦ୍ଧ

କରିବାର ଭଙ୍ଗୀଲିପି ଏ ପର୍ଯ୍ୟନ୍ତ ଆବିଷ୍କୃତ ହୋଇ ନାହିଁ । ଏହି ଭଙ୍ଗୀଲିପି ବା ଅଧି-ଭାଷା ଠିକ୍ ରସାୟନ ସୂତ୍ର ବା ଚେସ୍ ଖେଳର ଲିପି ଭାବରେ ହୋଇଗଲେ ପୃଥିବୀର ପ୍ରତ୍ୟେକ ଜାତିର ଲୋକେ ଓ ପ୍ରତ୍ୟେକ ଭାଷାଭାଷୀ ଏହି ଭଙ୍ଗୀଲିପିକୁ ବୁଝିପାରନ୍ତେ । ତାହା ନହେଲେ ଭରତ ମୁନି ବା ନନ୍ଦିକେଶ୍ୱରଙ୍କ ଭଳି କେହି ଯଦି ସଂସ୍କୃତ ଅଥବା ସିସେରୋ ବା କ୍ୱିନ୍ଟିଲିଆନଙ୍କ ଭଳି କେହି ଯଦି ଲାଟିନ ଭାଷାରେ ଏହି ଭଙ୍ଗୀଗୁଡ଼ିକର ବର୍ଣ୍ଣନା ଲିପିବଦ୍ଧ କରନ୍ତି ତାହା ସାରା ସଂସାରର ସବୁ ଭାଷାଭାଷୀଙ୍କର ବୋଧଗମ୍ୟ ହେବ ନାହିଁ ।

## ସଙ୍କେତର ଭାଷା—ସୁରସୁର୍ ଓ ଫିସ୍‌ଫିସ୍ ଶବ୍ଦ

କଥିତ ଭାଷା ସଙ୍ଗରେ ଭଙ୍ଗୀ ଓ ଅନୁକରଣର ବେଶ୍ ଗଳଯୋଟକ ହୁଏ କିନ୍ତୁ କଥିତ ଭାଷାକୁ ଅଲଗା କରି ଭଙ୍ଗୀ ଓ ଅନୁକରଣ ଘେନି ମଣିଷ ଚଳିପାରିବ ନାହିଁ ।

ମୁହଁର କଥାଭାଷା ମଣିଷର ପ୍ରଧାନ ଭାବ-ଆଦାନ ପ୍ରଦାନର ବାହନ । କିନ୍ତୁ କଥା ତ ବହୁଦୂରକୁ ଶୁଭେ ନାହିଁ । ରେଡ଼ିଓ ଓ ଟେଲିଫୋନ୍ ଆଜିର ଏବର ସୃଷ୍ଟି ତେଣୁ ଏହି ସୃଷ୍ଟି ପୂର୍ବରୁ ମଣିଷ ଦୂରକୁ ସମ୍ବାଦ ପଠାଇବାକୁ ହୁଏତ ଦୂତ ହାତରେ ବାର୍ତ୍ତା ପଠାଉଥିଲା ଅଥବା ଅନ୍ୟ କୌଣସି ସଙ୍କେତର ଆଶ୍ରା ନେଉଥିଲା ।

ଆମେରିକାର 'ଲୋହିତ ଭାରତୀୟମାନେ' ଏ ଦିଗରେ ଖୁବ୍ ଧୁରନ୍ଧର ଥିଲେ । ସେମାନେ ଗୋଟାଏ ପୂର୍ଣ୍ଣ ସଙ୍କେତମାଳା ତିଆରି କରିଥିଲେ । ଦିନ ଦୁଇରେ ସେମାନେ ଦୂରଦୂରାନ୍ତକୁ ନିମିଷକେ ଖବର ପଠାଉଥିଲେ । ସବୁଠୁ ସାଧାରଣ ହେଲା ନିଆଁ ଓ ଧୂଆଁ । ନିଆଁର ସଙ୍କେତ ରାତିରେ କାମ ଦେଉଥିଲା । ଉଞ୍ଚା ଜାଗା ଦେଖି ନିଆଁ ଜାଳିଲେ ତାହା ବହୁଦୂରକୁ ସମୁଦ୍ର କୂଳେ କୂଳେ ଦିଶୁଥିଲା । ଏହି ନିଆଁର ସଙ୍କେତରେ ଶତ୍ରୁର ପ୍ରବେଶ ବା ସମୁଦ୍ରବେଳାରେ ତିମି ମାଛର ସଞ୍ଚାର ଇତ୍ୟାଦିର ସନ୍ଦେଶ ଦିଆ ଯାଉଥିଲା ।

ଧୂଆଁ ଦିନବେଳିଆ କାମରେ ଲାଗୁଥିଲା । କଞ୍ଚା ଓଦା ଘାସ ଓ ତାଜା ଶାଗୁଆ ଗଛ ଡାଳ ନିଆଁରେ ପକାଇଦେଲେ ତାହା ଜଳିବାରେ

ବିଳମ୍ବ ହୁଏ, ଖୁବ୍ ମୋଟା ଧୂଆଁ ହୁଏ ଓ ବହୁ ଦୂରକୁ ଦେଖାପଡ଼େ । ଖବରଟାର ଆଦି ସ୍ଥାନ ଜଣାଇବାକୁ ନିଆଁ ବା ଧୂଆଁର ସଂଖ୍ୟା ଆଗରୁ ଠିକ୍ ହୋଇଥାଏ । ମନେକର ଗୋଟିଏ ଜାଗା ଏକ ବିଶିଷ୍ଟ ଜାଗାଟି ଦୁଇ ଏହିଭଳି । ଦୁଇଟା ଜାଗାରେ ଧୂଆଁ ବା ନିଆଁ (ଦିନ ଓ ରାତି ଭେଦରେ) ଦେଖାଗଲେ ଜଣାଯାଏ ବିଶିଷ୍ଟ ଜାଗାରୁ ଖବର ଆସୁଛି । ନିଆଁ ଉପରେ ଗୋଟାଏ ଚମଡ଼ା କମ୍ବଳ ଘୋଡ଼ାଇ ଦେଇ ଯେତେଥର ଧୂଆଁର ପଟଳ ଦେଖାଇବା ଦରକାର ସେତେଥର କମ୍ବଳ ଘୋଡ଼ା କଢ଼ା କଲେ ସେ ଧୂଆଁର ସଂଖ୍ୟା ଜଣାପଡ଼େ । ଏଭଳି ଧୂଆଁର ବା ନିଆଁର ଅର୍ଥ, ପୁନଃ ପୁନଃତା, କାଳବ୍ୟାପ୍ତି ଅନୁସାରେ ଅନ୍ୟାନ୍ୟ ଉପଜାତିମାନେ ବା ପଡ଼ୋଶୀ ଉପଜାତି ବିଭିନ୍ନ ବିଷୟ ବୁଝନ୍ତି ।

ସଙ୍କେତ ଭାଷା ପାଇଁ ନିଆଁ ଧୂଆଁ ଛଡ଼ା କମ୍ବଳ ବି ବ୍ୟବହାର ହୁଏ । ପାହାଡ଼ର ଚୂଳ ବା ସେଠାରେ ଚକ୍‌ର ମାରି ବି ସଙ୍କେତ ଦେବାର ପ୍ରଣାଳୀ ସେହି ଆମେରିକାର 'ଭାରତୀୟ'ମାନଙ୍କ ଭିତରେ ଥିଲା । ଆମେରିକାର ବଂଶତତ୍ତ୍ୱ ଗବେଷକ ମରଗନ୍ ବର୍ଣ୍ଣନା କରିଛନ୍ତି କିପରି କେତେଜଣ 'ହେବକ୍ ଭାରତୀୟ'ଙ୍କ ସଙ୍ଗେ ସାଥୀ ହୋଇ ଏକ ପାହାଡ଼ ରାସ୍ତାରେ ତଳକୁ ଓହ୍ଲାଇଥିଲାବେଳେ ଉକ୍ତ ସିବକ୍ ଭାରତୀୟମାନେ ତାଙ୍କର ଉପଜାତି ଲୋକଙ୍କୁ ଦର୍ପଣରେ ସୂର୍ଯ୍ୟ କିରଣର ପ୍ରତିବିମ୍ବର ଆଲୁଅ ସାହାଯ୍ୟରେ ସଙ୍କେତ ଦେଉଥିଲେ । ଦର୍ପଣରେ ତାଙ୍କୁ ଯେଉଁ ସଙ୍କେତ ମିଳିଲା ତାହାର ଅର୍ଥ ଥିଲା 'ଆମର ସମସ୍ତ କୁଶଳ । ଆମର ଏଠାରେ ଖାଇବା ଦରକାର ବି ପ୍ରଚୁର ଅଛି ।' ପାହାଡ଼ ଛାଡ଼ି ସେମାନେ ସମଭୂମିରେ ଯାଇ ଯେତେବେଳେ ଉପତ୍ୟକାରେ ପହଞ୍ଚିଲେ ସେତେବେଳେ ଦେଖନ୍ତି ତ ସାରା ଉପଜାତି ଲୋକେ ଖୁସି ହୋଇ ଯାଇଛନ୍ତି କାରଣ ଦର୍ପଣରେ ସଙ୍କେତ ସେମାନଙ୍କୁ ଏମାନଙ୍କର ଆସି ପହଞ୍ଚିବାର ସନ୍ଦେଶ ଜଣାଇ ଦେଇଛି ।

ବିଶେଷତଃ ଯେଉଁଠି ଖୋଲା ଟାଙ୍ଗି ବା ପଡ଼ିଆ ସେଠାରେ ଏଭଳି ନିଆଁ, ଧୂଆଁ, ଦର୍ପଣ, ଚଲାବୁଲା, ଘୋଡ଼ାଚଢ଼ା ଇତ୍ୟାଦି ଦୃଶ୍ୟମାନ ସଙ୍କେତ ଚଳେ । କିନ୍ତୁ ସାନ୍ଦ୍ର ଜଙ୍ଗଲ ଅଞ୍ଚଳରେ ଦୃଶ୍ୟମାନ ସଙ୍କେତ କାମ ଦିଏ ନାହିଁ । ସେଠାରେ ନାଗରା ବାଜା, ଘଣ୍ଟା ଇତ୍ୟାଦି ସଙ୍କେତ କାମ କରେ । ପେରୁ ଓ ଇକ୍ୱେଡରର ଆଦିବାସୀ 'ଭାରତୀୟ'ମାନେ ମନେ-

କରନ୍ତି ଯେ ବଡ଼ ପାଟିରେ ବା ବଡ଼ ଜୋର ଶବ୍ଦରେ ସେମାନଙ୍କର ପର-ଲୋକଗତ ପୂର୍ବପୁରୁଷଙ୍କର ଆତ୍ମା ସେମାନଙ୍କୁ ଶୁଣି ପାରିବ । କିନ୍ତୁ ଏହା ଛଡ଼ା ନାନା ଅଲୌକିକ କାର୍ଯ୍ୟ ପାଇଁ ନାଗରାର ପ୍ରଚଳନ ଏସିଆର ନ୍ୟୁଗିନି ଓ ଭାରତର ଆଦିବାସୀମାନଙ୍କ ଭିତରେ ରହିଛି । ବିଶେଷତଃ କୌଣସି 'ଶେଷ ଖବର' ବା 'ବିଶେଷ ଘୋଷଣା' ଏବେବି ଭାରତରେ ନାଗରା ଦ୍ୱାରା ଘୋଷିତ ହୁଏ । ଓଡ଼ିଆରେ ଏହି ବାଜା ବଜାଇବା ଏକ ରୂଢ଼ ପ୍ରୟୋଗରେ ପରିଣତ ହୋଇଛି । ଯଥା "ତୋ ନାଁରେ ବ୍ରଜ ବଜାରେ ବାଜା ବାଜୁଛି ।" ଏସିଆ ଛଡ଼ା ଦକ୍ଷିଣ ଆମେରିକା ଓ ଆଫ୍ରିକାର ବହୁ ଉପଜାତି ବିଭିନ୍ନ ଧରଣର ନାଗରା ବାଦନରେ ବିଭିନ୍ନ ଧରଣର ସୂଚନା ବା ସଙ୍କେତ ଦିଅନ୍ତି । ଯଥା ବିଦେଶୀ ଜାହାଜର ଆଗମନ, ବାରହା ଶିକାର । ନ୍ୟୁଗିନିର ପପୁଆବାସୀମାନେ ଏଭଳି ସୂକ୍ଷ୍ମ ଭାବରେ ଏହି ସଙ୍କେତ ତିଆରି କରନ୍ତି ଯେ ଜଣେ ମରଦ ତାର ସ୍ତ୍ରୀକୁ ଖାଇବା ବାଢ଼ିବା ପାଇଁ ଡାକିବାକୁ ବି ବାଜାରେ ସଙ୍କେତ ଦେଇଥାଏ । ତେଣୁ ସେଠାରେ ବାଜା କେବଳ ସାଧାରଣ ଘୋଷଣା ପାଇଁ ବ୍ୟବହାରରେ ନ ଲାଗି ଘରୋଇ କଥୋପକଥନରେ ବି ବ୍ୟବହାରରେ ଲାଗେ ।

କ୍ୟାନାରି ଦ୍ୱୀପପୁଞ୍ଜର ବାସିନ୍ଦାମାନେ ମନୁଷ୍ୟର ଭାଷାକୁ ଦୂରକୁ ପଠାଇବା ପାଇଁ ତ ସେତେବେଳେ ଟେଲିଫୋନ୍ ବା ରେଡ଼ିଓ ପ୍ରେରଣର ବ୍ୟବହାର ଜାଣି ନଥିଲେ । କିନ୍ତୁ ସେମାନେ ସେଥିପାଇଁ ସଙ୍କେତ ବ୍ୟବହାର କରୁ ନଥିଲେ । ସେମାନେ ମଣିଷର କଥାକୁ ପିଲାମାନେ ସୁରସୁର ଫୁଙ୍କିଲା ପରି ମୁହଁରେ ସୁରସୁର କରି ପ୍ରେରଣ କରୁଥିଲେ ।

ଏବେ ଟେଲିଗ୍ରାଫ୍ ହୋଇ ଯିବାରୁ ଏହି ସୁରସୁରରେ ଭାଷା ପଠାଇବା ସେଭଳି ଅଦ୍ଭୁତ ଜଣା ପଡୁନାହିଁ । କିନ୍ତୁ ସେକାଳେ ଏହା ନିଶ୍ଚିତ ଭାବରେ ଅଦ୍ଭୁତ ଥିଲା । ଭାଷାର ପ୍ରତ୍ୟେକ ଶବ୍ଦର ଧ୍ୱନିକୁ କୋଡ଼୍ କରି ବଦଳାଯାଇଥିଲା । ଅର୍ଥାତ୍ 'ଗୋରୁ ଗୋଠରେ ବାଘ ପଶିଛି', ଏହାକୁ କହିବା ପାଇଁ ଗୋରୁ ପାଇଁ ସୁରସୁରର ଗୋଟାଏ ପ୍ରକାର ଧ୍ୱନି ତାପରେ ବସ୍ମ ପାଇଁ ଆଉ ଏକ ଧ୍ୱନି ଗୋଠ ପାଇଁ ଆଉ ଏକ ଧ୍ୱନି ଓ ତା'ପରେ ବସ୍ମ ଇତ୍ୟାଦି । ଏହି ଧରଣର ସୁରସୁର ପ୍ରେରଣରୁ ହିଁ ଟେଲିଗ୍ରାଫର

ମୋର୍ସ କୋଡ ପରେ ବାହାରଥିଲା ଯାହା ରୋମାନ୍ ବର୍ଣ୍ଣମାଳାର ପ୍ରତ୍ୟେକ ଅକ୍ଷରକୁ ବିନ୍ଦୁ ଓ ଗାରର ସଙ୍କେତରେ ପରିଣତ କରିଛି ।

କ୍ୟାନାରି ଦ୍ୱୀପପୁଞ୍ଜକୁ ପ୍ରଥମେ ଇଟାଲୀୟମାନେ ଆବିଷ୍କାର କରିଥିଲେ । ସେତେବେଳେ ପୋପ ଥିଲେ ଇଟାଲୀୟମାନଙ୍କର ହର୍ତ୍ତାକର୍ତ୍ତା ଓ ଦୈବବିଧାତାଙ୍କର ଡେପୁଟି । ସେ ଥିଲେ ପୃଥିବୀରେ ଭଗବାନଙ୍କର ପ୍ରତିନିଧି । ପୋପ ଏହି ଅଧିକାର ବଳରେ ଏହି କ୍ୟାନାରି ଦ୍ୱୀପପୁଞ୍ଜକୁ ସ୍ପେନର ରାଜାଙ୍କୁ ଉପହାର ଦେଲେ । ଏହାର ନାମ ହୋଇଥିଲା 'ଭାଗ୍ୟଶାଳୀ ରାଜ୍ୟ ।' ସେଇଠୁ ଏହି ଦ୍ୱୀପରେ ସ୍ପେନୀୟମାନେ ବସତି ଆରମ୍ଭ କଲେ ଓ ଫଳରେ ସେଠାରେ ଥିବା ଆଦିବାସୀ 'ଗାଉଞ୍ଚେ'ମାନଙ୍କୁ ମୂଳପୋଛ କରିଦେଲେ । ଏବେ ସେଠାରେ ଆଉ ସେମାନଙ୍କର ଚିହ୍ନବର୍ଣ୍ଣ ନାହିଁ । କେବଳ ଏହି ଦ୍ୱୀପପୁଞ୍ଜର ଗୋଟିଏ ଦ୍ୱୀପ ଲା ଗୋମେରା ରେ 'ସୁଇସୁଇ ଭାଷା' ବଞ୍ଚି ଯାଇଛି । କ୍ୟାନାରି ଦ୍ୱୀପପୁଞ୍ଜ ଅତ୍ୟନ୍ତ ପାହାଡ଼ିଆ, ଅତଃ ପର୍ବତ ଢାଲୁ ଓ ଗଭୀର ଗିରିନଦୀ ଦ୍ୱାରା ପାହାଡ଼ରେ ଗଭୀର ଖଣ୍ଡ ହୋଇଯାଇଛି ତେଣୁ ଗମନାଗମନର ସୁବିଧା ନାହିଁ । ସୁଇସୁଇରେ ପ୍ରାୟ ପଞ୍ଚ କିଲୋମିଟର ଆବର୍ତ୍ତ ଅଞ୍ଚଳରେ ସେମାନେ ପୂର୍ବେ ବାର୍ତ୍ତା ଆଦାନ ପ୍ରଦାନ କରୁଥିଲେ । ଏବେ ସେ ଆଦିବାସୀ ନାହାନ୍ତି କିନ୍ତୁ ଲା ଗୋମେରାରେ ଅଧୁନା ବାସ କରୁଥିବା ସ୍ପେନୀୟମାନେ ଏହି ହୁଇସିଲ୍ ବା ସୁଇସୁଇ କଥା-ଭାଷା ବ୍ୟବହାର କରୁଛନ୍ତି ।

ସୁଇସୁଇ କଥାଭାଷା ସାରା ପୃଥିବୀରେ ଏହି ଗୋଟିଏ ସ୍ଥାନରେ ମିଳୁଛି କିନ୍ତୁ ଫିସ୍‌ଫିସ୍ କଥା ସିଂହଳ ଜଙ୍ଗଲର ଭେଦା ଓ କେନ୍ଦ୍ର ଆଫ୍ରିକାର ମାଳରେ ବାସ କରୁଥିବା ବାମନ ଆକୃତି ମନୁଷ୍ୟଙ୍କ ଭିତରେ ମିଳୁଛି । ଏଭଳି ଫିସଫିସ୍ କଥା ମମୁଲି ଫିସ୍‌ଫିସ୍ ନୁହେଁ ଏହା ଏକ ବିଶେଷ ଧରଣର ଏକସୁରିଆ କଥା । ଏହାକୁ ଧ୍ୱନିରେ 'ଏକ ଅଦ୍ଭୁତ ଲଗାତାର ଭାବରେ ଜମିଉଠୁଥିବା ଶବ୍ଦ' ବୋଲି କୁହାଯାଇଛି । ଯେଭଳି ଶବ୍ଦ 'ଦାଲ ଧକଉଥିବା କୁକୁରଙ୍କର' ମୁହଁରୁ ଶୁଣାଯାଏ ।

ଏଭଳି ଧ୍ୱନିର କାରଣ ବେଶ୍ ପରିଷ୍କାର ସତରେ ଶିକାର ବେଳେ ହାତୀ ବା ହରିଣମାନଙ୍କର ପାତଳା କାନକୁ ଏଡ଼ାଇ ସନ୍ଦେଶ ପଠାଇବା

ହେଲା ଏଭଳି ଧ୍ୱନିର ଉଦ୍ଦେଶ୍ୟ । ବାର୍ତ୍ତା ପ୍ରେରଣର ମାଧ୍ୟମ ହେଲା ଫିସ୍‌ଫିସ୍‌ର ଭାଷା ।

ସାମାଜିକ ବ୍ୟବହାର ଓ ମାନ୍ୟ ଆଦର ଅର୍ଥାତ୍ ଭଦ୍ରାମି, ଲୋକଙ୍କ ପୂଜ୍ୟପୂଜା ଇତ୍ୟାଦି ବି ଏକ ପ୍ରକାର ପ୍ରଚଳିତ ମନୁଷ୍ୟ ପଦ୍ଧତି । ଏହାର ଉଦ୍ଦେଶ୍ୟ ହେଲା ଆଦରଣୀୟ ଓ ଆଦରକାରୀ ଭିତରେ ବାର୍ତ୍ତା ବିନିମୟ । ଜଣେ ଲୋକଙ୍କ ଓ ଆଦରଗ୍ରାହକ ମାନେ ଅନ୍ୟ ଜଣେ ତାର ଯଥାବିଧି ପରିବର୍ତ୍ତନ କରେ । ଏଗୁଡିକ ପୃଥିବୀର ବିଭିନ୍ନ ଦେଶରେ ବିଭିନ୍ନ ରୂପରେ ଦେଖାଦିଏ । ସାମାଜିକ ଗତିଗତି, ସାମାଜିକ ବିବର୍ତ୍ତନ, ପରିବର୍ତ୍ତନରେ ଏହାର ତାରତମ୍ୟ ଘଟେ କିନ୍ତୁ କେତେଗୁଡିଏ ମୌଳିକ ପୂଜ୍ୟପୂଜା, ଅତିଥି ସତ୍କାର, ଅଭ୍ୟାଗତ ଅଭ୍ୟର୍ଥନା ଇତ୍ୟାଦି ସଭ୍ୟତାର ଅଙ୍ଗ ହୋଇ ରହିବ । ଅବଶ୍ୟ କେହି ଜଣେ ପ୍ରଚଳିତ ବିଧାନରେ ଯଥାବିଧି କଲେ ତାହାର କୌଣସି ମୂଲ୍ୟ ନାହିଁ । କାରଣ ତାହା ହେବାର ଥିଲା । ଯଦି ସେ ଓଲଟା କଲା ତେବେ ତାହାର ନାସ୍ତିମୂଳକ ବା ଋଣାତ୍ମକ ମୂଲ୍ୟ ହୁଏ । ଯଦି ଆଦରରୁ ଟିକିଏ ବଢ଼ିଲା ତେବେ ତାହା ମୂଲ୍ୟବାନ୍ ହୁଏ । ଯଦି ବେଶି ବଢିଗଲା ତେବେ "ଅତିଭକ୍ତି ଚୋରର ଲକ୍ଷଣ ।"

## ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସଙ୍କେତ

ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଠାର ହେଲା ଭାଷା ସଙ୍କେତତତ୍ତ୍ୱ ଅନୁସାରେ ଭାଷା ହେଉଛି ଠାରର ଶୃଙ୍ଖଳିତ ସମାହାର । ଏହାର ସମାଜ ପାଇଁ ସମାଜରେ ସୃଷ୍ଟି । ଏହାର ଉଦ୍ଦେଶ୍ୟ ଉପରିଲିଖିତ ସଙ୍କେତ ଓ ବିଶେଷ ସଙ୍କେତ ବା ଠାର ଠାରୁ ଭିନ୍ନ ନୁହେଁ । କେବଳ ଏହାର କେତେଗୁଡ଼ିଏ ବିଶେଷତ୍ୱ ଅଛି ଯାହା ଅନ୍ୟ କୌଣସି ସଙ୍କେତ ବା ଠାରରେ ଦେଖାଯାଏ ନାହିଁ ।

ଆମର ମାତୃଭାଷା ଆମପାଇଁ—ଆମର ଯେ କୌଣସି ଲୋକ ପାଇଁ ଜଳବତ୍ ତରଳ । ତେବେ ପ୍ରକୃତରେ ଏହା ଏତେ ସରଳ ତରଳ ନୁହେଁ । ଅତି ଶୈଶବରୁ ଆମେ ଏଥିରେ ମଜ୍ଜି କରି ଅଛୁ । ଆମର ଅଜ୍ଞାତରେ ଆମେ ଏହାର ବିଧିବିଧାନ ହାସଲ କରିଛୁ । ଯେଉଁ ଧାରାରେ ବି କରିଛୁ ତାହା ବି ଆମର ଗୋଚରରେ ନାହିଁ । ପରେ ଯେତେବେଳେ ସ୍କୁଲରେ ପାଠପଢ଼ିଛୁ

ସେତେବେଳେ ଜାଣିପାରନ୍ତୁ ଯେ ଏହି ମାତୃଭାଷାର ବିଧିବିଧାନ, ସ୍ୱଭପଦ୍ଧତି କ'ଣ ।

ଆମେ ବିମୁକ୍ତ ଓ ସହଜ ଭାବରେ କଥା କହୁଛୁଁ ସତ କିନ୍ତୁ ଭାବିବା କଥା ହେଉଛି ଏକ ଅତ୍ୟନ୍ତ ଜଟିଳ ଠାର-ଶୃଙ୍ଖଳାର ସମାହାର ଯାହା ସବୁ କଳ୍ପନାଯୋଗ୍ୟ ଧାରଣା, ଚିନ୍ତା ଓ ଭାବର ପ୍ରକାଶ ପାଇଁ ସାମର୍ଥ୍ୟ ଅର୍ଜନ କରିଛି । ଏକଥା ଆମେ ପ୍ରାୟ ଭୁଲି ଯାଉଥାଉଁ ।

ମନେକରନ୍ତୁ ଆମର ଭାଷା ନାହିଁ । ଅଥବା ଦିନେ ଆମେ ସବୁ ଓଡ଼ିଆଭାଷୀ ସ୍ଥିର କଲୁ ଯେ ଓଡ଼ିଆ ଭାଷାରେ କଥା ନ କହି ଆଉ ଏକ ଠାରର ଶୃଙ୍ଖଳା ବ୍ୟବହାର କରିବା । ତେବେ କ'ଣ ହେବ ?

ଇଂରାଜ ବ୍ୟଙ୍ଗରସିକ ଲେଖକ ସୁଇଫ୍ଟ୍ ତାଙ୍କର 'ଗଲିଭର ଭ୍ରମଣକାହାଣୀ'ରେ ଏଭଳି ଏକ ଅସମ୍ଭବ ଉଦ୍ଭଟ ପରିସ୍ଥିତି କଥା ଲେଖିଛନ୍ତି । ଗଲିଭର ବୁଲି ବୁଲି ଯାଇଁ ଲାପୁଟା ଦେଶରେ ପହଞ୍ଚିଲେ । ସେ ଏକ ଉଦ୍ଭଟ ସଭ୍ୟତା । ସେଠାରେ କିଛି ଉଦ୍ଭଟ ପଣ୍ଡିତ ଥିଲେ ଯେଉଁମାନେ ନିଷ୍ପତ୍ତି କଲେ ଯେ ସେମାନେ ଭାଷାରେ କଥାବାର୍ତ୍ତା ନ ହୋଇ ବସ୍ତୁ ଜରିଆରେ କଥାବାର୍ତ୍ତା ହେବେ । ଯଦି ଆପଣଙ୍କର ସେଟି ଦରକାର ତେବେ ଆପଣ ସେଟିଟିଏ ଦେଖାଇବେ । ଯଦି ଆପଣଙ୍କୁ ଶୋଷ କରୁଛି ତେବେ ପାଣି ବୋତଲଟିଏ ଦେଖାଇବେ । ପ୍ରତ୍ୟେକ ପଣ୍ଡିତଙ୍କ ସାଙ୍ଗରେ ଜଣେ ଜଣେ ଚାକର ଥିବ ଯିଏ ଦରକାର ଥିବା ଜିନିଷଗୁଡ଼ିକ ଗୋଟିଏ ମୁଣିରେ ପୂରାଇ ପଣ୍ଡିତଙ୍କ ସଙ୍ଗେ ସଙ୍ଗେ ଚାଲିଥିବ । ତେବେ ଯଦି ପଣ୍ଡିତ ଜଣକୁ କହିବେ 'ମୁଁ ଘୋଡ଼ା ଉପରେ ଯିବି ।' ତେବେ ସେ କ'ଣ ମୁଣି ଭିତରେ ଗୋଟିଏ ଘୋଡ଼ା ରଖି ପାରିବେ ? ତା'ଛଡ଼ା ସେ ଯଦି କହିବେ 'ଏକଥା ମୋର ବିବେକ କହୁନାହିଁ ।' ତେବେ ମୁଣି ଭିତରୁ 'ବିବେକ' ନାମକ କେବଣ ପଦାର୍ଥ କାଢ଼ିବେ ?

ଯଦି ପ୍ରକୃତ ସାକ୍ଷାତ ବସ୍ତୁ ବଦଳରେ ତା'ର ଚିତ୍ର ବି ବ୍ୟାଗରେ ଭରି କରି ନିଅନ୍ତୁ ତେବେ ବି ଲାପୁଟା ପଣ୍ଡିତ କାହିଁକି ଚିତ୍ରକୁ ଦର୍ଶାଇ-ପାରିବେ ? ତେବେ ବି 'ବିବେକ'ର କିଭଳି ଚିତ୍ର ହେବ ? ତାକୁ କିଏ ବୁଝିବ ? ତେଣୁ ଏହି ଉଦ୍ଭଟ ପଣ୍ଡିତମାନଙ୍କର ପ୍ରସ୍ତାବ ଶେଷରେ ଅସମ୍ଭବ

ହିଁ ହୋଇଗଲା । ସୁତରାଂ ଏଥିରୁ ଏକଥା ଛଟେଳକ୍ରରେ ପ୍ରମାଣ କରେ ଯେ ଆମର କଥିତ ଭାଷାଠାରୁ ଭାବ ଆଦାନ ପ୍ରଦାନ କ୍ଷେତ୍ରରେ ଆଉ କୌଣସି ଠାର ବା ସଙ୍କେତ ଅଧିକ ସମୃଦ୍ଧ ନୁହେଁ ।

ଏହାର କାରଣ ? ସଙ୍କେତତତ୍ତ୍ୱ ଅନୁସାରେ ଏହାର କାରଣ ହେଉଛି ଭାଷା "ମୂଳରୁ ସାଧିତ ଓ ଦାତ ।" ଅନ୍ୟାନ୍ୟ ଠାର ସମାହାରରେ ଆମର ଚିହ୍ନ ଓ ଚିତ୍ର ଏ ଦଳ ଥାଆନ୍ତି । ଯାହା ହେଉଛି ପ୍ରକାଶ ଓ ଯାହା ହେଉଛି ପ୍ରକାଶର ଆଧାର । ଭାଷା ଆଦ୍ଭରି ବହୁ ଜଟିଳତା ଭିତରେ ତିଆରି ହୁଏ । ଆମର ପୁରୁଣା ଚିହ୍ନ '!' ଚିହ୍ନକୁ ଧରାଯାଉ । ଗ୍ରାଫିକ୍ ତୁଳନାରେ ଏହା ଏପରି ସଙ୍କେତ ଲିଖିତ ଭାଷାରେ ଏହା ବିସ୍ମୟ ସୂଚକ ଚିହ୍ନ । ଲିଖିତ ଭାଷାରେ ଏହା କ'ଣ କୌଣସି ନିର୍ଦ୍ଦିଷ୍ଟ କାର୍ଯ୍ୟ, ଗୁଣ ବା ବସ୍ତୁକୁ ବୁଝାଏ ? ଯେପରି 'ହାତୀ' ଶବ୍ଦ ଗୋଟିଏ ଜନ୍ତୁକୁ ବୁଝାଏ । ଏକ ନିର୍ଦ୍ଦିଷ୍ଟ ଜନ୍ତୁ । କିନ୍ତୁ 'ହ ଆ ତ ଈ' ଏହି ଚାରୋଟି ଅକ୍ଷରରେ ଗୋଟିଏ ଗୋଟିଏ ଚିହ୍ନ । ଏମାନେ ପ୍ରତ୍ୟେକ କି କରୁ ବୁଝାନ୍ତି ? ନାହିଁ । ତେବେ ଏମାନେ ଠାର କିପରି ହେଲେ ?

ଆଧୁନିକ ଭାଷାବିତ୍‌ଙ୍କ ମତରେ ଏହି ଗୋଟିଏ ଗୋଟିଏ ଠାରର କିଛି ଅର୍ଥ ନାହିଁ । ସବୁଗୁଡ଼ିକ ଠାର ଯୋଡ଼ା ହେଲେ ଯାଇ ଅର୍ଥ ବାହାରିବ । 'ଅ' ଅକ୍ଷରର ଅର୍ଥ ହେଉଛି ଏହା 'ଅ' ଏହା 'କ' ନୁହେଁ ବା 'ବ୍' ନୁହେଁ ବା ଏହା ଗୁଡ଼ାଏ ରେଖାର ସମଷ୍ଟି ନୁହେଁ ଏହା ଗୋଟିଏ ଅକ୍ଷର ଗୋଟିଏ ଶୃଙ୍ଖଳା ବା ସଜ୍ଜାର ଏକ କଣିକା ବା ପରମାଣୁ । ଏହି ପରମାଣୁ ଯୋଡ଼ି ଆମେ ଅଣୁ ତିଆରି କରୁ ଯାହା ହେଲା ଭାଷାର ଶବ୍ଦ । ଯେଉଁଥିରୁ ଆମେ ପଦବିନ୍ୟାସ କରି ବାକ୍ୟ ଗଠନ କରୁ ଓ ଲେଖା ଲେଖୁଁ ବା କଥା କହୁଁ ।

କଡ଼ା ହୋଇ ଧରିଲେ, ମନୁଷ୍ୟ ଭାଷାରେ ଶବ୍ଦ ହିଁ ଠାର ଅକ୍ଷର ବା କଥାରେ ହେଉଥିବା ଧ୍ୱନି ବା ଫୋନିମ୍ (ଧ୍ୱନିଅଣୁ) ଠାର ନୁହେଁ କାରଣ ଅର୍ଥ ଅଛି ଶବ୍ଦରେ, ଅକ୍ଷରରେ ନାହିଁ କି ଧ୍ୱନି-ଅଣୁରେ ନାହିଁ । ଅକ୍ଷରଗୁଡ଼ିକ ସହିତ ଏ ବାସ୍ତବ ସଂସାରର କୌଣସି ବସ୍ତୁକୁ ମେଳକ ନାହିଁ । ସେମାନେ ଠାର ନୁହନ୍ତି ସେମାନେ ଏକାଠି ମିଶି ଠାର ତିଆରି କରନ୍ତି । ଯଥା ହାତୀ, ଯାହାର ଚାରିଗୋଟି ଅକ୍ଷର ହେଉଛନ୍ତି ପ୍ରତ୍ୟେକ ଅର୍ଥହୀନ । ତେଣୁ ବିଜ୍ଞାନ ପରିଭାଷାରେ ଅକ୍ଷରଗୁଡ଼ିକୁ କୁହାଯାଏ 'କାର' ବା 'ଫିଗାର'

ବା କର୍ଣ୍ଣ, ତେବେ ଏଗୁଡ଼ିକ ମଣିଷ ସମ୍ପାଦନ କାହିଁକି ? ଖାଲି ଶବ୍ଦରେ ତ ମଣିଷ କଥା କହୁଛି ? ତେଣୁ ଶବ୍ଦଗୁଡ଼ିକୁ ତ ଗୋଟିଏ ଗୋଟିଏ ଚିହ୍ନ କରିଦେଲେ କାମ ତୁଟି ଯାଆନ୍ତା । କାହିଁକି ଭାଷାଟାରେ ଟ୍ରାଫିକ୍ ସଙ୍କେତ ଭଳି କେତେଗୁଡ଼ିଏ ଶବ୍ଦର ପ୍ରତୀକ ଠିକ୍ କରି ଦିଆ ନଗଲା ? ଏହି ପ୍ରଶ୍ନର ଉତ୍ତର ମିଳୁଛି ଭାଷାତତ୍ତ୍ୱବିତ୍‌ଙ୍କଠାରୁ ନୁହେଁ କମ୍ପ୍ୟୁଟରତନ୍ତ୍ରବିଦ୍‌ଙ୍କଠାରୁ । ସେମାନେ କହୁଛନ୍ତି ମନୁଷ୍ୟର ସ୍ମୃତିଶକ୍ତିର ଦୌଡ଼ ବା ମଣିଷ ସ୍ମୃତିଭଣ୍ଡାର ଅଫୁରନ୍ତ ବା ଅସୀମ ନୁହେଁ । ମଣିଷ ତା'ର ମସ୍ତିଷ୍କରେ ସବୁ ଠାରି ଶବ୍ଦକୁ ମହଜୁଦ ରଖି ପାରିବ ନାହିଁ । ଟ୍ରାଫିକ୍ ସଙ୍କେତରେ ଚାଳିଶ ପଚାଶ ଯୋଡ଼ା ଯାଏ ଠାରି ଥିବ କିନ୍ତୁ ଭାଷାରେ ତ ଏଭଳି ଅଯୁତ ଅଯୁତ । ଇଂରାଜୀ ଜ୍ୟୋତିପଦାର୍ଥବିତ୍ ଓ ବିଜ୍ଞାନ-ଉପନ୍ୟାସର ଲେଖକ ହୟଲ ଗୋଟିଏ ଅଦ୍ଭୁତ ଶୂନ୍ୟବାସୀ ଜୀବର ବର୍ଣ୍ଣନା ଦେଇଛନ୍ତି । ତାର ସ୍ମୃତିଶକ୍ତି କଳ୍ପନା-ତୀତ । ଏଭଳି ଜୀବ ପାଇଁ ଟ୍ରାଫିକ୍ ସଙ୍କେତ ରୂପରେ ଗୋଟିଏ ଭାଷା ଚଳିଯିବ, ଏଭଳି ଭାଷାରେ ଗୋଟିଏ ଠାରିରେ ଗୋଟିଏ ଶବ୍ଦ । ଏଭଳି ଲକ୍ଷ ଲକ୍ଷ ଶବ୍ଦ ପାଇଁ ଲକ୍ଷ ଲକ୍ଷ ଠାରି । ଏ ସବୁ ସେଭଳି ଜୀବ ସ୍ମୃତିରେ ସାଇତି ରଖି ପାରିବ । କିନ୍ତୁ ସାଧାରଣ ମନୁଷ୍ୟ ପାଇଁ ଏଭଳି ଭାଷା ଗଢ଼ିଲେ ଚଳିବ ନାହିଁ ।

ଏହାର ଉଦାହରଣ ପାଇଁ ଗୋଟିଏ ସ୍କୁଲରେ ପ୍ରାଥମିକ ଭାଷା କ୍ଲାସରେ ପ୍ରୟୋଗ ପରୀକ୍ଷା ହୋଇଥିଲା । ଗୋଟିଏ ସଂଖ୍ୟା ପିଲାଙ୍କୁ ଗୋଟି ଗୋଟି ଅକ୍ଷର ('m', 'a') ଓ ତା'ପରେ (ma, ma) ଏଭଳି ଶିଖାଗଲା । ଆଉ ଗୋଟିଏ ସଂଖ୍ୟା ପିଲାଙ୍କୁ ଏକାବେଳକେ 'ମାମା', 'କ୍ୟାଟ', 'ର୍ୟାଟ୍' ଇତ୍ୟାଦି ଗୋଟା ଗୋଟା ଶବ୍ଦ ଶିଖାଗଲା । (ଏହା ଇଂରାଜୀ ଭାଷା ସ୍କୁଲରେ ହୋଇଥିଲା ତେଣୁ ଅକ୍ଷର ଓ ଶବ୍ଦ ଥିଲା ଇଂରାଜୀ) ପ୍ରଥମେ ପ୍ରଥମେ ସବୁ ଠିକ୍ ଚାଲିଥିଲା । କିନ୍ତୁ ପଛକୁ ପିଲାମାନେ ଆଗେଇ ପାରିଲେ ନାହିଁ । ସେମାନେ ପ୍ରାୟ ଚାଳିଶଟା ଶବ୍ଦରୁ ଆଉ ବେଶୀ ମନେ ରଖିପାରିଲେ ନାହିଁ । ବହୁ ଚେଷ୍ଟାରେ ଆଉ ଦଶଟା ଶବ୍ଦ ଶିଖାଇ ଦେଲେ ମୂଳରୁ ଶିଖିଥିବା ଚାଳିଶରୁ ଦଶଟା ମନରୁ ବାହାରି ଗଲା । ପିଲାମାନେ ତ ମନୁଷ୍ୟ ଛୁଆ, ସେମାନେ ତ ହୟଲଙ୍କର ଶୂନ୍ୟବାସୀ ଜୀବ ନୁହଁନ୍ତି ଯେ ସେମାନେ ଅସୀମ ବିଷୟବସ୍ତୁକୁ ମନରେ ରଖି ପାରିବେ ।

ମନେକରାଯାଉ ଯେ, ମନୁଷ୍ୟର କାନକୁ ଯେଉଁ ଧ୍ୱନି ଅନ୍ୟ ଧ୍ୱନି ଠାରୁ ଅଲଗା ଶୁଭିଲା ତାହାକୁ ଗୋଟିଏ ଶବ୍ଦ ବୋଲି ଧରାଗଲା । ଏଥିରେ ନାନା ଗଣ୍ଡଗୋଳ, ଭୁଲ ବୁଝାମଣା ହେବ ଯଦି କଣ୍ଠରେ, ଗଳାର ତାର ସ୍ୱର ବା ନିମ୍ନ ସ୍ୱରର ତାରତମ୍ୟ ବା କ୍ଷୀଣତା ବା କର୍କଶତାରେ ଟିକିଏ ଉଲିଆ ବଲିଆ ହୁଏ ଓ ତାହା ଫଳରେ ନୂଆ ଶବ୍ଦ ସୃଷ୍ଟି ହୁଏ । ବେଶି ବେଶି ସଂଖ୍ୟାର ଧ୍ୱନି-ଶବ୍ଦ ହେଲେ ବାଚନ-ନଳୀ ପାଇଁ ବି ନାନା ଝଞ୍ଜାଟ ଉପୁଜିବ । ଶେଷରେ, ସବୁ ଶବ୍ଦ ପାଇଁ ଯଥେଷ୍ଟ ଧ୍ୱନି ତରଙ୍ଗ ବି ମିଳିବ ନାହିଁ । ପ୍ରତ୍ୟେକ ଭାଷାର ହଜାର ହଜାର, ଲକ୍ଷ ଲକ୍ଷ ଶବ୍ଦ ରହିଛି । କାନ ଏତେ ପ୍ରକାର ଧ୍ୱନିରୁ ଠିକ୍ ଭୁଲ ବାରି ପାରିବ ନାହିଁ ।

ତେଣୁ ଆମର ଧ୍ୱନିଗତ ଭାଷା ହେଉଛି ବହୁସ୍ତ୍ରୈରିକ ଗଢ଼ଣ । ଏହାର ପ୍ରଥମ ସ୍ତର ହେଲା ଧ୍ୱନି-ଅଣୁ ତା'ପରେ ଶବ୍ଦ ଓ ଶେଷରେ ବାକ୍ୟାଂଶ ଓ ବାକ୍ୟ । ବିଭିନ୍ନ କଥିତ ଭାଷାରେ ଏହି ଧ୍ୱନି-ଅଣୁ ସଂଖ୍ୟା କେଉଁଠି ୧୦-୧୨ ଯାଏ ତ କେଉଁଠି ୭୦-୮୦ । ପୃଥିବୀରେ ସବୁଠାରୁ ଅଳ୍ପ ବିକାଶିତ ଭାଷାରେ ବି ହଜାର ହଜାର ଶବ୍ଦ ରହିଛି । ତେଣୁ ଏହି ଶବ୍ଦମାନଙ୍କ ଦ୍ୱାରା କେତେ ଯେ ବାକ୍ୟ ତିଆରି ହୋଇ ପାରିବ ତାହା ହିସାବ କରି ହେବ ନାହିଁ ।

ଡେନମାର୍କର ବୈଜ୍ଞାନିକ ଲୁଇସ୍ ଓହେଲ୍ମ୍‌ସ୍ଲେଭଙ୍କ ଭାଷାରେ "ତେଣୁ, ଭାଷା ଏଭଳି ତିଆରି ହୋଇଛି ଯେ ମୁଷ୍ଟିମେୟ ବର୍ଣ୍ଣ ବା କାଷ୍ଟ ସାହାଯ୍ୟରେ ଜଣେ ଅସଂଖ୍ୟ ଠାର ବା ଶବ୍ଦ ତିଆରି କରିପାରିବ ।" ସେ ଆହୁରି ମଧ୍ୟ କହିଛନ୍ତି "ଉଦ୍ଦେଶ୍ୟ ଦୃଷ୍ଟିରୁ ଭାଷାଗୁଡ଼ିକ ହେଲେ ମୂଳରୁ ଠାର ସମଷ୍ଟିର ଶୃଙ୍ଖଳା, କିନ୍ତୁ ଆଭ୍ୟନ୍ତରୀଣ ଅବୟବ ଗଠନ ଦୃଷ୍ଟିରୁ ସେମାନେ ଏହାଠାରୁ ଭିନ୍ନ ଆଉ ଏକ ଜିନିଷ । ଅର୍ଥାତ୍ ଅକ୍ଷରର ସମାହାର ଯାହା ନେଇ ଏହି ଠାରଗୁଡ଼ିକ ତିଆରି କରାଯାଇଥାଏ ।" ଏହିଭଳି ଭାବରେ ଉକ୍ତ ବୈଜ୍ଞାନିକ ଭାଷାତତ୍ତ୍ୱ ଓ ସଙ୍କେତତତ୍ତ୍ୱ ଭିତରେ ଥିବା ବ୍ୟବଧାନରେ ସେତୁବନ୍ଧ ରଚନା କରିଛନ୍ତି ।

ଭାଷାର ଏହି ଗୁଣ ଥିବାରୁ ଆମେ ଯେ କୌଣସି ସମୟରେ ଯେ କୌଣସି ଭାବନା ବା ଉଚ୍ଛ୍ୱାସ ପ୍ରକାଶ କରିପାରୁଛୁ । କେତୋଟି ଅକ୍ଷର ସାହାଯ୍ୟରେ ବା କେତୋଟି ଧ୍ୱନି ଅଣୁ ସାହାଯ୍ୟରେ ଆମେ ଭାଷାର ଅଗାଧ

ସାଗର ଓ ସମୃଦ୍ଧି ସୃଷ୍ଟି କରି ପାରନ୍ତି ଠିକ୍ ସେପରି କେତୋଟି ରସାୟନିକ ମୌଳିକ ବସ୍ତୁରୁ ଆମର ବାସଭୂମି ଏବଂ ବୈଚିତ୍ର୍ୟମୟ ପୃଥିବୀ ସୃଷ୍ଟି ହୋଇଛି ।

## ସଙ୍କେତତତ୍ତ୍ୱ କଣ କହେ ?

ବିଲାତର ବିଖ୍ୟାତ ନାଟ୍ୟକାର ବର୍ନାର୍ଡ୍ ଶ ଥରେ କହିଥିଲେ ଜଣେ ବିଶେଷଜ୍ଞ ହେଉଛନ୍ତି ସେହି ଲୋକ ଯିଏ ଟିକିକରୁ ଟିକିଏ ବିଷୟରେ ବେଶିରୁ ବେଶି କଥା ଜାଣିବାକୁ ଚେଷ୍ଟା କରି କରି ଶେଷରେ ଶୂନ୍ୟ ବିଷୟରେ ସବୁ ଜାଣିପାରେ ।

ଏକଥା ବୋଧହୁଏ ବର୍ନାର୍ଡଶଙ୍କ କାଳରେ ସତ୍ୟ ଥିଲା କିନ୍ତୁ ବିଂଶ ଶତାବ୍ଦୀର ମଝିଲା କାଳ ବେଳକୁ ଭିନ୍ନ ଭିନ୍ନ ବିଜ୍ଞାନ ଭିତରେ ଏକପ୍ରକାର ସମନ୍ୱୟ ଓ ସହଯୋଗ ଆରମ୍ଭ ହୋଇ ଗଲାଣି । ଏହାର ଆରମ୍ଭ ମୂଳ ହେଲା କଂପ୍ୟୁଟର ତତ୍ତ୍ୱ । ଏଠାରୁ ଦେଖାଗଲା ଯେ ଇଲେକ୍ଟ୍ରୋନିକ୍, ବୈଜ୍ଞାନିକ, ମନସ୍ତାତ୍ତ୍ୱିକ, ପ୍ରାଣି ବୈଜ୍ଞାନିକ, ଗଣିତଜ୍ଞ, ଇଞ୍ଜିନିୟର, ଓ ଗାଣିତିକ ଯୁକ୍ତିବିଦ୍, ଭାଷାବିତ୍ ଓ ଅର୍ଥବିଦ୍ୟା ବିଶେଷଜ୍ଞଙ୍କ ଭିତରେ ସମଭାବରେ ଚିନ୍ତା କରିବାର ବେଳ ଆସିଯାଇଛି । ଏଠାରୁ ଦେଖାଗଲା ଯେ ମାନବବିଦ୍ୟା ଓ ବିଜ୍ଞାନ ଭିତରେ ଚିନ୍ତା ଓ ଧାରଣାରେ ଯେଉଁ କୁମେରୁ ଓ ସୁମେରୁ ବ୍ୟବଧାନ ଥିଲା ତାହା ଆଉ ନାହିଁ । ପ୍ରାକୃତିକ ବିଜ୍ଞାନ ଓ ଇଞ୍ଜିନିୟର ମାନବ ବିଦ୍ୟାର ବହୁ ସମସ୍ୟା ଉପରେ ଆପଣାର ପଦ୍ଧତିରେ ଗବେଷଣା ଆରମ୍ଭ କରିଦେଲେଣି ।

ସଙ୍କେତତତ୍ତ୍ୱ ଏହିଭଳି ଏକ ଯୌଗିକ ବୈଜ୍ଞାନିକ ତତ୍ତ୍ୱ । ଏହା ଏବେ ନୂତନ କିନ୍ତୁ ଯେଉଁ ବିଷୟରେ ଏହା ଚର୍ଚ୍ଚା ଆରମ୍ଭ କରିଛି ତାହା ମନୁଷ୍ୟ ସୃଷ୍ଟି ଦିନର, ତେଣୁ ସବୁଠାରୁ ପୁରାତନ ।

ପ୍ରଥମେ ଗଣିତ ଏବଂ ସଙ୍କେତ ତତ୍ତ୍ୱ ବିଷୟରେ ଚର୍ଚ୍ଚା ଆରମ୍ଭ କରିଥିଲା । ଗତ ଶତାବ୍ଦୀର ମଝିଲା ବେଳକୁ ଗାଣିତିକ ଯୁକ୍ତି ପ୍ରଥମେ ମନୁଷ୍ୟର ଚିନ୍ତା ଜଗତରେ ଦେଖାଦେଲା । ଏହା ପ୍ରଥମେ ସଂସାରକୁ ଦର୍ଶାଇଦେଲା ଯେ ଗଣିତ ଓ ଯୁକ୍ତିଶାସ୍ତ୍ର ହେଉଛି ଗୋଟିଏ ଧରଣର ଠାର,

ଯଥା ଏକାବେଳକେ କଡ଼ାକଡ଼ ବିଧିବିଧାନରେ ବନ୍ଧା । ଏହାର ବହୁ ପରେ ଏହି 'ବିଶୁଦ୍ଧ ତତ୍ତ୍ୱ' କଂପ୍ୟୁଟର ବିଜ୍ଞାନ କ୍ଷେତ୍ରରେ ବ୍ୟବହାରରେ ଲାଗିଲା । ଯନ୍ତ୍ରସବୁ ଯେ ହିସାବ, ଗଣିତ ଇତ୍ୟାଦି କରିପାରିଲେ ତାର କାରଣ ସେମାନେ ନିର୍ଘଣ୍ଟ କଡ଼ାକଡ଼ ଆଇନ ଓ ବିଧିବିଧାନର ଶୃଙ୍ଖଳାରେ ବନ୍ଧା ହୋଇ ରହିଛନ୍ତି ।

ଗଣିତ ପରେ ପରେ ଖୋଲିଲେ ଭାଷାବିତ୍‌ଗଣ । ସେମାନେ କହିଲେ କୌଣସି ଭାଷା ଠିକ୍ କିଭଳି ଜିନିଷ ତାହା ଜାଣିବାକୁ ହେଲେ ତାହାକୁ ପୃଥିବୀର ଅନ୍ୟ ଭାଷା ସହିତ ତୁଳନା କରି ଦେଖିବାକୁ ହେବ । ମନେ କରନ୍ତୁ ଓଡ଼ିଆ ଭାଷା । ଏହାକୁ ଜାଣିବାକୁ ହେଲେ ଏହି ଭାଷାକୁ ଇଂରାଜୀ, ଜର୍ମାନ, ଚୀନ, ବଙ୍ଗଳା, ଏସ୍କିମୋ ଇତ୍ୟାଦି ଭାଷା ସଙ୍ଗରେ ତୁଳନା କରିବାକୁ ହେବ । ଏହା ସଙ୍ଗେ ସେମାନଙ୍କର କେଉଁ କେଉଁ ଜିନିଷରେ ମେଳ ଅଛି ଓ କେଉଁ କେଉଁ ପ୍ରଭେଦ ଅଛି ତାହାକୁ ବାହାର କରିବାକୁ ହେବ । ତା'ପରେ ମନୁଷ୍ୟର ଭାଷାଟା କଣ ତାହା ଜାଣିବାକୁ ହେଲେ ଅନ୍ୟାନ୍ୟ ଭାଷା-ଇତର ସଙ୍କେତ ବା ଠାରକୁ ମଧ୍ୟ ବୁଝିବାକୁ ହେବ । ଯଥା ଟ୍ରାଫିକ୍ ଠାର, ଆଦବ କାଏଦା, ଖେଳ କସରତ, ଭଙ୍ଗୀ, ନୃତ୍ୟ ଓ ଅନ୍ୟାନ୍ୟ ।

ଭାଷା ସମାଜ ପାଇଁ ସୃଷ୍ଟି, ଏହି ସମାଜରେ ସୃଷ୍ଟି । ଏହା ଅନ୍ୟାନ୍ୟ ଭାବର ବାହନ ଭଳି ସୃଷ୍ଟି । ମନୁଷ୍ୟ ସମାଜ ଭାଷା ବିନା ଚଳି ପାରିବ ନାହିଁ । ସେହି କାରଣରୁ ଏବେ ସଙ୍କେତତତ୍ତ୍ୱ ସମାଜବିଜ୍ଞାନୀ, ବଂଶାବଳିତତ୍ତ୍ୱଜ୍ଞ ଓ ଅର୍ଥନୀତି ବିଶାରଦମାନଙ୍କର ଧ୍ୟାନ ଆକର୍ଷଣ କରିଛି ।

ଭାଷାର ଶବ୍ଦଭଣ୍ଡାର ମସ୍ତିଷ୍କର ଠିକ୍ କେଉଁ ଜାଗାରେ ରହିଛି ? କେଉଁ ଜୀବକୋଷ ଗୁଡ଼ିକ କଥା କହିବା ପାଇଁ ପୂର୍ଣ୍ଣ ଦାୟିତ୍ୱ ନେଇଛନ୍ତି ? ବାଚନ କଥା ବୁଝିବା ପାଇଁ କେଉଁ ଜୀବକୋଷଗୁଡ଼ିକ ସକ୍ରିୟ ? କେଉଁଠି ମନୁଷ୍ୟର ବାଚନକେନ୍ଦ୍ର ? ସଙ୍କେତତତ୍ତ୍ୱର ଏହି ସମସ୍ୟାଗୁଡ଼ିକ ଶରୀର ବିଜ୍ଞାନ ଓ ମନସ୍ତତ୍ତ୍ୱ ସମାଧାନ କରିଛି । ଏବେ ମନୋବ୍ୟାଧି ବିଶେଷଜ୍ଞ ଓ ଶଲ୍ୟଚିକିତ୍ସକମାନେ ବିକଳ ବାଚନଶକ୍ତିକୁ ସଚଳ କରିବାରେ ଲାଗି ପଡ଼ିଛନ୍ତି (ଆହୁରି ବ୍ୟାପକ ଭାବରେ କହିଲେ ତାର କ୍ରିୟାକୁ ସଜାଡ଼ିବାରେ ଲାଗି ପଡ଼ିଛନ୍ତି) । ସେମାନେ ଏକଥା ପ୍ରମାଣ କରିଛନ୍ତି ଯେ ମନୁଷ୍ୟର ମସ୍ତିଷ୍କର

ଏକ ନିର୍ଦ୍ଦିଷ୍ଟ କେନ୍ଦ୍ରରେ କୌଣସି ଗୋଳମାଳ ହୋଇଗଲେ ବା ତାହା ଅଚଳ ହୋଇଗଲେ ବାକ୍‌ଶକ୍ତି ଲୋପ ପାଇଯାଏ ବା ବିକଳ ହୋଇଯାଏ । ସ୍ମୃତିଭ୍ରଂଶ ହୋଇଯାଏ ଓ ଶବ୍ଦ ଭଣ୍ଡାର ଉଜୁଡ଼ିଯାଏ । ଆମେ ସାଧାରଣ ମଣିଷ ପ୍ରଥମ ଶୈଶବରୁ ଠାର ଶିଶୁ ଅର୍ଥାତ୍ ଭାଷା ଶିଶୁ । କିନ୍ତୁ ଯେଉଁମାନେ ଦେଖିପାରନ୍ତି ନାହିଁ ଅର୍ଥାତ୍ ଜନ୍ମାନ୍ଧ ବା ଯେଉଁମାନେ ଶୁଣିପାରନ୍ତି ନାହିଁ ଅର୍ଥାତ୍ ଜନ୍ମରୁ କାଲ ସେମାନେ ତେବେ ଭାଷା ଶିଖନ୍ତି କିପରି ?

ଏକଥା ଏବେ ଜଣାଶୁଣା ଯେ କାଲ ଓ ଜନ୍ଧାଙ୍କ ପାଇଁ ଏବେ ଏକ ବିଶେଷ ଠାର ଭାଷା ତିଆରି ହୋଇଛି । ଅନ୍ଧଙ୍କ ପାଇଁ ସ୍ପର୍ଶର ଓ ଘ୍ରାଣର ଶକ୍ତି ପ୍ରବଳ ଥିବା ଦୃଷ୍ଟିରୁ ସେମାନେ ବି ଆଜି ବିଶେଷ କୋଡ୍ ବା ବ୍ରେଲ କୋଡ୍ ଦ୍ୱାରା ସବୁ କଥା ପଢ଼ି ପାରୁଛନ୍ତି । ଏବେ ପୃଥିବୀର ବହୁ ଇନ୍ଦ୍ରିୟ ବିକଳ ମଣିଷ ଯେ ଆପଣା ଜୀବନକୁ ବ୍ୟର୍ଥ ମଣୁ ନାହାନ୍ତି ତାହା ଆଜିର ସଙ୍କେତତତ୍ତ୍ୱର ଦାନ । ଅବଶ୍ୟ ସମାଜରେ ଆଜି ଶ୍ରେଣୀ ଭେଦ ଥିବାରୁ କୋଟି କୋଟି ବିକଳ ଇନ୍ଦ୍ରିୟ ଲୋକେ ସାଧାରଣ ମଣିଷ ପରି ଆତଜାତ ହୋଇ ପାରୁ ନାହାନ୍ତି । ତେବେ ସେସବୁ ବିଜ୍ଞାନ, ସଙ୍କେତତତ୍ତ୍ୱ ବା ଚିକିତ୍ସାର ଦୋଷ ନୁହେଁ ଦୋଷ ହେଉଛି ଆଜିର ସାମାଜିକ ବ୍ୟବସ୍ଥାର ।

ସଙ୍କେତତତ୍ତ୍ୱର ଆବିଷ୍କାର ଏ ଯୁଗରେ ପ୍ରଶିକ୍ଷଣ କ୍ଷେତ୍ରରେ ଖୁବ୍ ସାହାଯ୍ୟକାରୀ ହୋଇଛି । କାରଣ ଶିକ୍ଷାଦାନର ପଦ୍ଧତି ବହୁ ପରିମାଣରେ ସଙ୍କେତ ଶିକ୍ଷାଦାନ ବା ପ୍ରଶିକ୍ଷଣ ଉପରେ ନିର୍ଭର କରେ । ବର୍ଣ୍ଣମାଳା, ମାତୃଭାଷାର ହେଉ ବା ବିଦେଶୀ ଲିପିର ହେଉ, ଗଣିତର ସଙ୍କେତ, ପଦାର୍ଥବିଦ୍ୟା, ରସାୟନ ଓ ଅନ୍ୟାନ୍ୟ ବିଜ୍ଞାନର ସଙ୍କେତ ସବୁ ବିଦ୍ୟା ତ ସଙ୍କେତର ବିଦ୍ୟା ହୋଇ ଗଲାଣି । ଶେଷରେ ସଙ୍କେତତତ୍ତ୍ୱ ଆବିଷ୍କାର ନ ହୋଇଥିଲେ କଂପ୍ୟୁଟର ଯନ୍ତ୍ରର ଚମତ୍କାର ଏ ସଂସାର ଜାଣି ନଥାନ୍ତା । ମନୁଷ୍ୟର ସଙ୍କେତଧାରାକୁ ଯନ୍ତ୍ରର କଡ଼ା ଶୃଙ୍ଖଳା, ଶାସନ, ଓ ନେକଠୋକ ବିଧିବିଧାନ ଭିତରେ ରଖିବା ପାଇଁ ସଙ୍କେତତତ୍ତ୍ୱ ବହୁଭାବରେ ସାହାଯ୍ୟ କରିଛି ।

ହେଲେ, ଏକଥା ଜୋର ଦେଇ କହିଦେବା ଉଚିତ ଯେ ମନୁଷ୍ୟର ସକଳ ପ୍ରକାର ସଙ୍କେତକୁ ଯନ୍ତ୍ର ବା ବିଜ୍ଞାନର ସୂତ୍ର ବା ରେଖା ବା

ଠାଉରେ ପରିଣତ କରାଯାଇ ପାରିବ ନାହିଁ । ମହାନ୍ ଚିତ୍ରକରମାନଙ୍କର ଚିତ୍ରକଳାର ରୂପ ବା କବିର କବିତା କେତେ ଯନ୍ତ୍ରର ସଙ୍କେତମାଳାର ଚଉହଦ୍ଦ ଭିତରେ ରହି ପାରିବେ ନାହିଁ । ସଙ୍କେତତନ୍ତ୍ରର କାର୍ଯ୍ୟ ହେଲା କୌଣସି 'ଭାଷା'ର ବିଧିବିଧାନକୁ ଆବିଷ୍କାର କରିବା । ଏହି ବିଧିବିଧାନକୁ ମାନି ଚାଲିଲେ ଏକ ଗଦ୍ୟାଦର୍ଶ ବା 'ବିଷୟବସ୍ତୁ' ବାହାରି ପାରିବ । ଏହି 'ବିଷୟବସ୍ତୁ' ଆମର ମାମୁଲି ଭାଷାର ଓ ଗୋଟିଏ ବାକ୍ୟ ବା ବାକ୍ୟାଂଶ ହୋଇପାରେ ବା ମନୁଷ୍ୟର ବା ଜୀବଜନ୍ତୁର ଚଳଚଳଣିର ଗୋଟିଏ ଧାରା 'ବିଷୟବସ୍ତୁ' ହୋଇପାରେ ଅଥବା ଏକ ଶିଳ୍ପକଳାର ନମୁନା ହୋଇ-ପାରେ । କିନ୍ତୁ ଶିଳ୍ପକଳା କବିତା, ଚିତ୍ର ଇତ୍ୟାଦିର ସଙ୍କେତମାଳା ଆଉ ଆଉ ସଙ୍କେତମାଳାଠାରୁ ଅଲଗା କାରଣ ଏହାର 'ବିଷୟବସ୍ତୁ' ଭାଷାର ବା ସଙ୍କେତର ବା ଠିକର ଆଇନ କାଇଦାକୁ ଅନୁସରଣରେ ମିଳେ ନାହିଁ । ଠିକ୍ ଯେପରି ଯେ କୌଣସି ଲୋକ ଜ୍ୟାମିତି ଜାଣିଥିଲେ ପିଥାଗୋରାସଙ୍କର ଉପପାଦ୍ୟଟିକୁ ସ୍ୱତଃ ଅନୁସାରେ ଲେଖିପାରିବ ଠିକ୍ ସେପରି କେହି କାଳିଦାସ ଜାଣିଥିବା ସବୁ ସଂସ୍କୃତ ପଦ ଜାଣିଥିଲେ ବି 'ମେଘ-ଦୂତ' ଲେଖିପାରିବ ନାହିଁ । ଠିକ୍ ସେପରି ସପ୍ତବର୍ଣ୍ଣର ସବୁ ରଙ୍ଗ ଓ ବିଜ୍ଞାନର ସବୁ ଆବିଷ୍କାର ରଙ୍ଗକୁ ଓ ତାହାକୁ ମିଶାଇବାର ସବୁ କାଇଦାକୁ ହୋରସ୍ତ କରିଥିଲେ ବି ଜଣେ କେହି ଲିଓନାର୍ଡୋ ଭିନ୍ସି ବା ପିକାସୋ ବା ଯାମିନୀ ରାୟଙ୍କର ଚିତ୍ର ଭଳି ଅବିକଳ ଚିତ୍ର ଆଙ୍କି ଦେଇ ପାରିବ ନାହିଁ । ବରଂ ଏଭଳି 'ମନ୍ଦ-କବି-ଯଶପ୍ରାର୍ଥୀ' ସେଭଳି ଆଇନ ହୋରସ୍ତ କବିତା ଲେଖିଲେ ତାହା କେବଳ ଆଇନର ପାଣ୍ଡିତ୍ୟ ପୂର୍ଣ୍ଣ ପ୍ରୟୋଗ ହେବ ତାହା କେବଳ ଏକ ପାଠାର୍ଥୀ ହେବ, ତାହା ହେବ କେବଳ ଅନୁକରଣ ବା ନକଲ ।

ଅବଶ୍ୟ ଏକଥାର ଏହା ଅର୍ଥ ନୁହେଁ ଯେ ସଙ୍କେତତନ୍ତ୍ର କୌଣସି ଶିଳ୍ପକଳା, କବିତା ବା ଚିତ୍ର ବିଷୟକର ଆପଣାର ବୈଜ୍ଞାନିକ ସଙ୍କେତ ବିଧିବିଧାନ ଅନୁସାରେ ତର୍ଜମା କରି ପାରିବ ନାହିଁ । ଏହା ଶିଳ୍ପକଳାର ବିଶେଷତ୍ୱକୁ ଚିହ୍ନାଇ ଦେଇ ପାରିବ କିନ୍ତୁ ତାହାକୁ ବିଜ୍ଞାନର ସଙ୍କେତରେ ବା ସାଙ୍କେତିକ ଭାଷାରେ ପରିଣତ କରାଯାଇପାରିବ ନାହିଁ ।

ଗଣିତର ସୂତ୍ର ଓ ସଙ୍କେତ 'ଭାଷା' ନଥିଲେ ପଦାର୍ଥ ବିଦ୍ୟାର ଧାରଣା ମନୁଷ୍ୟ ମନ ଭିତରେ ପ୍ରବେଶ କରିବା ଅସମ୍ଭବ ହୋଇଥାଆନ୍ତା । ଆଇନ୍‌ଷ୍ଟାଇନଙ୍କର ଆପେକ୍ଷିକ-ବାଦ କିଏ ବୁଝିଥାଆନ୍ତା ଯଦି ଗଣିତର ସୂତ୍ର ଅନୁସାରେ ତାହାର ଜଟିଳ ଅଙ୍କଗୁଡ଼ିକ କଷଯାଇ ନଥାନ୍ତା । ରସାୟନର ସମସ୍ତ ନୂତନ ଉଦ୍ଭାବନ ରାସାୟନିକ ଫରମୁଲା ବିନା ଚିନ୍ତା କରାଯାଇ ପାରନ୍ତା ନାହିଁ । ଜୀବବିଜ୍ଞାନ, ଶରୀର ବିଜ୍ଞାନ ଇତ୍ୟାଦିରେ ମଧ୍ୟ ଏବେ ଗଣିତର ସୂତ୍ର ବହୁ ପରିମାଣରେ ଜଟିଳ ବିଷୟଗୁଡ଼ିକ ଧାରଣାରେ ରଖିବାରେ ସାହାଯ୍ୟ କରୁଛି । ଠିକ୍ ଗଣିତ ପରି ସଙ୍କେତତତ୍ତ୍ୱ ଆଜିର ଦୁନିଆରେ ମାନବ ବିଦ୍ୟା ପାଇଁ ନୂତନ ସଙ୍କେତର ଭାଷା ଆଣି ଦେଇଛି । ଏପର୍ଯ୍ୟନ୍ତ ଯେଉଁ ବିଜ୍ଞାନଗୁଡ଼ିକ କେବଳ ବର୍ଣ୍ଣନାରେ ସୀମାବଦ୍ଧ ଥିଲେ, ସେମାନେ ସଙ୍କେତତତ୍ତ୍ୱ ଦ୍ୱାରା ଏକ ସଠିକ୍, ନିଖୁଣ, ସ୍ପଷ୍ଟ ସଙ୍କେତ ଭାଷାରେ ଆପଣାକୁ ପ୍ରକାଶ କରିବାକୁ ଆରମ୍ଭ କରିଛନ୍ତି । ଏହା ଫଳରେ ବିଦ୍ୟାର ଧାରଣା ସହଜ ହୋଇଛି, ମାନବବିଦ୍ୟା ଖିଆଲି ବର୍ଣ୍ଣନାର ଗୋଳମାଳରୁ ଉଦ୍ଧାରପାଇଛି । ସୂତ୍ରରେ ସବୁ କଥା ରଖିବା ସମ୍ଭବ ହୋଇଛି ।

ସଙ୍କେତତତ୍ତ୍ୱ ଅବଶ୍ୟ ଏକ ବିଶୁଦ୍ଧତତ୍ତ୍ୱ ନୁହେଁ । ଏହା ଏକ ବ୍ୟବହାରିକ ବିଜ୍ଞାନ । ତେବେ ବ୍ୟବହାରିକ କାର୍ଯ୍ୟ ଛଡ଼ା ତା'ର ବା ସଙ୍କେତ ବିଦ୍ୟାର ଆଉ ଏକ ବିଭାଗ ଅଛି, ଏହା ମନୁଷ୍ୟକୁ ତାର ପାରିପାର୍ଶ୍ୱିକ ସଂସାର ଭିତରେ ଚିହ୍ନାଇ ପାରିଛି । ମଣିଷ ଏହା ବଳରେ ଆପଣାକୁ ଚିହ୍ନିବାକୁ ଶିଖିଛି ।

ମଣିଷ କଭଳି ପ୍ରାଣୀ ? ଅନ୍ୟାନ୍ୟ ଜୀବ ଭିତରେ ତା'ର ସ୍ଥାନ କେଉଁଠି ? ଆମେ ମନୁଷ୍ୟ ଅନ୍ୟ ଜୀବଠାରୁ କଭଳି ଅଲଗା ? ଅଥବା ମନୁଷ୍ୟକୃତ ସ୍ୱୟଂକ୍ରିୟ ଯନ୍ତ୍ର ବା ଯନ୍ତ୍ର-ମଣିଷଠାରୁ କି ଭାବରେ ତଫାତ୍ ? ଯଦି ଏ ବିଶ୍ୱବ୍ରହ୍ମାଣ୍ଡରେ ଆଉ କେଉଁ ସୌରଜଗତରେ ବୁଦ୍ଧିମନ୍ତ ଜୀବ ଥାଆନ୍ତି ତେବେ ସେମାନଙ୍କ ସହିତ ଆମର କି ପ୍ରଭେଦ ବା ସାମଞ୍ଜସ୍ୟ ଥିବ ? ସେମାନଙ୍କ ସହିତ ଯୋଗସୂତ୍ର ହେଲେ ଆମେ ସେମାନଙ୍କ ସହିତ ଖବର ବା ସୂଚନାର ଆଦାନ ପ୍ରଦାନ କରିପାରିବା କି ନାହିଁ ?

ଏହି ସମସ୍ତ ସମସ୍ୟାର ସଙ୍କେତତତ୍ତ୍ୱ ବିନା ସମାଧାନ ଅସମ୍ଭବ । ଏହି ତତ୍ତ୍ୱ ହିଁ ବିଭିନ୍ନ ଜୀବ ଜନ୍ତୁଙ୍କର ଠାର ବା ସଙ୍କେତ ଭିତରେ ମେଳ ଓ ଅମେଳ ବିଷୟ ଚର୍ଚ୍ଚା କରେ । ମଣିଷ ଓ ଯନ୍ତ୍ରର ଭାଷା ଭିତରେ ମେଳ ଓ ଅମେଳକୁ ଲକ୍ଷ୍ୟ କରେ । ଏହି ତତ୍ତ୍ୱ ହିଁ ଧରାତଳବାସୀଙ୍କ ସହିତ ଲୋକୋତ୍ତରବାସୀଙ୍କ ଭାବ ଆଦାନ ପ୍ରଦାନର ଧାରା କଣ ହେବା ସମ୍ଭବ ତାହା ଆଲୋଚନା କରେ ।

ସୃଷ୍ଟି ସ୍ଥିତିର ଭଷା ଡାଭିନ ଚକ୍ର ଠାରୁ ଭଙ୍ଗୀର ଭାଷା ପର୍ଯ୍ୟନ୍ତ । ପଶୁପକ୍ଷୀଙ୍କର ପ୍ରାଥମିକ ଚିତ୍କାରଠାରୁ ଅସାଧାରଣ ଭାବରେ ଜଟିଳ ଶିଳ୍ପ-କଳାର ଭାଷାର ମହିମା ପର୍ଯ୍ୟନ୍ତ ଓ ଚିତ୍ର, ସଙ୍ଗୀତ, କବିତା ଓ ସ୍ଥାପତ୍ୟର ବ୍ୟଞ୍ଜନା ପର୍ଯ୍ୟନ୍ତ ସବୁ କ୍ଷେତ୍ରରେ ଠାରତତ୍ତ୍ୱର ପ୍ରବେଶ । ଭବିଷ୍ୟତ ଦୁନିଆର ବିଜ୍ଞାନ ରାଜ୍ୟରେ ଏହାର ଅଧିଷ୍ଠାନ ବହୁ ଉଚ୍ଚରେ ପ୍ରତିଷ୍ଠିତ । ଏ ବିଷୟରେ ବିଜ୍ଞାନର ସୁଧୀ ମହଲରେ ଆଉ ସନ୍ଦେହ ନାହିଁ ।

# ଭାଷା ଓ କୋଡ୍

ଆମର ମାମୁଲି ମନୁଷ୍ୟ ଭାଷା···ସବୁ ଧରଣର ଭାବ ଆଦାନ ପ୍ରଦାନର ମାଧ୍ୟମ, ପତାକା, ଭଙ୍ଗୀ ଓ ଘଣ୍ଟାର ସଙ୍କେତ···ସଙ୍ଗୀତ, ଶିଳ୍ପକଳା ଓ ନୃତ୍ୟର ବସ୍ତୁସ୍ଥଳର ଭାଷା·· ବ୍ରେଲ ଓ କସରତ୍ତର ବିଶେଷ ଭାବରେ କହ୍ଲା ଓ କର୍କଶ ଭାଷା ·· କମ୍ପ୍ୟୁଟର ଯନ୍ତ୍ରର ଗାଣିତିକ ଭାଷା···ଏସବୁ ଆଦାନ ପ୍ରଦାନର ବାହାନ···ଏସବୁ ସୂଚନାର ବାହକ । ଗୋଟିଏ ସୂଚନାରେ କେତେ ପରିମାଣରେ ସାରତତ୍ତ୍ୱ ରହିଛି ତାହାକୁ ଅଧ୍ୟୟନ କରି ତାକୁ ନିକଟରେ ଉହ୍ୟଳାଳ ପରି ତଉଲି ଯାଇପାରେ··· ତା'ର ନିର୍ଭୁଲତା ଓ ନିଖୁଣତାକୁ ଶ୍ରେକଠୋକ ମପା ଦିଆଯାଇପାରେ...ଏହା ଉପରେ କରିଯାଏ ତାହାହିଁ ଏଠାରେ ଆଲୋଚିତ ହୋଇଛି ।

## ସୂଚନାତତ୍ତ୍ୱ

ମନୁଷ୍ୟ କାହିଁକି କଥା କହେ ? ଆଦାନ ପ୍ରଦାନର ଲକ୍ଷ୍ୟ କ'ଣ ? ଏଭଳି ଦୂରକୁ ସୂଚନା ପ୍ରେରଣ ପାଇଁ ଟେଲିଭିଜନ, ରେଡ଼ିଓ ଓ ଟେଲିଗ୍ରାଫ୍‌ର କି ଲୋଡ଼ା ? ସୂଚନାର ପ୍ରେରଣ ପାଇଁ ସ୍ପଷ୍ଟ ଭାବରେ ଏସବୁ ନିର୍ଦ୍ଧାରିତ ।

ବହୁକାଳଯାଏ ସୂଚନାର ଭାବ ଧୂଆଁଳିଆ ଓ ଅନିର୍ଦ୍ଦିଷ୍ଟ ଥିଲା । ତରକାଳ ଏଭଳି ଉନ୍ନତା ବୋଧହୁଏ ଘଟିଥାଆନ୍ତା । କେଉଁଟା ଓଜନଦାର ଓ କେଉଁ କଥାଟା ଭସ୍ୱାସିଆ ଏକଥା ମଣିଷ ଚିନ୍ତା କରି ନଥାନ୍ତା । ଅର୍ଥାତ୍ ଜଣେ ପଚାରିଲା 'ନପାକୂଳକୁ ବାଟ କାଏ ? ଆଉ ଜଣେ ପଚାରିଲା ଆଜି ହ୍ରଦକୁଦରେ କେତେ ଫୁଟ ଉଚ୍ଚ ପାଣି ହୋଇଛି ।'' ଏ ଦୁଇଟି ପ୍ରଶ୍ନ ଭିତରେ କେଉଁଟିର ଗୁରୁତ୍ୱ କେତେ ତାହା ସେହି ଚିନ୍ତାରେ ଓଜନ ହୋଇ ପାରୁ ନଥାନ୍ତା ।

ଏବେ ଏହା ହେଲାଣି । ଏବେ ଅଳ୍ପକାଳ ହେଲା ଏକ ନିର୍ଦ୍ଦିଷ୍ଟ ଗାଣିତିକ ପଦ୍ଧତିରେ ଏହା ପଢ଼ାଗଲାଣି । ଏଥିରେ ଗୋଟିଏ ସମ୍ବାଦ ବା ସୂଚନାର ଦାମ କେତେ ତାହା ତୁଳନା କରି ବୁଝାଯାଇ ପାରୁଛି । ଏହା ଗୋଟିଏ ଚାକିରି ପାଇଁ ଦରଖାସ୍ତ ନା ଏହା ଜୟଦେବଙ୍କର ଗୀତଗୋବିନ୍ଦ, ଏହା ଫୋନ୍‌ରେ କଥାଭାଷା ନା ତ୍ୟାଗରାଜଙ୍କର ସଙ୍ଗୀତର ଗୋଟିଏ ଆଳାପ, ଏହା ପାଣିପାଗର ସୂଚନା ନା ବିଜ୍ଞାନର ଏକ ଯୁଗାନ୍ତକାରୀ ଆବିଷ୍କାର । ଏଭଳି ଏକ ତତ୍ତ୍ୱ ହେଲା ସୂଚନା ତତ୍ତ୍ୱ ।

ଏ ତତ୍ତ୍ୱ କେବଳ ଅବଶ୍ୟ ଭାବନାରୁ ବା ଶୂନ୍ୟମନରୁ ବାହାର କରିନାହିଁ । ଏହା ସାଂସାରିକ କର୍ମ ବ୍ୟବହାର ଭିତରୁ ବାହାରିଛି । ଯଥା ଟେଲିଗ୍ରାମ୍ କଲାବେଳେ ବା ରେଡ଼ିଓରେ ବାର୍ତ୍ତା ପ୍ରେରଣବେଳେ ଯେପରି ସ୍ପଷ୍ଟରେ, ସଂକ୍ଷେପରେ, ବେଶି ଦାମୀ ଓଜନଦାର କଥା ଚଳାଇ ଦେଇ ହେବ ଏହି କଥା ପାଇଁ ମଣିଷ ମନ ଦେଇ ହେବ, ଏହି କଥା ପାଇଁ ମଣିଷ ମନ ଦେଇ ଦେଇ ଏହି ସୂଚନା ତତ୍ତ୍ୱରେ ଆସି ପହଞ୍ଚିଛି ।

୧୯୪୮ରେ ଆମେରିକାର କ୍ଲାଡ଼ ଶାନନ୍ ସୂଚନାର ଘଟଣ-ଘଟଣା ସମ୍ଭାବନା ତତ୍ତ୍ୱର ମୂଳଦୁଆ ପକାଇଥିଲେ । ଏ ତତ୍ତ୍ୱ ଉପରେ ଖୁବ୍ ତୁମୁଳ ଗବେଷଣା ଚାଲିଥିଲା । ପ୍ରାଣୀ ବିଜ୍ଞାନୀ, ଭାଷାବିତ୍, ଦାର୍ଶନିକ, ପ୍ରଜନନତତ୍ତ୍ୱବିଦ୍, ଶିଳ୍ପବିଶାରଦ, ଗଣିତଜ୍ଞ ଓ ମନସ୍ତାତ୍ତ୍ୱିକମାନେ ଏହି ନୂତନ ତତ୍ତ୍ୱକୁ କେହି ଖୁବ୍ ଉପଯୋଗୀ ଓ କେହି ବା ଅତ୍ୟନ୍ତ ଭ୍ରାନ୍ତ ବୋଲି କହିବାରେ ଲାଗିଲେ । ଯେମିତି ସୂଚନା ବା ଖବର ପଠାଇବା ପାଇଁ ସଙ୍କେତ ତିଆରି କରାଯାଏ ବା କୋଡ୍ ତିଆରି ହୁଏ ସେପରି ଗୋଟିଏ କୋଡ୍ ତିଆରି ହେଲା । କୌଣସି ସୂଚନା ମିଳିଲେ ଗ୍ରାହକ ଶରୀରରେ କେତେ ପରିମାଣରେ ନ୍ୟୁକ୍ଲିକ୍ ଏସିଡ଼ର ସଞ୍ଚାର ହୁଏ ତାହାକୁ ମାପିବାର ପଦ୍ଧତି ବାହାର କରାଗଲା । ତେବେ ବୁଝାଯାଇ ପାରିବ ଉକ୍ତ ସନ୍ଦେଶ ବା ସୂଚନାର ଗୁରୁତ୍ୱ କେତେ ? ଏଥିରେ ମରୁଥିବା ଲୋକ ବି ଆଶ୍ୱାସ ପାଇ ବଞ୍ଚିଯିବ, ବଞ୍ଚିଥିବା ଲୋକ ବି ହାର୍ଟଫେଲ୍‌ରେ ମରିଯିବ । ମଣିଷ ଭିତରେ କ୍ରୋଧ, ପ୍ରେମ, କରୁଣା ଇତ୍ୟାଦି ରସର ସଞ୍ଚାର ହେବ । ମଣିଷର ମନ ବିଗିଡ଼ି ଯିବ ଓ କର୍ତ୍ତବ୍ୟରେ ହାନି ଘଟିବ, ତେଣୁ ସାମାଜିକ ଉତ୍ପାଦନ

ଘଟିବା ବା ଛୁଟିବା ଇତ୍ୟାଦି ଇତ୍ୟାଦି ଏହି ସୂଚନା ବାକ୍ୟ ବା ପଦରେ ଓଜନରୁ ବା ମାପରୁ ଜଣାପଡ଼ିଯିବ ।

ଗୋଟିଏ ସୂଚନା ତ ବାଇଗଣ ବା ଚକୁଳିଆପିଠା ନୁହେଁ ତେବେ ଏହାକୁ ମାପିବା କିପରି ? ଆଧୁନିକ ଗଣିତର ସୂଚନତତ୍ତ୍ୱର ମୂଳକଥା ହେଲା ଅନିର୍ଦ୍ଦିଷ୍ଟତାର ଭାବ । ଅର୍ଥାତ୍ ଗୋଟିଏ ଟଙ୍କାକୁ ଆଙ୍ଗୁଠିରେ ମାରି ଉପରକୁ ଟୁଙ୍ଗିଲେ ଏହା ହୁଏତ ଚିତ୍ ବା ପଟ୍ (ଇଂରାଜୀରେ ମୁଣ୍ଡ ବା ଲାଙ୍ଗୁଡ଼) ଭାଗରେ ପଡ଼ିବ । ଆମେ ପଶାକାଠିଟିଏ ଗଡ଼ାଇଲେ ଏଭଳି ଅନିର୍ଦ୍ଦିଷ୍ଟତା ଆହୁରି ବଢ଼ିଯିବ ଅର୍ଥାତ୍ ପଶାର ଛଅଟି ଧାର ଭିତରୁ ଯେ କୌଣସି ଧାର ବା ଦାନଟି ପଡ଼ିବ । ସୂଚନା ହେଉଛି ସେହି ବସ୍ତୁ ଯାହା ଏହି ଅନିର୍ଦ୍ଦିଷ୍ଟକୁ ଦୂର କରେ, ଅର୍ଥାତ୍ ଅଜ୍ଞତାକୁ ଦୂର କରେ ।

ସ୍ୱଭାବତଃ ଏଭଳି ଅଜ୍ଞତା ନାନାବିଧ ପରିସ୍ଥିତି ମୂଳରେ ଗୋଟିଏ ପ୍ରଶ୍ନର ଦୁଇଟି ଉତ୍ତର ସମ୍ଭବ ? ହୁଏତ ହଁ, ନୋହିଲେ ନାହିଁ । କିନ୍ତୁ ଏଭଳି ବି ପରିସ୍ଥିତି ଉପୁଜିପାରେ ଯେଉଁଠି ଏଭଳି ଉତ୍ତର-ସଂଖ୍ୟା ଅସଂଖ୍ୟ ହୋଇପାରେ । ଉଦାହରଣ ସ୍ୱରୂପ, ପ୍ରୋଟିନ୍ ମଲ୍ୟୁକୁଲ ବା ଯୌଗିକ ଅଣୁର ସମ୍ଭାବ୍ୟ ମିଶ୍ରଣ ହୋଇପାରେ $10^{1300}$, ଅର୍ଥାତ୍ ଦଶର ତେର ଶହ ଘାତ ଅର୍ଥାତ୍ ଦଶକୁ ଦଶରେ ଥର ଥର କରି ତେର ଶହ ଥର ଗୁଣିଲେ ଯେଉଁ ଫଳ ହେବ ସେତିକି ସଂଖ୍ୟାର ଉତ୍ତର ହୋଇପାରେ । ଏହାର ଅର୍ଥ ଏକର ପଛରେ ଏକ ହଜାର ତିନିଶହ ଶୂନ ବସିଲେ ଯେଉଁ ସଂଖ୍ୟା ହେବ ସେତିକି ସଂଖ୍ୟାର ଉତ୍ତର ।

କିଭଳି ସ୍ଥଳେ କୌଣସି ଖବରରେ କୌଣସି ପ୍ରକାର ସୂଚନା ନଥାଏ ? ଏଭଳି ଖବର ଯାହା ଆମେ ଆଗରୁ ଜାଣୁ, ଯେପରି "ଧାନଟି ଭିତରେ ଚାଉଳଟିଏ ।" ଅଥବା ୨ × ୨ = ୪ ଅର୍ଥାତ୍ "ଦୁଇ ଦୁଗୁଣେ ଚାରି ।" ଏଭଳି ଗୋଟିଏ ଖବର ଯଦି କାହାକୁ ପଠାଯାଏ ତେବେ ତା'ର ଜ୍ଞାନର କଣିକା ମାତ୍ର ବୃଦ୍ଧି ହେବ ନାହିଁ । ଉପରକୁ ଗୋଟିଏ ପେଣ୍ଡୁ ଫୋପାଡ଼ି ଦେଲେ ତାହା ନିଶ୍ଚୟ ତଳକୁ ଖସିବ । ତେଣୁ ଯଦି କୌଣସି ଖବର ଏକଥା ଜଣାଏ ଯେ ପେଣ୍ଡୁଟି ତଳକୁ ଖସିଲା ତେବେ ତାହା କୌଣସି ଖବର ନୁହେଁ । ଖବରକାଗଜବାଲାଏ କହନ୍ତି ମଣିଷକୁ କୁକୁର କାମୁଡ଼ିଲେ, ସେ ଖବର—ଖବର ନୁହେଁ । କାରଣ ତାହା ତ ସ୍ୱାଭାବିକ

ଘଟଣା । କିନ୍ତୁ ମଣିଷ କୁକୁରକୁ କାମୁଡ଼ିଲେ ସେ ଖବର ଗୋଟାଏ ଖବର ଭଳି ଖବର । କାରଣ ଏଭଳି ଖବର କେହି ଆଶା କରେନାହିଁ, କେହି ଜାଣେ ନାହିଁ । ସେ ଖବର ସ୍ୱାଭାବିକ ନୁହେଁ । ପୁଣି ସେହି ପେଣ୍ଡୁର ଉଦାହରଣ ନିଆଯାଉ । ଯଦି ପେଣ୍ଡୁଟି ବାସ୍କେଟ୍‌ବଲ ଖେଳରେ ବାସ୍କେଟ୍‌ରେ ପଡ଼ିଲା, ତେବେ ତାହା ଏକ ଖବର । କାରଣ ବାସ୍କେଟ୍‌ରେ ପଡ଼ିବା ନ ପଡ଼ିବା ଦୁଇଟି କଥା ରହିଛି ।

ଏଠାରେ ଅନିଶ୍ଚିତତା ବା ଅନିର୍ଦ୍ଦିଷ୍ଟତା ରହିଛି । ହୁଏତ ପେଣ୍ଡୁଟି ବାସ୍କେଟ୍‌ରେ ପଡ଼ିପାରେ ବା ନ ପଡ଼ିପାରେ ।

ପୁଣି କିଏ ପେଣ୍ଡୁଟିକୁ ମାରୁଛି ଓ କେତେ ଦୂରକୁ ଫୋପାଡ଼ୁଛି ତାହା ଉପରେ ବି ଅନେକ କଥା ନିର୍ଭର କରେ । ଯୁକ୍ତରାଷ୍ଟ୍ର ଆମେରିକା ନିଗ୍ରୋ ଖେଳାଳିମାନେ ବାସ୍କେଟ୍‌ବଲ ଖେଳରେ ପାରଙ୍ଗମ ଥର ଏକା କେଳକେ ଲକ୍ଷ୍ୟ ଭେଦ କରି ଗୋଲ କରି ପାରନ୍ତି । ସେମାନଙ୍କ ଭିତରେ ବିଖ୍ୟାତ ହାରଲେମ୍ ଟିମ୍‌ର କେହି ଖେଳାଳି ଯଦି ପେନାଲିଟି ଫୋପାଡ଼େ ତେବେ ସେ ନିଶ୍ଚୟ ଲକ୍ଷ୍ୟଭେଦ କରିବ । ତେଣୁ ଏହା ସ୍ୱାଭାବିକ ଘଟଣା, ଏଥିରେ ବିଚିତ୍ର କିଛି ନାହିଁ । ଏହା ଏକ ଖବର ନୁହେଁ । ଅଥଚ ଯଦି ଜଣେ ନୂଆ ଖେଳାଳି ପ୍ରଥମ ଉଦ୍ୟମରେ ବଲ ଫୋପାଡ଼େ ଓ ସେ ବଲ୍ ଯଦି ଲକ୍ଷ୍ୟରେ ଯାଇ ନ ପଡ଼େ ତେବେ ସେଥିରେ ବିଚିତ୍ର କଥା କିଛି ନାହିଁ । ସେଭଳି ଖବର ବିଶେଷ କିଛି ଖବର ନୁହେଁ । କିନ୍ତୁ ଯଦି ଜଣେ ନୂଆ ଖେଳାଳି ପ୍ରଥମଥରକରେ ଲକ୍ଷ୍ୟ ଭେଦ କରେ—ଏଭଳି ବି ଆଶ୍ଚର୍ଯ୍ୟ କଥା ଘଟେ—ତେବେ ଆମେ ଖୁବ୍ ଉଚ୍ଚ ଧରଣର ଖବର ପାଇଲୁ ବୋଲି ଧରାଯାଏ ।

ଉକ୍ତ ଆମେରିକା ବୈଜ୍ଞାନିକ ଶାନନ୍‌ଙ୍କର କୃତିତ୍ୱ ଏହିଠାରେ ଯେ ବିଭିନ୍ନ ସମ୍ଭାବନାମୟ ଘଟଣାମାନ ଭିତରେ ସେ କେତୋଟି କଷ୍ଟକଷ୍ଟ ଘଟଣାକୁ ନେଇ ସେଥିରେ ସୂଚନାର ପରିମାଣ ନିର୍ଣ୍ଣୟ କରିବାର ବାଟ ବତାଇଥିଲେ । ତାଙ୍କ ପୂର୍ବରୁ ସମାନ ସମ୍ଭାବନାର ଘଟଣାଗୁଡ଼ିକ ହିଁ ବିଚାରକୁ ନିଆଯାଉଥିଲା । ଏହି ସମ୍ବନ୍ଧରେ ଆମର ଉଲ୍ଲିଖିତ ପଶାକାଠିର ଉଦାହରଣ ନିଆଯାଉ । ଗୋଟିଏ ପଶାକାଠିରେ ଛଅଟି ଦାନ ଥାଏ । ଛଅଟି ଛଅଟି ମୁହଁରେ ଛଅଟି ଦାନ । ଯିଏ ଦାନ ପକାନ୍ତି ସିଏ କୁହାନ୍ତୁ

ସବୁଠୁ ବଡ଼ ଦାନଟି ଅର୍ଥାତ୍ ଛଅ ପଡ଼ୁ । ଛଟୋଟି କାଠି ଥିଲେ ଛଟୋଟି ଯାକ ଛଅରେ ପଡ଼ିଲେ ଅଠର ହୁଏ । ଅଠର ହେଉଛି ପଶାର ସବୁଠାରୁ ବଡ଼ ଦାନ । ତେବେ ପଶାକାଠିର ଏଣ୍ଟ ଛଅ ଦାନ କାଠି ଗଡ଼ାଇଲେ ହୁଏତ ଏକ ପଡ଼ିବ, ନୋହିଲେ ଆଉ କିଛି ପଡ଼ିବ ନୋହିଲେ ଛଅ । ଯେତେଥର ଏକ ପଡ଼ିବ ସେତିକିଥର ଛଅ ପଡ଼ି ବି ପାରେ । ତେବେ ଏକ ଓ ଛଅର ସମ୍ଭାବନା ସମାନ ସମାନ । ୧୯୨୮ ସାଲରେ ଜଣେ ଆମେରିକା ଇନ୍‌ଜିନିଅର ହାର୍ଟଲେ ପାରିମାଣିକ ମାପର ଚିନ୍ତା ପ୍ରଥମେ ସୂଚନା କ୍ଷେତ୍ରରେ ଉକ୍ତିକଲେ । ହାର୍ଟଲେ ପ୍ରସ୍ତାବ କଲେ ଯେ ଗୋଟିଏ କାର୍ଯ୍ୟ ହେଲେ ତାହାର ଯଦି ଗୋଟିଏ ଫଳ ନ ଫଳି ବିଭିନ୍ନ ଫଳ ବିଭିନ୍ନ ସମୟରେ ଫଳେ, ଅର୍ଥାତ୍ ଯାହାର ଦୈବାଧୀନତା ବା ସମ୍ଭାବନା କେତୋଟି ଫଳ ଭିତରୁ ଗୋଟିଏ ତେବେ ସମ୍ଭାବ୍ୟ ଘଟଣାର ପରିମାଣ ହେଉଛି ସମ୍ଭାବ୍ୟ ଘଟଣାବଳୀର ସଂଖ୍ୟାର ଲଗାରିଥନ୍ । ଗୋଟିଏ ଘଟଣାର ଦୁଇଟି ଉତ୍ତର ହେଲା ହଁ ବା ନାହିଁ । ତାହାକୁ ୟୁନିଟ୍ ବା ଏକକ ବୋଲି ଧରିଲେ ଏଭଳି ମାପର ଏକକ ହେଲା ହିକ । ତେଣୁ ସ୍କୁଲ କଲେଜରେ ଯେପରି ଲଗାରିଥମ୍ ଦଶକ ସାଙ୍ଗେ ଯୁକ୍ତ ହୋଇଥାଏ ଏ କ୍ଷେତ୍ରରେ ସେପରି ନ ହୋଇ ଲଗାରିଥମ୍ ହିକ ସାଙ୍ଗେ ଯୁକ୍ତ ହୋଇଛି ।

ଟଙ୍କା ବା ମୁଦ୍ରାଟିଏ ଅଙ୍ଗୁଠିରେ ମାରି ଉପର କଷାଇ ଦେଲେ ତାହାର ଦୁଇଟି ଫଳ ହେବ—ଚିତ୍ ବା ପଟ୍—(ମୁଣ୍ଡ ବା ଲାଙ୍ଗୁଡ଼) ତେଣୁ ଯେଉଁଟା ବି ହେଉ ତାହା ଆମକୁ ଦୁଇଟି ସମ୍ଭାବନାରୁ ଗୋଟିଏ ସମ୍ଭାବନା ଉତ୍ତର ଭାବରେ ଦେଲା । ତେଣୁ ଏଠାରେ $\log_2 2 = 1$ ଅର୍ଥାତ୍ ଏଠାରେ ସମ୍ଭାବନା ଦୁଇରୁ ଏକ, ହିକ ଜଣେ ଲୋକ, ମନେକରନ୍ତୁ, ଗୋଟିଏ ତାସ ବିଡ଼ାରୁ ଗୋଟିଏ ତାସ କାଢ଼ି ନେଲା । ତାସବିଡ଼ାରେ ବାଉନଟି ରଙ୍ଗ ଯଥା କଳାପାନ, ଚିଡ଼ିଆ, ନାଲିପାନ, ଠିକରି ଏହି ପ୍ରକାର ତାସରୁ ଗୋଟିଏ ସେ ନେଇଥିବ । ତେଣୁ ତାର ସମ୍ଭାବନା ବାଉନଟିରୁ ଗୋଟିଏ । ତେଣୁ ସେ ଯେଉଁ ତାସଟି ପାଇଲା ତାହା ଜାଣି ପାରିଲେ ଆମକୁ ଯେଉଁ ସୂଚନା ମିଳିଲା ତାହା ଟଙ୍କାର ଚିତ୍ ପଟ୍ ସୂଚନା ଅପେକ୍ଷା ଦୁଇଗୁଣ । ସେଥିରେ ସୂଚନାଥିଲା ଏକ, ଏଠାରେ ହେଲା ଦୁଇ କାରଣ $Log_2 4 = 2$ । କୌଣସି ଗୋଟିଏ ସମସ୍ୟାରେ ମନେ କରନ୍ତୁ ଆଠୋଟି ସମ୍ଭାବ୍ୟ ଉତ୍ତର ରହିଛି ।

ଏଠାରେ ଆମକୁ ଉତ୍ତରର ସୂଚନା ମିଳିଲା । ଏହି ଉତ୍ତରର ମୂଲ୍ୟ ତିନ୍ 'ଦ୍ୱିକ' (କାରଣ $\mathrm{Log}_2 8 = 3$ ବା $2^3 = 8$ କାରଣ ଯେ କେତୋଟି ଦ୍ୱିକ ସଂଖ୍ୟା ଅଛି ତାହା ସଂଖ୍ୟା 2ର ଶକ୍ତି)

ତେବେ ଯେତେବେଳେ ସମ୍ଭାବନା ପ୍ରାୟ ଶହେରେ ପଚାଶ ବା ସମାନ ସମାନ ସେତେବେଳେ ଏଭଳି ସଂଖ୍ୟାମାନ ନେବା ଚଳିଯିବ । ଖେଳ ପଡ୍ ଦୁଇଟି ଭିତରେ ଉଭୟଙ୍କର ପଡ଼ିବାର ସମାନ ସମ୍ଭାବନା ଅଛି, ଇସ୍କା, ଚିଡ଼ିଆ, ରୋହିତନ୍ ଠିକଣା ଭିତରେ ଏ ଚାରି ରଙ୍ଗରୁ କୌଣସି ଗୋଟିଏ ରଙ୍ଗର ତାସ ବି କାଢ଼ି ନିଆଯାଇଥିବା ତାସଟି ହୋଇପାରେ ତେଣୁ ଏହି ଚାରି ରଙ୍ଗ ଭିତରେ ସମ୍ଭାବନା ସମାନ ସମାନ । କିନ୍ତୁ ଯଦି ସମ୍ଭାବନା ସମାନ ସମାନ ନୁହେଁ ତେବେ କି ଭଳି ସୂଚନାର ପରିମାଣ ହିସାବ ହେବ ? ମନେକରନ୍ତୁ ସମ୍ଭାବନା ଅଛି ଯେ ଜୁଲାଇ ମାସରେ କଟକ ସହରରେ ପ୍ରବଳ ବର୍ଷା ହେବ କିନ୍ତୁ ଜୁଲାଇ ମାସରେ ନିଦାଘ ଖରା ହେବାର ସମ୍ଭାବନା ଅତ୍ୟନ୍ତ ଅଳ୍ପ କିନ୍ତୁ ଗଣିତଜ୍ଞ ହାର୍ଟଲେଙ୍କ ମତରେ ଉଭୟ ଧରଣର ପାଣିପାଗ ସମ୍ଭାବନା କ୍ଷେତ୍ରରେ ସମାନ ସମାନ । ତେଣୁ ଜୁଲାଇ ମାସରେ କଟକରେ ପ୍ରବଳ ବର୍ଷା ହୋଇଥିଲା, ଏହି ରିପୋର୍ଟରେ ଯେତିକି ସୂଚନା ରହିଲା । ଜୁଲାଇ ମାସରେ କଟକରେ ନିଦାଘ ଖରା ହୋଇଥିଲା ଏଥିରେ ସେତିକି ସୂଚନା ରହିଲା, ଅଥଚ ଜୁଲାଇ ମାସରେ ପ୍ରବଳ ବର୍ଷା କାହା ମନରେ ଚମକ ସୃଷ୍ଟି କରିବ ନାହିଁ ବରଂ ଜୁଲାଇ ମାସରେ ନିଦାଘ ଖରାରେ ଅନେକ ଲୋକ ଅକାଳ କଥା ବୋଲି ମନେ କରିବେ ।

ତେବେ ହାର୍ଟଲେ କ'ଣ ବୁଝି ନଥିଲେ ଯେ କୌଣସି ଘଟଣାର ଫଳାଫଳର ସମ୍ଭାବନାରୁ ସୂଚନାର ପରିମାଣ (ଯାହା ଟିକିକ ବାର୍ତ୍ତା ବା ଖବରରେ ରହିଛି) ବେଶୀ ବା କମ୍ ହୋଇପାରେ । ଘଟଣାର ଯେଉଁ ସମ୍ଭାବନା ଶହେକେ ଶହେ ତା'ର ସୂଚନାର ମୂଲ୍ୟ ବା ପରିମାଣ ଯେତେ, ଘଟଣାର ଯେଉଁ ସମ୍ଭାବନା ଶହେକେ ପାଞ୍ଚ ବା ଚାରି ତାର ସୂଚନାର ପରିମାଣ ନିଶ୍ଚୟ ବେଶୀ ହେବ । ହାର୍ଟଲେ ଏକଥା ବୁଝୁଥିଲେ । କିନ୍ତୁ ତାଙ୍କର ପ୍ରତ୍ୟୟ ଥିଲା ଯେ ସମ୍ଭାବନା ଭିତରେ ପାର୍ଥକ୍ୟକୁ ସଂଖ୍ୟା ପରିମାଣରେ ପ୍ରକାଶ କରିହେବ ନାହିଁ । ସେଗୁଡିକ ମନସ୍ତାତ୍ତ୍ୱିକ (ମନୁଷ୍ୟ କ୍ଷେତ୍ରରେ) ଅଥବା ପାଣିପାଗ ସଂକ୍ରାନ୍ତୀୟ ଓ ଅନ୍ୟାନ୍ୟ କାରଣମାନଙ୍କ ଦ୍ୱାରା ନିୟନ୍ତ୍ରିତ ଓ

ନିର୍ଦ୍ଦିଷ୍ଟ । । ସେମାନଙ୍କର ଉପରେ ଗାଣିତିକ ପଦ୍ଧତିର ଲଗାମ ଲଗାଇବାର ଯୁ ନାହିଁ ।

ଅନ୍ୟ ପକ୍ଷରେ କ୍ଲଡ୍ ଶାନନ୍ ପ୍ରମାଣ କରି ଦର୍ଶାଇଲେ ଯେ ଏଭଳି ଦୃଷ୍ଟିକୋଣ ହେଉଛି ଭୁଲ ଦୃଷ୍ଟିକୋଣ । କାରଣ ଯାହାବି ହେଉ, ମନସ୍ତାତ୍ତ୍ୱିକ, ପାଣିପାଗ ସଂକ୍ରାନ୍ତୀୟ ବା ଆଉ କିଛି, ଏ ସବୁକୁ ସମ୍ଭାବନାତତ୍ତ୍ୱର ସାହାଯ୍ୟରେ ହିସାବ କରାଯାଇ ପାରିବ । ତେଣୁ ସେ ଗୋଟିଏ ଗାଣିତିକ ସୂତ୍ର ବାହାର କଲେ ଯାହାର ନାମ ହେଲା ଶାନନ୍, ସୂତ୍ର, ଯାହାକୁ ବିଭିନ୍ନ ବିଷମତାର ସମ୍ଭାବନା ଥିବା ଘଟଣା କ୍ଷେତ୍ରରେ ଲଗାଯାଇ ପାରିବ । ସୂତ୍ରଟି ହେଲା $H_1 = -(P_1 \mathrm{Log}_2 P_1 + P_2 \log_2 P_2 \ldots Pn \log_2 Pn)$

$H_1$ ହେଲା ଅନିଶ୍ଚିତତାର ପରିମାଣ ଯାହାକୁ ଖବର ବା ରିପୋର୍ଟ ଦୂର କରେ । ତେଣୁ ଏହା ହେଲା ସୂଚନାର ପରିମାଣର ପରିମାପକ । କାରଣ ସୂଚନା ଯେତେ ଜୋରଦାର ହେବ ଅନିଶ୍ଚିତତା ସେତିକି ବିନଷ୍ଟ ହେବ । n ହେଉଛି ଫଳର ସଂଖ୍ୟା ଓ $P_1, P_2, Pn$ ହେଉଛି ସମ୍ଭାବନା ଓ ସେମାନଙ୍କର ସଙ୍ଗଠନ ।

ଏହି ସୂତ୍ର ବଳରେ ଆଜିର ବୈଜ୍ଞାନିକମାନେ ଅତି ଭିନ୍ନ ଭିନ୍ନ ରକମ ଖବରଗୁଡ଼ିକ ମାପି ପାରୁଛନ୍ତି । କଥା ହେଉଛି ପ୍ରତ୍ୟେକ କୋଡ୍ ଠାର—ଏଠାରେ ସ୍ମରଣ ରଖିବା କଥା ଯେ ଯେକୌଣସି କୋଡ୍ ହେଉଛି ଅତି ବିଭିନ୍ନ ଠାର ଶୃଙ୍ଖଳାରୁ ଗୋଟିଏ—ଏକ ନିଶ୍ଚିତ ସମ୍ଭାବନା ମୁତାବକ ଆବିର୍ଭୂତ ହେବ ଓ ତାହା ଏକ ନିର୍ଦ୍ଦିଷ୍ଟ ପରିମାଣର ସୂଚନା ବହନ କରିବ । ଉକ୍ତ ସୂଚନା ବି ମାପିବା ସମ୍ଭବ । ଏହାଛଡ଼ା ଯେହେତୁ ଆମେ ଲଗାରିଥମ୍‌କୁ ସୂଚନାର ମାପ ଭାବରେ ଗ୍ରହଣ କରିଛୁ ସେହେତୁ ଆମେ ଖବରରେ ଥିବା ପ୍ରତ୍ୟେକ କୋଡ୍ ଚିହ୍ନରେ କେତେ ପରିମାଣ ସୂଚନା ଅଛି ସେଗୁଡ଼ିକର ଯୋଗଫଳ ବାହାର କରିପାରିବୁ ଓ ଏହି ଉପାୟରେ କୌଣସି ବର୍ଣ୍ଣନା ବା ବିବୃତ୍ତିରେ ସୂଚନାର ପରିମାଣ ହିସାବ କରିପାରିବୁ ।

ବାସ୍ତବିକ, ସମ୍ଭାବନାତତ୍ତ୍ୱ ଘୋଷଣା କରେ ଯେ ଦୁଇଟି ଘଟଣାର ସମ୍ଭାବନା ସେ ଘଟଣାଯୁଗଳର ସମ୍ଭାବନାଗୁଡ଼ିକର ଗୁଣନ ଫଳ । ତେଣୁ ଲଗାରିଥମ୍‌ଗୁଡ଼ିକୁ ଲଗାରିଥମ୍‌ର ସମଷ୍ଟି ସଙ୍ଗେ ସମାନ । କୋଡ୍ ଚିହ୍ନ-

ମାନଙ୍କଦ୍ୱାରା ଯେଗୁଡ଼ିଏ ସୂଚନା ସୂଚୀତ ହୁଏ ସେଗୁଡ଼ିକର ମିଶାଣଫଳ ଏହି କୋଡ୍ ଚିହ୍ନଗୁଡ଼ିକ ଦ୍ୱାରା ଗଠିତ ସମସ୍ତ ଲେଖାର ସୂଚନା ସଙ୍ଗେ ସମାନ । ଲଗାରିଥମ୍ ସୂତ୍ର ନଥିଲେ ଏହି ଚିହ୍ନଗୁଡ଼ିକର ଆବିର୍ଭାବର ସମ୍ଭାବନାଗୁଡ଼ିକୁ ଆମକୁ ଗୁଣନ ଦ୍ୱାରା ବାହାର କରିବାକୁ ପଡ଼ନ୍ତା । ଶାନନ୍ଙ୍କର ସୂତ୍ରରେ ଏତିକି ସୁବିଧା ହୋଇଛି ଯେ ଗୋଟିଏ ବହିର ଦୁଇଟି ପୃଷ୍ଠାରେ ଥିବା ସୂଚନା ବହିଟିର ପ୍ରଥମ ପୃଷ୍ଠାର ସୂଚନା ଓ ଦ୍ୱିତୀୟ ପୃଷ୍ଠାର ସୂଚନାର ମିଶାଣ ଫଳ ସଙ୍ଗେ ସମାନ ହୋଇ ଥିବାରୁ ତାହାକୁ ସହଜରେ ଧରାଯାଇ ପାରୁଛି । ସମସ୍ତ ବହିଟିର ସୂଚନା ତାର ସବୁଗୁଡ଼ିକ ପୃଷ୍ଠାର ସୂଚନାର ମିଶାଣ ଫଳ ହୋଇଥିବାରୁ ବହିଟିର ମୋଟ ସୂଚନା ବାହାର କରିବାରେ କୌଣସି ଅସୁବିଧା ହେଉ ନାହିଁ ।

ତେବେ ଗଣିତର ରାଜ୍ୟ ଛାଡ଼ି ଆମକୁ ଗାଣିତିକ ଭାଷାତତ୍ତ୍ୱ-ରାଜ୍ୟରେ ପ୍ରବେଶ କରିବାକୁ ହୋଇଛି ।

## ଗୋଟିଏ ବର୍ଣ୍ଣରେ ସୂଚନାର ପରିମାଣ

ଗୋଟିଏ ଭାଷାର ଗୋଟିଏ ବର୍ଣ୍ଣ ବା ଅକ୍ଷରରେ କେତେ ପରିମାଣ ସୂଚନା ଅଛି ? ସୂଚନା ତତ୍ତ୍ୱର ଜନ୍ମ ପରେ ଏହି ପ୍ରଶ୍ନଟି ବାହାରିଛି ? ଇଂରାଜ ବା ରୁଷ ଭାଷାର ବର୍ଣ୍ଣ କ୍ଷେତ୍ରରେ ଏହାର ଆଲୋଚନା ସେହି ଦେଶର ଭାଷାବିଦ୍ମାନେ କରିଛନ୍ତି । (ଇଂରାଜୀରେ ୨୬ଟି ଅକ୍ଷର, ରୁଷ ଭାଷାରେ ତେତିଶଟି ଅକ୍ଷର) ଆମର ଓଡ଼ିଆ ଭାଷାରେ ୩୪ଟି ଅକ୍ଷର ବୋଲି ଧରାଗଲେ ଓ ଶବ୍ଦମାନଙ୍କ ମଝିରେ ଯେଉଁ ଶୂନ୍ୟ ସ୍ଥାନ ରହୁଛି ସେଗୁଡ଼ିକୁ ଶୂନ୍ ଅକ୍ଷର ବୋଲି ଧରାଗଲେ ଓଡ଼ିଆ ଅକ୍ଷର ହେଲେ ସର୍ବମୋଟ ୩୫ଟି ଅର୍ଥାତ୍ ପଇଁତିରିଶ । ଏଥିଭିତରୁ ଓଡ଼ିଆରେ ଙ ଓ ଞ ର ପ୍ରଭେଦ ଉଚ୍ଚାରଣରେ କ୍ୱଚିତ ଜଣାପଡ଼େ । ତେଣୁ ଏହାକୁ କାଟି ଦେଲେ ଓଡ଼ିଆ ଅକ୍ଷର ଯେଉଁ ଚଉତିଶାକୁ ସେହି ଚଉତିଶା । ଏଥିରୁ ସ୍ୱରବର୍ଣ୍ଣର ୠ କୁ ଓ ବ୍ୟଞ୍ଜନର କ୍ଷ କୁ ବାଦ ଦିଆଯାଇ ଆମେ ୩୨ଟି ଅକ୍ଷର ନେଲେ ସୁବିଧା । କାରଣ ତାହାହେଲେ ଦ୍ୱିଶକ୍ତି ଲଗାରିଥମ୍ ଅନୁସାରେ ୨୫ = ୩୨ । ଓଡ଼ିଆ ଭାଷାର କୌଣସି ଗୋଟିଏ ଅକ୍ଷର ବିଷୟରେ ସୂଚନା ପାଇବା ପୂର୍ବରୁ ଆମର ୩୨ ଗୋଟି ଫଳାଫଳ ବିଷୟରେ ଅନିଶ୍ଚିତତା ରହୁଛି ।

କାରଣ ୩୨ଟି ଅକ୍ଷରରୁ ଯେ କୌଣସିଟି ଆମ ଆଗରେ ପଡ଼ିଯାଇପାରେ । ଯେପରି ତାସ ଖେଳରେ ବୃଦ୍ଧେଟିରୁ ଗୋଟିଏ ଲାଭରେ ସମ୍ଭାବନା ରହିଛି । ଏହି କ୍ଷେତ୍ରରେ ସେପରି ୩୨ଟିରୁ ଗୋଟିଏ ସମ୍ଭାବନା ରହିଛି । ଏହାର ଅର୍ଥ ଓଡ଼ିଆ ଭାଷାର ଗୋଟିଏ ବର୍ଣ୍ଣ ବା ଅକ୍ଷରରେ ସୂଚନାର ପରିମାଣ ହେଲା $\log_2 32 = 5$ ବିଟ୍ । ତେଣୁ ଗୋଟିଏ ଓଡ଼ିଆ ବର୍ଣ୍ଣରେ ବା ଅକ୍ଷରରେ ସବୁଠାରୁ ବେଶୀ ପରିମାଣ ସୂଚନା ହୋଇପାରେ 5 ବିଟ୍ ।

ତେବେ ଓଡ଼ିଆରେ କ'ଣ ଅକ୍ଷର ଭିତରେ ଅନାବଶ୍ୟକ ନାହିଁ ? ସବୁ ଭାଷାରେ ଅଛି । ଓଡ଼ିଆ ଭାଷାରେ ବି ଶବ୍ଦରେ ଅନାବଶ୍ୟକ ଅକ୍ଷର ଅଛି । ଏହି ଅନାବଶ୍ୟକତାର ହିସାବ ମିଳିଲେ ଆମେ କହିପାରିବା ଗୋଟିଏ ଠିକ୍ ଠିକ୍ କୋଡ୍ ଶବ୍ଦ କେତେ ଅଧିକ ପରିମାଣ ସୂଚନା ଆପଣା ଭିତରେ ସମ୍ଭେଇ ପାରନ୍ତା, ଅଥଚ ପ୍ରକୃତ ପକ୍ଷରେ ଏହା କେତେ ପରିମାଣର ସୂଚନା ଆପଣା ଭିତରେ ରଖିଛି । ତେଣୁ ଅନାବଶ୍ୟକତା ଗୋଟିଏ କୋଡ୍ ଭାଷାରେ ଅକ୍ଷରର ଅପବ୍ୟୟ ପରିମାଣ ମାପିଥାଏ । ପୃଥିବୀର ସବୁ ପ୍ରାକୃତିକ ମନୁଷ୍ୟ ଭାଷା ଯଥା ଇଂରାଜୀ, ଜର୍ମାନ୍ ବା ରୁଷ ଭାଷାରେ ଶବ୍ଦମାନଙ୍କରେ ଏଭଳି ଅନାବଶ୍ୟକତା ଥାଏ । କେବଳ ବଜ୍ଞାନର କୋଡ୍ ଭାଷା ଯେହେତୁ ବୈଜ୍ଞାନିକର ତିଆରି ସୃଷ୍ଟି ତେଣୁ ସେଥିରେ ଏହି ଅନାବଶ୍ୟକତା ନଥାଏ । ଓଡ଼ିଆ ଭାଷରେ ଏଭଳି ଅନାବଶ୍ୟକ ଅକ୍ଷର ଯେ ଅନେକ ଶବ୍ଦରେ ରହିଛି ଏକଥା ଜଣାଶୁଣା । ଏହାଛଡ଼ା ଓଡ଼ିଆ ଭାଷାର ଲିପିରେ ଯେତେଗୁଡ଼ିଏ ବର୍ଣ୍ଣ ଅଛି ସେହି ବର୍ଣ୍ଣଗୁଡ଼ିକର ସଂଯୋଗ ଯଦି ପ୍ରତ୍ୟେକ କ୍ଷେତ୍ରରେ ଶବ୍ଦ ସୃଷ୍ଟି କରୁଥାଆନ୍ତା ଅର୍ଥାତ୍ ପ୍ରତ୍ୟେକ ବର୍ଣ୍ଣ ସମଷ୍ଟି ବା ଯୋଗ ବିଯୋଗ, ସ୍ଥାନ ପରିବର୍ତ୍ତନ, ଫଳରେ ଯଦି ନୂଆ ନୂଆ ଅର୍ଥ ପ୍ରକାଶକ ଶବ୍ଦ ସବୁ ହୋଇଯାଆନ୍ତେ ଓ ଭାଷା କ୍ଷେତ୍ରରେ ଯଦି ପ୍ରତ୍ୟେକ ଅକ୍ଷର ସମାନ ସମାନ ଥର ପ୍ରାୟ ବ୍ୟବହୃତ ହେଉଥାଆନ୍ତେ ତେବେ ବର୍ଣ୍ଣନା ଅକ୍ଷର କ୍ଷେତ୍ରରେ ଅନାବଶ୍ୟକତା ରହନ୍ତା ନାହିଁ । ଅର୍ଥାତ୍ ଆମର ଓଡ଼ିଆ ଭାଷା ସବୁଠାରୁ ଉଚ୍ଚ ବା ଉଚ୍ଚତମ ମିତବ୍ୟୟୀ । ଭାଷା ଭାବରେ ବଡ଼ିମା କରନ୍ତା । କିନ୍ତୁ ବାସ୍ତବ ଜୀବନରେ ପୃଥିବୀର କୌଣସି ଭାଷାରେ ଏଭଳି ମିତବ୍ୟୟିତା ନାହିଁ, ଅର୍ଥାତ୍ ଅକ୍ଷରର ଅନାବଶ୍ୟକତା ସବୁ ଭାଷାରେ ରହିଛି । ଓଡ଼ିଆ ଭାଷାରେ ବି ରହିଛି ।

ଏଭଳି ଅନାବଶ୍ୟକତାକୁ ବାଦ ଦେଲେ କଣ ଚଳନ୍ତା ନାହିଁ । ଓଡ଼ିଆ ଭାଷାରେ ଆମେ ଯଦି ଯେ କୌଣସି ଅକ୍ଷର ସଙ୍ଗେ ଏକ, ଦୁଇ ବା ତିନି ଅକ୍ଷର ଯୋଡ଼ିଲେ, ସେମାନଙ୍କର ସ୍ଥାନ ଅଦଳ ବଦଳ କଲେ ଅର୍ଥାତ୍ ସେମାନଙ୍କୁ ଯେତେ ପ୍ରକାର ପାରୁ ଗୋଳିଆ ଗୋଳି କଲେ ପ୍ରତ୍ୟେକ ସମଷ୍ଟି ଗୋଟିଏ ଗୋଟିଏ ଶବ୍ଦ ହୁଅନ୍ତେ ଅର୍ଥାତ୍ ସେଗୁଡ଼ିକର ଯଦି ଅର୍ଥ ଥାଆନ୍ତା ତେବେ ଅକ୍ଷରର ଅନାବଶ୍ୟକତା ଶୂନ ହୋଇ ଯାଆନ୍ତା ? ଏଭଳି ଏକ ଭାଷା ତିଆରି କଲେ କ'ଣ ଭଲ ହୁଅନ୍ତା ନାହିଁ ? ହଁ, ତତ୍ତ୍ୱ ଦୃଷ୍ଟିରୁ ଓ ବିଜ୍ଞାନର କଡ଼ାକଡ଼ି ଆଇନ ଦୃଷ୍ଟିରୁ ଠିକ୍ ହୁଅନ୍ତା । ଏହା ବି ଅନ୍ୟ ଭାଷାମାନଙ୍କ କ୍ଷେତ୍ରରେ ହିସାବ କରି ଦେଖା ଯାଇଛି । ଏହା ଫଳରେ ଭାଷା ଅନେକ ଅପଚୟରୁ ବଞ୍ଚି ଯାଆନ୍ତା । ଓଡ଼ିଆ ଭାଷା କ୍ଷେତ୍ରରେ ମଧ୍ୟ ହିସାବ କରି ଏକଥା ଦେଖାଇ ଦିଆଯାଇ-ପାରେ । ମନେକର ଆମର ଭାଷାର ବର୍ଣ୍ଣମାଳାର ୩୦ଟି ଅକ୍ଷରକୁ ତିରିଶଟି ଶବ୍ଦ ହୁଅନ୍ତା । ଏକ ଅକ୍ଷରରେ ଗୋଟିଏ ଗୋଟି ଶବ୍ଦ (ଓଡ଼ିଆ ଭାଷାରେ ସ୍ୱରବର୍ଣ୍ଣରେ ଓ କେବଳ ଅକ୍ଷର ହୋଇପାରିବ ଯେଉଁଭଳି ଇଂରାଜୀରେ I, A, O ଅକ୍ଷରରେ ଶବ୍ଦ ହୋଇଛି) ତେଣୁ ଓଡ଼ିଆରେ 'ଓ' ଗୋଟିଏ ମାତ୍ର ଶବ୍ଦ ଗୋଟିଏ ଅକ୍ଷରରେ । ତା'ପରେ ଦୁଇ ଅକ୍ଷରରେ ଶବ୍ଦ ସଂଖ୍ୟା (ମନେ କରନ୍ତୁ ଅକ୍ଷର ଯଦି ୩୦ ହୁଏ) ତେବେ $30^2 = 900$ ହେବ ଏଥିରେ ଆସିବେ ବ୍ ଆ ବା, ଠ୍ ଆ ଠା, ହ ଉ ହୁ, ମ୍ ଉ ମୁଁ ଇତ୍ୟାଦି । ଏଭଳି ଭାବରେ ଆମେ ତିନୋଟି ଅକ୍ଷରକୁ ଏକାଠି କଲେ ଆମେ ୨୭,୦୦୦ ତିନି ଅକ୍ଷର ବାଲା ଶବ୍ଦ ପାଇପାରନ୍ତେ କିନ୍ତୁ ଅର୍ଥ ନ ଥାଇ ତ ଶବ୍ଦ ନାହିଁ । ତେଣୁ ଏହି ୨୭୦୦୦ ତିନି-ଅକ୍ଷର ବାଲା ଶବ୍ଦଗୁଡ଼ିକ ଭିତରୁ ଅଧିକାଂଶ ଅକାମୀ ଅକ୍ଷର ସମଷ୍ଟି । ସେହିପରି ଚାରୋଟି ଅକ୍ଷରର ଶବ୍ଦ ସଂଖ୍ୟା ହୁଅନ୍ତା $30^4$ ଅର୍ଥାତ୍ ଆଠ ଲକ୍ଷ ଦଶ ହଜାର । ପାଞ୍ଚୋଟି ଅକ୍ଷର ଥିଲା ଶବ୍ଦ ହୁଅନ୍ତା $30^5$ ଅର୍ଥାତ୍ ଦୁଇକୋଟି ୪୩ ଲକ୍ଷ । ଇଂରାଜୀ ଭଳି ଗୋଟିଏ ଭାଷାର (ଯାହାର ୨୬ଟି ଅକ୍ଷର ଅଛି) ଦଶ ଲକ୍ଷ ଅର୍ଥ ଥିଲା ଶବ୍ଦ ଅଛି । ଅସଂକ୍ଷିପ୍ତ ଇଂରାଜୀ ୱେବ୍‌ଷ୍ଟରର ଅଭିଧାନରେ ପ୍ରାୟ ପାଞ୍ଚ ଲକ୍ଷ ଶବ୍ଦ ରହିଛି । ଅର୍ଥାତ୍ ୨୬ ଅକ୍ଷର ଥିବା ବର୍ଣ୍ଣମାଳାର ଇଂରାଜୀ ଭାଷାରେ 26, $26^2$, $26^3$, $26^4$, $26^5$ ଏଭଳି ପାଞ୍ଚୋଟି ଯାଏ ଅକ୍ଷର ଥିବା ଶବ୍ଦର ଯଦି ପ୍ରତ୍ୟେକଟିର ଅର୍ଥ ଥାଆନ୍ତା ତେବେ କୋଟିଏଠାରୁ ବେଶୀ

ସଂଖ୍ୟାର ଶବ୍ଦ ଥାଆନ୍ତା । କିନ୍ତୁ ତାହା ଇଂରାଜୀରେ ନାହିଁ । ଓଡ଼ିଆରେ ବି ନାହିଁ । ରୁଷ ଭାଷାରେ ଯେତେ ଶବ୍ଦ ତିଆରି ହୋଇ ପାରନ୍ତା ତା'ର ତୁଳନାରେ ରୁଷ ଭାଷାର ପ୍ରକୃତ ଶବ୍ଦ ସଂଖ୍ୟାର ଅନୁପାତ ହେଲା ଶତକଡ଼ା 0.0002 ଅର୍ଥାତ୍ $\frac{2}{10000}$ ବା $\frac{1}{5000}$ ଏହାର ଅର୍ଥ ପାଞ୍ଚୋଟି ଅକ୍ଷର ଥିଲା ଯେତେ ଶବ୍ଦ ହୋଇପାରନ୍ତା ସେଥିରୁ ୫୦୦୦ ତଥାକଥିତ 'ଶବ୍ଦ' ଭିତରୁ ମାତ୍ର ଦୁଇଟି ହିଁ ଅର୍ଥ ଥିଲା ଶବ୍ଦ । ବାକି ୪୯୯୮ ହେଉଛନ୍ତି ଅକାମୀ, ଅଭେ, ସେମାନେ କୌଣସି ବ୍ୟବହାରରେ ଲାଗନ୍ତି ନାହିଁ ।

ତେବେ ଏତେଗୁଡ଼ିଏ ଅକ୍ଷର ସମଷ୍ଟିର ଏତେ ଗୁଡ଼ିଏ ସମ୍ଭାବନା ଯେ ବୃଥା ଯାଉଛି ଏହା କଣ ପ୍ରକୃତି ବୃଥା ? ଏତେ ଗୁଡ଼ିଏ ଅକ୍ଷର କଣ ଦେଖି ସୁନ୍ଦର କଟାରୁଛନ୍ତି ? ଅର୍ଥର୍ କୌଣସି କାମକୁ ନୁହନ୍ତି ? ନା, ଏତେ ଗୁଡ଼ିଏ ଅନାବଶ୍ୟକତା ଫଳରେ ଆମେ ବହୁ ବିପଦରୁ ବଞ୍ଚୁଛୁ । ଗୋଟିଏ ଉଦାହରଣ ଦେଲେ ଯଥେଷ୍ଟ ହେବ । ମହାନଦୀର ହୀରାକୁଦ ବନ୍ଧରେ ଯେତେ ପାଣି ରହିଲେ ବନ୍ଧ ପାଇଁ କୌଣସି ବିପଦ ରହିବ ନାହିଁ ତାହାର ଗୋଟିଏ ଅଟକଳ ଅଛି । ସେହି ଅଟକଳ ଯାଏ ପାଣି ରହିଲେ ବିପଦ ନାହିଁ ବୋଲି କୁହାଯାଏ । ତଥାପି ତାହା ବନ୍ଧରେ ବି ଆଉ କିଛି ପରିମାଣରେ ରିଜର୍ଭ ଥାଏ । ଯାହା ଯୋଗୁ କଣରୁ ପାଣି ବଳିଲେ ବି ବନ୍ଧ ରକ୍ଷା ପାଏ । ରେଳ ପୋଲ, ସଡ଼କ ପୋଲ ଉପରେ ଯେତେ ଓଜନର ଗାଡ଼ି ମଟର ବା ରେଳ ଡବା ଯିବାର ସମ୍ଭାବନା ତାହାଠାରୁ ଶତକଡ଼ା ୧୦, ୧୫ ଏପରିକି ପଚାଶ ଯାଏ 'ସିକ୍ୟୁରିଟି ଫ୍ୟାକ୍ଟର' ବା 'ରିଜର୍ଭ' 'ହାତର ପଞ୍ଚ' ରଖାଯାଇ ଥାଏ । ଏହାକୁ ଓଡ଼ିଆରେ ଆମେ କହିବା ହାତର ପାଞ୍ଚ । ଭାଷା କ୍ଷେତ୍ରରେ ବି ଅକ୍ଷରର ଅନାବଶ୍ୟକତା ଏଭଳି ହାତର ପାଞ୍ଚ । ମନେ କରନ୍ତୁ ଗୋଟିଏ ବହିରେ ମୁଦ୍ରଣ ଦୋଷରୁ ଛପା ହୋଇ ଯାଇଛି "ମୋର ଆର୍ଥିକ ଦୁଗବସ୍ଥା ଯୋଗୁ ମୁଁ ଅତି ବଫଦରେ ପଡ଼ିଛି ।" ଏଠାରେ 'ଦୁଗବସ୍ଥା' ଓ 'ବଫଦ' ବୋଲି ଯେଉଁ ଦୁଇଟି ଶବ୍ଦ ଭୁଲରେ ରହି ଯାଇଛି ସେ ଦୁଇଟି ପ୍ରକୃତରେ 'ଦୁରବସ୍ଥା' ଓ 'ବିପଦ' । ଏ ଦୁଇଟି ଶବ୍ଦକୁ ଚିହ୍ନିବାରେ କୌଣସି ଅସୁବିଧା ହେଉ ନାହିଁ କାରଣ 'ଦୁଗବସ୍ଥା' ଓ 'ବଫଦ' ଏଭଳି ଦୁଇଟି ଭିନ୍ନ ଅର୍ଥ-ବୋଧକ ଶବ୍ଦ ଆଉ ନାହିଁ । ଯଦି ସେଭଳି ଭିନ୍ନ ଅର୍ଥ-ବୋଧକ ଶବ୍ଦ ଥାଆନ୍ତା ଅର୍ଥାତ୍

ଅକ୍ଷରର ସଂଯୋଗର ପ୍ରତ୍ୟେକ କ୍ଷେତ୍ରରେ ଯଦି ଅର୍ଥ ଥିବା ଶବ୍ଦ ହୁଅନ୍ତା ତେବେ 'ଦୁରାବସ୍ଥା' ଓ 'ବଫଦ' ଯେ ଦୁଇ ଅଲଗା ଶବ୍ଦ ହୋଇ ଯାଇ ଥାଆନ୍ତା । ତେଣୁ କଥାଟି ବୁଝିବାରେ ଭୁଲ ହୋଇ ପାଆନ୍ତା ବା ଓଲଟା ବି ହୋଇଯାଇ ପାଆନ୍ତା ।

ବା ମନେ କରନ୍ତୁ ଜଣେ ଡାକ୍ତର ଗୋଟିଏ ବ୍ୟବସ୍ଥା ପତ୍ର ଲେଖିଛନ୍ତି ଯେଉଁଥିରେ ଡାକ୍ତରମାନଙ୍କର ଲେଖିବାର ଢଙ୍ଗ ଯୋଗୁଁ ଗୋଟିଏ ଅକ୍ଷର ଛାଡ଼ି ଯାଇଛି ବା ଏପଟ ସେପଟ ହୋଇ ଯାଇଛି । ଏକଥା ଇଂରାଜୀ ଡାକ୍ତରୀ ବ୍ୟବସ୍ଥାପତ୍ରରେ ତ ହରଦମ ଘଟିପାରେ । (ଓଡ଼ିଆରେ ଏଭଳି ବ୍ୟବସ୍ଥା ପତ୍ର ଲେଖା ଡାକ୍ତରରେ ଚଳନ ନାହିଁ, କବିରାଜରେ ଚଳୁଥିବ) ଯଦି ଏଭଳି ଗୋଟିଏ ଅକ୍ଷର ଛାଡ଼ିଯାଇଥିଲେ ବା ଏପଟ ସେପଟ ହୋଇଯାଇଥିଲେ ବ୍ୟବସ୍ଥାପତ୍ରର ଅର୍ଥ ବଦଳି ଯାଆନ୍ତା ବା ଔଷଧ ନ ହୋଇ ଗୋଟାଏ କିଛି ବିଷ ପୁନ ହୋଇଯାଆନ୍ତା ତେବେ ତ ବିଷମ କଥା । ଏଥିରୁ ଜଣାପଡ଼ୁଛି ଯେ ଅନାବଶ୍ୟକତା ଯେମିତି ଫାଲ୍‌ତୁ କଥା ନୁହେଁ ଏହା ଦରକାରୀ ଓ ଗୁରୁତ୍ୱପୂର୍ଣ୍ଣ । ହଜାର ହଜାର ବର୍ଷ ତଳୁ ଭାଷାର ଅକ୍ଷର ସମାବେଶ ଭିତରେ ଏହି ଅନାବଶ୍ୟକତା ରହିଛି । ଯାହା ଫଳରେ ମନୁଷ୍ୟ ଆପଣା ବୁଦ୍ଧି ଓ ସହଜ ଜ୍ଞାନରୁ 'ଶୁଦ୍ଧ ଅଶୁଦ୍ଧ ପୂରାଇ ନେଇଛି' । କିନ୍ତୁ ଏକଥା ଏ ପର୍ଯ୍ୟନ୍ତ ଭାଷାତତ୍ତ୍ୱର ଚିନ୍ତା ଭିତରକୁ ଆସି ନଥିଲା । ଠିକ୍ ସେପରି ପଦାର୍ଥ ବିଦ୍ୟାର ଆଲୋକ ପ୍ରତିବିମ୍ବ ତତ୍ତ୍ୱରୁ ଆମେ ଜାଣୁ ଯେ ମଣିଷ ଯାହା ଦେଖେ ତାହା ଓଲଟା ଭାବରେ ଦେଖେ ଅର୍ଥାତ୍ ଆଖିର ରେଟିନା ବା ପରଦାରେ ବାହାର ବସ୍ତୁର ଯେଉଁ ପ୍ରତିବିମ୍ବ ପଡ଼େ ତାହା ଓଲଟା ପ୍ରତିବିମ୍ବ ଅର୍ଥାତ୍ ଗୋଡ଼ ଉପରକୁ ଓ ମୁଣ୍ଡ ତଳକୁ ତଥାପି ଆମର ମସ୍ତିଷ୍କ ତାହାକୁ ସଜାଡ଼ି ନିଏ ଏକଥା ମନୁଷ୍ୟ ତାର ଦୃଷ୍ଟିରେ ଦେଖିବା କାଳରୁ କରିଆସିଛି ମାତ୍ର ପଦାର୍ଥ ବିଦ୍ୟାର ଆଲୋକ-ପ୍ରତିବିମ୍ବ-ତତ୍ତ୍ୱ ବା ଅପ୍ଟିକ୍ସ ବିଦ୍ୟାର ଆବିଷ୍କାର ଯାଏ ଏହାର ହେତୁ ଜାଣି ନଥିଲା ଠିକ୍ ସେପରି ମଣିଷ ଆପଣା ଭାଷାରେ କେତେଗୁଡ଼ିଏ ଅକ୍ଷରର ଯୋଗ-ଯୋଜନା ନିରର୍ଥକ ରଖି ଆସିଛି ତାହାର ସୁବିଧା ପାଇଁ । ଅଥଚ ସୂଚନା ତତ୍ତ୍ୱ ଏକଥା ଆବିଷ୍କାର କରି ନଥିବାରୁ ମଣିଷ ଏକଥା ଧରିପାରି ନଥିଲା । ଏହା ଥିଲା ମଣିଷ ଭାଷାରେ, "ନିରାପଦ ହାତର ପାଞ୍ଚ" 'Safety margin' 'ନିରାପଦ ଦୂରତ୍ୱ ।'

ଅକ୍ଷରମାନଙ୍କର ସଂଯୋଗ, ଯୋଡ଼, ଭିନ୍ନଯୋଡ଼, ସ୍ୱରଯୋଡ଼,
ସମାସ, ସନ୍ଧିରେ କେତେକଙ୍କର ଅର୍ଥ ରହିଛି କେତେକଙ୍କର ଅର୍ଥ ନାହିଁ ।
କେତେକ ଶବ୍ଦ, କେତେ ନୁହନ୍ତି । କିନ୍ତୁ ସଂଖ୍ୟା କ୍ଷେତ୍ରରେ ଅର୍ଥାତ୍ 1, 2,
3, 4, 5, 6, 7, 8, 9ରେ ଯେତେ ଯୋଗ ଯୋଡ଼, ଭିନ୍ନଯୋଡ଼ ଇତ୍ୟାଦି
କରାଯିବ ସେ ସବୁର କିଛି କିଛି ଅର୍ଥ ଅଛି । ଏଥିରୁ ଗୋଟିଏ ସମସ୍ତି ବି
ପାଣିରେ ପଡ଼ିବ ନାହିଁ । ତଥାପି ସଂଖ୍ୟା କ୍ଷେତ୍ରରେ ବି 'ଅନାବଶ୍ୟକତା'
ଏକାବେଳକେ ଶୂନ୍ ନୁହେଁ । ମନେ କରନ୍ତୁ ଆମେ ଲେଖିଲେ 78 ତାହାକୁ
078, 0078, 00078 ଲେଖିଲେ ବି ଭୁଲ ହେବ ନାହିଁ । ଅଥବା ଦଶମିକ
ପରେ ଗୋଟିଏ ସଂଖ୍ୟାର ପରବର୍ତ୍ତୀ ଶୂନ ଗୁଡ଼ିକ ଲେଖିଲେ (ଯଥା 0.50
=0.5) ତାହା ଭୁଲ ହେବ ନାହିଁ । ଏଠାରେ ଅନାବଶ୍ୟକ ରହିଛି । କିନ୍ତୁ
ଅକ୍ଷର ଯୋଡ଼ିବା କ୍ଷେତ୍ରରେ ଅନାବଶ୍ୟକ ଯେତେ ପରିମାଣରେ ରହିଛି
ତାହା ତୁଳନାରେ ସଂଖ୍ୟା ଯୋଡ଼ିବାର ଅନାବଶ୍ୟକତା ନଗଣ୍ୟ ।

ଏ କଥା କେବଳ ଯେ ବୈଜ୍ଞାନିକମାନେ ଜାଣନ୍ତି ସେ କଥା ନୁହେଁ,
ନାନା କ୍ଷେତ୍ରରେ କାର୍ଯ୍ୟ କରୁଥିବା କର୍ମୀମାନେ ବି ଏକଥା ଜାଣନ୍ତି । ସଂଖ୍ୟା
ଥିବା କୌଣସି ଲେଖାରେ ଟାଇପ୍ କଲା ଲୋକକୁ ଅକ୍ଷର ଥିବା ଲେଖା
ଅପେକ୍ଷା ବେଶୀ ପଇସା ଦେବାକୁ ପଡ଼େ । ଅନୁବାଦ ଲେଖାଳମାନେ ନାମ-
ବାଚକ ବିଶେଷ୍ୟ ଓ ସଂଖ୍ୟାର ଅନୁବାଦ କଲାବେଳେ ବଡ଼ ଅସୁବିଧାରେ
ପଡ଼ନ୍ତି । ଏହାର କାରଣ ଅତ୍ୟନ୍ତ ସ୍ପଷ୍ଟ, କାରଣ ଅନୁବାଦକ ଜାଣନ୍ତି ନାହିଁ
ଗୋଟିଏ ନାଁ ପରେ ପୁଣି କେଉଁ ନାଁ ପଡ଼ିବ ବା ଗୋଟିଏ ସଂଖ୍ୟା ପରେ
ପୁଣି କେଉଁ ସଂଖ୍ୟା ପଡ଼ିବ ଅଥଚ ସାଧାରଣ କଥାଭାଷାରେ ଯେହେତୁ
ଭାଷାରେ ଏହି 'ଅନାବଶ୍ୟକତା' ରହିଛି ତେଣୁ ପାଞ୍ଚୋଟି ବା ଛଅଟି
ଅକ୍ଷରବାଲା ଶବ୍ଦରୁ ଦୁଇଟି ଅକ୍ଷର ପଡ଼ିଗଲେ ବାକି ଗୋଟିଏ ବା ଯୋଡ଼ିଏ
ଅକ୍ଷର ଅନୁମାନ କରିନେବା ସେମାନଙ୍କ ପକ୍ଷରେ ଅସୁବିଧା ହୁଏ ନାହିଁ ।

ପୃଥିବୀର ସବୁ ପ୍ରାକୃତିକ ଭାଷାରେ ଏହି ଅନାବଶ୍ୟକତା ରହିଛି ।
ନିକଟରେ ପୃଥିବୀର କେତୋଟି ପ୍ରଧାନ ପ୍ରଧାନ ଭାଷା କ୍ଷେତ୍ରରେ ଏଥିର
ଅନୁସନ୍ଧାନ ହୋଇଥିଲା । ସେଥିରୁ ଜଣାପଡ଼ିଛି ଯେ ପ୍ରତ୍ୟେକ ଭାଷାରେ
ମୋଟା ମୋଟି ଶତକଡ଼ା ୭୦ଠାରୁ ୮୦ ଯାଏ ଅନାବଶ୍ୟକତା ରହିଛି ।
୧୯୬୭ ମସିହାରେ ଓଆରେନ୍ ଉଇଭର ତାଙ୍କର 'ବିଜ୍ଞାନ ଓ କଳ୍ପନା'

ନାମକ ପ୍ରାମାଣିକ ପୋଥିରେ ଲେଖିଛନ୍ତି । "ଇଂରାଜୀ ଭାଷାର ଶତକଡ଼ା ୫୦ ଯାଏ ଅନାବଶ୍ୟକ ।" ଏହାର ଅର୍ଥ ହେଉଛି ଗୋଟିଏ ଲେଖାରେ ଶହେଟି ଅକ୍ଷର ଥିଲେ ତା' ଭିତରୁ ୭୦ରୁ ୮୦ ଯାଏ ଅକ୍ଷର ଆମେ ଅନୁମାନ କରିପାରିବା ଯଦି ଆମେ ସେହି ଭାଷାଟିକୁ ଜାଣିଥାଉଁ (ଅବଶ୍ୟ ଲେଖାରେ କ'ଣ ଅଛି ତାହା ଆମେ ନ ଜାଣିଥିଲେ ବି) ଭାଷାରେ 'ଅନାବଶ୍ୟକତା' କଥା ଧରିଲାବେଳେ ଆମେ ମୋଟା ମୋଟି ଭାବରେ ସେହି ଭାଷାକୁ ଧରୁଛୁ । ଯାହା ହେଲା ସାହିତ୍ୟିକ ଓଡ଼ିଆ, ଇଂରାଜୀ, ରୁଷ, ଜର୍ମାନ, ଫରାସୀ ସ୍ପେନୀସ୍, ଚୀନା ଭାଷା । ଏଭଳି ଭାଷରେ 'ଅନାବଶ୍ୟକତା' ଶତକଡ଼ା ୭୦ରୁ ୮୦ ଯାଏ ଏପଟ ସେପଟ ହୁଏ । କିନ୍ତୁ କୌଣସି ବୈଷୟିକ ଭାଷାରେ ଅର୍ଥାତ୍ ପାରିଭାଷିକ ଭାଷାରେ ବା ପରିଭାଷାରେ ଯଥା କାରିଗରୀ, ବିଜ୍ଞାନ, କୋର୍ଟ କଚେରୀ ଅଦାଲତ ବା କୌଣସି ପ୍ରକାର 'ଗଣ୍ଡି ଠାରୁ' ବା ସଙ୍କେତରେ 'ଅନାବଶ୍ୟକତା'ର ପରିମାଣ ସାଧାରଣ ସାହିତ୍ୟ ଭାଷାର ପରିମାଣ ଠାରୁ ଅଧିକ । କାରଣ ପରିଭାଷିକ ଭାଷାରେ ଶବ୍ଦର ସଂଖ୍ୟା କମ୍ ତାହାର ଅର୍ଥ ଅକ୍ଷର ସମଷ୍ଟି ବା ସମାହାର ହେଉଛି ସୀମିତ ଏଥିରେ କେତେଗୁଡ଼ାଏ ମାର୍କାମରା ଶବ୍ଦ ବାରମ୍ବାର ଆସେ, ସେହି ସେହି ଶବ୍ଦର ପୁନରାବୃତ୍ତି ହୁଏ । ତେଣୁ ଏଭଳି ଭାଷା ଏକ ଖୋଲା ସାଧାରଣ ଭାଷାଠାରୁ ଭିନ୍ନ । ଏହି କାରଣରୁ ବାହାରର ଜଣେ ଆଇନଜ୍ଞ ସେହି ଭାଷା ନ ଜାଣି ଥିଲେ ବି ଭାରତର କୌଣସି ଭାଷରେ ବା ଜର୍ମାନ ଭାଷାରେ ଆଇନ ବହି ପଢ଼ିଦେବା ଯେତେ ସହଜ ସାଧାରଣ ପାଠକ ଗୋଟିଏ ସାଧାରଣ ଅପରି-ଭାଷିକ ବହି ପଢ଼ି ଦେବା ସହଜ ନୁହେଁ ।

ଅଭିଜ୍ଞ ଟାଇପକାରୀମାନେ କହିବେ କୌଣସି ଦରଖାସ୍ତ ବା କୌଣସି ଅଦାଲତର ପିଟିସନକୁ ଟାଇପ ବାଢ଼େଇ ଦେବା ସହଜ ମାତ୍ର କବିତାକୁ ଟାଇପ୍ କରିବା ସହଜ ନୁହେଁ କାରଣ କବିତାରେ ଅପ୍ରତ୍ୟାଶିତ ଶବ୍ଦ ଓ ବାକ୍ୟାଂଶ ଆସି ପହଞ୍ଚେ ଯାହା ଟାଇପ୍ କରିବାଲାର ଗୋଚରରେ ନଥାଏ ।

ସୋଭିଏଟ୍ ଗବେଷକ ପିଏଟ୍ରୋଭସ୍କି ନିର୍ଣ୍ଣୟ କରିଛନ୍ତି ଯେ ରୁଷ ଭାଷାରେ 'ସରକାରୀ ଢ଼ଙ୍ଗ'ର ଲେଖାରେ ଅନାବଶ୍ୟକତା ହେଉଛି ପ୍ରାୟ ଶତକଡ଼ା ୮୫ (ଏହି କ୍ଷେତ୍ରରେ ସେ ବୈଜ୍ଞାନିକ ଓ ଯାନ୍ତ୍ରିକ ଲେଖା

ଗୁଡ଼ିକ ଆଲୋଚନାକୁ ନେଇଥିଲେ) । ଆମେରିକାର ବୈଜ୍ଞାନିକମାନେ ଆଉ ଏକ ଅନ୍ତରେଜ ବିଶେଷଜ୍ଞ ଭାଷାର ବିଶ୍ଳେଷଣ କରିଥିଲେ । ଏହି ଭାଷା ହେଲା ଉଡ଼ାଜାହାଜ ଚାଳକ ଓ ଉଡ଼ାଜାହାଜ ଷ୍ଟେସନ ଅଫିସରମାନଙ୍କ ଭିତରେ ଚାଲୁଥିବା କଥାଭାଷା । ଏ କଥା ସ୍ୱାଭାବିକ ଯେ ଏମାନଙ୍କ ଭାଷାରେ କେତୋଟି ସୀମାବଦ୍ଧ ବିଷୟର ଆଲୋଚନା ଛଡ଼ା ଆଉ କିଛି ନଥାଏ । ତା'ଛଡ଼ା ସେହି କଥା ସେହି କଥା ବାର ବାର ଦୋହରାଯାଏ । ଏଥିରେ ବି ବହୁ ପରିମାଣରେ ଫର୍ମା ଦୋରସ୍ତ ରେକଟେ'କ ଶବ୍ଦ ଥାଏ ଯେଉଁଥିରୁ ଏପଟ ସେପଟ ହେବାର ଉପାୟ ନାହିଁ ।

ଏଭଳି ସ୍ଥଳେ ଅନାବଶ୍ୟକତା ପ୍ରାୟ ଶତେକେ ୯୬ ଅକ୍ଷର ଯାଏ ହୋଇଯିବ । ଅର୍ଥାତ୍ ଏହି ପ୍ରକାର କଥାଭାଷୀମାନଙ୍କ ଲାଗି ଭାଷାର ବର୍ଣ୍ଣମାଳା ଭିତରେ ଶତେ ଅକ୍ଷରରୁ ୯୭ ଅକ୍ଷର ପ୍ରାୟ ଅନାବଶ୍ୟକ ।

ଅବଶ୍ୟ ଏଭଳି ଅନାବଶ୍ୟକତା ଉଡ଼ାଜାହାଜ ଚାଳକ ଓ କର୍ମଚାରୀଙ୍କର ନିଜ କାର୍ଯ୍ୟ କ୍ଷେତ୍ରରେ ଅତ୍ୟନ୍ତ ପ୍ରୟୋଜନ । କାରଣ ସେମାନଙ୍କର କଥାଭାଷାରେ ଠିକଏ ଯଦି କେଉଁଠି ବୁଝିବାରେ ଭୁଲ ହୋଇଯିବ — ଯଦି ଗୋଟିଏ ଅକ୍ଷରର ଭୁଲ ହୋଇଯିବ—ତେବେ ତାହା ଜୀବନ ମରଣ ସମସ୍ୟା ଭାବରେ ଦେଖାଦେବ । ପୁଣି ଯେଉଁଭଳି ସଦାସର୍ବଦା ଗୋଳମାଳ ଓ ବିମାନର ନିର୍ଦ୍ଦେଶ ଇତ୍ୟାଦି ଚାଲିଥାଏ ସେଥିରେ ଏଭଳି ଭାବରେ ଅକ୍ଷର ଏପଟ ହୋଇ ଯିବାର ମଧ୍ୟ ସମ୍ଭାବନା ଅଛି । ଶବ୍ଦର ତାରତମ୍ୟର ସମ୍ଭାବନା ଅଛି । ତେଣୁ ଏଭଳି ଶବ୍ଦ କହିବାକୁ ହେବ ଯାହାର ନିକଟତମ ଧ୍ୱନିର କୌଣସି ଅର୍ଥ ନଥିବ ଯେପରି କେଉଁ ଧ୍ୱନିରୁ ଗୋଟିଏ ମାତ୍ର ଅର୍ଥ, ଧ୍ୱନି ଯେତେ ବିକୃତ ବା ବିକଳ ହେଲେ ବି ହେଉଥିବ । ସେହି କାରଣରୁ ଚାଳକ ଓ ଟାୱାର ଡ୍ୟୁଟି ଅଫିସର କଥାରେ ଶତକଡ଼ା ୯୭ 'ଅଧିକା' ଥାଏ ଯେପରିକି ତାହା 'ନିରାପଦ ହାତର ପାଞ୍ଚ' ଯେଉଁଥିରେ ବୁଝିବାରେ କୌଣସି ପ୍ରକାର ଗୋଳମାଳ ନ ରହେ ।

ସୂଚନା ତତ୍ତ୍ୱର ଆବିଷ୍କାର ଅନୁସାରେ ଏବେ ବ୍ୟବସାୟ କ୍ଷେତ୍ରରେ ନୂଆ କୋଡ୍ ଭାଷା ତିଆରି ହେଉଛି । ତେଣୁ ସୂଚନା ତତ୍ତ୍ୱ ବିଶାରଦମାନେ ଏବେ ନାନା ଧରଣର ବ୍ୟବସାୟ ପାଇଁ ସ୍ୱତନ୍ତ୍ର ସ୍ୱତନ୍ତ୍ର କୋଡ୍ ଭାଷା ତିଆରି କରିବାରେ ଲାଗିଛନ୍ତି । ଗୋଟାଏ ଶବ୍ଦ ବା ବାକ୍ୟାଂଶ ବାରମ୍ବାର

ବ୍ୟବହାର ହେଉଥିବାରୁ ତାକୁ ଆଉ ବାରମ୍ବାର ବ୍ୟବହାର ନକରି ତାହାରି ଜାଗାରେ ଗୋଟାଏ ଚିହ୍ନ ବ୍ୟବହାର କରିଦେଲେ ସମୟ ବଞ୍ଚୁଛି ଓ ଜାଗା ବି ବଞ୍ଚୁଛି । ଟେଲିଗ୍ରାଫ୍ ମୋର୍ସ କୋଡ୍‌ରେ ଅଲଗା ଅକ୍ଷରର ଅଲଗା ଅଲଗା ଚିହ୍ନ ଥିଲା । କିନ୍ତୁ ଏବେ ଗୋଟା ଗୋଟା ଶବ୍ଦ ପାଇଁ ଏପରିକି ଦୁଇଟା ଶବ୍ଦ ପାଇଁ ବି ଗୋଟାଏ ଚିହ୍ନ ଦେଲେ ଚଳୁଛି । ଯଥା 'Dear sir' ପାଇଁ ଗୋଟିଏ ଚିହ୍ନ 'Yours faithfully' ପାଇଁ ଆଉ ଗୋଟିଏ ଚିହ୍ନ । 'Thanking you' ପାଇଁ ଆଉ ଗୋଟିଏ ଚିହ୍ନ 'with our best compliments' ପାଇଁ ଆଉ ଗୋଟିଏ ଇତ୍ୟାଦି ଇତ୍ୟାଦି ।

ବିଶେଷ ଧରଣର ଲେଖା ଯଥା ବ୍ୟବସାୟ, ମାଲ ବିଜ୍ଞାପନ, ରେଲୱାଇ ରସିଦ୍ ଇତ୍ୟାଦିରେ ଅନାବଶ୍ୟକତାର ପରିମାଣ ବେଶି କିନ୍ତୁ ଉପନ୍ୟାସ ଇତ୍ୟାଦି ଗଦ୍ୟରେ ଅନାବଶ୍ୟକତାର ପରିମାଣ ଅପେକ୍ଷାକୃତ କମ୍ । ଜଣେ ଭଲ ଲେଖକ କେବେ କୋଡ଼ିଟି ଶବ୍ଦର ସୀମା ଭିତରେ ଷ୍ଟାଣ୍ଡାର୍ଡ ରଖି ଲେଖନ୍ତି ନାହିଁ । ତାଙ୍କର ଭାଷା ବର୍ଣ୍ଣିଳ ହୁଏ । ସେଥିରେ ବିବିଧ ଶବ୍ଦର ପ୍ରାଚୁର୍ଯ୍ୟ ଥାଏ । ସେଥିରେ ନାନା ଉପମା ଓ ଅପ୍ରତ୍ୟାଶିତ ଭାବ ଥାଏ । ତେଣୁ ଏଭଳି ଭାଷାରେ ଅନାବଶ୍ୟକତା ସାଧାରଣ ଭାଷାର ଅନାବଶ୍ୟକତାଠାରୁ ନିଶ୍ଚିତ ଭାବରେ କମ୍ ହେବ ।

## ଅନାବଶ୍ୟକତା ନଥିଲେ...

ମନେ କରନ୍ତୁ ଆମେ ଗୋଟିଏ ମୁଣି ଭିତରେ ଓଡ଼ିଆ ଭାଷାର ଉପରେ ଛପା ହୋଇଥିବା ବର୍ଣ୍ଣମାଳାର ଅକ୍ଷରଗୁଡ଼ିକ ସମାନ ସଂଖ୍ୟାରେ ପୂରାଇ ରଖିଲୁ ଓ ସେଗୁଡ଼ିକୁ ଅନ୍ଧାଧୁନ୍ଧ ମୁଣିରୁ ବାହାର କରି ତାକୁ ଯେଉଁଭଳି ବାହାର କରିଥିଲୁ ସେଭଳି ଗୋଟିକ ପରେ ଗୋଟିଏ ସଜାଡ଼ି ରଖିଲୁ । ତାହାହେଲେ ଏଭଳି ଗୋଟିଏ ଶବ୍ଦ ବାହାରିବ ଯାହା ପଢ଼ାଯାଇ ପାରିବ ନାହିଁ । ଏଥିରେ କି କିଛି ଭୁଲ ଅଛି କି ନାହିଁ ତାହା ବି ଧରିବା କାଠିକର ପାଠ ହେବ ।

ଏକଥା ଆଗରୁ କୁହା ସରିଛି ଯେ ଗୋଟିଏ ସନ୍ଦେଶରେ କେତେ ପରିମାଣରେ ସୂଚନା ଅଛି ତାହା ସୂଚନା ତତ୍ତ୍ୱର ପଦ୍ଧତି ଅନୁସାରେ ଠିକ୍

କମ୍ପ୍ୟୁଟର ପାଖରେ, ଏପରିକି କୋଡ୍‌ର ଚିହ୍ନ ଅର୍ଥାତ୍ ଅକ୍ଷର ଗୁଡ଼ିକ ସମାନ ସମାନ ସମ୍ଭାବନାରେ ଦେଖା ଦିଅନ୍ତି ବା ଅସମାନ ସମ୍ଭାବନାରେ ଦେଖା ଦିଅନ୍ତି ଅର୍ଥାତ୍ ଅ, କ୍, ମ୍, ର୍, ଭଳି ଶବ୍ଦ ସମାନ ସମାନ ଥର ସେହି ଲେଖାରେ ପ୍ରକାଶ ପାଆନ୍ତି ବା କେହି କେହି ବେଶୀ ଥର ଓ କେହି କେହି କମ୍ ଥର ପ୍ରକାଶ ପାଆନ୍ତି । ଭାଷା ବି ଏଭଳି ଗୋଟିଏ କୋଡ୍ ଓ ଅକ୍ଷରଗୁଡ଼ିକ ଏଭଳି କୋଡ୍‌ର ଚିହ୍ନ—ସଙ୍କେତ ।

ତେବେ ଦେଖାଯାଉ ଓଡ଼ିଆ ଲିପିର ସେହି ଅକ୍ଷର ବାରମ୍ବାର ଗୋଟିଏ ଲେଖାରେ ଆତ୍ମପ୍ରକାଶ କରିବାର ସମ୍ଭାବନା କେତେ ଦୂର ? ତାହା ଜାଣିବାକୁ ହେଲେ ଆମକୁ ଗୋଟିଏ ବେଶ୍ ବଡ଼ ଧରଣର ଓଡ଼ିଆ ଲେଖା ନେଇ ଗୋଟିଏ ନିର୍ଦ୍ଦିଷ୍ଟ ଅକ୍ଷର କେତେଥର ସେହି ଲେଖାରେ ଆତ୍ମପ୍ରକାଶ କରିଛି ତାହାକୁ ଗଣିବାକୁ ହେବ । ବସ୍ତୁତଃ, ଅକ୍ଷରର ପୌନଃପୌନିକ ବ୍ୟବହାର ଠିକ୍ ଠିକ୍ ଲେଖାଯୋଖା ଭାବରେ ଜାଣିବାକୁ ଥିଲେ କେତେ ଗୁଡ଼ିଏ ଲେଖା ନେବାକୁ ହେବ କାରଣ ଗୋଟିଏ ଲେଖାରେ ଭାବ ବା ଲେଖକର ରୁଚି ଅନୁସାରେ ଗୋଟିଏ ନିର୍ଦ୍ଦିଷ୍ଟ ଅକ୍ଷର-ଥିବା ଶବ୍ଦ ବେଶୀ ସଂଖ୍ୟାରେ ରହିଯିବାର ସମ୍ଭାବନା । ଉଦାହରଣ ସ୍ୱରୂପ କୌଣସି ଆଧୁନିକ ଅର୍ଥନୀତି ବିଷୟକ ପୋଥିରେ 'ଣ' ଅକ୍ଷରର ବହୁଳ ପ୍ରୟୋଗ ଦେଖିବାକୁ ମିଳିବ ଯାହା ସାଧାରଣତଃ ଓଡ଼ିଆ ପ୍ରୟୋଗରେ ଅନ୍ୟତ୍ର ଦେଖାଯାଏ ନାହିଁ । ସରଳୀକରଣ, ଯନ୍ତ୍ରୀକରଣ, ବ୍ୟାଙ୍କ ଜାତୀୟକରଣ, ବିଶ୍ଳେଷଣ, ସଂଶ୍ଳେଷଣ, ଶିଳ୍ପୀକରଣ, ଆୟର ସମୀକରଣ ଇତ୍ୟାଦି । ଏହାଛଡ଼ା ସାଧାରଣ ଗଦ୍ୟଭାଷାରେ ଅକ୍ଷରର ବ୍ୟବହାରଠାରୁ କବିତାରେ ଅକ୍ଷର ବ୍ୟବହାରର ସ୍ୱତନ୍ତ୍ରତା ବି ଲକ୍ଷ୍ୟ କରିବାର କଥା । କାରଣ କବିମାନେ ଅନୁପ୍ରାସ ଓ ଯମକ ଇତ୍ୟାଦି ଅଳଙ୍କାର ବ୍ୟବହାରରେ ଉଷ୍ଟଣ ଘଟଣ କରନ୍ତି ଯଥା—

ଶୁକ୍ତି ତାରକତ ସୈକତେ ଫେନଚୂର୍ଣ୍ଣ ଲହରୀ
ଚୁମ୍ବେ ଚନ୍ଦ୍ରଚୂଡ଼ ଚରଣ ସ୍ତରେ ସ୍ତରେ ସଞ୍ଚରି ।

—ରାଧାନାଥ

ଏଠାରେ 'ସ'ର ବ୍ୟବହାର ଓଡ଼ିଆ ଭାଷାର ଶବ୍ଦରେ ସେତେ ଅସାଂକ୍ରେତ୍ୟ ନୁହେଁ କିନ୍ତୁ 'ଚ'ର ବ୍ୟବହାର ଏତେ ଅଧିକ ହୁଏ ନାହିଁ । ଅଥବା ଆଉ ଗୋଟିଏ ଉଦାହରଣ ନିଆଯାଉ—

ଘୁଳା ଚଳାଇ ଚନ୍ଦ୍ରଛି କେହି          କାହା ଝାଙ୍ଗଣି ଯାଉଛି ବହି
କେ ଯୋଡ଼ି ଅଡ଼ ରହନ୍ତେ ଲେଞ୍ଜ ଯୋଡ଼ି ଲଗାଇ ସେ
କେଉଁଠି ଘୁଲେ ଦୁଇ ଗୋଡ଼ରେ          ସୁଆର ଖସି ପଡ଼ିବା ଡରେ
କଣ୍ଠକୁ ଭିଡ଼ି ଧରି ଦୃଢ଼ରେ ସମ୍ଭାଳି ରହେ ସେ
କାହା ଘୋଡ଼ୀ ଘୋଡ଼ାଙ୍କ ଦେଖି ଆଗରେ
ମତ୍ତେ ମିଶି ଆସନ୍ତେ ଅତି ବେଗରେ
ବାଗ ହାଥକୁ ଅଳପ ମୋଡ଼ି ଆଡ଼େ ସଳଖି ଲଗାନ୍ତେ ଲେଞ୍ଜ
ପବନ ପରି ଗଲା ସେ ଉଡ଼ି ସେନ୍ଦ୍ର ଲଗରେ ।

(ବ୍ରଜନାଥ ବଡ଼ଜେନା)

ଏଠାରେ ମଧ୍ୟ 'ଚ', ଢ଼, ଫ, ଓ 'ଲ' ଭଳି ଅଳ୍ପ ବ୍ୟବହାରରେ ଲାଗୁଥିବା ଅକ୍ଷର ବହୁ ପରିମାଣରେ ଲାଗିଛି ।

କିନ୍ତୁ ସାଧାରଣ ଗଦ୍ୟ ଭାଷାରେ ଉପର ଲିଖିତ ବ୍ୟତିକ୍ରମ ଭଳି ସଚରାଚର ବ୍ୟତିକ୍ରମ ହୁଏ ନାହିଁ । ଓଡ଼ିଆ ଭାଷାରେ ସବୁଠାରୁ ବହୁଳ ପ୍ରଚଳିତ ଅକ୍ଷର ହେଉଛି ଅ, ଏ, ନ୍, କ୍, ସ୍, ର୍ ଇତ୍ୟାଦି ଅକ୍ଷର । ରୁଷ ଭାଷାରେ ଏଭଳି ଗୋଟିଏ ହିସାବରେ ଦେଖାଯାଇଛି ସେମାନଙ୍କର ଗୋଟିଏ ଅକ୍ଷର ଏକ ହଜାର ଅକ୍ଷର ଭିତରେ ୬୨ ଥର ମିଳୁଛି । ଆଉ ଗୋଟିଏ 'ଠ' (ଓ) ଅକ୍ଷର ୯୦ ଥର ମିଳୁଛି ଅଥଚ 'ଏଫ୍' ଅକ୍ଷର ଏକ ହଜାର ଅକ୍ଷର ଭିତରେ ମାତ୍ର ଦୁଇଥର ମିଳୁଛି ।

ଯେହେତୁ ଓଡ଼ିଆ ଭାଷା ବିଭିନ୍ନ ଅକ୍ଷରର ଶବ୍ଦରେ ବ୍ୟବହାରର ପୌନପୌନିକତା ଭିନ୍ନ ଭିନ୍ନ ଅର୍ଥାତ୍ ଗୋଟିଏ ଅକ୍ଷର ହଜାରେ ଅକ୍ଷର ଭିତରେ ଶହେ ଥର ଆତ୍ମପ୍ରକାଶ କଲେ ଢ଼ ଭଳି ଅକ୍ଷର ବା ଞ୍ଜ ଭଳି ଅକ୍ଷର .05 ଥର ଆତ୍ମପ୍ରକାଶ କରେ ତେବେ ଏକଥା ସୂଚନା ତତ୍ତ୍ୱର ସୂତ୍ର କହୁଛି ଯେ ଢ଼ ବା ଞ୍ଜ ଯେତେ ସୂଚନା 'ବହନ' କରେ 'ଅ' 'କ' ବା 'ର' ଅକ୍ଷର ସେତେ ସୂଚନା ବହନ କରେ ନାହିଁ । ମୋଟା ମୋଟି ଭାବରେ ଆମେ ଗୋଟିଏ ଓଡ଼ିଆ ଶବ୍ଦ ଯଦି ହାରାହାରି ୫ ଗୋଟି ଅକ୍ଷରରେ ତିଆରି ବୋଲି ଧରୁଁ ତେବେ ଏଥିରେ ଯେଉଁ ପାଞ୍ଚଟି 'ବିଟ୍' ସୂଚନା ଥିବାର କଥା ତାହା ନ ରହି ୪.୩୫ ବା ସେଭଳି କିଛି 'ବିଟ୍' ବା

Bit ସୂଚନା ରହିବ । ଓଡ଼ିଆ ଭାଷାରେ ଏ ବିଷୟରେ ଆଦୌ ଗବେଷଣା ନ ହୋଇଥିବାରୁ ଏହି ଅନୁମାନ କେବଳ ଭାଷା ବିଜ୍ଞାନର ମୋଟାମୋଟି ସୂତ୍ର ଅନୁସରଣରେ ଦିଆଯାଇଛି । କାରଣ ପ୍ରତ୍ୟେକ ଗବେଷିତ ଭାଷାରେ ଏହି ଦ୍ୱିକ ହୋଇଛି ୪. ୩୫ ଠାରୁ ୪.୫ ଭିତରେ ତେଣୁ ଓଡ଼ିଆ ଭାଷାରେ ଗୋଟିଏ ଅକ୍ଷରର ସୂଚନା ପରିମାଣ ଏହାରି ଭିତରେ କେଉଁଠି ଠାଏ ହେବ ।

ଆଗରୁ ଯେଉଁଭଳି ମୁଣିରେ ଗୁଡ଼ିଏ ଓଡ଼ିଆ ଟାଇପ୍ ନେଇଥିଲେଇଁ, ସେଥିରେ ଆମେ ସବୁ ଅକ୍ଷରରୁ ସମାନ ସମାନ ସଂଖ୍ୟାରେ ନେଇଥିଲୁ, ତାହାକୁ ଅନାଧିନିଆ ବାହାରକରି ଯେ ଶବ୍ଦରୁ ଏଭଳି ଶବ୍ଦ ସବୁ ବାହାରିଲା ଯେ ଯାହା ଓଡ଼ିଆ ଭାଷାରେ କେବେ ଶୁଣା ଯାଇ ନ ଥିବ । ତେବେ କମ୍ପୋଜିଟର ବା ପ୍ରେସ ମାଲିକମାନେ ଜାଣନ୍ତି ସାଧାରଣତଃ ଛାପେଇ କାର୍ଯ୍ୟରେ କେଉଁ କେଉଁ ଓଡ଼ିଆ ଅକ୍ଷର ବେଶି ବ୍ୟବହାର ହୁଏ । ତେଣୁ ବିଶେଷତଃ 'ର' ଉପରେ ବେଶି ଜୋର ପଡ଼ିବାରୁ ତାର ଲିଗ୍ଚର କଟି-ଯାଏ । ଏଭଳି କେତେଗୁଡ଼ିଏ ବେଶି ବ୍ୟବହାରରେ ଲାଗୁଥିବା ଅକ୍ଷରକୁ ମନେ କରନ୍ତୁ ଶତକଡ଼ା ୮୦, ଓ ଅଳ୍ପ ବ୍ୟବହାରରେ ଲାଗୁଥିବା ଞ, ଙ, ଠ, ଢ ରୁ ଅଳ୍ପ ଅଳ୍ପ ନେଇ ଆମେ ଗୋଟିଏ ମୁଣିରେ ରଖି ପୁଣି ଅନା-ଧିନିଆ ଯେ ବାହାର କଲୁ । ଏଥରକ ଗତଥର ଅପେକ୍ଷା ଅଧିକ ସମଷ୍ଟି ଗୁଡ଼ିକ ଓଡ଼ିଆ ଶବ୍ଦ ଭଳି ଲାଗିବ । ତେବେ ବି ସେ ବାକ୍ୟ ଓଡ଼ିଆ ବାକ୍ୟ ହେବ ନାହିଁ ।

ଏଥିରେ ପୁଣି ଅଡ଼ୁଆଳ କ'ଣ ? ପ୍ରଥମ କଥା ଓଡ଼ିଆ ଅକ୍ଷର ସବୁ କ ଭଳ ଯୌନ ଯୌନକତାରେ ଆତ୍ମପ୍ରକାଶ କରନ୍ତି ବା ଗୋଟିଏ ହଜାର ଅକ୍ଷରରେ କେଉଁ ଅକ୍ଷର କେତେଥର ବ୍ୟବହାର ଦେଖା ଦିଅନ୍ତି ତାହା ସିନା ଆମକୁ ମିଳିଗଲା ତାହ ନୁହେଁ । ଆମେ ଜାଣୁଥାଇଁ ଯେ କେତେ ଗୁଡ଼ିଏ ଅକ୍ଷର ଶବ୍ଦର ଆରମ୍ଭରେ ଲାଗନ୍ତି ନାହିଁ ଯଥା 'ଣ' ଯଥା 'ଞ' । ତେଣୁ ଏଭଳି ଭାବରେ ଅକ୍ଷର ବିନ୍ୟାସର ପଦ୍ଧତିରେ ନାନା ସୀମାବଦ୍ଧତା ରହିଛି ତେଣୁ ଗୋଟିଏ ଗ୍ରୁପ ଅକ୍ଷର କେତେ ପରିମାଣରେ ସୂଚନା ବହନ କରୁଛି ତାହା ଏହା ଫଳରେ କମିଯାଉଛି । ଯଦି ଆମେ ଗୋଟିଏ ଖୁବ୍ ବଡ଼ ପରିମାଣର ତଥ୍ୟାଦର୍ଶ ନେଇ ଓ ସେଥିରେ ଦୁଇଟି ଅକ୍ଷରର

ଯୋଡ଼ର ସୌନ ସୌନକତାକୁ ହିସାବକରନ୍ତୁ (ଏହା ଇଂରାଜୀ, ରୁଷ, ଜର୍ମାନ, ବଙ୍ଗଳା ଯେ କୌଣସି ଭାଷା କ୍ଷେତ୍ରରେ ହୋଇପାରେ) ଓ ତାହା ପରେ ଆମେ ଏଥିରେ ଥିବା ସୂଚନା ପରିମାଣକୁ ହିସାବ କରନ୍ତୁ ତେବେ ଆମେ ଗୋଟିଏ 'ବାକ୍ୟାଂଶ ମଡେଲ' ପାଇବା । ଏଭଳି ଭାବରେ ଦେଖିଲେ ଓଡ଼ିଆ ଭାଷାରେ ଗୋଟିଏ ଅକ୍ଷର ଯେଉଁ ପରିମାଣର ସୂଚନା ବହନ କରେ ତାହା ହେବ 3.52 ବିଟ (ଏକକ ନୁହେଁ) ।

ଏହିଭଳି ଭାବରେ ଦୁଇଟିକିଆ ଅକ୍ଷରବାଲା ଶବ୍ଦ, ତିନିଟିକିଆ ଅକ୍ଷରବାଲା ଶବ୍ଦ ଓ ଏଭଳି ଚାରି ବା ପାଞ୍ଚ ଟିକିଆ ଅକ୍ଷରବାଲା ଶବ୍ଦ ଗୁଡ଼ିକରେ ଆମେ ଦେଖିବା ଯେ ଶବ୍ଦରେ ଅକ୍ଷର ସଂଖ୍ୟା ଯେତିକି ବଢ଼ିଥିବ ସେତିକି ଅକ୍ଷରର ସୂଚନା ପରିମାଣ କମୁଥିବ । ଓଡ଼ିଆ ଭାଷାରେ ଏଭଳି ତିନିଟିକିଆ ଅକ୍ଷର ଶବ୍ଦରେ ଗୋଟିଏ ଅକ୍ଷରର ସୂଚନା ପରିମାଣ 3.52 ନ ହୋଇ ପ୍ରାୟ 3.01 ଯାଏ ହୋଇପାରିବ । ତେବେ ଗୋଟିଏ ଅର୍ଥପୂର୍ଣ୍ଣ ଓଡ଼ିଆ ବାକ୍ୟରେ ଗୋଟିଏ ଅକ୍ଷରର ସୂଚନା ପରିମାଣ ମୋଟ ଉପରେ କେତେ ?

ଯେତେବେଳେ ଦୁଇ, ତିନି ବା ତାହାଠାରୁ ଅଧିକ ଅକ୍ଷର ସାଙ୍ଗକୁ ଆମେ ବ୍ୟାକରଣ, ଶୈଳୀ ଓ ପଦବିନ୍ୟାସ ଯୋଗୁଁ ଯେଭଳି ଗୋଟିଏ ବାକ୍ୟର ଗୋଟିଏ ଯଥାଯଥ ଅର୍ଥ ବାହାରେ (ଏପର୍ଯ୍ୟନ୍ତ ଆମେ ବାକ୍ୟର ଅର୍ଥ ବିଷୟ ଧରି ନ ଥିଲେ) ତେବେ ଆମେ ଏକ ଜଟିଳ ଓ ଶେଷ୍ ଠୋକ୍ ସୀମାନ୍ତରେ ପଡ଼ିଯାଉ ଅଛୁଁ ।

କାରଣ କୌଣସି ଆଦାନ ପ୍ରଦାନର ମାଧ୍ୟମରେ ଆମେ ଯେଉଁ ଖବର ପଠାଉଁ ତାହା ତ କେବଳ ଅକ୍ଷର ସମଷ୍ଟି ନୁହେଁ ବା ଅନ୍ୟ କୌଣସି ମାମୁଲି କୋଡ଼ ସଙ୍କେତ ନୁହେଁ । ଭାଷା ଆଦାନ ପ୍ରଦାନର ମୁଖ୍ୟ କାର୍ଯ୍ୟ ହେଲା ଖବର ଯାହା କୌଣସି ବିଷୟ ବସ୍ତୁ ଓ ଯାହାର ନିର୍ଦ୍ଦିଷ୍ଟ ଅର୍ଥ ଅଛି । ମନେ କରନ୍ତୁ ଗୋଟିଏ ସମ୍ବାଦ ଆସି ପହଞ୍ଚିଲା "କାଲି ପହଞ୍ଚିବ, ବନ୍ଧୁ" ଏଥିରେ ଆମର ଦେଖିବାର କଥା ଏହି ସମ୍ବାଦର ଅର୍ଥ କ'ଣ । ଏଥିରେ କ କ ଅକ୍ଷର ଯୋଡ଼ା ହୋଇଛି ସେ ବିଷୟରେ ଆମେ ଆଦୌ ମୁଣ୍ଡ ପୂରାଉ ନାହିଁ ।

ଆମେ ବୁଝିବାକୁ ଚାହୁଁ ଏହି ସମ୍ବାଦର ଅକ୍ଷର ଗୁଡ଼ିକରେ କି ଅର୍ଥ ନିହିତ ରହିଛି ବା କୋଡ଼୍‌ର ସଙ୍କେତ କ'ଣ କହୁଛି ? ଯେଉଁ ଲୋକ ବିଜୟ ନାମକ ସମ୍ବାଦପ୍ରେରକଙ୍କୁ ଚିହ୍ନେ ତା'ପାଇଁ ସମ୍ବାଦଟି ଅତି ସ୍ପଷ୍ଟ କିନ୍ତୁ ଯେଉଁ ଲୋକ ବିଜୟ ନାମକ ସମ୍ବାଦ ପ୍ରେରକଙ୍କୁ ଚିହ୍ନେ ନାହିଁ ତା ପାଇଁ ଟେଲିଗ୍ରାମ୍‌ର ସେପରି କିଛି ଅର୍ଥ ନାହିଁ । ବାସ୍ତବରେ ଏହି ସମ୍ବାଦ, ଯେଉଁଲୋକ ପାଇଁ ଏହା ଉଦ୍ଦିଷ୍ଟ ନୁହେଁ, ତା' ପାଇଁ କୌଣସି ଖବର ବହନ କରୁନାହିଁ ।

ଗୋଟିଏ ବାକ୍ୟର ଗଠନ ହୁଏତ ବେଶ୍ ଉଜ୍ଜ୍ୱଳଡାଉଳ । ଶୁଣିବାକୁ ବି ବେଶ୍ ଲାଗିପାରେ ତଥାପି ତାହା କୌଣସି ଲୋକପାଇଁ କୌଣସି ଅର୍ଥ ବୁଝାଇ ନ ପାରୁଥାଏ । ତେଣୁ ଆମର ଦେଖିବାର କଥା ବାକ୍ୟର ଅର୍ଥ କ'ଣ ? ଏଥିରୁ ଆମେ ଏକଥା ମଧ୍ୟ ବୁଝିବାକୁ ଚେଷ୍ଟା କରିବା ଅର୍ଥର କି ଅର୍ଥ ? ଅର୍ଥକୁ ଅର୍ଥ କାହାକୁ କହନ୍ତି ? ଉଦାହରଣ ସ୍ୱରୂପ ଜଣେ ଆଧୁନିକ ପଦାର୍ଥବିତ୍ କହନ୍ତି ଯେ ଗୋଟିଏ ଫୋଂଟୋନ୍ ହେଉଛି ଏକାଧାରରେ ଗୋଟିଏ କଣିକା ଓ ଗୋଟିଏ ତରଙ୍ଗ, ଏକଥା ୧୯ଶ ଶତାବ୍ଦୀରେ ଜଣେ ବୈଜ୍ଞାନିକ ଶୁଣିଲେ କହନ୍ତା ଏଭଳି କଥାର ଅର୍ଥ କିଛି ନାହିଁ । ଏହା ଅସମ୍ଭବ, ତେଣୁ ନିରର୍ଥକ ।

ତେଣୁ ଆମର ଆଦାନ ପ୍ରଦାନର ଅର୍ଥକୁ ଅସଲ ଭାବରେ ପରଖି ନେବାର ଉପାୟ ହେଉଛି ଯାହାକୁ କୁହାଗଲା ସେ ଆମର ମନୋଗତ ଭାବ ବୁଝିପାରିଲା ବା ନାହିଁ । କିନ୍ତୁ ଏଇଠି ବି ଅନେକଗୁଡ଼ିଏ ସୂକ୍ଷ୍ମ ବାଧା ଆଗରେ ଛିଡ଼ା ହେବ । ବାଧା ହେଲା ଏଇୟା : କାହାକୁ ଆମେ ଅର୍ଥପୂର୍ଣ୍ଣ ଓ କାହାକୁ ଅର୍ଥହୀନ ବୋଲି କହିବା ?

ପଦାର୍ଥ ବିଦ୍ୟା, ଜ୍ୟୋତିର୍ବିଦ୍ୟା, ରସାୟନ ଇତ୍ୟାଦିରେ କୌଣସି ଗୋଟିଏ ବାକ୍ୟ ପ୍ରକୃତରେ ଅର୍ଥଗର୍ଭ ନାଁ ଅର୍ଥହୀନ ତାହା ଜାଣିବା ପାଇଁ ଆମେ ପ୍ରୟୋଗ ପରୀକ୍ଷା କରି ଠିକ୍ କରି ନେଇ ପାରିବା ଅଥବା କୌଣସି ମାପଯନ୍ତ୍ର ବା ମାନଦଣ୍ଡରୁ ବି ଠିକ୍ କରି ନେଇ ପାରିବା । ଯେମିତିକି ଆମର ସୌରଜଗତରେ ନେପ୍‌ଚ୍ୟୁନ୍ ନାମକ ଗୋଟିଏ ଗ୍ରହ ଅଛି ଏକଥାଟି ଆମେ ଦୂରବୀକ୍ଷଣ ସାହାଯ୍ୟରେ କହି ଦେଇ ପାରିବା । ଅଥବା ଏଭଳି ଗୋଟିଏ ସମ୍ବାଦ ଯଥା ଆୟୋଡ଼ିନ୍‌କୁ ଶ୍ୱେତସାରର ଦ୍ରବଣରେ ମିଶାଇଲେ

ଶ୍ୱେତସାରର ଶ୍ୱେତବର୍ଣ୍ଣ ନୀଳବର୍ଣ୍ଣ ହୋଇଯିବ । କଥାଟିକୁ ଆମେ ପରୀକ୍ଷା କରି ଅର୍ଥପୂର୍ଣ୍ଣ ବୋଲି କହିଦେଇ ପାରିବା । ଗଣିତରେ କୌଣସି ଗୋଟିଏ ନିର୍ଦ୍ଦିଷ୍ଟ ସତ୍ତା ଅଛି ବୋଲି କେହି ଘୋଷଣା କଲେ ଆମେ ପୂର୍ବରୁ ଜାଣିଥିବା ସୂତ୍ର ବା ସ୍ୱତଃସିଦ୍ଧ ଗୁଡ଼ିକ ଉପରେ ଭରସା କରି ଏହି ସତ୍ୟ ପ୍ରକୃତରେ ସତ୍ୟ କି ମିଥ୍ୟା କହିଦେଇ ପାରିବା । କିନ୍ତୁ ଆମର ସାଧାରଣ ଜୀବନରେ ଯଦି କେହି କହେ ମୁଁ କାଲି ରାତିରେ ଗୋଟାଏ ଭୂତ ଦେଖିଥିଲି ତେବେ ତାକୁ ଆମର ସହଜ ଜ୍ଞାନ ଦ୍ୱାରା ଧ୍ରୁବ ସତ୍ୟ ସାବ୍ୟସ୍ତ କରିବା ଅଥବା ତାହା ଏକ ମନଗଢ଼ା କଳ୍ପନା ବୋଲି ଉଡ଼େଇ ଦେବା । ଯଦି କେହି କୁହେ "ଚିନିକୁ ଲୁଣ ସଙ୍ଗରେ ମିଶାଇ ଖାଇଲେ ଭଲ ଲାଗେ" ତେବେ ଆମେ ଧ୍ରୁବ ବିଚାରିବା ଏଇଟା ଗୋଟାଏ ବିଦ୍ରୂପ ଅଥବା ଯେଉଁ ଲୋକ ଏଭଳି କଥା କହୁଛନ୍ତି ତାଙ୍କର ରୁଚି ଅଦ୍ଭୁତ ।

ଯଦି ଆମେ ଉପନ୍ୟାସ ବା କାବ୍ୟ ଆଡ଼କୁ ଦୃଷ୍ଟି ଫେରାଉ ତେବେ ଦେଖିବା ଅର୍ଥର ଭାବ ଆହୁରି ଗୋଳମାଳିଆ ହୋଇଯାଉଛି । ଏଜରା ପାଉଣ୍ଡ, ଏଲିଅଟ୍ ପ୍ରଭୃତି କବିମାନଙ୍କର କବିତା ବା କାବ୍ୟ ଅଥବା ହେମିଙ୍ଗୱେ, ଜେମସ୍ ଜଏସଙ୍କ ଭଳି ଔପନ୍ୟାସିକମାନଙ୍କର କାହାଣୀରେ ଗଭୀର ଅର୍ଥ ରହିଛି କିନ୍ତୁ ସେ ଗୁଡ଼ିକ ସିଧାସଳଖ ବୁଝିବାର ଉପାୟ ନାହିଁ ।

ବିଭିନ୍ନ ଧରଣର ଲେଖା ଯଥା ବୈଜ୍ଞାନିକ ଲେଖା, କବିତା ଓ କାବ୍ୟ ଓ ନିତିଦିନିଆ କଥାବାର୍ତ୍ତାରେ ଅର୍ଥର ପ୍ରାଚୁର୍ଯ୍ୟ ରହିଛି ତଥାପି ସର୍ବସାଧାରଣ ଗ୍ରହଣ କଲାଭଳି ଗୋଟିଏ ମାନଦଣ୍ଡ ଅଛି ଯାହା ଅନୁସାରେ ଲୋକେ କହନ୍ତି "ଏହି କଥାଟି ଅର୍ଥପୂର୍ଣ୍ଣ" ଅଥବା "ଏହି କଥାଟି ଅର୍ଥହୀନ ପ୍ରଳାପ" । ଅର୍ଥାତ୍ "ଏହି କଥାରେ କିଛି ସୂଚନା ମିଳୁଛି" ବା "କିଛି ଜାଣିବାର ଅଛି" "ଏହି କଥାରେ କିଛି ସୂଚନା ନାହିଁ ।" ବା "ଏହି କଥାରୁ କିଛି ବୁଝା ପଡୁନାହିଁ ।" କୌଣସି ସଜ୍ଞାନରେ ଥିବା ଲୋକର ମୌଳିକ ଭାବରେ ଅର୍ଥ ଓ ଅର୍ଥହୀନ ଭିତରେ ବାଛିବାର କ୍ଷମତା ଥାଏ, ଯଦିଚ କାହାକୁ ଅର୍ଥପୂର୍ଣ୍ଣ କହିବା ଓ କାହାକୁ ଅର୍ଥହୀନ କହିବା ଏଥିପାଇଁ କୌଣସି ଆନୁଷ୍ଠାନିକ ଆଇନକାନୁନ୍ ନାହିଁ । କିନ୍ତୁ ଗାଣିତିକ ଭାବରେ ଗୋଟିଏ ବାକ୍ୟ ବା ବାକ୍ୟାଂଶ କେତେ ପରିମାଣରେ ଅର୍ଥପୂର୍ଣ୍ଣ ବା ଅର୍ଥଶୂନ୍ୟ ଏହା କଣ ନିର୍ଣ୍ଣୟ କରାଯାଇ ପାରିବ ?

ଅନ୍ୟ କଥାରେ କହିଲେ ଗୋଟିଏ ଅର୍ଥପୂର୍ଣ୍ଣ ବାକ୍ୟରେ ଗୋଟିଏ ଅକ୍ଷର କେତେ ଭଳି ବା କେତେ ପରିମାଣ ଅର୍ଥ ବହନ କରୁଛି ଏହା କ'ଣ ମପାଯାଇ ପାରିବ ?

ଜଣା ପଡୁଛି ଏହା ଏକ ଗହନ କଥା କିନ୍ତୁ ଏହାକୁ ସମାଧାନ କରିବାକୁ ଆମର ପୂର୍ବ ପରିଚିତ ବୈଜ୍ଞାନିକ କ୍ଲଡ ଶାନନ୍ ଗୋଟିଏ ପଦ୍ଧତି ବାହାର କରିଛନ୍ତି । ତାଙ୍କର ଏହି ପଦ୍ଧତିଟିକୁ ପୃଥିବୀର ବିଭିନ୍ନ ଦେଶର 'ସମ୍ଭାବନାତତ୍ତ୍ୱ' (Theory of probability)ର ବିଜ୍ଞାନୀମାନେ ଆହୁରି ଗାଣିତ ଓ ମାର୍ଜିତ କରିଛନ୍ତି । ଏଥିରୁ ବାହାରୁଛି ଯେ ଅକ୍ଷରରେ କେତେ ଭଳି ବା ପରିମାଣର ଅର୍ଥ ନିହିତ ଅଛି ତାହା ତଥାକଥିତ 'ଅନୁମାନ ପଦ୍ଧତି' ବଳରେ ସ୍ଥିର କରାଯାଇ ପାରିବ ।

ଅନୁମାନ କଲାଲୋକଙ୍କୁ ମନେ କରନ୍ତୁ, ଗୋଟିଏ ଲେଖା ପଢ଼ିବାକୁ ଦିଆଗଲା । ସେଥିରୁ ସେ ଲେଖାଟିର ଶୈଳୀକୁ ଠଉରାଇ ନେଲା । ତାହା ପରେ ଲେଖାଟିର ଏକ ନିର୍ଦ୍ଦିଷ୍ଟ ସ୍ଥାନ ପର୍ଯ୍ୟନ୍ତ କାଗଜରେ ଘୋଡ଼ାଇ ଦିଆଗଲା ଯେପରି ସେହି ଅକ୍ଷର ଗୁଡ଼ିକ ସେହି ଅନୁମାନ କଲା ଲୋକ ପଢ଼ି ପାରିବ ନାହିଁ । ତା'ପରେ ତାଙ୍କୁ କୁହାଯିବ ଯେ ଯେଉଁ ଅକ୍ଷରଗୁଡ଼ିକ ଢଙ୍କା ଯାଇଛି ସେଗୁଡ଼ିକ ଅନୁମାନ କରି ଯୋଡ଼ିବାକୁ ।

ମନେକରନ୍ତୁ ଆମର ବାକ୍ୟଟି ହେଲା

"ଦିନେ ବଡ଼ି ସକାଳୁ ମୁଁ ରାସ୍ତାରେ ଚାଲି ଯିବା ବେ ଗୋଟି ସାପ ଦେଖି···ପାଇଲି ।"

ଏଠାରେ "ଚାଲିଯିବା ବେ 'ଳକୁ' "ରେ ଅକ୍ଷର ହେଲେ 'ଳକୁ' ତା'ପରେ 'ଗୋଟି'ରୁ ଗୋଟିଏ ଅକ୍ଷର ବାହାରି ଯାଇଛି ଯାହା ହେଲା 'ଏ' ସାପ ଦେଖି··· 'ବାକୁ' ପାଇଲି । ଏଭଳି ଭାବରେ ଅନୁମାନ କଲା ଲୋକଟି କେତୋଟି ଅକ୍ଷର ଠିକ୍ ଠିକ୍ ଅନୁମାନ କରି ପାରିଲା ଓ କେତୋଟି ଅକ୍ଷର କରି ନ ପାରିଲା ଓ ମୋଟ ଅକ୍ଷର ସଂଖ୍ୟାରୁ ଠିକ୍ କେତେ ଠିକ୍ ଓ ଭୁଲ କେତେ ହେଲା ଏଥିରୁ ସ୍ଥିର କରାଯାଇ ପାରେ । ଜଣେ ଲୋକ ଗୋଟିଏ ଅର୍ଥପୂର୍ଣ୍ଣ ଲେଖାରେ ଗୋଟିଏ ଅକ୍ଷର ବିହନରୁ କେତେ ପରିମାଣର ସୂଚନା ନଗାଡ଼ି ନେଇପାରେ ତାହା ବି ସ୍ଥିର କରାଯାଇ ପାରେ ।

ମସ୍କୋ ବିଶ୍ୱବିଦ୍ୟାଳୟରେ ଏହି ସଂକ୍ରାନ୍ତରେ ଯେଉଁ ପ୍ରୟୋଗ-ପରୀକ୍ଷା ହୋଇଥିଲା ସେଥିରୁ ଜଣାଗଲା ଯେ ରୁଷ ଭାଷାର ଗୋଟିଏ ଅକ୍ଷର ଅର୍ଥପୂର୍ଣ୍ଣ ବାକ୍ୟରୁ ଯେତିକି ସୂଚନା ବହନ କରେ ତାହା ହେଉଛି ଏକ ଦ୍ୱିକ । ମୋଟେ ଏକ ଦ୍ୱିକ । ଏହି କଥା ବି ଆହୁରି ସ୍ପଷ୍ଟ ଭାବରେ ସାବ୍ୟସ୍ତ ହେଲା ଲେନିନ୍ ଗ୍ରାଡ଼ର ଭାଷାବିତ୍ ଆର. ଜି. ପିଯୋଟ୍ରୋଭସ୍କିଙ୍କର ଗବେଷଣାରୁ । ଆଗରୁ ଆମେ ଜାଣିଥାଉଁ ଯେ ଗୋଟିଏ ଅକ୍ଷର ସବୁଠାରୁ ବେଶି ହେଲେ ପାଞ୍ଚ ଦ୍ୱିକ ବା Bit ସୂଚନା ବହନ କରିପାରେ । କିନ୍ତୁ ଯେହେତୁ ଅକ୍ଷରମାନଙ୍କର 'ଅନାବଶ୍ୟକତା' ରହିଛି, ପଦବିନ୍ୟାସ ବିଷୟରେ ଯେହେତୁ କଟକଣା ରହିଛି, ବ୍ୟାକରଣର ଆଇନ ବି ଅଛି ଓ ଅର୍ଥପୂର୍ଣ୍ଣ କଥାର ଚାହିଦା ବି ରହିଛି । ଏସବୁ ଏକାଠି ମିଳି ପରିସ୍ଥିତି ଏଭଳି ହୋଇଛି ଯେ ଯେଉଁ ଅକ୍ଷର ସ୍ୱାଭାବିକ ଭାବରେ ପାଞ୍ଚଟି ସୂଚନାକଣା ବା ଦ୍ୱିକ ବହନ କରିବାର ଶକ୍ତି ରଖିଛି ତାହା ଗୋଟିଏ ସୂଚନାକଣା ବା ଦ୍ୱିକ ବହନ କରୁଛି ।

ଜଗଜିତ୍ ସିଂହ ନାମକ ଜଣେ ଭାରତୀୟ ବିଜ୍ଞାନପୋଥି ଲେଖକ ତାଙ୍କର ଇଂରାଜୀ ପୋଥି "ସୂଚନାତତ୍ତ୍ୱ, ଭାଷା ଓ କଂପ୍ୟୁଟର ତତ୍ତ୍ୱ"ରେ ଲେଖିଛନ୍ତି—

"ଇଂରାଜୀ ଭାଷାରେ ଶହେ ତିରିଶଟି ଅକ୍ଷର ଥିବା ଏକ ସତକୁ ସତ ଅନୁମାନ ଖେଳରେ ବୟାଅଶିଟି ଅକ୍ଷର ନିର୍ଭୁଲ ଭାବରେ ଅନୁମାନ କରାଯାଇପାରିଲା ଆଉ ବୃଳଶ ଗୋଟି ଅକ୍ଷରକୁ ଜଣେଇବାକୁ ହେଲା ।" ଏହା ଫଳରେ ହାରାହାରି ୧.୯୩ ଦ୍ୱିକ ଲେଖାଏଁ ଅକ୍ଷର ପିଛା ସୂଚନା ପରିମାଣ ପଡ଼ିଲା । ତେଣୁ ଇଂରେଜୀ ବର୍ଣ୍ଣମାଳାର ବର୍ଣ୍ଣଗୁଡ଼ିକର ସୂଚନାର ପରିମାଣ ହେଉଛି ଅକ୍ଷର ପିଛା ଦୁଇ ଦ୍ୱିକ । ଅନାବଶ୍ୟକତା ଯୋଗୁଁ ଯାହା ସବୁ କଟକଣା ଅଛି ସେସବୁକୁ ମନରେ ରଖି ଏହି ପରିମାଣ ମାପ ସ୍ଥିର କରାଯାଇଛି ।

ଅକ୍ଷରର ସୂଚନା ପରିମାଣର ଏହି ହିସାବ ସବୁ ପ୍ରକାର ଅର୍ଥପୂର୍ଣ୍ଣ ବାକ୍ୟ କ୍ଷେତ୍ରରେ ପ୍ରଯୁଜ୍ୟ । ସବୁପ୍ରକାର ଅର୍ଥ ଉପନ୍ୟାସ ସାହିତ୍ୟ ବା ଅଣ-ଉପନ୍ୟାସ ଗଦ୍ୟ । ତେବେ ଲେଖକ ଭେଦରେ ଗୋଟିଏ ଅକ୍ଷରର

ସୂଚନା ପରିମାଣ ବି ବୃଦ୍ଧି ହୋଇ ପାରେ । ଯଥା ସ୍ୱଭାବତଃ ଜଣେ କଲମନବ୍ୟଶ ଖାଲି ଧାମାଧରା ଲେଖାରେ ଗିମ୍ ଗିମ୍ କାଗଜ ଭର୍ତ୍ତି କରିବାକୁ ଯେଉଁ ଅକ୍ଷରସବୁ ଲେଖେ ସେସବୁ ଅକ୍ଷରର ସୂଚନା ପରିମାଣ ନିଶ୍ଚିତ ଭାବରେ ଜଣେ କୁଶଳୀ ଲେଖକଙ୍କର ଉଚ୍ଚକୋଟିର ସାହିତ୍ୟିକ ଶୈଳୀର ଲେଖାର ଅକ୍ଷରର ସୂଚନା ପରିମାଣ ଠାରୁ ନ୍ୟୂନ ହେବ ।

## ଲେଖା ଓ କଥା

ଏତେବେଳଯାଏ ଲେଖାରେ ବା ଲିଖିତ ଭାଷାରେ ସୂଚନା ପରିମାଣ କେତେ ଏକଥା ଆମେ ଚର୍ଚ୍ଚା କରିଥିଲୁଁ କିନ୍ତୁ କଥିତ ଭାଷାରେ (ଯାହା ମନୁଷ୍ୟର ଭାବ ଆଦାନ ପ୍ରଦାନର ପ୍ରଧାନ ମାଧ୍ୟମ) କେତେ ସୂଚନା ପରିମାଣ ଅଛି ? କଥିତ ଭାଷାର ଅକ୍ଷରରେ ଯେତିକି ସୂଚନା ଲିଖିତ ଭାଷା ଅକ୍ଷରରେ କ'ଣ ସେତିକି ସୂଚନା ନାଁ କମ୍ ନାଁ ବେଶୀ ?

ଆମେ ଆଗରୁ ଜାଣିଥାଉଁ ଯେ କଥିତ ଭାଷାରେ ଅନେକ ଗୁଡ଼ିଏ ଧ୍ୱନି-ଅଣୁ ଅଛି ଯାହା ଜରିଆରେ ଭାବ ପ୍ରକାଶ ପାଏ । ଲିଖିତ ରୁଷ ଭାଷାରେ ୩୨ ଗୋଟି ଓ ଲିଖିତ ଓଡ଼ିଆ ଭାଷାରେ ୩୨ ଗୋଟି ଅକ୍ଷର ଅଛି ବୋଲି ଆମେ ଆଗରୁ ବାହାର କରିଥିଲୁଁ । କଥିତ ରୁଷ ଭାଷାରେ ଗୃନଶ ଗୋଟି କୋଡ଼୍ ସଙ୍କେତ ଅଛି ବା ଧ୍ୱନି-ଅଣୁ ଅଛି ଲିଖିତ ଇଂରାଜୀ ଭାଷାରେ ଛବିଶଟି ଅକ୍ଷର ଅଛି କିନ୍ତୁ ସେଥିରେ ବି ଗୃଳଶଟି ଧ୍ୱନି-ଅଣୁ ଅଛି । ଓଡ଼ିଆ ଭାଷାରେ କେତୋଟି ଧ୍ୱନିଅଣୁ ଅଛି ତାହା ଏପର୍ଯ୍ୟନ୍ତ ନିର୍ଦ୍ଧାରିତ ହୋଇ ନାହିଁ । କିନ୍ତୁ ଆମେ ଆଗରୁ ଜାଣିଥାଉଁ ଯେ ସାରା ପୃଥିବୀର ମନୁଷ୍ୟର ଭାଷା ଭିତରେ ଧ୍ୱନିଅଣୁ କ୍ଷେତ୍ରରେ ମେଳକ ଅଛି । ତେଣୁ ଏକଥା ବି ଠିକ୍ ଯେ ଓଡ଼ିଆ କଥିତ ଭାଷାରେ ଯେତେ ଧ୍ୱନିଅଣୁ ଥାଉ ତାହା ତିରିଶଠାରୁ ପଚାଶ ଭିତରେ ହେବ । ଏଥିରୁ ଏପଟେ ବା ସେପଟେ ବଳି ପାରିବ ନାହିଁ ।

ଲିଖିତ ଭାଷା କ୍ଷେତ୍ରରେ ଆମେ ଜାଣୁ ଯେ ଯଦି ଭାଷାରେ, ଉଭୟ ଲିଖିତ ଓ କଥିତରେ, 'ଅନାବଶ୍ୟକତା' ନଥାନ୍ତା ତେବେ ଅକ୍ଷର ତୁଳନାରେ ଧ୍ୱନି-ଅଣୁରେ ଅଧିକ ପରିମାଣ ସୂଚନା ଭର୍ତ୍ତି ହୋଇ ପାରନ୍ତା ।

କିନ୍ତୁ ଆମେ ଜାଣୁ ଯେ ଲିଖିତ ଓ କଥିତ ଉଭୟ ଭାଷାର ଭାବ ଆଦାନ ପ୍ରଦାନ ନାନା କଷ୍ଟକଳ୍ପନାରେ ବନ୍ଧା । ଆଗେ ଆମେ ଏବେ ଜାଣିଲୁ ଯେ ଅକ୍ଷରଟିରେ ସୂଚନା ପରିମାଣ ହେଉଛି ଏକ ବିଟ୍ ବା ଖୁବ୍ ବେଶୀ ହେଲେ ଦୁଇ ବିଟ୍ । ତା'ଠାରୁ ବେଶୀ ନୁହେଁ ଯଦିଓ ପ୍ରତ୍ୟେକ ଅକ୍ଷରର ପାଞ୍ଚ ବିଟ୍ ଯାଏ ସୂଚନା ବୋହିବା'ର ଶକ୍ତି ଅଛି ।

ଲିଖିତ ଭାଷା କଥିତ ଭାଷା ଠାରୁ ଆଉ ଟିକିଏ ମାଠେଇ ମଠେଇ ହୋଇ ଚାଲେ । ତା'ଛଡ଼ା ଲେଖାରେ ଲେଖକ ଶବ୍ଦ ବାଛିଲାବେଳେ ଅଧିକ ସତର୍କ ସଜ୍ଞ ବାଛେ । ବେଶ୍ ମିତବ୍ୟୟୀ ହୁଏ । ଏହା ଫଳରେ କଥିତ ଭାଷାରେ ବକ୍ତା ଯେପରି 'ହେଲେ' 'ମୋର କହିବାର କଥା' 'ମୁଁ ଯାଉଥିଲି' ଇତ୍ୟାଦି ବ୍ୟବହାର କରି ପ୍ରସଙ୍ଗକୁ ପ୍ରାସଙ୍ଗିକ ଭାବେ ଲିଖିତ ଭାଷାରେ ଲେଖକ ତାହା କରେ ନାହିଁ । ବରଂ ପାରାଗ୍ରାଫ୍ ବା ଶୂନ୍ୟସ୍ଥାନ ବା ବିରତିର ସୂଚନା ଦେଇ ଆପଣାର ଭାବ ପରିସ୍ଫୁଟ କରେ । କଥିତ ଭାଷାରେ ବ୍ୟାକରଣ ଓ ଶୈଳୀ ପ୍ରତି ଆମେ ବେଶି ଧ୍ୟାନ ଦେଉ ନାହିଁ । କେବଳ କେତେକ ଅଦରକାରୀ ଶବ୍ଦ ଓ ବାକ୍ୟାଂଶ ବା କଥା ଭିତରେ ପେଞ୍ଚ ଦେଇ କଥୋପକଥନକୁ ଚାଲୁ ରଖିବା ପାଇଁ କିନ୍ତୁ ଲିଖିତ ଭାଷାରେ ବ୍ୟାକରଣ ଓ ଶୈଳୀ ଉପରେ ନଜର ଦିଆଯାଏ ଓ ଶବ୍ଦ ବା ବାକ୍ୟାଂଶ ବ୍ୟବହାରରେ ସଂଯମ ଥାଏ ।

ଅକ୍ଷର ବେଳକୁ ଆମେ ଯେଉଁ ଅନୁମାନ ପଦ୍ଧତିର ଆଶ୍ରୟ ନେଇ ଅକ୍ଷରର ସୂଚନା ପରିମାଣ ସ୍ଥିର କରିଥିଲୁ ଧ୍ୱନି-ଅଣୁ ବେଳକୁ ବି ଆମକୁ ସେହି ଅନୁମାନ ପଦ୍ଧତି ଉପରେ ନିର୍ଭର କରିବାକୁ ହେବ । ଗୋଟିଏ ଲିଖିତ ବିଷୟରେ ହଜିଲା ଅକ୍ଷର ଅନୁମାନ କଲାବେଳେ ଅନୁମାନ କଲା ଲୋକ ତାଙ୍କର ଭାଷା ଉପରେ ଥିବା ଦଖଲକୁ କାର୍ଯ୍ୟରେ ଲଗାଏ କିନ୍ତୁ ଧ୍ୱନି-ଅଣୁକୁ ଅନୁମାନ କଲାବେଳେ ଏହା ତ କଷ୍ଟକର କଥା । କଥା ହେଉଛି ପିଲାଟି ଦିନରୁ ଆମେ ଅକ୍ଷରରେ ଲେଖା ଗଦ୍ୟାଦର୍ଶ ପଢ଼ି ଆସୁଛୁ କେବେ ଧ୍ୱନି-ଅଣୁର ସଙ୍କେତ ଦ୍ୱାରା ଲେଖା ଆମର ଦୃଷ୍ଟି ଗୋଚର ହୋଇନାହିଁ ।

ତେବେ ଗବେଷକମାନେ ବାହାର କରିଛନ୍ତି ଯେ ସେହି ଗୋଟିଏ ଲେଖା ଉଭୟ ଅକ୍ଷର ସାହାଯ୍ୟରେ ରେକର୍ଡ କରାଯାଇପାରେ ଧ୍ୱନି-ଅଣୁ

ମାଧ୍ୟମରେ ହିଁ ରେକର୍ଡ଼ କରାଯାଇପାରେ । ଆମେ କୌଣସି ଲିଖିତ ଗଦ୍ୟାଂଶ ପଢ଼ିଲାବେଳେ ତାହାକୁ ଧ୍ୱନିରେ ଉଚ୍ଚାରଣ କରି ପଢ଼ୁଁ ହୁଏତ ବଡ ପାଟିରେ ପଢ଼ୁଁ ବା ଗୁନ ଗୁନ କରି ପଢ଼ୁ । ଆଉ ଆମେ କୌଣସି କଥିତ ଭାଷା କହିଲାବେଳେ ତାହାକୁ ହିଁ ଅକ୍ଷର ମାଧ୍ୟମରେ ଲିପିବଦ୍ଧ କରିପାରୁଁ । ଅନ୍ୟ କଥାରେ କହିଲେ ଉଭୟ ଲିଖିତ ଓ କଥିତ କ୍ଷେତ୍ରରେ 'ମୋଟ ସୂଚନା' ଠିକ୍ ଥାଏ ଓ ସେଥିରେ କୌଣସି ପ୍ରଭେଦ ନଥାଏ । ତେଣୁ ସେହି 'ସୂଚନା' ଲିଖିତ ହୋଇଛି ବା କଥିତ ହୋଇଛି ସେଥି ସଙ୍ଗେ କିଛି ଯାଏ ଆସେ ନାହିଁ ।

ସଂକ୍ଷେପରେ, ଏହି ମୋଟ ସୂଚନାର ପରିମାଣ ହେଲା ଯେତେ ଗୁଡ଼ିଏ ଅକ୍ଷର ଏହି ସୂଚନା ଜଣାଇବାକୁ ବ୍ୟବହାର କରାଯାଇଛି ଓ ସେହି ଅକ୍ଷରମାନଙ୍କର ପ୍ରତ୍ୟେକରେ ଥିବା ସୂଚନାର ପରିମାଣ (ଏଠାରେ ଏକ ହିକ)ର ଗୁଣଫଳ । ଏହାକୁ ଗାଣିତିକ ସଙ୍କେତରେ ଲେଖିଲେ ହେବ…

ସୂଚନାର ପରିମାଣ = ଅକ୍ଷର ସଂଖ୍ୟା × ଅକ୍ଷରର ସୂଚନା ପରିମାଣ

ଅନ୍ୟ କ୍ଷେତ୍ରରେ କଥିତ ଭାଷାର ମୋଟ ସୂଚନା ପରିମାଣ = ଧ୍ୱନି-ଅଣୁର ସଂଖ୍ୟା × ଏକ ଧ୍ୱନି-ଅଣୁର ସୂଚନା ଶକ୍ତି । ଏହି ସୂତ୍ରକୁ କଷିଲେ ଗୋଟିଏ ଧ୍ୱନି-ଅଣୁରୁ ସୂଚନା ଶକ୍ତି ସହଜରେ ବାହାର କରିହେବ ।

ଇଂରାଜୀ ଭାଷାରେ ଧ୍ୱନି ଅଣୁର ସୂଚନା ପରିମାଣ ଅକ୍ଷରର ସୂଚନା ପରିମାଣ ସଙ୍ଗେ ପ୍ରାୟ ସମାନ । ଏହାର ଅର୍ଥ ଧ୍ୱନି ଅଣୁ ଓ ଅକ୍ଷର ଉଭୟ ମୋଟାମୋଟି ଭାବରେ ସମାନ ।

ତେବେ ଲିଖିତ ଭାଷା ଓ କଥିତ ଭାଷାରେ ସୂଚନାର ପରିମାଣ ସମାନ ହେଲେ ହିଁ ଗୋଟିଏ ଢଙ୍ଗରେ ସୂଚନାର ବଣ୍ଟନ ଭିତରେ ତଫାତ୍ ରହିଛି । ଏକଥା ଦେଖାଯାଇଛି ଯେ ଲେଖାରେ ସୂଚନାର ବେଶି ଭାଗ ଓଜନ ରହେ ପ୍ରଥମ ଅକ୍ଷର ଗୁଡ଼ିକରେ । କଥାରେ ସୂଚନାର ବେଶି ଭାଗ ରହେ ସେହି ଦୋଂଶ ଉପରେ ଯାହା ଉପରେ ସାଧାରଣତଃ କହିଲାବେଳେ ଜୋର ଦିଆଯାଏ । ଲିଖିତ ଶବ୍ଦ ହେଉଛି କ୍ରମିକ ସଙ୍କେତ ବା ଅକ୍ଷରର ଏକ ଧାଡ଼ି । କଥିତ ଶବ୍ଦ ଅଥବା ଦୋଂଶକୁ ଏକ ସମୁଦାୟ ଭାବରେ ଜଣାଯାଏ ।

ଏହାର ଉଦାହରଣ ସଂକ୍ଷିପ୍ତ ଶବ୍ଦ କ୍ଷେତ୍ରରେ ବେଶ୍ ଜଣାପଡ଼େ । ଯଥା NATO, U. N. ଅଥବା ଓଡ଼ିଆରେ ଏବେ ଚଳନ୍ତି ରେ.କ.ସ୍କୁ. ରେଭେନ୍‌ସା କଲେଜିଏଟ ସ୍କୁଲ । ଏପରିକି ପ୍ରାଚୀନ ରୋମରେ ବି ଲୋକ-ମାନଙ୍କର ନାମର ପ୍ରଥମ ଅକ୍ଷରଗୁଡ଼ିକ କେବଳ ଠାରେ ଦିଆଯାଇ ଥିଲା । ଏବେ ଅଧା ଦସ୍ତଖତରେ ଆମେ ଯେପରି ଲେଖୁଁ ସେପରି ଯଥା—Marcus Tullius cicero ସ୍ଥଳେ M. Tullius cicero. ପୂର୍ବକାଳରେ ସ୍ପେନ୍ ଦେଶରେ ଗୋଟା ଗୋଟା ବାକ୍ୟାଂଶ ମଧ୍ୟ ଏଭଳି ସଂକ୍ଷିପ୍ତ କରି ଦିଆଯାଉ-ଥିଲା ଯଥା—SSS QBVM ଏହାର ଅର୍ଥ "ସୁ ସେଗୁରୋ ସର୍ଭିଡୋର କ୍ୟୁ ବେସା ଏ ଭସ୍ ଟ୍ରେଡ଼୍ ଲ ମାନୋ" ଆପଣଙ୍କର ଆଜ୍ଞାଧୀନ ଭୃତ୍ୟ ଆପଣଙ୍କର ହସ୍ତ ଚୁମ୍ବନ କରୁଛି । ଇଂରାଜୀରେ ମିଷ୍ଟରରୁ ମଝିଟିକ କାଢ଼ିଦେଇ ଲେଖନ୍ତି Mr. ସ୍ପେନୀୟ ଭାଷାରେ ସେନରରୁ ମଝିଟିକ କାଢି ଦେଇ ଲେଖନ୍ତି Sr. ଆରବମାନେ ନମାଜ ପଢ଼ିଲାବେଳେ ଆଲ୍ଲାଙ୍କର ଗୁଣ କୀର୍ତ୍ତନକୁ ବାରମ୍ବାର କଲାବେଳେ ସଂକ୍ଷିପ୍ତସାର କରିଦିଅନ୍ତି । ଏଥିପାଇଁ ସବୁତକ ଜଣାଣ ବେଳେ ବେଳେ ଗୋଟିଏ ଅକ୍ଷର ଭିତରେ ଖୁନ୍ଦି ଦିଆଯାଇଥାଏ । ତେଣୁ ସେମାନେ ପ୍ରଥମ କେତୋଟି ଶବ୍ଦର ପ୍ରଥମ ଅକ୍ଷରଗୁଡ଼ିକ ଓ ବାକ୍ୟାଂଶର ଶେଷ ବ୍ୟଞ୍ଜନବର୍ଣ୍ଣଟିକୁ ବ୍ୟବହାର କରି ସେମାନଙ୍କର ନମାଜ ପଢ଼ନ୍ତି ।

ଏହି ଉଦାହରଣଗୁଡ଼ିକରୁ ଏହାହିଁ ପ୍ରମାଣ ମିଳୁଛି ଯେ ଶବ୍ଦର ମୂଳରେ (କ୍ୱଚିତ ଶେଷ) ବେଶୀ ସୂଚନା ଥାଏ, ଆଉ ଶବ୍ଦର ମଧ୍ୟସ୍ଥଳରେ କୌଣସି ସୂଚନା ନଥାଏ କହିଲେ ଚଳେ ।

କିନ୍ତୁ ଏକଥା ଲିଖିତ ଭାଷା କ୍ଷେତ୍ରରେ ପ୍ରଯୁଜ୍ୟ । କଥିତ ଭାଷାରେ ବି ଶବ୍ଦଗୁଡ଼ିକ ସଂକ୍ଷେପ କରାଯାଏ । କିନ୍ତୁ ଏଭଳି କ୍ଷେତ୍ରରେ ସାଧାରଣତଃ ଶବ୍ଦର ମୂଳ ଅଂଶକୁ ଲକ୍ଷ୍ୟ କରି ଦିଆଯାଏ ଯେଉଁ ମୂଳ ଅଂଶଗୁଡ଼ିକ ଲେଖା ପାଇଁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ।

ଏଥିରୁ ଏକଥା ସ୍ପଷ୍ଟ ଯେ ଲିଖିତ ଭାଷାରେ ଶବ୍ଦର ପ୍ରଥମ ଅଂଶ-ଗୁଡ଼ିକ ଗୁରୁତ୍ୱପୂର୍ଣ୍ଣ କିନ୍ତୁ କଥିତ ଭାଷାରେ କଥାରେ ବା ଶେଷାଂଶରେ ଯେଉଁ ସ୍ଥାନରେ ଜୋର ଦିଆଯାଏ ସେଗୁଡ଼ିକ ହିଁ ଗୁରୁତ୍ୱପୂର୍ଣ୍ଣ, ପ୍ରଥମ ଅଂଶଗୁଡ଼ିକ ନୁହେଁ ।

## ଭାଷା ଓ କମ୍ପ୍ୟୁଟର ତତ୍ତ୍ୱ

ସୂଚନା ତତ୍ତ୍ୱ ପଦ୍ଧତିରୁ ପ୍ରଥମ କୋଡ୍ ତିଆରି, ସମ୍ଭାବ୍ୟ ନିର୍ଣ୍ଣୟ ଓ ଆଦାନ ପ୍ରଦାନର ହ୍ରାସର ସାମର୍ଥ୍ୟ କଥା ବର୍ଣ୍ଣନକୁ ନେଇଥିଲା। ପରବର୍ତ୍ତୀ କାଳରେ ଦେଖାଗଲା ଯେ ଏହି ଧାରଣାଗୁଡ଼ିକ ଜୀବନ୍ତ ବସ୍ତୁମାନଙ୍କର ଇନ୍ଦ୍ରିୟ ମାଧ୍ୟମରେ ଗ୍ରହଣ କରୁଥିବା ସୂଚନା ପାଇବା ପାଇଁ 'ଭାବ ଆଦାନ ପ୍ରଦାନର ନିୟମ' ପ୍ରତି ମଧ୍ୟ ପ୍ରୟୋଗ କରାଯାଇ ପାରେ। ସ୍ୱୟଂକ୍ରିୟ ଯନ୍ତ୍ର ଓ ଜୀବନ୍ତ ବସ୍ତୁମାନେ ସୂଚନା ଗ୍ରହଣ, ନିର୍ବାଚନ ଓ ସେଗୁଡ଼ିକର ସମ୍ବାଦ ରକ୍ଷିବା କାର୍ଯ୍ୟରେ ସମାନ ପ୍ରକାର ଆଇନର ବଶବର୍ତ୍ତୀ ହୋଇ ଚାଲନ୍ତି। ଏହି ଧାରଣାରୁ ଏକ ନୂଆ ଧରଣର ବିଜ୍ଞାନର ଉତ୍ପତ୍ତି ହେଲା ଯାହାକୁ ଓଡ଼ିଆରେ କୁହାଯିବ କମ୍ପ୍ୟୁଟର ତତ୍ତ୍ୱ ଇଂରାଜ ଓ ବିଦେଶୀ ବିଜ୍ଞାନ ଭାଷାରେ ସାଇବରନେଟିକ୍ସ। ସେଇଠୁ ସୂଚନା ତତ୍ତ୍ୱ ଏହି କମ୍ପ୍ୟୁଟର ତତ୍ତ୍ୱର ମୂଳଭିତ୍ତି ହେଲା। କାରଣ କମ୍ପ୍ୟୁଟର ତତ୍ତ୍ୱର କାର୍ଯ୍ୟ ହେଲା, "ଯେଉଁ ବ୍ୟବସ୍ଥା ସୂଚନାକୁ ଗ୍ରହଣ କରିବା, ସାଇତି ରଖିବା ଓ ନିର୍ବାଚନ କରିବା ଓ ତାହାକୁ ନିୟନ୍ତ୍ରଣାଧୀନ କରିବାରେ ସମର୍ଥ ସେଭଳି ବ୍ୟବସ୍ଥାରେ—ଯେ କୌଣସି ଧରଣର – ଅଧ୍ୟୟନ।"

ଯେ କୌଣସି ଧରଣର ବ୍ୟବସ୍ଥା ବୋଲି କହିଲେ ଏଥିରେ ମନୁଷ୍ୟ, ଜୀବଜନ୍ତୁ ଓ ସ୍ୱୟଂକ୍ରିୟ ଯନ୍ତ୍ର ବି ଆସି ଯାଉଛି। ଏହି ସକଳ ପ୍ରକାର ବସ୍ତୁକୁ ଏକଇ ଭାବରେ ସୂଚନା ତତ୍ତ୍ୱର ଭାଷାରେ ଏକରକମ ବସ୍ତୁ ବୋଲି ଧରାଯାଇପାରେ।

ମନୁଷ୍ୟର ମସ୍ତିଷ୍କ ଏକ ସୂଚନାର ଭଣ୍ଡାର। ପ୍ରତି ମୁହୂର୍ତ୍ତରେ ଏହି ମସ୍ତିଷ୍କ ସୂଚନା ଗ୍ରହଣ କରେ ଓ ତାହାକୁ ବାଛିବୁଛି ସାଫ କରି ସାଇତି ରଖେ (ସ୍ୱାଭାବିକ ଭାବରେ ଏଭଳି ଗୃହୀତ ସୂଚନାର ପରିମାଣ ସ୍ଥିର କରିବାକୁ ହେଲେ ଆମକୁ ଏହି ସୂଚନା ଗ୍ରହଣର ସମୟ ବି ଜାଣିବାକୁ ପଡ଼ିବ। ସମୟର ଏକକ ଭିତରେ ମନେ କରନ୍ତୁ ଏକ ସେକେଣ୍ଡରେ କେଉଁ ହାରରେ ସୂଚନା ମସ୍ତିଷ୍କରେ ପ୍ରବେଶ କରୁଛି ତାହାର ହିସାବ ଅନୁସାରେ ବ୍ୟବସ୍ଥାର ସାମର୍ଥ୍ୟ ବୁଝା ପଡ଼େ) ଏହି ପ୍ରଶ୍ନର ଉତ୍ତର ଲାଗି ଆମକୁ ପ୍ରଥମେ ମଣିଷର ଇନ୍ଦ୍ରିୟମାନଙ୍କର ସାମର୍ଥ୍ୟ ସ୍ଥିର କରିବାକୁ ହେବ।

ମଣିଷର ଆଖିର ପରଦାରେ ପ୍ରାୟ ଏକ କୋଟି ସ୍ନାୟୁ କୋଷ ଅଛି । ଏମାନେ ହେଉଛନ୍ତି କୋଣାକୃତି ଓ ସର୍ପିଳ ଆକୃତି । ଦୁଇ ଆଖିରୁ ପ୍ରାୟ ଦଶ ଲକ୍ଷ ସ୍ନାୟୁ ତନ୍ତୁ ମସ୍ତିଷ୍କ ଭିତରକୁ ପ୍ରବେଶ କରିଛନ୍ତି । ଯଦି ଆମେ ଧରିନେବା ଯେ ଆଖିର ଗୋଟିଏ ସ୍ନାୟୁ ତନ୍ତୁ ଗୋଟିଏ ସେକେଣ୍ଡରେ ଗୋଟିଏ ବିଟ୍ ସୂଚନା ଗୋଚରୀଭୂତ କରେ (ଅର୍ଥାତ୍ ସେହି ଆଖି ଆଲୋକ ପ୍ରତି ସ୍ପର୍ଶାତୁର ହୁଏ ବା ନହୁଏ) ତେବେ ଆମେ ଏକ ସେକେଣ୍ଡରେ ଦଶ ଲକ୍ଷ ବିଟ୍ ସୂଚନା ପାଇଲୁ । ତେବେ ମନୁଷ୍ୟ ଆଖି ସେକେଣ୍ଡରେ ଗୋଟିଏ ପ୍ରକ୍ଷେପ ଠାରୁ ଅଧିକ ସଂଖ୍ୟାରେ ପ୍ରତିକ୍ରିୟା ସୃଷ୍ଟି କରେ । ସେଥିପାଇଁ ବୈଜ୍ଞାନିକମାନେ ହିସାବ କରନ୍ତି ଯେ ଆଖି-ମସ୍ତିଷ୍କ ବ୍ୟବସ୍ଥାର ସାମର୍ଥ୍ୟ ହେଉଛି ସେକେଣ୍ଡକରେ ପଚାଶ ଲକ୍ଷ ବିଟ୍ ସୂଚନା ।

ଆଖିଠାରୁ କାନର ସ୍ନାୟୁ ତନ୍ତୁର ସଂଖ୍ୟା କମ୍ । ଆଖିର ଦଶଲକ୍ଷ ସ୍ନାୟୁ ତନ୍ତୁ ଅଛି କାନର ଅଛି ପ୍ରାୟ ୩୦,୦୦୦ ଅର୍ଥାତ୍ ଆଖିର ସଂଖ୍ୟାର ତିରିଶି ଭାଗରୁ ଭାଗେ । କାନ ମସ୍ତିଷ୍କ ବ୍ୟବସ୍ଥାର ସାମର୍ଥ୍ୟ ହେଉଛି ୫୦,୦୦୦ ବିଟ୍ ସେକେଣ୍ଡକରେ । ପ୍ରସଙ୍ଗତଃ ଆମେ ଟେଲିଫୋନ୍‌ରେ ଏଥିରୁ କମ୍ ପଠାଉ ଅଉ ପ୍ରାୟ ସେକେଣ୍ଡକେ ୩୦,୦୦୦ ବିଟ୍ । ଯେଉଁ ୨୦,୦୦୦ ବିଟ୍ ନଷ୍ଟ ହୋଇଯାଏ ତାହାର କାରଣ ହେଉଛି ଟେଲିଫୋନ୍ ଆଦାନ ପ୍ରଦାନରେ ମନୁଷ୍ୟ ଭାଷା ବିକଳ ହୋଇଯାଏ ।

ତେବେ ୫୦,୦୦୦ ବିଟ୍ ତ ଛୋଟ ସଂଖ୍ୟା ନୁହେଁ । ଏହାର ଅର୍ଥ ହେଲା ଯେ ଆମର କାନ-ମସ୍ତିଷ୍କ ବ୍ୟବସ୍ଥା 2500,000 ସମ୍ଭାବନା ଭିତରୁ ନିର୍ବାଚନ କରିଥାଏ (ବିଟ୍ ଗୁଡିକ ହେଉଛନ୍ତି ଏହାର ପ୍ରବର୍ତ୍ତକ । ଶାନନଙ୍କର ସୂତ୍ର ଅନୁସାରେ) ଏହି ସଂଖ୍ୟା ହେଉଛି ଏକରେ ଦଶହଜାର ଶୂନ ଦେଲେ ଯେଉଁ ସଂଖ୍ୟା ହେବ ତା'ଠାରୁ ବି ବଡ଼ । ଏଥି ସଙ୍ଗରେ ଦଶ ଲକ୍ଷକୁ ତୁଳନା କରାଯାଏ ତେବେ ଦଶଲକ୍ଷ ହେଉଛି ଏକରେ ଛଅଟି ଶୂନ । କାହିଁ ଦଶ ହଜାର କାହିଁ ଛଅ ? ଏକ ସେକେଣ୍ଡରେ ଏକ କରି ଗଣିଲେ ଏକ ଶହ କୋଟିକୁ ଦିନକୁ ଦଶଘଣ୍ଟା ଲେଖାଏଁ ଗଣିଲେ ଆମକୁ ୯୦ ବର୍ଷ ଲାଗିବ । ସମଗ୍ର ମନୁଷ୍ୟ ଇତିହାସର ସମସ୍ତ କାଳକ ଜଣେ ଲୋକ ଯଦି ଗଣିବାରେ ଲାଗିବ ତେବେ ବି ସିଏ 2500,000ରେ ପହଞ୍ଚି ପାରିବ ନାହିଁ ।

ତେଣୁ ସେକେଣ୍ଡକରେ ୫୦,୦୦୦ ବିଟ ସୂଚନା ମସ୍ତିଷ୍କରେ ପ୍ରବେଶ କଲେ ଏକ ପ୍ରଚଣ୍ଡ ପରିମାଣ ପ୍ରବେଶ କଲ୍ଲକୋଳ ଧରିବାକୁ ହେବ। ତେବେ ଏଥିରୁ କେତେ ପରିମାଣ ସୂଚନାକୁ ମସ୍ତିଷ୍କ ବାଛିବୁଛି ଆପଣାର ଗନ୍ତାଘରେ ସଂଗ୍ରାହ ରଖି ପାରିବ ?

ମନୁଷ୍ୟ ମସ୍ତିଷ୍କର ଗୋଚରୀଭୂତ ଧାରଣ କ୍ଷମତାର ସୀମା ହେଲା ୫୦ ସୂଚନା ବିଟ ଅର୍ଥାତ୍ ୫୦ ଭାବଲ ଏକକ ସୂଚନା। ଖୁବ୍ ଜଲଦ କଥାଭାଷା ବା ଚଞ୍ଚଳ ପଠନ ଓ ବକ୍ତବ୍ୟକୁ ଶର୍ଟହ୍ୟାଣ୍ଡରେ ଲେଖିଦେବାରେ ଏହି ଧାରଣ କ୍ଷମତା ପର୍ଯ୍ୟନ୍ତ ପହଞ୍ଚିବା ସମ୍ଭବ। ଯେଉଁ ସୂଚନା ସେକେଣ୍ଡକରେ ୫୦ ବିଟରୁ ବେଶି ଜୋରରେ ଆସେ ତାକୁ ମନୁଷ୍ୟ ମସ୍ତିଷ୍କ ଧାରଣ କରିପାରେ ନାହିଁ। ଯଦ୍ଧତ ଶୁଣିବାବେଳେ ଆମେ ଏହାଠାରୁ ହଜାରେ ଗୁଣ ଶୀଘ୍ର ଶୁଣିପାରୁଁ ବା ଦେଖିଲାବେଳେ ଆମେ ଏହାଠାରୁ ଲକ୍ଷେ ଗୁଣ ଶୀଘ୍ର ଦେଖିପାରୁଁ କିନ୍ତୁ ମୁଣ୍ଡରେ ଧରି ରଖି ପାରିଲେ ତ ? ସ୍ମରଣେନ୍ଦ୍ରିୟର ସାମର୍ଥ୍ୟ ଏହି ଦର୍ଶନ ଓ ଶ୍ରବଣ ଇନ୍ଦ୍ରିୟର ସାମର୍ଥ୍ୟର ମଝାମଝି।

ତେବେ କୌଣସି ଲୋକର ବ୍ୟକ୍ତିଗତ ତରିକା ଉପରେ ବି ଅନେକ କଥା ନିର୍ଭର କରେ। ଲୋକର ଶାରୀରିକ ଓ ମାନସିକ ଅବସ୍ଥା, ତାର ଆଖି ବା କାନ ବା ଚମଡ଼ାର ତାଲିମ୍ ଓ ଅନ୍ୟାନ୍ୟ ଅନେକ ଅବସ୍ଥା ଏଥିରେ ତାରତମ୍ୟ କରେ। ଜଣେ କୁଶଳୀ ଟାଇପ୍ କଲାଲୋକ ବା ପିଆନୋ ବାଦକ ସେକେଣ୍ଡକେ ୨୫ ବିଟ ମାତ୍ର ସୂଚନା ପ୍ରେରଣ କରିପାରେ ଅଥଚ ଜଣେ ଅନଭିଜ୍ଞ ଲୋକ ସେକେଣ୍ଡକେ ପାଞ୍ଚବିଟ ପଠାଇ ପାରିବ କି ନା ସନ୍ଦେହ।

ତେବେ ଏକ ଚଞ୍ଚଳ କଥୋପକଥନ ଶୁଣିଲାବେଳେ ମନୁଷ୍ୟ ମସ୍ତିଷ୍କ ତାର ସାମର୍ଥ୍ୟର ଶେଷ ସୀମା ଯାଏ କାମ କରେ ଓ ସେକେଣ୍ଡକେ ୪୦ରୁ ୫୦ ବିଟ ଯାଏ ସୂଚନା ଗ୍ରହଣ କରିନିଏ। କିନ୍ତୁ ଏହା ହେଲା ସୂଚନା ପରିମାଣ। ସୂଚନା ତତ୍ତ୍ୱ ଗୃହୀତ ସୂଚନାର ମୂଲ୍ୟ ଉପରେ କେବେ ଚିନ୍ତା କରେ ନାହିଁ। ଖାଲି ଅଳସୁଆ ଗପ ପାଇଁ ଏହି ସୂଚନାର ମୂଲ୍ୟ ଶୂନ ବି ହୋଇପାରେ। ହୋଇ ପାରେ ଆମେ ପ୍ରତି ସେକେଣ୍ଡରେ ସୀମାବଦ୍ଧ ପରିମାଣ ସୂଚନା ପାଉଛୁଁ ଓ ମସ୍ତିଷ୍କ ତାହାକୁ ବନ୍ଦୋବସ୍ତ କରୁଛି କିନ୍ତୁ ସେ ସୂଚନାର ମୂଲ୍ୟ ହୁଏତ ନଗଣ୍ୟ।

# ବ୍ୟବହାର ଓ ତତ୍ତ୍ୱ

ସ୍ୱାଭାବିକ ଭାବରେ ସୂଚନା ତତ୍ତ୍ୱର କାମ ନୁହେଁ ପ୍ରତିବନ୍ଧନ କେତେ ବାଟେ ଗପ ହେଲା ତାହାର ଅଟକଳ କରିବା । ମନୁଷ୍ୟ ମସ୍ତିଷ୍କର ସାମର୍ଥ୍ୟ କେବଳ ତତ୍ତ୍ୱଦର୍ଶୀଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ନୁହେଁ ବା ମନସ୍ତାତ୍ତ୍ୱିକ ବା କମ୍ପ୍ୟୁଟର ବିଶାରଦଙ୍କ ପାଇଁ ନୁହେଁ ଏହାର ଗୁରୁତ୍ୱ ବି ଇଞ୍ଜିନିଅର ଓ ପ୍ରଯୁକ୍ତି ବିଦ୍ୟା ବିଶେଷଜ୍ଞଙ୍କ ପାଇଁ ବି ରହିଛି । ଅପରେଟର, ଟେଲିଫୋନ୍ ଓ ଖବର ଅନ୍ତର ପ୍ରେରକ, ଉଡ଼ାଜାହାଜ ଚାଳକ ଇତ୍ୟାଦି ଇତ୍ୟାଦି ପ୍ରାୟ ପୂର୍ଣ୍ଣତଃ ବହୁଳାଂଶ ସୂଚନା ଆହରଣରେ ଲାଗିଥାଆନ୍ତି । ସେଥିପାଇଁ ଆମେ ସବୁବେଳେ ଏ ପ୍ରକାର ସୂଚନାର ପରିମାଣ ଓ ମନୁଷ୍ୟ ମସ୍ତିଷ୍କର ଧାରଣ କ୍ଷମତାକୁ ହିସାବରେ ନେଇ ଓ ସେହି ଅନୁସାରେ କେତୋଟି ଯନ୍ତ୍ରପାତି ବା ଟେଲିଫୋନ୍ ବା ଅନ୍ୟାନ୍ୟ ଜିନିଷ ସେ କାର୍ଯ୍ୟରେ ଲଗାଇ ପାରିବ ଓ ତାହାକୁ କିପରି ସଜାଡ଼ି ରଖିଲେ ଲୋକର ସୂଚନା ଧାରଣରେ ଅସୁବିଧା ହେବ ନାହିଁ ଇତ୍ୟାଦି ହିସାବ କରି ପନ୍ଥା ନିର୍ଣ୍ଣୟ କରିଥାଉଁ ।

ମନୁଷ୍ୟ ସମାଜରେ ଭାବ ଆଦାନ ପ୍ରଦାନର ଯେତେଗୁଡ଼ିଏ ବିଭିନ୍ନ ବ୍ୟବସ୍ଥା ଅଛି ସେ ସବୁ ବ୍ୟବସ୍ଥାରେ ମନୁଷ୍ୟ ହିଁ ଅଛି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଯୋଗସୂତ୍ର । ତେଣୁ ବ୍ୟବହାର କ୍ଷେତ୍ରରେ ମନୁଷ୍ୟର ବର୍ତ୍ତନ ଓ ଯୋଗାଯୋଗ ସ୍ଥାପନର ଯାନ୍ତ୍ରିକ ସୁବିଧାର ବର୍ତ୍ତନ ଗୋଟିଏ ପ୍ରକାର ଭାଷା ଓ ଭାବନା ଜରିଆରେ କରାଯାଇ ଥାଏ । ସୂଚନା ତତ୍ତ୍ୱ ହିଁ ଏହାର କର୍ତ୍ତା । କେବଳ ବର୍ତ୍ତନା କରିଦେବା ଯଥେଷ୍ଟ ନୁହେଁ ଏହି ବ୍ୟବସ୍ଥାକୁ ଅନୁଧନ ଉନ୍ନତତର କରିବା ବି ଆବଶ୍ୟକ । ଉଦାହରଣ ପାଇଁ ଟେଲିଫୋନ୍ ବ୍ୟବସ୍ଥାକୁ ବି ନିଆଯାଇପାରେ ।

ଅଫିସବେଳେ, ବା କାମଦାମ ବେଳେ ଟେଲିଫୋନ୍ ଲାଇନ ଅତ୍ୟନ୍ତ ବ୍ୟସ୍ତ ରହେ । ତଥାପି ଏକଥା ଜଣାଶୁଣା ଯେ ଚଳନ୍ତି ଟେଲିଫୋନ୍ ଲାଇନ୍ ଏବେ ବି ବର୍ତ୍ତମାନ ଠାରୁ ଦଶ, ଶହ ଓ ହଜାରେ ଗୁଣ ଅଧିକା ସୂଚନା ପ୍ରେରଣ କରି ପାରନ୍ତେ ।

ଏକଥା ଆଗରୁ କୁହାଯାଇଛି ଯେ ଗୋଟିଏ ଟେଲିଫୋନ୍ କଥା-ବାର୍ତ୍ତାରେ ସେକେଣ୍ଡରେ ତିରିଶ ହଜାର ହିକ ସୂଚନା ପଠାଯାଇପାରେ ।

ଏକଥା ତ ଆମେ ଜାଣୁ ଯେ ଟେଲିଫୋନ କଥା ଭାଷାରେ ମନୁଷ୍ୟ ମସ୍ତିଷ୍କ ୪୦ ରୁ ୫୦ ବିଟ୍ ସୂଚନା ଧାରଣ କରିପାରେ । ତା ଠାରୁ ବେଶୀ ନୁହେଁ । ଏଥିରୁ ଜଣାପଡୁଛି ଯେ ଶତକଡା ୯୯.୯ ସୂଚନା ଯାହା ଟେଲିଫୋନ୍‌ରୁ ମିଳେ ତାହା ବେକାର ହୋଇଯାଏ କେବଳ $\frac{୧}{୧୦୦୦}$ ଭାଗ ଟେଲିଫୋନ୍ ସୂଚନାରେ ବାସ୍ତବିକ ଜିନିଷ ଥାଏ । ତେବେ ଏଥିରୁ ଅନାବଶ୍ୟକତା ବାହାର୍ କରିଦେଲେ (ଏପରିକି ଏଥିରୁ କିଛି ଅଂଶ ବି ବାଦ୍ ଦେଲେ) ଟେଲିଫୋନ୍ ଲାଇନର କ୍ଷମତା ବର୍ତ୍ତମାନର କ୍ଷମତା ଠାରୁ ଦଶଗୁଣ, ଶହେ ଗୁଣ ବଢ଼ି ଯାଇପାରେ ।

ଏବେ ପୃଥିବୀର ବହୁ ଦେଶର ବୈଜ୍ଞାନିକ ଏକ ସ୍ୱତନ୍ତ୍ର ପଦ୍ଧତି ବାହାର କରିବା ପାଇଁ ଲାଗିଛନ୍ତି । ଯାହା ଫଳରେ 'ପ୍ରେରଣ' ସ୍ଥଳରେ ମନୁଷ୍ୟର କଥାରୁ ଅନାବଶ୍ୟକ ସଙ୍କେତକୁ ବାଦ ଦିଆଯାଇପାରିବ ଓ କେବଳ ଦରକାରୀ ଓ ଉପଯୋଗୀ ସୂଚନାକୁ ଦିଆଯାଇ ପାରିବ ଓ ତା'ପରେ ତାହାକୁ 'ବହିର୍ଗମନ'କୁ ପ୍ରେରଣ କରାଯାଇ ପାରିବ ଯେଉଁଠି ଅନ୍ୟାନ୍ୟ ପଦ୍ଧତି ଉକ୍ତ ସଙ୍କେତ ଦ୍ୱାରା ସୃଜିତ ହୋଇ ଉକ୍ତ ଧ୍ୱନିଗୁଡ଼ିକୁ ଅର୍ଥପୂର୍ଣ୍ଣ ବାକ୍ୟରେ ପରିଣତ କରିପାରିବେ ।

ଗବେଷକମାନେ ଏକଥା ମଧ୍ୟ ଆଶା କରୁଛନ୍ତି ଯେ ଟେଲିଫୋନ୍‌ରେ ଯେତେ କଥା ବା ଧ୍ୱନି ଅକାରଣେ ବ୍ୟୟ ହେଉଛି ତା'ଠାରୁ ଅନ୍ୟ ଆଦାନପ୍ରଦାନ ବ୍ୟବସ୍ଥା ଯେଉଁଥିରେ ଅଳ୍ପ ଅକାରଣ ବ୍ୟୟ ହେବ ତାହାକୁ ଆହୁରି ଉନ୍ନତ କରିବା । ଏହି ଦିଗରେ ଫଟୋ-ଟେଲିଗ୍ରାଫ ଓ ରେଡ଼ିଓ-ରିଲେ ଲାଇନ୍ ପଦକ୍ଷେପ । କିନ୍ତୁ ଏଥିରେ ବି ଅପବ୍ୟୟର ରେକର୍ଡ଼ଟିକ ଟେଲିଭିଜନ୍‌ରେ ହେଉଛି ।

ଟେଲିଭିଜନ୍ ହେଲା ବେତାର-ଦୃଶ୍ୟ । ଏଥିରେ ଗୋଟିଏ ପରଦାରେ ଦୂର ଦୂରାନ୍ତରର ଚିତ୍ର ଦର୍ଶକ ସମକ୍ଷରେ ଭାସି ଉଠେ । ଏହି ପରଦାରେ ଯେଉଁ ଛବି ବା ପ୍ରତିବିମ୍ବ ପଡ଼େ ସେଗୁଡ଼ିକ ଆସେ ଛୋଟ ଛୋଟ ବିନ୍ଦୁ ଆକାରରେ । ଏଗୁଡ଼ିକ ହେଉଛନ୍ତି ସୂକ୍ଷ୍ମାତିସୂକ୍ଷ୍ମ ଚିତ୍ରର କଣିକା । ଏହି ବିନ୍ଦୁଗୁଡ଼ିକର ପ୍ରତ୍ୟେକ ଗୋଟିଏ ଗୋଟିଏ ସଙ୍କେତ ଓ

ପ୍ରତ୍ୟେକର ନାନା ପ୍ରକାର ଅର୍ଥରେ ବ୍ୟବହାର ହେବାର କ୍ଷମତା ଅଛି । ଯେତେ ଜଟିଳ ହୁଏ ସେତିକି ବିଭିନ୍ନ ପ୍ରକାରର ଅର୍ଥ ବାହାରେ ।

ଏଭଳି ଲକ୍ଷ ଲକ୍ଷ ଛବି ବିନ୍ଦୁରେ ଗୋଟିଏ ଛବି ହୁଏ । ଆମେରିକାର ଟେଲିଭିଜନ ବା ବେତାର-ଦୃଶ୍ୟରେ ଗୋଟିଏ ଛବି ପାଇଁ ଦୁଇଲକ୍ଷରୁ ତିନି ଲକ୍ଷ ଯାଏ ଛବି ବିନ୍ଦୁ ଖଟାଯାଏ । ସୋଭିଏଟ ରୁଷରେ ୪ ଲକ୍ଷରୁ ୫ ଲକ୍ଷ ଯାଏ ଓ ବିଲାତ, ଫ୍ରାନ୍ସ ପ୍ରଭୃତି ପଶ୍ଚିମ ୟୁରୋପୀୟ ଦେଶରେ ବେତାର ଦୃଶ୍ୟର ଗୋଟିଏ ଛବି ପ୍ରାୟ ଦଶଲକ୍ଷଯାଏ ଛବି ବିନ୍ଦୁରେ ଗଢ଼ା ହୋଇଥାଏ ! ଯଦି ଆମେ ଏହି ଛବି-ବିନ୍ଦୁଗୁଡ଼ିକୁ କୋଡ଼ିଏ ନମ୍ବର ଛାପା ସଙ୍ଗେ ତୁଳନା କରୁଁ ଅଥବା ଗୋଟିଏ ଛବି-ବିନ୍ଦୁକୁ ଓଡ଼ିଆର 'ଇ' ସଙ୍ଗେ ତୁଳନା କରୁଁ ତେବେ କ'ଣ ମିଳିବ ?

ଠିକ୍ ଯେମିତି ଓଡ଼ିଆ ଅକ୍ଷର ଭିତରୁ କେତୋଟି ନିର୍ଦ୍ଦିଷ୍ଟ ଉପାୟରେ ଅକ୍ଷର ସଂଯୋଗ ନ ହେଲେ ଅର୍ଥପୂର୍ଣ୍ଣ ଶବ୍ଦ ହୋଇ ପାରେ ନାହିଁ ତେଣୁ ଅଧିକାଂଶ ଅକ୍ଷର ସଂଯୋଗ ଅନାବଶ୍ୟକ ହୋଇ ରହିଯାଏ ଠିକ୍ ସେହିପରି ବେତାର ଦୃଶ୍ୟ ବା ଟେଲିଭିଜନର ଅଧିକାଂଶ ଛବି-ବିନ୍ଦୁ ସଂଯୋଗରେ କୌଣସି ଅର୍ଥପୂର୍ଣ୍ଣ ନିର୍ଦ୍ଦିଷ୍ଟ ଛବି ହୁଏ ନାହିଁ ।

ଏକଥା ଆଗରୁ ବର୍ଣ୍ଣିଯାଇଛି ଯେ ରୁଷ ଭାଷାରେ ଅକ୍ଷର ସଂଯୋଗର ଶତକଡ଼ା 0.0002 କେବଳ ଅର୍ଥପୂର୍ଣ୍ଣ ଶବ୍ଦ ଗଢ଼େ । ପୃଥିବୀର ଅଧିକାଂଶ ଭାଷାରେ ଏକଥା ପ୍ରାୟ ଠିକ୍ ଓ ସମାନ । ଓଡ଼ିଆ ଭାଷରେ ଆମେ ଏହାର ବୈଜ୍ଞାନିକ ହିସାବ ନ କରିଥିଲେ ବି ଏକଥା ଠିକ୍ । କାରଣ ପାଞ୍ଚଟା ଅକ୍ଷର ବିଶିଷ୍ଟ ଓଡ଼ିଆ 'ଶବ୍ଦ'ର ସଂଖ୍ୟା ଯେତେବେଳେ ଦୁଇକୋଟି ଯାଏ ହୋଇ ପାରେ ସେତେବେଳେ ଆମର ଭାଷାରେ ଅର୍ଥପୂର୍ଣ୍ଣ ଶବ୍ଦ କେତେଟା ଅଛନ୍ତି ତାହାର ସର୍ବୋଚ୍ଚ ସଂଖ୍ୟାକୁ ଏହି ଦୁଇ କୋଟିରେ ହରିଲେ ଏକ ମୋଟା ମୋଟି ଅନୁପାତ ବାହାରି ପାରିବ । ତାହାଛଡ଼ା ତ ଦୁଇଟି ଅକ୍ଷର, ତିନୋଟି ଅକ୍ଷର ଓ ଚାରୋଟି ଅକ୍ଷର ଥିବା ଓଡ଼ିଆ ଶବ୍ଦର ସଂଖ୍ୟାରୁ ତୁଳନାରେ ହୋଇପାରିବା ଭଳି ଶବ୍ଦ କେତେ ବେଶି ।

ତେଣୁ ଧରିଯାଉ ଯେ ଏକ ଶବ୍ଦ ଅକ୍ଷର-ସଂଯୋଗ ବା ଅକ୍ଷର ବିନ୍ୟାସ ଭିତରେ ୯୯.୯୯୯୮ ଅକ୍ଷର ବିନ୍ୟାସ ହେଉଛି ଅର୍ଥହୀନ । ଠିକ୍

ହେଣ୍ଟି ଭାବରେ ଟେଲିଭିଜନ ବା ବେତାର-ଦୃଶ୍ୟରେ ଛବି ବିନ୍ଦୁ-ସଂଯୋଗ ବା ଛବି-ବିନ୍ଦୁ-ବିନ୍ୟାସର ଅଧିକାଂଶ ଅର୍ଥହୀନ ତାହା କୌଣସି ନିର୍ଦ୍ଦିଷ୍ଟ ଚିତ୍ର ସୃଷ୍ଟି କରେ ନାହିଁ । ଏତେଣିକ ଏ କ୍ଷେତ୍ରରେ ଅନାବଶ୍ୟକତା ଭାଷା କ୍ଷେତ୍ରର ଅନାବଶ୍ୟକତା ଠାରୁ ମଧ୍ୟ ଅଧିକ !

ଆମେ ଆଗରୁ ଜାଣିଛୁଁ, କାନ-ମସ୍ତିଷ୍କ ବ୍ୟବସ୍ଥା ସେକେଣ୍ଡରେ ପଚାଶ ହଜାର ବିଟ୍ ସୂଚନା ଗ୍ରହଣ କରିବାର କ୍ଷମତା ରଖେ ତେବେ ଏହି ସୂଚନାରୁ $\frac{1}{1000}$ ଭାଗ ସୂଚନା ମଣିଷ ବ୍ୟବହାର କରି ପାରନ୍ତି ତାହେଲେ କାରଣ ମସ୍ତିଷ୍କର ଏଥିରୁ ବେଶି ଧାରଣ କ୍ଷମତା ନାହିଁ । ଆଖି-ମସ୍ତିଷ୍କ ବ୍ୟବସ୍ଥାରେ ପ୍ରାୟ ପଚାଶ ଲକ୍ଷ ବିଟ୍ ସେକେଣ୍ଡରେ ସୂଚନା ଭିତରେ ମିଳେ । ଟେଲିଭିଜନ ବା ବେତାର ଦୃଶ୍ୟର ତରଙ୍ଗଧାରାରେ କୋଟି କୋଟି ଓ ଅର୍ବୁଦ ଅର୍ବୁଦ ସୂଚନା ବିଟ୍ ପ୍ରେରିତ ହୋଇଥାଏ । କିନ୍ତୁ ଏକଥା ତ ଜଣାଅଛି ଯେ ମନୁଷ୍ୟର ଚେତନା ମସ୍ତିଷ୍କ ସେକେଣ୍ଡରେ କୋଡ଼ିଏ ଠାରୁ ପଚାଶ ଯାଏ ସୂଚନା ବିଟ୍ ଧାରଣ କରିପାରେ । ତା’ ଠାରୁ ବେଶୀ ନୁହେଁ । ଏହା ହେଉଛି ଯାହା ସୂଚନା ପଠାଯାଏ ତାହାର ଏକ ଲକ୍ଷ ଭାଗରୁ ଭାଗେ ଏପରିକି ଏକ ନିୟୁତ ଭାଗରୁ ଭାଗେ ?

ଏବେ ଉଦ୍ୟମ ହେଉଛି, ଯଦି କୌଣସି ଉପାୟରେ ଟେଲିଭିଜନ ବା ବେତାର ଦୃଶ୍ୟର ଏହି ଅନାବଶ୍ୟକ ଅପବ୍ୟୟକୁ କୌଣସିମତେ କମ୍ କରାଯାଇ ପାରେ ।

ଅନ୍ୟାନ୍ୟ ପ୍ରକାର ଆଦାନ ପ୍ରଦାନର ପଦ୍ଧତି କ୍ଷେତ୍ରରେ ମିତ ବ୍ୟୟିତା ବଡ଼ କଥା ନୁହେଁ ବଡ଼ କଥା ହେଲା ସୂଚନାର ସତ୍ୟତା । ଯଥା ବୈଦ୍ୟୁତିକ ଆଦାନ ପ୍ରଦାନରେ ବିଜୁଳି ଲେଡ଼୍‌ର ତାରତମ୍ୟରେ ସୂଚନାର ତେଜ ଓ ସତ୍ୟତା ବା ସ୍ପଷ୍ଟତା ବାଧାପାଏ । ବେତାର ଆଦାନ ପ୍ରଦାନରେ ମେଘବର୍ଷା ଦିନର ବିଦ୍ୟୁତ ସ୍ଫୁରଣ ଫଳରେ ସୂଚନାର ମିଳନରେ ବିଭ୍ରାଟ ଘଟେ । ଉଡ଼ାଜାହାଜ ଚାଳକ ଓ ମହାକାଶଯାତ୍ରୀମାନେ ସୂଚନାରେ କେତେ ଅପବ୍ୟୟ ହେଲା ଓ କେତେ କାମରେ ଲାଗିଲା ସେଥିପାଇଁ ବ୍ୟସ୍ତ ହୁଅନ୍ତି ନାହିଁ । ବରଂ ସେମାନେ ସୂଚନାର ନିର୍ଭରତା, ସ୍ପଷ୍ଟ ବାଦିତା, ଉପରେ ବେଶୀ ଆସ୍ଥା ରଖନ୍ତି । ସୂଚନା ତତ୍ତ୍ୱ ଏବେ ଆଦାନ ପ୍ରଦାନ ବିଶେଷଜ୍ଞ, ରେଡ଼ିଓ ଇଞ୍ଜିନିଅର ଓ ଡିଜାଇନ ନିର୍ମାତାମାନଙ୍କର

ଅଶେଷ ସାହାଯ୍ୟରେ ଲାଗୁଛି କାରଣ ଏହାର ଆବିଷ୍କାର ଉପରେ ନିର୍ଭର କରି ଦୂର ଦୂରାନ୍ତ ଆଦାନ ପ୍ରଦାନର ସୁବିଧା ନିର୍ମାଣ କରାଯାଇ ପାରୁଛି ।

ସୂଚନା ତତ୍ତ୍ୱର ବିଭିନ୍ନ ବିଶାଳ କାର୍ଯ୍ୟ ଏଠାରେ ଆଲୋଚନା ହୋଇ ନାହିଁ । କାରଣ ତାହା ପାଇଁ ଏକ ବିଶେଷ ବହି ଲେଖା ଦରକାର । ଆମର ଦେଖିବାର କଥା ସୂଚନାତତ୍ତ୍ୱର ଆବିଷ୍କାରଗୁଡ଼ିକ କିଭାବରେ ଭାଷା ତତ୍ତ୍ୱର ସମସ୍ୟାଗୁଡ଼ିକ ସମାଧାନରେ ଲାଗିପାରୁଛି । କାରଣ ଭାଷାକୁ ଗୋଟିଏ କୋଡ୍ ଭାବରେ ଅଧ୍ୟୟନ କରିବାରେ ଭାଷା ତତ୍ତ୍ୱବିତ୍‌ମାନଙ୍କର କେବଳ ଦରକାରୀ କାର୍ଯ୍ୟ ନୁହେଁ ଯେଉଁ ଲୋକ କୋଡ୍‌ର ପ୍ରତ୍ୟକ୍ଷ ଅର୍ଥରେ କୋଡ୍ ବିଷୟରେ ଗବେଷଣା କରୁଛନ୍ତି ସେମାନଙ୍କର ଦରକାରୀ କାର୍ଯ୍ୟ, ଯଥା ଟେଲିଗ୍ରାଫ୍ ଅପରେଟର ଓ ଆଦାନ ପ୍ରଦାନ କାର୍ଯ୍ୟରେ ନିଯୁକ୍ତ ଲୋକେ ।

ଆଧୁନିକ କାଳର ଟେଲିଗ୍ରାଫ୍ କୋଡ ଭିତରେ ସବୁଠାରୁ ପୁରୁଣା କୋଡ୍ ହେଉଛି ମୋର୍ସ କୋଡ୍ । ସୂଚନା ତତ୍ତ୍ୱର ଜନ୍ମର ବହୁ ବର୍ଷ ପୂର୍ବରୁ ଏହି କୋଡ୍‌କୁ ପ୍ରତିଷ୍ଠା କରାଯାଇ ଥିଲା । ଏହି କୋଡ୍ ଭାଷାର ଆଇନ ମାନି ଚାଲି ଆସିଛି । ଯେଉଁ ଅକ୍ଷରଗୁଡ଼ିକ ବେଶିଥର ବ୍ୟବହାର ହୁଏ ଓ ବାରମ୍ବାର ଦେଖାଯାଏ ସେହି ଅକ୍ଷରଗୁଡ଼ିକ (ଯଥା ଇଂରାଜୀର 'e' ଓ 's', ରୁଷିଆର 't' ଓ 'a') ଅନ୍ୟାନ୍ୟ ଅକ୍ଷର ଅପେକ୍ଷା ସହଜ ଓ ଛୋଟ ସଙ୍କେତରେ ଚିହ୍ନିତ ହୋଇଛି । ସୂଚନା ତତ୍ତ୍ୱର କଳ୍ପନାରୁ ଏହି ମୋର୍ସ କୋଡ୍ ଠାରୁ ଆହୁରି ସରଳ ଓ ମିତବ୍ୟୟୀ କୋଡ୍ ତିଆରି ହୋଇ ପାରିବ । ଉଦାହରଣ ସ୍ୱରୂପ ଭାରତର ହିନ୍ଦି ଭାଷାର କୋଡ୍ ଭାଷାର ଅନାବଶ୍ୟକତା ବିଷୟରେ ସର୍ବାଧୁନିକ ଆବିଷ୍କାର ଉପରେ ପ୍ରତିଷ୍ଠିତ ।

ମୋର୍ସ କୋଡ୍ ମୂଳରୁ ଇଂରାଜୀ ଅକ୍ଷର ଓ ଭାଷା ଉପରେ ପ୍ରତିଷ୍ଠିତ ହୋଇଥିଲା । ଇଂରାଜୀ ଭାଷାରେ 'e' ଅକ୍ଷର ହେଉଛି ସବୁଠାରୁ ଅଧିକ ପ୍ରଚଳିତ ଅକ୍ଷର । ତେଣୁ ସହଜ ଭାବରେ ମୋର୍ସ କୋଡ୍‌ରେ 'e'କୁ ଗୋଟିଏ ବିନ୍ଦୁ ଭାବରେ ଚିହ୍ନିତ କରାଯାଇଛି । ଇଂରାଜୀ ଭାଷାରେ 'o' ଅକ୍ଷରର ବହୁଳ ପ୍ରୟୋଗ ନାହିଁ ତେଣୁ ଏଥିପାଇଁ 'ତିନୋଟି ଗାର' ଚିହ୍ନିତ କରାଯାଇଛି । ଅନ୍ୟ ପକ୍ଷରେ ରୁଷ୍ ଭାଷାରେ 'o'

ହେଉଛି ସବୁଠାରୁ ବହୁଳ ପ୍ରଚଳିତ ଅକ୍ଷର । ତେଣୁ ଏହି 'ଭିନେଗାର' ଶବ୍ଦ ରୁଷ ଭାଷାର ଟେଲିଗ୍ରାଫ କରିବାରେ ଅସୁବିଧା । କିନ୍ତୁ ରୁଷ ଭାଷାର ଟେଲିଗ୍ରାଫ୍‌ରେ କୋଡ୍ ହେଲାବେଳେ ସୂଚନା ତତ୍ତ୍ୱର ଜନ୍ମ ହୋଇ ନଥିଲା ତେଣୁ ରୁଷ ଭାଷାର ଟେଲିଗ୍ରାଫ୍ ସଙ୍କେତ ଭାବରେ ମୋର୍ସ କୋଡ୍‌କୁ ଧରି ନିଆଯାଇଥିଲା ଓ ସେଠାର ଆଦାନ ପ୍ରଦାନ କାର୍ଯ୍ୟରେ ନିଯୁକ୍ତ ଲୋକେ ଏହି କୋଡ୍‌କୁ ବିନା ସଂଶୋଧନରେ ଗ୍ରହଣ କରି ନେଇଥିଲେ । କିନ୍ତୁ ହିନ୍ଦି ଓ ହିନ୍ଦି ଭଳି ଆଧୁନିକ ଭାରତୀୟ ଭାଷାରେ ଏହି ତ୍ରୁଟି ରହିବ ନାହିଁ କାରଣ ଏବେ ସୂଚନା ତତ୍ତ୍ୱର ସାହାଯ୍ୟରେ ସବୁଠାରୁ ବେଶୀ ପୌନଃପୌନିକତାରେ ପ୍ରଚଳିତ ଅକ୍ଷର ପାଇଁ ସରଳତମ ସଙ୍କେତ ଠିକ୍ କରାଯାଇ ପାରିବ ।

ତେଣୁ ଫଳିତ ବିଜ୍ଞାନ ପାଇଁ ସୂଚନା ତତ୍ତ୍ୱର ଗୁରୁତ୍ୱ ସର୍ବାଧିକ । ତେବେ ବି ବିଶୁଦ୍ଧ ତାତ୍ତ୍ୱିକ ବିଜ୍ଞାନ ବିଦ୍ୟା କ୍ଷେତ୍ରରେ ଯଥା ପ୍ରଜନନ-ତତ୍ତ୍ୱରେ ଏହାର ଗୁରୁତ୍ୱ ସାମାନ୍ୟ ନୁହେଁ । ପ୍ରଜନନ ତତ୍ତ୍ୱରେ ଯେଉଁ ପ୍ରଜନନ ସୂଚନାକୁ ଗୋଟିଏ ପିଢ଼ିରୁ ଅନ୍ୟ ଗୋଟିଏ ପିଢ଼ିକୁ ପ୍ରେରଣ କରାଯାଏ ତାହାର ଅଧ୍ୟୟନ ହୁଏ । ଏହାଛଡ଼ା ଶରୀରତତ୍ତ୍ୱ, ମନସ୍ତତ୍ତ୍ୱ, ଓ ଅନ୍ୟାନ୍ୟ ବିଜ୍ଞାନ କ୍ଷେତ୍ରରେ ସୂଚନା ତତ୍ତ୍ୱର ଆବଶ୍ୟକତା ଯଥେଷ୍ଟ ବେଶୀ । ସୂଚନା ତତ୍ତ୍ୱର କଲ୍ୟାଣରୁ ବୈଜ୍ଞାନିକମାନେ ନିର୍ଲିପ୍ତ ଭାବରେ ବିଭିନ୍ନ ଭାଷାର ତୁଳନା କରିପାରୁଛନ୍ତି : ବିଭିନ୍ନ ଭାଷା ଯଥା ଆମର ପ୍ରଚଳିତ ଭାଷା, ଜୀବଜନ୍ତୁଙ୍କ ଭାଷା, ଆମର ସ୍ନାୟବିକ ବ୍ୟବସ୍ଥା ବା ଅବୟବର ସାଙ୍କେତିକ ପଣ, ଟେଲିଗ୍ରାଫ୍ କୋଡ୍, ମେସିନ୍ ଭାଷା ଓ କ୍ରମୋସୋମ କୋଡ୍ ବା ବଂଶାନୁଗୁଣ କୋଡ୍ ଯେଉଁଥିରେ ପ୍ରଜନନ ସୂଚନା ପ୍ରେରିତ ହୁଏ । ଗୋଟିଏ କଥାରେ ସୂଚନା ତତ୍ତ୍ୱର କାରବାର ସବୁ ରକମର ସୂଚନା ପ୍ରେରଣ ବ୍ୟାପାରରେ ମଣିଷଠାରୁ ମଣିଷ, ଜୀବ ଠାରୁ ଜୀବ, ମଣିଷ ଠାରୁ ଯନ୍ତ୍ର, ଓ ଯନ୍ତ୍ର ଠାରୁ ଯନ୍ତ୍ର ପାଇଁ ଲାଗିଥାଏ ।

ମନୁଷ୍ୟ ଭାଷାର ଅନାବଶ୍ୟକତା ତାହାର ଗଢ଼ଣ ଦ୍ୱାରା ଅବଧାରିତ । କାରଣ ଭାଷାର ସମନ୍ୱୟତା ଓ ସମ୍ପର୍କ ରହିଛି । ଏହାର ଅର୍ଥ ହେଲା ଗୋଟିଏ ଭାଷାର ଗଠନ ବା ସଙ୍ଗଠନ ପ୍ରକ୍ରିୟାର ମାନଦଣ୍ଡ ବା ସୂଚକ ଭାବରେ ଏହି ଅନାବଶ୍ୟକତାକୁ ଶତକଡ଼ା ସଂଖ୍ୟାର ହିସାବରେ ଦର୍ଶା-

ଯାଇପାରେ । ଏହାଛଡ଼ା ଏକ୍ସ ସୂଚନାତତ୍ତ୍ୱର ନିର୍ଦ୍ଧାରଣ ଫଳରେ କୌଣସି ଭାଷାର କ୍ଷମତା, ଦକ୍ଷତା ଓ ସାମର୍ଥ୍ୟ ବିଷୟରେ ନିର୍ଦ୍ଦିଷ୍ଟ କଳନା କରାଯାଇପାରେ । କୌଣସି ଭାଷାର ଅର୍ଥ ମଣିଷର ଭାଷା, ଜୀବଜନ୍ତୁର ଭାଷା, ଯନ୍ତ୍ରର ଭାଷା ଇତ୍ୟାଦି ।

ଏ ପର୍ଯ୍ୟନ୍ତ କେବଳ ତତ୍ତ୍ୱଗତ ପାଦଯାଏ ଯିବା ହୋଇଛି । ଭାରତର ଦୁଇ ଗଣିତଜ୍ଞ ରାମାକ୍ରିଷ୍ଣନ୍ ଓ ସୁବ୍ରମନ୍ୟନ୍ ଏକଥା ନିର୍ଣ୍ଣୟ କରି ସାରିଛନ୍ତି ଯେ ଇଂରାଜୀ ଭାଷାରୁ ଜର୍ମାନ୍ ଭାଷାକୁ ଅନୁବାଦ କଲାବେଳେ ଇଂରାଜୀ ଲେଖାର ୧ ସୂଚନା-ବିଟ ଜର୍ମାନ ଭାଷାର ୧.୨୨ ବିଟ ସଙ୍ଗେ ସମାନ । ଜର୍ମାନ୍ ଭାଷାରୁ ଇଂରାଜୀ ଭାଷାକୁ ଓଲଟା ଅନୁବାଦରେ ଗୋଟିଏ ଜର୍ମାନ୍ ସୂଚନା ବିଟ ପାଇଁ ଇଂରାଜୀ ସୂଚନାର ୧.୦୭ ବିଟ୍ ଦରକାର ପଡ଼େ ।

ଅନୁବାଦ ଫଳରେ ମୂଳ ଲେଖା ଠାରୁ ଅନୁବାଦ ଯେ ବଡ଼ ହୋଇଯାଏ ଏକଥା ସବୁ ଅନୁବାଦକ ଜାଣନ୍ତି । ଏଠାରେ କିନ୍ତୁ ଏକ ନୂତନ ତଥ୍ୟ ଉଦ୍‌ଘାଟିତ ହେଲା ଯେ ଇଂରାଜୀ ଭାଷାକୁ ଅନୁବାଦ କଲାବେଳେ ଅନୁବାଦର ଆକାର ଜର୍ମାନ୍ ଭାଷାକୁ ଅନୁବାଦ କଲାବେଳେ ଅନୁବାଦର ଆକାରଠାରୁ ଅନୁପାତରେ ଅପେକ୍ଷାକୃତ ଅଳ୍ପ । ଏଥିରୁ ରାମାକ୍ରିଷ୍ଣନ୍ ଓ ସୁବ୍ରମନ୍ୟମ୍ ଏହି ଉଚିତ ଉପସଂହାର କରିଛନ୍ତି ଯେ ଇଂରାଜୀ ଲେଖାର ଗୋଟିଏ ସୂଚନା ବିଟ ମୋଟାମୋଟି ଜର୍ମାନ ଲେଖାର ୧.୧୫ ସୂଚନା ବିଟର ସହିତ ଅର୍ଥ ହିସାବରେ ସମାନ । ଅତଏବ, ଇଂରାଜୀ ଭାଷା ଜର୍ମାନ ଭାଷା ଅପେକ୍ଷା ଅଧିକ ମିତବ୍ୟୟୀ ଭାଷା । ଅର୍ଥାତ୍ କୌଣସି ନିର୍ଦ୍ଦିଷ୍ଟ ବିଷୟ ଜର୍ମାନ ଭାଷା ଠାରୁ ଇଂରାଜୀ ଭାଷାରେ ଅଳ୍ପ କଥାରେ କୁହାଯାଇ ପାରିବ ।

ଓଡ଼ିଆ ଭାଷାରେ ଇଂରାଜୀରୁ ଅନୁବାଦ କଲା ଲୋକେ ଜାଣନ୍ତି ଯେ ଇଂରାଜୀରେ ଯାହା ଦଶୋଟି ଧାଡ଼ିରେ ହେବ ତାହା ଓଡ଼ିଆରେ ଅନ୍ତତଃ ବାର ତେର ଗୋଟି ଧାଡ଼ି ନ ହେଲେ ହେବ ନାହିଁ । ଓଲଟା ଭାବରେ, ଓଡ଼ିଆରୁ ଇଂରାଜୀ ଅନୁବାଦ କଲାବେଳେ ଯାହା ଓଡ଼ିଆରେ ଦଶଧାଡ଼ିର ଲେଖା ତାହା ଇଂରାଜୀରେ ଖୁବ୍ ବେଶି ହେଲେ ଏଗାର ଧାଡ଼ି ଲାଗିବ । ଏଥିରୁ ଜଣାପଡ଼ୁଛି ଯେ ଓଡ଼ିଆ ଅକ୍ଷରର ସୂଚନା-ଶକ୍ତି ଇଂରାଜୀ ଅକ୍ଷରର

ସୂଚନା ଶକ୍ତି ଅପେକ୍ଷା କମ୍ । ଅନ୍ୟାନ୍ୟ କାରଣ ଗ୍ରାହ୍ୟ ହେଲେ ବି ଏହାର ଗୋଟିଏ ବିଶେଷ କାରଣ ହେଲା ଇଂରାଜୀରେ ୨୬ଟି ଅକ୍ଷର ଓ ଓଡ଼ିଆରେ ୩୨ଟି ଅକ୍ଷର ।

ଅନାବଶ୍ୟକତା ଦୃଷ୍ଟିରୁ ବିଭିନ୍ନ ଭାଷାକୁ ବିଚାର କଲେ 'ଭାଷାର ପ୍ରଗତି' ବୋଲି ଯାହା ବୁଝାଯାଏ ତାହାର ଭାବ ବୈଜ୍ଞାନିକ ଭାଷାରେ ପ୍ରକଟ ହୋଇପାରିବ, ଏଥିରୁ ଜଣା ପଡ଼ିବ ବିଭିନ୍ନ ଭାଷାର ପ୍ରଗତି ସଙ୍ଗେ ସଙ୍ଗେ ଅନାବଶ୍ୟକତା କେତେ ପରିମାଣରେ କମିଯାଉଛି ବା ବଢ଼ି ଯାଉଛି । ଏହି ବୃଦ୍ଧି ବା କ୍ଷୟ ସମାନ ଭାବରେ ଘଟୁଛି ନାଁ ଖାମ୍ ଖିଆଲି ଢ଼ଙ୍ଗରେ ଘଟୁଛି । ଏଭଳି ଏକ ପରିମାଣିକ ଆଇନକୁ ବିଶ୍ଳେଷଣ କଲେ ଭାଷାର ବିକାଶ ପ୍ରବୃତ୍ତିକୁ ଧରି ହେବ ଓ ଭବିଷ୍ୟତରେ ଭାଷାରେ କି କି ପରିବର୍ତ୍ତନ ଘଟିବ ତାହା ବୁଝାଯାଇ ପାରିବ ।

ଏହା ହେଲା ଭାଷାର ଭବିଷ୍ୟତ କଳନା ।

## କୋଡ୍ ଠାରୁ ଭାଷାର ପାର୍ଥକ୍ୟ

'କୋଡ୍' ଶବ୍ଦ ହଠାତ୍ ମୋର୍ସ କୋଡ୍, ବାଉଡଟ୍ କୋଡ୍ ଓ ଅନ୍ୟାନ୍ୟ ବୈଷୟିକ କୋଡ୍ କଥା ମନେ ପକାଇ ଦିଏ । ସୂଚନା ତତ୍ତ୍ୱ ଅନୁସାରେ 'କୋଡ୍'ର ଆହୁରି ବ୍ୟାପକ ଅର୍ଥ ରହିଛି (ଠିକ୍ ଯେପରି ଭାଷା କହିଲେ ସଙ୍କେତ ତତ୍ତ୍ୱରେ ଭାଷାର ବ୍ୟାପକ ଅର୍ଥ ବୁଝାଏ) । ଆଦାନ ପ୍ରଦାନକୁ ଲେଖିରଖିବାର କୌଣସି ପଦ୍ଧତିକୁ ସୂଚନା ତତ୍ତ୍ୱ ଅନୁଯାୟୀ କୋଡ୍ ବୋଲାଯାଏ । କୋଡ୍ ହେଉଛି ସୂଚନା ପ୍ରେରଣର ଏକ ସାଙ୍କେତିକ ବ୍ୟବସ୍ଥା । ଏଥିରେ ଉଭୟ ପ୍ରେରକ ଓ ଗ୍ରାହକ ଆଗରୁ ଏକମତ ହୋଇ ଥାଆନ୍ତି । ଆମେରିକା ଭାଷାବିତ୍ ଜ: ମିଲରଙ୍କର ମୋଟାମୋଟି ଭାବରେ କୋଡ୍‌ର ଏହି ସଂଜ୍ଞା ନିର୍ଦ୍ଧାରିତ ହୋଇଛି ।

ଏହି ସଂଜ୍ଞାରେ ଆମର ନିତ୍ୟପ୍ରଚଳିତ ଭାଷା ବି ପଡ଼ିବ । ଅବଶ୍ୟ ଭାଷା ଆପଣା ଗୁଣ ଓ ପ୍ରକୃତିରେ ଅନ୍ୟାନ୍ୟ ଆଦାନ ପ୍ରଦାନ ପଦ୍ଧତି ସବୁଠୁ ଅନେକ ଭାବରେ ଭୂଲମାପୁ । ତଥାପି ଏହାକୁ ବିଭିନ୍ନ ବୈଷୟିକ କୋଡ୍ ଭଳି ସୂଚନା ତତ୍ତ୍ୱର ନିର୍ଦ୍ଧାରଣ ଅନୁସାରେ ବି ଚକାଯାଇ ପାରିବ । ତେବେ ଭାଷା ଓ ବୈଷୟିକ କୋଡ୍ ଭିତରେ ଫରକ କ'ଣ ?

ବୈଷୟିକ କୋଡ୍‌ର ବ୍ୟାକରଣ ଅତ୍ୟନ୍ତ ସରଳ : କୋଡ୍‌ର ବିଭିନ୍ନ କଣିକାଗୁଡ଼ିକ ସଂଯୋଗ କରିବା ପାଇଁ ଏଥିରେ କେତେଗୁଡ଼ିଏ ସରଳ ସୂତ୍ର ଅଛି । କିନ୍ତୁ ମନୁଷ୍ୟ ଭାଷା ବହୁ ଜଟିମିଟିଆ, ଏହା ବହୁ ଅଙ୍ଗ ବିଶିଷ୍ଟ ।

ଗୋଟିଏ ବୈଷୟିକ କୋଡ୍‌ର ଗଢ଼ଣକ୍ରିୟା, ଯଥା ମୋର୍ସ କୋଡ୍‌ର ଗଢ଼ଣକ୍ରିୟା ଗୋଟିଏ ପୃଷ୍ଠାରେ ଲେଖି ଦେଇ ହେବ, କିନ୍ତୁ ଓଡ଼ିଆ ଭାଷା ଭଳି ଭାଷା ବା ସେହିଭଳି ଯେ କୌଣସି ଆଧୁନିକ ଭାଷାର ସମୁଦାୟ ଜ୍ଞାତବ୍ୟ ବିଷୟ ଲେଖିଲେ ବିରାଟ ବିରାଟ ପୋଥିମାନ ଲେଖା ହେବ । ବିବରଣୀ ପୃଷ୍ଠି ଭାବରେ ଥୋଇଲେ ଭାଷାର ବିଭିନ୍ନ ଧ୍ୱନି ଉଚ୍ଚାରଣ, ବ୍ୟାକରଣ, ଶବ୍ଦ ସମ୍ପଦ, ରୂଢ଼ ପ୍ରୟୋଗ, ସମାସ ଇତ୍ୟାଦି ଦୈନନ୍ଦିନ କଥାରେ ପ୍ରଚଳିତ ସମସ୍ତ ବିଭାଗ ଥୋଇବାକୁ ପଡ଼ିବ ।

ବୈଷୟିକ କୋଡ଼୍ ଗୁଡ଼ିକ ମାଧ୍ୟମିକ, ଏମାନେ କୌଣସି ସାଧାରଣ ଭାଷାର ପ୍ରାଥମିକ ଗଢ଼ଣ ଉପରେ ଆଶ୍ରିତ ଅଥବା କୌଣସି ସଙ୍କେତ ବ୍ୟବସ୍ଥା ସଙ୍ଗେ ଜଡ଼ିତ । ଆମର ସାଧାରଣ ଭାଷା ହେଉଛି ପ୍ରାଥମିକ ଏହା ଅନ୍ୟ କୌଣସି ସଙ୍କେତ ବା କୋଡ଼୍ ବା ଠାର ବ୍ୟବସ୍ଥା ଉପରେ ଆଶ୍ରିତ ନୁହେଁ । ବିଦେଶୀ ଭାଷା ଶିଖିବା, କିମ୍ବା ଶିଖିବା ଓ ଉକ୍ତ ଭାଷାରେ ଦଖଲ ରଖିବା ପାଇଁ ଲୋକଙ୍କୁ ବର୍ଷ ବର୍ଷ କଠିନ ପରିଶ୍ରମ କରିବାକୁ ପଡ଼ିପାରେ । କିନ୍ତୁ ମୋର୍ସ କୋଡ଼୍ ଭଳି କୋଡ଼୍ ଶିଖିବାକୁ ଗୋଟିଏ ମାସ ବା ଗୋଟିଏ ସପ୍ତାହ ଯଥେଷ୍ଟ ।

ବୈଷୟିକ କୋଡ଼୍‌ରେ ସଙ୍କେତଗୁଡ଼ିକ ସଂଯୋଗ କରିବାର ପ୍ରଣାଳୀ କୋଡ଼୍‌ର ଆବିଷ୍କର୍ତ୍ତାଙ୍କର ପ୍ରଣାଳୀ । କିନ୍ତୁ ଭାଷାରେ ଅବସ୍ଥା ଏକାବେଳକେ ନିଆରା । ଭାଷାର ବିଧାତା ହେଉଛି ସାରା ଜାତି । ସମାଜ ବିକାଶର ହଜାର ହଜାର ବର୍ଷର ପରିଣତି ହେଲା ମନୁଷ୍ୟର ଭାଷା ।

କୋଡ଼୍‌ର ନିୟମ ଶୃଙ୍ଖଳା ଆଗରୁ ବନ୍ଧାଯାଏ । କିନ୍ତୁ ଭାଷାର ନିୟମ ଶୃଙ୍ଖଳା ଆଗରୁ ବନ୍ଧା ନ ଥାଏ । ଭାଷାରେ ବ୍ୟାକରଣ ଭାଷାକୁ ଅନୁସରଣ କରେ । ଭାଷା ବ୍ୟାକରଣକୁ ଅନୁସରଣ କରି ନ ଥାଏ । ଭାଷାର

ପ୍ରଧାନ ଉପଗାଦ୍ୟ ହେଲା ଲେଖା ବା କଥା, ବାକ୍ୟାଂଶ, ଭାବପ୍ରକାଶକ ଶବ୍ଦ ଓ ପ୍ରୟୋଗ । ଏହି ଗୁଡ଼ିକ ବିଶ୍ଳେଷଣ କଲେ ଯାଇଁ ଭାଷାର ବିଧି-ଆଇନ ବାହାରି ପାରେ । ଏଥିରୁ ଭାଷା ଲେଖିବାର ବ୍ୟବସ୍ଥାଟି ଧରା ପଡ଼େ । ତେଣୁ ଏହି ଆଇନଗୁଡ଼ିକ କୋଡ଼୍‌ର ଆଇନ ଭଳି କଠୋର ଓ ନିୟମ-ବଦ୍ଧ ନୁହେଁ ।

ଏକଥା ଜଣାଇବା ଦରକାର ଯେ ଭାଷାର ଆଇନଗୁଡ଼ିକ ସାଧାରଣତଃ କୋହଳ । ବିଦେଶୀ ଲୋକଙ୍କର ଦରଦର ଖଣ୍ଡିଆ ଓଡ଼ିଆ ବି ଆମେ ବୁଝିପାରୁଁ । ହୁଏତ ସେ ଓଡ଼ିଆ ଭାଷାର ସବୁତକ ବ୍ୟାକରଣ ନିୟମ ଭାଙ୍ଗି ଦେଇ ପାରିଥାଆନ୍ତି । ଉଚ୍ଚାରଣ କ୍ଷେତ୍ରରେ ବି ଏକଥା ପ୍ରଯୁଜ୍ୟ । ଉଚ୍ଚାରଣ ହୁଏତ ବହୁତ ବିକଳ ହୋଇପାରେ ତଥାପି ଅର୍ଥ ଧରିହୁଏ । କିନ୍ତୁ ବୈଷୟିକ କୋଡ଼୍‌ରେ ଏଭଳି ବିଭ୍ରାଟର ସ୍ଥାନ ନାହିଁ । ତାହାହେଲେ କୋଡ଼୍ ଅର୍ଥହୀନ ହୋଇଯିବ ।

ଶେଷରେ ଭାଷା ଓ ବୈଷୟିକ କୋଡ଼୍ ଭିତରେ 'ସବୁଠୁ ତାତ୍ପର୍ଯ୍ୟପୂର୍ଣ୍ଣ ପ୍ରଭେଦ ହେଲା ଯେ ଭାଷା କେବଳ ଆଦାନ ପ୍ରଦାନର ମାଧ୍ୟମ ନୁହେଁ । ଏହା କେବଳ ସୂଚନା ପ୍ରେରକ ନୁହେଁ ଏହା ଆମର ଚତୁର୍ଦ୍ଦିଗରେ ଥିବା ବସ୍ତୁଜଗତ ବିଷୟରେ ଜ୍ଞାନ ଅର୍ଜନର ବାହନ । ଏହା ପୃଥିବୀକୁ 'ମଡ଼େଲ' କରିବାର ଗୋଟିଏ ସୁନ୍ଦର ପଦ୍ଧତି । ଏହି 'ମଡ଼େଲ' କରିବାର କ୍ଷମତା ହେଉଛି ଭାଷାର ପ୍ରଚଣ୍ଡ ଅପୂର୍ବ କ୍ଷମତା । ତେଣୁ କେବଳ ଦୁନିଆ ବିଷୟରେ ସୂଚନା ପ୍ରେରଣ ନୁହେଁ ସେହି ଦୁନିଆକୁ ଗଢ଼ିବାର ବା ମଡେଲ କରିବାର ସାମର୍ଥ୍ୟ ଯୋଗୁଁ ଭାଷା ବୈଷୟିକ କୋଡ଼୍, ସଙ୍କେତ ବ୍ୟବସ୍ଥା ଓ ଯନ୍ତ୍ର ଭାଷା ଠାରୁ ବୈଶିଷ୍ଟ୍ୟମୟ ଓ ଉନ୍ନତ ।

# ଲୋକ, ବସ୍ତୁ ଓ ଶବ୍ଦ

ଭାଷା, ସଂସ୍କୃତି ଓ ଚିନ୍ତାଧାରାର ଦୁନିଆ ଭିତରେ ପରସ୍ପର ସଂପର୍କ କ'ଣ ? ଭାଷାତତ୍ତ୍ୱ, ପଶୁତତ୍ତ୍ୱ, ଇତିହାସ ଓ ସଂସ୍କୃତିର ସୀମାରେ ଏହି ସମସ୍ୟା ଏବେ ବି ରହିଛି । ଏବେ ଭାଷାତତ୍ତ୍ୱର ଗୋଟିଏ ବିଭାଗ ସୁର-ଭାଷାତତ୍ତ୍ୱ ଏହାର ଆଲୋଚନାର ଭାର ନେଇଛି ।

## ବସ୍ତୁ ଓ ନିର୍ଦ୍ଦେଶକ ଶବ୍ଦ

ଗୋଟିଏ ସାଧା ବୋତଲରେ ପାଣି ପୂରାଇ ରଖିଲେ ଓ ଆଉ ଗୋଟିଏ ବୋତଲରେ ଟେଜ୍‌ଆପ୍ ବା ଏସିଡ୍ ପୂରାଇ ରଖିଲେ ଦୁଇଟି ବୋତଲ ବାହାରକୁ ଏକାପରି ଦେଖାଯାଆନ୍ତି । ତେଣୁ ବୋତଲ ଦୁଇଟିକୁ ଚିହ୍ନିତ କରିବା ପାଇଁ ପାଣି ବୋତଲରେ କାଗଜର ଲେବେଲ ମାରି ଲେଖାଯାଏ 'ପାଣି' ଓ 'ଟେଜ୍‌ଆପ' ବୋତଲରେ ଲେଖାଯାଏ 'ଟେଜ୍ ଆପ୍' ଏପରି ନ ଲେଖିଲେ ପାଣି ବୋଲି ଟେଜ୍‌ଆପକୁ ବ୍ୟବହାର କରିବାର ବିପଦ ରହିଛି ।

ପ୍ରତ୍ୟେକ ବସ୍ତୁକୁ ଆମର ଭାଷା ଏପରି ଗୋଟିଏ ଗୋଟିଏ ଲେବେଲ ଦେଇଛି । ଦୁଇଟି ଜନ୍ତୁ ଭିତରେ ଯେତେବେଳେ କୁହାଯାଏ ଗୋଟିଏ 'ଗୋରୁ' ଆଉଟି 'ଘୋଡ଼ା' ସେତେବେଳେ ଆମେ ଏଭଳି ଗୋଟିଏ ଗୋଟିଏ ଅଦୃଶ୍ୟ ଲେବେଲ ମାରି ଦେଉଁ । ତେବେ ସବୁ ଜିନିଷ ପାଇଁ ସବୁ ଭାଷାରେ କି ଶବ୍ଦ ବା ଲେବଲ ଅଛି ?

ଗୋଟିଏ ଉଦାହରଣ ନିଆଯାଉ । ଆମେ ଓଡ଼ିଆରେ ପଢ଼ିଛୁ, 'ସପ୍ତବର୍ଣ୍ଣ ସୁବିଶାଳ ବୃନ୍ତ ଇନ୍ଦ୍ରଧନୁ' । ଏଠାରେ ଇନ୍ଦ୍ରଧନୁର ସାତୋଟି ବର୍ଣ୍ଣ କଥା କୁହାଯାଇଛି । ଓଡ଼ିଆରେ ଏହା ହେଲା ସଂକ୍ଷିପ୍ତରେ ବାଘନଶ ହଲନା—ବାଇଗଣୀ, ଘନ ନୀଳ, ନୀଳ, ଶାଗୁଆ, ହଳଦିଆ, ଲାଲ, ନାରଙ୍ଗ । ଏତେଗୁଡ଼ିଏ ରଙ୍ଗ ଆଖିକୁ ଦିଶନ୍ତି । ସୂର୍ଯ୍ୟ କିରଣକୁ କୌଣସି

ତ୍ରିକୋଣ ଘନ କାଚ ଫଲକରେ ଦେଖିଲେ ଏଥିରୁ ସାତଗୋଟି ରଙ୍ଗ ଦେଖାଯାଏ । ଏକଥା ବିଜ୍ଞାନ ଦୃଷ୍ଟିରୁ ଠିକ୍ । କିନ୍ତୁ ଇଂରାଜୀ ଓ ଜର୍ମାନ୍ ଭାଷାରେ ଛଅଟି ରଙ୍ଗର ପ୍ରଚଳନ ଅଛି । ଆଲୋକ ବିଜ୍ଞାନରେ ଯାହା ଦେଖୁଛୁ ଭାୟୋଲେଟ୍, ଇଣ୍ଡିଗୋ, ବ୍ଲୁ, ଗ୍ରିନ୍, ୟେଲୋ, ଅରେଞ୍ଜ ଓ ରେଡ୍ । ଇଂରାଜୀ ଓ ଜର୍ମାନ ଭାଷାରେ ଇଣ୍ଡିଗୋ ବା ଘନ ନୀଳ ନାହିଁ । ଓଡ଼ିଆରେ ବି ନୀଳରେ ଘନ ଯୋଡ଼ା ହୋଇ ଘନ ନୀଳ ହୋଇଛି । ଘନନୀଳ ପାଇଁ ଏକ ଅଲଗା ଶବ୍ଦ ନାହିଁ । ଲାଇବେରିଆ ଦେଶର ଲୋକେ ସବୁ ବର୍ଣ୍ଣ ପାଇଁ ଯୋଡ଼ିଏ ଶବ୍ଦ ବ୍ୟବହାର କରି ଥାଆନ୍ତି ଗୋଟିଏ ଉଷ୍ଣ ବର୍ଣ୍ଣ (ଲାଲ, ନାରଙ୍ଗ, ହଳଦିଆ) ଅନ୍ୟଟି ଶୀତଳ ବର୍ଣ୍ଣ (ନୀଳ, ବାଇଗଣୀ ଇତ୍ୟାଦି)

କେବଳ ସେତିକି ନୁହେଁ । କେତେକ ଭାଷାରେ ବର୍ଣ୍ଣ ବା ରଙ୍ଗର ସୂକ୍ଷ୍ମ ବିଭିନ୍ନ ବିଭାଗ ରହିଛି । ଯଥା ଶାଗୁଆ, ନୀଳ, ପାଉଁଶିଆ, ବାଦାମି । ବ୍ରିଟେନର ଓ୍ୱେଲସ୍ ଅଞ୍ଚଳର ଲୋକେ ଏଥିପାଇଁ ତିନୋଟି ଶବ୍ଦ ବ୍ୟବହାର କରନ୍ତି : ଗିର୍ଡ୍, ଗ୍ଲାସ୍, ଲ୍ଲିଡ୍ । ସବାଶେଷ ଶବ୍ଦଟି ପାଉଁଶିଆ, ବାଦାମି, ଗାଢ଼ ପାଉଁଶିଆ ଏହିପରି ସବୁ ପ୍ରକାର ରଙ୍ଗକୁ ବୁଝାଏ । ଗ୍ଲାସ ବୁଝାଏ ଫିକା-ପାଉଁଶିଆକୁ ଓ ଚାଷାହୁଡ଼ା ନୀଳ (ଫିକା ଓ ଗାଢ଼)କୁ ଆଉ ଗିର୍ଡ୍ ବି ଆଲୋକ-ପରିବାରର 'ଶାଗୁଆ' ବର୍ଣ୍ଣଟିକୁ ବୁଝାଇଥାଏ ।

ଏଥିରୁ ଜଣାପଡ଼େ ଯେ ପୃଥିବୀର ଗୋଟିଏ ଘଟଣା ବା ଦୃଶ୍ୟମାନ ବସ୍ତୁ ବିଭିନ୍ନ ଭାଷାରେ ବିଭିନ୍ନ ନାମରେ ନାମିତ ହୁଏ । ଅର୍ଥାତ୍ ଏଠାରେ ଲେବଲ ହୁଏ ଅଲଗା ଅଲଗା । ପୃଥିବୀର ସବୁ ଭାଷାଭାଷୀ ଲୋକ ଠିକ୍ ସେହି ଗୋଟିଏ ବର୍ଣ୍ଣାଳି ଦେଖନ୍ତି କିନ୍ତୁ ବିଭିନ୍ନ ଭାଷା ବିଭିନ୍ନ ରଙ୍ଗ ଉପରେ ଜୋର ଦିଏ, ଆଲୋକ ବେଦର ଗୋଟିଏ ଭାଗ ଉପରେ ଅନ୍ୟ ଭାଗ ଅପେକ୍ଷା ଅଧିକ ଗୁରୁତ୍ୱ ଦିଏ ।

ବାହାର ଦୁନିଆର ବିଭିନ୍ନ ପ୍ରକାର ବିଷୟରେ କେବଳ ଭାଷାମାନଙ୍କର ଅଲଗା ଅଲଗା ଲେବଲ ନାହିଁ । ଏକଥା କୁହାଯାଇଛି ଯେ କେତେକ ଭାଷାରେ କେତେଗୁଡ଼ିଏ ଭାବ ବା ବିଷୟ ସଂବଂଧରେ ସ୍ୱତନ୍ତ୍ର ଶବ୍ଦ ନାହିଁ । ଓଡ଼ିଆ, ଇଂରାଜୀ, ରୁଷ, ଜର୍ମାନ୍ ଇତ୍ୟାଦି ଭାଷାରେ 'ଭଉଣୀ' ଓ 'ଭାଇ' ବୋଲି ଶବ୍ଦ ଅଛି । କିନ୍ତୁ ହଙ୍ଗେରୀୟ ଭାଷାରେ 'ଭଉଣୀ' ଓ

‘ଭାଇ’ ବୋଲି ଶବ୍ଦ ନାହିଁ । ଆପଣାଠାରୁ ସବୁ ବଡ଼ ଭାଇଭଉଣୀଙ୍କ ପାଇଁ ଗୋଟିଏ ଶବ୍ଦ ଓ ଆପଣାଠାରୁ ସାନଙ୍କ ପାଇଁ ଆଉ ଗୋଟିଏ ଶବ୍ଦ ରହିଛି । ମାଲୟମାନଙ୍କ ଭାଷାରେ ଉଭୟ ଭାଇ ଓ ଭଉଣୀଙ୍କୁ ‘ସହୋଦର’ କୁହାଯାଏ । ସଂସ୍କୃତ ବା ତେଲୁଗୁରେ ‘ସହୋଦର’ ଓ ‘ସହୋଦରା’ ଯେଉଁଏ ଶବ୍ଦ ଅଛି । ଇଣ୍ଡୋନେସୀୟ ଭାଷାମାନଙ୍କଠାରୁ ସ୍ୱତନ୍ତ୍ର ଭାବରେ ଭାରତୀୟ, ମେଲାନେସିଆ, ଆଫ୍ରିକା, ଆମେରିକା, ଏସିଆ ଓ ଅଷ୍ଟ୍ରେଲିଆର ଭାଷାମାନଙ୍କରେ ପୃଥିବୀର ବିଭିନ୍ନ ପଶୁ ପକ୍ଷୀ, ସଂପର୍କ, ଜାତି, ଫଳପୁଷ୍ପ ପାଇଁ ବିଭିନ୍ନ ଶବ୍ଦର ତାରତମ୍ୟ ରହିଛି । କେଉଁଠାରେ କୌଣସି ବସ୍ତୁ ପାଇଁ ନିର୍ଦ୍ଦିଷ୍ଟ ବହୁତ ଶବ୍ଦ ଅଛି ତ କେଉଁଠି ବିଲକୁଲ ନାହିଁ ।

ବିଶେଷ୍ୟ ଗୁଡ଼ିକ ସାଧାରଣତଃ ବସ୍ତୁ ବା ବ୍ୟକ୍ତି, ଗୁଣ ବା କ୍ରିୟାର ନାମ ବୁଝାନ୍ତି । ଏହା ଓଡ଼ିଆ, ବଙ୍ଗଳା, ସଂସ୍କୃତ, ଇଂରାଜୀ, ଫରାସୀ, ଜର୍ମାନ୍, ରୁଷ ଓ ଆହୁରି ଅନେକ ଭାଷା କ୍ଷେତ୍ରରେ ଚଳେ । ଆମେ ଓଡ଼ିଆରେ ପୃଥିବୀକୁ ଦୁଇଟି ଭାବରେ ଦେଖୁଁ ଗୋଟିଏ ବସ୍ତୁ ଆଉଟି ପ୍ରବାହମାନ ଘଟଣାସ୍ରୋତ । କିନ୍ତୁ ବିଶୁଦ୍ଧ ବିଜ୍ଞାନ ଦୃଷ୍ଟିରୁ ଏହା ଠିକ୍ ନୁହେଁ । ଯଦିଓ ଭାଷାର ସୁବିଧା ପାଇଁ ଆମେ ଏଭଳି ଭାବରେ ଚିନ୍ତା କରୁଁ । ବରଂ ଏହି ପୃଥିବୀର ପ୍ରତ୍ୟେକ ଘଟଣା ଓ ବସ୍ତୁ ନିରନ୍ତର ଗତି, ରୂପାନ୍ତର ଓ ପରିବର୍ତ୍ତନ ଭିତର ଦେଇ ଚାଲିଛି ।

ଆକ୍ରମଣ କରିବା, ଦୌଡ଼ିବା ଇତ୍ୟାଦି ହେଉଛି କାର୍ଯ୍ୟର ଧାରା— କ୍ରିୟା । ଏଗୁଡ଼ିକ କାଳ ଅନୁସାରେ ଘଟୁଛି । ତେବେ ଆକ୍ରମଣ ବା ଦୌଡ଼ ଇତ୍ୟାଦି ବିଶେଷ୍ୟ କାହିଁକି ? ଏମାନେ ତ ବି କାଳର ଗତିରେ ଏକ ଏକ ଧାରା ! କି କାରଣରୁ ବିଜୁଳି, ଲହରୀ, ନାଡ଼ିସ୍ପନ୍ଦନ ବିଶେଷ୍ୟ ପଦ ଏମାନେ ବସ୍ତୁର ବାଚକ ଏମାନେ କି ଘଟଣାର ସ୍ରୋତ ନୁହନ୍ତି ? କାରଣ ସେଭଳି ଭାବରେ ଆମର ଭାଷା ସେମାନଙ୍କ ଶ୍ରେଣୀ ବିଭାଗ କରିଛି । ତେବେ ଏହା ଛଡ଼ା ଆଉ ଏକ ଶ୍ରେଣୀ ବିଭାଗ ମଧ୍ୟ ସମ୍ଭବ । ଯୁକ୍ତରାଷ୍ଟ୍ରର ‘ହୋପି ଭାରତୀୟ’ମାନଙ୍କ ଭାଷାରେ ଏହି ଶବ୍ଦଗୁଡ଼ିକ ବିଶେଷ୍ୟ ନୁହେଁ ଏଗୁଡ଼ିକ କ୍ରିୟାପଦ । ଓଡ଼ିଆ ବା ଇଂରାଜୀ ଦୃଷ୍ଟିରୁ ଯେଉଁଗୁଡ଼ିକ ବିଶେଷ୍ୟ ହୁଅନ୍ତେ ସେଭଳି ସବୁ ଶବ୍ଦ ନୂଟକା ନାମକା ଭାଙ୍କୋଭର ଦ୍ୱୀପବାସୀ ଲୋକଙ୍କର

ଭାଷାରେ କ୍ରିୟାପଦ । ବାସ୍ତବ ପକ୍ଷରେ ଏହି ନୂଟକା ଭାଷାରେ ପୃଥିବୀର ବିଭିନ୍ନ କ୍ରିୟା ଓ କର୍ମ ଭିତରେ କୌଣସି ପ୍ରଭେଦ ନାହିଁ । ସେମାନଙ୍କର ପ୍ରକୃତି-ଧାରଣା ହେଉଛି ଏକକ ତେଣୁ ସେମାନଙ୍କର ସବୁ ଶବ୍ଦର ଗୋଟିଏ ମାତ୍ର ଶ୍ରେଣୀ ଅଛି । ଅର୍ଥାତ୍ ଏଥିରେ ସବୁ କର୍ମ ହିଁ କ୍ରିୟା । ଉଦାହରଣ ସ୍ୱରୂପ, ଏହି ଅଦ୍ଭୁତ ଭାଷାରେ 'ଘର' ବୋଲି ଶବଦ ନାହିଁ । 'ଇଏ ମୋର ଘର' ବୋଲି ନ କହି ସେମାନେ କହନ୍ତି 'ଘରୁଏ' ବା 'ଘର ରହେ' । 'ନିଆଁ' ନ କହି ସେମାନେ କହନ୍ତି 'ଜଳେ' । ଶବ୍ଦ ଆଗରେ ଉପପଦ ବା ଉପସର୍ଗ ଯୋଡି ବା ପଛରେ ଯୋଡ଼ି ସେମାନେ ଘରକୁ ଏ ଫଟ ସେଫଟ ମୋଡ଼ି କହନ୍ତି "ଘରଟି ଅନେକ ଦିନ ହେଲା ଏଇଠି ଅଛି ।" 'ଅସ୍ଥାୟୀ ଘର' 'ଆମର ଭବିଷ୍ୟତ ଘର' "ଆମର ପୂର୍ବେ ଯେଉଁ ଘର ଥିଲା" 'ଯେଉଁ ଘର ତୋଳା ହେବାକୁ ଯାଉଛି' ଇତ୍ୟାଦି ।

'ହୋପି ଭାରତୀୟ'ମାନଙ୍କର ଗୋଟିଏ ବିଶେଷ୍ୟପଦ ଅଛି ତାହା କେବଳ ପକ୍ଷୀ ଛଡ଼ା ଯେ କୌଣସି ଉଡ଼ନ୍ତା ଜିନିଷ ବା ଜୀବ ପାଇଁ ବ୍ୟବହାର ହୋଇପାରେ । ପକ୍ଷୀମାନଙ୍କ ପାଇଁ ଆଉ ଏକ ବିଶେଷ ବିଶେଷ୍ୟପଦ ଅଛି । ପ୍ରଥମ ବିଶେଷ୍ୟଟି F-B ଶ୍ରେଣୀର ଶବ୍ଦିତ ହୁଏ । ଅର୍ଥାତ୍ ଉଡ଼ନ୍ତା ଜିନିଷ—ପକ୍ଷୀ । ମୋଟ ଉପରେ 'ହୋପି ଭାରତୀୟ'ଙ୍କ ଭାଷାରେ ପତଙ୍ଗ, ପ୍ରଜାପତି, ଉଡ଼ାଜାହାଜ, ଉଡ଼ାଜାହାଜ ଚାଳକ ଇତ୍ୟାଦି ସବୁ ଗୋଟିଏ ଶବ୍ଦ । ପକ୍ଷୀ ଯଥା—କୁଆ, କୋଇଲି, ଘରଚଟିଆ, ବାଦୁଡ଼ି ଇତ୍ୟାଦି ଆଉ ଗୋଟିଏ ଶବ୍ଦ ।

ବିଭିନ୍ନ ଭାଷାରେ ଦେଶ ଓ କାଳର ସଂଜ୍ଞା ବି ଭିନ୍ନ ଭିନ୍ନ । ଆମେ ଓଡ଼ିଆମାନେ ଓ ଆମଭଳି ପ୍ରାୟ ସବୁ ହିନ୍ଦ-ଇଉରୋପୀୟ ଭାଷାଭାଷୀମାନେ ତିନୋଟି କାଳ ଜାଣନ୍ତି—ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ ।

କିନ୍ତୁ ଉକ୍ତ 'ହୋପି ଭାରତୀୟ'ମାନଙ୍କର କାଳ ନାହିଁ । ସେମାନେ ଖାଲି mood ବା କ୍ରିୟାର ଅବସ୍ଥା ଉପରେ ଚଳନ୍ତି । ମନେ କରନ୍ତୁ ଇଂରାଜରେ Affirmtive mood (ମୁ ତାଙ୍କର ଆସିବା କଥା ଜଣାଇଲି) I report about his arrival. ଏତିକି କହିଲେ ଅତୀତ ଓ ବର୍ତ୍ତମାନର ସବୁ ପ୍ରକାର ଆସିବାକୁ ବୁଝାଇବ । ଏଥିରୁ ହେବ ସେ 'ଆସି ସାରିଛନ୍ତି', 'ସେ ଆସୁଛନ୍ତି' ଅଥବା ସମ୍ଭାବନା ଅବସ୍ଥା, "ମୋର ସମ୍ଭବ

ହେଉଛି ବା ମୁଁ ସମ୍ଭାବନା କରୁଛି ଯେ ସେ ଆସିଛନ୍ତି ।'' ଏକଥା ସେମାନେ କହିଲେ ଆମେ ବୁଝିପାରୁ 'ସେ ଆସିବେ' । ''ସେ ବୋଧହୁଏ ଆସିବେ ବା ଆସିପାରନ୍ତି ।'' ବା ''ସେ ବୋଧହୁଏ ଆଗାଉତଃ ଆସି ଯାଇଛନ୍ତି ।''

ଆମ ଭାଷାରେ ଆମେ ଦିନ, ଦଣ୍ଡ, ଲିପ୍ତା, ବର୍ଷରେ ସମୟ ମାପୁଁ । 'ମାନବ ଜୀବନ ନୁହଇ କେବଳ ବର୍ଷ, ମାସ, ଦିନ, ଦଣ୍ଡ' ଏଥିରେ ବର୍ଷ, ମାସ, ଦିନ, ଦଣ୍ଡ ଏହାର ସେହି ଗୋଟିଏ ଗୋଟିଏ ଅର୍ଥ । କିନ୍ତୁ 'ହୋପି ଭାରତୀୟ' ମାନେ କୌଣସି ଅଦୃଶ୍ୟ ବସ୍ତୁର ନାମରେ ଶବ୍ଦ କରନାହାନ୍ତି । ବର୍ଷ, ମାସ, ଦିନ, ଦଣ୍ଡ ତ ଦେଖାଯାଏ ନାହିଁ । ଆମେ କହୁଁ ''ଦିନଟିଏ ବିତିଗଲା'' ହୋପିମାନେ କହନ୍ତି ''ଆଜ ଦ୍ୱିତୀୟଥର ପରି ଆଲୁଅ ହେଲା'' ସେମାନେ ଏକ୍ଷ ସଂଗତରେ ସମସ୍ତଙ୍କୁ ମଧ୍ୟ ଆଉ ଉଠାନ୍ତି ନାହିଁ ତେଣୁ ସେମାନେ କହନ୍ତି ''ଦ୍ୱିତୀୟଥର ଆଲୁଅ ହେଲା'' । ହିନ୍ଦୀରେ କୁହାଯାଏ ''ଦୋ ଦିନ ଗୁଜର ଟିୟା'' ବା ଓଡ଼ିଆରେ 'ଦୁଇଦିନ ଚାଲିଗଲା' ତେବେ 'ହୋପି'ମାନଙ୍କ ଭାଷରେ ଏହାକୁ ଅନୁବାଦ କଲେ ସେମାନେ ହସିବେ । ଦିନ ଗୁଡ଼ାକର କ'ଣ ଗୋଡ଼ ଅଛି ଯେ ସେମାନେ ଚାଲିଗଲେ !

ପ୍ରକୃତ ପକ୍ଷରେ ଗୋଟିଏ 'ହୋପି'କୁ ଦୁଇଦିନ ବା ତିନିଦିନ ବୋଲି କହିଲେ ସେ ତାହା ବୁଝିପାରିବ ନାହିଁ । କାରଣ ତା' ପାଇଁ ଦ୍ୱିତୀୟ ଦିନଟା ଗୋଟିଏ ନୂଆ ଦିନ ନୁହେଁ ତାହା ହେଉଛି ପୁରୁଣା ଦିନଟା ଚାଲିଛି କେବଳ ମଝିରେ ରାତି ଯେଉଁ ବାଧା ପଡ଼ୁଛି ମାତ୍ର । ଯଥା ଆମେ ଯେତେବେଳେ କହୁଁ ''ଅଧ୍ୟାପକ ଜେନା ତାଙ୍କର ଚତୁର୍ଥ ବକ୍ତୃତା ଆରମ୍ଭ କଲେ'' ସେତେବେଳେ ଆମେ ତ ଚତୁର୍ଥ ଅଧ୍ୟାପକ ଜେନା ତାଙ୍କର ବକ୍ତୃତା ଆରମ୍ଭ କଲେ ବୋଲି କହୁନାହୁଁ ତେବେ ଦିନ ଯେତେବେଳେ ଆଉଥରେ ଆରମ୍ଭ ହେଲା ସେତେବେଳେ ଆମେ ତାକୁ ଦ୍ୱିତୀୟ ଦିନ ବୋଲି କାହିଁକି କହିବୁ ?

ପୃଥିବୀର ବିଭିନ୍ନ ଜନସଙ୍ଘର ଏଭଳି ଅଦ୍ଭୁତ ବିଶ୍ୱାସ କେବଳ 'ହୋପି'ମାନଙ୍କ ଭାଷାରେ ନାହିଁ । ପୃଥିବୀର ବହୁ ବହୁ ବଡ଼ ଭାଷାମାନଙ୍କରେ ଏପରି କି ଇଣ୍ଡୋ-ଇଉରୋପୀୟ ଭାଷାମାନଙ୍କରେ ବି ଅଛି । ରୁଷ ଭାଷାରେ ସୂର୍ଯ୍ୟୋଦୟଠାରୁ ସୂର୍ଯ୍ୟାସ୍ତ ଯାଏ ଚବିଶ ଘଣ୍ଟା ସମୟକୁ ସେମାନେ 'ସକାଳ',

'ଦିନ', ସଂଧ୍ୟା ଓ ରାତ୍ରି ଭାବରେ ଚାରି ଭାଗ କରନ୍ତି । ଆମେ ଓଡ଼ିଆରେ 'ଭୋର' 'ସକାଳ' ଦ୍ୱିପ୍ରହର, ଖରାଲେଉଟାବେଳ, ସଂଧ୍ୟା, ରାତ୍ର ଏଭଳି ଭାବରେ ଛଅଭାଗ କରୁଁ । ଇଂରାଜି ଭାଷାରେ ସକାଳ, ଫୋରନୁନ୍, ଆଫ୍ଟରନୁନ୍, ଇଭିନିଙ୍ଗ ଓ ନାଇଟ୍ ହିସାବରେ ପାଞ୍ଚଭାଗ କରନ୍ତି ।

ଜର୍ମାନ ଓ ଇଂରାଜି ଭାଷାରେ ହାତ ଓ ବାହୁ ଭିତରେ ପ୍ରଭେଦ ଅଛି । ଓଡ଼ିଆରେ ବି ଆମେ ହାତ କହୁଁ କହୁଣୀର ତଳକୁ ଆଙ୍ଗୁଠିଯାଏ । ଉପରଟାକୁ କହୁଁ 'ବାହା' ବା 'ଡେଣା' । ରୁଷ ଭାଷାରେ ଏଥିପାଇଁ ମାତ୍ର ଗୋଟିଏ ଶବ୍ଦ ଅଛି 'ରୁକା' । ଓଡ଼ିଆ ବା ଇଂରାଜିରେ ଆମେ 'ଦୁଇଟି ଆଖି' ବୋଲି କହୁଁ କିନ୍ତୁ ଆଇରିଶ ଭାଷାରେ ଦୁଇଟିଯାକ ଆଖି ଗୋଟିଏ ଇନ୍ଦ୍ରିୟ ହେଣୁ ତାହା ଗୋଟିଏ ବସ୍ତୁ । ସେମାନେ ଆଖି ପାଇଁ ଏକବଚନ ବ୍ୟବହାର କରନ୍ତି । ଗୋଟିଏ ଆଖିକୁ କହନ୍ତି 'ଦର୍ଶନ ଇନ୍ଦ୍ରିୟର ଅର୍ଦ୍ଧେକ'' ଇଂରାଜି ଜର୍ମାନ, ଫରାସିରେ ହାତର ଆଙ୍ଗୁଳି ଓ ଗୋଡ଼ର ଆଙ୍ଗୁଳି ପାଇଁ ଦୁଇ ପ୍ରକାର ଦୁଇଟି ଶବ୍ଦ ଅଛି । ରୁଷ ଭାଷାରେ ଗୋଟିଏ ଶବ୍ଦ ଓଡ଼ିଆରେ ଗୋଟିଏ ଶବ୍ଦ ଆଙ୍ଗୁଠି । ହାତ ଆଙ୍ଗୁଠିକୁ ଆମେ ହାତ ଆଙ୍ଗୁଠି ଓ ଗୋଡ଼ ଆଙ୍ଗୁଠିକୁ ଗୋଡ଼ ଆଙ୍ଗୁଠି ବୋଲି କହୁଁ । ରୁଷ ଭାଷାରେ ବି ସେଭଳି କହନ୍ତି ।

## ହୋର୍ଫଙ୍କର ଅନୁମାନ

ତେଣୁ ଆମର ଚତୁର୍ଦ୍ଦିଗର ଦୁନିଆ ବିଭିନ୍ନ ଭାଷାରେ ବିଭିନ୍ନ ଭାବରେ ପ୍ରତିଫଳିତ ହୁଏ । ଏପରିକି ନିରବଚ୍ଛିନ୍ନ ଓ ସାଧାରଣ ଭାବ ଯଥା ମହାଶୂନ୍ୟ ବା ମହାକାଳ ପାଇଁ ମଧ୍ୟ ବିଭିନ୍ନ ଭାଷା ବିଭିନ୍ନ ଲେବେଲ ଲଗାଇ ଦେଇଛନ୍ତି । ବସ୍ତୁ ବର୍ଣ୍ଣ ଘଟଣା ଓ କାଳ ଓ ଗୁଣ ଇତ୍ୟାଦି ବାଚକ ଶବ୍ଦ ବି ବିଭିନ୍ନ ଭାଷାରେ ବିଭିନ୍ନ ବିଚିତ୍ର ରୂପ ନେଇ ଉଭିଛନ୍ତି । ଭାଷା ବିଜ୍ଞାନର ଏଗୁଡିକ ଅକାଟ୍ୟ ସତ୍ୟ । ତେବେ ଏହି ସତ୍ୟ ଗୁଡିକୁ ନାନା ଭାବରେ ଟୀକା କରାଯାଇ ପାରେ ।

ପ୍ରଥମ ଶୈଶବରୁ ମଣିଷ ଆପଣାର ଭାଷା ଶିଖେ । ବହୁ ଶ୍ରେଷ୍ଠ ବସ୍ତୁସବୁ ଆପଣାର ମାତୃଭାଷାର ଫର୍ମା ଭିତରେ ସେ ସଂସାରକୁ ଦେଖେ । ତାର ଚତୁର୍ଦ୍ଦିଗର ଦୁନିଆ ଯେତେ ବି ଧନ୍ୟ ହେଉ ଯେତେ ବି ବହୁବିଧ

ତେଣୁ ସେହି ଦୁନିଆକୁ ଦେଖିବାରେ ଓ ତାହାକୁ ଆୟତ୍ତରେ ଆଣିବାରେ ଶିଶୁ ସେହି ଦୃଶ୍ୟମାନ ଘଟଣା ଉପରେ ନଜର ଦିଏ ଯେଉଁ ଗୁଡ଼ିକ ଭାଷାରେ ଚିହ୍ନିତ ହୁଏ । ଶିଶୁ ନାନା ରଙ୍ଗର ପତଙ୍ଗ ଦେଖେ, ନାନା ପ୍ରକାର ମେଘ ଦେଖେ, ନାନା ତାରା ଆକାଶରେ ଦେଖେ, ନାନାପ୍ରକାର ଚଢ଼େଇ ଦେଖେ କିନ୍ତୁ ତାଙ୍କୁ ସେସବୁ ଚିହ୍ନେଇବ ନ ହେଲେ ସେ ତାହାକୁ ଆଡ଼େଇଯାଏ ତାହାକୁ ପ୍ରତ୍ୟକ୍ଷ ଜ୍ଞାନ ଭିତରକୁ ଆଣେ ନାହିଁ । ଆମର ମାତୃଭାଷା ପୃଥିବୀକୁ ଆପଣାର ଗଠନରେ ବିଶ୍ଳେଷଣ କରେ ଓ ଆମ ସମସ୍ତଙ୍କ ଉପରେ ସେଭଳି ଏକ ବିଶ୍ଳେଷଣ ଓ ବିଶ୍ୱ ଦର୍ଶନ ବା ବିଶ୍ୱର ଅଭିବ୍ୟକ୍ତି ଜବରଣ ଲଦି ଦିଏ । ତେଣୁ ଜର୍ମାନମାନେ କହନ୍ତି 'ଡି ଓଏଲ୍ଟୁଙ୍ଗ ଡାର୍‌ ଉସ୍ପ୍ରେଲହ୍' ବା 'ପୃଥିବୀର ଶବ୍ଦ ବିଶ୍ଳେଷଣ' ।

ଏହି ଘଟଣା ବୈଜ୍ଞାନିକ ସତ୍ୟ । କିନ୍ତୁ ଏହି ସତ୍ୟକୁ ଅଗ୍ରସର ହୋଇ ହୋରଫ ନାମକ ଜଣେ ବ୍ୟକ୍ତି ଗୋଟିଏ ଅନୁମାନ ବାହାର କରି ଥିଲେ । ଏହି ଅନୁମାନ ପାଇଁ ହୋରଫ କେବଳ ଆପଣା କଳ୍ପନା ଉପରେ ଆଶ୍ରା କରି ନ ଥିଲେ । ହୋରଫ ଥିଲେ ଜଣେ ନିଆଁ ବୀମା କମ୍ପାନି ହ୍ୱକଶିଆ । କିନ୍ତୁ ହେଲେ ବି ସେ ଆପଣା ଅବସର ସମୟରେ ସ୍ପାନିଶ ଆଜ୍‌ଟେକ୍ ଓ ମାୟା ମାନଙ୍କର ଲେଖାଗୁଡ଼ିକ ଅଧ୍ୟୟନ କରୁଥିଲେ । ଏହାପରେ ସେ ଆମେରିକାର 'ଖାଇଷ୍ଟପୁ' ମାନଙ୍କ ଭାଷା ଗୁଡ଼ିକ ମଧ୍ୟ ଅଧ୍ୟୟନ କରିଥିଲେ । ଧୀରେ ଧୀରେ ଗୋଟିଏ ଅନୁମାନ ତାଙ୍କର ମନକୁ ଆଚ୍ଛନ୍ନ କଲା । ଏହାକୁ ଏକ ତତ୍ତ୍ୱ ବୋଲି କେତେକ ସ୍ୱୀକାର କଲେ ଓ ଏହାର ସାରା ପୃଥିବୀରେ ବହୁ ସ୍ଥାନରେ ଚର୍ଚ୍ଚା ହେଲା । ହୋରଫଙ୍କର ମୃତ୍ୟୁ ପରେ ବି ଏବେ 'ହୋରଫଙ୍କ ଅନୁମାନ' ନାମରେ ତାଙ୍କର 'ତତ୍ତ୍ୱ' ପୃଥିବୀରେ ବହୁ ସ୍ଥଳରେ ବହୁ ତର୍କ ବିତର୍କ ସୃଷ୍ଟି କରିଛି । 'ହୋରଫ ଅନୁମାନ'ର ମୂଳକଥା ହେଲା ଯେ ବ୍ୟକ୍ତିଗତ ମନୁଷ୍ୟର ଚିନ୍ତା ଓ ଚଳଣି ତାହାର ଭାଷା ଉପରେ ପୂରାପୂରି ନିର୍ଭର କରେ ।

ହୋରଫଙ୍କର ବକ୍ତବ୍ୟ ହେଲା—ଏହି ଯେଉଁ ବସ୍ତୁର ଦୁନିଆ ଭିତରେ ଆମେ ବାସ କରିଥାଉଁ ବା ଯେଉଁ ସାମାଜିକ ଦୁନିଆ ଭିତରେ ଆମେ ବୁଡ଼ି ରହିଥାଉଁ ତାହା ଛଡ଼ା ଆଉ ଏକ ଦୁନିଆ ରହିଛି । ତାହା ହେଲା ମାତୃଭାଷାର ଦୁନିଆ । ଚତୁର୍ଦ୍ଦିଗର ଦୁନିଆ 'ଭାଷାର ଦୁନିଆ'

ଅନୁସାରେହିଁ ଭିଆଣ । ପ୍ରତ୍ୟେକ ଭାଷାରେ, ତାଙ୍କ ମତରେ, କେବଳ ଷଦେ ନାହିଁ ଅଛି ଦୃଷ୍ଟି ଭଙ୍ଗୀ । ଓ ଅନ୍ୟାନ୍ୟ ଦୃଷ୍ଟିକୋଣ ବହିର୍ଭୂତରେ ନିର୍ବିଶ୍ୱର ଅବରୋଧ ।

ହୋରଫଙ୍କର ଅନୁମାନ ଏକ୍ଷେତ୍ରରେ ଇଙ୍ଗିତ କରୁନାହିଁ । ସେ କହୁଛନ୍ତି ଭାଷାମାନେ ବଦଳନ୍ତି ଓ ଏହି ବଦଳ ସଙ୍ଗେ ସଙ୍ଗେ ସେହି ଭାଷାଭାଷୀ ଲୋକ ଚତୁର୍ଦ୍ଦିଗରେ ଥିବା ଦୁନିଆ ବଦଳି ଯାଏ । ଆଦ୍ଧର ସେକ-ଟୋକ ଭାଷାରେ କହିଲେ ପୃଥିବୀ ରକ୍ତମାଂସ ବା ମାଟି ପଥର ଦୃଷ୍ଟିରୁ ଠିକ୍ ଆଉ ଭଳି ରହେ କିନ୍ତୁ ମନୁଷ୍ୟର ଚେତନାରେ ତାହା ଆଉ ଏକ ଦୁନିଆ ହୋଇଯାଏ ।

ଏପରିକି ଗୋଟିଏ ଭାଷା ବି ବିଭିନ୍ନ ସମୟରେ ଏ ଦୁନିଆକୁ ବିଭିନ୍ନ ରୂପରେ ବିଶ୍ଳେଷଣ କରି ଦେଖେ । ଉଦାହରଣ ସ୍ୱରୂପ ପୁରୁଣା ଜର୍ମାନ ଭାଷାରେ ଆମେ ପଶୁମାନଙ୍କର ନାମକରଣ ସହିତ ଆଧୁନିକ ଜର୍ମାନ ନାମକରଣ ତୁଳନା କଲେ ଏହି ପାର୍ଥକ୍ୟ ଦେଖିପାରିବା । ଏବେ ଜର୍ମାନ୍ ଶବ୍ଦ 'ଟାଇର୍' ସବୁ ପ୍ରକାର ପଶୁକୁ ବୁଝାଉଛି । କିନ୍ତୁ ପୁରୁଣା ଭାଷାରେ 'ଟାଇର' ବୋଲି କହିଲେ ଜଙ୍ଗଲି ବୁଦାଗୋଡ଼ିଆ ପଶୁକୁ ବୁଝାଉ ଥିଲା । ଘରୁଆ ପଶୁକୁ କେହି 'ଟାଇର' କହୁ ନ ଥିଲେ । ଏବେ ଘର ଜଙ୍ଗଲ ସବୁଠି ପଶୁ ହେଲେ ଜର୍ମାନ୍‌ରେ 'ଟାଇର' । ପୁରୁଣା ଜର୍ମାନ୍ 'ୱୁଅରମ୍'ରେ ପୋକ, ସାପ, ଡ୍ରାଗନ୍ ଓ ବୁଢ଼ିଆଣି ସବୁ ଯାଉଥିଲେ । ଆଧୁନିକ ଜର୍ମାନ୍‌ରେ ଏ ସମସ୍ତଙ୍କ ପାଇଁ ଅଲଗା ଅଲଗା ଶବ୍ଦ ହୋଇ ଯାଇଛି । ପୁରୁଣା ଜର୍ମାନ୍ ଭାଷାରେ 'ଫୋଗେଲ' ସବୁପ୍ରକାର ପକ୍ଷୀକୁ ଓ ତାହାସହିତ ମହୁମାଛି, ପ୍ରଜାପତି ଓ ମାଛିକୁ ବି ବୁଝାଉ ଥିଲା । ଏବେ ଆଧୁନିକ ଜର୍ମାନ ଭାଷାରେ 'ଫୋଗେଲ' ହେଉଛି କେବଳ ପକ୍ଷୀ । ତେଣୁ ପୂର୍ବକାଳରେ ଜର୍ମାନ ମାନେ ଜନ୍ତୁମାନଙ୍କୁ ବନ୍ୟ ଓ ଗୃହପାଳିତ ଭାବରେ ଦୁଇ ଶ୍ରେଣୀରେ ବିଭକ୍ତ କରି ଥିଲେ । ବନ୍ୟ ଜନ୍ତୁମାନଙ୍କୁ ସେମାନଙ୍କର ଗତିର ଢଙ୍ଗ ଅନୁସାରେ ଯଥା 'ଟିଅର' (ଧାବନ୍ତ) ଫୋଗେଲ (ଉଡ଼ନ୍ତ) ୱୁଅରମ୍ (ହାମୁଡ଼ା) ଓ ଫିଶ୍ (ପହଁରା) ନାମକରଣ କରିଥିଲେ ।

ଏ ଶ୍ରେଣୀ ବିଭାଗ ସାଫ୍ ସାଫ୍ ଶ୍ରେଣୀ ବିଭାଗ କିନ୍ତୁ ଏହା ପ୍ରାଣିବିଜ୍ଞାନର ଶ୍ରେଣୀ ବିଭାଗ ବା ଆଜିର ଜର୍ମାନ୍ ଭାଷାର ଶବ୍ଦ ବିଭାଜନ

ମେଳ ଖାଉ ନାହିଁ । ପୂର୍ବୋକ୍ତ ଭାଷା ପୃଥିବୀ ବିଷୟରେ ଏକ ନିର୍ଦ୍ଦିଷ୍ଟ ଧରଣର ଧାରଣା ଦେବାକୁ ଚେଷ୍ଟା କରିଛୁ ଏବେ ବି ସେହି ଜନ୍ତୁ ଜଗତ୍ ସେପରି ଅଛି କିନ୍ତୁ ଆଧୁନିକ ଜର୍ମାନ୍ ମାନେ ସେମାନଙ୍କର ପୂର୍ବପୁରୁଷଙ୍କଠାରୁ ସେହି ଜନ୍ତୁଜଗତକୁ ଏକ ଭିନ୍ନ ମାନଦଣ୍ଡରୁ ଦେଖୁଛନ୍ତି । ହୋରଫଙ୍କ ମତରେ କେବଳ ଭାଷାରେ ଗଢ଼ଣ ଯୋଗୁଁ ଏହି ଭିନ୍ନତା ଆସି ଯାଇଛି ।

ତେଣୁ ହୋରଫଙ୍କର ଅନୁମାନର ସାରମର୍ମ ହେଲା ବିଭିନ୍ନ ଭାଷା ପୃଥିବୀକୁ ବିଭିନ୍ନ ଓ ପରସ୍ପର ଠାରୁ ଅଲଗା ଭାବରେ ପ୍ରତିଫଳିତ କରି ଥାଆନ୍ତି । ଜଣେ ଲୋକ ତା'ର ମାତୃଭାଷାକୁ ଜୀବନର ପହିଲି କାଳରେ ଆହରିଥାଏ ତେଣୁ ସେ ସାରା ସଂସାରକୁ ଆପଣାର ପ୍ରଥମ ଶୈଶବକାଳରୁ ମାତୃଭାଷାର ଦୃଷ୍ଟିକୋଣ ଓ ଅନୁଭବ ଭାବରେ ଦେଖିବାକୁ ଶିଖି ଥାଏ ।

ତେଣୁ ହୋରଫଙ୍କର ବକ୍ତବ୍ୟ ହେଲା ଆମେ ମନୁଷ୍ୟ ହେଉଛୁ ଶବ୍ଦର ବନ୍ଦୀ । ପହିଲି ଶୈଶବରୁ ଆମେ ମାତୃଭାଷାର ବାଧ୍ୟଅାଇନକୁ ପ୍ରତ୍ୟକ୍ଷ କରି କରି ଅଚେତନ ଭାବରେ ସ୍ୱୟଂକ୍ରିୟ ଯନ୍ତ୍ର ପରି ହୋଇଯାଉ । ତେଣୁ ଆମର ଚିନ୍ତା ବି ଏକ ନିର୍ଦ୍ଦିଷ୍ଟ ଧରଣ ଧରେ ଓ ଆମର ଏକ ଧରଣର 'ଅଧ୍ୟାତ୍ମବାଦ' ବି ଗଢ଼ି ଉଠେ ।

ଭାଷାମାନେ ଆପଣା ଆପଣା ବ୍ୟାକରଣ ଭେଦରେ ବିଭିନ୍ନ, ତେବେ ଏହା ଠାରୁ ଆଉ ଏକ ପ୍ରଭେଦ ବାହାର ହୋଇ ପଡ଼େ ଯେ ବିଭିନ୍ନ ଭାଷା ପୃଥିବୀକୁ ଶବ୍ଦ ଦ୍ୱାରା ଆପଣା ଶିଳ୍ପରେ ବିଭକ୍ତ କରନ୍ତି । ଆଜକାଲିକ୍ ଭାଷାରେ ବରଫ, ହିମ, କାକର, ତୁଷାର ଏସବୁ ପାଇଁ ମାତ୍ର ଗୋଟିଏ ଶବ୍ଦ ଅଛି । ଓଡ଼ିଆରେ ତ 'ବରଫ' ପାଇଁ ମାତ୍ର ସେଇ ଗୋଟିକ ଶବ୍ଦ । ଏସ୍କିମୋ ଭାଷାରେ ଏହି ତୁଷାର ବା ବରଫ ପାଇଁ କେତେ କେତେ ଶବ୍ଦ ଅଛି ଯେତେ ପ୍ରକାର ଅବସ୍ଥାରେ ବରଫର କଳ୍ପନା କରାଯାଇପାରେ ପ୍ରତ୍ୟେକ ଅବସ୍ଥା ପାଇଁ ଗୋଟାଏ ଗୋଟାଏ ଶବ୍ଦ !

ଏଭଳି ଅଜସ୍ର ଉଦାହରଣ ମିଳିବ । ଏସବୁ ଉଦାହରଣକୁ ସାମାନ୍ୟ-କରଣ କରି ହୋରଫ ଏହା ସିଦ୍ଧ କରିଥିଲେ ଯେ ଭାଷା, ସଂସ୍କୃତି ଓ ଚିନ୍ତା ପରସ୍ପର ଦ୍ୱାରା ପ୍ରଭାବିତ ।

# ଭାଷା ଓ ସଂସ୍କୃତି

ଏଭଳି ସିଦ୍ଧାନ୍ତ କ'ଣ ଠିକ୍ ? ପ୍ରତ୍ୟେକ ଭାଷାର ନିଜସ୍ୱ 'ଅଧ୍ୟାତ୍ମବାଦ' ଅଛି ବା ନିଜସ୍ୱ ଦର୍ଶନ ଅଛି ? ମନେ କରାଯାଉ ନିଉଟନ୍ ଇଂରାଜୀ ଭାଷାରେ ଚିନ୍ତା ନ କରି ବା ନ ଲେଖି ନ କରି ଯଦି 'ହୋପି' ଭାଷାରେ ଚିନ୍ତା କରି ଥାଆନ୍ତେ ଲେଖି କରି ଥାଆନ୍ତେ ତେବେ ତାଙ୍କର ପ୍ରଣୀତ ପଦାର୍ଥ ବିଜ୍ଞାନ କ'ଣ ଏବର ନିଉଟନ୍ ପଦାର୍ଥ ବିଜ୍ଞାନ ଠାରୁ ଅଲଗା ହୋଇଥାଆନ୍ତା । (ବାସ୍ତବିକ, ହୋରଫ ଆପଣାର ଗୋଟିଏ ଲେଖାରେ ଠିକ୍ ଏହି କଥା କହିଛନ୍ତି) ଆମର ପରିବେଷ୍ଟନୀ ଏହି ଦୁନିଆକୁ ପ୍ରତ୍ୟକ୍ଷ କରିବା ଓ ବୁଝିବାରେ ଭାଷାର ଭୂମିକା କ'ଣ ?

ଏ ସ୍ଥୂଳ ସମସ୍ୟା ନୁହେଁ । ଏହାକୁ ସମାଧାନ କରିବାକୁ ଯେଉଁ ଦାର୍ଶନିକ ଦୃଷ୍ଟିକୋଣ ନେବା କଥା ତାହା ବି ଏଠାରେ ବିଚାରଣୀୟ । ପ୍ରଶ୍ନ ହେଉଛି ଆଗ ଶବ୍ଦ ନା ଆଗ ବସ୍ତୁ । ଯଦି ବସ୍ତୁ ଆଗ ତେବେ ଶବ୍ଦ ଯାହା କେବଳ ବସ୍ତୁର ଗୋଟିଏ ନାମ ତାହା କେବେ ବସ୍ତୁକୁ ପ୍ରଭାବିତ କରି ପାରିବ ନାହିଁ ତେବେ ଭାଷା କ'ଣ ଚିନ୍ତା ଉପରେ କୌଣସି ପ୍ରଭାବ ପକାଏ ? ହଁ ପକାଏ ତେବେ ଚିନ୍ତା ବା ଭାବ ପ୍ରକାଶ କ୍ଷେତ୍ରରେ ପ୍ରଭାବ ପକାଏ । କିନ୍ତୁ ଭାବର ମୌଳିକ କ୍ଷେତ୍ରରେ ନୁହେଁ, ଚିନ୍ତାର ସାର ହେଲା ବାସ୍ତବତାର ପ୍ରତିଫଳନ । ଭାଷାର ଉଦ୍ଦେଶ୍ୟ ହେଲା ଏହି ବାସ୍ତବତା ବିଷୟରେ ସୂଚନା ପ୍ରେରଣ । ଏହି ଚିନ୍ତା ପ୍ରକାଶ କରିବାର ପଦ୍ଧତି ।

ଜଣେ ରୁଷ ଲୋକ କହିବ ମସ୍କୋ ଠାରୁ ଲେନିନ୍‌ଗ୍ରାଡ ୬୫୦ କିଲୋମିଟର । ଜଣେ ପୁରୁଣା ଓଡ଼ିଆ କହିବ ମହାନଦୀର ସାତକୋଶିଆ ଗଣ୍ଡିର ଲମ୍ବ ସାତକୋଶ । ଜଣେ ଇଂରାଜ ଲୋକ କହିବ ଲଣ୍ଡନରୁ ପ୍ୟାରିସ ହେଉଛି ୫୮ ମାଇଲ । ଏମାନେ ପ୍ରତ୍ୟେକ ଦୂରତ୍ୱକୁ ବିଭିନ୍ନ ଭାବରେ ଦେଖୁଛନ୍ତି ସେମାନଙ୍କର କିଲୋମିଟର, କୋଶ ବା ମାଇଲ ପରସ୍ପର ସଙ୍ଗେ ମେଳ ଖାଆନ୍ତି ନାହିଁ । କିନ୍ତୁ ଏହି ପ୍ରତିଫଳନ ପଛରେ ଯେଉଁ ବାସ୍ତବତା ରହିଛି, ତାହା ସବୁବେଳେ ରହିଛି ଓ ପ୍ରତିଫଳନ ମଧ୍ୟ ବଳବତ୍ତର ଅଛି ।

ପୃଥିବୀର ବିଭିନ୍ନ ଭାଷାର ବୈଷୟିକ ସୁବିଧା ଓ ଦୃଷ୍ଟିକୋଣ ଭିତରେ ତଫାତ୍ ରହିଛି (ତେଣୁ ଚିନ୍ତାର ଢଙ୍ଗରେ ବି ପ୍ରଭେଦ ରହିଛି) କିନ୍ତୁ ପ୍ରତ୍ୟେକ ଭାଷା ଚତୁର୍ଦ୍ଦିଗର ଦୁନିଆ ବିଷୟରେ ଏକ ପ୍ରକୃତ ଚିତ୍ର ଉପସ୍ଥାପିତ କରି ପାରନ୍ତି ।

ଏ ପୃଥିବୀରେ ବହୁ ବୈଜ୍ଞାନିକ ହୁଏତ ନାନାବିଧ ଦାର୍ଶନିକ ଦୃଷ୍ଟିକୋଣ ଧରି ପାରନ୍ତି କିନ୍ତୁ ସେମାନଙ୍କ ମଧ୍ୟରୁ ଅଧିକାଂଶ ଏକଥା ମାନନ୍ତି ଯେ ଭାଷାରେ ସ୍ଥାନ ବଡ଼ ବୋଲି କହନ୍ତି ନାହିଁ । ଆଉ ଭାବ ବା ଚିନ୍ତାକୁ ଭାଷା କେବଳ ପ୍ରକାଶ କରି ତାହାକୁ ମାର୍ଜିତ, ସଂଶୋଧନ ବା ରୂପାନ୍ତର କରି ହୁଏ ନାହିଁ ।

ଆଜକୁ କିଛି ବର୍ଷ ତଳେ ଆମେରିକାର ଚିକାଗୋ ସହରରେ ଏକ ବୈଜ୍ଞାନିକ ସମ୍ମିଳନୀ ବସିଥିଲା । ଆଲୋଚ୍ୟ ବିଷୟ ଥିଲା ହୋରଫଙ୍କ ଅନୁମାନ । ଏହି ସମ୍ମିଳନୀରେ ଭାଷାବିତ୍ ଥିଲେ ଓ ସେମାନଙ୍କ ଛଡ଼ା ଗାଣିତିକ ଯୁକ୍ତିବିତ୍, ମନସ୍ତତ୍ତ୍ୱବିତ୍, ପୁରାତତ୍ତ୍ୱବିତ୍, ଦାର୍ଶନିକ ଓ ବଂଶାବଳୀତତ୍ତ୍ୱବିତ୍ ମାନେ ଉପସ୍ଥିତ ଥିଲେ । ସେଠାରେ ଏହି ପ୍ରଶ୍ନର 'ମନୁଷ୍ୟର ବିଶ୍ୱ ଦର୍ଶନକୁ ଭାଷା କ'ଣ ନିୟନ୍ତ୍ରଣ କରେ' ଉତ୍ତର ହେଲା ବିପୁଳ ସଂଖ୍ୟାଧିକ ବୈଜ୍ଞାନିକଙ୍କ ମତରେ, 'ନାଁ' ହୋରଫଙ୍କର 'ତତ୍ତ୍ୱ' କହୁଥିଲା 'ହଁ' ।

ମନସ୍ତତ୍ତ୍ୱବିତ୍ ମାନଙ୍କ ମତରେ ଶୈଶବରୁ ଭାଷା ଶିଖିବା ପୂର୍ବରୁ ଶିଶୁ ତାର ଚତୁର୍ଦ୍ଦିଗର ଦୁନିଆକୁ ଦେଖିବାକୁ ଆରମ୍ଭ କରେ । ତେଣୁ 'ଭାଷା ଜରିଆରେ ଚିନ୍ତା' କରିବା ପୂର୍ବରୁ ମଣିଷ ଏ ସଂସାରକୁ ବିଶ୍ଳେଷଣ କରିବା ଆରମ୍ଭ କରି ଦେଇଥାଏ । ପରେ ଯେତେବେଳେ ଶିଶୁ କଥା କହିବାକୁ ଶିଖେ ସେତେବେଳେ ସେଇ ଆପଣାର ପ୍ରତ୍ୟକ୍ଷଲବ୍ଧ ଅଭିଜ୍ଞତାର ବସ୍ତୁ ଉପରେ ଭାଷାର ଶବ୍ଦର ଲେବଲ ଲଗାଏ । ତେଣୁ ଆଗ ବସ୍ତୁ ଆସିଲେ ଯାଇ ଶବ୍ଦ ଆସେ । ଆଗେ ଶବ୍ଦ ଆସି ତା'ପରେ ବସ୍ତୁ ଆସେ ନାହିଁ ।

ଚିକାଗୋର ଉକ୍ତ ଆଲୋଚନାରେ ଆମେରିକାର ପ୍ରସିଦ୍ଧ ଭାଷାବିତ୍ ଚନ୍ଦ୍ର ଉପଗ୍ରହରେ ଦୁଇଟି ଅଲଗା ଅଲଗା ଭାଷା ଭାଷୀ

ମନୁଷ୍ୟଙ୍କର କାଳ୍ପନିକ ଅବତରଣ କଳ୍ପନା କରି ମନ୍ତବ୍ୟ କରିଥିଲେ ଯେ ଏମାନେ ମନେ କରନ୍ତୁ ପୃଥିବୀଠାରୁ ଏକ ଅଲଗା ପରିବେଶ ଯଥା ଚନ୍ଦ୍ରରେ ଯାଇ ପହଞ୍ଚିଛନ୍ତି । ସେମାନେ ସେଠାରୁ ଫେରି ଆପଣା ଆପଣାର ଅଭିଜ୍ଞତା ବଖାଣିଛନ୍ତି । ଯଦି ହୋର୍ଫଙ୍କର ମତ ଠିକ୍ ତେବେ ଆମେ ତ ଉଭୟଙ୍କର ବର୍ଣ୍ଣନାରେ ଚନ୍ଦ୍ର ବିଷୟରେ ଦୁଇଟା ସଂପୂର୍ଣ୍ଣ ଅଲଗା ଅଲଗା ଛବି ପାଇଥାନ୍ତେ । ଗୋଟାଏ ହୁଅନ୍ତା ମନେକର ରୁଷ ଚନ୍ଦ୍ର ଆଉଟି ଆମେରିକା ଚନ୍ଦ୍ର ବିଷୟର ଅଭିଜ୍ଞତା । କିନ୍ତୁ ଏହା ତ ହୋଇ ନାହିଁ ବା ହୁଏ ନାହିଁ । ତେଣୁ ହୋର୍ଫଙ୍କର ଅନୁମାନ ଠିକ୍ ନୁହେଁ ।

ଚନ୍ଦ୍ର ପର୍ଯ୍ୟନ୍ତ କାହିଁକି ଯିବା, ଆମର ଏହି ଧରାତଳରେ ତ ଏକ ହଜାର ବର୍ଷ ତଳେ ଆରବ ବଣିକମାନେ ଉତ୍ତର ସାଗର ଅଞ୍ଚଳକୁ ବାଣିଜ୍ୟ ବ୍ୟବସାୟ କାର୍ଯ୍ୟରେ ଗଲାବେଳେ ନରୱେୟାନ୍ ଆଦିବାସୀମାନଙ୍କୁ ଭେଟି-ଥିଲେ । ସେମାନଙ୍କର ତରଙ୍ଗ, ଗୃହାଚାଳଣି ଓ ଶୀତଋତୁ ତ ଆରବ ବଣିକ ଜଳଯାତ୍ରୀମାନଙ୍କର ଗୋଚରରେ ପଡ଼ିବାକୁ ନଥିଲା ବରଂ ଏବେ ଚନ୍ଦ୍ରଜଗତ୍ ଠାରୁ ପୃଥିବୀ ଜଗତର ଯେଉଁ ପାର୍ଥକ୍ୟ ସେତେବେ ଏହି ଦୁଇ ଅଞ୍ଚଳ ଭିତରେ ସେଭଳି ପାର୍ଥକ୍ୟ ଥିଲା । ତା' ଛଡ଼ା ଆରବୀ ଭାଷା ନରୱେୟାନମାନଙ୍କ ଭାଷା-ଠାରୁ ବି ସଂପୂର୍ଣ୍ଣ ଭିନ୍ନ ଥିଲା । ତଥାପି ଆରବ ବଣିକ ଯାତ୍ରୀମାନେ ସେତେବେଳର ଉତ୍ତର ମହାସାଗର ଅଞ୍ଚଳର ଯେଉଁ ବର୍ଣ୍ଣନା ଦେଇଛନ୍ତି ତା' ସଙ୍ଗେ ନରୱେୟାନମାନଙ୍କର ସେତେବେଳର ଆପଣା ଭାଷାର ବର୍ଣ୍ଣନା ତ ମିଳିଯାଉଛି । ଆମେ ସେହି ଦୃଶ୍ୟମାନ ଦୁନିଆ, ସେହି ଘଟଣା, ବସନ୍ତ ଓ ପର୍ବତମାଳାର ବର୍ଣ୍ଣନା ଉଭୟ ଆରବୀ ଓ ନରୱେୟାନ ଭାଷାରେ ପାଉଛୁଁ । ଅବଶ୍ୟ ପ୍ରତ୍ୟେକ ଭାଷା ଆପଣା ରୀତିରେ ପୃଥିବୀର ବର୍ଣ୍ଣନା କରିଛି କିନ୍ତୁ ସେମାନଙ୍କର ଶେଷ ସନ୍ଦେଶ ଯାହା ମିଳୁଛି ସେଥିରେ ତ ପରସ୍ପର ବିରୋଧା-ଭାସ କିଛି ନାହିଁ କହିଲେ ହୁଏ ।

ହୋର୍ଫ୍ ସେ ପର୍ଯ୍ୟନ୍ତ ଠିକ୍ ଥିଲେ ଯେ କେତେକ ନିର୍ଦ୍ଦିଷ୍ଟ ପରିସ୍ଥିତିରେ ଭାଷା ଆମର ଚିନ୍ତା ଉପରେ ପ୍ରଭାବ ପକାଏ (ଚିନ୍ତାର ସ୍ତରରେ କିନ୍ତୁ ଚିନ୍ତାର ସାରସ୍ୱତରେ ନୁହେଁ, ଏକଥା କୁହା ସରିଛି) ତେଣୁ, ବେଳେ ବେଳେ ଲୋକଙ୍କର ଆଚରଣ ଉପରେ ବି ପ୍ରଭାବ ପକାଏ । ହୋର୍ଫ ତାଙ୍କର ଭାଷାତତ୍ତ୍ୱ ଆଲୋଚନା ପାଇଁ ପ୍ରବୃତ୍ତ ହେବାର ପ୍ରଥମ ଘଟଣା ଥିଲା

ପେଟ୍ରୋଲ ଟ୍ୟାଙ୍କରେ ନିଆଁ । ଖାଲି ପେଟ୍ରୋଲ ଟ୍ୟାଙ୍କରେ ନିଆଁ ଲାଗେ ନାହିଁ ଏକଥା ଉପରେ ନିର୍ଭର କରି କେହି କେହି 'ଖାଲି' ଲେଖା ଥିବା ପେଟ୍ରୋଲ ଟ୍ୟାଙ୍କରେ ଜଳନ୍ତା ଦିଆସିଲି ବା ସିଗାରେଟ୍ ପୋପାଡୁଥିଲେ । କିନ୍ତୁ ଖାଲି ପେଟ୍ରୋଲ ଟ୍ୟାଙ୍କରେ ନିଆଁ ଧରିଲା । ଏହାର କାରଣ ଥିଲା ପେଟ୍ରୋଲ ଟ୍ୟାଙ୍କରେ ତରଳ ପେଟ୍ରୋଲ ଦିନା ନଥିଲା ସେଥିରେ ପେଟ୍ରୋଲ ବାଷ୍ପ ଥିଲା । ତେଣୁ ନିଆଁ ଧରିବା ସ୍ୱାଭାବିକ ଥିଲା । ହୋରଫ ଏଥିରୁ ସ୍ଥିର କଲେ ଯେ 'ଖାଲି' ଏହି ଶବ୍ଦର ଭାଷାଗତ ଅର୍ଥ ହିଁ ମନୁଷ୍ୟର ଜଳନ୍ତା ସିଗାରେଟ ବା ଦିଆସିଲି କାଠି ଫିଙ୍ଗିବାର କାରଣ ହେଲା । ମନୁଷ୍ୟର ଆଚରଣରେ ତାରତମ୍ୟ ହେଲା । କିନ୍ତୁ ହୋରଫ ଏକଥା ଭୁଲି ଯାଇଥିଲେ ଯେ ଚିନ୍ତା ସବୁବେଳେ ବାସ୍ତବ ଦ୍ୱାରା ପ୍ରଭାବିତ ହୁଏ, ମନୁଷ୍ୟର ବ୍ୟାବହାରିକ ଅଭିଜ୍ଞତା ହିଁ ଓ ବାସ୍ତବ ଜୀବନ ହିଁ ଚିନ୍ତାର ପ୍ରଧାନ ଉଟଗାବ୍ୟ । ତେଣୁ ଶେଷ କଥାରେ, ଜୀବନ ଓ ବାସ୍ତବ ହିଁ ସବୁଠାରୁ ପ୍ରଭାବଶାଳୀ ଭୂମିକାରେ ରହେ, ଭାଷା ରହେ ନାହିଁ ।

ସେହି ଖାଲି ପେଟ୍ରୋଲ ଟାଙ୍କି କଥା ହିଁ ଧରାଯାଉ । ଏଭଳି ଭୁଲ ଆଚରଣ ସବୁ ଦେଶରେ ହିଁ ଘଟିପାରେ । 'ଖାଲି' ବା 'ଶୂନ୍ୟ' ବୋଲି ଭାବ ସବୁ ଦେଶରେ 'ଖାଲି' ବା 'ଶୂନ୍ୟ' । ଫରାସୀ ଏହାକୁ 'ଭାଇଡସ୍' କହନ୍ତି ରୁଷ କହନ୍ତି 'ପୁଷ୍ଟି' ବା 'ପୁସ୍ତି' ଜର୍ମାନ୍ କହନ୍ତି 'ଲେ···ର', ଇଂରାଜ କହନ୍ତି 'ଏମ୍ପଟି' ଜାପାନୀ କହନ୍ତି 'କାରା' ଇତ୍ୟାଦି । ତେବେ ଏଭଳି ନିଆଁ ଲାଗିବା କାର୍ଯ୍ୟ କୌଣସି ପେଟ୍ରୋଲ ତିଆରି ହେଉଥିବା ସହର ବା ଅଞ୍ଚଳରେ ଘଟିବ ନାହିଁ । କାରଣ ସେଠାରେ ଖାଲି ପେଟ୍ରୋଲ ଟ୍ୟାଙ୍କି ବୋଲି କହିଲେ ତରଳ ପେଟ୍ରୋଲରେ ଖାଲି ବୋଲି ବୁଝାଯାଏ ନାହିଁ । ସେଠାରେ 'ଖାଲି' ବୋଲି କହିଲେ ତରଳ ପେଟ୍ରୋଲ ଛଡ଼ା ପେଟ୍ରୋଲ ବାଷ୍ପ ବି ବୁଝାଏ । ତେଣୁ ଏଠାରେ ମୁଖ୍ୟ କଥା ଇଂରାଜ କି ରୁଷ ଭାଷା ନୁହେଁ, ମୁଖ୍ୟ କଥା ଯେଉଁ ଲୋକେ ପେଟ୍ରୋଲର ଗତିପ୍ରକୃତି ଜାଣନ୍ତି ତାଙ୍କର ଭାଷା ଓ ଯେଉଁ ଲୋକେ ପେଟ୍ରୋଲ ବିଷୟରେ ଜାଣନ୍ତି ନାହିଁ ତାଙ୍କର ଭାଷା ଭିତରେ ପ୍ରଭେଦ । ନୂଆ ଅଭିଜ୍ଞତା ଫଳରେ ଆପଣାର ଜ୍ଞାନ ବଢ଼େ ଚିନ୍ତା ସମୃଦ୍ଧ ହୁଏ ନୂଆ ଭାବ ଉଦ୍ରେକ ହୁଏ ଓ ସେହି ଭାବ ପ୍ରକାଶ ପାଇଁ ଶବ୍ଦ ବି ଉଦ୍ରେକ ହୁଏ ।

ଆମର ଓଡ଼ିଆ ଭାଷାରେ ଯେଉଁ ଶବ୍ଦ ପୂର୍ବେ ନଥିଲା ଅଥବା ଯେଉଁଭଳି ଶବ୍ଦର ସମାସ ପୂର୍ବେ ଦରକାର ପଡ଼ୁ ନଥିଲା ତାହା ତ ଏବେ ଦରକାର ପଡ଼ୁଛି । କାରଣ ନୂତନ ଭାବ ପ୍ରକାଶ ପାଇଁ ଏହି ଶବ୍ଦର ସମାହାର ବା ନୂତନ ଶବ୍ଦର ଉଦ୍ଭାବନ ଦରକାର ହେଉଛି । ଏ ଘଟଣା ସବୁ ଭାଷାରେ ଘଟୁଛି । ଅନେକ ପରଦା କ୍ଷେତ୍ରରେ ଆମେ ଆଗରୁ ଦେଖି ସାରି-ଥାଇଁ ରୁଷ ଭାଷାରେ ଦୁଇ ଧରଣର ମାଛ ଅଛି ଓ ସେଥିପାଇଁ ଦୁଇଟି ଶବ୍ଦ ଅଛି । ଓଡ଼ିଆରେ ଏହାକୁ ଆମେ ମାଛ ଓ ଘନମାଛ ବୋଲି ଦୁଇଟି ଶବ୍ଦ କରିଛୁଁ । କିନ୍ତୁ ମାଛ ଯେଉଁଛି ଏକକ ଶବ୍ଦ ଘନ ମାଛ ସମାସ ବା ଯୌଗିକ ଶବ୍ଦ । ଇଂରାଜୀରେ ସେପରି 'ଲାଇଟ୍-ବ୍ଲୁ' ବା 'ରୟେଲ-ବ୍ଲୁ' ଓ ଡାର୍କ ବ୍ଲୁ ବା ନେଭି ବ୍ଲୁ ବୋଲି ଯୌଗିକ ଶବ୍ଦ ଗଢ଼ାଯାଇଛି । ଜର୍ମାନ ଭାଷାରେ ବି ସେପରି ହୋଇଛି 'ହେଲବ୍ଲାଉ' ଓ 'ଡ଼ାଙ୍କେବ୍ଲାଉ' ଦୁଇଟି ଯୌଗିକ ଶବ୍ଦ । କାରଣ ଯେତେବେଳେ ଇଂରାଜ ଓ ଜର୍ମାନ ଭାଷାଭାଷୀଙ୍କର ପ୍ରତୀତ ହେଲା ଯେ ଏଭଳି ଦୁଇଟି ରଙ୍ଗକୁ ଅଲଗା ଅଲଗା କରି ଚିହ୍ନିବା ଦରକାର ସେତେବେଳେ ସେମାନେ ଏଭଳି ଯୌଗିକ ଶବ୍ଦ ଗଢ଼ିବାକୁ ବାଧ୍ୟ ହେଲେ ।

ଏ ଦୁନିଆ ବହୁବିଧ ଘଟଣାମୟ, ଅନନ୍ତ ବସ୍ତୁମୟ, ଯେ କୌଣସି ଭାଷାର ଶବ୍ଦ ସଂଖ୍ୟା ତା ତୁଳନାରେ ସୀମିତ । ସ୍ୱାଭାବିକ ଭାବରେ ପୃଥିବୀର ଅସଂଖ୍ୟ ବିଭିନ୍ନତାକୁ (ମନେ କର ବସ୍ତୁ ବର୍ଣ୍ଣର କଥା) କେତୋଟି ସଂଖ୍ୟାର ଭାବ-ଶବ୍ଦରେ ପ୍ରକାଶ କରିବାକୁ ହେଲେ ଆମକୁ କେତେ ଗୁଡ଼ିଏ ଅପ୍ରଧାନ ବିଭାଗକୁ ଛାଡ଼ି ଦେବାକୁ ପଡ଼େ ଓ କେତେ ଗୁଡ଼ିଏ ପ୍ରଭାବଶାଳୀ ବିଭାଗକୁ ଧରିବାକୁ ପଡ଼େ । ଜଣେ ଚିତ୍ରକର ଯେତେବେଳେ ବିଭିନ୍ନ ରଙ୍ଗର ସୂକ୍ଷ୍ମ ପ୍ରଭେଦ ଦର୍ଶାଇ ଆପଣାର ଚିତ୍ର ରଞ୍ଜିତ କରିବାକୁ ଲୋଡ଼େ ସେତେବେଳେ ସେ ବିଭିନ୍ନ ରଙ୍ଗର ନାମକରଣ କରିବାକୁ ବାଧ୍ୟ ହୁଏ ଅଥଚ ସାଧାରଣ ଜୀବନରେ ଆମର ସେତେଗୁଡ଼ିଏ ରଙ୍ଗର ନାମକରଣ ଦରକାର ହୁଏ ନାହିଁ । ସାଧାରଣ ଲୋକ ପାଇଁ 'କୁକୁର' ବୋଲି ଶବ୍ଦଟି ଯଥେଷ୍ଟ କିନ୍ତୁ ଜଣେ କୁକୁର-ପ୍ରିୟ ଲୋକ ପାଇଁ କୁକୁରଟି ଡାହକ କୁକୁର, ଛେଲଆ କୁକୁର ନାଁ ଆଉ କିଛି ଏଭଳି ଭାବରେ ବାଛିବାକୁ ପଡ଼େ । ଯେଉଁଠିକି ଯାଏ ବର୍ଣ୍ଣନା କଲେ ଚଳିବ ସେତିକି ଯାଏ

ବର୍ଣ୍ଣନା ପାଇଁ ଆମେ ଆମ ଭାଷାକୁ ଚଳାଉଁ କିନ୍ତୁ ଯଦି ବେଶି ଖୁଣ୍ଟିନାଟି ବର୍ଣ୍ଣନା ଆବଶ୍ୟକ ହୁଏ ଓ ଅଧିକା ଅର୍ଥର ପାର୍ଥକ୍ୟ ଦେଖାଇବାକୁ ପଡ଼େ ସେତେବେଳେ ଭାଷା ଆମକୁ ସେହି ନୂତନ ଭାବ ପାଇଁ ଖୋରାକ ବା ଶବ୍ଦ ଯୋଗାଏ । ଜୀବନର ଅଭିଜ୍ଞତାରୁ ଆମେ ଚିନ୍ତାର ମାର୍ଜିତ ଅବସ୍ଥା ଶିଖୁଁ ।

ତେବେ ଏଭଳି ଅବସ୍ଥା ବି ଉପୁଜି ପାରେ ଯେତେବେଳେ ଅଭିଜ୍ଞତା ନ ଥାଏ ଅଥଚ ଦରକାର ଆସିଯାଏ । ଜୀବନ ଆମକୁ କୌଣସି ନିର୍ଦ୍ଦିଷ୍ଟ ଧରଣର ବସ୍ତୁକୁ ଶ୍ରେଣୀ ବିଭାଗ କରିବା ଶିଖାଇବା ପୂର୍ବରୁ ଆମକୁ ବସ୍ତୁ ବିଷୟରେ ଧାରଣା କରିବାକୁ ପଡ଼େ । ସେ ଭଳି ଅବସ୍ଥାରେ ଆମେ କିଛି କାଳ ଉକ୍ତ ବିଷୟରେ ଅଜ୍ଞ ରହୁଁ । ଏଭଳି ସ୍ଥଳେ ହିଁ ସାଧାରଣତଃ ଭୁଲ ଦେଖାଦିଏ । ବିଷୟଟି ବିଷୟରେ ଅଜ୍ଞତା ଯୋଗୁଁ ଭୁଲ ଚିନ୍ତାଧାରା ହୁଏ ଓ ଦୁର୍ଘଟଣା ଘଟେ ଯେପରି ପେଟ୍ରୋଲ ଟ୍ୟାଙ୍କରେ ନିଆଁ ଲାଗିବା କଥା । ଯଦି ଆମର ଚିନ୍ତା ଭେ-ଭୁଲ ଭାଷା ପ୍ରୟୋଗ ଫଳରେ ହେଉ ବା ଅନ୍ୟ କୌଣସି କାରଣରୁ ହେଉ-ପୃଥିବୀର ଏକ ବିକଳାଙ୍ଗ ଚିତ୍ର ପ୍ରକାଶ ପାଇଲା ତେବେ ଜୀବନର ବ୍ୟାବହାରିକ ଅଭିଜ୍ଞତା ଶୀଘ୍ର ହେଉ ବା ବିଳମ୍ବରେ ହେଉ ସେ ଚିତ୍ରକୁ ସଜାଡ଼ି ଠିକ୍ କରିଦେବ ।

ବାସ୍ତବ ଜୀବନ କ୍ଷେତ୍ରରେ ଏଭଳି ବିଭାଗ ଅଛି ଯେଉଁଗୁଡ଼ିକ ଉଲ୍ଲିଖିତ ଅଭିଜ୍ଞତାରୁ ବା ସୀମିତ ପ୍ରୟୋଗ ପରୀକ୍ଷାରୁ ଧରି ହୁଏ ନାହିଁ । ସେଥିପାଇଁ ବହୁ ଅଭିଜ୍ଞତା ଦରକାର ହୁଏ । ତେଣୁ ସିନା କୁହାଯାଏ ବହୁ ଧକ୍କା ଖାଇଲେ ଲୋକ ଶିଖେ । ହଜାର ହଜାର ବର୍ଷ ହେଲା ମଣିଷ ପୃଥିବୀର ଏକ ସୁସ୍ଥ ଚିତ୍ର ପାଇବାକୁ, ଏହାର ଗଢ଼ଣ ବୁଝିବାକୁ ଚେଷ୍ଟା କରି ଆସିଛି । ନୋହିଲେ ଜୀବନ୍ତ ପ୍ରକୃତିରେ ଯାହା ଘଟୁଛି ତାହାର ଯୁକ୍ତି ସଙ୍ଗତ ଓ ଲକ୍ଷ୍ୟ ସମ୍ମତ ବିବରଣୀ ବାହାର କରିବାକୁ ମଣିଷ ଉଦ୍ୟମ କରୁଛି । ମଣିଷ ବୁଝିବାକୁ ଚେଷ୍ଟା କରୁଛି ବଂଶାନୁଗୁଣ ପଛରେ କେତେ ସତ୍ୟ ଅଛି ? ପିଲାମାନେ ବାପ ମାଙ୍କର ଭଳି ଦିଶନ୍ତି କାହିଁକି ? ମନୁଷ୍ୟ ମସ୍ତିଷ୍କରେ ଯେଉଁ କ୍ରିୟା ଚାଲେ ତାହା ପଛରେ କି ଶକ୍ତି କାର୍ଯ୍ୟ କରୁଛି ଇତ୍ୟାଦି ।

ଏ ପର୍ଯ୍ୟନ୍ତ ଏସବୁ ବିଷୟରେ ଖାଲି କଳ୍ପନା ଓ ଅନୁମାନହିଁ ସାର ଥିଲା । ମନୁଷ୍ୟ ଏବେ ଏହାକୁ ବିଶ୍ଳେଷଣ ଓ ପରୀକ୍ଷା ର ନିୟମିତ ଧାରାରେ ଚଳାଇବାରେ ସମର୍ଥ ହୋଇଛି । ଏବେ ବି ଯେ ମଣିଷ ଭିତରେ ପୁରାଣ କିମ୍ବଦନ୍ତୀ, ଅନ୍ଧବିଶ୍ୱାସ, ଅତ୍ୟଧ୍ୟାତ୍ମବାଦ ଓ ଧର୍ମ ବସା ବାନ୍ଧିଛି ତା'ର କାରଣ ହେଉଛି ଏହି ରହସ୍ୟ ପ୍ରହେଳିକାକୁ ଏବେ ବି ମନୁଷ୍ୟ ବିଜ୍ଞାନର ଆଲୋକରେ ପରୀକ୍ଷା କରି ନ ଥିଲା । ଏଇଠି ଭାଷା ବି ମନୁଷ୍ୟ ଚିନ୍ତା ଉପରେ ପ୍ରଭାବ ପକାଇଛି ବୋଲି ଆମେ କହିପାରୁ । ଆମେ ଯେତେବେଳେ କହୁଁ 'ବୋଧହୁଏ' ସେତେବେଳେ ଆମେ ନିଶ୍ଚିତ ନୋହୁଁ କାରଣ ସମସ୍ୟାଟି ସାକାର ରୂପରେ ବିଜ୍ଞାନ ଆଲୋଚନାରେ ସାବ୍ୟସ୍ତ ହୋଇନାହିଁ । କିନ୍ତୁ ଯେଉଁ ମୁହୂର୍ତ୍ତରେ ବିଜ୍ଞାନ ସମସ୍ୟାଟିକୁ ଧର୍ମ ହାତରୁ ଛଡ଼ାଇନେଇ, ଓ ସବୁ ପ୍ରକାର କଳ୍ପନା ଜଳ୍ପନାକୁ ଇତିଶ୍ରୀ କରି ସମାଧାନ କରିବାରେ ପ୍ରବୃତ୍ତ ହୁଏ ସେତେବେଳେ ଏହି କ୍ଷେତ୍ରରେ ଭାଷାର ପ୍ରଭାବ ଆଉ କାବୁ ଖଟେଇ ପାରେ ନାହିଁ । ଏବେ ବି ଭାଷାରେ ଆମେ କହୁଁ "ସୂର୍ଯ୍ୟ ଉଇଁଲେ" "ମୁଁ କ୍ରୋଧରେ ହତଜ୍ଞାନ ହୋଇଗଲି ।" କିନ୍ତୁ ଏବେ ବି ପ୍ରତ୍ୟେକ ସ୍କୁଲ ପିଲା ଜାଣେ ଯେ ସୂର୍ଯ୍ୟ ପୃଥିବୀ ବୃତ୍ତପଥରେ ଘୂରେ ନାହିଁ ବା ଆମ ଦେହରୁ ଦେହରୁ କେବେ ଜ୍ଞାନ ବା ଆତ୍ମା ଛୁଟି ବାହାରିଗଲେ ତାହା ଫେରି ଆସେ ନାହିଁ ।

ପୁରାଣ କାହାଣୀ ଓ ସାହିତ୍ୟରେ ଭାଷାର ପ୍ରଭାବ ଚିନ୍ତା ଉପରେ ପଡ଼େ । କାରଣ ଏହି କାହାଣୀମାନଙ୍କରେ ଉପମା ଓ ତୁଳନା ସବୁ ଲିଙ୍ଗର ବିଭିନ୍ନତାରେ ଦେଖାଦିଏ ।

'ପାହିଲାଣି ଘୋର ତାମସୀ ରଜନୀ'

—ରାଧାନାଥ

ଏଠାରେ ରଜନୀ ବା ରାତି ଏକ ସ୍ତ୍ରୀ ଓ ତାହା ଆଗରେ ବିଶେଷଣ ତାମସୀ । ଆମର ପୁରାଣ ଅନୁସାରେ ଚନ୍ଦ୍ର ଏକ ପୁରୁଷ ଓ ରାତି ଜ୍ୟୋସ୍ନା, ରୋହିଣୀ ଇତ୍ୟାଦି ତାଙ୍କର ସ୍ତ୍ରୀ କିନ୍ତୁ ପୃଥିବୀରେ ବହୁତ ଭାଷା ଅଛନ୍ତି ଯେଉଁ ଭାଷାରେ ଚନ୍ଦ୍ର ଏକ ସ୍ତ୍ରୀ । ପୁଂଲିଙ୍ଗ ଓ ସ୍ତ୍ରୀ ଲିଙ୍ଗର ତାରତମ୍ୟ ଉପରେ ପ୍ରକୃତିର ବହୁ ବିଷୟରେ କେତେକ ଭାଷାରେ ବହୁ ପୁରୁଣା କାହାଣୀ ରହିଛି । କିନ୍ତୁ ଅନ୍ୟ ଭାଷାରେ ଏଭଳି କାହାଣୀ ଅର୍ଥହୀନ

ହୋଇପାଏ । ଭାଷା କ୍ଷେତ୍ରରେ ଏହି ପ୍ରଭେଦର ଅନୁସନ୍ଧାନ ଆହୁରି ହେବାକୁ ବାକି ଅଛି । ହେଲେ ସେଥିରୁ କେତେକ କୌତୂହଳକର ବିଷୟ ବାହାରିବ ।

## ହୁନ ଆଉ 'ମଡେ଼ଲ'

ଏ ଦୁନିଆ ବିଷୟରେ ଦର୍ଶନ, ବିଜ୍ଞାନ ଓ ଶିଳ୍ପକଳା ବହୁ ପ୍ରକାର ମଡେଲ କରିଛନ୍ତି ।

ଏହି ମଡେ଼ଲ ବ୍ୟବସ୍ଥାର ଗୋଟିଏ ବଡ଼ ଉପକରଣ ହେଲା ଆମର ନିତିଦିନିଆ ଜୀବନର ଭାଷା, ମନୁଷ୍ୟ ସମାଜରେ ସୂଚନା ପ୍ରେରଣର ପ୍ରଧାନ ବାହନ ହେଲା ଭାଷା । ତେବେ, ଆଗରୁ କୁହାଯାଇଛି, ଭାଷା କେବଳ ସୂଚନା ପ୍ରେରଣ କରେ ନାହିଁ ଏହା ସେହି ସୂଚନାକୁ ଆପଣାର ଛାଞ୍ଚରେ ଢାଳି ଆପଣା ଢଙ୍ଗରେ ପଠାଏ । ଭାଷାର ତ୍ରିକୋଣ ଘନକାଚ ଫଳକ ଭିତରେ ବାହାର ବସ୍ତୁ ବା ଘଟଣାର ପ୍ରତିଛବି ପଡ଼ି ସେଥିରୁ ଯେଉଁ ଭାବ-ପ୍ରକାଶ ବାହାରେ ତାହା ହିଁ ଭାଷାର ସୂଚନା । ଏହା ହିଁ ଭାଷାଠାରୁ ଅନ୍ୟ ବୈଷୟିକ କୋଡ଼୍‌ର ପ୍ରଭେଦ । କୋଡ଼୍ ନିର୍ବିକାର ଭାବରେ ସୂଚନା ପ୍ରେରଣ କରେ । କିନ୍ତୁ ଭାଷା ତାହାକୁ ମଡେ଼ଲ କରେ ଓ ତାହାକୁ ତଉଲି ମୂଲ୍ୟାଙ୍କନ କରି ପ୍ରେରଣ କରେ ।

କାର୍ଲମାର୍କସ କହିଥିଲେ ଭାଷା ହେଲା ନିରାକାର ଚିନ୍ତାରେ ସାକାର ବାସ୍ତବ ରୂପ । ଏହା ଯଥାର୍ଥ । ହୋରଫଙ୍କର ଅବଦାନ ହେଲା ଏହି ଯେ ସେ ଏହି ସାକାର ଜିନିଷ ଉପରେ ପ୍ରଥମେ ତର୍ଜମା ଚୋଳି ଦେଖାଇ ଦେଲେ । ବିଭିନ୍ନ ଭାଷାରେ ବାସ୍ତବ ଯେଉଁ ମଡେ଼ଲ ବା ରୂପ ପରିଗ୍ରହ କରୁଛି ତାହା ଦେଖାଇବାରେ ହୋରଫ ଭାଷା ବିଜ୍ଞାନର ବହୁତ ଉପକାର କରିଛନ୍ତି ।

ଅବଶ୍ୟ ହୋରଫ ଅତ୍ୟନ୍ତ ଉତ୍ସାହରେ ଭାଷାକୁ ଏହି ରୂପ ପରି-ଗ୍ରହଣର ପ୍ରଧାନ ହତିଆର ଓ ମୂଳ ହତିଆର ବୋଲି କହିଛନ୍ତି । ତଥାପି ଏକଥା ସବୁବେଳେ ଚିନ୍ତା ଜଗତରେ ଦେଖାଯାଇଥାଏ, ଯେ ଯେଉଁ ତଥ୍ୟ ବା ଅନୁମାନରେ ଯୁକ୍ତି ବା ସନ୍ଦେହର ଅବକାଶ ଅଛି, ଅର୍ଥାତ୍ ଯାହା

ବିତର୍କ-ସାପେକ୍ଷ ସେଥିରୁ ସତ୍ୟ ବାହାର ଆଏ । ସେହି ଦୃଷ୍ଟିରୁ ଭାଷା ବିଜ୍ଞାନ ହୋଇଫଙ୍କ ନିକଟରେ ନିଶ୍ଚୟ ଋଣୀ ।

ଆଧୁନିକ ପୃଥିବୀରେ ଭାଷା ପୃଥିବୀକୁ ଚିନ୍ତିବା ଓ ଅନୁସନ୍ଧାନ କରିବାରେ ଏକମାତ୍ର ହତିଆର ନୁହେଁ । କିନ୍ତୁ ଅନ୍ୟ ସବୁ ପ୍ରକାର ଚିନ୍ତିବା ଓ ଅନୁସନ୍ଧାନ କରିବାର ହତିଆର ଉପରେ ଆପଣାର ପ୍ରଭାବ ପକାଇ-ଥାଏ ।

ପ୍ରାକୃତିକ ବିଜ୍ଞାନ, ଗଣିତ ଓ ଶିଳ୍ପକଳା ଶିଖିଲା ବେଳକୁ ଆମେ-ମାନେ ଏପରି ଏକ ବୟସର ସୀମାରେ ପହଞ୍ଚି ସାରି ଥାଉଁ ଯେ ସେତେ-ବେଳେ ଆମେ ଆମର ଚତୁର୍ଦ୍ଦିଗର ଦୁନିଆ ବିଷୟରେ ସମ୍ୟକ ଧାରଣା ଗ୍ରହଣ କରି ସାରିଥାଉଁ । କିନ୍ତୁ ଭାଷା ପହିଲି ଶୈଶବ ବୟସରୁ ଆମର ଝଡ଼ିଚୁଆଁ ଭିତରେ ପଡ଼େ । ଭାଷା ହେଉଛି ଏ ସବୁଠାରୁ ପୁରୁଣା ଓ ତାହାର ସାଧାରଣ ମୂଳଦୁଆ । ଭାଷାର କଲ୍ୟାଣରୁ ଆମେ ଏଭଳି ଦୃଶ୍ୟମାନ ଘଟଣା ଆଲୋଚନା କରୁ ଯାହା ବିଜ୍ଞାନ ଏ ପର୍ଯ୍ୟନ୍ତ ଯଥାଯଥ ଭାବରେ ନିର୍ଣ୍ଣୟ କରି ପାରି ନାହିଁ । ଭାଷା ବଳରେ ଆମେ ଅଗୋଚର, କାଳ୍ପନିକ ଓ ଏପରିକି ଅସମ୍ଭବ ବିଷୟ ବି ଚିନ୍ତା କରିବାର କ୍ଷମତା ଅର୍ଜନ କରିଛୁ । ଭାଷା ଆମକୁ କେବଳ ସୂଚନା ପ୍ରେରଣର ଅଧିକାର ଦେଇ ନାହିଁ ତାହା ଆମକୁ ଉକ୍ତ ସୂଚନା ପ୍ରତି ଆମର ମନୋଭାବ ବ୍ୟକ୍ତ କରିବାର ଶକ୍ତି ବି ଦେଇଛି ।

ବିଖ୍ୟାତ ବୈଜ୍ଞାନିକ ଆଇନଷ୍ଟିନ ଥରେ କହିବାର ଶୁଣାଯାଇ-ଥିଲା ଯେ କୌଣସି ବୈଜ୍ଞାନିକ ସୂତ୍ର ମାଧ୍ୟମରେ ଚିନ୍ତା କରେ ନାହିଁ । ଭାଷା ଇତର ସବୁ ସଙ୍କେତ ବ୍ୟବସ୍ଥା ହେଉଛନ୍ତି ଶାଖା, ସାହାଯ୍ୟକାରୀ ଅସମ୍ପୂର୍ଣ୍ଣ । ସେଭଳି ସଙ୍କେତ ଅତ୍ୟନ୍ତ କଠୋର, ଅତ୍ୟନ୍ତ ନିୟମ-ହୋଇସ୍ତ ଓ ଅତ୍ୟନ୍ତ ସ୍ଥାଣୁ । ସେମାନଙ୍କ ତୁଳନାରେ ଭାଷା ଚଞ୍ଚଳ, ନମନୀୟ ଓ ବହୁ ପରିମାଣରେ ସଂପୂର୍ଣ୍ଣ ।

ଏହାଛଡ଼ା ବି ଭାଷାର ଅନ୍ୟ ସବୁ ସଙ୍କେତଠାରୁ ଆଉ ଏକ ପ୍ରଚଣ୍ଡ ସୁବିଧା ରହିଛି । ଭାଷା ସବୁ ଲୋକ ପରସ୍ପରରେ ବୁଝିପାରେ, ଏହାର ସାହାଯ୍ୟରେ ଆମେ ଦୁନିଆର ମଡ଼େଲ କରିପାରୁ । ବିଜ୍ଞାନର ଭାଷା ବା

ଶିଳ୍ପକଳାର ସଙ୍କେତ ବୁଝିବାକୁ ହେଲେ ଆମକୁ ସ୍ୱତନ୍ତ୍ର ତାଲିମ ନେବାକୁ ପଡ଼େ । ଭାଷା କ୍ଷେତ୍ରରେ ତାହା ପଡ଼େ ନାହିଁ । ଭାଷା ସାର୍ବଜନୀନ ।

ଜଣେ ଅସାଧାରଣ ଶିଳ୍ପୀ ଆପଣାର ନିଜସ୍ୱ ଶୈଳୀ ଗଢ଼ିପାରେ, ତାର ନିଜର ଶିଳ୍ପର 'ଭାଷା' ଗଢ଼ିପାରେ । ଜଣେ ବୈଜ୍ଞାନିକ ତା'ର ନିଜ ବିଦ୍ୟାରେ ଯଥା ପଦାର୍ଥବିଦ୍ୟା, ରସାୟନ, ଗଣିତ, ବା ସୂକ୍ଷ୍ମ ଗଣିତରେ ଆପଣାଲାଗି ଏକ ନୂତନ ସଙ୍କେତ ବ୍ୟବସ୍ଥା କରିନେଇ ପାରେ । କିନ୍ତୁ ଯେତେ ପ୍ରତିଭାଶୀଳ ହେଲେ ବି, ଏମାନଙ୍କ ଭିତରୁ କେହି ଗୋଟିଏ ଜାତିର ମାତୃ-ଭାଷା ବଦଳରେ ଆଉ ଏକ ଭାଷା ଚଳେଇ ପାରିବ ନାହିଁ । କେହି ସେହି ମାତୃଭାଷାଠାରୁ ଅଲଗା ବା ଆଉ ଏକ କୃତ୍ରିମ ଭାଷା କୌଣସି ଭାଷାଭାଷୀ ଜନତା ମୁହଁରେ ଭରି ଦେଇପାରିବ ନାହିଁ । ପଲ୍ଲ ଶୈଶବରୁ ଆମେ ଭାଷା ଶିଖୁ, ଅଜ୍ଞାନରେ ଶିଖୁ, କେବଳ ପଛେ ପାଠପଢ଼ାରେ ଆଗୁସାର ହେଲେ ଆମେ ଭାଷାର ଆଇନ ବିଷୟରେ ଜ୍ଞାନ ଲାଭ କରୁଁ । ସେତେ-ବେଳେ ପଢ଼ିବା ବା ଲେଖିବା ଆମକୁ ପଇଟେ ।

ଯେଉଁ ସମସ୍ୟାଗୁଡ଼ିକ ଆପାତତଃ ଦୃଷ୍ଟିରେ ସଂସାର ବାହାର ବୋଲି ମନେ ହୁଅନ୍ତି ପ୍ରଥମେ ବୈଜ୍ଞାନିକମାନେ ଏହି ଭାଷା ସାହାଯ୍ୟରେ, ଏହି ଭାଷାକୁ ଉପଜୀବ୍ୟ କରି ସେହି ସମସ୍ୟାଗୁଡ଼ିକର ସମାଧାନରେ ଲାଗନ୍ତି । ଏହି ଭାଷା ସାହାଯ୍ୟରେ ଆମେ ଯୁଗଯୁଗର ଅତୀତ ଅଭ୍ୟନ୍ତର ଭିତରେ ପ୍ରବେଶ କରୁଁ । ଆମେ ଐତିହାସିକ ଲେଖା, ପ୍ରତ୍ନତାତ୍ତ୍ୱିକ ଭଗ୍ନାବଶେଷ ଗୁଡ଼ିକୁ ଅଧ୍ୟୟନ କରୁ ସେଗୁଡ଼ିକୁ ପରୀକ୍ଷା କରୁଁ ଓ ବାହାର କରୁଁ ଶତଶତ ବର୍ଷ ପୂର୍ବେ ବା ହଜାର ହଜାର ବର୍ଷ ପୂର୍ବେ ଆମର ପୂର୍ବ ପୁରୁଷମାନେ କିଭଳି ଭାବରେ ଚଳପ୍ରଚଳ ହେଉଥିଲେ । କିନ୍ତୁ ମନୁଷ୍ୟ ଇତିହାସରେ ଏଭଳି ଯୁଗ ଥିଲା ଯାହା ବିଷୟରେ କୌଣସି ପ୍ରମାଣ ମିଳି ନାହିଁ । ହେରୋଡୋଟସ୍ ବା ଟାସିଟସ୍‌ଙ୍କ ଭଳି ପ୍ରାଗ୍‌ତତ୍ତ୍ୱଦର୍ଶୀମାନେ ମଧ୍ୟ ସେ ବିଷୟରେ ନୀରବ ।

ତଥାପି ଆମର ଏକ ବାହନ ଅଛି ଯାହା ବଳରେ ଆମେ ଆମର ବହୁ ପୂର୍ବଯୁଗର ପୂର୍ବପୁରୁଷଙ୍କ ପାଖରେ ପହଞ୍ଚି ପାରୁଁ । ସେମାନଙ୍କର ଉଦ୍ଭାବନ କ୍ଷମତା ଓ ବୈଶିଷ୍ଟ୍ୟିକ ସଂସ୍କୃତିର ସମ୍ବାଦ ବି ଆହରଣ କରି ପାରୁଁ । ଏହି ବାହନ ଯେ କୌଣସି ବାହନ ଅପେକ୍ଷା ଶକ୍ତିଶାଳୀ । କାରଣ

ଏହାରି ବଳରେ ଆମେ ସେମାନଙ୍କର ଅଭ୍ୟନ୍ତର ମାନସିକ ଗଢ଼ଣ ଓ ଜୀବନ ବିଷୟରେ ଧାରଣା କରିପାରୁ ଓ ଯାହା ଆମପାଇଁ ଚିରକାଳ ଲାଗି ହଜି ଯାଇଛି ବୋଲି ପହିଲୁ ପ୍ରଥମ ମନେ ହେଉଥିଲା ସେହି ଇତିହାସକୁ ଉଦ୍ଧାର କରି ନେଇପାରୁଁ । ଏହି ବାହନ ହେଉଛି ଭାଷା ।

## ପୃଥିବୀର ଏକ ମଡେ଼ଲର ସନ୍ଧାନରେ

ଅନୁସନ୍ଧାନର ହତିଆର ଭାବରେ ଓ ସଂସାରକୁ ମଡେ଼ଲ କରି କଳ୍ପନା କରିବାରେ ଭାଷା ହେଉଛି ସର୍ବୋତ୍ତମ । ଏହା ସାର୍ବଜନୀନ । ମନୁଷ୍ୟ ସମାଜର ସମସ୍ତେ ଏହାର ସାହାଯ୍ୟ ନେଇ ପାରନ୍ତି । ରାଜା, ପ୍ରଜା, ଧନୀ, ଦରିଦ୍ର ସମସ୍ତେ ଗୋଟିଏ ଓ ଏକମାତ୍ର ଭାଷା ବ୍ୟବହାର କରିଥାଆନ୍ତି । ପରବର୍ତ୍ତୀ ଅଧ୍ୟାୟରେ ଏକ 'ଭାଷା ଯନ୍ତ୍ର'ର ଅବତାରଣା କରାଯାଇଛି । ଏଥିରେ ପୁଙ୍ଖାନୁପୁଙ୍ଖ ରୂପେ କୁହାଯାଇଛି ଭାଷା କପରି ଦୂର ଅତୀତର ଘଟଣା ବର୍ଣ୍ଣନା କରିବାରେ ଏକ ସ୍ୱତନ୍ତ୍ର ଧରଣର ଯନ୍ତ୍ର ପରି କାର୍ଯ୍ୟ କରେ । ଏହା ସମ୍ଭବ କାରଣ ଭାଷା ହେଉଛି ବିଶ୍ୱଜନୀନ, ଏହାକୁ ମନଇଚ୍ଛା ପରିବର୍ତ୍ତନ କରାଯାଇ ପାରେ ନାହିଁ । ଶବ୍ଦ ସଂପଦ ଓ ଶବ୍ଦର ଅର୍ଥ ଉଭୟେ ଅଜ୍ଞାତ ମନ୍ଥର ଭାବରେ ପରିବର୍ତ୍ତିତ ହୋଇଥାଆନ୍ତି ।

କୌଣସି ଭାଷାର ଶବ୍ଦ କୋଷ କୌଣସି ରାଜାର ଅର୍ଥ ଭଣ୍ଡାର ସଙ୍ଗେ ସମାନ ପର୍ଯ୍ୟାୟଭୁକ୍ତ । ଯେଉଁପରି କୌଣସି ରାଜ୍ୟର ସୁଦୃଢ଼ତା, ତାହାର ପ୍ରତ୍ୟେକ ବିଭାଗର ସ୍ୱାସ୍ଥ୍ୟପୂର୍ଣ୍ଣ, ପ୍ରଗତି, ଶକ୍ତି ଓ ଆଧାର ସେହି ରାଜ୍ୟର ଅର୍ଥକୋଷ ଉପରେ ନିର୍ଭରଶୀଳ ଠିକ୍ ସେହିପରି କୌଣସି ଭାଷାର ବିକାଶଶୀଳ ନିର୍ମାଣ, ତାହାର ସର୍ବାଙ୍ଗରେ ସୁଗଠନ, କୌଶଳପଣ, ସ୍ଥାୟିତ୍ୱ ଓ ବିସ୍ତାର ଇତ୍ୟାଦି ପ୍ରାପ୍ୟ ସମସ୍ତ କଥା ତାହାର ଶବ୍ଦ ଭଣ୍ଡାର ବା ଶବ୍ଦକୋଷ ଉପରେ ଭରସା ରଖି ରହିଥାଏ । କୌଣସି ଭାଷାର ବାସ୍ତବିକ ସ୍ଥିତି ଓ ଉନ୍ନତି ଯେଉଁପରି ପୂର୍ଣ୍ଣ ଭାବରେ ତାହାର ଶବ୍ଦକୋଷରେ ପ୍ରତିବିମ୍ବିତ ହୁଏ, ସେପରି ଭାବରେ ଅନ୍ୟ କେଉଁଠି ହୁଏ ନାହିଁ । ସବୁ ପ୍ରକାଶମୟ ଜ୍ଞାନ ହିଁ ଶବ୍ଦ ରୂପରେ ପ୍ରକଟିତ ହୁଏ । କୌଣସି ଭାଷାର ସକଳ ଶବ୍ଦର ବିଭିନ୍ନ ରୂପର ପରିଚୟ ଏହି ଶବ୍ଦ କୋଷରେ ହିଁ ମିଳେ । ତେଣୁ ଶବ୍ଦ-

କୋଷ ହେଉଛି ଭାଷାର ସ୍ୱରୂପ ଜ୍ଞାନର ନିୟାମକ । ଶବ୍ଦ କୋଷ ବା ଅଭିଧାନ ଭଳି ଭାଷାର ସ୍ୱରୂପଜ୍ଞାନ ପାଇଁ ଶ୍ରେଷ୍ଠ ସାଧନ ନାହିଁ ।

ଅଭିଧାନ ଲେଖିବାର ଢଙ୍ଗ କି ଭଳି ପଦ୍ଧତିରୁ ଆରମ୍ଭ ହେଲା ଏବଂ ଅଭିଧାନ ରଚନା ବିଦ୍ୟାର ବିସ୍ତାର କେଉଁ ରେଖା ବା ଲାଇନ ଉପରେ ପ୍ରତିଷ୍ଠିତ ହେଲା ଏ ବିଷୟରେ ଯଦି ଏକ କ୍ରମବଦ୍ଧ ଇତିହାସ ଲେଖାଯାଏ ତେବେ ତାହା ଖୁବ୍ ମନୋରଞ୍ଜକ ହେବ । ସେହି ଇତିହାସରୁ ଆମର ଯେଉଁ ସିଦ୍ଧାନ୍ତ ଓ ପଦ୍ଧତି ସମ୍ବନ୍ଧ ପରିଚୟ ମିଳିବ ସେଥିରୁ ଆମର ନିର୍ମାଣ ଓ ବିକାଶର ମୂଳ ସୂତ୍ର ବାହାରି ପାରିବ ।

ସାଧାରଣ ପତ୍ରପତ୍ରିକା ପ୍ରବନ୍ଧରେ ଆମେ 'ଶବ୍ଦର ବିଚିତ୍ର ଗତି' ବିଷୟରେ ବହୁ ଲେଖା ଦେଖିବାକୁ ପାଉଁ । ପୃଥିବୀର ବିଭିନ୍ନ ଭାଷାର ଭାଷାବିତ୍‌ମାନେ ଶବ୍ଦର ମୂଳ ଓ ତାହାର ଅର୍ଥ ଅର୍ଥାନ୍ତର ଭିତରୁ ଗୋଷ୍ଠୀ ଗୋଷ୍ଠୀ ଜାତିର ଚଳଣି, ଆଚାର, ଭୂଗୋଳ, ଇତିହାସ, ସଂସ୍କୃତି ସର୍ଜନା କରିଛନ୍ତି । ଯେଉଁ ବିଜ୍ଞାନ ଶବ୍ଦମାନଙ୍କର ମୂଳ ଓ ବିସ୍ତାର ଅର୍ଥ ଅର୍ଥାନ୍ତର ବିଷୟରେ ଆଲୋଚନା କରେ ତାକୁ ବିଜ୍ଞାନ କହେ ପଦପ୍ରକରଣ ବା ଇଟିମଲୋଜି । ଏଥିରୁ ଜଣାପଡେ ଏକ ଦତ୍ତ ଶବ୍ଦ କେବେ ଭାଷାରେ ଆବିର୍ଭାବ ହେଲା, କି କାରଣରୁ ଦେଖାଦେଲା ଓ ଏହାର ମୂଳ ଅର୍ଥ କ'ଣ ଥିଲା ଓ ଆଜି ସେହି ଅର୍ଥରେ କି ପରିବର୍ତ୍ତନ ଘଟିଛି ? ଏହାଛଡ଼ା ପଦ-ପ୍ରକରଣରେ ଆହୁରି ଚମତ୍କାର ଓ ଗୁରୁତ୍ୱପୂର୍ଣ୍ଣ ସମସ୍ୟା ଭରି ରହିଛି । ଗୋଟିଏ ଶବ୍ଦର ଉତ୍ପତ୍ତି ବା ଗୋଟିଏ ବସ୍ତୁର ନାଁର ଇତିହାସ କେବଳ ବସ୍ତୁର ଇତିହାସ ଜଣାଏ ନାହିଁ ଯିଏ ନାମକରଣ କଲା ସେହି ଜାତି ବା ବ୍ୟକ୍ତି ସମଷ୍ଟିର ସଂସ୍କୃତି ଓ ଆଚାରର ବି ସୂଚନା ଦିଏ ।

ଓଡ଼ିଆ ଭାଷାର ବହୁ ଶବ୍ଦ ଅଛି ଯାହାର ମୂଳ ବିଷୟରେ ବହୁ ଅନୁସନ୍ଧାନ ହୋଇଛି ବୋଲି ଆମେ ଜାଣୁ । ଯେପରି ଗୋଟିଏ ଶବ୍ଦ ମୁଦୁସୁଲି । ଏହି ଶବ୍ଦ ଓଡ଼ିଆ ଛଡ଼ା ମାଗଧୀ ପ୍ରାକୃତରୁ ଜାତ କୌଣସି ଭାଷା ଭିତରେ ନାହିଁ । ଜଣେ ଓଡ଼ିଆ ଭାଷା ପଣ୍ଡିତ ଏହାକୁ 'ମୃଦୁହାସିନୀ'ରୁ ଅପଭ୍ରଂଶ ବୋଲି କହିଛନ୍ତି । ତାଙ୍କର ମତରେ ବଗ ରୁ ଯଦି ବଗମୀ ବୋଲି ଭୁଲରେ ସ୍ତ୍ରୀଲିଙ୍ଗ ହୁଏ ତେବେ ଓଡ଼ିଆରେ ବଗରୁ ବଗୁଲି ହେଉଛି ସଂସ୍କୃତର ବଚିମା ବିଧିରେ ସମ୍ପାଦିତ ଶବ୍ଦ । ସେପରି ମୃଦୁହାସିନୀରୁ

ମୃଦୁହସ୍ତୁଲ ଓ ସେଥିରୁ କାଳକ୍ରମେ ମୃଦୁସୁଲ । ଏହାର ଅର୍ଥ ଅଭ୍ୟର୍ଥନା-କାରିଣୀ ବା ଇଂରାଜୀରେ ଯାର ନାମ ରିସେପ୍‌ସନିଷ୍ଟ । ଭକ୍ତ ଭାଷାତତ୍ତ୍ୱିତଙ୍କ ମତରେ ପ୍ରାଚୀନ ଓଡ଼ିଶାରେ ଅତିଥି ବା ଅଭ୍ୟାଗତମାନଙ୍କୁ ଯେଉଁ ନାରୀ ଅଭ୍ୟର୍ଥନା କରୁଥିଲେ ସେ ମୃଦୁହାସ ସହିତ ତାହା କରୁଥିଲେ । ଏହା ସେକାଳର ଓଡ଼ିଆ ଲୋକଙ୍କର ଉଚ୍ଚ ସଂସ୍କୃତିର ପରିଚୟ ଦିଏ ।

ଓଡ଼ିଆ ଶବ୍ଦମାନଙ୍କର ଏଭଳି ମନୋଜ୍ଞ ଓ ରୁଚିକର ଇତିହାସ କେତେଦୂର ବିଜ୍ଞାନ ସମ୍ମତ ତାହା ଏପର୍ଯ୍ୟନ୍ତ ପରୀକ୍ଷିତ ହୋଇ ନାହିଁ । ଆରତବଲ୍ଲଭ ମହାନ୍ତିଙ୍କର ଏଭଳି ବିଶ୍ଳେଷଣରେ କେବଳ ଜାତିପ୍ରେମ ଅଛି ନାଁ ବିଜ୍ଞାନ ବି ଅଛି କହିହେବ ନାହିଁ । ତେବେ ଓଡ଼ିଆଙ୍କର ଶତ ଶତ ଶବ୍ଦର ଇତିହାସ ଯେ ବିଚିତ୍ର ଓ ଅର୍ଥପୂର୍ଣ୍ଣ ଏହା ନିଃସନ୍ଦେହ । ଏ ବିଷୟରେ ଏ ପର୍ଯ୍ୟନ୍ତ ଗବେଷଣା ପ୍ରଥମ ପର୍ଯ୍ୟାୟରେ ରହିଛି ।

ତେବେ ହଜାର ହଜାର ବର୍ଷ ତଳେ ଯେଉଁ ମଣିଷ ମରିଯାଇଛନ୍ତି ସେମାନଙ୍କର ଅଭ୍ୟନ୍ତର ଦୁନିଆକୁ ପ୍ରକାଶ କରିଦେବାକୁ ଶବ୍ଦମାନଙ୍କର ଜୀବନୀ ବିଜ୍ଞାନ ହିଁ ସମର୍ଥ ।

ମନେ କରନ୍ତୁ, 'ଭାଲୁ' ଶବ୍ଦଟି ନିଆଗଲା । ଗ୍ରିକ୍‌ମାନେ ଏହାକୁ କହନ୍ତି 'ଆର୍କଟସ୍' ଲାଟିନରେ ହେଲା 'ଉର୍ସସ' ପ୍ରାଚୀନ ଭାରତୀୟ ସଂସ୍କୃତରେ ହେଲା 'ଋକ୍ଷ' ଏହି ସବୁ ଶବ୍ଦ ପ୍ରାଚୀନ ଇଣ୍ଡୋ-ଇଉରୋ-ପୀୟ ଗୋଟିଏ ଶବ୍ଦରୁ ଆସିଛି ଯାହା ଉଚ୍ଚାରଣ ଥିଲା ଋକ୍ଥୋସ । ଏହି ଇଣ୍ଡୋଇଉରୋପୀୟ ଶବ୍ଦ ରୁଷ ବା ଅନ୍ୟ ସ୍ଲାଭ ଭାଷାରେ ନାହିଁ ।

କାହିଁକି ନାହିଁ ? ରୁଷ ଭାଷାରେ 'ଭାଣି' ହେଲା 'ଉଦା' ସଂସ୍କୃତ ଉଦଃ, ପାରସୀ ହେଲା ଉଦକଃ (ଭୋଜକା-ରୁଷ) ନାକ, ଦୁଇ, ତିନି, ମୁଁ, ମା ଓ ଆହୁରି ଅନେକ ଶବ୍ଦ ଇଣ୍ଡୋ-ଇଉରୋପୀୟ ସାଦୃଶ୍ୟ ବହନ କରି ରହିଛନ୍ତି ତେବେ 'ଭାଲୁ' ବୋଲି ଶବ୍ଦଟା ଗଲା କୁଆଡ଼େ ?

ଭାଷାବିତ୍‌ମାନଙ୍କର ତର୍ଜମା ହେଲା, ସ୍ଲାଭ ଲୋକଙ୍କର ପୂର୍ବପୁରୁଷ-ମାନଙ୍କର ଅନ୍ଧବିଶ୍ୱାସ ଯୋଗୁଁ ସେମାନେ 'ଭାଲୁ'ର ନାମୋଚ୍ଚାରଣ କରୁ ନଥିଲେ । ଯେପରି ଆମ ଓଡ଼ିଆରେ 'ସାପ' ବୋଲି ନ କହି ପୁରୁଣାକାଳିଆ

ଲୋକେ 'ଲମ୍ବ ଜନ୍ତୁ' ବୋଲି କହୁଥିଲେ । ଠିକ୍ ସେହିପରି ସ୍ଲାଭ୍‌ମାନେ ଅର୍ଥାତ୍ ରୁଷ ଇତ୍ୟାଦି ଭାଷାଭାଷୀମାନଙ୍କର ପୂର୍ବଜମାନେ 'ଭାଲୁ' ବୋଲି ନ କହି ତାହାକୁ ନାନା ପ୍ରକାର ଭାବରେ କହୁଥିଲେ । କେହି କେହି କହୁଥିଲେ 'ମଧୁ-ଭକ୍ଷୀ' । ପୁରାତନ ଜର୍ମାନ ଲୋକେ 'ଭାଲୁ' ବା ଆରକ୍ଟସ୍ ନ କହି କହୁଥିଲେ 'ବଭର' ଅର୍ଥାତ୍ ବାଦାମି । ତେଣୁ ଏଥିରୁ ଇଂରାଜି 'ବେଆର' ହୋଇଛି । ଭାଷାର ଏହି ଗୋଟିଏ ଶବ୍ଦ ଯେପରି ଆମର ସୁଦୂରପୂର୍ବ ପୂର୍ବଜମାନଙ୍କର ମାନସିକ ଗଠଣ ପ୍ରକାଶ କରୁଛି ସେପରି ହଜାର ହଜାର ଶବ୍ଦର ଆଲୋଚନା କଲେ ଏକ ସ୍ପଷ୍ଟ ଚିତ୍ର ବାହାରି ପଡ଼ିବ ।

## ଶବ୍ଦ ଓ ସଂଖ୍ୟା

ଆଦିମ ଚିନ୍ତାର ସ୍ୱତନ୍ତ୍ରତା ସଂଖ୍ୟାର ନାମ ଅନୁସାରେ ଅତି ଜ୍ୱଳନ୍ତ ଭାବରେ ଜଣାପଡ଼େ । କେବଳ ନାମରୁ ନୁହେଁ, ଗଣନାର ପଦ୍ଧତିରୁ ବି ଓ ସଂଖ୍ୟାର ତିଆରି ଓ ସେମାନଙ୍କର ବ୍ୟବହାରରୁ ବି ଅନେକ ସ୍ୱତନ୍ତ୍ରତାର ଆଭାସ ମିଳିଥାଏ ।

ଗଣିତ ସବୁ ବିଜ୍ଞାନ ଭିତରେ ପ୍ରାଚୀନତମ । ତେବେ ବି ସାଧାରଣ ଭାଷା ତୁଳନାରେ ଗଣିତର ଠାର ବ୍ୟବସ୍ଥା ହେଉଛି ଆଧୁନିକ । କେତେକ ଗବେଷକଙ୍କର ମତ ହେଉଛି ଯେ ଅନେକ ଜାତି ଅଛନ୍ତି ଯେଉଁମାନେ ତିନିରୁ ବେଶି ଗଣି ପାରନ୍ତି ନାହିଁ । ଏହା କେତେକାଂଶରେ ସତ୍ୟ, କେତେକାଂଶରେ ନୁହେଁ । କେତେକ ଅଷ୍ଟ୍ରେଲିୟ ଉପଜାତିଙ୍କର ତିନୋଟି ସଂଖ୍ୟା ଏକ, ଦୁଇ, ତିନି ଛଡ଼ା ଅନ୍ୟ ସଂଖ୍ୟା ନାହିଁ । କିନ୍ତୁ ତା'ବୋଲି ଅଷ୍ଟ୍ରେଲିୟା ଆଦିବାସୀମାନେ ତିନୋଟି କଙ୍ଗାରୁଠାରୁ ସାତୋଟି କଙ୍ଗାରୁର ପାର୍ଥକ୍ୟ ବୁଝନ୍ତି ନାହିଁ, ଏକଥା ନୁହେଁ । ଏହାର ଏକମାତ୍ର ଅର୍ଥ ହେଲା ତାଙ୍କ ଭାଷା ତିନିଠାରୁ ଅଧିକ ସଂଖ୍ୟାର ଲେବଲ ତିଆରି କରିନାହିଁ । ଅଷ୍ଟ୍ରେଲିୟ ଆଦିବାସୀମାନଙ୍କର ଆର୍ଥିକ ଜୀବନ ପ୍ରଣାଳୀ ସହିତ ଏହାହିଁ ସଂପୃକ୍ତ, ଏତିକିମାତ୍ର ।

ପୃଥିବୀର ବହୁ ଭାଷାରେ କିନ୍ତୁ ତିନି ଉପରକୁ ସଂଖ୍ୟା ଅଛି । କେବଳ କେତେ ଟି ଭାଷ ରେ ନାହିଁ । କେତେକ ଆଦିବାସୀ ଅଛନ୍ତି ଯେଉଁ-

ମାନେ ଚାରିକୁ 'ଦୁଇ ଘୋଡ଼ା' ବୋଲି କହନ୍ତି । ପାଞ୍ଚକୁ କହନ୍ତି 'ଦୁଇଘୋଡ଼ା ଏକ' ।

ଆଣ୍ଡାମାନ ଦ୍ୱୀପର ଆଦିବାସୀମାନେ ଆଙ୍ଗୁଠି ଉପରେ ଚାରିଯାଏ ଗଣନ୍ତି ତା'ପରେ କହନ୍ତି 'ଆଉ ଏକ' ଯଥା 'ବୁଢ଼ା ଆଙ୍ଗୁଠି' ତାହା ସରିଗଲେ ନାକକୁ ଛୁଅନ୍ତି 'ଆଉ ଏକ' ଏପରି ସେମାନଙ୍କର ଗଣନା ଚଳେ ।

ପୂର୍ବେ ଲୋକେ ଆଙ୍ଗୁଠିରେ ଗଣୁଥିଲେ ଅଥବା ଗଛର ଡାଳ ବା ଗଛରେ ଚିହ୍ନ ଦେଇ ଗଣୁଥିଲେ । ସଂଖ୍ୟାଟା ଯେ କୌଣସି ବସ୍ତୁର ଦ୍ରବ୍ୟଗୁଣ ନୁହେଁ ଏହା ଯେ ଏକ ସ୍ୱତନ୍ତ୍ର ଜିନିଷ ଏକଥା ହୃଦୟଙ୍ଗମ କରିବାକୁ ମନୁଷ୍ୟକୁ ହଜାର ହଜାର ବର୍ଷ ଲାଗିଛି । ତା'ପରେ ଶତାବ୍ଦୀ ଶତାବ୍ଦୀ ବିତି ଯାଇଛି ଯାହାପରେ ସଂଖ୍ୟାଗୁଡ଼ିକ ଦ୍ରବ୍ୟ ଗୁଣରୁ ଅଲଗା କରାଯାଇଛି ସେମାନଙ୍କର ଗୁଣ ଓ କାର୍ଯ୍ୟକୁ ଏକ ସ୍ୱତନ୍ତ୍ର ଠାବ ବ୍ୟବସ୍ଥାରେ ସଂଯୋଜିତ କରାଯାଇଛି ।

ହଜାର ହଜାର ବର୍ଷ ତଳେ ଯେଉଁ ମଣିଷ ବାସ କରୁଥିଲେ ସେମାନଙ୍କର ଆଭ୍ୟନ୍ତରୀଣ ମାନସିକ ଦୁନିଆକୁ ପୁନର୍ଗଠନ କରିବା ଅସାଧାରଣ ଆୟାସର କଥା । କିନ୍ତୁ ଏବେ କ୍ରମେ କ୍ରମେ ଅସ୍ପଷ୍ଟ ଚିତ୍ର ଦିନକୁ ଦିନ ସ୍ପଷ୍ଟ ହେଉଛି । କେତୋଟି ହାଡ଼ରୁ କଳ୍ପନା କରି ବୈଜ୍ଞାନିକ-ମାନେ ବହୁ ପୁରାଣ କାଳର ଗୋଟା ଗୋଟା ପଶୁମାନଙ୍କର ସାରା ଅବୟବ ଓ ଶରୀରର ରୂପ ତିଆରି କରି ପାରୁଛନ୍ତି । ଭାଷା ଅଧ୍ୟୟନରୁ ମଧ୍ୟ ବିଜ୍ଞାନ ଆମର ଇତିହାସ-ପୂର୍ବ ପୂର୍ବପୁରୁଷମାନଙ୍କର ଦୁନିଆକୁ ପୁନର୍ଗଠନ କରିବାରେ ସମର୍ଥ ହୋଇଛି ।

## ଭାଷାତତ୍ତ୍ୱ ଓ ସମାଜ ବିଜ୍ଞାନ

ଭାଷା ବିଜ୍ଞାନ ଦିନକୁଦିନ ଅଧିକରୁ ଅଧିକ ସାମାଜିକ ବିଜ୍ଞାନମାନଙ୍କ ସହିତ ସମ-ସଂପର୍କ ସ୍ଥାପନ କରି ଚାଲିଛି । କାରଣ ସମାଜରେ ହିଁ ଭାଷା ସୃଷ୍ଟି ଓ ସମାଜ ଭିତରେହିଁ ଭାଷାର ବିକାଶ ହୋଇଛି ତେଣୁ ଏଭଳି ସଂପର୍କ ସ୍ୱାଭାବିକ । ମନେ କରନ୍ତୁ ଆମର ଓଡ଼ିଆ ଭାଷାରେ ମେଗଲମାନଙ୍କ

ଯୁଗରେ ଯେଉଁ ଆଇନକାନୁନ ଶବ୍ଦ ଗୁଡ଼ିକ ଭାଷାରେ ପ୍ରବେଶ କଲା ତାହା ତତ୍‌ପୂର୍ବରୁ ଓଡ଼ିଆରେ ନଥିଲା । ରୁଷ ଦେଶରେ ରାଜା ପିଟରଙ୍କବେଳେ ରୁଷ ଦେଶର ବଣିକମାନେ ବହୁଳ ଭାବରେ ସମୁଦ୍ର ଯାତ୍ରାରେ ଯିବା ଆରମ୍ଭ କରିଥିଲେ । ତେଣୁ ସେହି ସମୟରେ ରୁଷ ଦେଶର ସାମୁଦ୍ରିକ ଜାହାଜାଦି କଥା ଭାଷାରେ ବହୁ ସଂଖ୍ୟାରେ ଡଚ୍ ବା ହଲାଣ୍ଡ ଶବ୍ଦ ରୁଷ ଭାଷାରେ ପ୍ରବେଶ କରିଥିଲା । ମାଡ଼ାଗାସ୍କର ନାମକ ଆଫ୍ରିକାର ଦକ୍ଷିଣ ପୂର୍ବରେ ଯେଉଁ ଦ୍ୱୀପଅଛି ସେଠାର ବାସିନ୍ଦାମାନଙ୍କ ଭାଷାରେ ବହୁ ଆରବୀ ଓ ଫାରସୀ ଭାଷାର ଶବ୍ଦ ଭରି ଯାଇଛି । ତା'ଛଡ଼ା ସେମାନଙ୍କର ନିଜସ୍ୱ ଭାଷା ମାଲାଗାସି ହେଉଛି ଇଣ୍ଡୋନେସିଆ ଓ ପଲିନେସିଆ ଭାଷାମାନଙ୍କ ସଙ୍ଗେ ସମଗୋଷ୍ଠୀ । ଏହାର କାରଣ ଭୂଗୋଳ ନ ଜାଣିଲେ ବୁଝିହେବ ନାହିଁ । ଭୂଗୋଳରୁ ଆମେ ଜାଣୁ ଯେ ଇଣ୍ଡୋନେସିଆ, ପଲିନେସିଆ ଓ ମାଡ଼ାଗାସ୍କର ଇତ୍ୟାଦି ଏକ ସମୟରେ ଗଣ୍ଡୱାନା ନାମକ ଏକ ଭୂଖଣ୍ଡ ଭିତରେ ଥିଲା । ତେଣୁ ହିଁ ପଲିନେସିୟ ଓ ଇଣ୍ଡୋନେସୀୟ ଭାଷା ସହିତ ମାଲାଗାସି ସମଗୋଷ୍ଠୀ । ଆରବ ବଣିକମାନଙ୍କର ବାଣିଜ୍ୟ କାରବାର ଫଳରେ ସମସ୍ତ ଭାରତ ମହାସାଗରର ପଶ୍ଚିମ ଉପକୂଳରେ ଆରବ ସଭ୍ୟତା ମଧ୍ୟଯୁଗରେ ବ୍ୟାପ୍ତ ହୋଇଥାଏ । ଭୂଗୋଳ ମଧ୍ୟ ଏକଥା ଶିକ୍ଷା ଦେଉଛି (ଇତିହାସ ମଧ୍ୟ) ଯେ ଫାରସୀମାନେ ବହୁକାଳ ମାଡ଼ାଗାସ୍କରକୁ ଆପଣାର ଉପନିବେଶ କରି ରଖିଥିଲେ । ତେଣୁ ଆରବ ଓ ପାରସୀ ଭାଷାର ବହୁ ଶବ୍ଦ ମାଲାଗାସି ଭାଷାରେ ପ୍ରବେଶ କରିଯାଇଛି ।

ବଂଶାବଳୀତତ୍ତ୍ୱ ଓ ଏପରିକି ପ୍ରାଣୀବିଜ୍ଞାନ ବିଷୟରେ ଜ୍ଞାନ ନ ଥିଲେ କେତେଗୁଡ଼ିଏ ବିଶୁଦ୍ଧ ଭାଷାଗତ ଘଟଣା ବୁଝିବା ସହଜ ହେବ ନାହିଁ । ଉଦାହରଣ ସ୍ୱରୂପ ବ୍ରାଜିଲ ଦେଶର ଆଦିବାସୀ 'ଭାରଖାୟ' ମାନଙ୍କ ଭାଷାରେ 'ଶୁଆ' ପକ୍ଷୀ ପାଇଁ କୌଣସି ଶବ୍ଦ ନାହିଁ । ଅଥଚ ବିଭିନ୍ନ ଜାତିର 'ଶୁଆ'ମାନଙ୍କ ପାଇଁ ବିଭିନ୍ନ ନାମ ରହିଛି ଏହାର ସରଳ ଓ ସହଜ କାରଣ ହେଉଛି 'ଶୁଆ' ବୋଲି କହିଲେ ସଂପୂର୍ଣ୍ଣ ଅନ.ଗା ଓ ବହୁ ଦୂର ସଂପର୍କର ଏକ ପ୍ରାଣୀବୈଜ୍ଞାନିକ ପକ୍ଷୀଜାତିକୁ ବୁଝାଏ । ଯେଉଁ ଲୋକେ 'ଶୁଆ' କେବେ ଦେଖି ନାହାନ୍ତି ସେମାନେହିଁ ସେହି ଜାତିର ବା ତା' ଠାରୁ ଅତି ସାମାନ୍ୟ ସାଦୃଶ୍ୟଥିବା ପକ୍ଷୀ ସବୁକୁ 'ଶୁଆ' ବୋଲି

ଅଭିହିତ କରିଥାଆନ୍ତି । କିନ୍ତୁ ଯେଉଁମାନଙ୍କର ଦେଶରେ ଜାତି ଜାତିକା 'ଶୁଆ' ଅଛନ୍ତି ଓ ସେମାନଙ୍କର ଧରଣ ଧାରଣ ପରସ୍ପର ଠାରୁ ବହୁ ବିଭିନ୍ନ ସେମାନଙ୍କ ପକ୍ଷରେ ଏଭଳି ସବୁ ପକ୍ଷୀଙ୍କୁ 'ଶୁଆ' ବୋଲି ଆଖ୍ୟା ଦେବା ଚଳେ ନାହିଁ ।

ବଂଶାବଳିତତ୍ତ୍ୱ ଓ ସମାଜବିଜ୍ଞାନ ସହିତ ଭାଷାର ସଂପର୍କର ଆଉ ଗୋଟିଏ ଜ୍ୱଳନ୍ତ ଉଦାହରଣ ଦିଆଯାଇପାରେ । ଏହା ପ୍ରମାଣ କରେ ଯେ ଗୋଟିଏ ଭାଷାର ଶବ୍ଦ ସମ୍ଭାର ସେହି ଭାଷା ଭାଷୀ ଲୋକଙ୍କର ସାମାଜିକ ଆବଶ୍ୟକତା ସହିତ କଡ଼ା କଡ଼ି ସଂପର୍କ ରଖି ଚଳେ । ସାହାରା ମରୁଭୂମିର ବାସିନ୍ଦାମାନେ ତାଳଗଛର ବିଭିନ୍ନ ଜାତି ପାଇଁ ପ୍ରାୟ ଷଠିଏଟି ଶବ୍ଦ ବ୍ୟବହାର କରନ୍ତି କିନ୍ତୁ 'ବରଫ'ପାଇଁ ସେମାନଙ୍କର ଗୋଟିଏ ବି ଶବ୍ଦ ନାହିଁ । କାରଣ ସେମାନେ ଆପଣା ଦେଶରେ କେବେ ବରଫ ଦେଖି ନାହାନ୍ତି ବରଫ କ'ଣ ଜାଣନ୍ତି ନାହିଁ ।

ଉତ୍ତରାଞ୍ଚଳ ଦୃଷ୍ଟିରୁ ଏହି ବିଷୟଟିକୁ ଦେଖିଲେ, ଜଣାଯିବ ଯେ ନାନଟସିଙ୍କର ସବୁପ୍ରକାର ବରଫ ଯଥା କଠିନ, ଫସଫସିଆ, ଅଠାଳିଆ, ଟାଣ ଇତ୍ୟାଦି ବରଫ ପାଇଁ ବିଭିନ୍ନ ଗୁଳଶଟି ଶବ୍ଦ ରହିଛି । କାରଣ ବରଫ ସେମାନଙ୍କ ପାଇଁ ସବୁ । ବରଫ ଉପରେ ସେମାନଙ୍କର ଶିକାର, ବଲ୍ଗା ହରିଣ ପାଳନ ଓ ସକଳ ଜୀବନଯାତ୍ରା ନିର୍ଭର କରେ ।

ଯେଉଁ ଲୋକ ବିକାଶର ନିମ୍ନ ସ୍ତରରେ ଅଛନ୍ତି ସେମାନଙ୍କ ଭାଷରେ ଗୁଣବାଚକ ଓ ନିରାକାର ବସ୍ତୁବାଚକ ଶବ୍ଦ ବହୁତ କମ୍ । ବୁଶମ୍ୟାନମାନଙ୍କ ଭଷାରେ ପଦାର୍ଥ ବିଦ୍ୟା କଥା ଲେଖିବା ଅକଣ୍ୟ କଷ୍ଟକର । ଅଷ୍ଟ୍ରେଲିଆ ଆଦିବାସୀମାନଙ୍କ ଭାଷାରେ ବି ସେହି ଅବସ୍ଥା । ତେବେ ପରମାଣୁ ପଦାର୍ଥ ବିଦ୍ୟାର ମୂଳସୂତ୍ର ଗୁଡ଼ିକ ସିଧା ଇଂରେଜ ବା ରୁଷ ବା ଜର୍ମାନ୍ ଭାଷାରେ କହିଲେ ବା ଲେଖିଲେ ବା କ'ଣ ବୁଝାଯିବ ବା ଆଦୌ ଲେଖିବା କ'ଣ ସମ୍ଭବ ହେବ ? କାରଣ ଏହି ଭାଷାରେ 'କ୍ୱାଣ୍ଟମ୍' 'ମଲ୍ଟିପ୍ଲ' 'ମାଇନସ୍' ଇତ୍ୟାଦି ଶବ୍ଦ ବ୍ୟବହାର କରିବାକୁ ହେବ ଯାହା ରୁଷ ନୁହେଁ, ଇଂରେଜ ନୁହେଁ, ଜର୍ମାନ ନୁହେଁ (ଓଡ଼ିଆ ତ ନୁହେଁ) । ଏହି କଥା ସମାନ ଭାବରେ ବୁଶ୍‌ମ୍ୟାନ ଓ ଅଷ୍ଟ୍ରେଲୀୟ ଆଦିବାସୀ ମାନଙ୍କ ଭାଷା ପାଇଁ ପ୍ରଯୁଜ୍ୟ । ଏହି ଭାଷାମାନଙ୍କରେ ନୂତନ ଭାବ ଓ ସେହି

ଭାବବୋଧିନ୍ୟ ଶବ୍ଦ ମାନ ଯୋଗଡଲେ ଏମାନେ ବି ପରମାଣୁ ପଦାର୍ଥ ବିଦ୍ୟା ଚର୍ଚ୍ଚାର ଭାଷା ହୋଇପାରିବେ । ରୁଷ ଦେଶରେ ତୁର୍କି ଲୋକେ ଏବେ ବିଶ୍ୱବିଦ୍ୟାଳୟ ଶେଷଯାଏ ଆପଣା ଭାଷାରେ ସବୁ କଥା ଶିଖୁଛନ୍ତି । ଅଥଚ ଏକ ସମୟରେ ସେମାନଙ୍କ ଭାଷାରେ ସାତ, ଆଠ, ନଅ ବୁଝାଇଲା ଭଳି ଧାତୁ ନ ଥିଲା ।

କୌଣସି ଭାଷାକୁ ଜଙ୍ଗଲି ଭାଷା ଆଉ କୌଣସି ଭାଷାକୁ ମାର୍ଜିତ ଭାଷା ବୋଲି କହିବା ଦାରୁଣ ଭ୍ରମ । ପ୍ରତ୍ୟେକ ଭାଷାରେ ଯେତେବେଳେ ନୂତନ ଭାବ ପାଇଁ ଚାହିଦା ଆସେ ସେତେବେଳେ ଭାଷା ନୂତନ ଶବ୍ଦ ଯୋଗାଇଦିଏ । ପୃଥିବୀର କୌଣସି ଭାଷାର ଲେଖକ କେବେ ଅଭିଯୋଗ କରି ନାହିଁ ଯେ ତାର ଭାବ ପ୍ରକାଶ ପାଇଁ ତା'ର ଭାଷା ଯଥେଷ୍ଟ ହେଲା ନାହିଁ । ମଙ୍ଗୋଲମାନଙ୍କ ଭାଷାରେ ଏକ ଜଟିଳ ଭାଷା ବ୍ୟବସ୍ଥା ରହିଛି । ଏଥିରେ ବହୁ ଗୁଣାତ୍ମକ ଶବ୍ଦ ରହିଛି । କାରଣ ମଙ୍ଗୋଲମାନେ ବୌଦ୍ଧଧର୍ମ ଗ୍ରହଣ କଲାପରେ ସେମାନଙ୍କ ଭିତରେ ଆତ୍ମଶୁଦ୍ଧି, ନିର୍ବାଣ, ଆତ୍ମାର ଅବିନଶ୍ୱରତା ଇତ୍ୟାଦିର ଧାରଣା ପ୍ରବଳ ଭାବରେ ପ୍ରବେଶ କରିଥିଲା । କିନ୍ତୁ ବୌଦ୍ଧଧର୍ମ ପୂର୍ବରୁ ଏଭଳି ଆଧ୍ୟାତ୍ମିକ, ନିରାକାର, ପାରମାର୍ଥିକ ଶବ୍ଦ ସେମାନଙ୍କ ଭାଷାରେ ନଥିଲା । ଅଷ୍ଟାଦଶ ଶତାବ୍ଦୀରେ ବିଖ୍ୟାତ ରୁଷ ବୈଜ୍ଞାନିକ ପ୍ରତିଭାବାନ ଲୋମୋନୋସବ ଯେତେବେଳେ 'ପିରିଅଡ଼ିକ୍ ଟେବଲ୍' ବାହାର କଲେ ବା ଭିନ୍ନ ଭିନ୍ନ ମୌଳିକ ବସ୍ତୁର ଦ୍ରବ୍ୟଗୁଣ ଓ ସଂଖ୍ୟା ସ୍ଥିର କଲେ ସେତେବେଳେ ସବୁ ମୌଳିକ ବସ୍ତୁ ପାଇଁ ରୁଷ ଭାଷାରେ ଶବ୍ଦ ନଥିଲା । ତା'ଛଡ଼ା ଅନେକ ବୈଜ୍ଞାନିକ ଭାବ-ଧାରଣା ପାଇଁ ବି ଯଥେଷ୍ଟ ଗୁଣାତ୍ମକ ଶବ୍ଦ ନ ଥିଲା । ତେଣୁ ସେ ସାହସ ସହକାରେ ଭାଷା ବାହାରୁ ଶବ୍ଦ ଆଣି ବ୍ୟବହାର କରିଗଲେ ।

ଯେତେବେଳେ ସାମାଜିକ ଗଠନ ଆଦିମ ଥିଲା ସେତେବେଳେ ସ୍ୱାଭାବିକ ଭାବରେ ସଂସ୍କୃତି ବାଚକ ଓ ସଂସ୍କୃତିର ଭିନ୍ନ ଭିନ୍ନ ବିଭାଗର ଶବ୍ଦ ଅଳ୍ପ ଥିଲା । ଏହାର ଅର୍ଥ ହେଲା ସେତେବେଳର ସଂସ୍କୃତି ଦରିଦ୍ର ଥିଲା । ଏହାର ଅର୍ଥ ନୁହେଁ ଯେ ଭାଷା ଦରିଦ୍ର ଥିଲା । ଅନ୍ୟ ପକ୍ଷରେ ସେତେବେଳେ ଓ ଆଜି ବି ସବୁ ସ୍ତରରେ ଜୀବନ ସମ୍ବନ୍ଧିତ ଜୀବନ୍ତ ଭାବରେ ସଂପର୍କିତ ସମସ୍ତ ବିଷୟର ଯାବତୀୟ କଥା ଭାଷା ଯୋଗାଇଥିଲା । ଏବେ ବି ସେହି

ଅବସ୍ଥା । ପରିବାର, ଜ୍ଞାତି ଓ ବନ୍ଧୁଜନ ବୋଧକ ଶବ୍ଦଗୁଡ଼ିକ ସାମାଜିକ ଜୀବନରେ ଖୁବ୍ ଗୁରୁତ୍ୱପୂର୍ଣ୍ଣ । ଅଷ୍ଟ୍ରେଲିଆର କୁରନାଇ ଉପଜାତିରେ ଜ୍ଞାତି ସଂପର୍କ ବୁଝାଉଥିବା କୋଡ଼ିଏଟି ଶବ୍ଦ ଅଛି । ଓଆଟି ଓ ଆଟି ଉପଜାତିଙ୍କର ଅନ୍ତତଃ ୨୨ଟି ଓ କଲର-କୁରଡ଼ଙ୍ଗ୍ ଉପଜାତିଙ୍କର ୫୦ଟି ଶବ୍ଦ ଅଛି ।

ବୟସ ବା ଅସୁସ୍ଥର ଅବସ୍ଥା ବିଷୟରେ ଆଦିବାସୀ ଓ ଅନ୍ୟ ପାହାଡ଼ିଆ ଉପଜାତିମାନଙ୍କର ଯେତେ ଶବ୍ଦ ଅଛି ତାହା ଇଉରୋପୀୟ ବା ହିନ୍ଦ-ଇଉରୋପୀୟ ଭାଷାମାନଙ୍କରେ ବି ନାହିଁ । ଆମେ କହୁଛୁଁ ପିଲା, ଯୁବା, ପ୍ରୌଢ଼, ବୁଢ଼ା କିନ୍ତୁ ଆରାଣ୍ଡା ଉପଜାତି ମାନଙ୍କ ଭିତରେ ଏହି ସଂକ୍ରାନ୍ତରେ ୧୫ଟି ଶବ୍ଦ ଅଛି ଯାହା ମରଦର ବିଭିନ୍ନ ବୟସର ଅବସ୍ଥାକୁ ବୁଝାଏ ।

ଯେଉଁଭଳି ପରିସ୍ଥିତି ଭିତରେ ଲୋକେ ବାସ କରନ୍ତି ଭାଷା ସେଇଭଳି ଭାବରେ ଆପଣାକୁ ସଜ୍ଜିତ କରେ । ବୁଶମ୍ୟାନ ଓ ଅଷ୍ଟ୍ରେଲିଆ ଆଦିବାସୀ-ମାନଙ୍କର ଭାଷା ଆମର ତଥାକଥିତ 'ସଭ୍ୟ' ଭାଷା ପରି ସେମାନଙ୍କର ପରିପାର୍ଶ୍ୱ ସମ୍ବନ୍ଧ ପ୍ରସ୍ତାବମରେ ଖାପଖୁଆଇ ଗ୍ଭଲେ । ଆରାଣ୍ଡା ଭାଷାରେ 'ପାହାଡ଼', 'ପର୍ବତ', 'ନଦୀ' ବୋଲି କୌଣସି ଶବ୍ଦ ନାହିଁ । ଏଭଳି ଭାଷାରେ ଭୂଗୋଳ ପାଠ ପଢ଼େଇଲେ ଶିକ୍ଷକ ନାକେଦମ୍ ହୋଇଯିବେ । କିନ୍ତୁ ଏହି ଉପଜାତିଙ୍କର ଭାଷାରେ ପ୍ରତ୍ୟେକ ପାହାଡ଼, ପର୍ବତ ଓ ନଦୀର ଗୋଟିଏ ଗୋଟିଏ ସ୍ୱତନ୍ତ୍ର ନାଁ ଅଛି ଏପରିକି ଗ୍ରେଟ ମୁଣ୍ଡିଆ ପାହାଡ଼ର ବି ସ୍ୱତନ୍ତ୍ର ନାଁ ଅଛି । ତେଣୁ ଏ ଅଞ୍ଚଳର କୌଣସି ଲୋକ ବାଟବଣା ହେବା ସହଜ ନୁହେଁ । ଇଂଲଣ୍ଡ, ରୁଷିଆ ବା ଅନ୍ୟ କୌଣସି ଦେଶରେ ଏଭଳି ସୁବିଧା ନାହିଁ । କାରଣ ଭାଷା ସେ ଭଳି ସୁବିଧା ଯୋଗାଇ ନାହିଁ ।

ଆରାଣ୍ଡା ଭାଷାରେ ବିଭିନ୍ନ ଜାତିର ସାପ ପାଇଁ ଅଲଗା ଅଲଗା ନାଁ ଅଛି ଓ ସବୁ ଜାତିର ସାପ ପାଇଁ ଏକ ସାଧାରଣ ନାଁ ବି ଅଛି । କିନ୍ତୁ ଅଷ୍ଟ୍ରେଲିଆ ଭାଷାମାନଙ୍କରେ (ଯାହା ଭିତରେ ଏହି ଆରାଣ୍ଡା ଉପଜାତିମାନେ ଏକ ଅଂଶ) ସାପର ସାଧାରଣ ନାଁ କେହି ପସନ୍ଦ କରନ୍ତି ନାହିଁ ଆମେ ଯେମିତି କହୁଛୁଁ "ମୁଁ ବାଟରେ ଗଲାବେଳେ ସାପଟାଏ ମରି ପଡ଼ିଥିବାର ଦେଖିଲି ।" ସେମାନେ କହିବେ । "ମୁଁ ବାଟରେ ଗଲାବେଳେ ଗୋଟାଏ ମରି ପଡ଼ିଥିବାର

ଦେଖିଲି ।" ବା 'ମୁଁ ଢେମଣାଟାଏ' ବା 'ଇଣାଟାଏ' 'ଗୋଖୁରଟାଏ', 'ଚିତିଟାଏ' ଏହିଭଳି । ତେଣୁ ତାଙ୍କ ପାଇଁ ସାପ ବୋଲି କହି ଦେଲେ କଥା ତୁଟିବ ନାହିଁ । ବିଷଧର ସାପ ନା ନୁହେଁ ଖାଦ୍ୟ ସାପ ନା ଅଖାଦ୍ୟ ସାପ ଏହିଭଳି କହିଲେ ଯାଇ ଚଳେ ।

ବିଭିନ୍ନ ସାମାଜିକ ଅବସ୍ଥା ଓ ବିଭିନ୍ନ ଗତି ପ୍ରଗତିରେ ବିକାଶ ଧାରାର ଅନୁବର୍ତ୍ତନ ବିଭିନ୍ନ ଭାଷାର ବିଚିତ୍ରତା ଓ ବିବିଧ ଶବ୍ଦ ଭଣ୍ଡାର ସୃଷ୍ଟି କରିଛି । ତେଣୁ ଗୋଟିଏ ଭାଷା ସର୍ବୋତ୍ତମ ଓ ଆଉଟି ନିକୃଷ୍ଟ ବା ସର୍ବନିକୃଷ୍ଟ ଏଭଳି କହିବାର କୌଣସି ଅର୍ଥ ନାହିଁ । ଠିକ୍ ଯେମିତି ତାଳଗଛ ଉତ୍କୃଷ୍ଟ ନା ପାଇନ୍‌ଗଛ ଉତ୍କୃଷ୍ଟ କହିବାରେ କୌଣସି ମାନେ ହୁଏ ନାହିଁ । ଆଫ୍ରିକା ଉତ୍କୃଷ୍ଟ କି ଇଉରୋପ ଏଭଳି ପ୍ରଶ୍ନର ବି କିଛି ମାନେ ନାହିଁ ।

ଆମର ବାସଭୂମି ଏହି ଗ୍ରହର ଲୋକ ସଂଖ୍ୟା ଏବେ ଛଅଶହ ପଚାଶ କୋଟିକୁ ଧାପ ଦେଲଣି । ଏହି ଛଅଶହ ପଚାଶ କୋଟି ଲୋକ ହଜାର ହଜାର ଭାଷରେ କଥା କହନ୍ତି । ସବୁ ମନୁଷ୍ୟ ହେଉଛନ୍ତି ଲିଙ୍ଗ, ସଂସ୍କୃତି ଓ ବଂଶ ନିର୍ବିଶେଷରେ ସମାନ । ଠିକ୍ ସେଭଳି ପୃଥିବୀର ସବୁ ଭାଷା ସମାନ ମୂଲ୍ୟବାନ ଓ ସମସ୍ତଙ୍କର ସମାନ ଅଧିକାର ରହିଛି ।

# ସଂଖ୍ୟା ଓ ଭାଷା

କାର୍ଲମାର୍କସ କହୁଥିଲେ ଯେଉଁ ବିଜ୍ଞାନ ଯେତେବେଳେ ଗଣିତର ବ୍ୟବହାର କରିବାରେ ସମର୍ଥ ହୁଏ ସେତେବେଳେ ସେ ବିଜ୍ଞାନ ହୁଏ ପ୍ରକୃତ ବିଜ୍ଞାନ, ସମ୍ପୂର୍ଣ୍ଣ ବିଜ୍ଞାନ । ସଂଖ୍ୟା ଓ ଠିକ୍ ଠିକ୍ ମାପଚୁପ ବର୍ତ୍ତମାନ ପ୍ରାଣୀ ବିଜ୍ଞାନ, ପ୍ରତ୍ନତତ୍ତ୍ୱ ଅର୍ଥନୀତି ଓ ମନସ୍ତତ୍ତ୍ୱର ଆଲୋଚନାର ବ୍ୟବହାରରେ ଲାଗୁଛି । ଏପରିକି ଭାଷାତତ୍ତ୍ୱ ମଧ୍ୟ ଏବେ ଗାଣିତିକ ସଂଖ୍ୟା ଓ ମାପଚୁପ ବ୍ୟବହାର କରିବାକୁ ଆରମ୍ଭ କରିଛି । ତେଣୁ ଭାଷାତତ୍ତ୍ୱ ଏକ ବୈଜ୍ଞାନିକ ବାସ୍ତବ ବିଜ୍ଞାନରେ ପରିଣତ ହେଉଛି···

## ଭାଷାର ଶବ୍ଦ ସଂପଦ

କୌଣସି ଭାଷାରେ ତା'ର ପ୍ରଧାନ ସମ୍ବଳ ତା'ର ଶବ୍ଦ ସଂପଦ । ପୃଥିବୀର ବିକଶିତ ଭାଷାମାନଙ୍କରେ ଏହି ଶବ୍ଦର ଭଣ୍ଡାର ବିଶାଳ । ହଜାର ହଜାର ଠାରୁ ଅୟୁତ ଅୟୁତ । ଏତେ ଶବ୍ଦ କେହି ଶିଖେ ନାହିଁ । କେହି ବ୍ୟବହାରରେ ଲଗାଏ ନାହିଁ । ଯେଉଁମାନେ ବିଦେଶୀ ଭାଷା ଶିଖନ୍ତି ସେମାନେ ଜାଣନ୍ତି ସେହି ଭାଷାର ସବୁଠାରୁ ପ୍ରଚଳିତ ଶବ୍ଦ ଗୁଡ଼ିକର ପ୍ରୟୋଗ ଜାଣିଲେ ଯଥେଷ୍ଟ ।

ଆମେରିକା ସ୍କୁଲମାନଙ୍କରେ ଫରାସୀ ଭାଷାର ଯେଉଁ ପଢ଼ାପୋଥି ଚଳୁଛି ସେଥିରୁ ଷୋହଳଟି ନମୁନା ନିଆ ଯାଇଥିଲା । ଏଭଳି ଧାରଣା ହେବା ସ୍ୱାଭାବିକ ଯେ ଏଥିରୁ ଅଧିକାଂଶ ବହିରେ ଯାହା ସବୁ ଶବ୍ଦ ଥିବ ସେଗୁଡ଼ିକ ପ୍ରାୟ ଶତକଡ଼ା ୭୦।୮୦ ଯାଏ ମେଳ ଖାଉଥିବ । ବିଶେଷତଃ ମୁଁ, ତୁମେ, ମା, ଖାଇବା, ଶୋଇବା ଇତ୍ୟାଦି ଶବ୍ଦ ତ ନିଶ୍ଚିତ ଭାବରେ ମୌଳିକ ଭାବ ପ୍ରକାଶର ଶବ୍ଦ ।

କିନ୍ତୁ ଲକ୍ଷ୍ୟ କରାଗଲା ଯେ ପ୍ରତ୍ୟେକ ପଢ଼ା ପୋଥିରେ ଯେତେ ଶବ୍ଦ ଅଛି ସେଥିରୁ ମାତ୍ର ଶତକଡ଼ା ଦୁଇର ପରସ୍ପର ସାଥିରେ ମେଳ ଅଛି । ବାକି ଅନ୍ୟ ଶବ୍ଦ ଗୁଡ଼ିକରେ ମେଳ ନାହିଁ । ଷୋହଳଟି ପଢ଼ା ପୋଥିରେ ଛଅହଜାର ଫରାସୀ ଶବ୍ଦ ଅଛି ତା ଭିତରୁ ୧୩୪ଟି ସାଧାରଣ ଶବ୍ଦ । ବାକି ଗୁଡ଼ିକ ପରସ୍ପର ଠାରୁ ଅଲଗା ।

ମନେକର ଦୁଇଜଣ ଲୋକ ଯିଏ ଫରାସୀ ଭାଷା ପଢିଛନ୍ତି କିନ୍ତୁ ଦୁଇଟି ଅଲଗା ଅଲଗା ପଡା ପୋଥିରୁ ପଢ଼ିଛନ୍ତି ସେମାନେ ଫରାସି ଭାଷାରେ କଥାଭାଷା ହେବେ । ତେବେ କେହି କାହାକୁ ବୁଝିପାରିବେ ନାହିଁ । ୧୩୪ ଗୋଟି ଶବ୍ଦ ଭିତରେ ସେମାନେ କି ପ୍ରକାର କଥାବାର୍ତ୍ତା କେତେ କାଳ ଚଳାଇ ପାରିବେ ?

ମନେ ହୋଇପାରେ ଏଭଳି ଘଟଣା ଗୋଟାଏ ବ୍ୟତିକ୍ରମ । ଏହା ସତସତିକି ସତ୍ୟ ନୁହେଁ । ଅର୍ଥାତ୍ ଅନ୍ୟାନ୍ୟ କ୍ଷେତ୍ରରେ ଏଭଳି ପଢ଼ା ପୋଥିର ଶବ୍ଦ ଗୁଡିକର ତୁଳନା କଲେ ଏଥିରୁ ଆହୁରି ବେଶି ଶବ୍ଦର ମେଳ ଦେଖିବାକୁ ମିଳିବ । କିନ୍ତୁ ଦୁର୍ଭାଗ୍ୟର କଥା ଏକଥା ନୁହେଁ । ସ୍ପେନୀୟ ଭାଷାରେ ଦଶଟି ପଢ଼ା ବହିର ସର୍ବମୋଟ ୪୫୦୦ ଶବ୍ଦ ଭିତରୁ ୨୪୯ଟି ଶବ୍ଦ ସାଧାରଣ ଶବ୍ଦ ମିଳିଥିଲା ବାକୀ ସବୁଗୁଡିକ ପରସ୍ପର ଠାରୁ ଭିନ୍ନ । ସେହି ସ୍ପେନୀୟ ଭାଷାରେ ୨୬ ଗୋଟି ପଢ଼ା ବହିରେ ୧୩,୦୦୦ ବିଭିନ୍ନ ଶବ୍ଦ ମିଳିଛି ଯେଉଁ ଗୁଡ଼ିକ ହେଉଛି ମୌଳିକ ସ୍ପେନୀୟ ଶବ୍ଦ । ତେବେ କିଭଳି ସବୁଠାରୁ ଲୋଡ଼ା ଶବ୍ଦ ଗୁଡିକୁ ସଜାଡ଼ି ଗୋଟିଏ ଅଭିଧାନ ତିଆରି କରାଯାଇ ପାରିବ ଯାହା ଫଳରେ ହୁଏତ ଦିନେ ଆମେ ଆମରି ଓଡ଼ିଆଭାଷାକୁ ବିଦେଶୀଙ୍କୁ ଶିଖେଇବାର ସୁବିଧା କରି ପାରିବା ? ଅର୍ଥାତ୍ ଏପରିତ କୌଣସି ଉପାୟ ବାହାର କରାଯାଇ ପାରିବ ନାହିଁ ଯାହା ଫଳରେ କୌଣସି ସଂକଳୟିତାର ମନ-ମଣ୍ଡଳରେ ନ ପଡ଼ି ଯେ କୌଣସି ଭାଷା ପାଇଁ ମୌଳିକ ଶବ୍ଦ ସଂପଦର ଗୋଟିଏ ତାଲିକା ହୋଇ ପାରିବ ?

ଅବଶ୍ୟ ପ୍ରତ୍ୟେକ ଭାଷାରେ ପ୍ରଥମ ଦଶଟି ଯାଏ ଶବ୍ଦ ବାହାର କରିବା ସହଜ । ଯଥା ଏକ ଠାରୁ ଦଶଯାଏ ସଂଖ୍ୟା, ସର୍ବନାମ ଗୁଡିକ, ଆଉ ମା, ନାଆଁ, ଇତ୍ୟାଦି ବିଶେଷ୍ୟ ପଦ ଆଉ ଶୋଇବା, ଉଠିବା, ଖାଇବା ଭଳି କେତୋଟି କ୍ରିୟା । କିନ୍ତୁ ତାଲିକାର ଶବ୍ଦ ସଂଖ୍ୟା କେତେ ଶହ ଶବ୍ଦ ହେଲା ମାତ୍ରେ—ହେବ ତ ନିଶ୍ଚୟ—ବିଭିନ୍ନ ସଙ୍କଳୟିତା ବିଭିନ୍ନ ଶବ୍ଦକୁ ଆଣିବାରେ ଲାଗିବେ । କେହି ଯଦି ଭାବିବ ଯେ ସର୍ଜନା କରିବା ବା 'ସରିଜିବା' ବା 'ବନାଇବା' ଶବ୍ଦଟା ରହିବା ଅତ୍ୟନ୍ତ ଲୋଡ଼ା ଆଉ ଜଣେ ହୁଏତ ଭାବିବ 'କରିବା' ଶବ୍ଦଟା ହେଲେ ଚଳିଯିବ

ତେଣୁ 'ବନାଇବା' ବା 'ତିଆରି କରିବା' ଶବ୍ଦ ଲୋଡ଼ା ନାହିଁ, ବରଂ 'ତିଆରି କରିବା'କୁ ତାଲିକାରୁ ବାଦ ଦେଇ ତା ଜାଗାରେ 'ଶିକାର କରିବା' ଲେଖିଲେ ଆହୁରି ଠିକ୍ ହେବ । ଏଭଳି ସଂକଳପ୍ସିତା ଭେଦରେ ବିଭିନ୍ନ ଶବ୍ଦ ଯାଇ ଏହି ମୌଳିକ ଶବ୍ଦପଞ୍ଜୀରେ ସ୍ଥାନ ପାଇବ ଓ ଫଳରେ ଉପରେ ଦୃଷ୍ଟାନ୍ତ ଭାବେ ଦିଆଯାଇଥିବା ଆମେରିକାର ସ୍କୁଲମାନଙ୍କରେ ଷୋହଳଟି ଫରାସି ପଢ଼ା ପୋଥିରେ ୧୩୪ ଗୋଟି ମେଳକ ଶବ୍ଦ ମିଳିବ ଆଉ ଟ୍ରେମାପ୍ସ ଭାଷାର ୨୭ଟି ବହିରେ ୧୩,୦୦୦ ମୌଳିକ ଶବ୍ଦ ମିଳିବ ଯାହା ତ ଗୋଟାଏ ବିଶାଳ ପାରାବାର ଓ ଯାହା ତ ଶିଖିବା ତେଣୁ କାଠିକରପାଠ ହୋଇଯିବ । ତେଣୁ ଜଣେ ନୂଆ ଶିକ୍ଷାଳିଙ୍କୁ ଏଭଳି ଭାଷାର ଢିଙ୍କି ଗିଳାଇବାକୁ ବସିବା ତ ଅସମ୍ଭବ କଥା ।

ତେବେ ଏଭଳି ଗୋଟିଏ ମୌଳିକ ଶବ୍ଦ ଥିବା ପଢ଼ା ବହି କ'ଣ ତିଆରି ହୋଇ ପାରିବ ନାହିଁ ? ଅଥବା କେଉଁ ଭାଷାର କେଉଁ ଶବ୍ଦ ସବୁଠାରୁ ମୌଳିକ ଏକଥା କ'ଣ ଠିକଣା କରାଯାଇ ପାରିବ ନାହିଁ ? କେଉଁ ଶବ୍ଦ ଗୁଡ଼ିକ ବହୁତ ବ୍ୟବହାର ହୁଏ ସେ ଗୁଡ଼ିକ କ'ଣ ବାଛି ହେବ ନାହିଁ ? ଓ ଅପେକ୍ଷାକୃତ ଅଲୋଡ଼ା ଶବ୍ଦଗୁଡ଼ିକ ଛାଡ଼ିଦେଇ ହେବ ନାହିଁ ?

ଏହି କାର୍ଯ୍ୟରେ ଗଣିତ ଭାଷାତତ୍ତ୍ୱର ସହାୟ । ବୈଜ୍ଞାନିକ ଭାଷାରେ କହିଲେ ଗାଣିତିକ ସଂଖ୍ୟାତତ୍ତ୍ୱ ଓ ଭାଷା ଶିକ୍ଷାର ସରଳ ପଦ୍ଧତି ହେଉଛି ଏହି ସମସ୍ୟା ସମାଧାନର ଏକମାତ୍ର ସୂତ୍ର ।

## ବହୁ-ବ୍ୟବହୃତ ଶବ୍ଦ ଅଭିଧାନ

ବହୁ-ବ୍ୟବହୃତ ଶବ୍ଦ କାହାକୁ କହିବା ? ଯେଉଁ ଶବ୍ଦ ବକ୍ତୃତା ଭାଷଣରେ ଓ ଲେଖା ଲେଖିରେ ବେଶି ଥର ବାରମ୍ବାର ବ୍ୟବହାରରେ ଆସେ । ଯେତେ ବେଶି ଥର ଶବ୍ଦ ସାଙ୍ଗରେ ଭେଟ ହୁଏ ସେତିକି ତା'ର ବହୁ ବ୍ୟବହାରର ଉଚ୍ଚମାନ ଅଛି ବୋଲି ଧରାଯାଏ ।

ସ୍ୱାଭାବିକ ହେଉଛି ଯେ ଯେଉଁ ରକମର ବହିକୁ ଆମେ ଏହି ନମୁନା କରି ନେଉଛୁଁ ସେହି ବହି ଉପରେ ବି ଶବ୍ଦର ବ୍ୟବହାର ନିର୍ଭର କରେ । ଆମେ ଯଦି ଶରୀର ବିଜ୍ଞାନ ବିଷୟରେ ଗୋଟିଏ ବହି

ନେଇ ସେଥିରେ ସର୍ବାପେକ୍ଷା ବହୁ ବ୍ୟବହୃତ ଶବ୍ଦକୁ ଖୋଜୁ ତେବେ ବୋଧହୁଏ ପ୍ରଥମ ଶବ୍ଦ ହୋଇ ବାହାରି ଆସିବ 'ଶରୀର' । ଠିକ୍ ସେହି ପରି ଉଦାହରଣ ସ୍ୱରୂପ ଆମେ ଯଦି 'ଛ'ମାଣ ଆଠଗୁଣ୍ଠ' ଉପନ୍ୟାସଟି ନେଉଁ ତେବେ ତାହାର ପ୍ରଥମ ଦଶ ପୃଷ୍ଠାରେ ଯେଉଁ ଶବ୍ଦଗୁଡ଼ିକ ସବୁଠାରୁ ବେଶି ବ୍ୟବହୃତ ଶବଦ ବୋଲି ଧରା ପଡ଼ିବ ହୁଏତ ନହିଁ ବା ଶେଷ ଦଶ ପୃଷ୍ଠାରେ ସେ ଗୁଡ଼ିକ ଭିତରୁ ଅଧିକାଂଶ ବେଶି ବ୍ୟବହୃତ ଶବ୍ଦ ହୋଇ ନଥିବେ । ଓଡ଼ିଆ ଭାଷାରେ ଏଭଳି ପରୀକ୍ଷା ତ ଏପର୍ଯ୍ୟନ୍ତ ହୋଇ ନାହିଁ । ତେବେ ପୃଥିବୀର ଅନେକ ଭାଷାରେ ଏଭଳି ପରୀକ୍ଷା ହୋଇଛି । ଉଦାହରଣ ସ୍ୱରୂପ ରୁଷୀୟ ଭାଷାର ଲେଖକ-କବି ପୁଷ୍କିନ୍‌ଙ୍କର ଗୋଟିଏ ଗଳ୍ପ "କ୍ୟାପଟେନଙ୍କର ଝିଅ" ରେ ଏକଥା ପରଖ କରାଯାଇଥିଲା । ସେହି ଗଳ୍ପରେ 'ଦୁର୍ଗ' ଶବ୍ଦଟି ୯୮ ଥର ମିଳିଥିଲା । କିନ୍ତୁ ରୁଷୀୟ ଭାଷାରେ ଆଉ ଗୋଟିଏ ସମାନ ସଂଖ୍ୟକ ଶବ୍ଦ ବିଶିଷ୍ଟ ଗଳ୍ପ (ମୋଟା ମୋଟି ୩୦,୦୦୦ ଶବ୍ଦ) ନିଆଯାଇ ଦେଖାଗଲା ଯେ ସେଥିରେ ଅତି ଜୋରରେ 'ଦୁର୍ଗ' ଶବ୍ଦଟି ଥରେ ବା ଦୁଇଥର ବ୍ୟବହୃତ ହୋଇଛି ।

ଏ ତ ଏକ ବିଷମ ସମସ୍ୟା ! ଗୋଟିଏ ନିର୍ଦ୍ଦିଷ୍ଟ ବହିର ଶବ୍ଦ ତାଲିକା ଖାଲି ଦେଖିଲେ ତ ଏ ସମସ୍ୟା ଉପୁଜିବ ହିଁ ଉପୁଜିବ । ତେଣୁ ସର୍ବଶ୍ରେଷ୍ଠ ଉପାୟ ହେଲା, ଅନେକ ଗୁଡ଼ିଏ ବହି ନେବା ଓ ସେହି ବହି ଗୁଡ଼ିକରୁ ବିଭିନ୍ନ ଶବ୍ଦ କେତେଥର ଲେଖାଏଁ ଦେଖା ପଡୁଛନ୍ତି ତାହାର ହିସାବ ନେବା ଓ ସେଥିର ଫଳ ମିଳାଇ ଗୋଟାଏ ମୋଟାମୋଟି ବହୁ ବ୍ୟବହୃତ ଶବ୍ଦର ତାଲିକା ଠିଆ କରାଇବା । ଏଭଳି ଯେତେ ବିଭିନ୍ନ ରକମର ବହିର ନିର୍ଦ୍ଦିଷ୍ଟ ୩୦,୦୦୦ ଯାଏ ଶବ୍ଦ ନିଆଯିବ ଓ ସେଥିରୁ ଏଭଳି ମଧ୍ୟମା ବାହାର କରାଯିବ ତେବେ ବ୍ୟବହାରର ସଂଖ୍ୟା ଅନୁସାରେ କେତେ ଗୁଡ଼ିଏ ବହୁ-ବ୍ୟବହୃତ ଶବ୍ଦ ମିଳି ପାରିବ । ଯଦି ମନେ କରନ୍ତୁ 'ଦୁର୍ଗ' ଶବ୍ଦଟି ଏଭଳି ସଂକଳନରେ ଗଣାହୋଇ ନିମ୍ନ-ସ୍ତରରେ ପଡ଼ିଲା ତେବେ ତାହା ଅଳ୍ପ ବ୍ୟବହୃତ ଶବ୍ଦ ହୋଇ ରହିବ । ରୁଷ ଭାଷାରେ ଏଭଳି ୧୩୩ ଗୋଟି ଗଦ୍ୟାଦର୍ଶକୁ ନେଇ ପରୀକ୍ଷା କରିବାରେ ଦେଖା ଯାଇଛି ଯେ କେବଳ ୧୯ ଗୋଟି ଗଦ୍ୟାଦର୍ଶରେ 'ଦୁର୍ଗ' ଶବ୍ଦଟି ମିଳୁଛି । ତେଣୁ ଏହା ପ୍ରମାଣ କରୁଛି ଯେ 'ଦୁର୍ଗ' ଶବ୍ଦଟି ବହୁ ବ୍ୟବହୃତ ଶବ୍ଦ ଭିତରୁ ଗୋଟିଏ

ନୁହେଁ । ତେଣୁ ରୁଷ ଭାଷାରେ ଏକ ବହୁ ବ୍ୟବହୃତ ଶବ୍ଦ କୋଷ ତିଆରିରେ ଏହି ଶବ୍ଦର ସ୍ଥାନ ବହୁତ ଉଚ୍ଚରେ ।

ହେଲେ ବିଭିନ୍ନ ଗଦ୍ୟାଦର୍ଶର ସଂଖ୍ୟା ବଢ଼ାଇ ଦେଲେ ଓ ତାହାର ମନେ କରନ୍ତୁ—୩୦,୦୦୦ ଶବ୍ଦ ଭିତରେ ଆପଣାର ଗଣନାକୁ ସୀମାବଦ୍ଧ ରଖିଥିଲେ ଗୋଟିଏ ପ୍ରକାର ଫଳ ମିଳିପାରେ, କିନ୍ତୁ ଏହାଠାରୁ ଆହୁରି ବହୁ ସଂଖ୍ୟକ ଶବ୍ଦ ଥିଲା ବହି ଗୁଡ଼ିକ ପରୀକ୍ଷା କଲେ ଫଳରେ ପାର୍ଥକ୍ୟ ଆସିପାରେ ।

ଓଡ଼ିଆ ଭାଷାରେ ଆମେ ଏହିଭଳି ପ୍ରକ୍ରିୟା ଯୋଗେ ବହୁ ବ୍ୟବହୃତ ଶବ୍ଦ କୋଷ ତିଆରି କରିନାହୁଁ । କିନ୍ତୁ ପୃଥିବୀର ବହୁ ଭାଷାରେ ଯଥା ଇଂରାଜୀ, ଜର୍ମାନ, ରୁଷ, ପୋଲ, ଚେକ୍, ପର୍ତ୍ତୁଗିଜ, ସ୍ପେନୀୟ ଇତ୍ୟାଦି ଭାଷା ମାନଙ୍କରେ ଏଭଳି ଶବ୍ଦ କୋଷମାନ ତିଆରି ହେଲଣି ।

ସ୍ପେନୀୟ ଭାଷାର ଏହି ବହୁ-ବ୍ୟବହୃତ ଶବ୍ଦ କୋଷର ସଙ୍କଳୟିତା ହେଉଛନ୍ତି ଗାରସିଆ ହୋଜ୍ । ସେ ପ୍ରାୟ ଚାରି ଲକ୍ଷ ସ୍ପେନୀୟ ଶବ୍ଦକୁ ବିଭିନ୍ନ ଗଦ୍ୟାଦର୍ଶରୁ ପରୀକ୍ଷା କରି ଏହି ପୋଥି ସଙ୍କଳନ କରିଛନ୍ତି । ଠିକ୍ ସେପରି ଚେକ୍ ଭାଷାରେ ଦୁଇ ଲକ୍ଷ ଶବ୍ଦରୁ, ପୋଲ ଭାଷାରେ ୭୦ ଲକ୍ଷ ଶବ୍ଦରୁ, ଫରାସୀ ଭାଷାରେ ପନ୍ଦର ଲକ୍ଷ ଶବ୍ଦରୁ, ଜର୍ମାନ ଭାଷାରେ ଏକ କୋଟି ଦଶଲକ୍ଷ ଶବ୍ଦରୁ ଓ ଶେଷରେ ଇଂରାଜୀ ଭାଷାରେ ଏକ କୋଟି ଅଶୀ ଲକ୍ଷ ଶବ୍ଦରୁ ବଛା ହୋଇ ଏଭଳି ଶବ୍ଦ କୋଷ ତିଆରି କରାଯାଇଛି ।

ଏହି ବହୁ ବ୍ୟବହୃତ ଶବ୍ଦକୋଷରେ ସାଧାରଣତଃ ଯେଉଁ ଶବ୍ଦଗୁଡ଼ିକ ସବୁଠାରୁ ଅଧିକ ବ୍ୟବହୃତ ସେଗୁଡ଼ିକୁ ସବା ଆଗ ସ୍ଥାନ ଦିଆଯାଇ ତା' ପଛକୁ ଅପେକ୍ଷାକୃତ ଅଳ୍ପ ବ୍ୟବହୃତ ଶବ୍ଦର ସ୍ଥାନ ସ୍ଥିର କରାଯାଇଥାଏ । ପୃଥିବୀରେ ଏହି ଧରଣର ସବୁଠାରୁ ବଡ଼ ଶବ୍ଦକୋଷ ହେଉଛି ଥର୍ଣ୍ଡାଇକ ଓ ଲଜ୍‌ଙ୍କର ଇଂରାଜୀ ଭାଷାର ଅଭିଧାନ ବହି । ପ୍ରାୟ ଏକ କୋଟି ଅଶୀ ଲକ୍ଷ ଶବ୍ଦ ଭିତରୁ ବଛା ହୋଇ ଯେଉଁ ଶବ୍ଦମାନେ ଚାରି ବା ତତୋଧିକ ଥର ବ୍ୟବହୃତ ହୋଇଛନ୍ତି ଏଭଳି ତିରିଶ ହଜାର ଶବ୍ଦ ଏହି ଅଭିଧାନରେ ସ୍ଥାନ ପାଇଛି ।

ରୁଷ ଭାଷାରେ ପ୍ରାପ୍ତ ଦଶ ଲକ୍ଷ ଶବ୍ଦକୁ ୧୩୩ ଗୋଟି ଗଦ୍ୟାଦର୍ଶ ଭିତରୁ ପରୀକ୍ଷା କରି ତେର ବା ତତୋଧିକ ଥର ବ୍ୟବହୃତ ହୋଇଥିବା ୫୨୩୦ ଗୋଟି ଶବ୍ଦକୁ ରୁଷର ବହୁ ବ୍ୟବହୃତ ଶବ୍ଦ କୋଷରେ ସ୍ଥାନ ଦିଆ ଯାଇଛି ।

## ପଢ଼ା ବହିର ଶବ୍ଦ କ'ଣ ହେବ ?

ପରିସଂଖ୍ୟାନର ସାହାଯ୍ୟ ନେଇ ଆମେ ସବୁଠାରୁ ବେଶୀ ଦେଖା ଦେଉଥିବା ଓ ସବୁଠାରୁ ଲୋଡ଼ା ଶବ୍ଦଗୁଡ଼ିକ ବାଛି ପାରିବୁ ।

ତେବେ ଆମର ସର୍ବାଙ୍ଗ ଶବ୍ଦ ଭଣ୍ଡାର ଲାଗି ଆମ ପାଇଁ କେତେଟି ଶବ୍ଦ ହେଲେ ଚଳିବ ? ଇଂରାଜୀ ଭାଷାର ଶିକ୍ଷକଙ୍କର ବହୁ ବ୍ୟବହୃତ ଶବ୍ଦ କୋଷରେ ଏଭଳି ୩୦,୦୦୦ ଶବ୍ଦ ଦେଖିବାକୁ ମିଳିବ । କିନ୍ତୁ ମୌଳିକ ଶବ୍ଦ ତାଲିକାରେ ଏତେ ତିରିଶ ହଜାର ଶବ୍ଦ ଲୋଡ଼ା ପଡ଼ିବ ନାହିଁ । ତେବେ କେତେ ହଜାର ହେଲେ ଚଳିବ, ସେକଥା କିପରି ସ୍ଥିର କରାଯିବ ?

ମନଇଚ୍ଛା ଏକ, ଦୁଇ, ତିନି ବା ଚାରି ହଜାର ଶବ୍ଦ ନେବାରୁ ରକ୍ଷା ପାଇବାକୁ ହେଲେ ଆମକୁ ପୁଣି ପରିସଂଖ୍ୟାନର ସାହାଯ୍ୟ ନେବାକୁ ପଡ଼ିବ । ଭାଷା ଭିତରେ ସବୁଠୁଁ ଲୋଡ଼ା ଶବ୍ଦଗୁଡ଼ିକ ବାସ୍ତବ କ୍ଷେତ୍ରରେ କେତେ ଥର ବ୍ୟବହାର କରିବାକୁ ପଡ଼ିବ । କିନ୍ତୁ ଆମେ ଯଦି ମନଇଚ୍ଛା ଶବ୍ଦର ସଂଖ୍ୟାକୁ ସ୍ଥିର କରିନେଉ ତେବେ ତ ପୁଣି ଅଡୁଆ ହୋଇଯିବ ।

ତେଣୁ ପୁଣି ଗଣିତର ଆଶ୍ରା ନେବାକୁ ପଡ଼ିବ । ରୁଷ ଭାଷାରେ ପୂର୍ବରେ କୁହାଯାଇଥିବା ପୁଷ୍କିନଙ୍କର 'କପ୍ତାନର ଝିଅ' ଗଳ୍ପରେ 'ମୁଁ' ଏହି ସର୍ବନାମ ୨୯୦୦୦ ଶବ୍ଦ ଭିତରେ ୧୧୬୦ ଥର ଦେଖା ଦେଇଛି । ତେଣୁ ପ୍ରତି ପଚିଶ ଶବ୍ଦରେ ଥରେ ଲେଖାଏଁ 'ମୁଁ' ଶବ୍ଦଟି ପଡ଼ିଛି । ଏହି ପରୀକ୍ଷା କରିଥିବା ଗବେଷକ ୟୁ ମାର୍କୋଭ ଦର୍ଶାଇଛନ୍ତି ଯେ ଗଳ୍ପଟିରେ ଲେଖକଙ୍କର ବ୍ୟବହୃତ ଅଂଶ ଭିତରେ ଭାଷାର ଗଢ଼ଣ-ସୂଚକ ଶବ୍ଦ ଭିତରୁ ଶତକଡ଼ା ୩୫.୩ ଆସିଛି ଖୋଦ୍ ଲେଖକଙ୍କର ବର୍ଣ୍ଣନା ଭିତରେ ଓ ୬୪.୯% ଆସିଛି ଗଳ୍ପର ବିଭିନ୍ନ ଚରିତ୍ରଙ୍କର କଥା ବା ବକ୍ତବ୍ୟରେ ।

ପ୍ରତ୍ୟେକ ଜାତୀୟ ଶବ୍ଦ ଭଣ୍ଡାର ଭିତରେ କେତେଗୁଡ଼ିଏ ମନ-ଗୋଲ ଶବ୍ଦ ଅଛି ସେଗୁଡ଼ିକ କେବଳ ଭାଷା ଗଢ଼ଣ ପାଇଁ ଲୋଡ଼ା ଶବ୍ଦ ନୁହେଁ । ପ୍ରତ୍ୟେକ ଗଦ୍ୟାଦର୍ଶ ଭିତରେ ଅଦ୍ଭୁତ ଅଦ୍ଭୁତ ବିରଳ ଶବ୍ଦ ଅଛି ଯେଉଁମାନେ ଥରେ ବା ଦୁଇଥରରୁ ବେଶୀ ବ୍ୟବହାରରେ ଲୋଡ଼ା ପଡ଼ନ୍ତି ନାହିଁ । ତେଣୁ କୌଣସି ଭାଷାକୁ ମୋଟାମୋଟି ଆଲୋଚନା କଲେ ସେଥିରେ ବାରମ୍ବାର ବ୍ୟବହୃତ ହେଉଥିବା ଶବ୍ଦର ସଂଖ୍ୟା ଅଳ୍ପ ହୋଇ ଜଣାପଡ଼େ । ଏହାର ବୈଜ୍ଞାନିକ ଅର୍ଥ ହେଲା ବିଭିନ୍ନ ଶବ୍ଦର ବିଭିନ୍ନ ପରିମାଣର ଗଦ୍ୟାଦର୍ଶ ଗଠନର କ୍ଷମତା ବା ଦକ୍ଷତା ରହିଛି ।

ହିସାବରୁ ଜଣାଯାଉଛି ଯେ ଯେକୌଣସି ଇଂରାଜୀ ଗଦ୍ୟାଦର୍ଶ ଭିତରେ ଶତକଡ଼ା ୭୫ ଶବ୍ଦ ହେଉଛନ୍ତି ୭୩୬ଟି ଶବ୍ଦ । ଏହାର ଅର୍ଥ ହେଲା ଯଦି ଆମେ ୭୩୬ଟି ଇଂରାଜୀ ଶବ୍ଦ ଆୟତ୍ତ କରି ନେଇପାରୁ ତେବେ ଆମେ ଯେ କୌଣସି ଇଂରାଜୀ ଗଦ୍ୟାଦର୍ଶରେ ତିନି ଚତୁର୍ଥାଂଶ ଶବ୍ଦ ସହିତ ପରିଚିତ ହୋଇ ପାରିବା । ସବୁ ଇଂରାଜୀ ଗଦ୍ୟାଦର୍ଶର ଶତକଡ଼ା ୮୦.୫ ଶବ୍ଦକୁ ଇଂରାଜୀ ଭାଷାର ବହୁ ବ୍ୟବହୃତ ହଜାରେଟି ଶବ୍ଦରେ ବୁଝି ହୋଇଯିବ । ସେହିପରି ହଜାରେଟି ଶବ୍ଦରେ ଫରାସୀ ଗଦ୍ୟାଦର୍ଶର ଶତକଡ଼ା ୮୩.୫, ସ୍ପେନୀୟ ଗଦ୍ୟାଦର୍ଶରେ ଶତକଡ଼ା ୮୧ ଶବ୍ଦ ବୁଝା ପଡ଼ିବ । ଇଂରାଜୀ ଭାଷାର ଦୁଇହଜାର ସବୁଠାରୁ ସାଧାରଣ ଶବ୍ଦ ଆୟତ୍ତ କରି ପାରିଲେ ଯେ କୌଣସି ଇଂରାଜୀ ଗଦ୍ୟାଦର୍ଶର ଶତକଡ଼ା ୮୬ ଶବ୍ଦ ଆୟତ୍ତରେ ଆସିବ । ତିନି ହଜାର ହେଲେ ଶତକଡ଼ା ୯୦ ଓ ପାଞ୍ଚ ହଜାର ହେଲେ ଶତକଡ଼ା ୯୩.୫ । ଏହାର ଅର୍ଥ ହେଲା ଯେ ଯଦି ଆମେ ୫୦୦୦ ସବୁଠୁଁ ବହୁବ୍ୟବହୃତ ଇଂରାଜୀ ଶବ୍ଦରେ ଦଖଲ ରଖୁଁ ତେବେ କୌଣସି ତିନି ଶହ ଶବ୍ଦ ସମ୍ବଳିତ ଗୋଟିଏ ଇଂରାଜୀ ବହିର ଗୋଟିଏ ପୃଷ୍ଠାରୁ ତିନିଶହ ଶବ୍ଦ ଭିତରୁ ୨୮୧ ଗୋଟି ଶବ୍ଦ ବୁଝିପାରିବୁ ଓ କେବଳ ୧୯ଟି ଶବ୍ଦ ଆମର ପରିଚୟର ବାହାରେ ରହିଯିବ । ତେବେ ଇଂରାଜୀ ଶିଖୁଥିବା ଜଣେ ବିଦେଶୀ ଲୋକ ପ୍ରାୟ ପାଞ୍ଚ ହଜାର ବହୁ ବହୁ ଶବ୍ଦ ଆୟତ୍ତ କଲେ ଯେ କୌଣସି ଇଂରାଜୀ ଗଦ୍ୟାଦର୍ଶ ପଢ଼ି ବୁଝି ପାରିବ ।

ଶତକଡ଼ା ୯୩.୫ ସିନା ହେଲା, ତେବେ ତ ବି ୬.୫% ରହିଗଲା ତେବେ ଆମେ ଏହି ଶବ୍ଦର ତାଲିକା ଆଉ ଟିକିଏ ବଢ଼ାଇଲେ କଣ ହେବ ?

ଯଦି ଆମେ ୫୦୦୦ ଶବ୍ଦ ସ୍ଥଳରେ ୧୦,୦୦୦ ଶବ୍ଦକୁ ଆୟତ୍ତ କରୁଁ ତେବେ ଏହି ଶତକଡ଼ା ୯୩.୫ ବୃଦ୍ଧି ପାଇ ଶତକଡ଼ା ୯୬.୪ ହେବ । ତେଣୁ ଆମେ ଶବ୍ଦ ଭଣ୍ଡାର ଦୁଇଗୁଣ ବଢ଼ାଇଲେ ବି କେବଳ ଶତକଡ଼ା ୨.୯ ପର୍ଯ୍ୟନ୍ତ ଶବ୍ଦ ପରିଚୟ ବଢ଼ାଇ ପାରିଲେ ।

ଏଇଟା ଇଂରାଜୀ ଭାଷାର ବିଶେଷ ଚରିତ୍ର ଲକ୍ଷଣ ନୁହେଁ । ଜଣା-ଅଛି ସବୁ ଭାଷରେ ଏହାହିଁ ମୋଟା ମୋଟି ଅବସ୍ଥା । ସବୁଠାରୁ ବହୁ ବ୍ୟବହୃତ ଶବ୍ଦରୁ ୩୦୦ ଯାଏ ଶବ୍ଦ ଯେ କୌଣସି ଭାଷାର ଗଦ୍ୟ-ବର୍ଣ୍ଣର ଶତକଡ଼ା ୬୫ ଶବ୍ଦକୁ ଆପଣା ସୀମା ଭିତରେ ନେଇଯିବେ । ୫୦୦ ଶବ୍ଦ ହେଲେ ଶତକଡ଼ା ୭୦ ଯାଏ ସୀମାର ପରିଧି ଭିତରକୁ ଆସିଯିବ । ୧୦୦୦ ଶବ୍ଦ ଶିଖିଲେ ଶତକଡ଼ା ୮୦ ଯାଏ ଗଦ୍ୟବର୍ଣ୍ଣ ଆୟତ୍ତ କରିହେବ । ଅନ୍ତତଃ ଏକ ହଜାର ଶବ୍ଦ ବଢ଼ାଇ ପାରିଲେ ଆହୁରି ମାତ୍ର ଶତକଡ଼ା ୬ ଅର୍ଥାତ୍ ୮୬ % ଯାଏ ଗଦ୍ୟବର୍ଣ୍ଣ ଦଖଲରେ ହିଁ ଆସିବ । (ଇଂରାଜୀ ୬.୧ % ଫରାସୀ ୫.୯ % ଜର୍ମାନ ୫.୬ %) ଆହୁରି ଏକ ହଜାର ବହୁବ୍ୟବହୃତ ଶବ୍ଦ ଏହି ତାଲିକାରେ ଯୋଡ଼ିଲେ ଅର୍ଥାତ୍ ଶବ୍ଦ ଭଣ୍ଡାର ୩୦୦୦ ହେଲେ ଆଉ ଶତକଡ଼ା ୩ ଆୟତ୍ତରେ ଆସିବ, ଶବ୍ଦ ଭଣ୍ଡାର ୪୦୦୦ ହେଲେ ଆଉ ଶତକଡ଼ା ୨ ଓ ୫୦୦୦ ହେଲେ ତାହା ଉପରେ ଶତକଡ଼ା ୧ ଯାଏ ଆସିବ । ତେଣୁ ମୋଟ ଉପରେ ଗଣିତ ବିଦେଶୀ ଭାଷା ଶିକ୍ଷକଙ୍କୁ କେବଳ ସବୁଠାରୁ ବେଶୀ ବ୍ୟବହୃତ ଶବ୍ଦର ଗୋଟାଏ ତାଲିକା ଦେଇ ଚୁପ ରହେ ନାହିଁ, ଗଣିତ ଆଉ ମଧ୍ୟ କହିଦିଏ କେତେ ସବନିମ୍ନ ଶବ୍ଦ ହେଲେ ଚଳିବ । ତେଣୁ ଭାଷା ଶିକ୍ଷାବିତ୍ ବିଶାରଦ ଏପରି ସ୍ଥଳେ କଭଳି ଗଢ଼ା ପୋଥି ତିଆରି କଲେ ସବୁଠାରୁ କମ୍ ସଂଖ୍ୟାର ଶବ୍ଦ ନେଇ କାମ ଚଳାଇ ପାରିବ ତାହା ସ୍ଥିର କରି-ପାରେ । ଏସବୁ କାର୍ଯ୍ୟଗୁଡ଼ିକ ଭାଷା ଶିକ୍ଷା ବିଶାରଦର କାମ । ଏହା ଗଣିତ ବା ଗଣିତଜ୍ଞଙ୍କର କାମର ବାହାରେ । ଅବଶ୍ୟ ଗଣିତ ଖାସ୍ ପ୍ରଣାଳୀ ନିର୍ଣ୍ଣୟ କରିବାର ସମସ୍ୟା ସମାଧାନ କରିବାରେ ଓ କିପରି ବିଦେଶୀ ଭାଷାର ଉଚ୍ଚାରଣ ଅଭ୍ୟାସ କରିବାକୁ ହେବ ସେ ବିଷୟରେ ମଧ୍ୟ ପଦ୍ଧତି ଯୋଗାଇ ଦେଇପାରେ ।

# କଥାଭାଷା ପାଇଁ ଏକ ମୌଳିକ ଶବ୍ଦ ତାଲିକା

ଗୋଟିଏ ଭାଷା ଜାଣିବା ଅର୍ଥ ହେଲା ସେହି ଭାଷାରେ କଥା କହିବାର ଦକ୍ଷତା । ଗୋଟିଏ ବିଦେଶୀ ଭାଷାରେ ସ୍ୱଚ୍ଛନ୍ଦ ଭାବରେ କଥା କହିବାକୁ ହେଲେ ଅବଶ୍ୟ ନାନା ରକମ ଅସୁବିଧା ପାର ହେବାକୁ ପଡ଼େ । ଯଥା ମାତୃଭାଷାର ଅଭ୍ୟାସରୁ ମୁକ୍ତି । ବିଦେଶୀ-ଭାଷାର ଧ୍ୱନିଗୁଡ଼ିକ ଉପରେ ଦଖଲ, ବ୍ୟାକରଣଗତ ରଚନା ଓ ଠିକ ଠିକ ବାକ୍ୟବିନ୍ୟାସ ପଦ୍ଧତିକୁ ଆୟତ୍ତ କରିବା ଇତ୍ୟାଦି ଇତ୍ୟାଦି । ତେବେ କଥନ ପାଇଁ ଲିଖନ ଭଳି ପ୍ରଥମ କଥା ହେଲା ଏକ ଶବ୍ଦ ଭଣ୍ଡାର ହାସଲ କରିବା । ସବୁବେଳେ କଥା କହିବାକୁ ହେଲେ ଶବ୍ଦଗୁଡ଼ିକ ଜିଭ ଅଗରେ ଥିବା ଲୋଡ଼ା । ଲିଖନ ବେଳେ ପଦ ନ ପଡ଼ିଲେ ଅଭିଧାନ ଦେଖିଲେ ଚଳିବ କିନ୍ତୁ କଥନ ବେଳେ ତ ଅଭିଧାନ ଦେଖି ହେବ ନାହିଁ ।

କଥାବାର୍ତ୍ତା ପାଇଁ କ'ଣ ଏକ ଶବ୍ଦ କୋଷ ତିଆରି କରିବା ସମ୍ଭବ । ହଁ ନିଶ୍ଚୟ ସମ୍ଭବ । ପ୍ରକୃତରେ ଏକଥା ମନେ ହୋଇପାରେ ଯେ ଏଭଳି ଅଭିଧାନରେ ଶବ୍ଦ ଗୁଡ଼ିକ ଯଥା ସମ୍ଭବ ପୋଥିଗତ ଶବ୍ଦ ହୋଇ ନଥିବ ସେଗୁଡ଼ିକ କଥାବାର୍ତ୍ତାର ଶବ୍ଦ ହୋଇଥିବ । ତେଣୁ କଥାବାର୍ତ୍ତା ଶବ୍ଦକୋଷ ଭିତରେ ପୋଥିଗତ ଶବ୍ଦକୁ ଯଥା ସମ୍ଭବ ବାଦ ଦେବା ହିଁ ପ୍ରଧାନ ଲକ୍ଷ୍ୟ ହେବା ଉଚିତ ।

ଏହି ଧାରଣାକୁ ପରଖ କରା ଯାଇଥିଲା । ଯୁକ୍ତରାଷ୍ଟ୍ର ଆମେରିକାରେ ଗୋଟିଏ ପ୍ରୟୋଗ ପରୀକ୍ଷାରେ ୬୦୭ ଗୋଟି କଥାବାର୍ତ୍ତା ୨୨୪ ଜଣ କଲେଜ ଛାତ୍ରଙ୍କ ମୁହଁରୁ ଟେପ୍‌ରେକର୍ଡ଼ କରାଯାଇଥିଲା । ଏ ରେକର୍ଡଗୁଡ଼ିକ ଉକ୍ତ ଛାତ୍ରମାନଙ୍କୁ ନ ଜଣାଇ କରାଯାଇଥିଲା । କାରଣ ସେମାନେ ଜାଣିପାରି-ଥିଲେ ହୁଏତ ଅସ୍ୱାଭାବିକ ଢଙ୍ଗରେ କଥାବାର୍ତ୍ତା କରିଥାଆନ୍ତେ ଓ ସେମାନ-ଙ୍କର କଥାବାର୍ତ୍ତାରେ ପୋଥି ଶବ୍ଦ, ବକ୍ତୃତା ଢଙ୍ଗ ଓ ଅନ୍ୟାନ୍ୟ ସେହି ଧରଣର ଅଲୋଡ଼ା ଶବ୍ଦ ଆସିଯାଇ ଥାଆନ୍ତା ।

ଏହି ପ୍ରୟୋଗ ପରୀକ୍ଷା ଫଳରେ ଦେଖାଗଲା ଯେ ପ୍ରଥମ ପାଞ୍ଚଶହ ଶବ୍ଦ ଭିତରେ ମାତ୍ର ପାଞ୍ଚୋଟି ଶବ୍ଦ ରହିଛି ଯେଉଁଗୁଡ଼ିକୁ ପୋଥିଗତ ଶବ୍ଦ ବା ପୋଥି ଶବ୍ଦ ବୋଲି କୁହାଯାଆନ୍ତା । ପ୍ରଥମ ହଜାରରେ

ଶବ୍ଦରେ ଏଭଳି ପୋଥିଗତ ଶବ୍ଦ ହେଲା ୩୫ଟି ଦୁଇ ହଜାର ଶବ୍ଦରେ ବା ଦ୍ୱିତୀୟ ହଜାରକ ଶବ୍ଦରେ ପୋଥିଗତ ଶବ୍ଦର ସଂଖ୍ୟା ହେଲା ୧୭୮ ଓ ପାଞ୍ଚ ହଜାର ଶବ୍ଦ ଭିତରେ ପୋଥିଗତ ଶବ୍ଦ ହେଲା ୧୫୦୦ । ଏଥିରୁ ଏହାହିଁ ପ୍ରମାଣ ମିଳିଲା ଯେ ଯେତେ ବାଛିଲେ ବି ପୋଥିଗତ ଶବ୍ଦ କୌଣସି କଥାବାର୍ତ୍ତା ଶବ୍ଦକୋଷ ଭିତରେ ଏକ ଭୁଗ୍ନାଂଶ ଭାଗ ସ୍ଥାନ ଅଧିକାର କରିବ ।

ତେବେ କଥା ହେଉଛି ଏହି ୩୫୦୦ ଶବ୍ଦ (ପୋଥିଗତ ଶବ୍ଦ ବାଦ ଯାଇ) ଜାଣିଲେ ଜଣେ କ'ଣ ଇଂରାଜ ଭାଷାରେ ସ୍ୱଚ୍ଛନ୍ଦରେ କଥାବାର୍ତ୍ତା ଚଳାଇ ପାରିବ ?

ହିସାବରୁ ଜଣାଯାଉଛି ଯେ ମାତ୍ର ୨୦୦୦ ଶବ୍ଦ ଜାଣିବା ଯଥେଷ୍ଟ । କଥାବାର୍ତ୍ତାର ଶବ୍ଦର କଥାଭାଷାରେ ଗଦ୍ୟାବର୍ଣ୍ଣ ତିଆରିର କ୍ଷମତା ଲିଖିତ ଭାଷାର ଗଦ୍ୟାବର୍ଣ୍ଣ ତିଆରି କ୍ଷମତା ଠାରୁ ବି ବେଶୀ । ପ୍ରଥମ ପର୍ଯ୍ୟାୟର ଏକ ହଜାର ଶବ୍ଦ ଆୟତ୍ତ ଆସିଲେ ଜଣେ ଲୋକ ଶତକଡ଼ା ୯୦ କଥିତ ଭାଷାରେ ଦଖଲ ଆଣି ପାରିବ । (ଆଗରୁ କୁହାଯାଇଛି ଲିଖିତ ଭାଷାରେ ଏତକ ହାସଲ ହେଲେ ଶତକଡ଼ା ୮୦ ଦଖଲ ଆସି ପାରିବ) । ଦୁଇହଜାର କଥାବାର୍ତ୍ତାର ଶବ୍ଦ ଆୟତ୍ତରେ ଆସିଲେ ଶତକଡ଼ା ୯୫ କଥିତ ଭାଷାକୁ ଦଖଲରେ ଆଣି ହେବ ଲିଖିତ ଶବ୍ଦ କ୍ଷେତ୍ରରେ ୫୦୦୦ ଶବ୍ଦ ଥିଲେ ଲିଖିତ ଭାଷାର ଶତକଡ଼ା ୯୫ ଦଖଲରେ ଆସିପାରିବା କଥା ଆଗରୁ ବର୍ଣ୍ଣିଯାଇଛି । ଏହାର ଅର୍ଥ ହେଉଛି କଥାବାର୍ତ୍ତାର ଶବ୍ଦ ଭିତରୁ ପ୍ରଥମ ଦୁଇ ହଜାର କଥାବାର୍ତ୍ତା ପାଇଁ ଯେତିକି କାମ ଦେବ, ଲିଖିତ ଭାଷାର ଶବ୍ଦ ଭିତରୁ ପାଞ୍ଚହଜାର ଲେଖା ଗଦ୍ୟାବର୍ଣ୍ଣ ପାଇଁ ସେତିକି କାମ ହେବ । ମାଇକେଲ ଓ୍ୱେଷ୍ଟ ନାମକ ଭାଷାବିତ୍‌ଙ୍କର ମତରେ ଇଂରାଜ ଭାଷା ପାଇଁ ଏକ କଥନ ଶବ୍ଦକୋଷ ମାତ୍ର ଜମ୍ମ ଲିଖିତ ଶବ୍ଦ ସଂଖ୍ୟା ହାରି ଅକ୍ଲେଶରେ ତିଆରି ହୋଇପିବ ।

ପରୀରାଇଜ କଥା ଭଳି ପୁରାଣ ଗପକାହାଣୀ କହିବା ଲାଗି ମାତ୍ର ପାଞ୍ଚଶହ ଇଂରାଜ ଶବ୍ଦ ଯଥେଷ୍ଟ । ଏଭଳି କାହାଣୀକୁ ଟିକିଏ ବଢ଼େଇ କରି ବର୍ଣ୍ଣନାରେ ସଜାଇ କହିଲେ ସାତଶହ ପଚିଶ ଶବ୍ଦ ହେଲେ

ଚଳିବ । ଦୁଃସାହସିକ କାହାଣୀ କହିବା ପାଇଁ ୧୪୦୦ ଯାଏ କଥିତ ଭାଷାର ଶବ୍ଦ ଲୋଡ଼ା ପଡ଼େ । ଆଜି ଡିନଦଜାର କଥାବାର୍ତ୍ତାର ଶବ୍ଦରେ ଦଖଲଥିଲେ ସାହିତ୍ୟର ଯେକୌଣସି କଥା ବା କାହାଣୀକୁ ବର୍ଣ୍ଣନା ବିଶିଷ୍ଟତା ସଙ୍ଗେ ଅକ୍ଳେଶରେ ବୁଝାଯାଇ ପାରିବ ।

## ଲେଖକର ଶବ୍ଦକୋଷ

ଲେଖକମାନଙ୍କର ଶବ୍ଦକୋଷର ଅଭିଧାନ ଅନେକ କାଳରୁ ପ୍ରଚଳନ ହେଲାଣି । ଏହି ଅଭିଧାନରେ ଜଣେ ନିର୍ଦ୍ଦିଷ୍ଟ ଲେଖକ ଆପଣା ଲେଖାରେ ଯେଉଁ ଶବ୍ଦ ବ୍ୟବହାର କରନ୍ତି ତାହା ସନ୍ନିବିଷ୍ଟ ହୋଇଥାଏ । ଯେତେବେଶି ଶବ୍ଦ ସେ ବ୍ୟବହାର କରନ୍ତି, ସେତେ ତାଙ୍କର ଶବ୍ଦଭଣ୍ଡାର ସମୃଦ୍ଧ ବୋଲି ଧରାଯାଏ ।

ଇଂରାଜ କବି ମିଲଟନ ଆପଣାର କବିତା ଓ ଲେଖାରେ ୮୦୦୦ ବିଭିନ୍ନ ଶବ୍ଦ ବ୍ୟବହାର କରିଛନ୍ତି । କବିବର ଡାଣ୍ଟେ ତାଙ୍କର 'ଡିଭାଇନ କମେଡି' ନାମକ ବିଖ୍ୟାତ କବିତା ପୋଥିରେ ୫୮୭୦ ଗୋଟି ଶବ୍ଦ ବ୍ୟବହାର କରିଛନ୍ତି । ଆରିଷ୍ଟୋ ନାମକ ଲାଟିନ ଲେଖକ ତାଙ୍କର ସୁନାମଧନ୍ୟ ବହି 'ଓରଲାଣ୍ଡୋ ଫିଉରିଓସୋ'ରେ ୮୪୭୪ଟି ବିଭିନ୍ନ ଶବ୍ଦ ଖଟାଇ ଥିଲେ । ହୋମରଙ୍କର ପଦ୍ୟାବଳୀରେ ୯୦୦୦ ଯାଏ ଶବ୍ଦ ଦେଖିବାକୁ ମିଳେ । ସେକ୍ସପିଅର ୧୫୦୦୦ ବିଭିନ୍ନ ଶବ୍ଦ ପ୍ରୟୋଗ କରିଥିଲେ (କେତେକ ସଂଗ୍ରାହକଙ୍କର ହିସାବ ଯେ ସେ ୨୪୦୦୦ ଶବ୍ଦ ବ୍ୟବହାର କରିଛନ୍ତି) ରୁଷୀୟ କବି-ଲେଖକ ପୁଷ୍କିନ ୨୧୦୦୦ ହଜାର ବିଭିନ୍ନ ସବ୍ଦ ଆପଣା ଲେଖାରେ ନିୟୋଗ କରିଛନ୍ତି ।

ସାଧାରଣ ଲୋକଙ୍କର ଶବ୍ଦ ବ୍ୟବହାର ସହିତ ମହାନ୍ ଲେଖକ-ମାନଙ୍କର ଶବ୍ଦ ବ୍ୟବହାରର ତୁଳନା ବେଶ୍ ଚମକ୍ପ୍ରଦ । ମନସ୍ତତ୍ତ୍ୱବିତ୍‌ମାନେ ଦାବି କରନ୍ତି ଯେ ଗୋଟିଏ ଶ୍ରେଷ୍ଠ ପିଲା ୩୬୦୦ ଶବ୍ଦ ପ୍ରୟୋଗ କରେ, ୧୪ ବର୍ଷର ଗୋଟିଏ ପିଲାର ଶବ୍ଦ କୋଷରେ ୯୦୦୦ ଯାଏ ଶବ୍ଦ ସାଧାରଣତଃ ଥାଏ । ଜଣେ ବୟସ୍କ ଲୋକ ୧୧୬୦୦ଠାରୁ ୧୩,୦୦୦ ଯାଏ ଶବ୍ଦ ବ୍ୟବହାର କରିଥାଏ ।

ତେବେ ଦାନ୍ତେ ଯେ ‘ଡିଭାଇନ କମେଡି’ ନାମକ ତାଙ୍କର ବିଶ୍ୱବରେଣ୍ୟ ବହିରେ ମାତ୍ର ୫୮୬୦ଟି ଶବ୍ଦ ପ୍ରୟୋଗ କରିଥିଲେ ଏଥିରୁ କି ବୁଝାଯିବ ଦାନ୍ତେଙ୍କୁ ମାତ୍ର ଏହି ୫୮୬୦ଟି ଶବ୍ଦରୁ ଆଉ ବେଶୀ ଜଣା ନଥିଲା ? ନାଁ ତାହା ନୁହେଁ । ପ୍ରକୃତ ପକ୍ଷରେ ଏହି ମହାନ୍ ଫ୍ଲୋରେନ୍‌ସବାସୀ କବି ଅଯୁତ ଅଯୁତ ଶବ୍ଦ ଜାଣିଥିଲେ କିନ୍ତୁ ଏହି ନିର୍ଦ୍ଦିଷ୍ଟ ମହାକାବ୍ୟରେ ସେ ଆପଣାର ଶବ୍ଦକୋଷରୁ ଗୋଟିଏ ଅଂଶହିଁ ବ୍ୟବହାର କରିଥିଲେ । ଏହି ଅଂଶଟିକୁ ‘ଦାନ୍ତେଙ୍କର ଶବ୍ଦ ଭଣ୍ଡାର’ କହନ୍ତି ।

କୌଣସି ଲେଖକର ଶବ୍ଦକୋଷକୁ ଏକ ବହୁବ୍ୟବହୃତ ଶବ୍ଦ ଅଭିଧାନରେ ପରିଣତ କରିବା ସମ୍ଭବ । ଏଥିରୁ ଜଣାପଡ଼େ ଜଣେ ନିର୍ଦ୍ଦିଷ୍ଟ ଲେଖକ ଏକ ନିର୍ଦ୍ଦିଷ୍ଟ ଶବ୍ଦକୁ କେତେ କେତେ ଥର ବ୍ୟବହାର କରିଛନ୍ତି । ଏଭଳି ବହୁ ବ୍ୟବହୃତ ଶବ୍ଦ ଅଭିଧାନ ତିଆରି ଗୋଟିଏ ସାଧାସିଧା ଲେଖିକର ଶବ୍ଦକୋଷ ଅଭିଧାନ ତିଆରି ଠାରୁ କଷ୍ଟକର । ଏଥିରେ ବହୁ ପରିଶ୍ରମ, ମେଳକ, ପରିସଂଖ୍ୟାନ ହିସାବ ଲୋଡ଼ାପଡ଼େ । ରୁଷ ଭାଷାରେ ରୁଷୀୟ କବି ପୁଷ୍କିନଙ୍କର ଏଭଳି ଏକ ବହୁବ୍ୟବହୃତ ଶବ୍ଦକୋଷ ଅଭିଧାନ ତିଆରି କରାଯାଇଛି । ଏଥିରୁ ମୋଟା ମୋଟି ଜଣାପଡ଼ୁଛି ଯେ ପୁଷ୍କିନ୍ ତାଙ୍କର ସମୁଦାୟ ଲେଖାବଳୀରେ ଛଅଲକ୍ଷ ଶବ୍ଦ ବ୍ୟବହାର କରିଥିଲେ । ଏଥିଭିତରୁ ୨୧,୨୦୦ ବିଭିନ୍ନ ରକମର ଶବ୍ଦ ଥିଲା ଓ ଏହି ଶବ୍ଦମାନଙ୍କ ଭିତରୁ ୭୨୦ଟି ଶବ୍ଦ ଶହେ ଥରରୁ ଅଧିକ ଥର ବ୍ୟବହାରରେ ଲାଗିଛନ୍ତି ।

ପୃଥିବୀର ବିଭିନ୍ନ ଭାଷାରେ ବିଭିନ୍ନ ଲେଖକର ଶବ୍ଦକୋଷ ବାକ୍ୟରେ ହାରାହାରି ଶବ୍ଦର ସଂଖ୍ୟା ଓ ସେଥିରୁ ଲେଖକର ଶୈଳୀ ଇତ୍ୟାଦି ଏବେ ବି ହିସାବ କରାଯାଉଛି (ଅବଶ୍ୟ ଓଡ଼ିଆ ଭାଷାରେ ଏକଥା ହେବାକୁ ଏବେ ଟିକିଏ ଡେରି ଅଛି !)

ସୋଭିଏଟ ଗଣିତଜ୍ଞ ଆର୍. ଏଲ୍. ଡୋବ୍ରୁଶିନ କହିଛନ୍ତି “ଉଦାହରଣ ସ୍ୱରୂପ ଆମେ କହିପାରୁଁ ଯେ ଆଲେକ୍‌ସି ଟଲଷ୍ଟୟ ବଡ ବଡ଼ ବାକ୍ୟ ଲେଖିବାକୁ ପସନ୍ଦ କରୁଥିଲେ । କିନ୍ତୁ ପୁଷ୍କିନ୍ ଛୋଟ ଛୋଟ ବାକ୍ୟକୁ ସୁଖ ପାଉଥିଲେ । ଆମେ ଆଉ ଟିକିଏ ଦୂରକୁ ଗଲେ ଏକଥା ବି କହିପାରୁଁ ଯେ ଆଲେକ୍‌ସି ଟଲଷ୍ଟୟଙ୍କର ‘ଭଗିନୀ’ ନାମକ ବହିରେ ବାକ୍ୟ

ପିଛୁ ହାରାହାରି ୧୧.୯ ଟି ଲେଖାଏଁ ଶବ୍ଦ ପଡୁଛି । କିନ୍ତୁ କୁପ୍ରିନ୍‌ଙ୍କର 'ମଲ୍ଲଯୁଦ୍ଧ'ରେ ବାକ୍ୟ ପିଛୁ ୯.୫ଟି ଲେଖାଏଁ ଶବ୍ଦ ପଡୁଛି । ଗଣିତର କଥାରେ ଏଭଳି କହିଲେ କଥାଟା ଠିକଠାକ ହୁଏ ଓ ପ୍ରମାଣଟା ବେଶ୍ ସ୍ପଷ୍ଟ ହୁଏ ।"

ଭବିଷ୍ୟତରେ ଓଡ଼ିଆ ଭାଷାରେ ଏଭଳି ଗାଣିତିକ କଳନା ଜରିଆରେ ଲେଖକର ଶୈଳୀର ବିଚାର ହୋଇପାରେ । ସେ ଭଳି ବିଚାର ହେଲେ ଫକୀରମୋହନ, ଗୋପବନ୍ଧୁ, ଗୋପୀନାଥ ମହାନ୍ତି, କାହ୍ନୁଚରଣ, କାଳନ୍ଦୀଚରଣ, ଇତ୍ୟାଦି ଗଦ୍ୟଲେଖକମାନଙ୍କର ଶୈଳୀର ବିଚାର, ଶବ୍ଦ-କୋଷର ସମୃଦ୍ଧି, ଓଡ଼ିଆ ଶବ୍ଦର ବ୍ୟବହାର, ପଦବିନ୍ୟାସର ଧାରା ଇତ୍ୟାଦି ଅନେକ ବିଷୟରେ ନିର୍ଭୁଲ ଗାଣିତିକ ପ୍ରମାଣ ମିଳିଯିବ । ତେଣିକି ସମାଲୋଚନା ଖିଆଲ ଓ ମନକୁ ମନ ଖୁସି ଉପରେ ଚଳି ପାରିବ ନାହିଁ । ତେଣୁ ସାହିତ୍ୟର ଇତିହାସ ଲେଖକଙ୍କ ପାଇଁ ସୁବିଧା ଯେତିକି ହେବ ଆପଣାର ଏକସିଂଶା ବୁଦ୍ଧି ଯୋଗୁଁ ବା କୌଣସି ପକ୍ଷପାତ ଦୋଷ ଯୋଗୁଁ ପଥହୁଡ଼ିବାର ଲୋଭ ସେତିକି କମିଯିବ ।

## ଭାଷାତତ୍ତ୍ୱରେ ଗଣିତର ପ୍ରୟୋଗ

ଗଣିତକୁ ଭାଷା ତତ୍ତ୍ୱ କ୍ଷେତ୍ରରେ ପ୍ରୟୋଗ କରିବା କଥା ବିଚିତ୍ର ଲାଗିପାରେ । ଏଭଳି ପ୍ରୟୋଗ ଏବକାର କଥା । ମୂଳରୁ ଗଣିତ, ସଂଖ୍ୟା ଓ ପରିସଂଖ୍ୟାନ ପଦ୍ଧତି ପ୍ରୟୋଗ ବିଦ୍ୟା ବା ଇନଜିନିଅରିଂ, ଆଦାନ ପ୍ରଦାନ, ଓ ମାନସିକ ବ୍ୟାଧି କ୍ଷେତ୍ରରେ ଚଳୁଥିଲା । ଉଦାହରଣ ସ୍ୱରୂପ, ଗୋଟିଏ ଟାଇପ ମେସିନ୍‌ରେ ଅକ୍ଷର ଫଳକରେ ଅକ୍ଷର ଗୁଡ଼ିକ ସବୁଠୁ ସୁବିଧା ମୁତାବକ କିପରି ସଜଡ଼ା ଯିବ ? ଏକଥାହିଁ ପରିସଂଖ୍ୟାନ ଓ ଗଣିତ ସ୍ଥିର କରିଦେଉଥିଲା । କାରଣ ଯେଉଁ ଅକ୍ଷର ଗୁଡିକ ସବୁଠାରୁ ବେଶୀ ବ୍ୟବହୃତ ସେ ଗୁଡିକୁ ଠିକ ହାତ ପାହାନ୍ତା ବା ଆଙ୍ଗୁଠି ପାହାନ୍ତାରେ ରଖିବା ଓ ବିରଳ ଅକ୍ଷର ଗୁଡ଼ିକୁ ଆଙ୍ଗୁଠିର ଦୂରରେ ସ୍ଥାନ ଦେବା ଥିଲା ଗଣିତର ଦେଖିବାର କଥା । ତେଣୁ ହିସାବ ହିଁ ଠିକ୍ କରିପାରିବ ଗୋଟିଏ ଅକ୍ଷର ଗୋଟିଏ ଲେଖାରେ କେତେ ଶହ ବା ହଜାର ଥର ବ୍ୟବହାରରେ ଆସେ ଓ ସବୁଠାରୁ ବେଶୀ ବ୍ୟବହାରରେ କେଉଁ କେଉଁ ଅକ୍ଷର ଆସନ୍ତି ?

ତାଛଡ଼ା 'ପ୍ରୟୋଗ ଭାଷାତତ୍ତ୍ୱ'ର ଆଉ ଗୋଟିଏ ଉଦାହରଣ ହେଲା କଥା ବା ଲେଖାକୁ ଚିଠି, ଟେଲିଗ୍ରାମ, ଟେଲିଫୋନ କଥାରେ ପରିଣତ କରିବା । ଏବେ ଯେ ଆଦାନ ପ୍ରଦାନ ଓ ସନ୍ଦେଶ ପ୍ରେରଣର ପଦ୍ଧତିରେ ଦ୍ରୁତ ଉନ୍ନତି ଘଟୁଛି ତାହା ଫଳରେ ଗଣିତର କାମ ଖୁବ୍ ବଢ଼ି ଯାଇଛି । ଏବେ ଖବର ଅନ୍ତର ଏଭଳି ଗହଳ ଭାବରେ ନିଆଆଣ ହେଲାଣି ଯେ ବେତାର ବିଦ୍ୟୁତଚୁମ୍ବକ ଶକ୍ତି ବି ହାଲିଆ ହୋଇପଡ଼ିଲାଣି । ଇଥରରେ ଆଉ ଲହରୀ ତରଙ୍ଗ ପାଇଁ ବି ଜାଗା ନାହିଁ । ତେଣୁ ଖବର ଅନ୍ତର ପଠାଇବା ପାଇଁ ଅଳ୍ପ କଥାରେ, ଅଳ୍ପ ଖର୍ଚ୍ଚରେ, କିପରି ହେବ ତାହା ଏବେ ଗଣିତ ବିଦ୍ୟାର ପ୍ରଧାନ ବିଚାରବସ୍ତୁ ହୋଇଛି ।

କିଭଳି ଶବ୍ଦ ଓ ଅକ୍ଷରଗୁଡ଼ିକ ବୈଦ୍ୟୁତିକ ସଙ୍କେତରେ ପରିଣତ କରିବା ସବୁଠୁଁ ସୁବିଧା ଜନକ ? ଯେଉଁ ଅଂଶ ଗୁଡିକ ଅଲୋଡ଼ା ସେ ଗୁଡିକୁ ଅଲଗା କରି ଠିକଠାକ ବିଷୟବସ୍ତୁକୁ ତୁଳିଲା ପରି ଓଜନ କରି କିପରି ପଠାଯିବ ? ଏଭଳି ପ୍ରଶ୍ନ ସବୁ କେବଳ ଭାଷାର ସଂଖ୍ୟାତତ୍ତ୍ୱ ପଦ୍ଧତିର ଠିକଠାକ ଜବାବ ଦ୍ୱାରାହିଁ ସମାଧାନ କରାଯାଇପାରିବ ।

ବିଦେଶୀ ଭାଷା ଶିକ୍ଷକ ଓ ଛାତ୍ରଙ୍କ ପାଇଁ ବହୁବ୍ୟବହୃତ ଶବ୍ଦ ଦରକାର । ଏ ଦିଗରେ ବହୁବ୍ୟବହୃତ ଶବ୍ଦକୋଷ ଅଭିଧାନ କଥା ଆଗରୁ କୁହାଯାଇଛି । ଏହା ଫଳରେ ମୌଳିକ ଶବ୍ଦମାନଙ୍କର ତାଲିକା ପ୍ରସ୍ତୁତ ହୋଇପାରିଛି ଓ ପରିସଂଖ୍ୟାନ ନିର୍ଣ୍ଣୟ କରିପାରିଛି ଗୋଟିଏ ବିଦେଶୀ ଭାଷାରେ ଚଳନ୍ତାଭଳି ଦକ୍ଷତା ହାସଲ କରିବାକୁ କେତେଟି ଶବ୍ଦ ଅତି ନ୍ୟୂନରେ ଦରକାର ।

ଆଜକୁ କୋଡ଼ିଏ ତିରିଶ ବର୍ଷ ତଳେ ଅନେକ ଗୁଡିଏ ବିଷୟ ବିଜ୍ଞାନ-ଉପନ୍ୟାସର ବିଷୟବସ୍ତୁ ଥିଲା । ଅର୍ଥାତ୍ ସେ ଗୁଡ଼ିକ ଥିଲା ମଧୁର କଳ୍ପନା । ଏବେ ସେଗୁଡ଼ିକ ବାସ୍ତବ ସତ୍ୟରେ ପରିଣତ ହେଲାଣି । ଏବେ କଂପ୍ୟୁଟର ଯନ୍ତ୍ରର ଆବିର୍ଭାବ ହେଲାଣି । ଏହି ଯନ୍ତ୍ର ଗୋଟିଏ ଭାଷାରୁ ଆଉ ଗୋଟିଏ ଭାଷାକୁ ଅନୁବାଦ କରି ଶିଖିଲାଣି । ଏହା ଆପଣାର 'ସ୍ମୃତି-ଭଣ୍ଡାର'ରେ ବହୁ ଶବ୍ଦ ଓ ନାନାବିଧ ଜ୍ଞାନ ସଜାଡ଼ି କରି ରଖିବା ବି ଶିଖିଲାଣି । ଯନ୍ତ୍ର ବି କଥାକୁ ଶୁଣି ତାହାକୁ ଲେଖି କରି ଅର୍ଥାତ୍ ଟାଇପ୍ କରି ଦେଇ ପାରୁଛି । ତା'ଛଡ଼ା ମନୁଷ୍ୟ ସାଙ୍ଗରେ ଯନ୍ତ୍ରର କଥା-

ବାର୍ତ୍ତା ମଣିଷର ଭାଷାରେ ନ ହୋଇ କେଉଁ ଭାଷାରେ ହେଲେ ଚଳିବ ତାହାର ପ୍ରଶ୍ନ ବି ଆସି ପହଞ୍ଚି ଗଲାଣି ।

ଭାଷାର ଧ୍ୱନି ଅଣୁ, ଲେଖାର ଅକ୍ଷର କଣିକା, ଇତ୍ୟାଦି ଏପର୍ଯ୍ୟନ୍ତ ମନୁଷ୍ୟକୃତ ବସ୍ତୁ ଗୁଡ଼ିକୁ ଯନ୍ତ୍ରର ପରଦା ଭିତରକୁ ଆଣିବା ଦରକାର ପଡ଼ିଲାଣି । ଯନ୍ତ୍ର ତ ମନୁଷ୍ୟ ନୁହେଁ ଯେ "ଶୁଦ୍ଧ ଅଶୁଦ୍ଧ ମିଶାଇ ଗାଇବ ।" ଯନ୍ତ୍ର ଅତ୍ୟନ୍ତ କଠୋର ନିୟମ ଦୋରସ୍ତ, ଦ୍ୱିଧାଶୂନ୍ୟ ଗଣିତର ସଂଖ୍ୟାକୁହିଁ ଲୋଡ଼େ । ଯନ୍ତ୍ର ବୁଝେ ତା ପ୍ରତି ମଣିଷର ଯାହା ଆଜ୍ଞା ହେଉଛି ତାହା ଯେପରି ରୋକ-ଠୋକ ହେବ, ସେଥିରେ ଦୁଇ ପ୍ରକାର ତିନି ପ୍ରକାର ଅର୍ଥ ନଥିବ ତାହା ଯେପରି ହେବ ଦୁଇରେ ଦୁଇ ମିଶାଇଲେ ଚାରି ପରି ନିର୍ଭୁଲ, ନିର୍ମଳ ଓ ନିରପେକ୍ଷ । ଗଣିତ ଛଡ଼ା ଏକଥା କହିପାରିବାର ଶକ୍ତି ଆଉ କେଉଁ ବିଦ୍ୟାର ଅଛି ?

ସଂଖ୍ୟା ଓ ରୋକଠୋକ ପଦ୍ଧତି କେବଳ ଯେ ଯାନ୍ତ୍ରିକ ଭାଷା ପାଇଁ ଦରକାରୀ ତାହା ନୁହେଁ ଏବେ ଭାଷା କ୍ଷେତ୍ରରେ ଅନେକ ବ୍ୟାବହାରିକ ସମସ୍ୟା ଦେଖାଦେଉଛି ଯାହା ଗଣିତ ବିନା ସମାଧାନ ହୋଇ ନପାରେ । ଉଦାହରଣ ସ୍ୱରୂପ, ଗୋଟିଏ ଭାଷା ଅନ୍ୟ କୌଣସି ଗୋଟିଏ ଭାଷାର ଶବ୍ଦ କୋଷରୁ କେତେ ପରିମାଣରେ ଉଧାର କରିଛି ?

ହିସାବ କରାବରୁ ଜଣାପଡ଼ିଛି ଯେ ଆଲବେନିୟ ଭାଷାରେ ପ୍ରତି ୫୧୪୦ଟି ଶବ୍ଦ ଭିତରୁ ମାତ୍ର ୪୩୦ଟି ଶବ୍ଦ ତାର ନିଜସ୍ୱ ମୌଳିକ ଶବ୍ଦ-କୋଷରୁ ଆସିଛି । ବାକି ସବୁ ଶବ୍ଦ ଗୁଡ଼ିକ ଉଧାର ଶବ୍ଦ । କୋରିୟ ଭାଷାରେ ଶତକଡ଼ା ୭୫ ଶବ୍ଦ ଚୀନ ଭାଷାରୁ ଉଧାର ନିଆ ହୋଇଛି । ଆଧୁନିକ ଇଂରାଜୀ ଭାଷା ଫରାସୀ, ଲାଟିନ ଓ ଅନ୍ୟାନ୍ୟ ରୋମାନ୍ସ ଭାଷାମାନଙ୍କରୁ ଯାହା ଶବ୍ଦ ଉଧାର ଆଣିଛି ତାହା ମୋଟ ଇଂରାଜୀ ଶବ୍ଦ ଭଣ୍ଡାରର ଶତକଡ଼ା ୫୦ରୁ ୭୫ ଯାଏ ହେବ ।

ଅବଶ୍ୟ, ଉଧାର କଲାବୋଲି କୌଣସି ଭାଷା ଖାଟକ ହୋଇଗଲା ତେଣୁ ଶ୍ରେଷ୍ଠ ହୋଇଗଲା ଏକଥା ନୁହେଁ । ପୃଥିବୀର ସବୁ ଭାଷା ହେଉଛନ୍ତି ସମାନ । ଲୋକଙ୍କ ଜୀବନ କ୍ଷେତ୍ରରେ ଯାହା ସବୁ ବିଷୟ ଦେଖାଦିଏ ସେସବୁ ବିଷୟ ପ୍ରକାଶ କରିବାରେ ସବୁ ଭାଷାର ସମାନ ଦକ୍ଷତା ଅଛି । ସାଧାରଣତଃ ଦୈନନ୍ଦିନ ଜୀବନର, ସଂସ୍କୃତିର ଓ କର୍ମପ୍ରବାହର ଯେଉଁ ଉପାଦାନ

ଗୁଡ଼ିକ ସେହି ଭାଷାଭାଷୀଙ୍କର ଜୀବନରେ ପୂର୍ବରୁ ଦେଖାଯାଇ ନଥିଲା ସେହି ଗୁଡ଼ିକ ପ୍ରକାଶ କରିବାକୁ ଏଭଳି ଉଧାର କରଜ ଚଳି ଆସିଛି । ଏକଥା ପୃଥିବୀର ସର୍ବବୃହତ୍ ଭାଷା ଇଂରାଜି ଭାଷାରେ ବି ଚଳି ଆସିଛି । ତେବେ କଥା ହେଉଛି ବ୍ୟକ୍ତିଗତ ଲେଖକ କ୍ଷେତ୍ରରେ ଏକଥା ଦେଖିବାର ଅଛି ଯେ ସେ ଯେଉଁ ଭାଷା ବ୍ୟବହାର କରୁଛନ୍ତି ତାହା ତାର ଭାଷାଭାଷୀ ଲୋକଙ୍କ ଭିତରେ ଶତକଡ଼ା କେତେ ଜଣ ସମଝି ପାରୁଛନ୍ତି । ଏହି ଶତକଡ଼ା ମାନ ଯେତେ ଉଚ୍ଚ ହେବ ସେହି ଲେଖକଙ୍କର ଲେଖା ସେତିକି ପ୍ରଭାବଶାଳୀ ଓ କାର୍ଯ୍ୟ-କାରୀ ବୋଲି ଧରି ନିଆଯିବ । ଠିକ୍ ସେମିତି ଗଣିତର କାର୍ଯ୍ୟ ହେଲା ଯାନ୍ତ୍ରିକ ଭାଷା କେତେ ପରିମାଣରେ କେତେ ଅଳ୍ପ ଭାଷାରେ ବା କଥାରେ ସବୁଠାରୁ ବେଶି ପରିମାଣରେ ଖବର ଅନ୍ତର, ବାର୍ତ୍ତା ସଂକ୍ରାନ୍ତ କରି ପାରୁଛି । ତାହାରି ଉପରେ ହିଁ ଆଦାନ ପ୍ରଦାନର ସଫଳତା ନିର୍ଭର କରୁଛି ।

ତେଣୁ ଏକଥା ସ୍ପଷ୍ଟ ଯେ ଗଣିତ ହେଉଛି ଅନୁଧ୍ୟାନ ତତ୍ତ୍ୱ ବା ଶବ୍ଦ ତତ୍ତ୍ୱର ବିଜ୍ଞାନ କ୍ଷେତ୍ରରେ ଏକ ପ୍ରଧାନ ଆୟୁଧ । କିନ୍ତୁ ଏହା ଛଡ଼ା ଗଣିତର ସଂଖ୍ୟା ଦୋଇସ୍ତ ଢେଉ ମଧ୍ୟ ଭାଷା, ଶବ୍ଦ ଓ ଧ୍ୱନି ପ୍ରତ୍ୟେକ କ୍ଷେତ୍ରରେ ଏକ ବୈଜ୍ଞାନିକ ନିର୍ଭୁଲତାର ମାପକାଠି ତିଆରି କରି ପାରିଛି । ଏହାହିଁ ଭାଷାତତ୍ତ୍ୱରେ ଗଣିତର ପ୍ରୟୋଗର ସବୁଠାରୁ ଶ୍ରେଷ୍ଠ ଉପଯୋଗିତା ।

## ସଂଖ୍ୟା ଓ କାରକ

ଡେନ୍‌ମାର୍କର ଭାଷାତତ୍ତ୍ୱବିଦ୍ ଲୁଇସ୍ ଓ ହେଲମ୍‌ସ୍ଲେଭ୍ ହିସାବ କରି ସ୍ଥିର କରିଛନ୍ତି ଯେ କାଗଜ କଲମରେ ଗୋଟିଏ ଭାଷାରେ ୨୧୬ଟି କାରକ ବି ହୋଇପାରେ ! ପୃଥିବୀର ଜୀବନ୍ତ ଭାଷା ଭିତରୁ ସୋଭିଏଟ ଦେଶର ଦାଘେସ୍ତାନରେ ଗୋଟିଏ ଭାଷା ଚଳୁଛି ଯାହାର ୫୨ଟି କାରକ ଅଛି ।

ରୁଷ, ଇଂରାଜି, ଲାଟିନ୍, ପୁରୁଣା ଗ୍ରିକ୍, ଫରାସୀ, ପାରସିକ, ଓ ଉତ୍ତର ଭାରତୀୟ ଭାଷାମାନଙ୍କର ଆଦିମୂଳ ଏକ । ତାହା ହେଉଛି ଏକ ବହୁ ପୁରାତନ କୁଟୁମ୍ବ । ଯାହାକୁ ଇଣ୍ଡୋଇଉରୋପୀୟ ଭାଷା କୁଳ ବୋଲି କୁହାଯାଉଛି । ଏମାନଙ୍କର ଆଠଟି କାରକ ମୂଳରୁ ଥିଲା । କର୍ତ୍ତା, କର୍ମ, କରଣ, ସଂପ୍ରଦାନ, ଅପାଦାନ, ସମ୍ବନ୍ଧ ପଦ, ଅଧିକରଣ ଓ ସମ୍ବୋଧନ ।

ବର୍ତ୍ତମାନ ଇଉରୋପ ଓ ଏସିଆର ଗୋଟିଏ ବି ଭାଷା ନାହିଁ ଯେଉଁଥିରେ ଏହି ଆଠଟି ଯାକ କାରକ ଏବେ ଚଳୁଛି । ବିଭିନ୍ନ କାରକ ଏକାଠି ମିଶି ଏକାକାର ହୋଇ ଯାଉଛନ୍ତି ଓ ସେମାନଙ୍କର ସଂଖ୍ୟା ତେଣୁ କମି ଯାଉଛି । ପୁରୁଣା ଗ୍ରିକ୍ ଭାଷରେ କରଣ, ଅଧିକରଣ ଓ ସମ୍ପ୍ରଦାନ କାରକ ମିଶି ଗୋଟିଏ ସମ୍ପ୍ରଦାନ କାରକ ହୋଇଯାଇଛି । ଲାଟିନ୍‌ରେ ଅପାଦାନ, କରଣ ଓ ଅଧିକରଣ ମିଳି ଗୋଟିଏ ଅପାଦାନ କାରକରେ ପରିଣତ ହୋଇଛି । ସ୍ପେନୀୟ, ଇଟାଲୀୟ ଓ ଫରାସୀ ଭାଷା—ସମସ୍ତେ ଲାଟିନ ବଂଶରୁ ବାହାରିଛନ୍ତି—ଏବେ କାରକ ଚିହ୍ନ ସବୁ ଛାଡ଼ିଛୁଡ଼ି ଦେଇ ବସିଛନ୍ତି ।

ପୁରୁଣା ସ୍ଲାଭ ଭାଷାରେ ସାତୋଟି କାରକ ଥିଲା । ଏଥିରେ ସମ୍ବନ୍ଧ ପଦ ଓ ଅପାଦାନ ମିଳି ଗୋଟିଏ ସମ୍ବନ୍ଧ ପଦ ସୃଷ୍ଟି ହୋଇଛି । ଆଧୁନିକ ରୁଷ ଭାଷାରେ ଆଉ ସମ୍ବୋଧନ ନାହିଁ ।

ଉଲ୍ଲେଖଯୋଗ୍ୟ ହେଉଛି ଯେ ବର୍ତ୍ତମାନ ଯୁଗରେ ଏହି କାରକ ବିଭକ୍ତି ଲୋପ ସବୁ ଭାଷାରେ ଏକ ସାଧାରଣ ଘଟଣା । ଓଡ଼ିଆ ଭାଷା କ୍ଷେତ୍ରରେ ଏକଥା ଆଗରୁ ଲକ୍ଷ୍ୟ କରାଯାଇଛି । ତେବେ ଆଉ ଏକ ଲକ୍ଷ୍ୟଣୀୟ କଥା ହେଉଛି ଏ କାଳରେ କେତେଗୁଡ଼ିଏ କାରକ ଅନ୍ୟାନ୍ୟ କାରକମାନଙ୍କ ତୁଳନାରେ ବେଶୀ ବ୍ୟବହାରରେ ଲାଗୁଛନ୍ତି । ବିଶେଷତଃ ବିଭିନ୍ନ ପ୍ରକାର ଲେଖା ଯଥା ବୈଜ୍ଞାନିକ ଲେଖା, ଗଳ୍ପ ଉପନ୍ୟାସ ଲେଖା, ନଚେତ୍ ସାମାଜିକ ଓ ଅର୍ଥନୈତିକ ସନ୍ଦର୍ଭ ପ୍ରଭୃତି ଲେଖା ଭେଦରେ କାରକ ପ୍ରୟୋଗରେ ତଫାତ୍ ଦେଖାଯାଉଛି ।

ଆଧୁନିକ ବୈଜ୍ଞାନିକ, ସରକାରୀ ଓ ରାଜନୈତିକ ବ୍ୟାପାର କାରବାରରେ ସମ୍ବନ୍ଧ ପଦର ସବା ଆଗ ସ୍ଥାନ, ଅର୍ଥାତ୍ ସମ୍ବନ୍ଧ ପଦ କାରକର ୩୬ ଠାରୁ ୪୬ % ଯାଏ ମାଡ଼ି ବସିଛି । ଦ୍ୱିତୀୟ ସ୍ଥାନ ନେଇଛି କର୍ତ୍ତାକାରକ (୨୦ରୁ ୨୫%) ଅନ୍ୟାନ୍ୟ କାରକ ଗୁଡ଼ିକ ସର୍ବମୋଟ ୩୫ରୁ ୪୦% ଯାଏ ସ୍ଥାନର ଅଧିକାଂଶ ଯେତିକି ସମ୍ବନ୍ଧ ପଦର ସ୍ଥାନଠାରୁ ବି କମ୍ ।

ଗଳ୍ପ ଉପନ୍ୟାସ କ୍ଷେତ୍ରରେ ଏହାର ଠିକ୍ ଓଲଟା ଛବି ଦେଖିବାକୁ ମିଳେ । ଏଇଠି କର୍ତ୍ତାକାରକ ହେଉଛି ଆଗଭର... (ଶତକଡ଼ା ୩୩) ଦ୍ୱିତୀୟ

ସ୍ଥାନ ହେଉଛି କର୍ମର (୨୧ରୁ୨୩%) ତୃତୀୟ ସ୍ଥାନ ସମ୍ବନ୍ଧ ପଦର (୧୬ ରୁ ୧୮%)। କଥିତ ଭାଷାରେ, ଆଜି ସବୁ କାରକ ଯେତେ ଥର ଏକାଠି ଚଳନ୍ତି, କର୍ତ୍ତାକାରକ ଏକା ସେତିକଥର ଚଳେ (ଅର୍ଥାତ୍ କର୍ତ୍ତାକାରକ ୬୦% ଆଉସବୁ ମିଶି ୪୦%) ଦ୍ୱିତୀୟ ସ୍ଥାନ ଏକଦମ୍ ଗେକଠୋକ କର୍ମକାରକର ଦଖଲ । ସମ୍ବନ୍ଧ ପଦ ୧୧ ରୁ ୧୬% ଯାଏ । ତା'ଠାରୁ କୌଣସିମତେ ବେଶି ନୁହେଁ । ରୁଷ ଦେଶର ଭାଷାତତ୍ତ୍ୱବିଦ୍ ନକୋନଭଙ୍କ ମତରେ ଭାଷାର ବିଭିନ୍ନ ରକମ କାରକ ବିଷୟରେ ଉଦାସୀନ ନୁହନ୍ତି । ବୈଜ୍ଞାନିକ ଗଦ୍ୟଭାଷା ସଂବନ୍ଧପଦକୁ ଖୁବ୍ ଆଦର କରେ କିନ୍ତୁ କର୍ତ୍ତା କାରକକୁ ଅଣଦେଖା କରେ । କିନ୍ତୁ କଥିତ ଭାଷାରେ ଏହାର ଠିକ୍ ଓଲଟା କଥା ଘଟେ । ଏଭଳି ଯେ କାରକ ପରିବର୍ତ୍ତନ ହୁଏ ଏ ଗୁଡ଼ିକ କାହାର ଖିଆଲ ନୁହେଁ । ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଏଗୁଡ଼ିକ ଧାରାବଦ୍ଧ ବିଧିବଦ୍ଧ ଭାବରେ ଘଟିଲାପରି ଘଟିବାର ଦେଖାଯାଉଛି । ଏଗୁଡ଼ିକ ବି ଠାଏ ଘଟୁଛି ଆଉ ଠାଏ ଘଟୁନାହିଁ ଏକଥା ବି ନୁହେଁ । ଗଣ ହେଲାପରି ବୈଜ୍ଞାନିକ ଲେଖା, 'ରାଜନୈତିକ ଲେଖା, ଗଳ୍ପ ଉପନ୍ୟାସ, କଥିତ ଭାଷା ଓ ଲିଖିତ ଭାଷାରେ ଏଭଳି ଘଟଣା ବିଧିମତେ ଘଟୁଛି । ବିଭିନ୍ନ ପ୍ରକାରର କଥାବାର୍ତ୍ତା ଓ ଲେଖାର ଗୋଷ୍ଠୀଏ କାରକ ପରଦା ନିୟମମୁତାବକ ହେଲା ପରି ହୋଇଗଲାଣି ।

ପ୍ରଶ୍ନ ହେଲା ଏବେ ଯେଉଁଭଳି ଦଶାରେ ଏହି କାରକ ଗୁଡ଼ିକ ଦେଖୁଥାଉଁ ସବୁକାଳେ ସେମାନଙ୍କର ଏହି କାରକ ପରଦା ଏପରି ଥିଲା କି ? ଆଉ ଥରେ ସଂଖ୍ୟାର ପଦ୍ଧତି ଏହି ସମସ୍ୟା ସମାଧାନରେ ସାହାଯ୍ୟ କରିବ । ଆଠଗୋଟି କାରକକୁ ଗୋଟିଏ ଆଲୋକ ରଶ୍ମିର ବିଭିନ୍ନ ଆଲୋକର ବିଭିନ୍ନ ରଙ୍ଗବୋଲି ଧରିଲେ ଆମର ସାତଗୋଟି କାରକ ସାତଗୋଟି ରଙ୍ଗ ହେବ । ଏହି ସାତଗୋଟି ରଙ୍ଗର ପରଦା ଭଳି ହେଲା କାରକ ପରଦା । ଭାଷା ସୃଷ୍ଟିର ଆରମ୍ଭ ଦିନୁ ଏହି ସାତଗୋଟି କାରକ ବିଭିନ୍ନ ଭାଷାରେ ବିଭିନ୍ନ ଭାବରେ ତିଷ୍ଠିଛନ୍ତି, ବା ଲୋପପାଇ ଯାଇଛନ୍ତି ।

ଏଥିଭିତରୁ ସବୁଠାରୁ ମୁଖ୍ୟ ପରିବର୍ତ୍ତନ ଘଟିଛି ରାଜନୈତିକ ଓ ବୈଜ୍ଞାନିକ ଲେଖାରେ । ୧୭ଶ ଶତାବ୍ଦୀ ଓ ୧୮ଶ ଶତାବ୍ଦୀର ଆରମ୍ଭ

ବେଳେ ସବୁ କାରକର ଏକ ପଞ୍ଚମାଂଶ (ଶତକଡ଼ା ୨୦ରୁ ୨୩ ଯାଏ) କର୍ମ କାରକରେ ସୀମାବଦ୍ଧ ଥିଲା ।

ରୁଷ ଦେଶରେ ଯେତେବେଳେ ରାଜା ପିଟର ରାଜତ୍ବ କରୁଥିଲେ ସେତେବେଳେ ସେହି ଦେଶର ଭାଷାରେ କାରକ ପରିସ୍ଥିତିର ଏକ ବିଶେଷ ପରିବର୍ତ୍ତନ ଦେଖାଦେଲା । କର୍ମକାରକର ବ୍ୟବହାର କେତେ ବେଳେ ବଢ଼ିଗଲା ତ କେତେବେଳେ ଛୁଟିଗଲା । ୧୯ଶ ଶତାବ୍ଦୀ ବେଳେ ଏହି କର୍ମକାରକର ସ୍ତର ପ୍ରାୟ ୧୩ ରୁ ୧୮ % ଯାଏ ସ୍ଥିର ହୋଇ ରହିଲା । ସେ ପରିସ୍ଥିତି ଏବେ ବି ରହିଛି ।

ସଂପ୍ରଦାନ କାରକ କ୍ଷେତ୍ରରେ କିଛି ପରିବର୍ତ୍ତନ ହେଲା । ଅବଶ୍ୟ ଏଭଳି ପରିବର୍ତ୍ତନ ସେପରି କିଛି ମୌଳିକ ପରିବର୍ତ୍ତନ ନ ଥିଲା । ବର୍ତ୍ତମାନର ବୈଜ୍ଞାନିକ ଲେଖାରେ ସବୁ ପ୍ରକାର କାରକ ପ୍ରତ୍ୟୟରେ ସଂପ୍ରଦାନ ୩ ରୁ ୭ % ଯାଏ ସ୍ଥାନ ନେଇଥାଏ । ଅର୍ଥାତ୍ ଏହାର ସ୍ଥାନ ସର୍ବଶେଷ ସ୍ଥାନ । ଅଜକୁ ଶହେ ବର୍ଷ ତଳେ ଏହାର ସ୍ଥାନ ୫ରୁ ୭ % ଯାଏ ଥିଲା । ଦୁଇଶହ ବର୍ଷ ତଳେ ଥିଲା ପ୍ରାୟ ୧୦ % । ତିନି ଶହ ବର୍ଷ ତଳେ ସବୁ ପ୍ରକାର କାରକ ପ୍ରତ୍ୟୟ ଭିତରେ ସଂପ୍ରଦାନ ଥିଲା ଏକଚତୁର୍ଥ । କଳନା କରିବାର କଥା ଯେ ନଗଣ୍ୟ ତିନିଶହ ବର୍ଷ ଭିତରେ ଦୁଇଟି କାରକ (କର୍ମ ଓ ସଂପ୍ରଦାନ)ର ବ୍ୟବହାର କିଛି ପରିମାଣରେ ଛୁଟି ଯାଇଛି ଓ ଅନ୍ୟ ପକ୍ଷରେ ସମ୍ବନ୍ଧ ପଦ ଧାପେ ଧାପେ ବିଜୟ ଗର୍ବରେ ଆଗେଇ ଚାଲିଛି ।

୧୭ଶ ଶତାବ୍ଦୀର ଦ୍ୱିତୀୟ ପଚାଶ ବର୍ଷରେ ସମ୍ବନ୍ଧ ପଦ ସବୁ କାରକ ପ୍ରୟୋଗ ଭିତରେ ଥିଲା ଶତକଡ଼ା ୧୯ । ଲୋମୋନୋସୋଭଙ୍କର ପିରିଅଡ଼ିକ୍ ଟେବଲରେ ଏହା ଶତକଡ଼ା ୩୦ରୁ ଟିକିଏ ତଳେ ଅବସ୍ଥାନ କରୁଥିଲା । ଗତ ଶତାବ୍ଦୀରେ ଏହା ଶତକଡ଼ା ୩୫ ଯାଏ ଚାଲି ରହିଥିଲା । ଏହି ଶତାବ୍ଦୀରେ —୨୦ଶ— ଏହା ଶତକଡ଼ା ୪୭ ଅର୍ଥାତ୍ ପ୍ରାୟ ଅର୍ଦ୍ଧେକ ପ୍ରୟୋଗ ସ୍ଥାନ ମାଡି ବସିଛି । ଭାଷାତତ୍ତ୍ୱବିଦ୍ ନିକୋନୋଭଙ୍କ ମତରେ ସମ୍ବନ୍ଧପଦ ସାଂପ୍ରତିକ କାଳରେ ରାଜନୈତିକ ଓ ବୈଜ୍ଞାନିକ ଲେଖାରେ ଖୁବ୍ ପ୍ରବଳ ଭାବରେ ଅସ୍ଥାନ ମାଡ଼ି ବସି ଯାଇଛି । ଏହାର କାରଣ ଏହି କାରକର ସାହାଯ୍ୟରେ ଖୁବ୍ ଖୋଲଟୋକ୍ ଓ ସିଧାସଳଖ ଶୈଳୀ ତିଆରି

ହୋଇ ଯାଉଛି । ସମ୍ବନ୍ଧ ପଦର ବ୍ୟାପକ ବ୍ୟବହାର ନଥିଲେ ଯେ କୌଣସି ଭାଷ—ରୁଷ ଭାଷା, ଓଡ଼ିଆ ଭାଷା, ଇଂରାଜି ଭାଷା—ନାନା ପ୍ରକାର ଗୋଳମାଳିଆ ସମ୍ପର୍କ ଓ କଠିଣ, ଅଖାଡୁଆ ରଚନାରେ ପୂର୍ଣ୍ଣ ହୋଇ ଯାଆନ୍ତା । ଏହା ବି ଲକ୍ଷଣୀୟ ଯେ ବୈଜ୍ଞାନିକ ଭାଷାରେ ଏଭଳି କାରକ ପ୍ରୟୋଗର ପରିବର୍ତ୍ତନ ହେଉଥିଲା ବେଳେ ଲୋକମାନଙ୍କର ମାମୁଲି କଥିବନିଆ ଭାଷାରେ ଏହାର କୌଣସି ପ୍ରଭାବ ପଡ଼ି ନାହିଁ । ଅର୍ଥାତ ଲୋକଙ୍କର ମାମୁଲି ଭାଷାରେ ସଂପ୍ରଦାନ ଓ କର୍ମ କାରକର ବ୍ୟବହାରରେ ଭଟ୍ଟା ପଡ଼ି ନାହିଁ ବା ସମ୍ବନ୍ଧ ପଦ ବ୍ୟବହାରରେ ଉନ୍ନତି ଦେଖାଦେଇ ନାହିଁ ।

କାର୍ଲମାର୍କସ ତାଙ୍କର ଜୀବନ କାଳରେ କଥିତ ଭାଷାର ବ୍ୟାକରଣ ଗଢ଼ଣର ସ୍ଥାୟିତ୍ୱର ବିଶେଷ ପ୍ରକୃତିକୁ ଲକ୍ଷ୍ୟ କରିଥିଲେ ଓ ଆଜି କାରକ ପ୍ରୟୋଗର ପରିସଂଖ୍ୟାନ ତାଙ୍କର ଏହି ଲକ୍ଷ୍ୟକୁ ସତ୍ୟ ବୋଲି ପ୍ରମାଣ କରୁଛି ।

କଥିତ ଭାଷାରେ ଆମେ ବାଚନଭଙ୍ଗୀ ଓ ସଙ୍କେତ ଠାର ଉପରେ ମଧ୍ୟ ନିର୍ଭର କରିପାରୁ । ତେଣୁ ସମ୍ବନ୍ଧପଦ ବୈଜ୍ଞାନିକ ଭାଷାରେ ଯେଉଁ ଯେକଠୋକ ଓ ଦ୍ୱିଧାହୀନ ଭାବ ଦିଏ ବୋଲି ତାର ବ୍ୟବହାର ବଢ଼ୁଛି କଥିତଭାଷା ସେଭଳି ବ୍ୟବହାରର ଆବଶ୍ୟକତା ଅନୁଭବ କରିନାହିଁ । ଏଥିରୁ ବୁଝାପଡ଼େ କାହିଁକି ବୈଜ୍ଞାନିକ ଲେଖାରେ ସମ୍ବନ୍ଧପଦ ଏତେ ଉଚ୍ଚସ୍ଥାନ ପାଇ ଆସିଥିଲେ ବି ସେହି ଗତ ତିନିଶହ ବର୍ଷ ଭିତରେ କଥିତ ଭାଷାରେ କାରକ ପ୍ରୟୋଗ ପ୍ରାୟ ପୂର୍ବ ଭଳି ଅପରିବର୍ତ୍ତିତ ରହି ଆସିଛି ।

## ଗାଣିତିକ ଭାଷାତତ୍ତ୍ୱ

ବିଜ୍ଞାନକୁ ବେଳେ ବେଳେ ନଦୀ ସାଙ୍ଗରେ ତୁଳନା କରାଯାଏ । ଯାର ଉତ୍ପତ୍ତିର ସ୍ଥଳ ହେଲା ଦୁଇଟି, ଗୋଟିଏ ତତ୍ତ୍ୱ ଓ ଆରଟି ବ୍ୟବହାର । ଗୋଟିଏ ବିଚାର ଓ ଆରଟି ଆଚରଣ । ତତ୍ତ୍ୱ ବା ବିଚାର ହେଲା ବିଜ୍ଞାନର ବିଶୁଦ୍ଧ ଆଭ୍ୟନ୍ତରୀଣ ସମସ୍ୟା । ବ୍ୟବହାର ବା ଆଚରଣ ହେଲା ତତ୍ତ୍ୱ ବା ବିଚାରର ଜୀବନ ଓ ସମାଜରେ ବ୍ୟାବହାରିକ ପ୍ରୟୋଗ ।

ପ୍ରତ୍ୟେକ ବିଜ୍ଞାନର ଧର୍ମ ହେଲା ନିର୍ଭୁଲ ମାପଚୁପ, ଭୁଲଭଟକା ନଥିବା ସଂଖ୍ୟା ଓ ଦ୍ୱିଧାହୀନ ଯେକଠୋକ ଗଣନା ଉପରେ ଭରସା ।

କୌଣସି ବିଜ୍ଞାନ ଆପଣାର ବିକାଶର ପ୍ରଥମ ସ୍ତରରେ ଅନେକ ଗୁଡ଼ିଏ ତଥ୍ୟ ସଂଗ୍ରହ କରେ ଓ ସେ ଗୁଡିକ ଯଥାଯଥ ଭାବରେ ଉଲ୍ଲେଖ କରେ । ତାହାପରେ ଏହି ତଥ୍ୟଗୁଡିକ ଉପରେ ନିର୍ଭର କରି ଏକ ବିସ୍ତୃତ ବା ତତ୍ତ୍ୱ ଚିନ୍ତା କରାଯାଏ । ଏହି ତତ୍ତ୍ୱଗୁଡିକ ଅଧିକରୁ ଅଧିକ ପ୍ରମାଣ ସଂଗ୍ରହ କରିବାରେ ଲାଗେ । ସଂଖ୍ୟା ଓ ମାପଚୁପ ସାହାଯ୍ୟରେ ଏହି ପ୍ରମାଣଗୁଡିକ ସଂଗ୍ରହ ହେଲେ ବଖାଣୁଥିବା ବା ବର୍ଣ୍ଣନାତ୍ମକ ବିଜ୍ଞାନ ବସ୍ତୁନିଷ୍ଠ ବିଜ୍ଞାନରେ ପରିଣତ ହୁଏ । ମନୁଷ୍ୟ ସମାଜର ବିଜ୍ଞାନର ସନ୍ଧାନୀ ମାର୍କସ୍, ମନୁଷ୍ୟର ଚିନ୍ତାର ପ୍ରବାହଧାରାର ବିଜ୍ଞାନର ବିଧାତା ପାଭ୍ଲଭ୍ ଓ ଆହୁରି ବଡ଼ ବଡ଼ ମନୀଷୀମାନେ ଅତୀତରେ ସ୍ୱପ୍ନ ଦେଖିଥିଲେ ଯେ ଏପରି ଏକ ଦିନ ଆସିବ ଯେତେବେଳେ ହ୍ୟୁମାନିଟିଜ ବା ମାନବ ବିଦ୍ୟା ଓ ସାମାଜିକ ବିଜ୍ଞାନଗୁଡ଼ିକ ପ୍ରକୃତ ବସ୍ତୁନିଷ୍ଠ ବିଜ୍ଞାନର ଠିକଠାକ ଓ ବିଧାୟକ ଶକ୍ତି ହାସଲ କରିବ । ବିଜ୍ଞାନର ବିକାଶ ହେଲେ ସବୁ ବୈଜ୍ଞାନିକ ତତ୍ତ୍ୱଗୁଡିକ ଯେ ଠିକଣା ଅଭ୍ରାନ୍ତ ସତ୍ୟ ହୋଇଯିବ ଏକଥା ନୁହେଁ । ସମାଜର ଓ ସାମାଜିକ ବ୍ୟବହାରର କର୍ତ୍ତବ୍ୟ ହେଲା ସବୁଗୁଡିକ ଲକ୍ଷିତ ତଥ୍ୟକୁ ଠିକ୍ ଠିକ୍ ମାପଚୁପ ଓ ସଂଖ୍ୟାର ପଦ୍ଧତି ଦ୍ୱାରା ନିଖୁଣ ରଖିବା । ଏବେ କଂପ୍ୟୁଟର ଯନ୍ତ୍ର ଯୋଗରେ ଏହାର ଉପଯୋଗିତା ପ୍ରମାଣିତ ହୋଇଛି । କୌଣସି ଗୋଟିଏ କଂପ୍ୟୁଟର ଯନ୍ତ୍ର ଘଣ୍ଟା ଘଣ୍ଟାକରେ ଏକେକ ମିନିଟ ମିନିଟରେ ଜଟିଳ ବୈଜ୍ଞାନିକ ସମସ୍ୟାଗୁଡିକ ସମାଧାନ କରୁଛି । ଏହା ଏଭଳି ସବୁ ଗଣନାମାନ କରି ପାରୁଛି ଯାହା ପାଇଁ ପୂର୍ବ କାଳରେ ବର୍ଷ ବର୍ଷର କଠୋର ପରିଶ୍ରମ ଲାଗୁଥିଲା । ଏବର ଦୁନିଆରେ ଯୁକ୍ତିବିଦ୍ୟା, ମନସ୍ତତ୍ତ୍ୱ, ଅର୍ଥନୀତି ଓ ଶରୀର-ତତ୍ତ୍ୱ ଭଳି ବିଦ୍ୟାମାନେ ପ୍ରକୃତ ସିଦ୍ଧାନ୍ତଙ୍କ ବିଜ୍ଞାନରେ ପରିଣତ ହୋଇଛନ୍ତି । ଭାଷାତତ୍ତ୍ୱ ବି ଠିକ୍ ସେ ଭଳି ଏକ ବିଜ୍ଞାନରେ ପରିଣତ ହେବାରେ ଲାଗିଛି ।

ଏହାର ଦୁଇଟି କାରଣ ଅଛି । ଗୋଟିଏ ହେଲା ତାତ୍ତ୍ୱିକ (ଆଭ୍ୟନ୍ତରୀଣ) ଓ ଦ୍ୱିତୀୟଟି ହେଲା ବ୍ୟାବହାରିକ (ବାହ୍ୟ) । ବହୁ ବହୁ ବର୍ଷ ହେଲା, ଭାଷାତତ୍ତ୍ୱ ପର୍ବତ ପ୍ରମାଣ ତଥ୍ୟ ସଂଗ୍ରହ କରି ଗଦା କରି ରଖିଛି । ୧୯୪୯ରେ ବିଶ୍ରୁତ ଫରାସୀ ପଣ୍ଡିତ ମାର୍ସେଲ କୋହେନ ଲେଖିଥିଲେ ଯେ ଭାଷାତତ୍ତ୍ୱ ସଂଖ୍ୟାନୁଗ ଘଟଣାବଳୀରେ ସଂଖ୍ୟାକୁ ଅବହେଳା

କରିବାର ଅର୍ଥ ହେଲା ଭାଷାତତ୍ତ୍ୱର ବିକାଶରେ ବ୍ରେକ ଲଗାଇ ଦେବା ଅର୍ଥାତ୍ ଭାଷାତତ୍ତ୍ୱର ବିକାଶକୁ ଚେକ ଦେବା ।

ଏତ ଗଲା ଆଭ୍ୟନ୍ତରୀଣ ଆବଶ୍ୟକତା । ଏହା ଛଡ଼ା ଅସଂଖ୍ୟ ବ୍ୟାବହାରିକ ସମସ୍ୟା ରହିଛି ସେଗୁଡ଼ିକ ସମାଧାନ ପାଇଁ ଟାକି ବସିଛନ୍ତି । ଏ ଭିତରେ ପୁରାତନ ଓ ପରମ୍ପରାଗତ ସମସ୍ୟା ଯଥା ବିଦେଶୀ ଭାଷା ଶିକ୍ଷା, ଅର୍ଥନୈତିକ ଠାରୁ ଭାଷାର ସର୍ଜନା ଓ ଶେଷରେ ଏଭଳି ନାହିଁ ନଥିବା ସମସ୍ୟା (ଯାହା କେବଳ ବିଜ୍ଞାନ-କାହାଣୀ ବହିରେ ହିଁ କଳ୍ପନା କରାଯାଇ-ଥିଲା)ଯଥା ଯନ୍ତ୍ର ସହିତ କଥାବାର୍ତ୍ତା ଚଳାଇବା, ଗୋଟିଏ ଭାଷାରୁ ଆଉ ଏକ ଭାଷାରେ କୌଣସି ଲେଖା ବା କଥା ଅନୁବାଦ କରିବା । ଏବେ ଯନ୍ତ୍ରକୁ ଦ୍ୱିଭାଷୀ ଏପରିକି ତ୍ରିଭାଷୀ, ଚତୁର୍ଭାଷୀ ଓ ବହୁଭାଷୀ କରିବାର ପ୍ରକ୍ରିୟା ଆରମ୍ଭ ହୋଇସାରିଛି । ତେଣୁ ଗଣିତ ବିଦ୍ୟାର ସଂଖ୍ୟାତତ୍ତ୍ୱ ଉପରେ ନିର୍ଭର ନକଲେ ଏଭଳି ସମସ୍ୟାର ସମାଧାନ ହୋଇ ପାରିବ ନାହିଁ ।

ତେବେ 'ଗାଣିତିକ ଭାଷାତତ୍ତ୍ୱ' କଥାଟି ସଙ୍ଗେ "ଗାଣିତିକ ପଦାର୍ଥ ବିଦ୍ୟା"ର ତୁଳନା ହୋଇ ନପାରେ । "ଗାଣିତିକ ପଦାର୍ଥବିଦ୍ୟା" କଥାଟି ଏବେ ଖୁବ୍ ପ୍ରସିଦ୍ଧ । ଏହାର କାର୍ଯ୍ୟ ହେଲା ପଦାର୍ଥ ବିଦ୍ୟାର ତାତ୍ତ୍ୱିକ ଓ ପ୍ରଯୁକ୍ତି ସମସ୍ୟାଗୁଡ଼ିକୁ ସମାଧାନ କରିବା ପାଇଁ ଗଣିତର ଗୋଟିଏ ବିଭାଗ । ଏଠାରେ ଗଣିତ ପଦାର୍ଥ ବିଦ୍ୟାର କେବଳ ଏକ ସହାୟକ ନୁହେଁ, ତାହାର ଅପରିହାର୍ଯ୍ୟ ଅଙ୍ଗ । ପଦ୍ଧତି ଦିଗରୁ ବିଚାର କଲେ, ଗଣିତରେ ଅନ୍ୟ କୌଣସି ବିଭାଗଠାରୁ ଗାଣିତିକ ପଦାର୍ଥ ବିଦ୍ୟା କୌଣସି ପ୍ରକାରେ କମ୍ ଜଟିଳ ନୁହେଁ । ଅନ୍ୟପକ୍ଷରେ 'ଗାଣିତିକ ଭାଷାତତ୍ତ୍ୱ'ରେ ବର୍ତ୍ତମାନ ପନ୍ଥଲ ପାହାଡ଼ ଯାଏ ମଣିଷ ଯାଇଛି । ଏଥିପାଇଁ କୌଣସି ବିଶେଷ ଗାଣିତିକ ଯନ୍ତ୍ରାବଳୀ ବ୍ୟବହାର କରାଯାଇ ନାହିଁ । ଗଣିତର ଚିରାଚରିତ ପଦ୍ଧତି ଏଠାରେ କାର୍ଯ୍ୟରେ ଲଗାଯାଇଛି ।

ପ୍ରାଥମିକ ସ୍ତରର ଗଣିତ କେବଳ ଯେ ଭାଷାତତ୍ତ୍ୱ କ୍ଷେତ୍ରରେ କାର୍ଯ୍ୟରେ ଲାଗିଛି ତାହା ନୁହେଁ ଅନ୍ୟାନ୍ୟ ବିଜ୍ଞାନ କ୍ଷେତ୍ରରେ ଯଥା ପ୍ରାଣୀତତ୍ତ୍ୱ ମନସ୍ତତ୍ତ୍ୱ, ନନ୍ଦନତତ୍ତ୍ୱ (ଶିଳ୍ପ କଳା ସାହିତ୍ୟତତ୍ତ୍ୱ) କ୍ଷେତ୍ରରେ ବି କାର୍ଯ୍ୟରେ ଲାଗିଛି । କିନ୍ତୁ ଏସବୁ ବିଜ୍ଞାନରେ ଗଣିତର ପ୍ରୟୋଗ ହେଉଛି ପ୍ରାଥମିକ

ସ୍ତରର ପ୍ରୟୋଗ । ଭବିଷ୍ୟତରେ ଯେତେବେଳେ ଉଚ୍ଚସ୍ତରର ପ୍ରୟୋଗ ଲୋଡ଼ା ପଡ଼ିବ ସେତେବେଳେ ନିର୍ଦ୍ଦିଷ୍ଟ ବିଜ୍ଞାନର ବିଭାଗ ଲାଗି ଗଣିତ ନିର୍ଦ୍ଦିଷ୍ଟ ଭାବରେ ଆପଣାର ସାଜସରଞ୍ଜାମ ନିଶ୍ଚୟ ପ୍ରସ୍ତୁତ କରିବ ।

ପଦାର୍ଥ ବିଦ୍ୟାରେ ଗଣିତର ଓ ଉଚ୍ଚଗଣିତର ପ୍ରୟୋଗ କର୍ତ୍ତା ଥିଲେ ନିଉଟନ୍, ବୋଲ୍‌ଜ୍‌ମ୍ୟାନ ଓ ଅନ୍ୟାନ୍ୟ ପଦାର୍ଥବିତ୍‌ଗଣ । ଅର୍ଥ-ନୀତିରେ ଗାଣିତିକ ପ୍ରୟୋଗ ଏବେ ଆମର ଆଖି ଆଗରେ ପ୍ରତିଭାତ ହେଉଛି ଓ ଏକ ବିଶେଷ ଗାଣିତିକ ସାଜସରଞ୍ଜାମ ଏଥିପାଇଁ ତିଆରି ହେଉଛି । 'ରେଖା କାର୍ଯ୍ୟକ୍ରମ', 'ଧାଡ଼ିବନ୍ଦୀ ତତ୍ତ୍ୱ' ଓ 'ଖେଳତତ୍ତ୍ୱ' ଇତ୍ୟାଦି ଶହ ଶହ ଗାଣିତିକ ତତ୍ତ୍ୱ ବାହାରି ଗଲାଣି ଯାହା ଏବେ ଅର୍ଥନୀତି ବିଦ୍ୟାରେ କାମରେ ଲାଗୁଛି । ତେଣୁ ସମୟ ଆସିଗଲାଣି ଯେତେବେଳେ ଭାଷାତତ୍ତ୍ୱ ବି ତାର ଗାଣିତିକ ସାଜସରଞ୍ଜାମ ସଜାଡ଼ିବ ଓ ତାହାରି ବଳରେ ଆପଣାର ସ୍ୱଗତ ସମସ୍ୟା ସମାଧାନ କରିବାର ଉଦ୍ୟମ କରିବ । କାରଣ ଆଧୁନିକ ବିଜ୍ଞାନର ସଙ୍ଗେ ତାଳଦେଇ ଗଣିତ ଓ ଭାଷାତତ୍ତ୍ୱ ଏବେ ହାତ ଧରାଧରି ହୋଇ ଆଗକୁ ମାଡ଼ି ଚାଲିଛନ୍ତି । ଏକଦା ଗଣିତ ଜଡ଼ ପଦାର୍ଥର ବିଜ୍ଞାନ ଅର୍ଥାତ୍ ଜ୍ୟୋତିର୍ବିଦ୍ୟାରୁ ଓ ପଦାର୍ଥ ବିଦ୍ୟାରୁ ଆପଣାର ପ୍ରେରଣା ଆହରଣ କରୁଥିଲା । ଆଜି ଆଉ ସେ କାଳ ନାହିଁ । ଏବେ ଗଣିତର କାର୍ଯ୍ୟ ବହୁତ ବଢ଼ିଯାଇଛି, ବହୁ ଗୋଳମାଳିଆ ହୋଇ ଯାଇଛି । କାରଣ ଜୀବତତ୍ତ୍ୱ ଭାଷାତତ୍ତ୍ୱ ଓ ମନସ୍ତତ୍ତ୍ୱ ଆଦି ଜୀବଜନ୍ତୁ ସଂକ୍ରାନ୍ତୀୟ ବିଜ୍ଞାନର ସମସ୍ୟା ଏବେ ଗଣିତକୁ ଡାକୁଛି । ଏଥିପାଇଁ ତାକୁ ସ୍ପେଶିଆଲ ସାଜ ସରଂଜାମ ତିଆରି କରିବାକୁ ହେବ, ଏଥିରେ ସନ୍ଦେହ ନାହିଁ ।

## ଇତିହାସର ଭଙ୍ଗା-ଗଢ଼ି

କାଲଠାରୁ କାଲ ମା ଜାଣେ କିନ୍ତୁ ଭାରତ,ର ସବୁ ଭାଷାଭାଷୀ ଜାଣନ୍ତି । ଭାଷା ତ ଗୋଟିଏ ରକମର ଠାର । ଏହା ଗୋଟିଏ ପ୍ରକାରର ବନ୍ଧାଗତ । ଏହି ଗତ ଶବ୍ଦର ତତ୍ତ୍ୱ ଓ ଗାଣିତିକ ପରିସଂଖ୍ୟାନ ସାହାଯ୍ୟରେ ବୁଝାଯାଏ । ଏହା ଅନୁସନ୍ଧାନର କେବଳ ହତିଆର ନୁହେଁ ବା ଚଉଦଗରେ ବିସ୍ତୃତ ସଂସାରର ପ୍ରତିଫଳନ ନୁହେଁ । ଏହା ଏକ ପ୍ରକାରର ଯନ୍ତ୍ର ଯାହାଦ୍ୱାରା ଶବ୍ଦର ବିବର୍ତ୍ତନ ଓ ପରିବର୍ତ୍ତନ ମପାଯାଏ ।

ଭାଷା ହେଉଛି ସେଇ ଯନ୍ତ୍ର ।

## ଠିକ୍ ଟାଇମ୍ ଟା କେତେ ?

ଆଜକୁ ଦୁଇଶହ ବର୍ଷ ତଳେ ଇଉରୋପର ବାସିନ୍ଦାଙ୍କ ଲାଗି ମଣିଷର ଇତିହାସ ଆରମ୍ଭ ହୋଇଥିଲା ପ୍ରାଚୀନ ଗ୍ରୀକ୍‌ଙ୍କର ହୋମର ଓ ବାଇବେଲର କାହାଣୀ ଯୁଗରୁ । ୧୯ଶ ଶତାବ୍ଦୀ ବେଳକୁ ଇଉରୋପର ଚିନ୍ତାରେ ଏକ ବିପ୍ଳବ ଦେଖାଦେଲା । ସେଇ ଚିନ୍ତାର ବିପ୍ଳବର କାରଣ ହେଲା ପ୍ରାକୃତିକ ବିଜ୍ଞାନ ଓ ମଣିଷର ଅନ୍ୟାନ୍ୟ ସକଳ ବିଜ୍ଞାନ, ଯଥା ପୁରା ମାନବତତ୍ତ୍ୱ, ଭାଷାତତ୍ତ୍ୱ, ବଂଶାବଳୀ-ତତ୍ତ୍ୱ, ପ୍ରତ୍ନତତ୍ତ୍ୱ ଓ ଶିଳ୍ପକଳାର ଅଧ୍ୟୟନ । ସେଥିରୁ ମଣିଷର ଇତିହାସ ଆହୁରି ବିସ୍ତୃତ ହୋଇଗଲା । ବାଇବେଲ ମଣିଷକୁ ଯେଉଁ କେତୋଟି ହଜାର ବର୍ଷର ଇତିହାସ ଦେଇଥିଲା ସେ କେତେ ହଜାର ଜାଗାରେ ମଣିଷର ଇତିହାସ ଅତୀତର ପଛକୁ ୭୦,୦୦୦ ବର୍ଷ ଯାଏ ଲମ୍ବିଗଲା । ୭୦ ହଜାର ତା'ପରେ ହେଲା ସାତ ଲକ୍ଷ ଓ ଶେଷରେ ହେଲା ଦଶ ଲକ୍ଷ । ସବୁଠାରୁ ଆଧୁନିକ ମାନବତତ୍ତ୍ୱ-ବିତ୍ ଫସିଲ ପଣ୍ଡିତ ଲୁଇସ୍ : ଏସ୍ : ବି ଲିକେଙ୍କର ଗଣନା ଅନୁସାରେ ମନୁଷ୍ୟର ଧରାତଳରେ ତିଷ୍ଠିବାର କାଳ ପନ୍ଦର ଲକ୍ଷ ବର୍ଷ ବୋଲି ଅବଧାରିତ ହୋଇଛି । ତେବେ ୧୯ଶ ଶତାବ୍ଦୀର ବୈଜ୍ଞାନିକ ବିପ୍ଳବ କେବଳ

ଯେ ମନୁଷ୍ୟ ଜାତିର ପରମାୟୁଷ୍ଟା ବଢ଼ାଇ ଦେଲା ସେତିକି ନୁହେଁ । ଏହି ବୈଜ୍ଞାନିକ ବିପ୍ଳବ ଫଳରେ ଭାଷା ଲୋକ ସଂସ୍କୃତି ଓ ଘଟଣାବଳି ବିଷୟରେ ବର୍ଣ୍ଣନାଗୁଡ଼ିକ କେବଳ ଏଣୁତେଣୁ କେତେକଗୁଡ଼ିଏ କୌତୁକ କଥା ହୋଇ ରହିଲା ନାହିଁ । ସେଗୁଡ଼ିକ ବୈଜ୍ଞାନିକ ସତ୍ୟର ମର୍ଯ୍ୟାଦା ଲଭିଲା ।

ଏହି ବିଂଶ ଶତାବ୍ଦୀରେ ମାନବିକ ବିଜ୍ଞାନର ଜ୍ଞାନଗୁଡ଼ିକ ଆଉ କେବଳ ଅନୁମାନ ନୁହେଁ । ସେ ସବୁ ଏବେ ପ୍ରାପ୍ତ ସିଦ୍ଧାନ୍ତ । ଭାଷାତତ୍ତ୍ୱ ଇତିହାସ, ମନସ୍ତତ୍ତ୍ୱ, ବଂଶାବଳୀତତ୍ତ୍ୱ, ଶିଳ୍ପକଳାର ଅଧ୍ୟୟନ ବିଦ୍ୟା, ପ୍ରତ୍ନତତ୍ତ୍ୱଗୁଡ଼ିକ ଆଗେ ଯେଉଁଭଳି ବ୍ୟକ୍ତିବିଶେଷଙ୍କର ଅନୁସନ୍ଧାନ ଓ ଚିନ୍ତାର ଉନ୍ମେଷ ହୋଇ ରହିଥିଲା ତେଣୁ ସେଗୁଡ଼ିକ ଅମୁକଙ୍କର ସିଦ୍ଧାନ୍ତ ବା ସମୁକଙ୍କର ଧାରଣା ଭାବରେ ବିଶ୍ୱର ଅପେକ୍ଷାରେ ରହୁଥିଲା । ଏବେ ତାହା ବି ଧୀରେ ଧୀରେ କଟିଗଲାଣି । ଗବେଷକ ବା ଅନୁସନ୍ଧାନକାରୀଙ୍କର ସିଦ୍ଧାନ୍ତ ଯଦି ବିଜ୍ଞାନର କଷଟିରେ ପରଖ ହୋଇ ସତ୍ୟ ସାବୁତ ହେଲା ତେବେ ତାହା ବୈଜ୍ଞାନିକ ସତ୍ୟ ହୋଇଗଲା । ତାହାକୁ ଗବେଷକଙ୍କର ସମ୍ମାନ ପାଇଁ ତାଙ୍କର ସିଦ୍ଧାନ୍ତ ବା ତତ୍ତ୍ୱ ନାମରେ ନାମିତ କରାଯାଇପାରେ କିନ୍ତୁ ତାହା ବୈଜ୍ଞାନିକ ସତ୍ୟର ମର୍ଯ୍ୟାଦା ଲଭ କଲା । ଆଗେ ପଦାର୍ଥବିଦ୍ୟା, ଜ୍ୟୋତିର୍ବିଦ୍ୟା ଓ ଗଣିତରେ ଏଭଳି ନିଘଟ ବୈଜ୍ଞାନିକ ସତ୍ୟର ପ୍ରଚଳନ ଥିଲା । ସବୁ ପ୍ରକାର ମାନବବିଦ୍ୟା ବା ମାନବ ସମାଜ ବିଜ୍ଞାନ ବା ମନୁଷ୍ୟର ମନନ, ଚିନ୍ତନ, ଭାଷା, ବଂଶାବଳୀ, କଳାସଂସ୍କୃତିର ବିଜ୍ଞାନରେ ବହୁ ଅନୁମାନ, ବହୁ ସିଦ୍ଧାନ୍ତ, ବହୁ ଯୁକ୍ତିତର୍କ, ନାନାବିଧ ମତ ଓ ତେଣୁ ମତାନ୍ତରର ଅବକାଶ ରହୁଥିଲା । କିନ୍ତୁ ଏବେ ଗଣିତ, ପଦାର୍ଥ ବିଦ୍ୟା, ଜ୍ୟୋତିର୍ବିଦ୍ୟା, ରସାୟନ ଇତ୍ୟାଦି ପ୍ରାକୃତିକ ଓ ବେକଟୋକ ବିଜ୍ଞାନମାନେ ପୂର୍ବକାଳର ମାନବ ବିଦ୍ୟାକୁ ସାହାଯ୍ୟ କରିବାକୁ ଆଗଭର ହୋଇ ଆସିଲେଣି । ଗଣିତ ଏବେ ମନସ୍ତତ୍ତ୍ୱ ଓ ଭାଷାତତ୍ତ୍ୱର ସାହାଯ୍ୟ ପାଇଁ ବାହାରିପଡ଼ିଛି । ଜ୍ୟୋତିର୍ବିଦ୍ୟା ଇତିହାସକୁ ଉଦ୍‌ଘାଟନ କରିବାରେ ପ୍ରସ୍ତୁତ । ପଦାର୍ଥ ବିଦ୍ୟା ଓ ରସାୟନ ଦୁହେଁ ବର୍ତ୍ତମାନ ପ୍ରତ୍ନତତ୍ତ୍ୱର ଅନୁସନ୍ଧାନରେ ସାଥୀ ହୋଇଛନ୍ତି ।

ମଣିଷର ବିଜ୍ଞାନରେ ସବୁଠୁଁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ସମୟ ବା କାଳର ନିରୂପଣ । କେବେ କୌଣସି ନିର୍ଦ୍ଦିଷ୍ଟ ଘଟଣା ଘଟିଥିଲା ଏହା

କେଉଁଠି ଘଟିଥିଲା ବା କାହିଁକି ଘଟିଥିଲା ତାଠୁ କମ୍ ଗୁରୁତ୍ୱର ପ୍ରଶ୍ନ ନୁହେଁ । ଅତୀତର ଘଟଣାବଳୀର ଠିକ ନିଖି ତାରିଖ ନିର୍ଣ୍ଣୟ କରିବା ପାଇଁ ଏବେ ବହୁତ ନୂଆ ପଦ୍ଧତି ବାହାରି ଗଲାଣି । କିପରି ଆମେ କହୁଁ ଯେ ପୁରୀର ବଡ଼ ଦେଉଳ ଦ୍ୱାଦଶ ଶତାବ୍ଦୀର ମଧ୍ୟ ଭାଗରେ ତିଆରି ହୋଇଥିଲା ? ଅଥବା ଆଜକୁ ଅଢ଼େଇହଜାର ବର୍ଷ ପୂର୍ବେ ବୁଦ୍ଧଦେବ ଜନ୍ମ ହୋଇଥିଲେ ? ଏଭଳି କଥା ଅନେକ ବେଳେ ନ ଭାବି ନ ଚିନ୍ତି କେତେକ ଲୋକ ନିଜର ବାହାଦୁରି ଦେଖାଇ ବା ଦେଶପ୍ରେମ ଦେଖାଇ କହି ଦେଇଥାଆନ୍ତି । କିନ୍ତୁ କିଏ କହିପାରିବ ଯେ ଭୁବନେଶ୍ୱର ମନ୍ଦିରରେ ଲେଖା ହୋଇଥିବା ରାମାୟଣ ଓ ମହାଭାରତ ହେଉଛି ଆଧୁନିକ ଭାରତୀୟ ଭାଷାମାନଙ୍କ ଭିତରେ ପ୍ରାଚୀନତମ ଗଦ୍ୟ ? କିଏ କହିପାରିବ ଯେ ଅଶୋକ ଓଡ଼ିଶାକୁ ୪୩୭ ଖ୍ରୀ. ପୂ. ରେ ଆକ୍ରମଣ କରିଥିଲେ ତା ପୂର୍ବରୁ ନୁହେଁ କି ପରେ ନୁହେଁ ? ଏଥିପାଇଁ ସାକ୍ଷୀ କାହିଁ ?

ଏଥିର ଜୀବନ୍ତ ସାକ୍ଷୀ ଓ କେହି ନ ଥିବାରୁ କଥା, ନାହାନ୍ତି କିନ୍ତୁ ବହୁତ ମଜା ସାକ୍ଷୀ ତ ଅଛନ୍ତି । ପ୍ରଥମ କଥା, ଆମର ଲିଖିତ ଦଲିଲ ଅଛି । କେଉଁଠି କିଏ ପଞ୍ଜିକାର ଲେଖିଛନ୍ତି ଯେ ପୃଥିବୀକୁ ଭଗବାନ ତିଆରି କରିବାର ୭୩୫୧ରେ ଏଇଠି ଗୋଟାଏ ବଡ଼ ଅଗ୍ନିକାଣ୍ଡ ହୋଇ ଯାଇଥିଲା...ସେ ସହରର ନାମଟା ବି ଅଛି...ସମୟର ଏହି ନିର୍ଦ୍ଧାରଣକୁ ଧରି ଅର୍ଥାତ୍ ୭୦୦୦ ବର୍ଷ ତଳର ଏହି ଘଟଣାକୁ ହିସାବକୁ ନେଇ ଆମେ ଏହି ବାଇବେଲର ଘଟଣାକୁ ବର୍ତ୍ତମାନର ଆମର ବୈଜ୍ଞାନିକ ଘଡ଼ି ସାଙ୍ଗରେ ମିଳାଇ ନେଇ ପାରିବୁ, ଓ ଦେଖି ପାରିବୁ ମେଳ ଖାଉଛି କି ନାହିଁ ।

ଏହି ନିର୍ଦ୍ଦିଷ୍ଟ କାଳର ପ୍ରମାଣ ନ ମିଳିଲେ କ'ଣ କରାଯାଏ ? ଏଥିପାଇଁ ବିଜ୍ଞାନ ଗୋଟିଏ ବାଟ ଫିଟାଇଛି । ସବୁତକ ପ୍ରାଚୀନ ପାଣ୍ଡୁଲିପି (ପାଣ୍ଡୁଲିପି କହିବା ଠିକ୍ ହେବ ନାହିଁ କାରଣ ଏ ଭିତରୁ ବହୁତ ହେଉଛି 'ପଥରର କାନ୍ଥ', ମନ୍ଦିର ଗାତ୍ରରେ ଖୋଦିତ ଲେଖ', ମାଟି ପାତ୍ର ଇତ୍ୟାଦି ଯଥା ସୁମେରୀୟ, ବାବିଲୋନୀୟ ବା ଆସିରୀୟ ମାଟିର ଚତୁଷ୍କୋଣ)ରେ କିଛି ନାଁ କିଛି 'ସ୍ୱର୍ଗୀୟ ସଙ୍କେତ' ଥାଏ । କେଉଁଠି ଥାଏ ସୂର୍ଯ୍ୟ ଗ୍ରହଣ ବା ଚନ୍ଦ୍ରଗ୍ରହଣ, ଉଜ୍ଜ୍ୱଳ ଲଂଜାତାରାର ଆବିର୍ଭାବ, ବା କେବେ କେବେ

ଉଲ୍‌କା ପିଣ୍ଡର ଶିଳାବୃଷ୍ଟି । ଜ୍ୟୋତିର୍ବିଦ୍‌ମାନେ ଏହି ସବୁ ସଙ୍କେତରୁ ଭବିଷ୍ୟତର ହଜାର ହଜାର ବର୍ଷ ଆଗକୁ ଯେମିତି ଗଣନା କରି ପାରନ୍ତି ଅତୀତର ହଜାର ହଜାର ବର୍ଷ ପଛକୁ ବି ଗଣନା କରିପାରନ୍ତି । ତେଣୁ 'ଆକାଶର ଶବ୍ଦ'ରୁ ପ୍ରାଚୀନ ପାଞ୍ଜିକାରମାନେ ଯାହା ସଙ୍କେତ ଦେଇ ଯାଇଛନ୍ତି ତାହା ଆଜିର ଐତିହାସିକ ପାଇଁ ଖୁବ୍ ମୂଲ୍ୟବାନ ପ୍ରମାଣ ଯୋଗାଇଥାଏ । ଏଥିରୁ ଜ୍ୟୋତିର୍ବିଦମାନେ ଦୁଇ, ତିନ, ଚାରି, ପାଞ୍ଚ, ଛଅ ହଜାର ବର୍ଷ ତଳର ଘଟଣାକୁ ନିର୍ଭୁଲ ଭାବରେ ଗଣନା କରି ଥୋଇ ଦେଇ ପାରିଛନ୍ତି ।

ଯଦି ଲିଖିତ ଦଲିଲ କିଛି ନାହିଁ, ତେବେ କ'ଣ ହେବ ? କାରଣ ଆମର ଭାରତ ପରି ଦେଶରେ ଲିଖିତ ଇତିହାସ ରଖିବାର ପରମ୍ପରା ନ ଥିଲା । ଏପରି ବି ଆହୁରି ଅନେକ ଦେଶରେ ପୂର୍ବେ ନ ଥିଲା । ତା ଛଡ଼ା ବି ପୃଥିବୀରେ ଲେଖା ସୃଷ୍ଟି ହେବାର ବହୁ ପୂର୍ବରୁ ମଣିଷର ଇତିହାସ ଆରମ୍ଭ ହୋଇଛି । ଏପରିକି କେତେକ ଜାତି ଏହି ବିଂଶ ଶତାବ୍ଦିରେ ଆପଣା ଭାଷାରେ ଲେଖିବା ଆରମ୍ଭ କରିଛନ୍ତି । କେତେକଙ୍କର ଲିପି ଏପର୍ଯ୍ୟନ୍ତ ସ୍ଥିର ହୋଇ ନାହିଁ । ଏସିଆ, ଆଫ୍ରିକା, ଅଷ୍ଟ୍ରେଲିଆ ଓ ଦକ୍ଷିଣ ଆମେରିକାରେ ଏଭଳି ବହୁ ଭାଷା ଭାଷୀ ଜାତି ଅଛନ୍ତି । ସେପରି ସ୍ଥଳରେ ବର୍ଣ୍ଣମାଳାର ପୂର୍ବ ଯୁଗର ଇତିହାସର କାଳ ଆମେ କି ଭାବରେ ନିରୂପଣ କରିବା ?

ଏଥିପାଇଁ କେତେଗୁଡ଼ିଏ ପଦ୍ଧତି ଏବେ ବିଜ୍ଞାନର ନିତ୍ୟ ବ୍ୟବହାର୍ଯ୍ୟ ହୋଇ ଯାଇଛି । ଗୋଟିଏ ସରଳ ପଦ୍ଧତି ହେଉଛି ଗବେଷକ ଯାଇ ଲୋକଙ୍କ ଭିତରୁ ସନ୍ଧାନ ବୁଝିବା । ଅର୍ଥାତ୍ ଗବେଷକ ମନେ କରନ୍ତୁ, ଆଫ୍ରିକାର ଏକ ଉପଜାତିର କିଛି ପୁରୁଣା କାହାଣୀ କିମ୍ବଦନ୍ତୀ ବିଷୟରେ ଜ୍ଞାନ ଥିବା ଲୋକଙ୍କୁ କୁହା ପୁଛା କରି ବୁଝିଲେ ଯେ ପ୍ରଥମ କିମ୍ବଦନ୍ତୀର ନେତା ଠାରୁ ସେମାନଙ୍କର ଉପଜାତିର ପୂର୍ବ ପୁରୁଷର ଦଳପତିମାନଙ୍କର ନିର୍ଦ୍ଦିଷ୍ଟ ସଂଖ୍ୟା ହେଉଛି ବାଇଶ ତେବେ ସେହି ଉପଜାତି ସେହି ଅଞ୍ଚଳରେ କେତେ ବର୍ଷ ହେଲା ବସତି କରି ରହିଛନ୍ତି ତାହାର ଗୋଟାଏ ଅନ୍ଦାଜ ଧାରଣା କରି ପାରିବ ।

ତେବେ ଏ ପଦ୍ଧତି ନିର୍ଭୁଲ ନୁହେଁ ଓ ଏହା ଇତିହାସର ଖୁବ୍ ବେଶୀ ହେଲେ ୧୦୦ ରୁ ୩୦୦ ବର୍ଷ ପର୍ଯ୍ୟନ୍ତ ଠିକ୍ ଠିକ୍ ମିଳିପାରେ । ଅତୀତରେ ତେଣୁ ଜାତିର କାହାଣୀ, କିମ୍ବଦନ୍ତୀ ଇତିହାସ-ପଣ୍ଡିତମାନଙ୍କୁ ଯେତିକି ପ୍ରମାଣ ଯୋଗାଇଛି ତାହା ଯଥେଷ୍ଟ ନୁହେଁ । ତେଣୁ ଏହି ସହଜ ପଦ୍ଧତି ଛାଡ଼ି ଏବେ ଗବେଷଣା କର୍ମୀମାନେ ଆହୁରି ଜଟିଳ ଉନ୍ନତ ପଦ୍ଧତି ଧରିଲେଣି । ଏହା ଫଳରେ ଇତିହାସ-ଲେଖାର ପୂର୍ବ କାଳର ଘଟଣାର ଠିକ୍ ଠିକ୍ ସମୟ ପ୍ରାୟ ନିର୍ଭୁଲ ଭାବରେ କଳନା କରାଯାଇ ପାରୁଛି । ଏହି ଜଟିଳ ପଦ୍ଧତି ଭିତରୁ ସବୁଠାରୁ ନିର୍ଭରଯୋଗ୍ୟ ହେଉଛି ରେଡିଓ-କାର୍ବନ କାଳ-ନିରୂପଣ ।

ସବୁ କାଳରେ ଓ ସ୍ଥାନରେ ପ୍ରତ୍ୟେକ ଜୀବଜନ୍ତୁ ଓ ଉଦ୍ଭିଦ ଭିତରେ ସମାନ ଶତକଡ଼ା ଅନୁପାତରେ ରେଡିଓ ନିସ୍ୟାସୁକ୍ତ କାର୍ବନ୍ ରହିଛି । (ଜୀବ ଓ ଉଦ୍ଭିଦର ପ୍ରାଣକୋଷର ଉପାଦାନ ହେଲା କାର୍ବନ, ଅକ୍ସିଜେନ୍ ଓ ହାଇଡ୍ରୋଜେନ୍) । କୌଣସି ନିର୍ଦ୍ଦିଷ୍ଟ ଜୀବକୋଷର ମୃତ୍ୟୁ ହୋଇଗଲେ ଏହି ଅସ୍ଥିର ରାସାୟନିକ ମିଶ୍ରଣ ଧୀରେ ଧୀରେ କ୍ଷୟ ହୋଇଯାଏ କିନ୍ତୁ ଏହି କ୍ଷୟର ଗତିବେଗ ବି ଏକ ନିର୍ଦ୍ଦିଷ୍ଟ ନିୟମ ମୁତାବକ ହୁଏ । ତେଣୁ କେତେ ବର୍ଷରେ କେତେ କ୍ଷୟ ପାଇବା ସମ୍ଭବ ତାହାର ଏକ ନିର୍ଦ୍ଦିଷ୍ଟ କଳନା କରାଯାଇପାରେ । ତେଣୁ ହାଡ଼, ଗଛ ବା ଅନ୍ୟାନ୍ୟ ପଦାର୍ଥ ଯେଉଁଥିରେ ଏହି ରେଡିଓ ସକ୍ରିୟ କାର୍ବନ ଥାଏ ତାହା ମୃତ୍ୟୁ ପରେ ଜଳ ଜଳ ଗାଉଁସ ହେଉଥିବା କାଠ ପରି ଶତାବ୍ଦି ଶତାବ୍ଦି ଧରି କ୍ଷୟ ପାଉଥାଏ ଓ ଗୋଟିଏ ଘଣ୍ଟାପରି କେତେ ସମୟର ଦଣ୍ଡ ଲତାକୁ ଟିକ୍ ଟିକ୍ କରି ଜ୍ଞାପନ କରିଯାଏ । ଯେତେବେଳେ ପ୍ରତ୍ନତାତ୍ତ୍ୱିକମାନେ ମାଟିତଳୁ କୌଣସି ଜୀବଜନ୍ତୁ ବା ଗଛପତ୍ରର ମୃତାବଶେଷ ଉଦ୍ଧାର କରନ୍ତି ସେମାନେ ଏହି 'ରେଡିଓ ସକ୍ରିୟ ଘଡ଼ି' ସାହାଯ୍ୟରେ ଉକ୍ତ ପଦାର୍ଥର ମୃତ୍ୟୁର ତାରିଖ ନିର୍ଣ୍ଣୟ କରି ନିଅନ୍ତି । ଉଦାହରଣ ସ୍ୱରୂପ ଆଗେ ଧାରଣା ଥିଲା ଯେ ଆମେରିକାର ଗହନ ଜଙ୍ଗଲ ଭିତରେ ମଣିଷର ଅଗ୍ନିସଂଯୋଗରେ ୩୦,୦୦୦ ବର୍ଷ ପୂର୍ବେ ଅଗ୍ନି ଜଳିଥିଲା । କିନ୍ତୁ ଏବେ ଏହି ରେଡିଓ ସକ୍ରିୟ ଘଡ଼ିର ପରିମାପରୁ ଜଣାପଡ଼ୁଛି ତାହା ୫ରୁ ୭ ହଜାର ବର୍ଷ ପୂର୍ବରୁ ଘଟି ନଥିଲା । ଏହି କାଳ ନିରୂପଣ ଇତିହାସ ଦୃଷ୍ଟିରୁ କମ୍ ତାତ୍ପର୍ଯ୍ୟପୂର୍ଣ୍ଣ ନୁହେଁ ।

ପ୍ରତ୍ନତାତ୍ତ୍ୱିକ ଓ ଐତିହାସିକମାନେ ଏହି ଭଳି ଅଣଗତର ଘଟଣାର ସମୟ ସ୍ଥିର କରିବା ପାଇଁ ଏକ ଖୁବ୍ ବିଶ୍ୱାସଯୋଗ୍ୟ ସାକ୍ଷୀ ଠିକଣା କରିଛନ୍ତି।

## ଜିହ୍ୱା-ବଂଶାବଳୀର ପଦ୍ଧତି

ସବୁ ମାଟିତଳୁ ଖୋଳିବାରେ ବାହାର, ଗଛପତ୍ରର ମୃତ ଅବଶେଷ ନ ବାହାରିଲା ? ତେବେ ବିଜ୍ଞାନ ଆଉ ଏକ ଜଟିଳ ପଦ୍ଧତିର ଆଶ୍ରୟ ନେଇଛି। ତାହା ହେଉଛି ଭାଷାର ଗତି। ଏହି ପଦ୍ଧତି ଗ୍ରୀକ୍ ଭାଷାର ଗୋଟିଏ ଶବ୍ଦ ଦ୍ୱାରା ବିଜ୍ଞାନରେ ପରିଚିତ ହେଉଛି। ଶବ୍ଦଟି ହେଲା "ଗ୍ଲୋଟୋ-କ୍ରନଲୋଜି"। ଓଡ଼ିଆରେ ଏହାର ଅର୍ଥ ହେବ ଗ୍ଲୋଟୋ-ଜିଭ କ୍ରନଲୋଜି-ବଂଶାବଳୀ। ଏହାର ଆଉ ଗୋଟିଏ ନାମ ହେଲା "ଲେକ୍ସିକୋ-ଷ୍ଟାଟିଷ୍ଟିକ୍ସ" ଅର୍ଥାତ୍ ଶବ୍ଦ-ପରିସଂଖ୍ୟାନ।

ଏହି ପଦ୍ଧତି ସବୁକାଳେ ସବୁଯୁଗରେ ଥିଲା। କିନ୍ତୁ ଆଜି ଏହାକୁ ବିଜ୍ଞାନର ଦୃଷ୍ଟିଆରୁ ଭାବରେ ନୂତନକରି ମାଜି ଘଷି ଉପଯୁକ୍ତ କରାଯାଇଛି। ଆମେ ଜାଣୁ ଭାଷା ନିରନ୍ତର ବଦଳିବାରେ ଲାଗିଛି। କିନ୍ତୁ ଗୋଟିଏ ହାତ ଘଡ଼ିର ସେକେଣ୍ଡ କଣ୍ଟାର ଗତି ଯେପରି ଆମର ସ୍ପଷ୍ଟ ଆଖି ଦୃଷ୍ଟିଆ ହୁଏ ଏହି ଭାଷାର ଗତି ସେପରି ସ୍ପଷ୍ଟ ତ ହେବନାହିଁ। ଅନନ୍ତ କାଳ ଭିତରେ ଭାଷାର କିଛି କିଛି ଆଖି ଦୃଷ୍ଟିଆ ପରିବର୍ତ୍ତନ ହୋଇପାରେ। ତେଣୁ ଭାଷା ଘଡ଼ିର ସେକେଣ୍ଡ କଣ୍ଟା ସମୟର ଘଣ୍ଟା କଣ୍ଟା ଅପେକ୍ଷା ଆହୁରି ମନ୍ଥର ଗତିରେ ଚାଲେ। ଏହାଛଡ଼ା ଏହି ଭାଷା ଘଡ଼ିର ସବୁ ଅଂଶର ଗତି ବି ସମାନ ତାଳରେ ହୁଏନାହିଁ। ଭାଷାର ଶବ୍ଦ ଭଣ୍ଡାର ଭିତରୁ କେତେଗୁଡ଼ାଏ ଶବ୍ଦ ଖୁବ୍ ଜୋର ଗତିରେ ଆଗେ ବଢ଼ନ୍ତି ଆଉ କେତେ ଗୁଡ଼ାଏ ଅତ୍ୟନ୍ତ ଶ୍ଳଥ ଗତିରେ ଯାଆନ୍ତି। ନୂତନ ଯୁଗରେ କେତେକ ନୂତନ ପ୍ରତିଷ୍ଠାର ଅନୁରୂପ ଶବ୍ଦ ଦେଖା ଦିଅନ୍ତି କେତେକ ବି ଲୋପ ପାଇ ଯାଆନ୍ତି। ନୂଆ ସାମାଜିକ ପରିସ୍ଥିତି କେତେଗୁଡ଼ାଏ ଅନୁଭୂତି ଓ ଘଟଣାରୁ ଜନ୍ମନିଏ। ଯେଉଁମାନେ ଆଗେ ନଥିଲେ ତେଣୁ ସେମାନଙ୍କୁ ବର୍ଣ୍ଣନା କରିବାକୁ ଭାଷା ବି ନଥିଲା।

# ମୌଳିକ ଶବ୍ଦ ଭଣ୍ଡାର

ତେବେ ବି ଭାଷାର ଶବ୍ଦକୋଷର ଦ୍ରୁତ ପରିବର୍ତ୍ତନ ହେଲେ ବି ବାପା ମା ତ ପିଲାମାନଙ୍କ କଥା ବୁଝିପାରନ୍ତି । ପିଲାମାନେ ଗୋସାଇଁ ଓ ଅଜାଙ୍କ ସାଙ୍ଗରେ ବି କଥାବାର୍ତ୍ତା କରି ପାରନ୍ତି ଓ ଏପରିକି ପଣ ଅଜା ଓ ପଣଗୋସାଇଁଙ୍କ ସଙ୍ଗେ ବି । ଆମେ ତ ଏବେ ବି ରୁଦ୍ରସୁଧାନିଧି, ଓ ଚତୁର ବିନୋଦ ପଢ଼ି ବୁଝିପାରୁଁ । କାରଣ କୌଣସି ଭାଷାର ବିରାଟ ଶବ୍ଦଭଣ୍ଡାର ଭିତରେ କେତେଗୁଡ଼ିଏ ଶବ୍ଦ ଅଛନ୍ତି ଯେଉଁମାନେ ହେଉଛନ୍ତି ଅନ୍ତଃସାର ଶବ୍ଦ । ଜଣେ ଲୋକକୁ ଏବେ ନଆଁଲାଗିଲା ବଲ, ଷ୍ଟୁଡେଣ୍ଟ୍, ରକେଟ୍, ପାଇଲଟ ଇତ୍ୟାଦି ଭଳି ଶବ୍ଦ ନୂଆ ଲାଗିପାରେ ତଥାପି ସେ ଓଡ଼ିଆଭାଷୀ ହୋଇ ରହିବ କାରଣ ସେ ଓଡ଼ିଆ ଭାଷାର ମୌଳିକ ଅନ୍ତଃସାର ଶବ୍ଦ ଯଥା ପାଣି, ଭାତ, ଡାଲି, ଏକ, କାମ, ଘର, ମୁଣ୍ଡ, ଗୋଡ଼ ଇତ୍ୟାଦି ଗୁଡ଼ିକ ଜାଣେ ।

ଏହି ଏକାନ୍ତ ଲୋଡ଼ା ଶବ୍ଦଗୁଡ଼ିକ ହେଲା ଭାଷାର ଅନ୍ତଃସାର । ଏହି ଅନ୍ତଃସାରକୁ ଆମେ କହୁ ଧାତୁ । ଏହି ଧାତୁରୁ ନୂତନ ନୂତନ ଶବ୍ଦ ଜନ୍ମ ନିଅନ୍ତି । ଏହି ଧାତୁଗୁଡ଼ିକ ଭାଷା ଭିତରେ ବହୁକାଳ ଯାଏ ବଞ୍ଚି ରହନ୍ତି । ଏହି ଅନ୍ତଃସାର ବା ଧାତୁରେ ବି ପରିବର୍ତ୍ତନ ଘଟେ, ନ ଘଟେ ବୋଲି ନାହିଁ କିନ୍ତୁ ସେ ପରିବର୍ତ୍ତନ ଅତ୍ୟନ୍ତ ମନ୍ଥର । ଶହ ଶହ ବର୍ଷ ବିତି ଗଲେ ବି କୌଣସି ଭାଷାର ଅନ୍ତଃସାର ଶବ୍ଦରେ ବିଶେଷ ତାତ୍ପର୍ଯ୍ୟପୂର୍ଣ୍ଣ ପରିବର୍ତ୍ତନ ଦେଖାଯାଏ ନାହିଁ ।

ଏପରି ହେବାର କାରଣ ହେଉଛି—ମନୁଷ୍ୟ ସମାଜର ଆବଶ୍ୟକତା । ଅନ୍ତଃସାର ଶବ୍ଦଗୁଡ଼ିକ ଯଦି ଦ୍ରୁତଗତିରେ ବଦଳେ ତେବେ ଭାଷାର ତ ଅସ୍ତିତ୍ୱ ରହିବ ନାହିଁ । ତୋଫାନରେ ଯଦି ଘରର ମୂଳଦୁଆ ଭାଙ୍ଗିଯାଏ ତେବେ ରହିବା କେଉଁଠି ? ତେଣୁ ଅନ୍ତଃସାର ଶବ୍ଦଗୁଡ଼ିକ ପରସ୍ପରକୁ ବୁଝିବା ଓ ବୁଝାଇବା ପାଇଁ ଅପେକ୍ଷାକୃତ ସ୍ଥିର ରହେ ।

ତେବେ ଭାଷା ଶବ୍ଦର ଦୁଇପ୍ରକାର ଜଣାଯାଏ । ଗୋଟିଏ ହେଉଛି ମିଳନ୍ତ ଶବ୍ଦ । ଯାହା ହେଉଁ ହେଉଁ ଯାଏ । ସବୁପ୍ରକାର ସଂସ୍କୃତ, ପରଦେଶ

ଓ ପରିସ୍ଥିତିର ପରିବର୍ତ୍ତନର ପ୍ରତିକ୍ରିୟାରେ ବଦଳି ବଦଳି ଚାଲିଥାଏ । ଏହି ଭାଷାଗତର ମିଶ୍ରଣ କଣ୍ଠ'ର ଗତି ଭାଷାଭାଷୀ ଲୋକେ ଧରିବାରେ ସକ୍ଷମ ହୁଅନ୍ତି । ସଂସ୍କାର, ଯୁଦ୍ଧ, ବୈଜ୍ଞାନିକ ଆବିଷ୍କାର, ଆମର ଦୈନନ୍ଦିନ ଜୀବନର ପରିବର୍ତ୍ତନ; ଯେଉଁଗୁଡ଼ିକ ଆମର ଶବ୍ଦକୋଷର ସାଂସ୍କୃତିକ ବସ୍ତ୍ରାବରଣକୁ ନୂତନ ରଙ୍ଗରେ ରଂଜିତ କରେ, ତାହା ଆମର ମୌଳିକ ଶବ୍ଦର ମହଜୁଦ୍ ଷ୍ଟକ୍‌କୁ ସାଧାରଣତଃ ପ୍ରଭାବିତ କରେ ନାହିଁ ।

ଓଡ଼ିଆ ଭାଷାରେ ହଳ, ଲଙ୍ଗଳ, ଗୋରୁ, ହଣ୍ଡା, ପାଣି, ମାଆ, ଆକାଶ, ଦୁଇ, ନିଆଁ ଇତ୍ୟାଦି ଶବ୍ଦ କେଉଁ ଆଦିମକାଳରୁ ଶହ ଶହ ବର୍ଷ ହେଲା ଓଡ଼ିଆ ଲୋକଙ୍କର ସେବାରେ ଲାଗିଛି । ଏଥିଭିତରେ ବହୁ ଓଲଟ-ପାଲଟ, ଯୁଦ୍ଧ, ଦୁର୍ଭିକ୍ଷ, ବିଦ୍ରୋହ, ଆନ୍ଦୋଳନ ହୋଇ ଯାଇଛି କିନ୍ତୁ ଏହି ଶବ୍ଦମାନେ ସେହିଭଳି ପୁରୁଣା ମହିମାରେ ସ୍ଥିର ରହିଛନ୍ତି । ଅନ୍ୟ ପକ୍ଷରେ ମହାଶୂନ୍ୟଯାତ୍ରା, ହାଇଡେଲ ରକେଟ୍, କଂପ୍ୟୁଟର, କମ୍ୟୁନିଷ୍ଟ ପାର୍ଟି, କୀଟ-ନାଶକ ଏଣ୍ଡ୍ରିନ୍ ଇତ୍ୟାଦି ହଜାର ହଜାର ଶବ୍ଦ ଭାଷା ଭିତରକୁ ଆସିବାରେ ଲାଗିଛି ।

ତଥାପି କୌଣସି ଭାଷାର ମୌଳିକ ଭାଷାର ମହଜୁଦ ଶବ୍ଦ ଭିତରେ ବି ପରିବର୍ତ୍ତନ ହୁଏ । ପରିବର୍ତ୍ତନ ଯେତେ ମନ୍ଥର ହେଲେବି ଏହାର କାରଣ ଭାଷା ହେଉଛି ମନୁଷ୍ୟ ଚିନ୍ତାର ସବୁଠାରୁ ନମନୀୟ ଓ ସୂକ୍ଷ୍ମ ଆୟୁଧ ଓ ତାହା କୌଣସିମତେ ସ୍ଥିର ରହି ପାରେ ନାହିଁ । ଏପରିକି ସବୁଠାରୁ ଲେଢ଼ା ପଦଗୁଡ଼ିକ, ମୌଳିକ ମହଜୁଦ ଶବ୍ଦ ଧୀରେ ଧୀରେ ବଦଳେ ।

ଏହା ଏକ ଅତି ପ୍ରଚଳିତ ଘଟଣା । କୌଣସି ଲକ୍ଷ୍ୟ କଲା ଲୋକ କହିବ ଯେ ତା'ର ଭାଷା ଏକ ଚଳମାନ ଅବସ୍ଥାରେ ରହିଛି । ତେବେ ୧୯୪୦ ମସିହା ବେଳକୁ ଏକ 'ଭାଷା ଗତି'ର ଧାରଣା ମଣିଷ ମୁଣ୍ଡରେ ଢୁକିଲା । ସେତେବେଳେ ମନରେ ଏକଥା ଜାଗିଲା ଭାଷାଗତର ଷଣ୍ଢାକଣ୍ଢାର ମନ୍ଥର ଶ୍ଲଥ ଗତିର ରେଟ୍ କ'ଣ ସବୁ କାଳରେ ସମାନ ? କୌଣସି ଭାଷାର ମୌଳିକ ଶବ୍ଦଭଣ୍ଡାରର ପରିବର୍ତ୍ତନ ରେଟ୍ ସବୁବେଳେ ଏକ କି ନୁହେଁ ? ଆମେ କ'ଣ କୌଣସି ଭାଷାର ମୌଳିକ ଶବ୍ଦ ଭିତରେ କୌଣସି ଧରଣର

'ରେଡିଓ-ଏକ୍ଟିଭ୍ କ୍ଷୟ' ଦେଖିବାକୁ ପାଇଁ ? ଏହି କ୍ଷୟର ଗତି କେତେ ? ଅର୍ଥାତ୍ କେତେ ହଜାର ବର୍ଷରେ କେତେ ଯାଏ କ୍ଷୟ ?

ଆମେରିକାର ଭାଷାବିତ୍ ମରିସ୍ ସ୍ୱଦେଶ ଏହି କଥା ସୂଚନା ଦେଇଥିଲେ । ସେ କହିଥିଲେ ଯେ ରେଡିଓ-କାର୍ବନ କାଳ ନିରୂପଣ ପଦ୍ଧତିରୁ ତାଙ୍କ ମନରେ ଏକଥା ଉଠିଲା ଯେ ଭାଷାମାନଙ୍କର ଶବ୍ଦ ସମ୍ଭାରରୁ କାଳ ନିରୂପଣ କରାଯାଇ ପାରେ କି ନାଁ ?

## ସଂପାଦ୍ଧ ରଖିବାର ପରିମାପ ସଂଖ୍ୟା

ରେଡିଓ-ଏକ୍ଟିଭ୍ ଘଡ଼ି ଭଳି ଭାଷା ଘଡି ଏତେଟା ଠିକ ଠାକ୍ ନିର୍ଭୁଲ ନୁହେଁ । କାରଣ ରେଡିଓ-ଏକ୍ଟିଭ୍ ଘଡି ହେଉଛି ପ୍ରାକୃତିକ କିନ୍ତୁ ଭାଷା ହେଉଛି ମନୁଷ୍ୟ ଚିନ୍ତାର ବାହନ ଏବଂ ସାମାଜିକ, ତା' ଛଡା ପରିବର୍ତ୍ତନର ବେଗ ହେଉଛି ଅତ୍ୟନ୍ତ ମନ୍ଥର ଓ କୌଣସି ଲୋକ ଏହି ଘଡି ଉପରେ ନିର୍ଭର କଲେ ତାକୁ ଶହେ ବର୍ଷର ସମୟ ନେବାକୁ ହେବ ନାହିଁ । ତାକୁ ହଜାର ସଂଖ୍ୟାର ବୟସ ନେବାକୁ ହେବ ।

ଏହି ଭାଷାଘଡ଼ିର ଘଣ୍ଟା କଣ୍ଟାର ଗତିବେଗ ଜାଣିବା ପାଇଁ ଗବେଷକମାନଙ୍କୁ ଏକ ଯଥେଷ୍ଟ ସମୟ ନେବା ଦରକାର । ତେଣୁ ଆଧୁନିକ ଇଂରାଜି ସହିତ ୯୫୦ ଖ୍ରୀଷ୍ଟାବ୍ଦର ଆଙ୍ଗ୍ଲୋସାକ୍ସନ ଭାଷାର ତୁଳନା କରିବା ଦରକାର । ଆପଣାର ଆଙ୍ଗ୍ଲୋସାକ୍ସନ ପୂର୍ବପୁରୁଷଙ୍କ ଠାରୁ ଇଂରାଜମାନେ କେତେଗୁଡ଼ିଏ ମୌଳିକ ଶବ୍ଦ ସଂପଦ ସଂଗ୍ରହ କରିଛନ୍ତି ? ପରିସଂଖ୍ୟାନ ହିସାବରୁ ଏହାର ଉତ୍ତର ମିଳୁଛି ।

୨୧୫ ଗୋଟି ସାଧାରଣତଃ ବ୍ୟବହୃତ ଅନ୍ତଃସାର ଶବ୍ଦର ଗୋଟିଏ ତାଲିକା ତିଆରି ହେଲା । ହିସାବରୁ ଦେଖାଗଲା ଯେ ୧୯୦ ଗୋଟି ଇଂରାଜି ଶବ୍ଦ ଅର୍ଥାତ ଶତକଡ଼ା ୮୫ ଯାଏ ଶବ୍ଦ ଗତ ଏକହଜାର ବର୍ଷ ଭିତରେ ଆଦୌ ବଦଳି ନାହାନ୍ତି ।

ତେବେ ସବୁଠାରୁ ଲକ୍ଷ୍ୟଣୀୟ କଥା ହେଲା ଇଂରାଜି ଭାଷା କ୍ଷେତ୍ରରେ ଏହି ମୌଳିକ ଅନ୍ତଃସାର ଶବ୍ଦର ଯେଉଁ ଅପରିବର୍ତ୍ତନୀୟତା ଦେଖାଦେଉଛି ତାହା ଇଂରାଜି ଭାଷାର ବିଶେଷତ୍ୱ ନୁହେଁ । ଅର୍ଥାତ୍ ରୁଷ

ଭାଷାରେ ଏଭଳି ୨୧୫ ଗୋଟି ଶବ୍ଦରେ ଶତେକରୁ ଶହେ ଶବ୍ଦ କ'ଣ ସେପରି ରହିଛନ୍ତି ? ହଁ ସେମାନେ ଇଂରାଜୀ ଭାଷା ଠାରୁ ଶତକଡ଼ା କେଣି ଅନୁପାତରେ ବଦଳିଛନ୍ତି ନାଁ କମ୍ ? ଅଥବା ଚୀନ ଭାଷାରେ ବା ଜର୍ମାନ୍ ଭାଷାରେ ? ନାଁ, ଦେଖାଗଲା ପ୍ରତ୍ୟେକ ଭାଷାରେ ଏକ ହଜାର ବର୍ଷ ଭିତରେ ୨୧୫ ଗୋଟି ଅନ୍ତଃସାର ଶବ୍ଦର ପରିବର୍ତ୍ତନ ପ୍ରାୟ ସମାନ ରେଟ୍‌ରେ ଓ ସମାନ ଶତକଡ଼ା ହାରରେ ହୋଇଛି । ଆଧୁନିକ ଫରାସି, ପର୍ତ୍ତୁଗିଜ୍, ଇଟାଲୀୟ, ସ୍ପେନୀୟ, ରୁମାନୀୟ ଭାଷାମାନେ ସମସ୍ତେ ଲାଟିନର ସନ୍ତାନ । ଏହି ଭାଷାମାନଙ୍କରେ ଏହି ୨୧୫ ଗୋଟି ଅନ୍ତଃସାର ମୌଳିକ ଶବ୍ଦ ଭିତରୁ ରୁମାନୀୟ ଭାଷା ଶତକଡ଼ା ୭୭, ଫରାସୀ ୭୯, ପର୍ତ୍ତୁଗିଜ ୮୨, ଇଟାଲୀୟ ୮୫ ଓ ସ୍ପେନୀୟ ୮୫ ଶବ୍ଦ ବିନା ପରିବର୍ତ୍ତନରେ ଯଥା ପୂର୍ବଂ ଅବସ୍ଥାରେ ରଖିଛନ୍ତି !

ପୁରୁଣା ଜର୍ମାନ୍ ଓ ବର୍ତ୍ତମାନ ଜର୍ମାନର ତୁଳନାରୁ ଦେଖାଯାଇଛି ଯେ ନୂଆ ଜର୍ମାନ୍ ପୁରୁଣା ଜର୍ମାନ୍‌ରୁ ମୌଳିକ ଅନ୍ତଃସାର ଶବ୍ଦ ଭିତରୁ ଶତକଡ଼ା ୭୮ଟି ଏବେ ବି ଅପରିବର୍ତ୍ତନୀୟ ରଖିଛି ।

ଏହି ହିସାବ କି କେବଳ ୟୁରୋପୀୟ ଭାଷା କ୍ଷେତ୍ରରେ ଠିକ୍ ? ଅନ୍ୟମାନଙ୍କ କ୍ଷେତ୍ରରେ ଭୁଲ ? ତାହା ବି ନୁହେଁ । ଏକଥା ମଧ୍ୟ ଗଣନା କରାଯାଇଛି ୯୫୦ ଖ୍ରୀଷ୍ଟାବ୍ଦର ଶାସ୍ତ୍ରୀୟ ଚୀନ୍ ଭାଷାର ମୌଳିକ ଅନ୍ତଃସାର ଶବ୍ଦରୁ ଶତକଡ଼ା ୭୯ ଶବ୍ଦ ଏବେ ବି ଆଧୁନିକ ଚୀନ ଭାଷାରେ ମହଜୁଦ ଅଛି । ମିସର ବା ଇଜିପ୍ଟର ମଧ୍ୟମ ରାଜ୍ୟର ପ୍ରାଚୀନ ଇଜିପ୍ଟୀୟ ଭାଷା (୨୧୦୦—1700 ଖ୍ରୀଷ୍ଟପୂର୍ବ) ଆପଣାର କୋପ୍ଟ ଭାଷାରେ ପ୍ରାୟ ଏକ ହଜାର ବର୍ଷ ଯାଏ ଶତକଡ଼ା ୭୫ ଧରି ରଖିଥିଲା । ଏତବେ ତ ସବୁ ଆଢ଼େ ଅଦ୍ଭୁତ ଘଟଣା ଯୋଗ !

କିନ୍ତୁ ପ୍ରକୃତରେ ଏହା ଘଟଣା ଯୋଗ ନୁହେଁ । କାରଣ ଦୁନିଆରେ ଦୈବ ଯୋଗରେ କିଛି ଘଟେ ନାହିଁ । ସବୁ କଥାର ଏକ ବୈଜ୍ଞାନିକ ଆଇନ ରହିଛି ।

ଏକ ହଜାର ବର୍ଷ କାଳ ଭିତରେ ପୃଥିବୀର ବହୁ ବିଭିନ୍ନ ଭାଷାମାନେ ପ୍ରାୟ ସମାନ ରେଟ୍‌ରେ ବଦଳିବାରେ ଲାଗିଛନ୍ତି । ହିସାବରୁ

ପରୀକ୍ଷାରୁ ଏହି ରେଟ୍ ପ୍ରାୟ ଉଣେଇଶ ବିଶ ଠିକ୍ ହେଉଛି—ତେବେ ଏହାକୁ ଆମେ ଏକ ନିୟମ ବୋଲି ମଣିବା । ଏହାକୁ ଘଟଚକ୍ର ଯୋଗ ବୋଲି ମଣିବା ଠିକ୍ ହେବ ନାହିଁ । ତେଣୁ ଭାଷାଘଡ଼ିର ରେଟ୍ ହେଉଛି ଏକ ନିର୍ଦ୍ଦିଷ୍ଟ ରେଟ୍ ଏଥିରେ ବ୍ୟତିକ୍ରମ ଖୁବ୍ କମ୍ ।

ଶତକଡ଼ା ୭୬ ରୁ ୮୫ ଭିତରେ ପରିବର୍ତ୍ତନ ! ଅନ୍ତଃସାର ମୌଳିକ ଶବ୍ଦ ମାନଙ୍କରେ ! ତାହା ପୁଣି ହଜାରେ ବର୍ଷରେ ! ତେବେ ହଜାର ବର୍ଷଟା ଟିକିଏ ଏପାଖ ସେପାଖ ହେବା ନିଆରୁ ୭୭ ଠାରୁ ୮୫ ଅର୍ଥାତ ଶତକଡ଼ା ୯ର ଫରକ୍ ମିଳୁଛି । ଉଦାହରଣ ସ୍ୱରୂପ ଯେଉଁ ପ୍ରାଚୀନ ମିସରୀୟ ଭାଷା ସାଙ୍ଗରେ 'କପ୍ଟ' ଭାଷାର ତୁଳନା ହୋଇଛି ତାହା ହେଉଛି ତାହା ହେଉଛି ଖ୍ରୀଷ୍ଟପୂର୍ବ ୨୧୦୦ ଠାରୁ ୧୭୦୦ ସାଲର ଭାଷା । ତେଣୁ ଏହି ଭାଷାର କଳନାରେ ପ୍ରାୟ ୪୦୦ ବର୍ଷ ଏ ପଟ ସେପଟ ହୋଇ ଯାଇଛି । ଏହି ସ୍ଥଳରେ ଭାଷାର ଅନ୍ତଃସାର ମୌଳିକ ଶବ୍ଦର ସ୍ଥାପକତା ଶତକଡ଼ା ୭୭ ପର୍ଯ୍ୟନ୍ତ ରହିବାର ଏହା ଗୋଟିଏ କାରଣ । ଏପରି ସ୍ଥଳେ ଦୋଷଟା ଭାଷା-ଘଡ଼ିର ନୁହେଁ, ଦୋଷ ହେଉଛି ଇତିହାସର କାଳନିରୂପଣର ଘଡ଼ିର ।

ବହୁ ସଂଖ୍ୟକ ଭାଷାର ହିସାବରୁ ଗବେଷକମାନେ ନିର୍ଦ୍ଧାରଣ କରିଛନ୍ତି ଯେ ଭାଷାର 'ହାରାହାରି ପରିବର୍ତ୍ତନର ରେଟ୍' ହେଲା ହଜାରେ ବର୍ଷରେ ମୋଟା ମୋଟି ଶତକଡ଼ା ୮୧ ± ୨ । ଭାଷା ଘଡ଼ିର ଘଣ୍ଟା କଣ୍ଟାର ଏହାହିଁ ରେଟ୍ ।

## ପରୀକ୍ଷାର ଉପାୟ

କୌଣସି ଏକ ତତ୍ତ୍ୱ ଠିକ୍ ନାଁ ଭୁଲ ତା'ର ମାପକାଠି ହେଲା ସେଥିରୁ ଗଣନା କରି ଭବିଷ୍ୟତବାଣୀ କଲେ ତାହା ଫଳୁଛି କି ନାଁ ? ମାଧ୍ୟାକର୍ଷଣତତ୍ତ୍ୱ ଆବିଷ୍କାର ହେଲାପରେ ତାହାରି ଗଣନା ଅନୁସାରେ ନେପଚ୍ୟୁନ୍ ନାମକ ଗ୍ରହର ଅବସ୍ଥିତି ଧରାପଡ଼ିଥିଲା । ପରେ ଗଣନା ଅନୁସାରେ ଖୋଜିବାକୁ ଦୂରବୀଣରେ ଉକ୍ତ ଗ୍ରହର ଅସ୍ତିତ୍ୱ ଧରାପଡ଼ିଲା । ଏଭଳି ମଧ୍ୟ ଉତ୍ତରମେରୁ ଅଞ୍ଚଳରେ ଶହ ଶହ ଦ୍ୱୀପ ଗବେଷକ ତା'ର ଗବେଷଣା ବଳରେ ବି ଆବିଷ୍କାର କରିଛି । ପରେ ଜଣାପଡ଼ିଛି ସତକୁ ସତ ଏଭଳି ଦ୍ୱୀପର ଅସ୍ତିତ୍ୱ ଅଛି ।

ଠିକ୍ ସେପରି ଭାଷା ଖଣ୍ଡକୁ ଇତିହାସର ସମସ୍ତ ଗଣ୍ଡିଁ ଚଳାଇଛୁ । ଇତିହାସର ମାଲମସଲା ନ ଥିଲେ କେବଳ ଭାଷା ଖଣ୍ଡକୁ ଦେଖି ଓ ତହିଁରୁ ଭାଷାର ପରିବର୍ତ୍ତନର ବେଗକୁ ମାପି ସେଥିରୁ ଇତିହାସର କାଳ କ'ଣ ସ୍ଥିର କରିପାରିବା ? ଏହାର ଉତ୍ତର ହଁ ନିଶ୍ଚୟ ପାରିବା । ଆମକୁ କେବଳ ଜନନୀ ଭାଷା ସହିତ ସନ୍ତାନ-ଭାଷାକୁ ତୁଳନା କରିବାକୁ ହେବ । ସେଥିରୁ ଆମେ ମୌଳିକ ଶବ୍ଦର ପରିବର୍ତ୍ତନର ବେଗ ଠିକ୍ କରି ପାରିବା ଯଦି ଶତକଡ଼ା ୮୦।୮୧ ବା ୭୭।୭୮ ଯାଏ ପରିବର୍ତ୍ତନ ହୋଇଥାଏ ତେବେ ଅକ୍ଳେଶରେ ଏକ ହଜାର ବର୍ଷର ବ୍ୟବଧାନ ବୋଲି ଧରି ନେଇ ପାରିବା । ଯଦି ଶତକଡ଼ା ହାର ଏଥିରୁ ବେଶି ତେବେ ନିଶ୍ଚୟ ବ୍ୟବଧାନ ବେଶି । ଯଦି ଶତକଡ଼ା ହାର ଏଥିରୁ କମ୍ ତେବେ ସମୟର ବ୍ୟବଧାନ ନିଶ୍ଚୟ ହଜାରେ ବର୍ଷରୁ କମ୍ ।

ଭାଷା-ଖଣ୍ଡ ହେଉଛି ଭାଷାବିତ୍ମାନଙ୍କର ଗୋଟିଏ ପ୍ରଧାନ ହତିଆର । କାରଣ ଏହାରି ସାହାଯ୍ୟରେ ଗୋଟିଏ ଭାଷାକୁ ଅନ୍ୟ ଭାଷାଠାରୁ ବୟସ ଓ କାଳ ହିସାବରେ ବାରିହୁଏ । ଅର୍ଥାତ୍ ସ୍ଥିର କରିହୁଏ ଇତିହାସର କେଉଁ ଯୁଗରେ, ମନେ କରନ୍ତୁ, ରୁମାନୀୟ, ସ୍ପେନୀୟ, ବା ଫରାସୀ ଭାଷା ସେମାନଙ୍କର ଜନନୀଭାଷା ଲାଟିନରୁ ଜନ୍ମ ହୋଇଥିଲେ ତାହାର ଗଣନା କରିହୁଏ । ଭାଷା ବିଷାରଦ ସହଜରେ ଧରି ପାରେ ନାହିଁ କେବେ ଭାଷା ଗୁଡିକ ଆପଣାର ସାବକ ଭାଷାର ଗଣ୍ଡିରୁ ବାହାରି ଶାଖା ପ୍ରଶାଖା ମେଲିଲେ, ବର୍ତ୍ତମାନ କିନ୍ତୁ ଯଥେଷ୍ଟ ନିର୍ଭୁଲ ଭାବରେ କହିବା ସମ୍ଭବ ଯେ ରୁଷୀୟ, ବାଇଲୋରୁଷୀୟ ଓ ୟୁକ୍ରେନୀୟ ଭାଷା ଗୁଡିକ କେବେ ଆପଣାର ଜନନୀଭାଷା ସ୍ଲାଭଠାରୁ ଅଲଗା ହେଲେ ?

କିନ୍ତୁ ଯେଉଁ ଭାଷା ଲିଖିତ ନୁହେଁ ତାହା କେଉଁ କାଳରେ ଜନନୀ ଭାଷାରୁ ଅଲଗା ହେଲା ତାହା ଠିକଣା କରିବା ସୁବିଧା ମୁତାବକ ହୋଇ ପାରିବ ନାହିଁ । କାରଣ ଲିଖିତ ଭାଷାରେ ମୌଳିକ ଅନ୍ତଃସାର ଶବ୍ଦର ପରିବର୍ତ୍ତନ ଧରି ହେବ, ଅଲିଖିତ ଭାଷାରେ ଧରି ହେବ ନାହିଁ ।

ଏହା ଛଡ଼ା ଭାଷା-ଖଣ୍ଡର ଆଉ ଏକ ବ୍ୟାପକ ଉପଯୋଗିତା ଅଛି । ଭାଷା-ଖଣ୍ଡ ମଣିଷର ଇତିହାସ ପୂର୍ବ ଘଟଣାକୁ ଆଜ ଅନେକ ନିଖୁଣ ନିର୍ଭୁଲ ରୂପେ ଠିକ୍ କଣ୍ଟା କଣ୍ଟାରେ ନିର୍ଦ୍ଧାରଣ କରି ଦେଇପାରେ ।

ପ୍ରତ୍ନତତ୍ତ୍ୱ, ଜ୍ୟୋତିର୍ବିଦ୍ୟା ଓ ବେଦଓ ସନ୍ଦିପ୍ସ ଭଳି ସମ୍ପୃକ୍ତ ମିଳାଇ ଭାଷା ଗୁଡ଼ିକୁ ଦେଖିଲେ ଯେଉଁ ଘଟଣା ଗୁଡ଼ିକର ଐତିହାସିକ ତଥ୍ୟ ବର୍ଣ୍ଣିତ ଲେଶମାତ୍ର ନ ଥିଲା ସେଗୁଡ଼ିକ କାଳ ଦୃଷ୍ଟିରୁ ସ୍ପଷ୍ଟ ହୋଇ ଉଠନ୍ତି ।

ଇତିହାସ, ପ୍ରତ୍ନତତ୍ତ୍ୱ, ବଂଶାବଳୀତତ୍ତ୍ୱ, ଓ ଭାଷାତାତ୍ତ୍ୱିକ ଭୂଗୋଳ ସମ୍ପୃକ୍ତ ସମଚାକ ରଖି, ଅର୍ଥାତ୍ ଯେଉଁ ଯେଉଁ ବିଦ୍ୟାଗୁଡ଼ିକ ସାରା ଭୂଲୋକର ଭାଷା ଗୁଡ଼ିକ ଉପରେ ଦରବନ୍ଦର ବ୍ୟାପିଗଲେ ତାହାର ସ୍ୱଭାବ ରଖିଛନ୍ତି ସେମାନଙ୍କ ସମ୍ପୃକ୍ତ ମିଶି ଇତିହାସ ପୂର୍ବ ମାନବ ବସତିର ଧାରା ଓ ମାନବର ବିଭିନ୍ନ ଅଞ୍ଚଳରେ ପ୍ରବେଶ ଖସଡ଼ା ସ୍ଥିର କରାଯାଏ । ତେଣୁ ଭାଷା ଭଳି ଆବିଷ୍କାର ହେବା ପରେ ପରେ ଏହାକୁ ମନୁଷ୍ୟ ଅସ୍ତିତ୍ୱର ସବୁଠାରୁ ଆଦିମ ସମୟର ଅନ୍ଧକାର ଉପରେ ଆଲୋକପାତ ପାଇଁ ବ୍ୟବହାର କରାଯାଇଥିଲା ଓ ସଙ୍ଗେ ସଙ୍ଗେ ସଂଗୃହୀତ ତଥ୍ୟ ଗୁଡ଼ିକର ନିର୍ଭୁଲତାକୁ କଷି ପରଖ କରାଯାଇଥିଲା

ଆମେରିକା ମହାଦେଶରେ ମନୁଷ୍ୟର ଆଦିମ ବସବାସ ବିଷୟରେ ଏପର୍ଯ୍ୟନ୍ତ ଇତିହାସରେ ବେଶିକିଛି ମାଲମସଲା ନାହିଁ । ମଣିଷ ପୁରାତନ ବିଶ୍ୱ ଅର୍ଥାତ୍ ଏସିଆ, ଆଫ୍ରିକାରେ ପ୍ରଥମେ ଉଦ୍ଭବ ହେଲା ବୋଲି ଧାରଣା ରହି ଆସିଛି । ଅଧିକାଂଶ ବିଦ୍ୱାନଙ୍କ ମତରେ ଏସିଆର ଲୋକେ ଯାଇ ଉତ୍ତରସ୍ଥ ଆମେରିକାରେ ବସତି ସ୍ଥାପନ କରିଛନ୍ତି । ଏସିଆର ଉପଜାତିମାନେ ଗୋଟିକ ପରେ ଗୋଟିଏ ନୂତନ ମହାଦେଶରେ ଯାଇ ପହଞ୍ଚିଛନ୍ତି । କେତେକ ବିଶ୍ୱାସ କରନ୍ତି ଯେ ଏହି ବସତି-ସ୍ଥାପନ ହଜାର ହଜାର ବର୍ଷ ଯାଏ ଚାଲିଆସି ଥିଲା । ଆମେରିକା ମହାଦେଶର ଶେଷ ବସତି ସ୍ଥାପନ କରିବା ଲୋକେ ହୋଇଛନ୍ତି ଆଧୁନିକ ଏସ୍କିମୋ ଓ ଆଲ୍ୟୁସୀୟ ମାନଙ୍କର ପୂର୍ବପୁରୁଷ ।

ଏସ୍କିମୋ ଜାତି ସମସ୍ତ ଉତ୍ତର ଆମେରିକାର ଉତ୍ତରତମ ଅଞ୍ଚଳରେ ବସତି କରିଥିଲେ । ଏହି ଅଞ୍ଚଳ ଏବର ଭୌଗୋଳିକ ଆଲସ୍କା ଠାରୁ ଗ୍ରିନଲ୍ୟାଣ୍ଡ ଯାଏ ବ୍ୟାପ୍ତ । ଏମାନଙ୍କ ଭିତରୁ ମୁଷ୍ଟିମେୟ ଲୋକ ଏସିଆରେ ରହିଯାଇଥିଲେ । ଏବେ ବି ସେମାନଙ୍କର ଚିହ୍ନ ସାଇବେରିଆର ଚୁକୋଟ୍କା ଅଞ୍ଚଳରେ ଦେଖିବାକୁ ମିଳେ । ସେଠାରେ ପ୍ରାୟ ଏକହଜାର

ଏସ୍କିମୋ ଏବେ ବି ଅଛନ୍ତି ବର୍ତ୍ତମାନ ଯେଉଁ ଦ୍ୱୀପପୁଞ୍ଜକୁ ଆଲ୍ୟୁସୀୟ୍ସ ଦ୍ୱୀପପୁଞ୍ଜ କୁହାଯାଉଛି ଆଲ୍ୟୁସୀୟ୍ସମାନେ ସେହି ଦ୍ୱୀପପୁଞ୍ଜରେ ଓ ଆଲାସ୍କାର କିଛି ଅଂଶରେ ବସତି ସ୍ଥାପନ କରିଥିଲେ । ଆଲାସ୍କାରେ ବସିଥିବା ଜଣେ ଏସ୍କିମୋ ସୁଦୂର ଗ୍ରିନ୍‌ଲ୍ୟାଣ୍ଡର ଏସ୍କିମୋ ସାଙ୍ଗରେ କଥାବାର୍ତ୍ତା କରିପାରେ କିନ୍ତୁ ତାର ପଡ଼ୋଶି ଆଲ୍ୟୁସୀୟ୍ସ ସାଙ୍ଗରେ କଥାବାର୍ତ୍ତା କରି ପାରେ ନାହିଁ କିନ୍ତୁ ବଂଶାବଳୀତତ୍ତ୍ୱବିତ୍‌ମାନେ କହନ୍ତି ଯେ ଏକ ସମୟରେ ଏସ୍କିମୋ ଓ ଆଲ୍ୟୁସୀୟ୍ସମାନେ ଗୋଟିଏ ବଂଶର ଲୋକ ଥିଲେ । ଓ ଭାଷାତତ୍ତ୍ୱ ବିଜ୍ଞାନ ଗ୍ରହଣ କରେ ଯେ ଏବେ ଏସ୍କିମୋ ଓ ଆଲ୍ୟୁସୀୟ୍ସଙ୍କ ଭାଷାରେ ଅନେକ ପ୍ରଭେଦ ଥିଲେ ବି ସେ ଦୁଇଟି ଭାଷା ଦିନେ ଗୋଟିଏ ଭାଷା ଥିଲା ଯାହାର ନାମ ଥିଲା ଏସ୍କାଲିଉଟ୍ ।

ତେବେ ଏ ଦୁଇଟି ଭାଷା କେବେ ଭିନେ ହେଲେ ? ମୌଳିକ ଶବ୍ଦ ଭଣ୍ଡାରରୁ ଶତକଡ଼ା ୮୧ 'ପରିବର୍ତ୍ତନ ସୂତ୍ର'କୁ ଏକ ହଜାର ବର୍ଷ ଭିତରେ ଗ୍ରହଣ କଲେ ଓ ଉଭୟ ଭାଷା ସମାନ କାଳ ଭିତରେ ଏହି ପରିବର୍ତ୍ତନ ସ୍ରୋତରେ ଯାଉଛନ୍ତି ବୋଲି ମାନି ନେଲେ ଏହି ଭାଷାମାନେ ପରସ୍ପରଠାରୁ ୮୧ର ୮୧ ଅର୍ଥାତ୍ ପୂର୍ବର ଶତକଡ଼ା ୬୬ ପର୍ଯ୍ୟନ୍ତ ଫରକ ହୋଇଥିବେ । ଏହି ପ୍ରକାର ଗଣନାରୁ ଗବେଷକମାନେ ଏକଥା ସ୍ଥିର କରିଛନ୍ତି ଯେ ଭାଷାଗୁଡିକ ପରସ୍ପର ଠାରୁ ଅଲଗା ହେବାର ମୋଟାମୋଟି ୨୯୦୦ ବର୍ଷ ହେବ । ସେହି ସଂକ୍ରାନ୍ତରେ ଭାଷା-ଘଡ଼ିକୁ ରେଡ଼ିଓ-ହିସ୍ଥା ଘଡ଼ି ନାଁ ଦେଇ ହରି ତେକା କରାଗଲା । ଏଲ୍ୟୁସୀୟ୍ସମାନଙ୍କର ସବୁଠାରୁ ପୁରାତନ ବସତିମାନଙ୍କରେ ରେଡ଼ିଓ-ସକ୍ରିୟ କାର୍ବନ୍ ମିଳିଛି ଓ ଯନ୍ତ୍ର ସହିତ ସେ ଗୁଡ଼ିକ ପରୀକ୍ଷା କରିବାରେ ଜଣାପଡ଼ିଛି ସେମାନଙ୍କର ଆୟୁଷ ତିନିହଜାର ବର୍ଷ ହେବ । ତେଣୁ ରେଡ଼ିଓ-ହିସ୍ଥା ଘଡ଼ି ଓ ଭାଷା ଘଡ଼ିର ଟାଇମ୍ ବିଲକୁଲ ମେଳ ଖାଇଯାଉଛି ।

ତେଣୁ ଏଭଳି ଭାଷା-ଘଡ଼ିର କାଳ ସହିତ ଅନ୍ୟାନ୍ୟ ବିଜ୍ଞାନ ଯଥା Ethnography, ଇତିହାସ, ପ୍ରତ୍ନତତ୍ତ୍ୱ, ଇତ୍ୟାଦି ସହିତ ମେଳକ କରି ବୈଜ୍ଞାନିକମାନେ ଅତୀତରେ ମନୁଷ୍ୟ ଏସିଆରୁ ଉତ୍ତର ଆମେରିକାର ମହାଦେଶକୁ ଯେ ସଞ୍ଚାର କରିଥିଲା ତାହାର ସମୟ ଓ ତାରିଖ ଠିକ୍ କରନ୍ତି । ଆମେରିକା ମହାଦେଶରେ ଶେଷ ବସତିକଲା ଲୋକେ ହେଉଛନ୍ତି

ଏସକାଲଭଟ୍ (ଏସକମେ + ଏଲ୍ୟୁଟ) । ତେଣୁ ସେମାନଙ୍କର ଭାଷା ଭଳି ଭାଷା କହୁଥିବା ଜନଜାତିମାନଙ୍କୁ ଆଜି ସେଠାରେ ନ ଖୋଜି ପୁରୁଣା ବସ୍ତି ଅର୍ଥାତ୍ ଏସିଆ ଆଫ୍ରିକାରେ ହିଁ ଖୋଜିବା ଅଧିକ ସମିଚୀନ ।

ଏହି ସଂସ୍କର କାଳର ସମୟ ଥିଲା ଆଜକୁ ଛଅହଜାର ବର୍ଷ ଆଗେ । ଏହି କାଳନିରୂପଣରୁ ଏଭଳି ଆଶା କରାଯାଉଛି ଯେ ଏହିମାନଙ୍କ ଭାଷା ଭଳି କେତେକ ନିକଟ ଆତ୍ମୀୟ ଭାଷା ଆଜିର କେତେ ଲୋକଙ୍କ ମୁହଁରୁ ଶୁଣିବାକୁ ମିଳିବ । କେତେକ ବିଶ୍ୱାସ କରୁଛନ୍ତି ଯେ ତୁରୁକ, ଫିନ୍ ଓ ଆଉ କେତେକ ଇଣ୍ଡୋ-ଇଉରୋପୀୟ ଲୋକ, ସ୍ଲାଭ, ଜର୍ମାନ୍, ଭାରତୀୟ ଓ ପାରସିକ ମାନେ ଏମାନଙ୍କର ଜ୍ଞାତି ଭାଇ ହେବା ସମ୍ଭବ ।

## ଏକ ବିଶ୍ୱଭାଷାର ସଂଧାନ

ତେଣୁ, ଭାଷା-ଘରର ଖଣ୍ଡା ଖଣ୍ଡା ସମୟ ସଙ୍ଗେ ସଙ୍ଗେ ଧୀର ମନ୍ଥର ଗତିରେ ଖୋଲିବାରେ ଲାଗିଛି । ବୈଜ୍ଞାନିକମାନେ ପରିବର୍ତ୍ତନକୁ ଖାତିର ନ କରି ବଞ୍ଚିଥିବା ଶବ୍ଦ, ଅର୍ଥାତ୍ ସ୍ଥିର ଶବ୍ଦ ଗୁଡିକର ତାଲିକା କରିବାରେ ଲାଗିଛନ୍ତି ।

କେତେଗୁଡିଏ ପଦ ଅତ୍ୟନ୍ତ ଧୀରମନ୍ଥରେ ବଦଳନ୍ତି । ସର୍ବନାମ ଏଥିଭିତରେ ସବୁଠୁଁ ଜ୍ୱଳନ୍ତ ଉଦାହରଣ । ମୁଁ, ତୁ, ମୁହିଁ, ତୁଇ, ତୁମେ, ସେ, ସେମାନେ, କଏ, କ'ଣ । ତା' ଛଡ଼ା ସଂଖ୍ୟା ମାନେ, ଏକ, ଦୁଇ ତିନ···ଦଶ; ଦେହର ଅଙ୍ଗପ୍ରତ୍ୟଙ୍ଗ କାନ, ନାକ, ଆଖି, ଜିଭ, ଇତ୍ୟାଦି ଓ ବହୁଳ ବ୍ୟବହୃତ ଶବ୍ଦ ଯଥା ପାଣି, ଖରା, ମରିବା, ମାଁ, ଗାଁ ଇତ୍ୟାଦି । ସୋଭିଏଟ ଭାଷାବିତ୍ ଏ.ବି. ଡୋଲଗୋପୋଲେସ୍କି ପ୍ରମାଣ କରିଛନ୍ତି ଯେ ଇଉରୋପ ଓ ଏସିଆର ୧୫୦ଟି ଭାଷାଭିତରୁ 'ମୁଁ' ଓ 'ଦୁଇ' ଶବ୍ଦ ଦୁଇଟି ଏ ପର୍ଯ୍ୟନ୍ତ ଥରେ ବି ବଦଳି ନାହାନ୍ତି । ୧୫୦ଟି ଭାଷା ଭିତରେ କେବଳ ଦୁଇଟି କ୍ଷେତ୍ରରେ 'ତୁମେ'ର ପରିବର୍ତ୍ତନ ହୋଇଛି । 'କାନ'ର ପରିବର୍ତ୍ତନ ହୋଇଛି ବାରଟି ଭାଷାରେ, ଇତ୍ୟାଦି । ଅନ୍ୟ ପକ୍ଷରେ ଆଉ ଗୁଡ଼ିଏ ପଦ ସେତେ ସ୍ଥାୟୀ ନୁହନ୍ତି—ସେମାନେ ଚଞ୍ଚଳ ବଦଳି ଯାଉଛନ୍ତି । 'ପାଦ' ୬୫ଟି ଭାଷାରେ ବଦଳିଛି, 'ନଖ' ବଦଳିଛି ୩୩ଟି ଭାଷାରେ, 'ପିଲା' ପଦଟି ପ୍ରତ୍ୟେକ ଭାଷାର ଇତିହାସରେ ବହୁବାର ବଦଳିଛି ।

ମୋଟ ଉପରେ, ବିଭିନ୍ନ ଶବ୍ଦର ବିଭିନ୍ନ ଅନୁପାତରେ ସ୍ଥିରତା ଅଛି । ଏଥିରୁ କି ପ୍ରମାଣ ମିଳୁଛି ? ମନେ କରାଯାଉ ଯେ କୌଣସି ଜନନୀ ଭାଷା ୬୦୦୦ ବର୍ଷତଳେ ଭାଗ ବିଭାଗ ହୋଇଗଲା ଓ କେତୋଟି ଶାଖାରେ ବିଭକ୍ତ ହୋଇଗଲା । ପ୍ରଥମ ଏକହଜାର ବା ଦୁଇ ହଜାର ବର୍ଷ ଯାଏ ଏହି ଜନ୍ମିତ ଭାଷାଗୁଡ଼ିକ ସବୁଠାରୁ ଅସ୍ଥିର ଶବ୍ଦ ଗୁଡ଼ିକ ପୋଛି ଫୋପାଡ଼ି ଦେଇଥିଲେ । ଓ ସବୁଠାରୁ ସ୍ଥିର ଶବ୍ଦ ଗୁଡ଼ିକୁ ସର୍ବସାଧାରଣ ତାଲିକାରେ ରଖିଦେଲେ ଯାହାର ମୂଳଭାଷା ସହିତ ମେଳ ରହିଛି । ଏହି ସ୍ଥିର ଶବ୍ଦ ଗୁଡ଼ିକ ବହୁତ ବିଳମ୍ବରେ ବଦଳିବେ । ତେଣୁ ସ୍ଥିରତାର ମାପକାଠିର ସଂଖ୍ୟାନୁପାତ ଏଠାରେ ଭାଙ୍ଗିଗଲା !

କେବଳ ସେତିକି ନୁହେଁ । ଉପରେ ୨୧୫ ଗୋଟି ଅନ୍ତଃସାର ମୌଳିକ ଶବ୍ଦର କଥା କୁହାଯାଇଛି ସେ ଗୁଡ଼ିକ ଭିତରେ ଏଭଳି କେତେ ଗୁଡ଼ିଏ ଶବ୍ଦ ଅଛି ଯେଉଁ ଗୁଡ଼ିକ ଭାଷା ଭାଷୀ ଜାତିର ସଂସ୍କୃତିକୁ ଚିହ୍ନାଇ ଦିଅନ୍ତି । ଯେପରିକି ବାଉଁଶ, ବର୍ଚ୍ଛା, ଲୁଣ ଇତ୍ୟାଦି । ଉପମା ଦେଇ କହିଲେ ଏହାର ଅର୍ଥ ହେଲା ଭାଷାଗୁଡ଼ିକର ଘଣ୍ଟାକଣ୍ଟା'ର ବୈଜ୍ଞାନିକ ନିରପେକ୍ଷ ଗତି ସଂସ୍କୃତି ଓ ଚଳଣିର ମିନିଟକଣ୍ଟାର ଗତି ଦ୍ୱାରା କିଛି କିଛି ପ୍ରଭାବିତ ହୁଏ । ଏଭଳି ହେଲେତ ଘଣ୍ଟା କଣ୍ଟାର ନିରପେକ୍ଷତା ରହିବ ନାହିଁ । ତାହା ଖିଆଲ ଖୁସିରେ ଚାଲିବ । ତେଣୁ ଆମେରିକାର ଭାଷାତତ୍ତ୍ୱ-ବିତ୍ ସ୍ୱଦେଶ ଏହି ୨୧୫ ଶବ୍ଦକୁ କାଟି କୁଟି ୧୦୦ରେ ନେଇ ରଖିଛନ୍ତି ।

ତେବେ ବି ଗୋଟିଏ ଅଛୁଣ୍ଡା ସମସ୍ୟା ରହି ଯାଉଛି । ତେବେ ସାରା ବିଶ୍ୱର ଭାଷା ତାଲିକାରେ କେଉଁ ଶବ୍ଦ ଗୁଡ଼ିକ ରଖିବା ଓ କେଉଁ ଗୁଡ଼ିକ କାଟିଦେବା ? କେଉଁ ଶବ୍ଦ ଗୁଡ଼ିକ ହୋଟେନ୍‌ଟୋଟ୍, ଚୀନ, ରୁଷ, ଏସ୍କିମୋ, ଜର୍ମାନ, ଅଷ୍ଟ୍ରେଲିଅ ଇତ୍ୟାଦି ହରେକ ରକମ ଭାଷାରେ ସମାନଧର୍ମୀ ? ତା' ଛଡ଼ା ଏଭଳି କ'ଣ ଏକ ବିଶ୍ୱ-ଶବ୍ଦ ଭଣ୍ଡାର ସମ୍ଭବ ? ଯାହା ସାରା ବିଶ୍ୱର ସବୁ ଭାଷା ପାଇଁ ପ୍ରଯୁଜ୍ୟ ହୋଇ ପାରିବ ।

ଏତ ସ୍ପଷ୍ଟ କଥା ଯେ ଭୂଗୋଳ, ପରିପାର୍ଶ୍ୱ, ବିଭିନ୍ନ ଜୀବଜନ୍ତୁ ବା ଗଛପତ୍ର ସାଙ୍ଗରେ ସଂପର୍କ ଥାଇ ଯେଉଁ ଶବ୍ଦ ଗୁଡ଼ିକ ଉଦ୍ଭବ

ହୋଇଛନ୍ତି ସେ ଗୁଡ଼ିକ ତ କୌଣସି ବିଶ୍ୱଭାଷା ଭଣ୍ଡାରରେ ସ୍ଥାନ ପାଇବେ ନାହିଁ । କାରଣ ସାରା ବିଶ୍ୱର ଭୂଗୋଳ, ପାଣିପାଗ, ଜୀବଜନ୍ତୁ, ଗଛପତ୍ର ତ ଏକାରକମର ନୁହନ୍ତି । ଏଭଳି ଶବ୍ଦ ତ ସବୁ ଭାଷାରେ ଥିବ କେତେ ଭାଷାରେ ସେ ଶବ୍ଦ ନ ଥାଇ ଆଉ କୌଣସି ବିଷୟକୁ ବୁଝାଉଥିବା ଶବ୍ଦ ଥିବ । ତା' ଛଡ଼ା ଏଭଳି ଶବ୍ଦ ତ ସହଜରେ ଧାର ଉଧାର ସୂତ୍ରେ ଗୋଟିଏ ଭାଷାରୁ ଯାଇ ଅନ୍ୟ ଭାଷାରେ ପଶିଯିବା ସମ୍ଭବ । ଉଦାହରଣ ସ୍ୱରୂପ 'ଜିରାଫ୍' ଶବ୍ଦଟି । ଏହା ଏକ ଉଦାମସ ଆରବୀ ଶବ୍ଦ । ଆରବୀ ଭାଷାରେ 'ଜିରାଫା' ଶବ୍ଦର ଅର୍ଥ 'ଡ଼ଙ୍ଗଲ' । ଅନେକ ୟୁରୋପୀୟ ଭାଷାରେ ପ୍ରାଚୀନ ଅଷ୍ଟ୍ରେଲୀୟ ଶବ୍ଦ 'କଙ୍ଗାରୁ' ପଶି ଗଲାଣି ଓ ଆମେରିକାର 'ଲୋହିତ ଭାରତୀୟ' ଙ୍କର ଭାଷାର 'ଓପୋସମ୍' ବି ପୃଥିବୀର ବହୁ ଭାଷା ଅବିକଳ ଆପଣା ଶବ୍ଦ ଭଣ୍ଡାର ଭିତରେ ଭର୍ତ୍ତି ନେଲେଣି । ଲକ୍ଷ୍ୟ କରିବା କଥା ଏହି ଜିରାଫ, କଙ୍ଗାରୁ, ଓ ପୋସମ୍ର ଓଡ଼ିଆରେ ପ୍ରତିଶବ୍ଦ ନାହିଁ । ତେଣୁ ଆମେ ବି ଏହି ଶବ୍ଦ ଦରକାର ପଡ଼ିଲେ ବ୍ୟବହାର କରୁଛୁ । କାରଣ ଆମ ଦେଶରେ ଏଭଳି ଜନ୍ତୁ ନ ଥିଲେ ତେଣୁ ଆମ ଭାଷାରେ ସେମାନଙ୍କୁ ନାଁ ଦେବା ଲୋଡ଼ା ପଡ଼ି ନ ଥିଲା ।

ଏତ ଗଲା ଜୀବଜନ୍ତୁଙ୍କ କଥା । ସବୁଠାରୁ ସ୍ଥିର ବୋଲି ଯାହାକୁ ଧରାଯାଏ ଯଥା ସଂଖ୍ୟା ତାହା ବି ଦେଶ ଦେଶକେ ଭିନ୍ନ । ଆମେ ଅନ୍ୟଠି ବର୍ଣ୍ଣାଇଛୁଁ ଯେ ଏପରି ଲୋକେ ପୂର୍ବେ ଥିଲେ ଯେଉଁମାନେ ଦୁଇରୁ ବେଶୀ ଗଣି ଜାଣି ନ ଥିଲେ । ଏବେବି ଦଶ ବା କୋଡ଼ିଯାଏ ଗଣିଲାପରେ ଆମ ଲୋକେ ଦୁଇକୋଡ଼ି, ତିନକୋଡ଼ି ଏଭଳି ଭାବରେ ହିସାବ କରନ୍ତି । ଏହାଛଡ଼ା ସଂଖ୍ୟା ତ ଧାର ଉଧାର ପାଇଁ ଯେମିତି ଜନ୍ମ ହୋଇଛି । ମେକ୍ସିକୋ ଦେଶର ପୂର୍ବତନ ଭାରତୀୟ 'ମାୟା' ସଭ୍ୟତାରେ ବହୁତ ସଂଖ୍ୟା ସ୍ପେନ ଭାଷାରୁ ଆମଦାନି ହୋଇଛି । ଜାପାନୀ ଭାଷା ବି ତାର ସଂଖ୍ୟାଗୁଡ଼ିକୁ ଚୀନ ଭାଷାରୁ ଉଧାର କରିଛି ।

କେତେକ ଭାଷାରେ ଗୋଟିଏ ପ୍ରକାର ପଦାର୍ଥ ପାଇଁ କୌଣସି ନାମ ନାହିଁ । କେତେକ ଭାଷାରେ ଅଛି । ଯଥା 'ହାରିକା' । ଏହି ଶବ୍ଦକୁ ବିଶ୍ୱଶବ୍ଦ ଭଣ୍ଡାରରୁ ବାଦ ଦେବାକୁ ପଡ଼ିବ କାରଣ ଅନେକ ଭାଷାରେ

'ଷରଲ' 'ମାଉକନଞ୍ଚ' 'ମାଇପି' ଇତ୍ୟାଦି ଶବ୍ଦରେ 'ଭାରଜା' ନାମିତ ହୋଇଥାଏ ।

ତା' ଛଡ଼ା ମନୁଷ୍ୟର ଇନ୍ଦ୍ରିୟ, ଅଙ୍ଗ ପ୍ରତ୍ୟଙ୍ଗ ଇତ୍ୟାଦି ବୁଝାଇବା ଶବ୍ଦ ଭିତରୁ କେତେକ ଶବ୍ଦ କୌଣସି ଭାଷାରେ ଅଛି ତ ଅନ୍ୟ କୌଣସି ଭାଷାରେ ନାହିଁ । ପଶ୍ଚିମ ଅଷ୍ଟ୍ରେଲିଆର ଏକ ଉପଜାତୀୟ ଭାଷାରେ 'ବାହା'ର ଉପର ଅଂଶ, ବାହାର ତଳ ଅଂଶ ଇଂରାଜୀରେ ଯାହାକୁ କହନ୍ତି 'ଫୋର ଆର୍ମ', 'ଡାହାଣ ହାତ', 'ବାଁ ହାତ' ଏସବୁ ପାଇଁ ଅଲଗା ଅଲଗା ନାଁ ଅଛି ଅଥଚ ସମୁଦାୟ ହାତ ପାଇଁ ଗୋଟାଏ ନାଁ ନାହିଁ । ଇଂରାଜୀରେ 'ହ୍ୟାଣ୍ଡ' ଓ 'ଆର୍ମ' ବେଲ ଯୋଡ଼ିଏ ଶବ୍ଦ ଅଛି ଅଥଚ ରୁଷ ଭାଷାରେ ଅଛି ଗୋଟିଏ ଶବ୍ଦ 'ରୁକା' ।

ଏକ ବଣ୍ଟ ଶବ୍ଦଭଣ୍ଡାର ତିଆରି କରିବା ଦିଗରେ ଆଉ ଏକ ପ୍ରଧାନ ସନ୍ଧି ହେଲା ବିଭିନ୍ନ ଜାତିର ଚଳଣି, ଆଗ୍ରହ ଓ ଆଚରଣ । କୌଣସି କୁଳାଗ୍ରହ ପାଇଁ ଗୋଟିଏ ଶବ୍ଦର ଖୁବ୍ ଲୋଡ଼ା ଅଛି । ଯଥା ସଂସ୍କୃତରେ ଶ୍ରୁବ, ଶ୍ରୁଚ, ପାତ୍ରୀ, ଗଣ୍ଡୁଷ ଇତ୍ୟାଦି ଓଡ଼ିଶାର ଗୋଟିଏ ଅଞ୍ଚଳରେ ମାଟିଘରେ ଜିନିଷପତ୍ର ବା ଜାଳ ସାଇତି ରଖିବାପାଇଁ ଘରର ଚାଳ ତଳେ ଗୋଟିଏ ଭାଡ଼ି ଥାଏ । ତାହାକୁ କହନ୍ତି 'ଇଦାଡ଼ି' । ଜିନିଷ ପତ୍ର ରଖିବା ପାଇଁ ଦୁଆର ବନ୍ଧର ଉପର ଚଉକାଠରେ ଗୋଟିଏ ପଟା ଯୋଡ଼ା ଥାଏ । ତାହାକୁ କହନ୍ତି 'ସାକର ପଟା' । ଆମାଜନ ନଦୀ ଉପତ୍ୟକାରେ ଯେଉଁ ଆଦିବାସୀମାନେ ଅଛନ୍ତି ସେମାନଙ୍କ ଭାଷାରେ ଘଣ୍ଟା, ରେଲଗାଡ଼ି, ଷ୍ଟେସନ, ଇତ୍ୟାଦି ଶବ୍ଦ ନାହିଁ । ଏସବୁ ଶବ୍ଦ ତ ଆଗେ ଓଡ଼ିଆରେ ନ ଥିଲା । ଆମେରିକାରେ ୟୁରୋପୀୟମାନେ ବସତି କରିବା ପୂର୍ବରୁ ସେଠାରେ ଯେତେ ଆଦିବାସୀ ଥିଲେ ସେମାନଙ୍କୁ କଲମ୍ବସଙ୍କର ଭ୍ରାନ୍ତି ଯୋଗୁଁ ଭାରତୀୟ ବୋଲି କୁହାଯାଉଥିଲା । ଏବେ ତ ସର୍ବେ ଲୋକେ ଜାଣି ସାରିଲେଣି ଯେ ଆଦି-ଭାରତୀୟ ମାନଙ୍କ ଭିତରୁ କେହି କେହି ହୁଏତ ୟୁରୋପୀୟ-ପୂର୍ବ ଯୁଗରେ ଆମେରିକା ମହାଦେଶରେ ଓହ୍ଲାଇଥିଲେ । ମୟା ଓ ଆଜଟେକ୍ ସଭ୍ୟତାରେ ପ୍ରାଚୀନ ଭାରତୀୟ ଜୀବନ ଓ ଚଳଣିର କିଛି କିଛି ନିଶାଣ ମିଳୁଛି । କିନ୍ତୁ ତାହା ବୋଲି ତ ତାହା ସମଗ୍ର ଆଦିମ ଆମେରିକାର ଆଦିବାସୀଙ୍କର ଚଳଣି ବା ଜୀବନ

ସଙ୍ଗେ ସମାନ ନୁହେଁ । ତଥାପି ବି ଏବେ ଇଉରୋପର ଲୋକେ ଆମେରିକାରେ ଯାହା କରୁ ଅଣ-ଆମେରିକୀୟ ଦେଖିଛି ତାଙ୍କୁ ସବୁ ଭାରତୀୟ (ଲୋହିତ, ଶ୍ୱେତ, ପୀତ ଭାରତୀୟ) ବୋଲି ନାମ ଦେଇଛନ୍ତି । ସେମାନେ ଏହି ଆଦିମ ସଭ୍ୟତା ପାଇଁ ନୂଆ ନାମ ତିଆରି କରି ନାହାନ୍ତି ।

ଏଭଳି ଶହ ଶହ, ହଜାର ହଜାର ଉଦାହରଣ ମିଳିବ ଯେଉଁଥିରୁ ବୁଝି ହେବ ଯେ ଗୋଟିଏ ଭାଷା ପାଇଁ ଯାହା ଖୁବ୍ ମହତ, ଆଉ ଏକ ଭାଷା ପାଇଁ ତାହା ନୁହେଁ । ରୁଷ ବା ଇଂରାଜୀ ଭାଷାରେ ସେମାନେ ଜମିକୁ ପାଦରେ ମାପୁଥିଲେ । ତେଣୁ ସେମାନଙ୍କ ମାପ କାଠିର ନାମ ରହିଛି 'ଫୁଟ୍' । ଓଡ଼ିଆରେ ଆମର ହାତରେ ମାପୁଥିଲେ । ତେଣୁ ଆମର ମାପକାଠି ଥିଲା ହାତ । (ଏକ କୋଶ ହେଉଛି ୮୦୦୦ ହାତ) ଆମେ 'ହାତେ ମାପି ବୃଖଣ୍ଡେ ବୁଲିବା'କୁ କହିଲେ ଠିକ୍ ଶବ୍ଦର ଅନୁବାଦ କଲେ ଫିରିଙ୍ଗି ସାହେବ ମାନେ ବୁଝିପାରିବେ ନାହିଁ । କାରଣ ଇଂରାଜୀ, ରୁଷରେ 'ବୃଖଣ୍ଡେ' ବୁଝାଉଥିବା ଶବ୍ଦ ନାହିଁ । (ଇଂରାଜୀର 'ସ୍ପାନ' ବୃଖଣ୍ଡେ ନୁହେଁ) । କିନ୍ତୁ ସ୍ୱାକୁଟ ମାନଙ୍କ ଭାଷାରେ 'ଖାଶ୍ରସ୍' ବୋଲି ଶବ୍ଦ ଅଛି ଯାର ଅର୍ଥ 'ବୃଖଣ୍ଡେ' । ସେହି ସ୍ୱାକୁଟମାନଙ୍କର 'ତୁଟ' ବୋଲି ଶବ୍ଦ ଅଛି ଯାହା ଅର୍ଥ ବରଫରେ ଯିବାର ଏକ କିସମର ଯାନ, 'ସୋବୁ' ବୋଲି ଶବ୍ଦ ଅଛି ଯାର ଅର୍ଥ ହେଉଛି ହାଲିଆ ହୋଇଥିବା ଜନ୍ତୁର ସିଠାଳିଆ ମାଉଁସ, 'ଓଲୁ' ଅର୍ଥ ହେଉଛି ଘାସର ଅରମା ଭିତରେ ଶୀତଜଳ ପୂରାଇ ଦେବା (ଘୋଡ଼ା ପାଇଁ ପ୍ରଯୁଜ୍ୟ) ଇତ୍ୟାଦି । ଏଭଳି ଶବ୍ଦ ଇଂରାଜୀ, ରୁଷ, ଫରାସୀ ଭାଷାମାନଙ୍କରେ ନଥିଲା, ନାହିଁ ।

ଏଭଳି ଭାବ ଅଛି ଯାହା ଗୋଟିଏ ଭାଷାରେ ଗୋଟିଏ ପଦରେ ସ୍ୱଚ୍ଛନ୍ଦରେ ପ୍ରକାଶ ପାଏ । ଆଉ ଗୋଟିଏ ଭାଷାରେ ସେଥିପାଇଁ ଜଟିଳ ପଦବିନ୍ୟାସ ଲୋଡ଼ା ପଡ଼େ । ଯେପରି ଓଡ଼ିଆରେ "ପ୍ରାଣଠାରୁ ଅଧିକ ଯେଉଁ ଘେନା ଘେନି" । ଏଠାରେ ଘେନା ଘେନି ଅର୍ଥ ଇଂରାଜୀର 'ଲଭ୍' ନୁହେଁ । ସେପରି ସୁଦାନରେ ପ୍ରଚଳିତ ଶିଲୁକ୍ ଭାଷାରେ 'କ୍ଷମା' ପାଇଁ କୌଣସି ଶବ୍ଦ ନାହିଁ । ସେମାନଙ୍କର ଏଥି ପାଇଁ ଗୋଟିଏ ପ୍ରବଚନ ଅଛି । "ଜଣକ ସାମନାରେ ମାଟିରେ ଛେପ ପକେଇବା ।" ସୁଦାନର ଜଦୁକ୍

ଭାଷା ଭାଷୀ ତାଙ୍କ ସନ୍ଧର 'ଶବାଦ ଭୁଟେଇ ଦେଲେ' ବା 'ତାଙ୍କ ସନ୍ଧଷ୍ଟ ଭଳ ଚକଚଳ ମେଣ୍ଣି ଗଲା, କହନ୍ତି ନାହିଁ। ସେମାନେ "ଅଙ୍ଗୁଠି କାଟେକାଡ଼ି ଧରି ଏକାଠି ମିଳିବାକୁ ଚାହାନ୍ତି" ଏହାର ଅର୍ଥ ହେଲା କହଳ ଭୁଟାଇ ଦେଇ ମିଳିମିଶି ପିବାକୁ ଚାହାନ୍ତି । ପେରୁର ଇଂକାମାନଙ୍କର ବଂଶଧର କୁଇଚୁଆମାନେ ବର୍ଷକୁ କହନ୍ତି 'ସୂର୍ଯ୍ୟ ବନ୍ଧନ' କାରଣ ସେମାନଙ୍କର ବର୍ଷ ଶେଷରେ ସେମାନଙ୍କ ଦେଶରେ ସୂର୍ଯ୍ୟ ପୂଜା ପ୍ରଚଳିତ ଥିଲା ।

ତେଣୁ ଜଣେ ମଣିଷର ଭାଷା ଭିତରୁ ତା'ର ସ୍ୱକୀୟ ସଂସ୍କୃତି, ସମାଜ ଓ ଜାତିର ଶହ ଶହ ଶବ୍ଦ କାଢ଼ି ନେବାର ସାମର୍ଥ୍ୟ କାହାର ? ଜିଭ କାଟିଦେବା ସଙ୍ଗେ ତ ଉଭୟେ ସମାନ । ତେଣୁ ବହୁ ଗବେଷକମାନେ କହନ୍ତି ଯେ ସବୁ ମନୁଷ୍ୟ ଜାତି ପାଇଁ ଗୋଟାଏ ବିଶ୍ୱ ଭାଷା ତିଆରି କରିବା କାଟିକର ପାଠ, ହୁଏତ ଅସମ୍ଭବ । ସେମାନେ ବିଶ୍ୱାସ କରନ୍ତି ଯେ ଲୋକେ କେବଳ ବସ୍ତୁ ପଦାର୍ଥ ଓ ଘଟଣାର ଦୁନିଆରେ ରହନ୍ତି ନାହିଁ ସେମାନେ ଆପଣାର ମାତୃଭାଷାର ପ୍ରଭାବ ଭିତରେ ବି ଆଚ୍ଛାଦିତ ହୋଇ ରହନ୍ତି । ସେଇ ମାତୃଭାଷାହିଁ ସେମାନଙ୍କର ନିର୍ଦ୍ଦିଷ୍ଟ ସମାଜର ଭାବ ବିନିମୟର ବାହନ । ତେଣୁ ବାସ୍ତବ ଦୁନିଆହିଁ ଭାଷାର ଦୃଷ୍ଟିକୋଣରୁ କାଚରେ ପ୍ରତିବିମ୍ବିତ ହୋଇଥାଏ ।

ତେବେ ବି ଅଧିକାଂଶ ଗବେଷକଙ୍କର ମତ ଯେ ଏକ ବିଶ୍ୱଭାଷା ତିଆରି ହୋଇପାରିବ । ଭାଷାର ପାଚେରିକୁ ଦୂର କରାଯାଇ ପାରିବ । କାରଣ ଯେଉଁ ସଂସାରରେ ଆମେ ଅଛୁଁ, ସେହି ସଂସାରଟି ଏକକ ସଂସାର । ଯେତେ ପ୍ରକାର ଭୌଗୋଳିକ, ଭାଷାଗତ, ସାଂସ୍କୃତିକ ଓ ଐତିହାସିକ ପ୍ରଭେଦ ଥାଉ ପଛକେ ଆମେ ଓଡ଼ିଆ, ବଙ୍ଗଳା, ଅସମୀୟା, ହିନ୍ଦି, ଜର୍ମାନ୍, ଇଂରେଜ, ରୁଷ, ଚୀନ, ଆଫ୍ରିକୀୟ, ଖଇଅଲି, ଏସ୍କିମୋ ସମସ୍ତେ ଏହି ଦୁନିଆରେ ଆତଜାତ ହେଉ ଥାଉଁ । ଆମର ଚଉହଦିର ସଂସାର ଆମ ସମସ୍ତଙ୍କ ପାଇଁ ଏକ ହୋଇ ରହିଛି । ତେଣୁ ଏପରି ଗୋଟାଏ ଭାଷା କାହାରିକ, ଯାହା ସମସ୍ତେ ବୁଝିବେ, ସମସ୍ତେ କହିବେ ।

## ଏକ ନିର୍ଭୁଲ କଳ

ତେଣୁ ଉପରେ କୁହାଯାଇଥିବା ସବୁ କାରଣ ଓ ଯୁକ୍ତି ଉପରେ ନିର୍ଭର କରି ଭାଷା ବିଶାରଦମାନେ ୨୧୫ ଗୋଟି ଶବ୍ଦରୁ କାଟି ପ୍ରତ୍ୟେକ

ଭାଷାର ସବୁଠାରୁ ମୌଳିକ ଅନୁସ୍ୱାର ଶବ୍ଦରୁ ୧୦୦ରେ ନେଇ ଥୋଇଲେଣି ତେବେ ବି ଏତେ ଗୋଟିଏ ତାଲିକା ବି ବୈଜ୍ଞାନିକଙ୍କ ମନକୁ ପାଇ ନାହିଁ । ତେଣୁ ପୁଣି ବିଚାର ଚାଲିଛି । କେବେ ଯେ ଏଭଳି ଏକ ଚୂଡ଼ାନ୍ତ ତାଲିକା ହେବ ତାହା ଏବଠୁଁ କୁହାଯାଇ ପାରିବ ନାହିଁ । ତାହା ହୋଇଗଲେ ଭାଷା ଯୋଡ଼ିର ଯଣ୍ଟା କିମ୍ବା କଣ୍ଟେ କଣ୍ଟେ କାଳ ନିରୂପଣ କରିବ । ସେଥିରେ ଆଉ ଅନ୍ଦାଜ ରହିବ ନାହିଁ । ସେତେବେଳେ ଭାଷ-ଗଣନାର ପଦ୍ଧତି ରେଡ଼ିଓ—ସକ୍ରିୟ କାରବନ୍‌ର ପଦ୍ଧତି ପରି ଏକାବେଳକେ ନିଶ୍ଚିତ ପ୍ରମାଣ ବୋଲି ଗଣା ହେବ, ତେଣୁ ଏବେ ଯେମିତି ଘଡ଼ି ଘଣ୍ଟା ଦେଖି ଆମେ ସମୟ କହି ପାରୁଛୁ ସେତେ-ବେଳେ ଆମେ ଭାଷାଯୋଡ଼ିକୁ ଅଧ୍ୟୟନ କରି ଯେ କୌଣସି ସଭ୍ୟତାର କାଳ ନିରୂପଣ କରି ପାରିବା ।

ଏକଥା ହୋଇ ପାରେ ଯେ ଭାଷା ଯୋଡ଼ିର ମିନିଟ୍‌କଣ୍ଟାର ଗତିବେଗ ବିଷୟରେ ଠିକ୍ ନାହିଁ ଓ ପୁଣି ସମ୍ଭୁର ତଦନ୍ତ ହେବ । ଆଶା କରାଯାଉଛି ତେବେ ମିନିଟ୍ କଣ୍ଟା ଏବେ ଯେଉଁଭଳି ଆପଣା ଖିଆଲରେ ଚାଲୁଛି ପରି ଲାଗୁଛି ତାହା ଲାଗିବ ନାହିଁ । ତାହାର ଚାଲିବାର ସୂତ୍ର ଓ ବିଧି ବିଷୟରେ ଆହୁରି ଆଗକୁ ଅନେକ ନୂଆ ତଥ୍ୟ ବାହାରି ପଡ଼ିବ । ହୋଇପାରେ ଯେ ମିନିଟ୍‌କଣ୍ଟା ଠାରୁ ଆହୁରି ଚଞ୍ଚଳ, ଓ ତା'ଠାରୁ ଆହୁରି ଖର (ତୂର୍ଣ୍ଣାତୁର) ସେକେଣ୍ଡ କଣ୍ଟାର ଗତିର ନିୟମ ବି ବାହାରି ପଡ଼ିବ ତେଣୁ ଆଉ ସେଣିକି ସେ ଗୁଡ଼ିକର ଚଳଣିରେ କୌଣସି କଥା ଲୁଚୁଡ଼ିଆ ରହିବ ନାହିଁ । ଏହି ସମସ୍ତ ସମସ୍ୟା ପାଇଁ ଆହୁରି ତଦନ୍ତ ଗବେଷଣା ଲୋଡ଼ା ପଡ଼ିବ । କେବଳ ଭାଷା ତତ୍ତ୍ୱବିତ୍‌ମାନେ ଏଥିକି ପାରିବାର ହେବେ ନାହିଁ । ଏଥିପାଇଁ ମନସ୍ତତ୍ତ୍ୱବିତ୍, ଐତିହାସିକ, ବଂଶଗୋଷ୍ଠୀବଳୀ-ତତ୍ତ୍ୱବିତ୍ ଅର୍ଥାତ୍ ଚୂମ୍ବକରେ କହିଲେ ମନୁଷ୍ୟର ବିଭିନ୍ନ ବିଭାଗର ସ୍ରଷ୍ଟଙ୍କୁ ଲାଗିପଡ଼ିବାକୁ ପଡ଼ିବ ।

ମନୁଷ୍ୟର ସାରା ଅତୀତକାଳ ହେଉଛି ଏକ ଅପ୍ରକାଶ୍ୟ ଅନ୍ଧକାରର ଗୁହା । ଇତିହାସ ପୂର୍ବ କାଳର ଏହି ଅନ୍ଧକାର ଗୁହା ଭିତରକୁ ବହୁ ବିଭିନ୍ନ ବିଦ୍ୟାର୍ଥୀମାନେ ପ୍ରବେଶ କରିଛନ୍ତି : ଐତିହାସିକ, ପ୍ରତ୍ନତତ୍ତ୍ୱବିତ୍, ବଂଶଗୋଷ୍ଠୀତତ୍ତ୍ୱବିତ୍, ମାନବ ବିଦ୍ୟାବିତ୍, ଭାଷାତତ୍ତ୍ୱବିତ୍ ଓ ସଂସ୍କୃତିର

ଅନ୍ୱେଷକ ଦଳ । ଭାଷାତତ୍ତ୍ୱବିଦ୍, ଭୂତତ୍ତ୍ୱବିତ୍, ଐତିହାସିକ, ଗାଣିତିକ, ପ୍ରାଣୀ ବିଜ୍ଞାନବିତ୍ ଓ ରସାୟନ ଶାସ୍ତ୍ରବିତ୍‌ମାନେ ହଜାର ହଜାର ବର୍ଷ ମୁହଁରୁ ପରଦା ଉଠାଇ ଦେଇଛନ୍ତି ଓ ଆମର ସୁଦୂର ପୂର୍ବପୁରୁଷଙ୍କର ଜୀବନ କାହାଣୀ ପ୍ରକାଶ କରୁଛନ୍ତି ।

ବିଜ୍ଞାନର ବଡ଼ ବଡ଼ଆ ବିଦ୍ୟା ଯଥା ପଦାର୍ଥ ବିଦ୍ୟା, ଜ୍ୟୋତିର୍ବିଦ୍ୟା ଓ ଗଣିତ ଆଜକୁ ହଜାର ହଜାର ବର୍ଷ ପୂର୍ବରୁ ଠୋକ୍ ଠୋକ୍ ନିର୍ଭୁଲ ବିଜ୍ଞାନ ଭାବରେ ପ୍ରତିଷ୍ଠିତ ହୋଇଛନ୍ତି । ଏବେ ସେମାନେ ସାନ ସାନ ବିଜ୍ଞାନ ବିଦ୍ୟା ମାନଙ୍କୁ ଅର୍ଥାତ୍ ମାନବ ବିଦ୍ୟାବାଲଙ୍କୁ ବସ୍ତୁବାଦୀ ଜ୍ଞାନ ପଥ ଗ୍ରହଣ କରିବାରେ ସାହାଯ୍ୟ କରୁଛନ୍ତି । ଏପରିକି ଏକ ଅନୁମାନ ନିର୍ଭର ବିଦ୍ୟା ଯଥା ଭାଷାତତ୍ତ୍ୱ ବି ବର୍ତ୍ତମାନ ଗବେଷଣାର କଠୋର ପଦ୍ଧତିର ଶାସନ ମାନିବାକୁ ବାଧ୍ୟ ହୋଇଛି । ରେଣ୍ଡ଼ଓ-ସନ୍ଦିପୁ ଘଡ଼ ସମ୍ବନ୍ଧିତ ଭାଷାଗୁଡ଼ି ବର୍ତ୍ତମାନ ଯୋଡ଼ି ଯାଉଁଳ ହୋଇଛି । ଓ ସେମାନଙ୍କ ସମ୍ପୃକ୍ତ ନୃତାତ୍ତ୍ୱିକ ଘଟ ଓ ଐତିହାସିକ ଘଟ ବି ସଂଯୋଗ ରକ୍ଷା କରିଛନ୍ତି ଏହି ମାନଙ୍କ ସାହାଯ୍ୟରେ ବୈଜ୍ଞାନିକ ମାନେ ମନୁଷ୍ୟର ବାଲ୍ୟ କାଳର ଇତିହାସ ପୂର୍ବ ତାରିଖ ଗୁଡ଼ିକୁ ଆଲୋକିତ କରୁଛନ୍ତି ।

ମଣିଷ ତା'ର ଅତୀତ ଜାଣିବାକୁ ଚାହେଁ, ସେ ଅତୀତ ଯେତେ ସୁଦୂର ହେଉ, ଯେତେ ପୁରାତନ ହେଉ । କାରଣ ସେହି ଅନ୍ଧକାରର ଅସ୍ପଷ୍ଟତା ଭିତରେ ମଣିଷ ଜାଣିବାକୁ ଚାହେଁ ଅତୀତର ବୀରତ୍ୱର ଗରିମା ମୟ କାହାଣୀ । ଯେଉଁ କାହାଣୀରେ ବୀର ନାୟକ ମଣିଷ ପ୍ରକୃତି ସହିତ ଆପଣାର ଭୂମିକ ସଂଗ୍ରାମ କରି ନିଜ ଦୁନିଆରେ 'ମଣିଷ' ନାମରେ ପରିଚୟ ଲଭିବାର ଅଧିକାର ହାସଲ କରିଥିଲା ।

# ବିଶ୍ୱ ବିଜ୍ଞାନର ଭାଷା

ଆଜିର ଯୁଗରେ ଓ କାଳରେ ବହୁ ଜଟିଳ ତାତ୍ତ୍ୱିକ ବିଷୟ ଓ ଅତ୍ୟନ୍ତ ବ୍ୟବହାରିକ କାର୍ଯ୍ୟର ସମସ୍ୟା ଏକା ସୂତା ଖିଅରେ ବନ୍ଧା ହୋଇଛନ୍ତି । ଭାଷା-ବିଜ୍ଞାନରେ ତତ୍ତ୍ୱ ଓ ବ୍ୟବହାରର ଏହି ନିବିଡ଼ ସଂଯୋଗ ଅତ୍ୟନ୍ତ ସ୍ପଷ୍ଟ ।

## ଦୁଇ ଦୁଗୁଣେ ଚାରି

ଆମର ମନୁଷ୍ୟ ଭାଷା ଏକରକମ ସଙ୍କେତ ବା ଠାର । ଏହି ଭାଷା ଅନ୍ୟ ସଙ୍କେତ କ୍ଷେତ୍ରରେ ବି କାମରେ ଲାଗେ । ଉଦାହରଣ ସ୍ୱରୂପ, ଟ୍ରାଫିକ୍‌ରେ ଯେଉଁ ସଙ୍କେତ ଦିଆଯାଏ ତାକୁ ବି ମଣିଷର କଥିତ ଭାଷାରେ ପରିଣତ କରାଯାଇପାରେ । ଏହାଠାରୁ ଆହୁରି ସରଳ ହେଲା ପଣିକିଆ । ୨ × ୨ = ୪, ୨ × ୩ = ୬, ଦୁଇ ଦୁଗୁଣେ ଚାରି ଦୁଇ ତିରିକି ଛଅ ଇତ୍ୟାଦି । ପଣିକିଆ ଶିଖିଲାବେଳେ ସ୍କୁଲରେ ଆମେ ଏଭଳି ଦୁଇ ଦୁଗୁଣେ ଭାବରେ ଉଚ୍ଚାରଣ କରୁଁ । ଏ ବିଷୟରେ ପୃଥିବୀରେ ଗୋଟାଏ ମେଳାପି ଭାଷା ବୋଲି କହୁ ନାହିଁ । ପୃଥିବୀର ପ୍ରତ୍ୟେକ ଜାତିର ମାତୃ-ଭାଷାରେ ଏହି ସଙ୍କେତ, ପଣିକିଆ, ଇତ୍ୟାଦିକୁ ସହଜରେ କହି ହୁଏ ।

ଥରେ ଗୋଟିଏ ସମ୍ମିଳନୀରେ ଜଣେ କେହି କହିବାରେ ଶୁଣାଗଲା ଯେ ଇଂରାଜୀ ଭାଷାଟା ଏସ୍କିମୋ ଭାଷା ଅପେକ୍ଷା ବଡ଼ କାରଣ ଇଂରାଜୀରେ ‘ଓ’ ଆଉ ‘କମ୍ମା’ ଅର୍ଥାତ୍ ‘ଏଣ୍ଡ’ ଆଉ ‘କାହ୍’ ଦୁଇଟା ଶବ୍ଦ ଅଛି କିନ୍ତୁ ଏସ୍କିମୋ ଭାଷାରେ ମାତ୍ର ଗୋଟିଏ ଶବ୍ଦରେ ଏହି ଦୁଇଟାର କାମ ଚଳୁଛି । ଏହାର ଜବାବରେ ଜଣେ ବିଖ୍ୟାତ ଭାଷାବିତ୍ ଜାବକସନ କହିଲେ ଯେ ଆଧୁନିକ ଆମେରିକା ଇଂରାଜୀରେ ଓ ବ୍ୟବସାୟୀ ଇଂରାଜୀ ଭାଷାରେ ‘ଓ’ ‘କମ୍ମା’ ଦୁଇଟା ଏକସଙ୍ଗରେ ଲେଖାଗଲାଣି । ଯାହାକି ଏସ୍କିମୋ ଭାଷାରେ ପ୍ରଚଳିତ । ପ୍ରସଙ୍ଗତଃ, ଲୋଡ଼ା ପଡ଼ିଲେ ଏସ୍କିମୋ ଜାତି ଆଉ ଗୋଟିଏ ଶବ୍ଦ ବ୍ୟବହାର କରେ ଯାହା ହେଲା ‘ନାଲିଗ୍‌ମିଙ୍ଗ’ ଏହାର ଅର୍ଥ ‘ଇଚ୍ଛେ ନୋହିଲେ ସିଏ’ ଅର୍ଥାତ୍ ଇଂରାଜୀରେ ‘ଆଇଦର’ । ଏକଥା

ଅବଶ୍ୟ ସତ ଯେ ଏସ୍କିମୋ ଭାଷାରେ କ୍ୱାଣ୍ଟମ୍ ମେକାନିକସ୍ ବା ସାଇବର-ନେଟିକସ୍‌ର ଭାବ ପ୍ରକାଶ କରିବାର ଶବ୍ଦ ମହଜୁଦ ନାହିଁ । କିନ୍ତୁ ତାହା କ'ଣ ଖାଲି ଏସ୍କିମୋ ଭାଷାରେ ନାହିଁ ? ତାହା ତ ପୃଥିବୀର ବହୁ ଭାଷାରେ ନାହିଁ । ଓଡ଼ିଆରେ ବି ନାହିଁ । କିନ୍ତୁ ଯେତେବେଳେ ଓଡ଼ିଆ ବୈଜ୍ଞାନିକ ବା ଏସ୍କିମୋ ବୈଜ୍ଞାନିକ ଏହି ଦୁଇ ବିଜ୍ଞାନ ବିଦ୍ୟାରେ ପଶିବାର ହୋଇ ଯିବେ ସେତେବେଳେ ସେମାନେ କ'ଣ ତାଙ୍କର ଭାଷାରେ ତାହା ପ୍ରକାଶ କରିବାକୁ ସମର୍ଥ ହେବେ ନାହିଁ ? ନିଶ୍ଚୟ ହେବେ ।

ତେବେ କୌଣସି ଧାରଣା, ଚିନ୍ତା, ବା ଭାବ କୌଣସି ପ୍ରାକୃତିକ ମାତୃଭାଷାରେ ପ୍ରକାଶ କରାଯାଇ ପାରିଲେ ବି ତାହାକୁ ସେହି ସେହି ଭାଷାର ଚିତ୍ର ଦେଇ ପ୍ରକାଶ କରିବାରେ ଅସୁବିଧା ରହିଛି । ୨×୨=୪ର କଥା ଧରାଯାଉ । ଫରାସୀ, ରୁଷୀୟ, ସ୍ୱାକୁଟିଆ, ମାଲଗାସି, ଇତ୍ୟାଦି ବିଭିନ୍ନ ଭାଷାରେ ଏହି କଥା ୨×୨=୪ ବିଭିନ୍ନ ଭାବରେ ଉଚ୍ଚାରିତ ହୁଏ । କିନ୍ତୁ ଭାଷାରେ ନଲେଖି ଅଙ୍କରେ ଲେଖିଦେଲେ ଏହାକୁ ସମସ୍ତେ ସବୁ ଭାଷା ଭାଷୀ ବୁଝିବାରେ କୌଣସି ଅସୁବିଧା ରହେ ନାହିଁ । ତେବେ ରୋମାନ୍ ସଂଖ୍ୟା ଯଥା 1, 2, 3, 4 ପୃଥିବୀର ସବୁଭାଷାରେ ପ୍ରଚଳିତ ହୋଇ ନାହିଁ । ଆଶ୍ଚର୍ଯ୍ୟ କଥା ଯେ ଏହି ସଂଖ୍ୟାଗୁଡିକ ପ୍ରଥମେ ଭାରତରେ ଜନ୍ମ ହୋଇଥିଲେ ବି ଓ ଦ୍ରାବିଡ଼ ଭାଷାରେ ଏହି ସଂଖ୍ୟା ଗୁଡିକ ଭାରତର ରୋମାନ୍ ବା ଆନ୍ତର୍ଜାତିକ ସଂଖ୍ୟା ଭାବରେ ଚଳୁଥିଲେ ବି ଭାରତୀୟ ଭାଷାମାନଙ୍କରେ ଏହି 1, 2, 3, 4 ବିଭିନ୍ନ ଭାବରେ ଲେଖା ହେବାର ଚଳଣି ରହିଛି । ତଥାପି ଏବେ ଗଣିତ ପାଠରେ ଭାରତରେ ବି ଏହି ସଂଖ୍ୟା ଅର୍ଥାତ୍ ଆନ୍ତର୍ଜାତିକ ସଂଖ୍ୟା 1, 2, 3, 4 ଚଳିଲଣି । ଏହାର କାରଣ ଏଭଳି ଆନ୍ତର୍ଜାତିକ ସଂଖ୍ୟାର ପ୍ରଚଳନ ବିଜ୍ଞାନର କାର୍ଯ୍ୟ ପାଇଁ ବହୁତ ଉପଯୋଗୀ । ଯଦି ସଂଖ୍ୟାର ପ୍ରଚଳନ ନ ଥାଇ ଶବ୍ଦରେ ସଂଖ୍ୟାର ଧ୍ୱନି ଗୁଡ଼ିକ ଲେଖା ଯାଆନ୍ତା ଅର୍ଥାତ୍ 2, 80, 45କୁ ୪୦, ୦୭୦୧୪ ମିଶାଅ ବୋଲି ଲେଖିବା ବା ସ୍ଥାନେ ଆମେ ଲେଖନ୍ତୁ ଦୁଇଶହ ଅଶି ହଜାର ଚାରିଶହ ବାଉନ ସାଙ୍ଗେ ତିନିଶ ଲକ୍ଷ ଛଅ ହଜାର ଚଉଦ ମିଶାଅ ତେବେ କେତେ ଅସୁବିଧା ହୁଅନ୍ତା, ତାହା ସହଜରେ ବୁଝିହେବ ।

ଗଣିତର ସବୁଠାରୁ ସରଳ ସୂତ୍ର ଗୁଡ଼ିକ ଯଦି ଆମେ ସଙ୍କେତ ବା ସଂଖ୍ୟାରେ ନ ଲେଖି ଅକ୍ଷରରେ ଲେଖୁଁ ବା ସଂଖ୍ୟା ଜାଗାରେ ଶବ୍ଦ ବ୍ୟବହାର କରୁଁ ତେବେ ଅସୁବିଧା ଆସୁଣି ସାଂଘାତିକ ହେବ । ଉଦାହରଣ ସ୍ୱରୂପ, ଦୁଇଟି ସଂଖ୍ୟାର ଘନଫଳର ଯଦି ଫେଡ଼ାଣ କରାଯାଏ ତେବେ ଆମେ ଲେଖୁଁ $(a-b)^3 = a^3 - 3a^2b + 3ab^2 - b^3$ ଏହା ଆମର ସ୍କୁଲର ଏକ ପ୍ରଚଳିତ ସୂତ୍ର । ଏହାକୁ ଶବ୍ଦରେ ଲେଖିଲେ ଦୁଇଟି ସଂଖ୍ୟାର ବିୟୋଗର ଘନଫଳ ହେଉଛି ପ୍ରଥମ ସଂଖ୍ୟାର ଘନଫଳ ଓ ପ୍ରଥମ ସଂଖ୍ୟାର ବର୍ଗଫଳ ସହିତ ଦ୍ୱିତୀୟ ସଂଖ୍ୟାର ଗୁଣନର ତିନିଗୁଣର ବିୟୋଗ ଓ ତାହା ସହିତ ଦ୍ୱିତୀୟ ସଂଖ୍ୟାର ବର୍ଗଫଳ ସହିତ ପ୍ରଥମ ସଂଖ୍ୟାର ଗୁଣନର ତିନିଗୁଣର ଯୋଗ ଓ ଦ୍ୱିତୀୟ ସଂଖ୍ୟାର ଘନଫଳର ବିୟୋଗ ସଙ୍ଗେ ସମାନ । ପଢ଼ିବା ବେଳକୁ ଏହା ଏପରି ଜଣାପଡୁଛି ଏହାକୁ ପ୍ରମାଣ କରିବାକୁ ସଂଖ୍ୟା ବଦଳରେ ଆମେ ଯଦି ଭାଷାର ଶବ୍ଦ ବ୍ୟବହାର କରୁଁ ତେବେ ତ କୁହା ନ ଯାଏ ।

ଶବ୍ଦ ଜାଗାରେ ସଂଖ୍ୟା ଓ ଭାଷାର ସଙ୍କେତ ବଦଳରେ ଆଉ ଏକ ଧରଣର ସଂକେତ ବ୍ୟବହାର କରି ଆମେ ଏକ ଭିନ୍ନ ଭାଷ ହାସଲ କରିଛୁଁ । ଏହା ହେଲା ଗଣିତର ଭାଷା । ତେଣୁ ଗଣିତ ସବୁ ପ୍ରକାର ଭାଷାଗତ ଭେଦ ପାଚେରୀ ଓ କଣ୍ଟକଣା ପାର ହୋଇ ଯାଇଛି । କେବଳ ସେତିକି ନୁହେଁ, ଏହି ଗଣିତର ଭାଷା ବଳରେ ମଣିଷର ଆଜି ଦମ୍ଭ ବାନ୍ଧିଛି ଯେ ଯଦି ମହାଶୂନ୍ୟରେ ଅନ୍ୟ ତାରକା ଗ୍ରହରେ ମଣିଷ ଭଳି ବୁଦ୍ଧି ବୃତଜ୍ଞାନ ଥିଲା କୌଣସି ଜୀବ ମିଳିବେ ତେବେ ତାଙ୍କ ସହିତ ଭାବ ବିନିମୟ କରିବାକୁ ସମର୍ଥ ହୋଇ ପାରିବ । ସଂଖ୍ୟାରେ ଦୁଇଅର୍ଥ ନାହିଁ । ସଂଖ୍ୟା ଅଦ୍ୱୈତ ଅର୍ଥବାଚୀ । ଗଣିତର ୧ ସାଙ୍ଗରେ ଭାଷାର ଏକ ତୁଳନା କରିଯାଉ । ଗଣିତର ୧ର ଗୋଟିଏ ଅର୍ଥ । ଭାଷାର ଏକର ବହୁ ଅର୍ଥ । 'ଏକ ସମୟରେ ମୁଁ ଏଠାରେ ରହୁଥିଲି ।' ଏଠାରେ ଏକ ଗଣିତର ୧ ନୁହେଁ ।

ସଂଖ୍ୟା ଶାସ୍ତ୍ରର କଲ୍ୟାଣରୁ ଓ ଗଣିତର ସଙ୍କେତ ବଳରୁ ଆମର ବହୁ ସମୟ ଓ ସ୍ଥାନ ବଞ୍ଚି ଯାଇଛି ଆମର ଭାବଧାରାର ବି ଜଟିଳତା ବହୁତ ଛୁଟି ଯାଉଛି । ଏହା ଛଡ଼ା ଆମେ ଯୁକ୍ତି କରିବାକୁ ଅର୍ଥାତ୍

ଗଣନା, ପ୍ରମାଣ ଓ ଅନୁସିଦ୍ଧାନ୍ତ ବାହାର କରିବାକୁ ସମର୍ଥ ହୋଇଛୁଁ । ତା' ନହେଲେ ମାମୁଲି ଭାଷା ଦ୍ୱାରା ଆମର କାମ କଦାପି ଚଳନ୍ତା ନାହିଁ । ଗଣିତର ସଙ୍କେତ ବ୍ୟବହାର ନ କରି ଗୋଟିଏ ସମୀକରଣ ଅଙ୍କ କଷିବାକୁ ଚେଷ୍ଟା କଲେ ଏହି ସତ୍ୟ ସହଜରେ ବୁଝା ପଡ଼ିବ । ନାନା ବନ୍ଧନୀ ଓ ଯୋଗ ବିୟୋଗ, ଗୁଣନ, ହରଣ ପ୍ରଭୃତି କ୍ରିୟା ସଂଖ୍ୟା ତତ୍ତ୍ୱର ସାହାଯ୍ୟ ବିନା କଦାପି ସମ୍ଭବ ହୁଅନ୍ତା ନହିଁ । ସଂଖ୍ୟାର ଭାଷା-ଅଭ୍ରାନ୍ତ ଓ ଦ୍ୱିଧାହୀନ ଭାଷା-ଗଣିତକୁ ଅପୂର୍ବ ଭାବରେ ଏକ ଶ୍ରେଷ୍ଠ ବିଜ୍ଞାନରେ ପରିଣତ କରିଛି ଓ ବହୁ ବୈଜ୍ଞାନିକ ସତ୍ୟ ଉଦ୍‌ଘାଟନର ବାହନ କରିଛି ।

ପୃଥିବୀର ସଭ୍ୟତାକୁ ଭାରତର ଦାନ କ'ଣ ବୋଲି ପଚରା ଗଲେ ଜଣେ କେହି ଉତ୍ତର ଦେଇଥିଲେ : ତାହା ଏକ ଶୂନ । ଏହା ଭାଷାରେ କହିଲେ ଏକ ବିଦ୍ରୂପ ହୋଇ ଯାଉଛି । କିନ୍ତୁ ସଂଖ୍ୟାର ଭାଷାରେ ଏହା ଏକ ବିରାଟ କୃତିତ୍ୱ । ବାସ୍ତବିକ ଭାରତରେ ଯଦି ପ୍ରଥମେ ଆଦି ସଂଖ୍ୟା ଶୂନ ଆବିଷ୍କାର ହୋଇଥିଲା ବୋଲି ଯାହା ବିଜ୍ଞ ମାନେ କହୁଛନ୍ତି, ତାହା ଯଦି ସତ୍ୟ ହୋଇ ଥାଏ ତେବେ ପୃଥିବୀକୁ ଭାରତର ଦାନ ଏକ ମହାଦାନ । ଶୂନ୍ୟକୁ '୦' ଭାବରେ ଅଙ୍କିତ କରି ଭାରତ ତା'ପରେ 1,2,3,4 ଆବିଷ୍କାର କରିଥିଲା, ଅଙ୍କ ବିଜ୍ଞାନ, ଗଣିତ ପଦାର୍ଥ ବିଦ୍ୟା ଇତ୍ୟାଦି ସମସ୍ତ ମୌଳିକ ଗଣନା ଶାସ୍ତ୍ର ଏହି ଆବିଷ୍କାରର ସନ୍ତାନ ।

ଗଣିତକୁ ଦେଖାଦେଖି ଓ ଗଣିତର ସାହାଯ୍ୟରେ ଅନ୍ୟାନ୍ୟ ବିଜ୍ଞାନ ମାନେ ଆପଣା ଆପଣାର ସଙ୍କେତ ଭାଷା ତିଆରି କରିଛନ୍ତି । ଯୁକ୍ତି ବିଦ୍ୟା, ପଦାର୍ଥ ବିଦ୍ୟା, ରସାୟନ ସେମାନଙ୍କର ସୂତ୍ର ଓ ସଙ୍କେତ ତିଆରି କରିଛନ୍ତି, ଇଞ୍ଜିନିଅର ମାନେ ଡ୍ରଇଁ, ଓ ଗ୍ରାଫ୍ ବ୍ୟବହାର କରନ୍ତି । ଭୌଗୋଳିକ ମାନଚିତ୍ରର ସାହାଯ୍ୟ ନେଉଛି । କୌଣସି ଜାଗାର ଅବସ୍ଥିତି ଓ ଦିଗ ନିର୍ଣ୍ଣୟ ଢଙ୍ଗରେ ମାନଚିତ୍ରର ଓ କୌଣସି ଘର ତୋଳିବାରେ ପ୍ଲାନର ଉପଯୋଗିତା କଥା ଭାବିଲେ ଏକଥା ସ୍ପଷ୍ଟ ହେବ ଯେ ସଙ୍କେତ ଓ ରେଖାର ଭାଷା ବିଜ୍ଞାନର ପ୍ରଗତି ସାଧନରେ ସହାୟକ ହୋଇଛି ।

କେତୋଟି ବୈଜ୍ଞାନିକ ସଙ୍କେତ ନିଆଯାଉ । ଯଥା O,R, + = ଏଗୁଡ଼ିକ ଆଉ କୌଣସି ଭାଷାର ନୁହନ୍ତି । ଏଗୁଡ଼ିକ ଦୁନିଆର । ଏମାନଙ୍କୁ ଅବଶ୍ୟ ଶବ୍ଦରେ ପ୍ରକାଶ କରାଯାଇ ପାରେ । ଅକ୍ସିଜେନ, ରେଜିଷ୍ଟ୍ରାନ୍ସ, ଯୁକ୍ତ ଚିହ୍ନ ଓ ଭିନ୍ନଟିକଥା ସମାସୂଚକ ସଂଯୋଗ ଚିହ୍ନ । ଯଥାର୍ଥ ଭାବରେ ଏ ଗୁଡ଼ିକ ଶବ୍ଦ ନୁହନ୍ତି, ଏଗୁଡ଼ିକ ବୈଜ୍ଞାନିକ ପ୍ରତି-ପଦ । ସମସ୍ତ ସମୟରେ, ବିଶେଷତଃ ଗଣିତରେ, ବୈଜ୍ଞାନିକ ସଂକେତର କୌଣସି ଭାଷ ଗତ ପଦ ନ ଥାଏ । କେବଳ ଉଦାହରଣରେ ସବୁପ୍ରକାର ଅର୍ଥ ବା ବ୍ୟାଖ୍ୟା ବୁଝାଇ ଦେଇ ଥାଏ ।

ବିଶେଷ ବୈଜ୍ଞାନିକ ସଂକେତ କ୍ଷେତ୍ରରେ ଶୂନର ଜନ୍ମସ୍ଥାନ ହେଲା ଭାରତ । ପ୍ରାଚୀନ ମିସର, ବାବିଲନ୍ ଓ ଚୀନରେ ବିଶେଷ ବିଶେଷ ବୈଜ୍ଞାନିକ ସଂକେତ ପ୍ରଥମେ ଚଳଣିରେ ଆସିଥିଲା । ଗଣିତ, ଜ୍ୟୋତିର୍ବିଦ୍ୟା, ସର୍ଭେ, ନୌଚାଳନ, ଓ ବାଣିଜ୍ୟର ବିକାଶ ଯୋଗୁଁ ସଙ୍କେତର ଲୋଡ଼ା ପଡ଼ିଥିଲା । ଯେତେ ଜ୍ଞାନ ବଢ଼ିଲା ଓ ସମାଜ ବିକାଶ ଦିଗରେ ଆଗେଇଗଲା ଏଭଳି ସଂକେତମାନଙ୍କର ସଂଖ୍ୟା ବି ବୃଦ୍ଧି ପାଇଲା । ବର୍ତ୍ତମାନ ଯୁଗରେ ଆଜି ପ୍ରାୟ ଆଠ ହଜାର ବୈଜ୍ଞାନିକ ସଂକେତ ବାହାରି ଯାଉଛି । ପୃଥିବୀର ବିଭିନ୍ନ ବୈଜ୍ଞାନିକ ପ୍ରମାଣପତ୍ରରେ ଏବେ ଯାହାସବୁ ସନ୍ଦର୍ଭ ପ୍ରକାଶ ପାଏ ସେଥିରେ ବେଳେ ବେଳେ ସାଙ୍କେତିକ ଚିହ୍ନ ଗୁଡ଼ିକ ଛଡ଼ା ଆଉ କୌଣସି ମଣିଷ ଭାଷାର ଶବ୍ଦ ପ୍ରକାଶ ପାଏ ନାହିଁ ।

ଏବେ ଗଣିତରେ ପ୍ରବେଶ ନ ଥିଲେ କୌଣସି ଲୋକ ଧାରାବଳତତ୍ତ୍ୱ ସ୍ୱରଣିକ ବିଶ୍ଳେଷଣ ବା ସୂକ୍ଷ୍ମ-ଗଣିତ (ମେଟାମ୍ୟାଥେମ୍ୟାଟିକସ୍) ବିଷୟରେ କୌଣସି ଲେଖା ପଢ଼ି ପାରିବ ନାହିଁ । ଏଭଳି ଲେଖାର ବିଷୟବସ୍ତୁ ଯେତେ ସହଜ ମନୁଷ୍ୟ ଭାଷାରେ ଲେଖା ହେଲେ ବି ତାହା ଏପରି ଅରଣା ଓ ଶବ୍ଦ ସଂକୁଳ ହୋଇଯିବ ଯେ ସେଥିରୁ ପ୍ରକୃତ ସାର ବାହାର କରିବା ମହା ଗହନ କଥା ହେବ ।

ବିଜ୍ଞାନର ପ୍ରତ୍ୟେକ ଶାଖାରେ ସଙ୍କେତ ଗୁଡ଼ିକ ଧାରାବଦ୍ଧ ଓ ଶ୍ରେଣୀବଦ୍ଧ କରିବା ଦରକାର । ଏହାଛଡ଼ା ବୈଜ୍ଞାନିକ ସଙ୍କେତର ଏକ ବିଶ୍ୱ ଶୃଙ୍ଖଳା ରହିବା ଆବଶ୍ୟକ ଯେପରିକି ପୃଥିବୀର ଯେକୌଣସି ଦେଶରେ ଗୋଟିଏ ବୈଜ୍ଞାନିକ ସଙ୍କେତ ଆଉ କୌଣସି ଅର୍ଥରେ ବ୍ୟବହାର

ନ ହେବ । କିନ୍ତୁ ସଙ୍କେତ ସଂଖ୍ୟା ଅନୁଦିନ ବଢ଼ିବାରେ ଲାଗିଛି । ଏପରିକି ବିଜ୍ଞାନର କୌଣସି ନିର୍ଦ୍ଦିଷ୍ଟ ବିଭାଗର ବିଶାରଦମାନେ ବି ଏବେ ସଙ୍କେତର ଅରଣ୍ୟ ଭିତରେ ଧନ୍ଦାଳି ହେବେଣି ।

ହେଲେ ଏଇଟା କେବଳ ସମସ୍ୟା ନୁହେଁ । ସମସ୍ୟା ଆହୁରି ଜଟିଳ ।

## ପୋଥିର ପର୍ବତ

୧୫ଶ ଶତାବ୍ଦୀର ଶେଷବେଳକୁ, ମୁଦ୍ରାଯନ୍ତ୍ରର ପ୍ରଥମ ଉଦ୍ଭାବନର ୫୦ ବର୍ଷ ପରେ ପୃଥିବୀରେ ବିଭିନ୍ନ ଶିରୋନାମା ଥିବା ପ୍ରାୟ ୪୦,୦୦୦ ପୋଥି ଛପା ହୋଇ ସାରିଥିଲା । ପୋଥି ପ୍ରକାଶର ଏହି ବିରାଟ ପ୍ଲାବନ ଶହ ଶହ ବର୍ଷ ଧରି ଚାଲିଛି । ଏହାର ଗତିବେଗ ଜ୍ୟାମିତିକ ପ୍ରକ୍ଷେପରେ ଚାଲିଛି । ଏବେ ପୃଥିବୀର ବିଭିନ୍ନ ପୁସ୍ତକାଗାରରେ ବିଭିନ୍ନ ଧରଣର ପୁସ୍ତକ ସଂଖ୍ୟା ହେଲାଣି ତିନିକୋଟି । ତିନିକୋଟି ବହି ! ଜଣେ ଲୋକ ଆପଣା ଜୀବନ କାଳ ଭିତରେ କେତେ ଖଣ୍ଡ ବହି ପଢ଼ି ପାରିବ ? ଦଶଲକ୍ଷ ? ହଜାରେ ? ଦଶ ହଜାର ?

ଏହି ପରିସ୍ଥିତିକୁ ଟିକିଏ କଳନା କରାଯାଉ । ମନେ କରନ୍ତୁ କୌଣସି ଲୋକ ଦିନମାନ ବାରଘଣ୍ଟା କେବଳ ପଢ଼ିବାରେ ଲାଗିବ । ମୋଟାମୋଟି ଗୋଟିଏ ବହିର ୩୦୦ ପୃଷ୍ଠା ଧରିଲେ ଓ ଗୋଟିଏ ପୃଷ୍ଠାରେ ହାରାହାରି ୨୫୦୦ଟି ଅକ୍ଷର ଅଛି ବୋଲି ଧରିଲେ ଆମର ବହିପଢ଼ାଳି ୫୦ ବର୍ଷ ଯାଏ ପ୍ରତିସେକେଣ୍ଡରେ ୨୦ଟି ଅକ୍ଷର ଲେଖାଏଁ ପଢ଼ିଲେ ଚଉଦଶ ହଜାର ଖଣ୍ଡ ବହି ପଢ଼ି ପାରିବ । ଏଥିରେ ପୁଣି ଧରାଯାଇଛି ଯେ ପଢ଼ାଳି ଜଣକ ୫୦ ବର୍ଷ କାଳ ବାରଘଣ୍ଟାଯାକ ଅନବରତ ପଢ଼ୁଥିବେ ଓ ପଢ଼ିଥିବା ସବୁତକ ମନରେ ରଖିବା ଭଳି ତାଙ୍କର ଶକ୍ତି ବି ଥିବ ! ତେବେ ବି ତିନିକୋଟି ବହିର ବିରାଟ ପାରାବାର ତୁଳନାରେ ଏହି ଚଉଦଶ ହଜାର ଖଣ୍ଡ କେଡ଼େ ଅଳ୍ପ ! ତେବେ ଆମର ଏହି ମଡ଼େଲ ବହି ପଢ଼ାଳି (ବହିଗିଳା ବୋଲି କହିଲେ ଆହୁରି ଠିକ୍ ହେବ) ତୁଳନାରେ ସାଧାରଣ ପଢ଼ାଳି କାହିଁତକ ଯାଇ ପାରିବ ? ତେଣୁ ମାମୁଲି ବହି ପଢ଼ାଳି ଦୁଇ ବା ତିନି ହଜାର ବହି ପଢ଼ି ପାରିଲେ ତା' ପାଇଁ ବହୁତ ହେଲା ବୋଲି ଧରିବାକୁ ହେବ ।

ପୃଥିବୀରେ ଏପରି ବହୁ ବଡ଼ ବଡ଼ ପାଠାଗାର ଅଛି, ଯହାର ସ୍ଥାପ୍ନ ଅଧିକରୁ ହିଁ ବହି କେହି କେବେ ଖୋଲି ନାହାନ୍ତି । ପଢ଼ିବା ତ ଦୂରର କଥା । ଉଦାହରଣ ସ୍ୱରୂପ ଲଣ୍ଡନର ବିଖ୍ୟାତ ବ୍ରିଟିଶ ମ୍ୟୁଜିୟମ୍ ଲାଇବ୍ରେରୀର ଏକ ତୃତୀୟାଂଶ ବହିର ଆଜି ଏପର୍ଯ୍ୟନ୍ତ ଖୋଲାଯାଇ ବହି ପତ୍ରାଳିକୁ ବହି ବିଅଁଯିବାର ଜଣା ଯାଇ ନାହିଁ । ମସ୍କୋର ଲେନିନ୍ ଲାଇବ୍ରେରୀରେ ପ୍ରାୟ ଅଧେ ବହି କୌଣସି ପାଠକ କେବେ ଛୁଇଁନାହାନ୍ତି ବା ଖୋଲି ନାହାନ୍ତି । ଭାରତର ଜାତୀୟ ଲାଇବ୍ରେରୀର ପାଠକସଂଖ୍ୟାର ଯଦି କେବେ ତଦାରଖ ହୁଏ ତେବେ ତହିଁରେ ବି ଏକଥା ସ୍ପଷ୍ଟ ହେବ ।

ଏଥି ଉପରେ ପୁଣି ପ୍ରତିବର୍ଷ ଲକ୍ଷ ଲକ୍ଷ ନୂଆ ବହି ବାହାରିବାରେ ଲାଗିଛି । ସେହି ମସ୍କୋର ଲେନିନ୍ ଲାଇବ୍ରେରୀରେ ପ୍ରତିବର୍ଷ ଦୁଇଲକ୍ଷ ପୋଥି ନୂଆ ଶିରୋନାମା ହୋଇ ପ୍ରବେଶ କରୁଛନ୍ତି ! ଅବସ୍ଥା ଅସମ୍ଭାଳ !

## ଦେଉଳକୁ ମୁଖଶାଳୀ ବଳୁଛି

ଏଥିରୁ ହାନି ଘଟେ କ'ଣ ? ତେବେ ଜଣେ କହି ପାରନ୍ତି ଏତେ ବହି ନ ପଢ଼ିଲେ କ'ଣ କ୍ଷତି ? ଅନେକ ତ ଲୋକ ଅଛନ୍ତି ଯେଉଁମାନେ ଜୀବନ ସାରା ବାରଖଣ୍ଡ ଦଶଖଣ୍ଡ ବହି ପଢି ଥିବେ । ଆଉ କେହି କେହି ବା ଶହେ ଖଣ୍ଡ ପଢ଼ିଥିବେ । କିନ୍ତୁ ବୈଜ୍ଞାନିକମାନଙ୍କୁ ତ ସେମାନଙ୍କର କାର୍ଯ୍ୟକ୍ଷେତ୍ରରେ ଯାହାସବୁ ନୂଆ ତଥ୍ୟ ମିଳୁଛି ସେ ବିଷୟରେ ଅବହିତ ହେବାକୁ ପଡ଼ିବ । ତା' ନ ହେଲେ ତ ସେମାନେ ପଛରେ ପଡ଼ିଯିବେ ।

ଯୁକ୍ତରାଷ୍ଟ୍ର ଆମେରିକାରେ ଗୋଟିଏ ନୂଆ ଧରଣର କଳ ଆବିଷ୍କାର କରିବାକୁ ଖୁବ୍ ଗବେଷଣା କାର୍ଯ୍ୟ ଚାଲିଥିଲା । ସେଥିପାଇଁ ବହୁ ପଇସାପତ୍ର ଓ ପରିଶ୍ରମ ବ୍ୟୟ କରାଗଲା । କିଛିବାଟ ଆଗେଇଲା ପରେ ଆମେରିକାବାଲା ଉଦ୍ୟମୀମାନେ ଜାଣିବାକୁ ପାଇଲେ ଯେ ଉକ୍ତ ନଆଧରଣର କଳଟି ନୂଆ ନୁହେଁ । ସୋଭିଏଟ ରୁଷିଆରେ ତାହାର ଆବିଷ୍କାର ହୋଇ ସାରିଛି । ତେଣୁ ଆମେରିକାବାଲା ଉଦ୍ୟମୀ ମାନଙ୍କର ପ୍ରାଥମିକ ପରିଶ୍ରମ ତ ପାଣିରେ ପଡ଼ିଲା । ତେଣୁ ଅନ୍ୟ ସ୍ଥାନରେ କ'ଣ ଘଟୁଛି, ନ ଘଟୁଛି ବିଶେଷତଃ ବିଜ୍ଞାନ କ୍ଷେତ୍ରରେ ତା'ର ଗୋଟାଏ ମୋଟା-

ମୋଟି ଧାରଣା ତ ରହିବା ପ୍ରତ୍ୟେକ ଲୋକର ଓ ବିଶେଷତଃ ପ୍ରତ୍ୟେକ ବୈଜ୍ଞାନିକ ବିଶେଷଜ୍ଞର ନିହାତି ଉଚିତ ।

ବିଜ୍ଞାନ କର୍ମୀ ଏଭଳି ବହି, ଲେଖା, ବିଶେଷ ସୂଚନା ଗାଇଡ୍, ବହି, ଗ୍ରନ୍ଥସୂଚୀର ସର୍ଭେ, ସାରସଂକ୍ଷେପ ପତ୍ରପତ୍ରିକା ଓ ଶେଷରେ ଏଥିପାଇଁ ବିଶେଷ ଭାବରେ ପ୍ରତିଷ୍ଠିତ ବିଶେଷଜ୍ଞ ଅନୁଷ୍ଠାନମାନଙ୍କର ସମୁଦ୍ରର ଲହରୀରେ ତ ଅସ୍ୱସ୍ତ ହୋଇପଡ଼ିବ । ପୃଥିବୀରେ ଏଭଳି ବିଶେଷଜ୍ଞଦଳ ନୂଆ ବହି, ଲେଖା, ତଥ୍ୟ, ଲେଖକ, ପରୀକ୍ଷା ପ୍ରୟୋଗ ବିଷୟରେ ସନ୍ଧାନ କରିବାକୁ ହଜାର ହଜାର ସଂଖ୍ୟାରେ ନିଯୁକ୍ତ ହୋଇଛନ୍ତି । ଗୋଟିଏ ଗୋଟିଏ ଦେଶର ହିସାବ ଦେଖିଲେ ଆଖି ଖୋସି ହୋଇଯିବ ।

ତେବେ ଏ ସମସ୍ୟା କ୍ଷୁଦ୍ର ନାହିଁ । ତଥାପି ବିଭିନ୍ନ ମାଲ ମସଲା ଖୋଜିବାରେ ବହୁ ସମୟ ଓ ଉଦ୍ୟମ ଖର୍ଚ୍ଚ ହେଉଛି । ଆମେରିକାର ପୁଞ୍ଜିପତି ଦୁନିଆରେ ତ ସବୁ ବିଷୟ ଟଙ୍କା ଅଣା ପାଇରେ ହିସାବ । ସେମାନେ ହିସାବ କରି ଠିକ୍ କରିଛନ୍ତି ଯେ ଗୋଟିଏ ଗବେଷଣା ପାଇଁ ହାରାହାରି ୧୦,୦୦୦ ଡଲାର ଖର୍ଚ୍ଚ ପଡ଼ୁଛି । କିନ୍ତୁ ପୃଥିବୀର ବିଭିନ୍ନ ଦେଶର ଗବେଷଣା ପ୍ରସୂତ ଜ୍ଞାନ ସନ୍ଧାନ କରିବାରେ ଗୋଟିଏ ଗବେଷଣା ପିଚ୍ଛା ୧୦,୦୦୦ ଡଲାରରୁ ଅଧିକ ଖର୍ଚ୍ଚ ପଡ଼ୁଛି । ତେଣୁ ସନ୍ଧାନରେ ନ ଯାଇ ଆପଣା ଦେଶରେ ଗବେଷଣା ସାନି ନୂଆ କରି ଚଳେଇବାରେ ଅଳ୍ପ ଖର୍ଚ୍ଚ ହେବ ! କାରଣ ଦେଉଳକୁ ମୁଖ ଶିଆଳ ବଳି ପଡ଼ୁଛି !

କିନ୍ତୁ ଏଣେ ସାମୟିକ ପତ୍ରିକା, ଖବର କାଗଜ, ସ୍ପେସିଆଲ ରିପୋର୍ଟ, ଓ ବିଶେଷଜ୍ଞ ବହିର ବନ୍ୟା ଛୁଟି ଚାଲିଛି । ଲାଇବ୍ରେରୀମାନେ ତ ଗଲଦ୍‌ଘର୍ମ ହେଲେଣି । ଏତେ ବହିର ଲେଖକ ତାଲିକା ବାହାରିଲାଣି ଯେ ଏବେ ଲେଖକ ତାଲିକାମାନଙ୍କର ବି ଲେଖକ ତାଲିକା ବାହାର କରିବା ଦରକାର ପଡ଼ିଲାଣି । ବୈଜ୍ଞାନିକ ଚିନ୍ତାର ଏବେ ଗୋଟାଏ ବଡ଼ ଆତଙ୍କ ହେଲାଣି ଯେ ବିଭିନ୍ନ ଧରଣର ଜ୍ଞାନ ବିଜ୍ଞାନ ସାହିତ୍ୟର ପ୍ରାଚୁର୍ଯ୍ୟ ଫଳରେ କାଳେ ଏକ ବିସ୍ଫୋରଣ ଘଟିଯିବ !

ତେଣୁ ଏହି ବହିର ପାରାବାରକୁ ବାଗରେ ଆଣିବା ପାଇଁ ଓ ଜ୍ଞାନର ଗୋଟିଏ ଖୁଦକଣା ବି ଯେପରି ଉବୁରି ନ ଯାଏ ତାହାକୁ

ଜଗିବାକୁ କଷ୍ଟ ତ କରିବାକୁ ପଡ଼ିବ । ତେଣୁ ଏଥିପାଇଁ ଏକ ସୂକ୍ଷ୍ମ-ସୂଚନା ଯନ୍ତ୍ର ଦରକାର । ସେ ଯୁଗରେ ମୁଦ୍ରଯନ୍ତ୍ର ଯାହା କରୁଥିଲା ଏହା ଏହି ଯୁଗରେ କେବଳ ତାହାହିଁ କରିବ ।

## ଏକ ଯାନ୍ତ୍ରିକ ସ୍ମୃତି ଘର

ଜ୍ଞାନର ପରିସୀମା କ'ଣ ? ଏବେ ଗଣିତର ସାହାଯ୍ୟ ତାକୁ ଯାନ୍ତ୍ରିକ ଶବ୍ଦରେ ମାପି ହେବ । ଆମେ କେବଳ ଏହାର ପରିମାଣ କଳନା କରିପାରିବା ନାହିଁ । ଏହାକୁ ମାପି ତୃପ୍ତି ଲଭି ହୋଇପାରିବା । ଏହା'ର ମାନଦଣ୍ଡର ଏକକଟି ବି ତିଆରି ହୋଇ ସାରିଛି । ଏହି ଏକକଟି ହେଉଛି ସ୍ମୃତିର ଗୋଟିଏ ଗୋଟିଏ ଖୁଦକଣା, ଏଭଳି ସ୍ମୃତିର ଖୁଦକଣା ଗୁଡିକ କେଉଁଠି ସାଇତା ଗଲା ଓ ଦରକାର ବେଳେ କିପରି ଆସିଲା ତାହା ଏଠାରେ ବିଚାରର ବିଷୟ ନୁହେଁ । ବିଚାରର ବିଷୟ କେତେ ପରିମାଣରେ ସ୍ମୃତିର ଖୁଦକଣା ସ୍ମୃତି ଭଣ୍ଡାରରେ ସାଇତା ଗଲା । ସେ ସ୍ମୃତି ଭଣ୍ଡାର ମଣିଷର ମସ୍ତିଷ୍କ ହେଉ ବା ଯନ୍ତ୍ର ହେଉ, ଯାହା ବି ହେଉ । ଉଦାହରଣ ସ୍ୱରୂପ, ଗଣିତରେ ବହୁ ବିଷୟର ଚର୍ଚ୍ଚା ହୁଏ ଯଥା ସମଦ୍ୱିକୋଣ, ସମଚତୁଷ୍କୋଣ, ବା ଅଦାଚିଂଶ କଳ୍ପ ସେହି ସମଦ୍ୱିକୋଣ, ବା ଅଦାପିମା ଗୁଡ଼ିକ କେଉଁଥିରେ ତିଆରି ତାହା ସହିତ ଯେପରି ଗଣିତ ବିଦ୍ୟାର୍ଥୀର କୌଣସି ସଂପର୍କ ନାହିଁ ସେ କେବଳ ଉକ୍ତ ଜିନିଷର ଜ୍ୟାମିତିକ ଚରିତ୍ର ଗୁଡ଼ିକ ନେଇ ଚର୍ଚ୍ଚା କରେ ଠିକ୍ ସେପରି ସୂଚନା ତତ୍ତ୍ୱ ବି କେଉଁଠୁ ସୂଚନା ମିଳିଲା ସେ ବିଷୟରେ ମୁଣ୍ଡ ଖେଳାଏ ନାହିଁ । ସେ ସୂଚନା ଟେଲିଗ୍ରାଫ ତାର, ଧ୍ୱନି ତରଙ୍ଗ ବା ମଣିଷର ମୁହଁର ଭାଷା ଯେଉଁଥିରୁ ଆସୁ ସେଥିରେ ସୂଚନା ତତ୍ତ୍ୱର ଯାଏ ଆସେ ନାହିଁ । ତା ଛଡ଼ା ଏହି ସୂଚନା ଗୁଡିକ କାହା ପାଖରେ ବା କେଉଁଠାରେ ସଞ୍ଚିତ ହୋଇ ରହିଲା ସେ ବିଷୟରେ ବି ସୂଚନା ତତ୍ତ୍ୱ ନିରପେକ୍ଷ । ଏଭଳି ସୂଚନା ହୁଏତ ମଣିଷର ମସ୍ତିଷ୍କରେ ସଞ୍ଚିତ ହୋଇପାରେ ଅଥବା କୌଣସି ଯନ୍ତ୍ରର ସ୍ମୃତି ବିଭାଗରେ । ସୂଚନାତତ୍ତ୍ୱ ହେଉଛି ଏକ ଗାଣିତିକ ବିଦ୍ୟା । ଏହା'ର ଏକମାତ୍ର ଗୁରୁତ୍ୱ-ପୂର୍ଣ୍ଣ କଥା ହେଲା କେତେ ପରିମାଣ ସୂଚନା ମହଜୁଦ ଅଛି । ସେ ସୂଚନା ଯେଉଁଠିକି ମହଜୁଦ ଥାଉ ତାହା ଦରକା'ର ବେଳେ କାମରେ ଆସିଲେ ହେଲା ।

ତେବେ ମନୁଷ୍ୟର ମସ୍ତିଷ୍କରେ କେତେ ପରିମାଣରେ ସୂଚନାର ଟୁକ୍‌ଖଣ୍ଡା ସମ୍ଭବ ?

ମଣିଷର ସ୍ମୃତି ସୀମାବଦ୍ଧ । ସବୁ କଥା ସେଥିରେ ଧରିବ ନାହିଁ । କୌଣସି ଲୋକର ଜୀବନ କାଳ ଭିତରେ ଦୃଷ୍ଟି, ଶ୍ରବଣ ଓ ସ୍ପର୍ଶ ସାହାଯ୍ୟରେ ମଣିଷ ପାଖରେ ବିଶାଳ ପରିମାଣ ସୂଚନା ଆସି ପ୍ରତିନିୟତ ପହଞ୍ଚୁଛି । କିନ୍ତୁ ଏହାର ଏକ ଅତି ନଗଣ୍ୟ ଅଂଶ ସ୍ମୃତି ଭିତରେ ରହେ ଓ ତାହା ମସ୍ତିଷ୍କହିଁ ରେକର୍ଡ଼ କରି ରଖେ । ଆମର ଜୀବନରେ ହଜାର ହଜାର ଲୋକଙ୍କର ନାମ ଚିହ୍ନା ପରିଚୟ ସ୍ପର୍ଶରେ ଆସେ । କିନ୍ତୁ ଦରକାର ପଡ଼ିଲେ କମେଷେକରେ କେତେଟା ଲୋକଙ୍କ ନାମ ମନକୁ ଆସେ ?

ମନୁଷ୍ୟ ମସ୍ତିଷ୍କର ସ୍ନାୟୁକୋଷ ଗୁଡ଼ିକୁ ନିଉରନ୍ ବୋଲି କୁହାଯାଏ । ଏହି ନିଉରନ୍‌ର ସଂଖ୍ୟା ପ୍ରାୟ ଏକ ହଜାର କୋଟି ହେବ । ଯଦି ଏକଥା ଧରି ନିଆଯାଏ ଯେ ପ୍ରତ୍ୟେକ ନିଉରନ୍ 'ଖଣ୍ଡିଏ' ସୂଚନା ଧରେ ତେବେ ଆମର ମସ୍ତିଷ୍କର $10^{10}$(ଦଶ ଶକ୍ତିର ଦଶ) ବା ଏକ ହଜାର କୋଟି 'ଖଣ୍ଡି' ସୂଚନା ଧରି ରଖିଛି । ଏହି ଏକହଜାର କୋଟି ଖଣ୍ଡି ସାମାନ୍ୟ ନୁହେଁ । ଏହା ୧୦ ରୁ ୧୫ ହଜାର ବହିର ଲାଇବ୍ରେରୀର ଭଣ୍ଡାର ସଙ୍ଗେ ସମସମ ହେବ ।

ଅନେକଙ୍କ ମତରେ ମନୁଷ୍ୟର ମସ୍ତିଷ୍କର ଆହୁରି ଧାରଣ ଶକ୍ତି ରହିଛି । ମଣିଷର ଚେତନ ସକ୍ରିୟ ମସ୍ତିଷ୍କରେ କେବଳ $10^5$ ବା $10^6$ (ଦଶର ଶକ୍ତି ପାଞ୍ଚ ବା ଦଶର ଶକ୍ତି ଛଅ) ଯାଏ ତାକତ ଅଛି । କିନ୍ତୁ ତା'ର ଅବଚେତନରେ ଆହୁରି ଅନେକ ଜିନିଷ ଅଛି ଯାହା ହାତ ପହଞ୍ଚରେ ନ ଥାଏ କିନ୍ତୁ ଯାହାକୁ ଖୋଜିଲେ ଲୋଡ଼ିଲେ ବା ଅପେକ୍ଷା ସମୟରେ ହଠାତ୍ ମିଳିଯାଏ । ଏଭଳି ସୂଚନାର 'ଖଣ୍ଡି'ର ସଂଖ୍ୟା $10^{20}$ (କୋଡ଼ିଏ ଶକ୍ତି ବିଶିଷ୍ଟ ୧୦) ହେବ ।

ଯେଉଁ କମ୍ପ୍ୟୁଟର ଯନ୍ତ୍ର ଏବେ ବାହାରିଛି ସେଥିରେ ସୂଚନା ସାଇତିବାର ଭଣ୍ଡାର ମନୁଷ୍ୟର ସ୍ମୃତି ଭଣ୍ଡାର ଠାରୁ ଯଥେଷ୍ଟ ବଡ଼ । କିନ୍ତୁ ସେହି ଯନ୍ତ୍ରର ସବୁ ହେଉଛି ଚେତନ ସୂଚନା; ସେଥିରେ ମଣିଷ

ସ୍ମୃତି ଭଣ୍ଡାରରେ ଥିବାଭଳି ନିମଜ୍ଜିତ ଅବଚେତନ ଜ୍ଞାନ ବା ସୂଚନାର ଅବକାଶ ନାହିଁ । ତେବେ ଆମର ଅବଚେତନର ସୂଚନା ତ ଆମେ ସବୁବେଳେ ସହଜରେ ବ୍ୟବହାର କରି ପାରୁନାହିଁ । ଏକଥା ଉପରେ କୁହାଯାଇଛି—ସତ୍ୟ ଯେ ଅବଚେତନ ସୂଚନା ଦରକାର ବେଳେ ହୁଏତ କର୍ମରେ ଆସେ ନାହିଁ । ଅଥଚ ଅନେକ ମୁହୂର୍ତ୍ତରେ ପୋଖରୀ ଉଟ୍‌କା ହେଲା ବେଳର ବନ୍ଧୁ ଜନର କୌଣସି ହଜିଲା ଜିନିଷ ପରି ହଠାତ୍ କେତେ କେତେ କଥା ଅତର୍କିତରେ ମନରେ ଭାସି ଉଠେ । ଅଥଚ କମ୍ପ୍ୟୁଟର ଯନ୍ତ୍ର, ଏବେ ଆମେ ଚେତନ ମନରେ ଯେତିକି ସୂଚନା କଣିକୁ (10⁵ ବା 10⁶) ଯାଏ ରଖିପାରୁ, ସେତିକି ଅକ୍ଳେଶରେ ଧରି ରଖିପାରେ । ଏବେ ବି ଚତୁର୍ଥ କଡ଼ା କମ୍ପ୍ୟୁଟର ଯନ୍ତ୍ର ତିଆରି ହେଉଛି ଓ ଆଶା କରାଯାଉଛି ନୂଆ ଯନ୍ତ୍ରରେ ଆହୁ ବେଶି ସୂଚନା ରଖିବାପାଇଁ ଜାଗା ରହିବ ।

ଯନ୍ତ୍ରର ସ୍ମୃତି ଶକ୍ତି ନିର୍ଭୁଲ । ତାହା ଆଠଜାନ୍ନ ବ ରହିବାପୀ ଅଣଚିଡ଼ା ରହିବ । ଯନ୍ତ୍ର ହରହମେଶା ଯେକୌଣସି ସୂଚନା ପଚାରିଲେ ତାକୁ ଉତ୍ତର ଦେବ ତା'ର କ୍ଳାନ୍ତିର ଅବସାଦ ନାହିଁ । ତା' ଛଡ଼ା ଯନ୍ତ୍ର ଯେତେ ଶୀଘ୍ର ନୂଆ ନୂଆ ସୂଚନାକୁ ଆତ୍ମସ୍ଥ କରି ନେଉଛି, ମନୁଷ୍ୟ ସେତେ ଶୀଘ୍ର କରିପାରୁ ନାହିଁ, ପାରନ୍ତା ନାହିଁ । ଉପରେ ଯେଉଁ ଅଦ୍ଭୁତ ବନ୍ଧୁ ପଡ଼ାଜଳକୁ ଆମେ କଳ୍ପନା କରିଥିଲେ, ତାକୁ ଆମେ ପ୍ରତି ସେକଣ୍ଡରେ କୋଡ଼ିଏଟି ଅକ୍ଷର ପଢ଼ି ତାକୁ ହଜମ୍ କରିବାର ସାମର୍ଥ୍ୟ ଦେଇଥିଲେ । ଅର୍ଥାତ୍ ତାକୁ ପ୍ରତି ସେକେଣ୍ଡରେ କୋଡିଏ 'କାଣିକୁ' ସୂଚନା ଆତ୍ମସ୍ଥ କରିବାର କ୍ଷମତା ଦେଇଥିଲେ, ତେବେ ଏହା ମଣିଷର କ୍ଷମତାର ବହିର୍ଭୂତ ନୁହେଁ । ବରଂ ବୈଜ୍ଞାନିକମାନେ ଓ ଯନ୍ତ୍ର ମସ୍ତିଷ୍କବିଦ୍‌ମାନେ ମନେ କରନ୍ତି ଯେ ଏକ ସେକେଣ୍ଡରେ ମନୁଷ୍ୟ ୪୦।୫୦ 'କାଣିକୁ' ସୂଚନା ମଧ୍ୟରେ ଧରିବାର କ୍ଷମତା ରଖେ । କିନ୍ତୁ ୫୦ରୁ ବେଶି କାଣିକୁ ଧରି ରଖିବାର କ୍ଷମତା ସେ ମସ୍ତିଷ୍କରୁ ବାହାର । ଏହାଠାରୁ ବଡ଼ି ଆଉ ତୁଳନା ହେଲେ ମସ୍ତିଷ୍କ ଅକଯିବ । ଏବେ ପରୀକ୍ଷାରୁ ଜଣା ପଡ଼ୁଛି ଯେ ମନୁଷ୍ୟ ଯାହା କରିପାରେ ମେସିନ୍ ତା'ଠାରୁ ଶହ ଶହ ଗୁଣ ଅଧିକ ପରିମାଣରେ ସୂଚନା-ଜ୍ଞାନ ଆତ୍ମସ୍ଥ କରିପାରିବ ।

ମଣିଷ ଯାହା ମନେ ରଖେ ସେଥିରେ ଭୁଲ ହୋଇପାରେ; ସୂଚନାଟା ମସ୍ତିଷ୍କ ଭିତରେ ମଉଳ ଯାଇପାରେ କାରଣ ମସ୍ତିଷ୍କ ଜୀବକୋଷର ସମଷ୍ଟି ଯାହାର କ୍ଷୟବୃଦ୍ଧି ଚାଲିଛି । କିନ୍ତୁ ମେସିନର "ଲୁହାର ମସ୍ତିଷ୍କ ପ୍ରତ୍ୟେକ ତଥ୍ୟକୁ ଠିକ୍ ନିର୍ଭୁଲ ଭାବରେ, ବିଶ୍ୱସ୍ତ ଭାବରେ ଓ ବିନା ଦ୍ୱିଧାରେ ରେକର୍ଡ଼ କରେ ।"

ଶେଷରେ,—ଏଇଟା ବି ସବୁଠୁଁ ଗୁରୁତ୍ୱପୂର୍ଣ୍ଣ କଥା — ଆମେ କଂପ୍ୟୁଟର ଯନ୍ତ୍ରରେ ଅଧିକା ସ୍ମୃତିର ଏକକ ଯୋଡି ଦେଇ ସ୍ମୃତି ଭଣ୍ଡାରକୁ ଆମେ ବଢ଼ାଇ ଦେଇ ପାରୁଁ । ତେଣୁ ଯାନ୍ତ୍ରିକ ଭାବରେ ଆମେ ଜ୍ଞାନର ନୂଆ କେତେ ଗୁରୁ ବି ତିଆରି କରିପାରୁଁ । ତା' ନ ହେଲେ ଆମେ ଅଜ୍ଞାତରେ ରହିଥିବା ନନା ସ୍ମୃତିକୁ ପିଲାଏ ସିଲଟରୁ ବାସି ଲେଖର ବର୍ଣ୍ଣମାଳା ହସ୍ତାକ୍ଷରକୁ ପୋଛିଲା ପରି ପୋଛି ଦେଇ ପାରୁ । କିନ୍ତୁ ମନୁଷ୍ୟର ମନରୁ ଏଭଳି ଭାବରେ ପୋଛି ଦେବା ସହଜ ନୁହେଁ କି ଇଚ୍ଛାନୁସାରେ ନୂଆ ଯୋଡ଼ ଦେବା ସହଜ ନୁହେଁ ।

## ତେବେ ଭାଷାଟିଏ ଲୋଡ଼ା

ତେଣୁ ସାଇବର ନେଟିକସ୍ ବା ମସ୍ତିଷ୍କ ଯନ୍ତ୍ରତତ୍ତ୍ୱ ମଣିଷ ପାଇଁ ଏକ ଅକ୍ଳାନ୍ତ ବିଶ୍ୱାସୀ ଓ ସତ୍ୟବାଦୀ ସେବକ ଯୋଗାଇ ଦେଇଛି । ଏହାର ନାମ କଂପ୍ୟୁଟର । ମନୁଷ୍ୟର ସ୍ମୃତି ଏବେ ଏକ ଇଲେକଟ୍ରୋନିକ୍ ସ୍ମୃତି ଦ୍ୱାରା ଆପଣାର ଜଣା ଶକ୍ତିକୁ ବହୁଗୁଣ ବଢ଼ାଇ ସବୁ କାର୍ଯ୍ୟକୁ ସମକକ୍ଷ ହୋଇ ଚାଲିଛି । ଏହି ଇଲେକଟ୍ରୋନିକ୍ ସ୍ମୃତିର ସାମର୍ଥ୍ୟ ବିନା ବାଧାରେ ବଢ଼ାଇ ଦିଆ ଯାଇପାରିବ । ନୂଆ ତାଜା ତାଜା ତଥ୍ୟ ବା ଗୋଟା ଗୋଟା ବହି ତା ମୁହରେ ଧରାଇ ଦେଲେ ଯଥେଷ୍ଟ, ଏହା ତାହାକୁ ପଢ଼ି ହଜମ କରିନେବ !

ତେବେ ଯନ୍ତ୍ରର ମାତୃଭାଷା କ'ଣ ? ଏହି ମାତୃଭାଷା ହେଉଛି ସଂଖ୍ୟା । ସଂଖ୍ୟାରେ ଦୁଇଟା ତିନଟା ଅର୍ଥ ଚଳେ ନାହିଁ । ତେଣୁ ମେସିନ୍‌ରେ ଦୁଇଟା ଅର୍ଥ ବୁଝାଉଥିବା ଗୋଟିଏ ଶବ୍ଦ ଚଳିବ ନାହିଁ । ଯଦି କେହି ଉପେନ୍ଦ୍ର ଭଞ୍ଜଙ୍କ 'ଲାବଣ୍ୟବତୀ'କୁ ମେସିନ୍ ଭାଷାରେ ଅନୁବାଦ କରିବାକୁ ବସନ୍ତି ତେବେ ସେ କିଛି ଫଳ ପାଇବେ ନାହିଁ । ଏକେତ କବିତାର ଭାଷା—

ସେ ଭାଷାରେ ନାନାବିଧ ଅର୍ଥ ଓ ସେ ଅର୍ଥର ବି ଅର୍ଥାନ୍ତର ହୋଇପାରେ । ତା' ଉପରେ ପୁଣି ଉପେନ୍ଦ୍ର ଭଞ୍ଜ ଯିଏ କି ଏକ ଶବ୍ଦରେ ଶହେ ଅର୍ଥ ଯୋଗାଇବାବାଲା କବି । ଏଇ 'ଅର୍ଥ ସମ୍ରାଟ' ଉପେନ୍ଦ୍ର ଭଞ୍ଜଙ୍କର 'ଲାବଣ୍ୟବତୀ' କେବେ କଂପ୍ୟୁଟର ଅଙ୍ଗସଙ୍ଗ ଲଭିବ କି ନାହିଁ ଜଣାନାହିଁ ତେବେ ଇଂରାଜୀ କବି ସେକସପିଅରଙ୍କର ହ୍ୟାମଲେଟକୁ ଏଭଳି କଂପ୍ୟୁଟର ଯନ୍ତ୍ର ଭାଷାରେ ପରିଣତ କରିବାର ଉଦ୍ୟମ ହୋଇଥିଲା । ଫଳ କିଛି ହେଲା ନାହିଁ ।

ତେଣୁ ଗବେଷକମାନେ ପ୍ରଶ୍ନ କଲେ "ତେବେ ଅନୁବାଦ କ'ଣ ? ଯାନ୍ତ୍ରିକ ଭାଷାରେ କି ଭଳି ଜିନିଷ ଅନୁବାଦ ହୋଇପାରିବ ଓ କି ଭଳି ଜିନିଷ ହୋଇ ନ ପାରିବ ?" ଏହାର ଉତ୍ତର ଗଣିତଜ୍ଞ ବା ଇଞ୍ଜିନିଅର ମାନେ ଦେବାର ନ ଥିଲା । ଉତ୍ତର ଦେଲେ ଭାଷାତତ୍ତ୍ୱବିତ୍ ସଂକେତ-ରୂପକ-ତତ୍ତ୍ୱବିତ୍ ଅର୍ଥାତ୍ ଯେଉଁମାନେ ସଙ୍କେତ ତତ୍ତ୍ୱରେ ବିଶାରଦ ସେଇମାନେ ।

ସେମାନେ କହିଲେ, ଅନୁବାଦ ଓ କୋଡ୍, ଏ ଦୁଇଟା ଭିତରେ ଭିତରେ ପ୍ରଭେଦ ରହିଛି । ମନେକର ଆମେ ଗୋଟିଏ ବିଷୟ ଟେଲିଗ୍ରାଫ୍ କରୁଛୁ । ସେ ବିଷୟଟି ତାରରେ ପଠାଯିବ । ଆମର ବାର୍ତ୍ତାଟି ଆମେ ଇଂରାଜୀ, ହିନ୍ଦି, ଓଡ଼ିଆ, ବଂଗଳା ଯେଉଁ ଭାଷାରେ ବି ଲେଖୁଁ ତାହା ଠିକ୍ ସେହି ଭାଷାରେ ତା'ର ହୋଇ ଯାଇବ ନାହିଁ । ସେହି କଥାର ଅକ୍ଷର ଗୁଡ଼ିକୁ ଗୋଟିଏ ପ୍ରକାର ଠାର ଭାଷାରେ ପଠାଇବାକୁ ହେବ । ସେହି ଠାର ଭାଷାକୁ କୋଡ୍ କହନ୍ତି । ଯେପରି ଇଂରାଜୀର ପ୍ରଥମ ଅକ୍ଷର 'a' ତାହାକୁ ଟେଲିଗ୍ରାଫ କୋଡ୍ ବା 'ମୋର୍ସ' କୋଡ୍‌ରେ ଗୋଟିଏ ଧରଣର ଗାର ଓ ବିନ୍ଦୁ ଦ୍ୱାରା ବୁଝାଯାଏ । ଠିକ୍ ସେପରି କଂପ୍ୟୁଟରରେ ସବୁଗୁଡ଼ିକ ଅକ୍ଷର ପାଇଁ ଗୋଟିଏ ଗୋଟିଏ କୋଡ଼ ଅକ୍ଷର ବନା ଯାଇଥାଏ । ମନେକର ସେହି ଇଂରାଜୀ ଆଦ୍ୟ ଅକ୍ଷର 'a' କଂପ୍ୟୁଟର କୋଡ୍‌ରେ ତାହା ହେବ op, b ହେବ 10, c ।। ଏପରି o ଓ ଏହି ଦୁଇଟି ସଂଖ୍ୟାରେ ଇଂରାଜୀ ବା ରୋମାନ୍ ଲିପିର ୨୬ଟି ଯାକ ଅକ୍ଷରକୁ ନୂଆ ରୂପରେ ଲଗା ଯାଇ ପାରିବ । କୌଣସି ପାଣ୍ଡୁଲିପି ବା ଗଦ୍ୟପଦ୍ୟାଦିଶ ଏହି କୋଡ଼୍‌ରେ ବଦଳା ଯାଇପାରିବ । କିନ୍ତୁ ଏହାକୁ ତ ଭାଷାନ୍ତର ବା ଅନୁବାଦ ବୁଝା

ଯିବ ନାହିଁ । ଏହା 'ମୋର୍ସ' ବା ଟେଲିଗ୍ରାଫ ତାରର କୋଡ୍ ପରି । ଏହା କେବଳ କର୍ଣ୍ଣାନ୍ତର ।

ମନେ କରନ୍ତୁ ଗୋଟିଏ ନାମ, କୌଣସି ଲୋକର ନାମ । ଆମେ ତାକୁ ରୋମାନ୍ ଲିପିରେ ବା ଓଡ଼ିଆ ଲିପିରେ ବା ବଙ୍ଗଳା ଲିପିରେ ବା ହିନ୍ଦି ଲିପିରେ ଲେଖିପାରୁ । ତଥାପି ଲୋକର ନାମରେ କୌଣସି ପରିବର୍ତ୍ତନ ହୁଏ ନାହିଁ । ତାହା ଯେଉଁ ନାଁ କୁ ସେହି ନାଁ ହୋଇ ରହେ । ସଂସ୍କୃତର କୌଣସି ଏକ ଶ୍ଳୋକକୁ ଆମେ ଦେବନାଗରୀ ଲିପିରେ ନ ଲେଖି ଓଡ଼ିଆ ଲିପିରେ ଯଦି ଲେଖୁଁ, ଯଥା—'ଲଳିତ ଲବଙ୍ଗଲତା ପରିଶୀଳନ କୋମଳ ମଳୟ ସମୀରେ' ତେବେ ସେହି ସଂସ୍କୃତ ଭାଷାର ଶ୍ଳୋକ ସଂସ୍କୃତ ଭାଷାର ଶ୍ଳୋକ ହୋଇ ରହେ ତାହା ଓଡ଼ିଆ ଲିପିର ବେଶଭୂଷା ପିନ୍ଧିଲା କେବଳ ଓଡ଼ିଆ ହୋଇ ଯାଏ ନାହିଁ । ଠିକ୍ ସେପରି ମନୁଷ୍ୟ ଭାଷାର ପଦ୍ୟ ବା ବାକ୍ୟକୁ କୌଣସି କୋଡ ହୋଇଗଲେ ତାହା ଭାଷାନ୍ତର ହୋଇ ଯାଏ ନାହିଁ ।

ତେଣୁ କୋଡ୍ ଭାଷାନ୍ତର ନୁହେଁ ଅନୁବାଦ ରୂପାନ୍ତର । ଏଥିରେ ସଙ୍କେତର ବିଧି ବିଧାନ ଏକାବେଳକେ ବଦଳି ଯାଏ । ଏଥିରେ ଗୋଟିଏ ମାତ୍ର କଥା ମେଳ ରହେ । ଯାହା ହେଉଛି ଅର୍ଥ ବା ବିଷୟବସ୍ତୁ । କିନ୍ତୁ ଅନ୍ୟ ପକ୍ଷରେ କୋଡ୍ କେବଳ ଅର୍ଥକୁ ଯେ ଅପରିବର୍ତ୍ତିତ ରଖେ ସେତିକି ନୁହେଁ ସଙ୍କେତକ ଶବ୍ଦକୁ ବି ଠିକ ପୂର୍ବ ଭଳି ରଖେ । ସେମାନଙ୍କର କ୍ରମ ଓ ବିନ୍ୟାସ ସବୁ ଠିକ୍ ପୂର୍ବପରି ରହେ ।

ତିନପ୍ରକାର ଅନୁବାଦ ହୋଇପାରେ । ଗୋଟିଏ ହେଲା ଗୋଟିଏ ଭାଷାରେ କଷ୍ଟିଆ ଶବ୍ଦମାନଙ୍କ ଯାଗାରେ ଭଲ ଭଲ ଶବ୍ଦ ଲଗାଇ 'ସରଳ କରିବା' । ଏଥିରେ ସମାନ ଅର୍ଥବିଶିଷ୍ଟ ପ୍ରତିଶବ୍ଦ ଲଗାଇ ଓ ସେହିଭଳି ବାକ୍ୟ ସଂଗଠନ ଇତ୍ୟାଦି କରି ସେହି ଭାଷାରେ ଅଥଚ ନୂଆ ଗ୍ରନ୍ଥରେ ଢାଳିବା । ଏଭଳି ଧରଣର ନାନା ନମୁନା ସଂଜ୍ଞାକାରୀ ଅଭିଧାନ ମାନଙ୍କରେ ମିଳେ । ଯଥା ଓଡ଼ିଆରୁ ଓଡ଼ିଆ ଅଭିଧାନ । ଇଂରାଜୀରୁ ଇଂରାଜୀ ଅଭିଧାନ ଇତ୍ୟାଦି ।

ଦ୍ୱିତୀୟ ପ୍ରକାର ଅନୁବାଦ ହେଲା ଖାଣ୍ଟି—ଅନୁବାଦ । ଗୋଟିଏ ଭାଷାରୁ ବିଲକୁଲ ଅନ୍ୟ ଏକ ଭାଷାକୁ ଭାଷାନ୍ତର । ଗୋଟିଏ ଭାଷାର ଶବ୍ଦ

ଓ ସଙ୍କେତ ଗୁଡ଼ିକୁ ଆଉ ଏକ ଭାଷାର ଶବ୍ଦ ଓ ସଂକେତ ବା ବାକ୍ୟ ଓ ବିନ୍ୟାସକାଣ୍ଡ ସଂଯୋଜନାରେ ରୂପାନ୍ତର । ମନେ କରନ୍ତୁ ଓଡ଼ିଆରେ 'ବଡ଼ିଆ' ଫରାସୀରେ ହେବ 'ଗ୍ରାଣ୍ଡ' ଇଂରାଜୀରେ ହେବ 'ଗ୍ରେଟ୍' 'ଲାର୍ଜ' ଅଥବା 'ସିଗ୍ନିଫିକେଣ୍ଟ' ।

ଶେଷରେ ତୃତୀୟ ପ୍ରକାରର ଅନୁବାଦ । ଯାହା ହେଉଛି ଏକ ରୂପାନ୍ତର ବା ଭାଷା ଲିଖନ । କୌଣସି ଭାଷାର ଶବ୍ଦ ଗୁଡ଼ିକୁ ଅଶବ୍ଦ ସଙ୍କେତରେ ପରିଣତ କରିବା । ଅର୍ଥାତ୍ 'ସାବଧାନ'କୁ ଟ୍ରାଫିକ୍ ସଙ୍କେତରେ (!) ଚିହ୍ନଦ୍ୱାରା ଚିହ୍ନିତ କରିବା କିମ୍ବା 'ମୁଁ ଖାଇବାକୁ ଚାହେଁ' ଏ କଥାଟା ଆଁ କରି ମୁହଁରେ ଖାଦ୍ୟ ଖାଇଲା ପରି ଦେଖାଇ ସଙ୍କେତ କରିବା ।

ଗୋଟିଏ ଭାଷାରେ ଯାହା ପ୍ରକାଶ ପାଇପାରେ, ଅନ୍ୟ ଭାଷାରେ ତାହା ପ୍ରକାଶ ପାଇବାରେ କିଛି କଷ୍ଟ ନାହିଁ । ଏ ପର୍ଯ୍ୟନ୍ତ ମନୁଷ୍ୟର ହାତ ପାହାନ୍ତା ସବୁ ଜ୍ଞାନ ଯେ କୌଣସି ଭାଷାରେ ପ୍ରକାଶିତ ହୋଇ ପାରେ । ପଦାର୍ଥ ବିଦ୍ୟାର ବିଧାନ କାନୁନ ଗୁଡ଼ିକ ଗାଣିତିକ ସମୀକରଣରେ ପ୍ରକାଶ ପାଇ ପାରେ । ପଦାର୍ଥ ବିଦ୍ୟାର ପ୍ରୟୋଗ ପରୀକ୍ଷା ଗୁଡ଼ିକ ବି ମାମୁଲି ଭାଷାର ବର୍ଣ୍ଣନାରେ କୁହାଯାଇ ପାରେ କିମ୍ବା ଜ୍ୟାମିତିର ଅଙ୍କନରେ ବି ବୁଝାଯାଇ ପାରେ ।

କିନ୍ତୁ ଏମିତି ଗୁଡ଼ିଏ ଜାତି ଅଛନ୍ତି ଯେଉଁ ଜାତିର ଏବେ ବିଜ୍ଞାନର ବିଧିବିଧାନ, [illegible] ଭାଷାର ଶବ୍ଦ ସମ୍ପଦ [illegible] ଭାଷାକୁ ରୂପାନ୍ତ ନାହିଁ । ବରଂ କେତେ ଗୁଡ଼ିଏ ବିଦ୍ୟା ଯେଉଁମାନେ ଏପର୍ଯ୍ୟନ୍ତ ମନ୍ଦ ବିଦ୍ୟା ବୋଲି ଭାବିଥିଲେ ଓ ବୋଲୁଅଛନ୍ତି ଅଥଚ ସେମାନେ ଏବେ ବିଜ୍ଞାନ ରାଜ୍ୟରେ ଆଇନ ବିଧାନ ଓ ଗଣିତର ବିଧିବିଧାନ ତଥା ସତ୍ୟ ଉପରେ ପ୍ରତିଷ୍ଠିତ ହେବାକୁ ବସିଲେଣି ତଥାପି ସେମାନଙ୍କର ଭାଷା ଏତେ ଧୂଆଁଳିଆ ରହିଛି ଯେ ଯନ୍ତ୍ର ସେ ଭାଷାକୁ ସମଝି ପାରୁ ନାହିଁ । ଏପରିକି ବୈଜ୍ଞାନିକମାନେ ବି ସେ ଭାଷା ଧରି ପାରୁନାହାନ୍ତି ।

ସେହି କାରଣରୁ ମନୁଷ୍ୟ ଜ୍ଞାନକୁ ମେସିନ୍‌ର ଭାଷାରେ ଅନୁବାଦ କରିବା କେବଳ 'ଖାଣ୍ଟି' ବିଜ୍ଞାନମାନଙ୍କ କ୍ଷେତ୍ରରେ ସୁଗମ ହୋଇଛି । ଏଭଳି ଖାଣ୍ଟି ବିଜ୍ଞାନ ହେଉଛି ଗଣିତ, ଯୁକ୍ତି ବିଦ୍ୟା, ପଦାର୍ଥ ବିଦ୍ୟା, ରସାୟନ, ଇନ୍‌ଜିନିଅରିଂ ।

# ଶବ୍ଦର ଭାଷା ଓ 'ଭାବ'ର ଭାଷା

ମନୁଷ୍ୟ ମନୁଷ୍ୟ ସଙ୍ଗେ କଥିତ ଭାଷା ଜରିଆରେ କଥା ହୁଏ । କିନ୍ତୁ ଏବେ ମନୁଷ୍ୟର ଜ୍ଞାନ ପାଇଁ ଅନ୍ୟ ମଣିଷର ଭାଷା (କଥା ବା ଲେଖା) ଯଥେଷ୍ଟ ନୁହେଁ । ଆମେ ଅନ୍ୟ ଧରଣର ସଙ୍କେତ ମାଳାରୁ ବି ଆମର ବହୁ ଜ୍ଞାନ ଅର୍ଜନ କରୁଛୁ । ଏବେ ଏଭଳି ସଙ୍କେତମାନ ଦିନୁଦିନ ବଢୁଛନ୍ତି । ବହିପତ୍ରରେ ଉଦାହରଣ, ଫଟୋ, ମାନଚିତ୍ର, ସୂତ୍ର, ଅଙ୍କନ, ସଡ଼କରେ ମାଇଲ ଖୁଣ୍ଟ, ଦୋକାନର 'ଝରକା କାଚରେ ପ୍ରଦର୍ଶନୀ' ଏପରି କେତେ ପ୍ରକାର ଢଙ୍ଗରେ ଜ୍ଞାନ ଆହରଣ କରୁଛୁ । ବୈଜ୍ଞାନିକମାନେ ଏଭଳି 'ଅଣଭାଷୀ' ଭାଷାର ଏକ ବିଶେଷ ବ୍ୟବହାରରେ ଲଗାନ୍ତି ସେଗୁଡ଼ିକ ଆନ୍ତର ଚେଜଆନ, ବର୍ଣ୍ଣିଳ ଓ ଦ୍ୱିଧାସ୍ପାନ ।

ମନୁଷ୍ୟ ପାଇଁ ଆମର ଏ ଭାବପୂର୍ଣ୍ଣ ଭାଷା, ଦରକାର ଭାଷା ଚଳିବ । କିନ୍ତୁ ଯନ୍ତ୍ର ଏ ଭାଷା କାହିଁକି ବୁଝିବ ? ଯନ୍ତ୍ର ଏକ ନିର୍ଜଳ, ଫର୍ମାଦୋରସ୍ତ ଭାଷ ଦରକାର କରେ । ଏହାରି ଭାଷାରେ ବିଜ୍ଞାନର ଜ୍ଞାନକୁ ଭାଷାନ୍ତର କରିବାକୁ ହେବ । ଯଦି ଆମେ ଆମର ଭାଷାକୁ ଏଭଳି ନିର୍ଜଳ, ଠିକ ଠୋକ କରିବାରେ ସମର୍ଥ ହେବା ତେବେ ଯୁକ୍ତି-ସୂଚନାର ଯନ୍ତ୍ର ଜ୍ଞାନର ରନ୍ଧ ଭଳି ହେବ ଏହା ସବୁ ପ୍ରକାର ବୈଜ୍ଞାନିକ ଲେଖା, ବହି, ଓ ସବୁପ୍ରକାର ପ୍ରକାଶନ ସହଜରେ ଆତ୍ମସ୍ଥ କରି ହଜମ କରି ପାରିବ । ଏପରିକି ମନୁଷ୍ୟ ସେକେଣ୍ଡରେ ୫୦ଟି ଅକ୍ଷର ଗ୍ରହଣ କଲାବେଳେ ଯନ୍ତ୍ର ଏକହଜାର ଅକ୍ଷର ବି ଗ୍ରହଣ କରିପାରିବ । ନୂଆ ନୂଆ ସୂଚନା ବି ବାଛି ନେଇ ପାରିବ ଓ ତାହାକୁ ନିର୍ଭୁଲ ଭାବରେ ସ୍ମୃତିର ଗନ୍ତାଘରରେ ଦୃଢ଼ ଭାବରେ ଥୋଇ ରଖି ପାରିବ ।

ବିଜ୍ଞାନର ଭାଷା ହେଉଛି ଭାବର ଦ୍ୟୋତକ । ରୁଷ ଭାଷାରେ 'ବେଞ୍ଜିନ୍'କୁ ଯୁକ୍ତରାଷ୍ଟ୍ର ଆମେରିକାରେ କହୁଛନ୍ତି 'ଗ୍ୟାସୋଲିନ୍' ବିଲାତରେ ବିଲାତରେ କହନ୍ତି 'ପେଟ୍ରୋଲ' ଫ୍ରାନ୍ସରେ କହୁଛନ୍ତି 'ଏସେନ୍ସ' ଓ ଜର୍ମାନରେ କହୁଛନ୍ତି 'ବେନ୍‌ଜିନ' । ଆମେ ଓଡ଼ିଆରେ ବି 'ପେଟ୍ରୋଲ' ବା 'ତେଲ' ବୋଲି କହୁଛୁ । କିନ୍ତୁ ପୃଥିବୀରେ ଯେଉଁ ଦେଶର ଭାଷା ତାକୁ ଯାହା ବୋଲି ଡ଼ାକୁ ତାହା ହେଉଛି ଏକା ଜିନିଷ । ଯଦି ଏହାକୁ ନାନା ଭାଷାରେ କହିବା ତେବେ ସିନା ଇଂରାଜ ଲୋକେ ରୁଷ ଭାଷାକୁ

ବୁଝିପାରିବେ ନାହିଁ ବା ରୁଷ ଲୋକେ ଇଂରାଜୀ ଭାଷା ବୁଝିପାରିବେ ନାହିଁ । କିନ୍ତୁ ଏହି ମଟରରେ ଚଳାଇବା ତେଲର ସ୍ୱାସ୍ଥ୍ୟଜନକ ସାଙ୍କେତିକ ସୂତ୍ର ଲେଖିଦେଲେ ଇଂରାଜ, ଜର୍ମାନ, ରୁଷ, ଫରାସୀ, ଆମେରିକା କାହାରି ବୁଝିବାରେ ଅସୁବିଧା ହେବ ନାହିଁ । ଅବଶ୍ୟ ଯନ୍ତ୍ର ଏବଂ ସାଂକେତିକ ଭାଷା ଏହି ସମସ୍ତ ଲୋକେ ଜାଣିଥାଆନ୍ତି । ତେଣୁ ମେସିନର ଭାଷା ବି ଏକ 'ବସ୍ତୁର ଭାବ'ର ଭାଷା ହେବା ଉଚିତ । ପ୍ରତ୍ୟେକ 'ଭାବ' ପାଇଁ ମାତ୍ର ଗୋଟିଏ ସଙ୍କେତ ହେବା ଦରକାର । ସାରା ସଂସାରର ସବୁ ବୈଜ୍ଞାନିକ ଯାହା ବୁଝି ପାରିବେ । ଠିକ୍ ଯେପରି ଗଣିତର ପ୍ରତ୍ୟେକ ପରିମାଣ ଯଥାଯଥ ସଂଖ୍ୟାରେ ଚିହ୍ନିତ ହୋଇଛି ।

ପୃଥିବୀର ସବୁ ପ୍ରକାର ଆୟତନ, ପରିମାଣକୁ ଗଣିତର ଏକ ଠାରୁ ଦଶ ପର୍ଯ୍ୟନ୍ତ ଦଶୋଟି ସଂଖ୍ୟା ସାହାଯ୍ୟରେ ପ୍ରକାଶ କରାଯାଇ ପାରୁଛି । ଠିକ୍ ସେହିପରି ଦୁଇଟିକିଆ ସଂଖ୍ୟା ଶୃଙ୍ଖଳାରେ ୦ ଓ ୧ ଏହି ଦୁଇଟି ସଂଖ୍ୟାରେ ସବୁ ପ୍ରକାର ଦର, ଆୟତନ, ପରିମାଣ ମଧ୍ୟ ପ୍ରକାଶ କରାଯାଇ ପାରୁଛି । ବୈଜ୍ଞାନିକ ସୂଚନା ଗୁଡ଼ିକ ରେକର୍ଡ଼ କଲାବେଳେ ଯେପରି ଗଣିତର ସଂଖ୍ୟା ଓ ହେଉଛି ସୂଚନାର ମୌଳିକ, ପ୍ରାଥମିକ ଅର୍ଥ ଗୁଡ଼ିକ ପ୍ରକାଶିତ ହୋଇଥାଏ । ଏ ଗୁଡ଼ିକୁ ସଂଯୋଗ କରି ଆମେ ସବୁଠାରୁ ଜଟିଳ ଚିନ୍ତାକୁ ବି ପ୍ରକାଶ କରିପାରୁ ଯେପରିକି ଏକ ଠାରୁ ଦଶ ଯାଏ ସଂଖ୍ୟା (୧, ୨, ୩, ୪, ୫......୧୦) ଜାଣିଥିଲେ ଆମେ ଯେ କୌଣସି ବିରାଟ ସଂଖ୍ୟାକୁ ବି ଲେଖି ଦେଇ ପାରୁଁ ।

ସୂଚନା ଯନ୍ତ୍ର ଗୁଡ଼ିକ ଉଦ୍ଭାବନ ପୂର୍ବରୁ ପଦାର୍ଥ ବିଦ୍ୟାବିତ୍ ମାନେ ଦୈର୍ଘ୍ୟ, ପ୍ରସ୍ଥ, ବେଧର ତତ୍ତ୍ୱକୁ ବିକାଶ କରିଥିଲେ ଯେଉଁଠି କୌଣସି ଶାରୀରିକ ପରିମାଣ ହେଉଛି କେତେକ ମୌଳିକ ପରିମାଣ । ମେକାନିକସକୁ ଉଦାହରଣ ରୂପେ ନିଆଯାଉ । ଲମ୍ବ L, ପଦାର୍ଥ M, ଓ ସମୟ T ଏହି ତିନୋଟି ପ୍ରାଥମିକ ସଂକେତ ଏକାଠି କରି $LMT^{-2}$କୁ ବଳ ବା ଫୋର୍ସ ବୋଲି ଧରାଯାଏ $LT^{-1}$କୁ ଗତି ବୋଲି ଧରାଯାଏ ଓ $ML^{-3}$କୁ ଘନତା ଇତ୍ୟାଦି । ତେଣୁ ପଦାର୍ଥର ପରିମାଣରୁ ଓ ଗାଣିତିକ ପରିମାଣରୁ ସୂତ୍ର ସବୁ ତିଆରି କରାଯାଇ ପାରିବ । ଅତଏବ ସବୁ ବିଜ୍ଞାନରେ ମଧ୍ୟ ସୂତ୍ର ତିଆରି ହୋଇ ପାରିବାରେ କୌଣସି ବାଧକତା ନାହିଁ ଅବଶ୍ୟ ପଦାର୍ଥ

ବିଦ୍ୟା ଭଳି ସେହି ବିଜ୍ଞାନଗୁଡ଼ିକ ସମାନ ପରିମାଣରେ ନିର୍ଦ୍ଦିଷ୍ଟତା, ଦ୍ୱିଧାହୀନତା ଓ କଠୋର ଶୃଙ୍ଖଳାରେ ଗଢ଼ା ହେବା ଦରକାର।

କମ୍ପ୍ୟୁଟର ଯନ୍ତ୍ର ଗାଣିତିକ ସୂତ୍ର ଓ ସଙ୍କେତଗୁଡ଼ିକ ଆୟତ୍ତ କରିବାରେ ବେଶ ଧୁରନ୍ଧର। ତେଣୁ ଯୁକ୍ତି-ସୂଚନା ଯନ୍ତ୍ରର କାମ ହେବ ଅଲଗା ଅଲଗା 'ଶବ୍ଦ' ବା ବୈଜ୍ଞାନିକ ଭାବ ସମ୍ବଳିତ ବାକ୍ୟ ଗୁଡ଼ିକୁ ଆୟତ୍ତ କରିବା।

## ଅର୍ଥର ଭାଷା

ଶବ୍ଦରୁ ଯେଉଁ ଅର୍ଥ ଉପୁଜିଲା ସେତକ ଯଥେଷ୍ଟ ନୁହେଁ। କାରଣ ଶବ୍ଦକୁ କେବଳ ଗୋଟିଏ ଭାଷା ଜାଣିଥିବା ଲୋକ ବୁଝିବେ। ଭାବକୁ ଯେଉଁ ଭାଷା କାହାରିକ ତାହାକୁ ସମସ୍ତେ ବୁଝିବେ। ଗାଈର ଚିତ୍ର ଦେଖିଲେ ଇଂରେଜ କହିବେ 'କାଓ' ଜର୍ମାନ କହିବେ 'କୁ' ଆଉ ଓଡ଼ିଆ କହିବେ ଗାଈ। ତେଣୁ ଗାଈର ଚିତ୍ର ଗାଈ ଏହି ଭାବର ଭାଷା ତାହା ଓଡ଼ିଆ ମାତୃଭାଷା ନୁହେଁ। ତେଣୁ ଗାଈର ଚିତ୍ର ଭଳି ଏଭଳି ଗୋଟିଏ ସଂକେତ ଯନ୍ତ୍ରକୁ ଦେଖାଇବାକୁ ପଡ଼ିବ ଯାହା ସେ ଗାଈ ବୋଲି ମନେ ରଖି ପାରିବ।

ଆମେରିକାର ପେରି ଓ କେଣ୍ଟ ନାମକ ଦୁଇଜଣ ଇଞ୍ଜିନିୟର ଏଭଳି ଗୋଟିଏ ସୂଚନା ଭାଷା ବାହାର କରିଛନ୍ତି। ସେମାନେ ମୂଳ 'ଭାବ'କୁ କେତୋଟି ମୌଳିକ ଭାବରେ ବାଣ୍ଟି ଦେଇଛନ୍ତି। ସେହି ବଣ୍ଟା ହୋଇଥିବା 'ଭାବ' ଗୁଡ଼ିକ ମୌଳିକ ପଦାର୍ଥର ପରମାଣୁ ମୁତାବକ ବଣ୍ଟା ଯାଇଛି। ତେଣୁ ମୌଳିକ ଅବିଭକ୍ତ ଭାବ ଗୁଡ଼ିକ ଭିତରେ ଅଛି ଯନ୍ତ୍ରପାତି, ସୂଚନା, ବାର୍ତ୍ତା ପ୍ରେରଣ, ଉଗ୍ରାଗ୍ର ରୂପ ଇତ୍ୟାଦି। ଏଗୁଡ଼ିକ ହେଉଛନ୍ତି ତାତ୍ପର୍ଯ୍ୟ ବା ଅର୍ଥ। ଏଗୁଡ଼ିକ ଅତି ଛୋଟ ଛୋଟ ଖଣ୍ଡିଏ ଅର୍ଥ। ଅର୍ଥାତ୍ ଏଗୁଡ଼ିକ ଅନ୍ୟ କଥାରେ ଅର୍ଥ-ଅଣୁ। ଉଦାହରଣ ସ୍ୱରୂପ ପେରି ଓ କେଣ୍ଟ ଯନ୍ତ୍ରପାତିର ନାମ ରଖିଛନ୍ତି '[illegible]CH' ବାର୍ତ୍ତାପ୍ରେରଣର ନାମ ରଖିଛନ୍ତି 'TRN' ମନେକରନ୍ତୁ ଆମେ ଗୋଟିଏ 'ଭାବ' ନେଲୁ, ଟେଲିଫୋନ। ଯନ୍ତ୍ରର ଭାଷାରେ ଏହା କିପରି ହେବ।

'ଟେଲିଫୋନ' ଗୋଟିଏ ବିଶେଷ ଯନ୍ତ୍ରବ୍ୟବସ୍ଥା ଯଦ୍ୱାରା ବିଦ୍ୟୁତଶକ୍ତି ସାହାଯ୍ୟରେ ସୂଚନା ପ୍ରେରଣ କରେ । ତେଣୁ ଟେଲିଫୋନ୍‌ର 'ଭାବ' ଭିତରେ ଚାରିଗୋଟି ମୌଳିକ 'ଭାବ' ରହିଛି । ଏକ, 'ଯନ୍ତ୍ରପାତି', ଦୁଇ ବାର୍ତ୍ତା ପ୍ରେରଣ, ତିନ୍ ବିଦ୍ୟୁତଶକ୍ତି ଓ ଚାରି, ସୂଚନା । ଏହି ଚାରିଗୋଟି 'ଭାବ'ର 'ଭାବାର୍ଥ' ବୋଧକ ଯାନ୍ତ୍ରିକ ଶବ୍ଦ ହେଲା M-CH, T-RN, L-CT, D-CN । ତେଣୁ 'ଟେଲିଫୋନ' ଏହି 'ଭାବ'ଟି ବୁଝିବାକୁ ହେଲେ ଏହି ଚାରିଗୋଟି ଯାନ୍ତ୍ରିକ ଶବ୍ଦ ପରସ୍ପର ସହିତ କି ସଂପର୍କ ରଖନ୍ତି ତାହା ବୁଝିବାକୁ ହେବ । ଏହି କୋଡ୍ ସଙ୍କେତ ଗୁଡିକ ଭିତରେ ମଝିରେ ମଝିରେ ଗୋଟିଏ ଶୂନ୍ୟସ୍ଥାନ ପାଇଁ ଯେଉଁ ଗାର କଟା ହୋଇଛି ଏହି ଗାର ଗୁଡିକୁ ଏହି ସଂପର୍କର ସଙ୍କେତରେ ଭରଣା କରିବାକୁ ହେବ । 'ଟେଲିଫୋନ' ହେଉଛି ଶହ ଶହ ବ୍ୟବହୃତ ଯନ୍ତ୍ରପାତି ଭିତରୁ ଗୋଟିଏ ଓ ଏହି ସବୁ ଯନ୍ତ୍ରପାତିକୁ M-CH ରେ ଯାନ୍ତ୍ରିକ ଶବ୍ଦ କରାଯାଇଛି । ଯଦି ଆମେ କହିବାକୁ ଚାହୁଁ ଯେ ଯନ୍ତ୍ରଟି ଅଛି ତେବେ ଆମେ M ଓ CH ମଧ୍ୟରେ ଯେଉଁ ଖାଲି ସ୍ଥାନ ରହିଗଲା ସେଠାରେ ଗୋଟିଏ A ରଖିବୁ । A ର ଆଗମ ହେଲେ ଅର୍ଥ ହେଲା MACH ଅର୍ଥାତ ଗୋଟିଏ ଯନ୍ତ୍ର ଅଛି । ତା'ପରେ ଟେଲିଫୋନ୍ ସୂଚନା ପ୍ରେରଣ ବା ବାର୍ତ୍ତା ପ୍ରେରଣ ପାଇଁ ବ୍ୟବହାର ହୁଏ । ତେଣୁ T-RN ର ଖାଲି ଜାଗାରେ ଆମେ ଗୋଟିଏ V ରଖିବୁ ଅର୍ଥାତ ଯନ୍ତ୍ର ସବୁଟି ବାର୍ତ୍ତା ପ୍ରେରଣ କାର୍ଯ୍ୟ କରେ । ତୃତୀୟ 'ଭାବ'ରେ D-CM ଅର୍ଥାତ୍ ସୂଚନାରେ ଆମେ ଖାଲି ସ୍ଥାନରେ W ଅକ୍ଷରଟି ରଖିବୁ ଅର୍ଥାତ୍ ଆମେ ଯେଉଁ ଭାବଟିକୁ କୋଡ୍‌ର ଯନ୍ତ୍ର ଭାଷାରେ ଢାଳିବୁ ତାହା ଏହି ଧରଣର କାର୍ଯ୍ୟପାଇଁ ବ୍ୟବହାର କରାଯାଇଛି । ଟେଲିଫୋନ ବିଦ୍ୟୁତ ଶକ୍ତି ଦ୍ୱାରା ଚଳେ । ବିଦ୍ୟୁତଶକ୍ତିର 'ଭାବ' ହୋଇ L-CT ଏହାର ଭିତରେ Q ଶବ୍ଦ ଯୋଡ଼ି ଆମେ LQCT କରି ଦେଲେ 'ବିଦ୍ୟୁତଶକ୍ତି ସାହାଯ୍ୟରେ' ବୋଲି ବୁଝାଯିବ ।

ତେଣୁ ସବୁଗୁଡିକ ଭାବର କୋଡ୍ ଭାଷା ବା ଯାନ୍ତ୍ରିକ ଭାଷା ହେଲା DwCM-LQCT MACH-TVRN ଅର୍ଥାତ୍ 'ବିଦ୍ୟୁତଶକ୍ତି ସାହାଯ୍ୟରେ ସୂଚନା ପ୍ରେରଣ କରୁଥିବାର ଯନ୍ତ୍ରପାତି' । ତେଣୁ କୋଡ୍ ବା ଯନ୍ତ୍ର ଭାଷାର ଆମର ସାଧାରଣ ମାତୃଭାଷାରେ ଏହି ଅର୍ଥ ହେବ ।

ଏହି କୋଡ୍ ଭାଷା କେବଳ ତାତ୍ତ୍ୱିକ ଭାବରେ ତିଆରି ହୋଇ ରଖାଯାଇ ନାହିଁ । ଏହା ସୂଚନା ଯନ୍ତ୍ର ଗୁଡିକରେ ବ୍ୟବହାର କରାଗଲାଣି । ପ୍ରଥମେ କୌଣସି ଗୋଟିଏ ଲେଖାର ଏକ ସାଧାରଣ ମୋଟକଥା ତିଆରି କରାଯାଏ । ଏହାର ବିଷୟବସ୍ତୁକୁ ତା'ପରେ ବିଶ୍ଳେଷଣ କରାଯାଏ । ଏଥିର ମୌଳିକ କଣାଗୁଡିକ ଅର୍ଥାତ୍ ମୌଳିକ 'ଭାବ' ଗୁଡ଼ିକ ସଂଗ୍ରହ କରାଯାଏ । ସେମାନଙ୍କୁ କୋଡ୍ ଭାଷାରେ ଲେଖାଯାଏ ଓ ତାହାକୁ ମେସିନର ସ୍ମୃତି-ଭଣ୍ଡାରରେ ପହଞ୍ଚାଇ ଦିଆଯାଏ ।

## ଆଗକୁ କ'ଣ ହେବ

ସୂଚନା ଯନ୍ତ୍ର ଗୁଡିକ କେବଳ ତଥ୍ୟ ବା ସୂଚନାର ଭଣ୍ଡାର ନୁହନ୍ତି । ଏମାନେ ବିଭିନ୍ନ ବିଷୟରେ ଗବେଷକଙ୍କୁ ବିଜୁଳି ବେଗରେ ମାଲମସଲା ଯୋଗାଇବାର ଗ୍ରନ୍ଥାଗାର ନୁହନ୍ତି । ଏମାନଙ୍କ ଦ୍ୱାରା ଏବେ ଆହୁରି ଅଦ୍ଭୁତ ଓ ସୃଜନଶୀଳ କାର୍ଯ୍ୟ କରାଗଲାଣି । ଏମାନେ ଏବେ ନିଜେ ନିଜେ ସ୍ଥିର କରି ପାରିଲେଣି ଯେ ଯେଉଁ ସୂଚନା ସେମାନଙ୍କ ଭିତରେ ଅନୁପ୍ରବିଷ୍ଟ କରାଯାଉଛି ସେଗୁଡିକ ପୁରୁଣା ଜଣାଶୁଣା ତଥ୍ୟ ନା କୌଣସି ନୂତନ ତାଜା ତଥ୍ୟ । ଅର୍ଥାତ୍ ଏ ଯନ୍ତ୍ର ଆପଣାର ସ୍ମୃତି ଭଣ୍ଡାରର ତଥ୍ୟ ସାଙ୍ଗରେ ପରଖି କରି କହିଦେଇ ପାରୁଛି ଯେ ଯାହା ତାକୁ ନୂଆ ବୋଲି ଗିଳାଇଦିଆ ଯାଉଛି ତାହା ନୂଆ ନାଁ ପୁରୁଣା ।

ଯନ୍ତ୍ର ବିଜ୍ଞାନୀମାନଙ୍କର ସାରସ୍ୱତ ଓ କୌଣସି ପ୍ରବନ୍ଧର ମୋଟାମୋଟି ସାରକଥା ଏବେ ଆପଣାର ସ୍ମୃତି ଭଣ୍ଡାରରେ ରଖି ପାରୁଛି । ବୈଜ୍ଞାନିକମାନେ ଏକ ସର୍ବବ୍ୟାପି ସାର୍ବଜନୀନ କୋଡ୍ ତିଆରି କରି ପାରିଲେ ସେ ସବୁ ବିଜ୍ଞାନର ସଂଜ୍ଞା ଗୁଡିକ କଠୋର ଭାବରେ ଓ ଯଥାଯଥ ଭାବରେ ସଂଜ୍ଞାଭୁକ୍ତ ହୋଇପାରିଲେ (ଠିକ୍ ଯେପରି ମିଟର, କିଲୋ, କ୍ୟୁଲମ୍ବ, ଗ୍ରାମ ହୋଇଛି ସେପରି) ଏହି ସୂଚନାଯନ୍ତ୍ରର ଶକ୍ତି ଯେ କୌଣସି ଜ୍ଞାନକୋଷ ସଙ୍ଗେ ସମାନ ବା ଅଧିକା ହୋଇଯିବ । ତେଣିକି ଯନ୍ତ୍ରର ସ୍ମୃତିର ଗନ୍ତାଘରେ ଉପପାଦ୍ୟ, ସୂତ୍ର, ସଂଜ୍ଞା ଅର୍ଥାତ୍ ଏକ କଥାରେ ମନୁଷ୍ୟ ଜ୍ଞାନର ଯାବତୀୟ ବିଷୟ ଆସିଯିବ । କେବଳ ଏତିକିମାତ୍ର ଦେଖିଲେ ହେଲା ଯେ ଏହି ଜ୍ଞାନଗୁଡ଼ିକ କଠୋର ଓ ଠୋକ୍ ଠାକ୍ ଯନ୍ତ୍ର

ଭାଷାରେ ଯନ୍ତ୍ରଭୁକ୍ତ କରି ଦିଆ ହଅଯାଉଛି କି ନାହିଁ ? ଯେଣିକି ପୁରୁଣା କଥା ଗୁଡ଼ିକ ପୁନରୁକ୍ତି କଲେ, କିମ୍ବା କେଉଁ କାହା ଠାରୁ କପି କରି ନୂଆ ବୋଲି ଚଳାଇବାକୁ ଚେଷ୍ଟାକଲେ ବା ଅନ୍ୟମାନଙ୍କର ଲେଖାକୁ ମୌଳିକତା ନଥାଇ ସଂକଳନ କରିଦେଲେ ଯନ୍ତ୍ର ସେଗୁଡ଼ିକ 'ଭକ୍ଷଣ' କରିବ ନାହିଁ, ସେ ଗୁଡ଼ିକ ଯନ୍ତ୍ରଭୁକ୍ତ ହେବ ନାହିଁ । ତାହା ଯନ୍ତ୍ର ନାମଞ୍ଜୁର କରିଦେବ ।

ଆହୁରି ଜଣାପଡ଼ିଲାଣି, ଏହି ସୂଚନା ଯନ୍ତ୍ର କେବଳ ଗୋଟାଏ ନିସ୍ତେଜ ଶବ୍ଦ ଭଣ୍ଡାର ଭଳି ଯାହା ଶୁଣିବ ତାହା ଦେଉଥିବ ଅର୍ଥାତ୍ ଏକ ଜ୍ଞାନର କାମଧେନୁ ହୋଇଥିବ ଏତିକି ନୁହେଁ । ଏହାକୁ ପୁରୁଣା ଓ ଜଣା ଶୁଣା ଜ୍ଞାନକୁ ଗିଳାଇଲେ (ଯାହା ଆଗରୁ ସେ ଥରେ ଗିଳି ସାରିଛି) ତାହା ତ ଗିଳିବ ନାହିଁ । ଏହାବି ତା'ର ସ୍ମୃତି ଭଣ୍ଡାରରେ ଥିବା ଉପସ୍ଥ ବସ୍ତୁରୁ ନୂଆ ଉପସଂହାର ମାନ ଉପହାର ଦେଇପାରିବ । ନୂଆ ନୂଆ ସୂଚନା ସର୍ଜନା କରି ପାରିବ, ନୂଆ ତତ୍ତ୍ୱ, ପ୍ଲାନ ଓ ମଡେଲ ଦେଇ ପାରିବ ଓ ଏପରିକି ଆପଣାର ସ୍ମୃତି ଭଣ୍ଡାରରେ ଥିବା ତଥ୍ୟ ଭିତରୁ ନୂତନ ବୈଜ୍ଞାନିକ ଆଇନ କାନୁନକୁ ମଧ୍ୟ ବାହାର କରି ପାରିବ । କଥାଟା ଅସମ୍ଭବ ମନେ ହେଉଛି ? ତେବେ କ'ଣ ଯନ୍ତ୍ରଟା ମଣିଷ ହୋଇଯିବ ? କଥାଟା ସେପରି ଅସାଧାରଣ ନୁହେଁ । ଯନ୍ତ୍ର ଏବେ ନାନା ସୃଜନଶୀଳ ସମସ୍ୟା ଉପରେ ଆପଣାର କାରସାଦି ଆରମ୍ଭ କଲାଣି । ଯୁକ୍ତରାଷ୍ଟ୍ରରେ ଥିବା ଚୀନା ଯୁକ୍ତିବିଦ୍ ହାଓ ୱାଙ୍ଗ ନିମ୍ନଲିଖିତ ପ୍ରୟୋଗଟି ୧୯୬୭ ମସିହାରେ କରିଥିଲେ । ସେ ଗାଣିତିକ ଯୁକ୍ତି ବିଦ୍ୟାର କେତେକ ଗୁଡ଼ାଏ ମୌଳିକ ସ୍ୱତଃସିଦ୍ଧକୁ ଗୋଟିଏ କଂପ୍ୟୁଟର ଯନ୍ତ୍ରରେ ଭୁଞ୍ଜାଇ ଦେଲେ । କେତେ ସେକଣ୍ଡ ମଧ୍ୟରେ ଯନ୍ତ୍ର ଆପଣା ମନକୁ କେତେଗୁଡ଼ାଏ ଉପପାଦ୍ୟର ପ୍ରମାଣ ବାହାର କରିଦେଲା । ଯେଉଁ ପ୍ରମାଣ ଗୁଡ଼ିକ ରସେଲ ଓ ହ୍ୱାଇଟ ହେଡ୍ ନାମକ ଦୁଇଜଣ ବିଖ୍ୟାତ ବୈଜ୍ଞାନିକଙ୍କର ପ୍ରକାଶିତ ମୌଳିକ ବହି 'ପ୍ରିନ୍‌ସିପିଆ ମାଥେମ୍ୟାଟିକା'ରେ ସନ୍ନିବିଷ୍ଟ ହୋଇଛି । ତାହାଛଡ଼ା ଯନ୍ତ୍ରଟି ନୂଆ ନୂଆ ଉପପାଦ୍ୟର ଗୋଟାଏ ମାଳା ବି ପ୍ରସ୍ତୁତ କରି ଦେଇଥିଲା ।

ଇଂଲ୍ୟାଣ୍ଡ ଓ ସୋଭିଏଟ୍ ରୁଷରେ ଗବେଷକମାନେ ଗୋଟିଏ ଯନ୍ତ୍ର ପାଇଁ କାର୍ଯ୍ୟକ୍ରମ ନିର୍ଦ୍ଧାରଣ କରିଥିଲେ ଯାହା କେବଳ ସ୍ୱତଃସିଦ୍ଧ

ଗୁଡ଼ିକ ଭୁଞ୍ଜିଲେ ସମସ୍ତ ଇଉକ୍ଲିଡ୍ ଜ୍ୟାମିତିର ଉପପାଦ୍ୟଗୁଡ଼ିକ ସହଜରେ ପ୍ରସ୍ତୁତ କରି ପାରିବ । ସତକୁ ସତ ଯନ୍ତ୍ର ଏଗୁଡ଼ିକ ତ ପ୍ରସ୍ତୁତ କରି ଦେଇ ପାରିଲା କିନ୍ତୁ ଆଉ ଗୁଡ଼ିଏ ନୂତନ ଉପପାଦ୍ୟ ବି ପ୍ରସ୍ତୁତ କରିଦେଲା ଯେଉଁଗୁଡ଼ିକ ଗତ ଦୁଇହଜାର ବର୍ଷ କାଳ ଗଣିତଜ୍ଞମାନଙ୍କର ଧାରଣା ଭିତରକୁ ଆସିପାରି ନ ଥିଲା ।

'ସବୁ ମାନସିକ କାର୍ଯ୍ୟକୁ ଯନ୍ତ୍ରଦ୍ୱାରା କର' ଏହା ହେଲାଣି ଏକ କାଳର ଗୋଟାଏ 'ନାରା' ବା ଧ୍ୱନି ଏହା ହେଲେ ହିସାବ-ସମୀକ୍ଷକ, ପରିସଂଖ୍ୟାନ ବିତ୍, ଓ ଗଣିତଜ୍ଞମାନଙ୍କୁ ବହୁକାଳ ସ୍ଥାୟୀ କ୍ଳାନ୍ତକାରୀ ଗଣନିକ କର୍ମ କରିବାରୁ ରିହାତି ମିଳିବ । ଧୀରେ ଧୀରେ ତା' ପରେ ଏହି କଂପ୍ୟୁଟର ଯନ୍ତ୍ର ତାଲିକା ପ୍ରସ୍ତୁତକାରୀ, ଲାଇବ୍ରେରୀ ରକ୍ଷକ, ଅନୁବାଦକମାନଙ୍କର କ୍ଳାନ୍ତିକାରୀ କାର୍ଯ୍ୟକୁ ଲାଘବ କରିବ ଓ ଶେଷରେ ସୃଜନଶୀଳ କାର୍ଯ୍ୟରେ ମଧ୍ୟ ସହାୟ ହେବ ।

## ଯନ୍ତ୍ରର କ୍ଷମତାର ବି ସୀମା ଅଛି

ଏକଥା ସ୍ପଷ୍ଟ ଯେ ଯେଉଁ ବିଷୟ ବସ୍ତୁ ବା 'ଭାବ' ଗୁଡ଼ିକ ସୂତ୍ର ଓ ସଂଖ୍ୟାର ଢାଞ୍ଚାରେ ପଡ଼ିବ ବା ଯେଉଁ ଶବ୍ଦ କୋଡ଼୍‌ରେ ଢଳା ଯାଇ ପାରିବ ସେଗୁଡ଼ିକ କେବଳ ଯନ୍ତ୍ରର ଫର୍ମ ଭିତରେ ଭୁଞ୍ଜା ଯାଇ ପାରିବ । ତାହାକୁହିଁ କଂପ୍ୟୁଟର ତାର ଖାଦ୍ୟ ଭାବରେ ଗ୍ରହଣ କରିବ । ଅଖାଦ୍ୟ ବା ଗୁରୁଣା ପରି ଖାଦ୍ୟ ବା ସୂତ୍ର ଓ ସଂଖ୍ୟାର ଢାଞ୍ଚାର ଅଢ଼ଳା ଖାଦ୍ୟ ଏହା ମୋଟେ ଗ୍ରହଣ କରି ପାରିବ ନାହିଁ ଓ ଏକଥା ସ୍ପଷ୍ଟ ଯେ ଏଭଳି ବୈଜ୍ଞାନିକ ପ୍ରଣାଳୀ ପ୍ରସ୍ତୁତ 'ଖାଦ୍ୟ' ଭୁଞ୍ଜିପାରିଲେ ଯନ୍ତ୍ର ମଣିଷ ଅପେକ୍ଷା ବହୁଗୁଣ ତେଜରେ କାର୍ଯ୍ୟ କରିବ । ତେବେ ସବୁ କଥା କ'ଣ ଉପରୋକ୍ତ ଯାନ୍ତ୍ରିକ ସୂତ୍ର ବା ସଂଖ୍ୟାରେ ପରିଣତ କରିଯାଇ ପାରିବ ? ଏହାର ଉତ୍ତର, ନୁହେଁ ।

ଏବେ ବହୁ କଂପ୍ୟୁଟର ପ୍ରେମୀମାନେ ଦାବୀ କଲେଣି ଯେ କଂପ୍ୟୁଟର ସବୁ ଜ୍ଞାନର ଆକର, ଏକ ବିଶାଳ କାମଧେନୁ ଏକ ସ୍ୱତଃ-ସ୍ଫୂର୍ତ୍ତ ତେଣୁ ତାହାଠାରୁ କିଛି ବଳେଇ ଯିବ ନାହିଁ । ଏମାନଙ୍କର ଏଭଳି ଉତ୍ସାହିତ ଦାବୀର ଅବଶ୍ୟ ଯଥାର୍ଥତା ରହିଛି । କାରଣ ଏଥିପୂର୍ବରୁ ଯନ୍ତ୍ରର କ୍ଷମତା ବିଷୟରେ ଯେ ସନ୍ଦେହ କରିଯାଉଥିଲା ଯନ୍ତ୍ର ଗୋଟି ଗୋଟି

କରି ସନ୍ଦେହ ଗୁଡ଼ିକ ମୋଚନ କରି ଆଗେଇ ଚାଲିଛି । ଏକ ସମୟରେ ଓ୍ୱେନର ନାମକ ଭାଷାତତ୍ତ୍ୱବିତ୍ ଜିଦ ମାରିଥିଲେ ଯେ ଯନ୍ତ୍ର ଗୋଟିଏ ଭାଷାରୁ ଅନ୍ୟ ଭାଷାକୁ ଅନୁବାଦ କରି ପାରିବ ନାହିଁ । କିନ୍ତୁ ଯନ୍ତ୍ର ଏବେ ଅନୁବାଦ କରି ପାରୁଛି । କିନ୍ତୁ ଏକଥା ନିଶ୍ଚିତ; ଯେ ଯନ୍ତ୍ର କେବଳ ଯାନ୍ତ୍ରିକ କାର୍ଯ୍ୟ କରି ପାରିବ । ସୃଜନଶୀଳ କାର୍ଯ୍ୟରେ ଏହା କଦାପି ମଣିଷର ସ୍ଥାନ ଦଖଲ କରିପାରିବ ନାହିଁ ।

ଆଗରୁ କୁହାଯାଇଛି ମଣିଷର ମସ୍ତିଷ୍କର ସୂଚନା ଭଣ୍ଡାରରେ $10^5$-$10^6$ ଯାଏ ସୂଚନା-ଖୁଦକଣା ରହିଛି । ଆଜିର ପ୍ରଯୁକ୍ତି ବିଦ୍ୟା କ୍ଷେତ୍ରରେ ମଣିଷର ମସ୍ତିଷ୍କ ଅପେକ୍ଷା ଆହୁରି ବିଶାଳ ଯାନ୍ତ୍ରିକ ମସ୍ତିଷ୍କ ଅର୍ଥାତ୍ ସୂଚନା ସ୍ମୃତି ଭଣ୍ଡାର ତିଆରି କରାଯାଇ ପାରେ । କିନ୍ତୁ ଏଭଳି ସ୍ମୃତିଭଣ୍ଡାର ହେଲେ ବି ସୃଜନଶୀଳ କାର୍ଯ୍ୟ ହେବ ନାହିଁ । ଯନ୍ତ୍ର ଗୋଟାଏ ବଡ଼ ଧରଣର ଅଭିଧାନ, ବା ବିଶ୍ୱକୋଷ ବା ଜ୍ଞାନ-ରତ୍ନାକର । କିନ୍ତୁ ଜ୍ଞାନ ସାଇତି ରଖିବା ଓ ସେହି ଜ୍ଞାନକୁ କୌଣସି ନବ ନବ ଉନ୍ମେଷ ଶାଳିନୀ ପ୍ରଜ୍ଞାରେ ଖଟେଇବା ତ ସମାନ କଥା ନୁହେଁ । ଏଇ କାର୍ଯ୍ୟରେ ମନୁଷ୍ୟର ଆସନ ନିଶ୍ଚୟ ଯନ୍ତ୍ରର ଊର୍ଦ୍ଧ୍ୱରେ ରହିବ ।

କେହି କହିପାରେ ଜଣେ ମଣିଷ ଆପଣା ସ୍ମୃତି ଭଣ୍ଡାରରେ ଯେତେ ଲେଡ଼ା ଅଲେଡ଼ା ତଥ୍ୟ ସମ୍ପାଦିଛି ତାହା ଭିତରୁ ସୃଜନଶୀଳ ସାଂସ୍କୃତିକ ତଥ୍ୟ ପରିମାଣ ହୁଏତ ଖୁବ ବେଶି ହେଲେ ଦଶଲକ୍ଷ ସୂଚନା-କଣିକା ହେବ । କିନ୍ତୁ ସେ କଥା ତ କଥା ନୁହେଁ । କଥା ହେଲା ଯନ୍ତ୍ର ତା ପାଖରେ ଥିବା ସୂଚନା ଉପରେ ସିନା ମାଲିକ, କିନ୍ତୁ ସେହି ମାଲିକାନା ଏକ ନିର୍ଦ୍ଦିଷ୍ଟ ସୀମା ପର୍ଯ୍ୟନ୍ତ । ସେହି ସୀମା ହେଉଛି ଯନ୍ତ୍ରର ଗତିବିଧିର ଶେଷ ସ୍ଥଳ । ସେହି ସୀମା ପର୍ଯ୍ୟନ୍ତ ଯିବାର ନିୟମକୁ କୁହାଯାଉଛି ଆଲଗୋରିଥମ । ଏହି ଆଲ ଗୋରିଥମ୍‌ରେ ଯନ୍ତ୍ରର ନିଷ୍ପତ୍ତି ବିଧି ନିର୍ଣ୍ଣୀତ ହୋଇଛି । ଏପର୍ଯ୍ୟନ୍ତ କୌଣସି ଯନ୍ତ୍ର ତା'ର ସ୍ମୃତିର ସମସ୍ତ ସ୍ତରକୁ ସ୍ୱସାତକୁ ନେଇ କାର୍ଯ୍ୟକାରୀ ହୁଏ । ଇଂରାଜ ବ୍ୟଙ୍ଗ ବାଗୀଶ ଲେଖକ ଜନାଥନ ସୁଇଫ୍‌ଟ୍ ଆପଣାର ବିଖ୍ୟାତ ଗଲିଭର ଭ୍ରମଣ କାହାଣୀରେ ଲାପୁଟା ଦେଶର ଏକାଡେମୀର ଗୋଟିଏ ବର୍ଣ୍ଣନା ଦେଇଛନ୍ତି । ଏହି ଏକାଡେମୀର ଜଣେ ଅଧ୍ୟାପକ ଏଭଳି ଏକ ଯନ୍ତ୍ର ବାହାର କରିଥିଲେ ଯେ

ସବୁଠାରୁ ଗଣ୍ଡମୂର୍ଖ ବି ସେହି ଯନ୍ତ୍ର ସାହାଯ୍ୟରେ ଦର୍ଶନ କବିତା, ସଙ୍ଗୀତ, ଆଇନ, ଗଣିତ ଓ ଧର୍ମତତ୍ତ୍ୱ ଇତ୍ୟାଦି ବିଷୟରେ ଅନାୟାସରେ ଓ ବିନା ଖର୍ଚ୍ଚରେ ଭଲ ଭଲ ପୋଥି ଲେଖି ପାରିବ । ଏଭଳି ଲେଖିବାକୁ ଉକ୍ତ ଗଣ୍ଡମୂର୍ଖର କୌଣସି ବିଦ୍ୟା ବା ଧୀଶକ୍ତିର ପ୍ରୟୋଜନ ପଡ଼ିବ ନାହିଁ ।

କି ଭଳି ଯନ୍ତ୍ର ସିଏ ? ତାହାର ରହସ୍ୟ ହେଲା ଗୋଟାଏ ବିରାଟ କାଠର ଫର୍ମା ଉପରେ କେତେ ଗୁଡ଼ାଏ କାଠର ବ୍ଲକ୍‌ବୋର୍ଡ଼ ଥିବ । ସେହି ବୋର୍ଡ଼ ସବୁର ଟୁକ୍ ସବୁ ତାରରେ ସଂଯୁକ୍ତ ହୋଇ ଅନେକ ଦେ ଥିବ ଯେଉଁ ଗୁଡ଼ିକର ବିଭିନ୍ନ କାଳ, କାରକ, ଅବସ୍ଥା ଅନୁସାରେ ବିଭିନ୍ନ ରୂପ ବି ସେହି ତାର ସଙ୍ଗେ ଯୋଖା ହୋଇଥିବ । ଯେତେବେଳେ ଏହି ଗଣ୍ଡମୂର୍ଖ ତାଙ୍କ ଗ୍ରନ୍ଥକୁ ସେତେବେଳେ ସେହି ଫର୍ମା ପଛଆଡ଼େ ଚାଳିଶଜଣ ଲୋକ ଚାଳିଶଟି ହାଣ୍ଡିଲ ଚଳାଇବେ ଯେପରିକି ଶବ୍ଦର ବିନ୍ୟାସ ବଦଳିଯିବ । ଏଭଳି ଅନେକ ଥରକୁ ଠେକା ମାରୁ ମାରୁ ତିନି ଚାରି ଥରେ କେତେ ଗୁଡ଼ିଏ ଶବ୍ଦ ଏକାଠି ହୋଇ ଯଦି ଗୋଟାଏ କିଛି ବାକ୍ୟ ହୋଇଗଲା ଅର୍ଥାତ୍ ଅନ୍ତତଃ ପକ୍ଷେ କିଛି ଗୋଟାଏ ଅର୍ଥ ବାହାରି ପଡ଼ିଲା ତେବେ ସେଠାରେ ଟିପାଖାତା ଧରି ବସିଥିବା ନକସିନ୍ଦାମାନେ ସେହି ବାକ୍ୟକୁ ଟିପି ନେବେ । ଗୋଟାଏ ମୋଟା ସୋଟା ବହି ପାଇଁ ମାଲ ମସଲା ଯଥେଷ୍ଟ ହେଲା ଯାଏ ଏଭଳି ଯନ୍ତ୍ରକୁ ଚଳେଇବାକୁ ପଡ଼ିବ ।

ସୁଇଫ୍‌ଟ୍ ସାହେବ ଯେଉଁଭଳି ପଦ୍ଧତି କଥା ସେତେବେଳେ ଉଲ୍ଲେଖ କରି କହିଥିଲେ, ସେହି ପଦ୍ଧତିହିଁ ମୋଟାମୋଟି ଭାବରେ ଯନ୍ତ୍ରର ପଦ୍ଧତି । ଏହି ଭଳି ଆପଣାର ସ୍ମୃତି ଗନ୍ତାଘରେ ଥିବା ବିଭିନ୍ନ ଶବ୍ଦକୁ ଏଠି ସେଠି ଏପାଖ ସେପାଖ କରି ଯନ୍ତ୍ର ଗୋଟାଏ ଅର୍ଥପୂର୍ଣ୍ଣ ବିନ୍ୟାସରେ ପହଞ୍ଚେ । ସାର୍ ଜେମସ୍ ଜିନ୍‌ସ ନାମକ ଇଂରାଜ ଜ୍ୟୋତିର୍ବିତ୍ ଲେଖିଛନ୍ତି ଯେ ଗୋଟିଏ ମାଙ୍କଡ଼ ଗୋଟିଏ ଟାଇପ୍ ମେସିନ୍ ଧରି ଅନ୍ଧାଧୁନ୍ଦିଆ ବାଡ଼େଇଲେ କେତେବେଳେ ହାଁ ଭାଁ ସେକ୍‌ସପିଅରଙ୍କର ଚତୁର୍ଦ୍ଦଶ ପଦୀ କବିତା ଗୁଡ଼ିକ ଅବିକଳ ପାଇଯିବ । ଏହାକୁ 'ଲ ଅଫ୍ ଆଭରେଜ୍' ବା 'ହାରାହାରିର ଆଇନ' ବା 'ସମ୍ଭାବନାର ବିଧି' ବା 'ଲ ଅଫ୍ ପ୍ରୋବାବିଲିଟି' ବୋଲି କୁହାଯାଏ । କିନ୍ତୁ ଏଥିପାଇଁ ମାଙ୍କଡ଼କୁ ଓ ସେହି

ଭଳି କଂପ୍ୟୁଟର ମେସିନ୍‌କୁ ଶହଶହ, ହଜାର ହଜାର, ବୋଧହୁଏ ଲକ୍ଷ ଲକ୍ଷ ବର୍ଷ ଲାଗି ଯାଇ ପାରେ ।

ତାହାଛଡ଼ା ବି ଏଭଳି ସମସ୍ୟାସବୁ ଅଛି ଯେଉଁ ଗୁଡ଼ିକ ମୌଳିକ ଭାବରେ କଂପ୍ୟୁଟର ମେସିନ୍‌ର କ୍ଷମତାର ବହିର୍ଭୂତ । ଗୋଟିଏ ହେଉଛି ଶିଳ୍ପକଳା ଓ ସାହିତ୍ୟକୁ ଅନୁବାଦ କରିବା ପାଇଁ ଯନ୍ତ୍ରଭାଷାରେ ଶିଳ୍ପକଳା ଓ ସାହିତ୍ୟକୁ 'ଭାବାର୍ଥ' ଦେଇ ଭର୍ତ୍ତି କରିବା ଏକ ବିଡ଼ମ୍ବନା । ଆମ୍ଭେମାନେ ଆଗରୁ ଜାଣିଛୁ ଯେ ଯନ୍ତ୍ରର ସୂଚନାଭାଷା ହେଉଛି 'ଭାବ'ର ଭାଷା । ତେଣୁ ଗୋଟିଏ କବିତାକୁ ଅନୁବାଦ କଲାବେଳେ ଯେଉଁ ଛନ୍ଦ ପିନ୍ଧା ଏକମାତ୍ର, ହିତସମ୍ପ୍ରିଆ କଥା ଓ ଶବ୍ଦ ଗୁଡ଼ିକରେ ତାହାକୁ ଢାଳିବ ସେଥିରେ କବିତାର ଆଉ କି କବିତା ପଣ ରହିପିବ ।

ଇଂରାଜୀ ଭାଷାରେ ଅନୁବାଦ କଲାବେଳେ ଆପତ୍ତି କରିଥାଆନ୍ତି ଯେ ଉପେନ୍ଦ୍ର ଭଞ୍ଜଙ୍କର କବିତା ଇଂରାଜୀରେ ଅନୁବାଦ କଲେ ତା'ର ସବୁ ସୌନ୍ଦର୍ଯ୍ୟ ନଷ୍ଟ ହୋଇଯାଏ । ଏହା ତ ହେବାର କଥା, ବିଶେଷତଃ ଉପେନ୍ଦ୍ର ଭଞ୍ଜଙ୍କ କ୍ଷେତ୍ରରେ ତ ହେବାର କଥା କାରଣ ତାଙ୍କର କବିତାର ମୂଳ କବିତା ବା କାବ୍ୟର ସବୁତକ ସୌନ୍ଦର୍ଯ୍ୟ 'କନ୍ଥ ଜାଣିବାରେ' । କାବ୍ୟର ଚିନ୍ତା ବା ଭାବର ଶ୍ରେଣୀତ ହୁଏତ ଅନୁବାଦ ଭିତରେ ଅନ୍ୟଭାଷାକୁ ଯାଇପାରେ । କିନ୍ତୁ 'କନ୍ଥ ଜାଣିବା' ଭାଷଟା ଅନୁବାଦକ ଅନୁଦିତ ଭାଷାରେ ଫୁଟାଇବ କିପରି ? ଅନୁବାଦକ ଜଣେ କବି ହେଲେ ଓ ଅନୁବାଦ ନ କରି କବିତା ଲେଖିଲେ ସିନା ଏକଥା ସମ୍ଭବ ।

ତେଣୁ ଯେ କେହି ଅନୁମାନ କରି ପାରିବେ ସଙ୍ଗୀତର ଭାଷାକୁ ଯନ୍ତ୍ରର ଭାଷାରେ ଢାଳିବା କିପରି ଏକ କିମ୍ଭୂତକିମାକାର ଜିନିଷ ହେବ । ଅନୁବାଦ କହିଲେ ବୁଝାଏ ଯେ ଅର୍ଥର ଅନ୍ୟ ଭାଷା ମାଧ୍ୟମରେ ପ୍ରକାଶ । ବୈଜ୍ଞାନିକ ଲେଖାର, ଆମର ମାମୁଲି କଥିତ ଭାଷାର ଅଥବା ଏକ ଯନ୍ତ୍ର ଭାଷାର ଅର୍ଥ ଯେଉଁ ନିର୍ଦ୍ଦିଷ୍ଟ ଫର୍ମରେ ଲେଖାଯାଏ ତାହା ଉପରେ ନିର୍ଭର କରେ ନାହିଁ । କୋଡ୍‌ରେ ଯାହା ରେକର୍ଡ଼ ହୁଏ ତାହା ଅର୍ଥ ନୁହେଁ । କିନ୍ତୁ ଶିଳ୍ପ କଳାର ପଦାର୍ଥ ସ୍ଥଳରେ ଏହା କୁହା ଯାଇ ନ ପାରେ । ସେଇଠି ଆବରଣ ଓ ଭିତରର ଶାସ, କୋଡ୍ ଓ କଥାବସ୍ତୁ,

'କ'ଣ ଓ କପରି' ଏମାନେ ପରସ୍ପର ସହିତ ଅଭେଦ୍ୟ ଜାଲରେ ଛନ୍ଦାଛନ୍ଦି । ସେମାନଙ୍କୁ ଅଲଗା କରାଯାଇ ନ ପାରେ ବା ଏକ ସଂପୂର୍ଣ୍ଣ ନୂତନ କୋଡ୍‌ରେ ପକାଯାଇ ନ ପାରେ । ତାହା ହେଲେ ବ୍ୟଞ୍ଜନା ବା ଆବେଦନ ପ୍ରଦାନ ବିଫଳ ହୋଇଯିବ । ଏଭଳି ସ୍ଥଳେ ଅର୍ଥର ଅନୁବାଦ ଅସମ୍ଭବ । ଏଠାରେ ଏକମାତ୍ର ସମ୍ଭାବନା ହେଉଛି ସୃଜନଶୀଳ ସ୍ଥାପନ ଅର୍ଥାତ 'ମୌଳିକ ରଚନାର ବିଷୟର ଅନ୍ୟ ଭାଷାରେ ସୌନ୍ଦର୍ଯ୍ୟ ଯୋଗରେ ସମାନ ସମୃଦ୍ଧି ଆନୟନ' ସେତିକି ମାତ୍ର ।

ଫିଟଜ୍ ଜେରାଲଡ୍‌ଙ୍କର ଓମାରଖାୟାମ୍‌ର ଅନୁବାଦ କେବଳ ଅନୁବାଦ ହେଲେ ତାହା ଏତେ ଶୋଭାକାର ହୋଇ ନ ଥାନ୍ତା । ଅଥବା ଜଣେ ଚିତ୍ରକରଙ୍କର ଚିତ୍ରାଙ୍କନ ବା ଜଣେ ଲେଖକଙ୍କର କାହାଣୀ କେବଳ ରେଖା ବା ଅଙ୍କନ ନୁହେଁ ଅଥବା କେବଳ ଲିଖିତ ଅକ୍ଷର ନୁହେଁ ତାହା ଏକ ପୁନଃସର୍ଜନା ।

## କବିତା ଏହାର ଊର୍ଦ୍ଧ୍ୱରେ

ତେଣୁ ଯନ୍ତ୍ର କେବେ କବିତା ଲେଖିପାରିବ ନାହିଁ, ବା କବିତାର ଅନୁବାଦ ଭଳି ଅନୁବାଦ କରି ପାରିବ ନାହିଁ । କାରଣ ଯନ୍ତ୍ରର ଭାଷା କେବଳ ବିଜ୍ଞାନର ଭାଷାକୁ ଯାହା କଠୋର ଓ ଦ୍ୱିଧାହୀନ ସେହି ଭାଷାକୁ ହିଁ ଆପଣାର ଦଖଲରେ ନେଇ ପାରେ ।

ଭାଷା ହେଉଛି ବହୁଧା-କଳା-ନିପୁଣ, ଏହା ସର୍ବସଗାମୀ, ଏହା ବିଚିତ୍ର । ଏହା ସେହିପରି ଭାବରେ ବିବର୍ତ୍ତନ ସ୍ରୋତରେ ଆସିଛି । କାରଣ ଆମର ଚଉଦିଗରେ ଥିବା ବାସ୍ତବ ଦୁନିଆ ପ୍ରତିନିୟତ ପରିବର୍ତ୍ତନର ସ୍ରୋତରେ ବହିଚାଲିଛି ଓ ଗ୍ରିକ ଦାର୍ଶନିକ ହେଟୋରେଡ଼କ୍‌ସଙ୍କର କହିବା ଭଳି "ଆମେ ସେଇ ସମାନ ନଦୀରେ ଦୁଇଥର ପଶି ପାରିବା ନାହିଁ ।" ଗୋଟିଏ ସୂଚନା ଭାଷା ଗଢ଼ିଦେବା ସହଜ କିନ୍ତୁ ଗୋଟିଏ ଜୀବନ୍ତ ଭାଷାର ସବୁତକ ବୈଶିଷ୍ଟ୍ୟକୁ ଯନ୍ତ୍ରର ସଙ୍କେତ ବା କୋଡରେ ଧରାଇବା ବହୁ ଆୟାସ ସାଧ୍ୟ, ଅସମ୍ଭବ । ସୂଚନା ଭାଷା ଉଚ୍ଛ୍ୱାସ ଓ ଶୈଳୀର ଚମତ୍କାରିତାର ଧାର ଧାରେ ନାହିଁ । ଉଦାହରଣ ସ୍ୱରୂପ ନାରୀ, ଲଳନା, ରମଣୀ, ସୁନ୍ଦରୀ, ମହିଳା, ମଦାଳସୀ, ଯୋଷା ଇତ୍ୟାଦି ସବୁ ଶବ୍ଦ ପାଇଁ

ଯନ୍ତ୍ରର ଗୋଟିଏ ମାତ୍ର ପ୍ରତିକ୍ରିୟା । ଏହି ସବୁ ଶବ୍ଦକୁ ଅର୍ଥର କୋଡ଼ରେ ଗୋଟିଏ ଯନ୍ତ୍ରଶବ୍ଦ ଦ୍ୱାରା ବୁଝାଇ ଦିଆଯାଏ ଯାହାର ଅର୍ଥ ହୁଏ ମନୁଷ୍ୟ ଗୋଷ୍ଠିର ଏକ ନିର୍ଦ୍ଦିଷ୍ଟ ବସ୍ତୁ—ସ୍ତ୍ରୀ ଲିଙ୍ଗ—ସେତିକି ମାତ୍ର !

ଏବେ ଯନ୍ତ୍ର ଅନୁବାଦ ପାଇଁ ଖୁବ୍ ତନାଘନା ଗବେଷଣା ଚାଲିଛି । ଆମେରିକା, ରୁଷିଆ, ଜର୍ମାନି ଓ ଫ୍ରାନ୍ସରେ ଏଥିପାଇଁ ଗବେଷକମାନେ ଲାଗି ପଡ଼ିଛନ୍ତି । ସେମାନଙ୍କର ଆଶା ଓ ଉଦ୍ଦେଶ୍ୟ ବିଭିନ୍ନ ଭାଷାଗତ ଓ ଶୈଳୀଗତ ପ୍ରତିବନ୍ଧକ ଦୂରକରିବା ଭଳି ଏକ ଯନ୍ତ୍ର ତିଆରି କରିବେ ଯାହା ଗୋଟିଏ ସ୍ୱାଭାବିକ ଭାଷାରୁ ଆଉ ଗୋଟିଏ ଭାଷାକୁ ଯେ କୌଣସି ବିଷୟ ବସ୍ତୁକୁ ଭାଷାନ୍ତର କରି ପାରିବ । ଯେପରି ଆଜି ସହଜରେ ଯେ କୌଣସି ବିଜ୍ଞାନର ଭାଷାରୁ ଅନ୍ୟ ବିଜ୍ଞାନର ଭାଷାକୁ ଭାଷାନ୍ତର କରାଯାଇ ପାରୁଛି ।

କିନ୍ତୁ ମନୁଷ୍ୟ ସମାଜର ଏଭଳି ମାଧ୍ୟମ ଅଛି ଯାହା ଯନ୍ତ୍ରର ହାତରେ କେବେ ଆପଣାକୁ ସମର୍ପି ଦେଇ ପାରିବ ନାହିଁ । ସେହି ମାଧ୍ୟମ ହେଲା କବିତା, ସଙ୍ଗୀତ ଓ ଚିତ୍ରଶିଳ୍ପ । ଏଗୁଡ଼ିକ ସବୁକାଳେ ଅଯାନ୍ତ୍ରିକ ହୋଇ ରହିବେ । ଏଇଠି ମନୁଷ୍ୟର ରାଜତ୍ୱ ନିର୍ବାଧରେ ଚାଲିବ ।

———

# ଏକ ବିଶ୍ୱ ଭାଷା ?

[ ଗୋଟିଏ ବିଶ୍ୱ ଭାଷା କ'ଣ ସମ୍ଭବ ? ବିପ୍ଳବୀ ଲେନିନ ମନେ କରୁଥିଲେ ଯେ ସୁଦୂର ଭବିଷ୍ୟତରେ ସାରା ସଂସାର ଯେତେବେଳେ ଗୋଟିଏ ମନୁଷ୍ୟ ଗୋଷ୍ଠୀରେ ପରିଣତ ହୋଇଯିବ, ସେତେବେଳେ ଜଣେ ରୁଷ୍‌ବାସୀ ଜଣେ ଜାପାନୀ ସହିତ, ବା ଜଣେ ଓଡ଼ିଆ, ଜଣେ ତୁର୍କୀ ସହିତ ଗୋଟିଏ ଭାଷାରେ କଥା କହିବ । ସେ ଭାଷା ଆଜିର କୌଣସି ଭାଷା ନୁହେଁ । ନୁହେଁ ଇଂରାଜୀ, ଫରାସୀ, ହିନ୍ଦି ବା ଚୀନା ଭାଷା । ସେ ଭାଷା ହେବ ବିଶ୍ୱ ଭାଷା । ତାହାହେବ ଏକ ସ୍ୱାଭାବିକ ଭାଷା । କୌଣସି କୃତ୍ରିମ ଭାଷା ନୁହେଁ ।

ଲେନିନଙ୍କର ଏ ଉକ୍ତି ଥିଲା ବିଜ୍ଞାନୀର ଉକ୍ତି । ଏହା କେବଳ ସ୍ୱପ୍ନ ବିଳାସନ ଥିଲା । ଅବଶ୍ୟ ଭାଷାକୁ କେହି ଅର୍ଡର ଦେଇ ପାରେ ନାହିଁ । ଭାଷାର ସ୍ରୋତ କେବେ ଯାଇ ବିରାଟ ବିଶ୍ୱଭାଷା-ସାଗରରେ ମିଶିବ ତାହା ଲେନିନ କହି ନାହାନ୍ତି । କହି ପାରନ୍ତେ ନାହିଁ । କେହି କହି ପାରିବେ ନାହିଁ ।

ତଥାପି ବହୁ କଳ୍ପନା ବିଳାସ ସାଧକ ସାରା ସଂସାର ପାଇଁ ଗୋଟିଏ କୃତ୍ରିମ ଭାଷା ତିଆରି କରିବାକୁ ନାନା ଉଦ୍ୟମ କରିଛନ୍ତି । ଏ ଉଦ୍ୟମ ଆଜିର ନୁହେଁ । ଏହା ହଜାର ହଜାର ବର୍ଷତଳର ଉଦ୍ୟମ ଏ ଉଦ୍ୟମର କୌଣସି ଫଳ ହୋଇନାହିଁ । କାରଣ ଏ ଉଦ୍ୟମ କେବଳ କଳ୍ପନା । ଏହା ସମୁଦ୍ର ତରଙ୍ଗକୁ ଶାସନ କରିବା ଭଳି ଉଦ୍ୟମ ତେଣୁ ଏହା ବ୍ୟର୍ଥ ହେବାକୁ ବାଧ୍ୟ ।

ଆଧୁନିକ ଭାଷାତତ୍ତ୍ୱବିଦ୍‌ମାନେ ଏ ବିଷୟରେ ବି ସନ୍ଦେହ ପ୍ରକାଶ କରିଛନ୍ତି । ]

## କାହାଣୀଟି ମିଛ କିନ୍ତୁ......

ବାଇବେଲରେ ଅଛି ଯେ ଏକ ସମୟରେ ପୃଥିବୀରେ ସମସ୍ତେ ଗୋଟିଏ ଭାଷାରେ କଥା କହୁଥିଲେ । ମନୁଷ୍ୟ ଜାତିର ଏକରକମ ଭାଷା ଥିଲା । କିନ୍ତୁ ଲୋକେ ଭଗବାନଙ୍କୁ ମାନିଲେ ନାହିଁ । ସେମାନେ ସ୍ୱର୍ଗକୁ ଲାଗିଲାଭଳି ଗୋଟିଏ ଗମ୍ବୁଜ ତିଆରି କରିବେ ବୋଲି ଜିଦ୍ଧରି ନେଲେ । ଭଗବାନ ଶଙ୍କିଗଲେ । ତାଙ୍କର ଭୟ ହେଲା ଯେ ଗୋଟିଏ ଭାଷାରେ କଥା

କହିବା ମଣିଷମାନେ ତ ସହଜରେ ଏକଯୋଟ ହୋଇଯାଇ ପାରିବେ ଆଉ ଯାହା ଇଚ୍ଛା ତାହା କରି ପାରିବେ । ତେଣୁ ସେ ଗମ୍ବୁଜ ବନାଣୀ ମାନଙ୍କର ଭାଷାକୁ ଅଲଗା ଅଲଗା କରିଦେଲେ । କେହି କାହା କଥା ବୁଝି ପାରିଲେ ନାହିଁ । ତେଣୁ ସ୍ୱର୍ଗକୁ ଆଉ ଗମ୍ବୁଜ ଗଢ଼ା ହୋଇ ପାରିଲା ନାହିଁ ।

ଗଳ୍ପଟି ପିଲାଳିଆ ଗପ, ତେବେ ଏଥିରେ ସତ୍ୟର କଣିକା ରହିଛି । ଲୋକେ ଏକାଠି ହେଲେ, ଅସାଧ୍ୟ ସାଧନ କରି ପାରନ୍ତି । ଭାଷା ହେଉଛି ଲୋକଙ୍କୁ ଏକାଠି କରିବାର ଏକ ମସ୍ତବଡ଼ ହତିଆର । ତେଣୁ ଭାଷାକୁ ଅଲଗା ଅଲଗା କରିଦିଅ, ଲୋକଙ୍କ ଭିତରେ ସହଯୋଗ ଭାଙ୍ଗିଯିବ ।

ଏବେ ମନୁଷ୍ୟର ଗମ୍ବୁଜ ଗଢ଼ା ବାକି ରହିଛି । ତେବେ ବି ମଣିଷ ଆକାଶ ଭିତରେ ପଶିଲାଣି, ମନୁଷ୍ୟ ଜାତିର ମହାଶୂନ୍ୟଯାତ୍ରୀମାନେ ଏ ବିଶ୍ୱ ସର୍ଜନାର ଗହ୍ୱର ଭିତରେ ଯାଇ ପହଞ୍ଚି ସାରିଲେଣି ଓ ସେମାନେ ଆହୁରି ଗହ୍ୱରରୁ ଗହ୍ୱରକୁ ଯିବା ଲାଗି ଯୋଜନା ବାନ୍ଧିଛନ୍ତି । ତେବେ ବି ବିଶ୍ୱର ଏକ ସାର୍ବଜନୀନ ଭାଷାର ଅଭାବ ରହିଛି । ବରଂ ଆକାଶକୁ ଛୁଇଁବା ସହଜ, ମହାଶୂନ୍ୟରେ ଉଡ଼ିବା ସହଜ କିନ୍ତୁ ଏହି ପୃଥିବୀର ବାସିନ୍ଦା ସଭିଙ୍କ ପାଇଁ ଗୋଟିଏ ଭାଷା ତିଆରି କରିବା ସହଜ ନୁହେଁ ।

ଏହାର କାରଣ କ'ଣ ହୋଇ ପାରେ ? ଫ୍ରାନ୍ସର ମହାନ୍ ଦାର୍ଶନିକ ଭୋଲ୍ଟେୟାର କହିଥିଲେ "ଭାଷାର ବିଭିନ୍ନତା ହେଉଛି ମନୁଷ୍ୟ ଜାତି ପାଇଁ ଏକ ଚରମ ଦୁର୍ଭାଗ୍ୟ" । କାର୍ଲମାର୍କସ ବଞ୍ଚିଥିଲା ବେଳେ ପ୍ରଥମ ଆନ୍ତର୍ଜାତିକର ପହିଲି ସମ୍ମିଳନୀରେ ଗୋଟିଏ ପ୍ରସ୍ତାବ ପାଶ ହୋଇଥିଲା । ଉକ୍ତ ପ୍ରସ୍ତାବରେ କୁହାଯାଇଥିଲା, "ଏକ ବିଶ୍ୱଭାଷା ବିଶ୍ୱ ପାଇଁ ଏକ ମହା ବରଦାନ ହୁଅନ୍ତା ଓ ପୃଥିବୀର ଜାତିମାନଙ୍କର ଏକତା ଓ ଭ୍ରାତୃତ୍ୱ ଗଢ଼ିବା ଦିଗରେ କେତେ ସାହାଯ୍ୟ କରନ୍ତା" । ବେଶ୍ କଥା ତ ! ତେବେ ଏହି ସମସ୍ୟାର ସମାଧାନ ନ ହୋଇ ପାରିଲା କାହିଁକି ?

ପ୍ରଥମେ ବୁଝିଯାଉ, ଏକ ବିଶ୍ୱ ଭାଷା ବୋଲି କହିଲେ ଆମେ କ'ଣ ବୁଝୁ ? ଏହା କ'ଣ ଗୋଟାଏ କାଯତା ମୂଳକ ବିଶ୍ୱଭାଷା ନା ଏହା

ଗୋଟାଏ ମିଶ୍ରି ମିଶ୍ରିକଆ ଭାଷା ଅର୍ଥାତ୍ ସବୁ ମାତୃଭାଷା ଏକାବେଳକେ ଲୋପ ହୋଇ ଗୋଟିଏ ବିଶ୍ୱ ଭାଷାରେ ଏକାକାର ହୋଇଯିବ ନା ମାତୃଭାଷାସବୁ ସେମିତି ଥିବ ଆଉ କାମ ଚଳାଇବାପାଇଁ ଗୋଟାଏ ମିଶ୍ରି ମିଶ୍ରିକଆ ଭାଷା ଉଦ୍ଭବ ଯାହାକୁ କୁହାଯିବ 'ଯୋଗସୂତ୍ର ଭାଷା' ଯାହା ସବୁ ଭାଷାରୁ କିଛି କିଛି ସାଧାରଣ ଶବ୍ଦ ନେଇ ତିଆରି ହେବ ?

ଆମର ମାତୃଭାଷା ଆମର ସ୍ୱର । ଯିଏ କହିଛନ୍ତି 'ମାତୃଭୂମି ମାତୃଭାଷା ଚଉଦ୍ଭେ ଜନନୀ' ସେ ଠିକ୍ ବ୍ୟବହାରିକ ସତ୍ୟ କଥାଟି କହିଛନ୍ତି । ଆମେ ବିଦେଶୀ ଲୋକଙ୍କ ସଙ୍ଗେ କଥା କହିବାକୁ ହେଲେ ଆମକୁ ଘର ଛାଡ଼ିବାକୁ ହେବ । ଅର୍ଥାତ୍ ମାତୃଭାଷାର ଆଶ୍ରୟ ନେଲେ ଚଳିବ ନାହିଁ । ତେବେ ପୃଥିବୀର ସବୁ ଜାତିଙ୍କ ଲାଗି କ'ଣ ଗୋଟାଏ କୃତ୍ରିମ ଭାଷା ତିଆରି ହୋଇ ପାରିବ ? ତେବେ ଏହା କିପରି ହେବ ?

କିନ୍ତୁ ବିଜ୍ଞାନର ଦୃଢ଼ମତ ଯେ ମାତୃଭାଷା ହେଉଛି ଭାବ ଆଦାନ ପ୍ରଦାନର ଅବିଚ୍ଛେଦ୍ୟ ମାଧ୍ୟମ । ତାହା ନିଜ ଭିତରେ ହେଉ ବା ବିଦେଶୀଙ୍କ ସାଥୀରେ ହେଉ, ଏହା ଜାତିର ଇତିହାସ ଓ ସଂସ୍କୃତି ସହିତ ନିବିଡ଼ ଭାବରେ ଜଡ଼ିତ । ତେଣୁ ଏଭଳି ମାତୃଭାଷାକୁ କୌଣସି 'ଅନ୍ତ-ଭାଷା' ଦ୍ୱାରା ବା କୌଣସି ପ୍ରକାର କୃତ୍ରିମ ଭାଷା ଦ୍ୱାରା ସ୍ଥାନଚ୍ୟୁତ କରାଯାଇ ପାରିବ ନାହିଁ ।

ତେଣୁ ଏକ ବିଶ୍ୱଭାଷା କଥା ଚିନ୍ତାକଲାବେଳେ ଗୋଟାଏ 'ଅନ୍ତ-ଭାଷା' କଳ୍ପନା ହେଉଛି ମିଛ । ଆମର ସବୁଠାରୁ ସହଜ ଚିନ୍ତା ହେଉଛି ଗୋଟାଏ ସହାୟକ ମଧ୍ୟବର୍ତ୍ତୀଭାଷା ଯାହା ଜାଣିଥିଲେ ଆମେ ବିଦେଶୀଙ୍କ ସାଙ୍ଗରେ କଥାଭାଷା ହୋଇପାରିବା, ଏତିକି ମାତ୍ର ।

## ଜୀବନ୍ତ ସର୍ବଜନ ଭାଷା

ବହୁ ଯୁଗରୁ ବିଭିନ୍ନ ଭାଷା ଭାଷୀଙ୍କ ଭିତରେ ଯୋଗସୂତ୍ର ପାଇଁ ଗୋଟିଏ ଭାଷା ଚଳି ଆସୁଛି ।

ଆଦିମ ଉପଜାତିମାନେ ଏଥିପାଇଁ ଠାର ଭାଷା ବ୍ୟବହାର କରୁଥିଲେ । ଏ ଭିତରୁ କେତେ ଉପଜାତି ଲୋପ ପାଇଗଲେଣି କେତେକ

ଏବେ ବି ତିଷ୍ଠି ରହିଛନ୍ତି । ଅଷ୍ଟ୍ରେଲିଆ, ବୁଶମ୍ୟାନ ଓ ପପୁଆର ଆଦିବାସୀଙ୍କ ଭିତରେ ଏବେ ବି ଠାର ଭାଷା ଚଳୁଛି ।

ଉତ୍ତର ଆମେରିକାର ପ୍ରେଆରୀ ତୃଣଭୂମିରେ ବସବାସ କରିଥିବା ଲୋହିତ 'ଭାରତୀୟ' ମାନଙ୍କ ଭିତରେ ଇଙ୍ଗିତ ବା ଠାର ଭାଷା ଖୁବ୍ ପ୍ରଚଳନ ଥିଲା । ଏହି ଅଞ୍ଚଳରେ ବହୁ ରକମର ଉପଜାତି ଥିଲେ । ସେମାନଙ୍କ ଭିତରେ ସଦାସର୍ବଦା ବନ୍ଧୁତା ବା ଶତ୍ରୁତାର ସଂପର୍କ ଲାଗିଆସିଛି । ତେଣୁ ସେମାନେ ପରସ୍ପରର ଭାବ ଆଦାନ ପ୍ରଦାନ ପାଇଁ ଠାର ଭାଷା ବ୍ୟବହାର କରୁଥିଲେ । ତେଣୁ ସେମାନଙ୍କ ଭିତରେ ଠାର ଭାଷା ବେଶ୍ ପାକଳ ହୋଇଥିଲା । ଏହି ଭାଷା କାନାଡ଼ା ଠାରୁ ଟେକ୍ସାସ୍ ଯାଏ ସବୁ ଲୋହିତ ଭାରତୀୟ ଉପଜାତିମାନେ ବୁଝୁଥିଲେ । ଏହି ଭାଷାରେ ସରଳ ପ୍ରଶ୍ନ ଓ ସରଳ ଉତ୍ତର ଠାରୁ ଆରମ୍ଭ କରି ଯାବତୀୟ ସନ୍ଧିବିଗ୍ରହ, କଳିତକରାଳର ମୀମାଂସା ଚଳୁଥିଲା । ଏହି ଠାରରେ ପାରିଧୀ ଗପ, ପୁରାଣ କାହାଣୀ ଇତ୍ୟାଦି ବି ହୋଇ ପାରୁଥିଲା ।

ସ୍ୱଭାବତଃ ଏହି ଠାର ଭାଷାର ଧ୍ୱନି ଭାଷା ସଙ୍ଗେ କୌଣସି ବିବାଦ ନଥିଲା । ସେମାନେ ଆପଣା ଉପଜାତି ଗୋଷ୍ଠିରେ ଧ୍ୱନି ଭାଷାରେ କଥାଭାଷା ହେଉଥିଲେ, ଓ ଭିନ୍ନ ଗୋଷ୍ଠ ବା ଉପଜାତି ଲୋକ ସଙ୍ଗେ ଠାରରେ କଥା ଭାଷା ହେଉଥିଲେ । ଏବେ ବି ବିହାର ଓ ଓଡ଼ିଶାର ହୋ, ମୁଣ୍ଡା ସେମାନଙ୍କର ଧ୍ୱନି ଭାଷାକୁ ଠାର ବୋଲି କହନ୍ତି । ତେଣୁ ସେତେବେଳେ ଠାର ଭାଷା ଥିଲା ଏକ ସହାୟକ ଭାଷା । ସଭ୍ୟତା ବିକାଶର ଉଚ୍ଚ ସ୍ତରରେ ମାତୃଭାଷାର ସହାୟ ଭାବରେ ଧ୍ୱନି ଭାଷା ପ୍ରଚଳନ ହେବାର ଦେଖିବାକୁ ମିଳିଲା ।

ଆଦିମ ଲୋକେ ତ ଚତୁର୍ଦ୍ଦିଗରେ ଅନ୍ୟ ଗୋଷ୍ଠ ବା ଉପଜାତିର ଲୋକଙ୍କ ଘେର ଭିତରେ ରହୁଥିଲେ । ସେତେବେଳେ ସେମାନଙ୍କ ଭିତରେ ସହଯୋଗ ନ ଥିଲା । ବରଂ ପ୍ରତିଯୋଗିତା ଓ ଶତ୍ରୁତା ଥିଲା । ତେଣୁ ଏକ ସାଧାରଣ ଧ୍ୱନି ଭାଷାର ସେତେ ଲୋଡ଼ା ନ ଥିଲା । କିନ୍ତୁ ପୃଥିବୀରେ ଯେତେବେଳେ ଗୋଲାମ ବା କିଣା-ଦାସ ସମାଜ ପ୍ରବର୍ତ୍ତିତ ହୋଇଗଲା ସେତେବେଳେ ଅଞ୍ଚଳ ଅଞ୍ଚଳରେ ଏକ ସାଧାରଣ ଭାଷାର ଲୋଡ଼ା

ପଡ଼ିଲା । ବିଶେଷତଃ ଯେତେବେଳେ ପ୍ରବଳପ୍ରତାପୀ ରାଜ୍ୟେଶ୍ୱରମାନେ ଶତ ଶତ ବିଭିନ୍ନ ଉପଜାତି ଜାତିମାନଙ୍କୁ ଆପଣାର ବଶତା ଭିତରକୁ ଆଣିଲେ ସେତେବେଳେ ଆଉ ତ କଥା ନାହିଁ । ଗୋଟାଏ ଭାଷା ଦରକାର ଯାହା ବଣିକ, ପର୍ଯ୍ୟଟକ, ରାଷ୍ଟ୍ରମାନଙ୍କ, ଶାସକ, ପ୍ରଜା ଇତ୍ୟାଦି ସଭିଙ୍କ ପାଇଁ ଚଳିବ ।

ବିଜିତ ଲୋକଙ୍କ ପାଇଁ ବିଜୟୀ ଲୋକର କେତେକ ସନ୍ତର୍ପଣ ନ ଥାଏ । ତେଣୁ ବିଜୟୀମାନେ ସିଧାସଳଖ ଆପଣା ଭାଷାକୁ ଜବରଦସ୍ତ ବିଜିତମାନଙ୍କ ଉପରେ ଚୃଲୁ କରିଦେଲେ । ଅଶୋକର ଅନେକ ରାଜତନ୍ତ୍ରୀ ରାଜୁତିରେ ରାଷ୍ଟ୍ରର, ଆଇନକାନୁନର ଓ ସରକାରୀ ହୁକୁମନାମାର ଦଲିଲ ରାଜାର ଭାଷାରେ ଘୋଷଣା ହେଲା ଓ ରାଜାର ଭାଷାରେ ଲିପିବଦ୍ଧ ହୋଇ ରହିଲା । ତେଣୁ ଏକ ନୂଆ ନାମ ବାହାରିଲା 'ରାଜଭାଷା' ।

ତେଣୁ କେତେ କେତେ ବଡ଼ ବଡ଼ ସାମ୍ରାଜ୍ୟର ଅଧୀଶ୍ୱରମାନଙ୍କର ଭାଷା 'ରାଜଭାଷା' ହେଲା ଓ ଆନ୍ତର୍ଜାତିକ ଭାଷାର ଆସନ ନେଲା । ଯେଭଳି ରୋମାନ, ଇଂରାଜୀ, ଫାରସୀ, ଇତ୍ୟାଦି । ଏହା ଛଡ଼ା ବି ମହାନ୍ ସର୍ବବ୍ୟାପୀ ସଂସ୍କୃତ ବା ଧର୍ମ ପ୍ରଚାରର ଭାଷା ବି ଏଭଳି ଆନ୍ତର୍ଜାତିକ ବ୍ୟାପ୍ତି ଲାଭ କଲା । ଏଭଳି ଭାବରେ ସଂସ୍କୃତ, ଭାରତରେ ଏକ ସାଧାରଣ ଭାଷା ଭାବରେ ପ୍ରସିଦ୍ଧ ହେଲା । ଏପରିକି ଉତ୍ତର ଭାରତରେ ଯେଉଁ ଭାଷାମାନେ ସଂସ୍କୃତରୁ ଜନ୍ମ ଓ ତେଣୁ ସଂସ୍କୃତଜ ସମଗୋତ୍ରୀୟ ସେହି ଭାଷାଭାଷୀମାନଙ୍କ ଭିତରେ କେବଳ ନୁହେଁ ଦକ୍ଷିଣ ଭାରତର ଦ୍ରାବିଡ଼ମାନେ ଯେଉଁମାନଙ୍କର ଭାଷାର କୌଣସି ମତେ ସଂସ୍କୃତ ସଙ୍ଗେ ସଂପର୍କ ନ ଥିଲା ସେମାନଙ୍କ ଭିତରେ ବି ଓ ଜାଭଦ୍ୱୀପର ବାସିନ୍ଦାମାନଙ୍କ ମଧ୍ୟରେ ବି ସଂସ୍କୃତ ଭାଷାର ପ୍ରଚଳନ ହୋଇଗଲା ।

ଆଉ ଏକ ଭାରତୀୟ ଭାଷା, ପାଲି ବା ପଲ୍ଲୀ ବୁଦ୍ଧଧର୍ମ ଗ୍ରନ୍ଥ ଲେଖା ହେବାଠାରୁ ବ୍ୟବହାରରେ ଲାଗୁଥିଲା । ତାହା ବର୍ମା, ଥାଇଲ୍ୟାଣ୍ଡ ଓ କାମ୍ବୋଡ଼ିଆର ସାଧାରଣ ଭାଷା ଭାବରେ ଦେଖା ଦେଲା (ଅବଶ୍ୟ ତିବ୍ବତ, ମଙ୍ଗୋଲିଆ ଓ ସୁଦୂର ପ୍ରାଚ୍ୟର ଭାଷା ପାଲି ନ ଥିଲା । କାରଣ ଉତ୍ତରାଞ୍ଚଳର ବୌଦ୍ଧଧର୍ମ ଦକ୍ଷିଣାଞ୍ଚଳର ବୌଦ୍ଧ ଧର୍ମ ଠାରୁ ଅଲଗା ଥିଲା)

ସେହିଭଳି ଆରବୀ ଭାଷା ମହମ୍ମଦଙ୍କର ଭାଷା ଓ ମୁସଲମାନ ଧର୍ମଗ୍ରନ୍ଥ କୋରାନ୍‌ର ଭାଷା ହୋଇଥିବାରୁ ତାହା ସାରା ମୁସଲମାନ ଦୁନିଆର ଆନ୍ତର୍ଜାତିକ ଭାଷା ଭାବରେ ପ୍ରତିଷ୍ଠିତ ହେଲା । ଅବଶ୍ୟ ଏକଥା ନୁହେଁ ଯେ ଯେଉଁ ମୁସଲମାନ ଧର୍ମାବଲମ୍ବୀ ଦେଶରେ ଆରବୀ ଭାଷା ଚଳିଲା ସେହି ଦେଶ ଭିତରୁ ସବୁଠିକ ଆରବୀୟ ରାଜତ୍ୱ ଚାଲି ଆସିଥିଲା, (ଯଥା କେନ୍ଦ୍ର ଓ ପଶ୍ଚିମ ଆଫ୍ରିକା ଓ ଇଣ୍ଡୋନେସିଆ) । ପୁରୁଣା ସ୍ଲାଭ ଭାଷା ରୁଷୀୟ, ବୁଲଗେରିଆ, ସର୍ବିୟମାନଙ୍କର ସାଧାରଣ ଭାଷା ହୋଇଥିଲା । ଏପରିକି ରୁମାନିଆ ଭାଷା ଲାଟିନର ସମଗୋତ୍ରୀ ହୋଇଥିଲେ ବି ଭୌଗୋଳିକ କାରଣରୁ ରୁମାନିଆ ଦେଶରେ ସ୍ଲାଭ ଭାଷାର ପ୍ରଚଳନ ହୋଇଥିଲା । ସାମ୍ରାଜ୍ୟ, ଧର୍ମ ଓ ସଂସ୍କୃତି କେଉଁଠି କେଉଁଠି ଉଭାନ ହୋଇଗଲାଣି । କିନ୍ତୁ ତଥାପି ଇତିହାସରେ ଉଦାହରଣ ରହିଛି ଯେ ଭାଷା ସାମ୍ରାଜ୍ୟ ଓ ଧର୍ମ ଓ ସଂସ୍କୃତିର ଅନ୍ତର୍ଦ୍ଧାନ ପରେ ବି ତିଷ୍ଠିଛି ଓ ବହୁ ଦେଶରେ ବହୁ କାଳ ଯାଏ ସୌଦାଗର, ବଣିକ, ପର୍ଯ୍ୟଟକ ଓ ଏପରିକି ପଣ୍ଡିତ ଓ ଲେଖକ କୁଳର ଆଦର ଲଭି ଆସିଛି । ଏକଥା ଲାଟିନ କ୍ଷେତ୍ରରେ ଘଟିଥିଲା । ରୋମାନ୍ ସାମ୍ରାଜ୍ୟ ଇଉରୋପରେ ଲାଟିନ୍‌କୁ ପ୍ରତିଷ୍ଠା କରାଇଥିଲା । କିନ୍ତୁ ରୋମାନ ସାମ୍ରାଜ୍ୟର ଅବସାନର ଏକହଜାର ବର୍ଷ ପରେ ବି ଲାଟିନ ଇଉରୋପରେ ଆନ୍ତର୍ଜାତିକ ଭାଷା ଭାବରେ ଚାଲୁଥିଲା ।

ରୋମାନ୍ ସାମ୍ରାଜ୍ୟରେ ଲାଟିନ ଥିଲା ଉଭୟ ରାଜ-ଭାଷା ଓ ସଂସ୍କୃତିର ଭାଷା ଓ ପରେ ଧର୍ମ-ଭାଷା ବା ଦେବ-ଭାଷା ବି ହୋଇଗଲା । ରୋମ ଦ୍ୱାରା ପଦାନତ ଲୋକମାନଙ୍କର ଉଚ୍ଚଶ୍ରେଣୀ ଲୋକେ ରାଜାନୁଗତ ଭାବରେ ବିଜୟୀମାନଙ୍କର ଭାଷାକୁ ଗ୍ରହଣ କରି ନେଇଥିଲେ । ତା' ପରେ ରୋମାନ୍ ସାମ୍ରାଜ୍ୟ ଲୁଡେଇ ହୋଇପଡ଼ିଲା । ଜର୍ମାନ ଓ ଅନ୍ୟାନ୍ୟ ଉପଜାତି ମାନଙ୍କର ଅଭ୍ୟୁଦୟରେ ଏହା ଖଣ୍ଡ ଖଣ୍ଡ ହୋଇଗଲା । ନୂଆ ନୂଆ ରାଜ୍ୟମାନେ ଦେଖାଦେଲେ ଓ ନୂଆ ନୂଆ ଭାଷା ସବୁ ବିଭିନ୍ନ ଉପଜାତିର ଭାଷାର ସଂଯୋଗ ବା ମୂଳ ଭାଷାର ବିଯୋଗ ଫଳରେ ଜନ୍ମ ହେଲେ । ସେତେବେଳେ ଲାଟିନ୍ କୌଣସି ଅଞ୍ଚଳର ଲୋକମୁଖ ଭାଷା ଭାବରେ ଆଉ ତିଷ୍ଠି ପାରିଲା ନାହିଁ । କିନ୍ତୁ ଏହା ଉନ୍ନତ ସାଂସ୍କୃତିକ ସଂପର୍କର ମାଧ୍ୟମ ରୂପେ ରହିଲା । ଇଉରୋପର ମଧ୍ୟଯୁଗୀୟ ସମ୍ରାଟ ଓ ରାଜନ୍ୟବର୍ଗ

ଯଥା ମହାନ୍ ଚାର୍ଲସ୍ (ଚାର୍ଲମେନ୍) ଏହାକୁ ସାଂସ୍କୃତିକ ସଂପର୍କର ଭାଷା ଭାବରେ ଅଧ୍ୟୟନ କଲେ ଓ ବ୍ୟବହାର ମଧ୍ୟ କଲେ । ଗିର୍ଜାରେ ଈଶ୍ୱର ଉପାସନା ଲାଟିନରେ ଚାଲିଲା । ବିଭିନ୍ନ ମଠବାଡ଼ିରେ ଲାଟିନ ଚର୍ଚ୍ଚା ଚେତନଆନ ଭାବରେ ରହିଥିଲା । ଧାର୍ମିକ ଲୋକେ, ପଣ୍ଡିତ ଗୋଷ୍ଠୀ ଓ ଦାର୍ଶନିକ ଖୁବ ଏକ କଥାରେ ମଧ୍ୟଯୁଗର ଇଉରୋପର ସକଳ ସଂସ୍କୃତିବନ୍ତ ଲୋକେ ଲାଟିନ ଭାଷା ବ୍ୟବହାର କରୁଥିଲେ ।

ହେଲେ, ମଧ୍ୟଯୁଗ ଶେଷ ହେବାକୁ ବସିଲା, ଓ ତାହା ସଙ୍ଗେ ସଙ୍ଗେ ଲାଟିନର ଗୁରୁତ୍ୱ ବି ତୁଟିଗଲା । ତାହା ଆଉ ସଂସ୍କୃତିର ଭାଷା ହୋଇ ରହିଲା ନାହିଁ । ଦାନ୍ତେ, ଚସର, ସରଭେଣ୍ଟେସ୍ ଓ ସେକ୍ସପିଅର ଆପଣା ଆପଣାର ଗ୍ରନ୍ଥ ମାତୃଭାଷାରେ ଲେଖିବା ଆରମ୍ଭ କଲେ । ଲାଟିନ ଏକ ମଲା ଭାଷାରେ ପରିଣତ ହୋଇଗଲା । ଅଳ୍ପ କାଳ ଭିତରେ ଲାଟିନ ବିଦ୍ୟାର୍ଥୀମାନଙ୍କର ଆନ୍ତର୍ଜାତିକ ଭାଷାର ତୁଙ୍ଗ ସ୍ଥାନରୁ ଓହ୍ଲାଇ ଆସିଲା ।

ଅଷ୍ଟାଦଶ ଶତାବ୍ଦିରେ ରୋମାନ୍ ସାମ୍ରାଜ୍ୟର ବିଲୟର ତେର ଶହ ବର୍ଷ ପରେ ଲାଟିନ ଭାଷା ପୁରାପୁରି ବିଲୀନ ହୋଇଗଲା । ଲାଟିନ ଭାଷାର ବିଲୋପ ବେଳକୁ ପ୍ରାୟ ଆରବୀ ଭାଷାର ବି ବିଲୟ ଘଟିଲା । ଆରବୀ ଭାଷା ଥିଲା ପଣ୍ଡିତମାନଙ୍କର ଗବେଷଣା ପୋଥିର ଭାଷା, କବି ଓ ସଂସ୍କୃତିବନ୍ତ ଲୋକଙ୍କର ଭାଷା । ଏହି ଭାଷା ବି ବାଣିଜ୍ୟ କାରବାରରେ ଚଳୁଥିଲା । ପ୍ରଶାନ୍ତ ମହାସାଗରର ଫିଲିପାଇନ ଠାରୁ ଆଟଲାଣ୍ଟିକ ମହାସାଗର ଯାଏ କେନ୍ଦ୍ର ଏସିଆ ଓ କେନ୍ଦ୍ର ଆଫ୍ରିକାରେ ଆରବୀ ଭାଷା ଥିଲା ସଂସ୍କୃତିର ବାହନ, ବାଣିଜ୍ୟବ୍ୟବସାୟର ଅବଲମ୍ବନ, ସନ୍ଧି-ବିଗ୍ରହ, ରାଷ୍ଟ୍ର ଓ ଆନ୍ତର୍ଜାତି ସଂପର୍କର ଭାଷା । ଏହାଥିଲା ପଶ୍ଚିମ ଏସିଆ ଓ ଆଫ୍ରିକାର ଲାଟିନ୍ ।

ଜାତୀୟ ଚେତନାର ଅଭିବୃଦ୍ଧି ଓ ଜାତୀୟତାର ବିକାଶ ଫଳରେ ଆରବୀ ଆପଣାର ଆନ୍ତର୍ଜାତିକ ଭାଷାର ସିଂହାସନରୁ ତଳକୁ ଖସି ପଡ଼ିଲା । ଇଉରୋପର ଲାଟିନ ପରି ଆଫ୍ରିକା ଓ ଏସିଆର 'ଲାଟିନ' ଏକ

ସମୟରେ ଅଚଳ ହୋଇଗଲା । ଏହାର କାରଣ ଥିଲା, ସାମାଜିକ । ଭାଷାଗତ ନୁହେଁ ।

ଭାରତୀୟ ପ୍ରଜାତନ୍ତ୍ରରେ ଏପର୍ଯ୍ୟନ୍ତ ଇଂରାଜୀ ଥିଲା ସରକାରୀ ରାଷ୍ଟ୍ର ଭାଷା । ହିନ୍ଦୀ ବି ତା ସାଙ୍ଗରେ ଚଳୁଥିଲା । ଏବେ ବି ଭାରତର ହଜାର ହଜାର ବୋଲି ଓ ଡଜନ୍ ଡଜନ୍ ଭାଷା ମେଳରେ ଇଂରାଜୀ ଏକ ସାଧାରଣ ଭାଷା ଭାବରେ ତିଷ୍ଠିଛି । ଏହାର ଆଉ ଏକ ବଡ଼ କାରଣ ହେଲା ଦକ୍ଷିଣ ଭାରତର ଚାରୋଟି ଭାଷା ତାମିଲ, ତେଲୁଗୁ, କନ୍ନଡ ଓ ମାଲାୟାଲମ ଉତ୍ତର ଭାରତୀୟ ଭାଷାମାନଙ୍କ ସହିତ କୌଣସି ଭାବରେ ସମଗୋତ୍ରୀୟ ନୁହନ୍ତି । ୧୯୬୫ ସାଲରୁ ହିନ୍ଦୀକୁ ଭାରତର ସରକାରୀ ରାଷ୍ଟ୍ର ଭାଷା ବୋଲି ଘୋଷଣା କରାଗଲାଣି । ତଥାପି ଇଂରାଜୀ ତିଷ୍ଠିଛି ।

ଭାରତର ଆଉ ଗୋଟିଏ ଭାଷା ଅଢ଼େଇ ହଜାର ବର୍ଷ ହେଲା ତିଷ୍ଠିଛି, ତାହା ଲାଟିନ୍ ବା ଆରବୀ ଭଳି ଏକ ଆନ୍ତର୍ଜାତୀୟ ଭାଷାର ଖ୍ୟାତି ଲାଭ ନ ଥିଲେ ବି ଏକ ସମୃଦ୍ଧ ଭାଷା ବୋଲି ପ୍ରସିଦ୍ଧ ଥିଲା । ତାହା ଏବେ ମୃତ ପ୍ରାୟ ତଥାପି ଲାଟିନ ଓ ଆରବୀ ଅପେକ୍ଷା ତା'ର ଭାରତୀୟ କ୍ଷେତ୍ରରେ ଆସନ ଅଦ୍ଭୁତ ଉଚ୍ଚରେ । ସେହି ଭାଷାର ନାମ ସଂସ୍କୃତ ।

## ଅଧା କୃତ୍ରିମ ଭାଷା

ଅନ୍ଧାର ଆଦିମ ଯୁଗର ଜଣାଶୁଣା ସମାଜରେ ପୁରୋହିତମାନେ ସଂସ୍କୃତିର ବାହକ ଥିଲେ ଓ ଭାଷାର ପରମ୍ପରା ରକ୍ଷା କରୁଥିଲେ । ପୁରାତନ ମିସର ଓ ବାବିଲୋନିଆର ଏହା ଥିଲା ଘଟଣା ଏହା ହିଁ ଥିଲା ଆସିରିଆ ଓ ପ୍ରାଚୀନ ଭାରତର ଚଳଣି ।

ଚାରି ହଜାର ବର୍ଷ ପୂର୍ବେ ହିନ୍ଦୋ—ଆର୍ଯ୍ୟ ନାମକ ଏକ ଜାତି ସିନ୍ଧୁ ନଦୀର ଉପତ୍ୟକାରେ ଯାଇ ପହଞ୍ଚିଥିଲେ । ସେମାନେ ଯେଉଁ ଭାଷା ସେତେବେଳେ କହୁଥିଲେ, ତାହାକୁ ବିଦେଶୀମାନେ କହୁଛନ୍ତି ହିନ୍ଦକ୍ । ତାହା ଥିଲା ଗିର୍ବାଣ ନାମକ ଏକ ଭାଷା । ତାହାପରେ ଏହି ଭାରତୀୟ ଆର୍ଯ୍ୟମାନେ ଗଙ୍ଗା ନଦୀର ଉପତ୍ୟକା ଜୟ କଲେ ଓ ସାରା ହିନ୍ଦୁସ୍ଥାନରେ ସେମାନଙ୍କର ଭାଷ ବ୍ୟାପି ଗଲା । ଏହି ଭାଷାଟି ତାହାପରେ କେତେଗୁଡ଼ିଏ ଉପଭାଷା ବା ବୋଲିରେ ବିଭକ୍ତ ହୋଇଗଲା ।

ଏହି ପୁରୁଣା ଗୀର୍ବାଣ ବୈଦିକ ଭାଷାରୁ ଅନେକ ଗୁଡ଼ିଏ ପ୍ରାକୃତ ଭାଷାର ଜନ୍ମ ହେଲା । ଦକ୍ଷିଣ ପଶ୍ଚିମରେ ମହାରାଷ୍ଟ୍ରି ପ୍ରାକୃତ ହେଲା, ପୂର୍ବରେ ହେଲା ମାଗଧୀ, ମଧ୍ୟ ଭାଗରେ ହେଲା ଶୌରସେନୀ, ଓ ଉତ୍ତରରେ ହେଲା ପୈଶାଚୀ, ଦକ୍ଷିଣ ଭାରତରେ ଦ୍ରାବିଡ଼ମାନେ ଓ କେନ୍ଦ୍ର ଅଞ୍ଚଳରେ ମୁଣ୍ଡାମାନେ ରହୁଥିଲେ । ଏମାନେ ଉଭୟେ ଭାରତର ଆଦିମ ବାସିନ୍ଦା ଥିଲେ । ଆର୍ଯ୍ୟମାନେ ଭାରତରେ ପହଞ୍ଚିବା ପୂର୍ବରୁ ଏମାନେ ଭାରତରେ ଏକ ବିଶାଳ ସଭ୍ୟତା ଗଢ଼ି ସାରିଥିଲେ । ଏମାନେ ସେତେବେଳେ ଭାରତୀୟ ଆର୍ଯ୍ୟମାନଙ୍କ ଠାରୁ ସ୍ୱତନ୍ତ୍ର ଅଲଗା ଅନେକ ଗୁଡ଼ିଏ ଭାଷାରେ କଥାବାର୍ତ୍ତା କରୁଥିଲେ । ଏବେ ବି ସେହି ଭାଷା ଗୁଡ଼ିକ ଜୀବନ୍ତ ଅଛି ।

ତେଣୁ ଏଭଳି ଭାବରେ ଦେଶରେ ବହୁତ ଭାଷାର ପ୍ରଚଳନ ଥିଲା । ତେଣୁ ଗୋଟିଏ ମାତ୍ର ଲିଖିତ ଭାଷା ମାଧ୍ୟମରେ ଏହି ବହୁ ଭାଷା-ଭାଷୀଙ୍କୁ ଏକ ସୂତ୍ରରେ ବାନ୍ଧିବା ପାଇଁ ଉଦ୍ୟମ ହୋଇଥିଲା ।

ଏଭଳି ଏକ ଭାଷା ତିଆରି ହେଲା, ଏହାର ନାମ ହେଲା ସଂସ୍କୃତ । ଏହି ଭାଷା ଏଥି ପୂର୍ବରୁ ବହୁ ଦଶନ୍ଧି ହେବ ବିଭିନ୍ନ ପଣ୍ଡିତ-ମାନଙ୍କ ଉଦ୍ୟମରେ ତିଆରି ହେଉଥିଲା । ଏହି ପଣ୍ଡିତମାନଙ୍କ ଭିତରେ ସବୁଠାରୁ ପ୍ରସିଦ୍ଧ ଥିଲେ ପାଣିନି । ସେ ଖ୍ରୀଷ୍ଟପୂର୍ବ ୫ ଶତାବ୍ଦିରେ ଆଜକୁ ଅଢ଼େଇ ହଜାର ବର୍ଷ ତଳେ ଏହି ଭାଷାର ବ୍ୟାକରଣ ତିଆରି କରି-ଥିଲେ ।

ପାଣିନିଙ୍କର ବ୍ୟାକରଣ ଥିଲା ଏକ ଅଦ୍ଭୁତ ସର୍ଜନା । ଆଜିର ସ୍କୁଲ କଲେଜର ଭାଷା ବ୍ୟାକରଣ ସହିତ ତାହାର ତୁଳନା ନାହିଁ । କିନ୍ତୁ ଯେ କୌଣସି ଗାଣିତିକ ଯୁକ୍ତିବାଦ୍ ବା ଗାଣିତିକ ଭାଷା ତତ୍ତ୍ୱବିଦ ପାଣିନିଙ୍କର ବ୍ୟାକରଣ ଭିତରେ ଅନେକ ଗୁଡ଼ିଏ ଅଭିନବ ଜିନିଷ ପାଇବ କାରଣ ପାଣିନିଙ୍କର ବ୍ୟାକରଣ ହେଉଛି ଭାଷାତତ୍ତ୍ୱର ଇତିହାସରେ ସର୍ବପ୍ରଥମ ଭାଷାର ଏକ ଅବୟବ ଅଧ୍ୟୟନ । ପାଣିନିଙ୍କର ବ୍ୟାକରଣରେ ମୋଟରେ ପ୍ରାୟ ଚାରିହଜାର ଶ୍ଲୋକ ଅଛି । ସେ ସଂସ୍କୃତ ଭାଷାର ଅଙ୍ଗଅବୟବର ବର୍ଣ୍ଣନା ଏଭଳି ଶ୍ରେଷ୍ଠ ଶ୍ଳୋକରେ ସଂକ୍ଷିପ୍ତ ସାରରେ ନ୍ୟସ୍ତ କରିଛନ୍ତି ଯେ ତାହା ପଢ଼ିଲେ ମନେ ହେବ ଯେପରି ଗଣିତର ସୂତ୍ର ଗୁଡ଼ିକ ଲେଖା ହୋଇଛି ।

ପ୍ରାଚୀନ ଭାରତୀୟ ବୈଦିକ ଭାଷାରେ ହିନ୍ଦୁ ଧର୍ମ ଶାସ୍ତ୍ର ବେଦଗୁଡ଼ିକ ଲେଖା ଯାଇଥିଲା । ଏହି ବୈଦିକ ଭାଷାହିଁ ସଂସ୍କୃତର ଆଦିମୂଳ । ତେବେ, ଯେ କୌଣସି ଜୀବନ୍ତ ଭାଷା ଭଳି ବେଦର ଭାଷାରେ ନାନା ପ୍ରକାରର ପ୍ରଭେଦ ଥିଲା ଓ ସେଗୁଡ଼ିକ ପ୍ରାଚୀନ ଭାରତର ବିଭିନ୍ନ ଉପଭାଷା ମାନଙ୍କରୁ ଆସିଥିଲା । ବହୁ ଲୁପ୍ତ ଶବ୍ଦର ରୂପ ସହିତ ବହୁ ତତ୍କାଳ ପ୍ରଚଳିତ ଶବ୍ଦ ସେହି ବୈଦିକ ଶାସ୍ତ୍ରରେ ଏକାଠି ଆସନ ଯାକି ବସିଥିଲେ । ଏ କଥା କହିଲେ ଭୁଲ ହେବ ନାହିଁ ଯେ ବେଦର ଲେଖାଗୁଡ଼ିକ ଥିଲା ଅସଂସ୍କୃତ ଅଚଞ୍ଚି ଭାଷାରେ ଲେଖା । ଏଥିରେ ଏକ ସାହିତ୍ୟିକ ଲିଖିତ ଭାଷାର ଶୃଙ୍ଖଳା ଓ ନିୟମିତତା ଅଭାବ ଥିଲା । ପ୍ରାଚୀନ ପଣ୍ଡିତମାନେ ବେଦର ଲେଖାରୁ ଏହି ଅନିୟମଗୁଡ଼ିକ ବାଛି ତାକୁ ଶୃଙ୍ଖଳାରେ ପକାଇବାକୁ ଚେଷ୍ଟା କରିଥିଲେ ।

ଅଳ୍ପକାଳ ଭିତରେ ସଂସ୍କୃତ ଭାରତର ସଂସ୍କୃତିର ଭାଷାରେ ପରିଣତ ହେଲା । ଦୁଇ ହଜାର ବର୍ଷ ଯାଏ ଏହାହିଁ ମହାନ୍ ଭାରତୀୟ କବି, ନାଟ୍ୟକାର, ଦାର୍ଶନିକ ଓ ନ୍ୟାୟିକମାନଙ୍କର ସାହିତ୍ୟିକ ମାଧ୍ୟମ ହୋଇଥିଲା । ଦୁଇ ହଜାର ବର୍ଷ ଯାଏ ଏଣେ ସଂସ୍କୃତର ଅଭ୍ୟୁଦୟ ଚାଲିଥାଏ ତେଣେ ଭାରତୀୟ ଆର୍ଯ୍ୟମାନଙ୍କର ପୁରାତନ ଭାଷା ଖଣ୍ଡ ବିଖଣ୍ଡ ହୋଇ ଉପଭାଷାରେ ଓ ଶେଷରେ ବିଭିନ୍ନ ଶାଖା ପ୍ରଶାଖା ମେଲି ସ୍ୱତନ୍ତ୍ର ଭାବରେ ନୂତନ ସାହିତ୍ୟ ଓ ନୂତନ ଆତ୍ମମୁଖ୍ୟରେ ଦେଖା ଦେଲେ । ତେଣୁ ଗୋଟିଏ ପଟେ ସଂସ୍କୃତ ରହିଲା ଓ ଅନ୍ୟ ପଟରେ ଏହି ଜୀବନ୍ତ ଲୋକ ମୁଖର ଭାଷା ବଢ଼ିଲେ । ସଂସ୍କୃତ ରହିଲା ଏକ ଆନ୍ତର୍ଜାତିକ ଭାଷା ଓ ସଂସ୍କୃତିର ଭାଷା ଭାବରେ, ଓ ତାହା ଠିକ୍ ଲାଟିନ ବା ଆରବୀ ଭାଷାର ଭୂମିକା ଗ୍ରହଣ କଲା ।

୧୯୫୧ ମସିହାର ଭାରତୀୟ ଜନଗଣନାରେ ୫୫୫ ଜଣ ଭାରତୀୟ ସଂସ୍କୃତକୁ ଆପଣାର ମାତୃଭାଷା ବୋଲି ଦରଜ କରାଇଥିଲେ ଏହା ବୋଧହୁଏ ଏକ ଅତିଶୟୋକ୍ତି । କାରଣ ସଂସ୍କୃତ ଭାରତର କୌଣସି ଜନ ସଂଖ୍ୟାର ମାତୃଭାଷା ନୁହେଁ । ୧୯୬୧ ଓ ୧୯୭୧ରେ ଏହି ୫୫୫ ଜଣ ଭାରତୀୟ ବଢ଼ିଛନ୍ତି କି କମିଛନ୍ତି ତାହା ଏପର୍ଯ୍ୟନ୍ତ ଜଣାପଡ଼ି ନାହିଁ । ତଥାପି ଆଜି ଯେ ସଂସ୍କୃତ ଭାରତରେ ସାହିତ୍ୟ ଓ ବିଜ୍ଞାନର ଭାଷା ରୂପେ

ଗୃହୀତ ହୋଇଛି ଏକଥା ସତ୍ୟ । ପ୍ରାଚୀନ ମହାକାବ୍ୟ ଠାରୁ ଆରମ୍ଭ କରି ଆଧୁନିକ ଗୋଏନ୍ଦା କାହାଣୀ ପର୍ଯ୍ୟନ୍ତ ଏସବୁ ସଂସ୍କୃତରେ ଲେଖାଯାଇଛି । ସଂସ୍କୃତକୁ ଏବେବି ପଣ୍ଡିତମାନେ ବୈଜ୍ଞାନିକ, ନିବନ୍ଧ, ଖବରକାଗଜ, ମାସିକପତ୍ର ଇତ୍ୟାଦିର ଭାଷା ଭାବରେ ବ୍ୟବହାର କରୁଛନ୍ତି । ଭାରତର ଶହଶହ ଭାଷା କ୍ଷେତ୍ରରେ ସଂସ୍କୃତ ହେଉଛି ଆଧୁନିକ ରାଜନୈତିକ, ବୈଜ୍ଞାନିକ ଓ ବୈଷୟିକ ବିଦ୍ୟା ସମ୍ପର୍କିତ ସବୁ ଶବ୍ଦର ଭଣ୍ଡାର । ଏବେବି ଭାରତର ସଂବିଧାନ ଏକ ବିଶେଷ ଅନୁଚ୍ଛେଦରେ ଅଢ଼େଇ ହଜାର ବର୍ଷ ତଳର ଏହି ଭାଷାର ମହତ୍ତ୍ୱକୁ ସ୍ପଷ୍ଟଭାବରେ ସ୍ୱୀକାର କରିଛି ।

ପାଣିନି ଓ ଅନ୍ୟାନ୍ୟ ବୈୟାକରଣିକମାନେ ସଂସ୍କୃତଭାଷାକୁ ତିଆରି କରିଥିଲେ (ବରଂ ନିର୍ଭୁଲ ଭାବରେ କହିଲେ) ପୁନର୍ଗଠିତ କରିଥିଲେ । ଠିକ୍ ସେହିପରି ବା ପ୍ରାୟ ସେହିପରି ୯ମ ଶତାବ୍ଦୀରେ ସିରିଲ ଓ ମେଥୋଡ଼ିୟସ୍ ସ୍ଲାଭ ଭାଷାକୁ ପୁନର୍ଗଠିତ କରିଥିଲେ । ସେମାନେ ସ୍ଲାଭ ଭାଷାର ଲିପି ବାହାର କରିଥିଲେ ଓ ଖ୍ରୀଷ୍ଟିଆନ ଧର୍ମପୁସ୍ତକ ଗୁଡ଼ିକୁ ସ୍ଲାଭ ଭାଷାରେ ଅନୁବାଦ କରୁଥିଲେ । (ଏକଥା ବି ସ୍ମରଣୀୟ ଯେ ଏହି ଲେଖା ଗୁଡିକରେ ଗୁଣବାଚକ ଶବ୍ଦ ବହୁତ ଥିଲା ଯାହା ସେ କାଳର ସ୍ଲାଭ ଜାତିର ଲୋକମାନଙ୍କ ପାଇଁ ବିଲକୁଲ ଅଜଣା ଶବ୍ଦ ଥିଲା)

ବହୁକାଳ ଯାଏ ପୁରୁଣା ସ୍ଲାଭୋନିକ୍ ବା ଗିର୍ଜାସ୍ଲାଭୋନିକ ଭାଷା କଂଭେ-ରୁଷ ବୁଲଗେରୀୟ ଓ ସର୍ବିୟ ମାନଙ୍କର ସଂସ୍କୃତିର ଭାଷା ଥିଲା । ଏହି ସ୍ଲାଭ ଭାଷା ରୁଷ ରାଷ୍ଟ୍ର ଗଠନରେ ଏକ ପ୍ରଧାନ ଭୂମିକା ଗ୍ରହଣ କରିଥିଲା । ତା'ପରେ ରୁଷ, ବାଇଲୋରୁଷ, ଇଉକ୍ରେନୀୟ, ସର୍ବୀୟ, ବୁଲଗେରୀୟ ଭାଷାସବୁ ତିଆରି ହେଲାରୁ ପୁରୁଣା ସ୍ଲାଭୋନିକ ଭାଷା ଆଉ ସାହିତ୍ୟ ସଂସ୍କୃତିର ଭାଷା ହୋଇ ରହିଲା ନାହିଁ । ଆଜି ଏହି ଭାଷା କେବଳ ସେହି ଅଞ୍ଚଳର ଧର୍ମର 'ଭାଷା' "ଅରଥୋଡ଼କ୍ସ ଚର୍ଚ୍ଚର ଭାଷା" ରୂପେ ରହିଛି ଠିକ୍ ଯେପରି ଲାଟିନ କ୍ୟାଥଲିକ ଧର୍ମର ଭାଷା ରୂପେ ରହିଛି । ତେବେ ସାଧାରଣ ଲୋକଙ୍କ ସହିତ ମିଶୁଥିବା ପାଦ୍ରିମାନେ ସ୍ଥାନୀୟ ମାତୃଭାଷାରେ କାମ ଚଳାଇବା ଆହୁରି ସଙ୍ଗତ ମନେ କରୁଛନ୍ତି ।

ଉଭୟ ସଂସ୍କୃତ ଓ ପୁରୁଣା ସ୍ଲାଭୋନିକ ସାହିତ୍ୟିକ ଭାଷାଙ୍କର କର୍ମଭୂମି ଥିଲା ସାଂସ୍କୃତିକ ଭାବରେ ଐକ୍ୟବଦ୍ଧ ଅଞ୍ଚଳ ଉତ୍ତର ଭାରତରୁ

ଭାରତୀୟ ଆର୍ଯ୍ୟ ଓ ଦକ୍ଷିଣର ଦ୍ରାବିଡ଼ ଭାଷା କ୍ଷେତ୍ରରେ ପରସ୍ପର ଠାରୁ ଭିନ୍ନ ଥିଲେ କିନ୍ତୁ ସେମାନେ ଏକ ସାଧାରଣ ଭାରତୀୟ ସଂସ୍କୃତି ସୂତ୍ରରେ ପରସ୍ପର ସହିତ ବନ୍ଧା ହୋଇ ଥିଲେ । ସେମାନଙ୍କର ସେହି ଏକା ବେଦ, ଏକା ପୁରାଣ ଓ ଏକ ପ୍ରକାର ଚାଲିଚଳଣି ଥିଲା । ତେଣୁ ସଂସ୍କୃତ ଭାରତୀୟ ଆର୍ଯ୍ୟ ଓ ଦ୍ରାବିଡ଼ ଭିତରେ କଥା ଭାଷାର ମାଧ୍ୟମ ରୂପେ କାର୍ଯ୍ୟ କରିବାରେ କିଛି ବାଧକ ନ ଥିଲା । ଠିକ୍ ସେପରି ପୁରୁଣା ସ୍ଲାଭୋନିକ ଭାଷା ପ୍ରାଚୀନ ରୁଷ, ବୁଲଗେରୀୟ, ସର୍ବୀୟ ଓ ରୁମାନୀୟ ମାନଙ୍କ ଭିତରେ ଆଦାନ ପ୍ରଦାନର ଭାଷା ହୋଇ ପାରିଥିଲା କାରଣ ଏହି ସମସ୍ତ ଭାଷାଭାଷୀ 'ଅର୍ଥୋଡ଼କ୍ସ ଚର୍ଚ୍ଚ' ଭଳି ତତ୍କାଳୀନ ଏକ ସାଂସ୍କୃତିକ ଶକ୍ତିର ବନ୍ଧନରେ ଏକତ୍ର ହୋଇଥିଲେ । ତେବେ ଯେଉଁ ଭାଷାଭାଷୀମାନେ ବିଭିନ୍ନ ସଭ୍ୟତା କୋଳରେ ବଢ଼ିଛନ୍ତି ସେମାନଙ୍କ ପାଇଁ ତ ସଂସ୍କୃତ ବା ସ୍ଲାଭୋନିକର ମଡ଼େଲ ଖଟିବ ନାହିଁ । ଯଥା ଆରବ ଓ ଇଟାଲୀୟ, ଇଂରାଜ ଓ ଚୀନା, ଇଉରୋପୀୟ ଓ ଅଫ୍ରିକୀୟ । ଏଇଠି ଭାଷା କେବଳ ଭିନ୍ନ ଭିନ୍ନ ନୁହେଁ ଏଇ କ୍ଷେତ୍ରରେ ଆଚାର, ବିଶ୍ୱାସ, ସଂସ୍କୃତିକ ପରମ୍ପରା ଓ ଚଳଣି ସବୁ ତ ଭିନ୍ନ ଭିନ୍ନ । ତଥାପି ବାଣିଜ୍ୟ କାରବାର ତ ଚାଲିବ ଓ ଏମାନଙ୍କ ଭିତରେ ଆଦାନ ପ୍ରଦାନ ତ ହେବ, ଏଭଳି ସ୍ଥଳେ ଦୋଭାଷୀ, ବା ଦ୍ୱିଭାଷୀଙ୍କ ଦ୍ୱାରା ତ କାମ ସବୁବେଳେ ଚାଲିବ ନାହିଁ । ତେଣୁ ଗୋଟିଏ କୃତ୍ରିମ ଅନ୍ତର୍ଜାତିକ ଭାଷା ଲୋଡ଼ା ପଡ଼ୁଛି ।

## ତୁମେ, ମୁଁ, ଆମେ, କିଣିବା, ବିକିବା !

ଏଭଳି କୃତ୍ରିମ ଭାଷାଟିଏ ତିଆରି କରିବାର ଉଦ୍ୟମ ଆରମ୍ଭ ହେବା ପୂର୍ବରୁ ଏହି ଆଦାନ ପ୍ରଦାନ ପାଇଁ ଆପଣାଛୁଏଁ ଗୋଟାଏ ଭାଷା ଛିଡ଼ା ହୋଇଯାଇଥିଲା । ଦୁଇ ପ୍ରକାର ଭାଷାଭାଷୀ କଥା ଭାଷାର ଆଦାନ ପ୍ରଦାନ କରିବାକୁ ଉଦ୍ୟମ କଲାବେଳେ ଏଭଳି ଏକ ସାଧାରଣ କଥା ତ ବାହାରି ଆସିବ ହିଁ ଆସିବ । ଏଭଳି ଭାଷାକୁ ପିଡ୍‌ଜିନ୍ ଭାଷା ବୋଲି କୁହାଗଲା ।

ମଧ୍ୟ ଯୁଗରେ ନାବିକ, ବଣିକ, ପର୍ଯ୍ୟଟକ ଓ କାରିଗର ମିସ୍ତ୍ରୀମାନେ ଏକ ସାଧାରଣ ବୋଲି ବା କଥାରେ କାମ ଚଳାଉଥିଲେ । ଏହାକୁ

ସେମାନେ ଲିଙ୍ଗୁଆ ଫ୍ରାଙ୍କା, ବୋଲି କହୁଥିଲେ । ଏଥିରେ ସେମାନଙ୍କ ଭାଷା (ଯଥା ଇଟାଲୀୟ, ସ୍ପେନୀୟ ଓ କିଛି କିଛି ଫରାସୀ)ର ଶବ୍ଦ ଗୁଡ଼ିକ ଥିଲା କିନ୍ତୁ ବ୍ୟାକରଣ ନଥିଲା । ଭୂମଧ୍ୟ ସାଗର କୂଳର ଲୋକେ ଏହି କଥାଭାଷାରେ ଆବଶ୍ୟକମତେ ଆପଣା ଆପଣାର ଶବ୍ଦ ସଂଯୋଗ କରୁଥିଲେ ।

ଏଣେ ଆଲାସ୍କା ଠାରୁ କାଲିଫର୍ଣ୍ଣିଆଯାଏ ବସତି କରି ରହିଥିବା 'ଭାରତୀୟ'ମାନେ ଏକ ବିଶାଳ ଅଞ୍ଚଳରେ ଗୋଟିଏ ଭାଷା ବ୍ୟବହାର କରୁଥିଲେ । ତାହାର ନାମ ଥିଲା ଚିନୁକ୍ । ଏହି ଲିଙ୍ଗୁଆ ଫ୍ରାଂକାର ମୂଳ ହେଲା ଚିନୁକ୍ ଭାରତୀୟମାନଙ୍କର ଭାଷା । ଏହି 'ଭାରତୀୟ'ମାନେ କଲମ୍ବିଆ ନଦୀର ତଳପଟ ଅଞ୍ଚଳରେ ବାସ କରୁଥିଲେ । ଏହି ଭାଷାର ବ୍ୟାକରଣ ଅତି ସରଳ ଭାବରେ କରାଯାଇଥିଲା ।

ମୂଳରୁ ଏହି ଚିନୁକ୍ ଭାଷା ସ୍ୱୟଂର ଏକ 'ଭାରତୀୟ' ଭାଷା ଥିଲା । କିନ୍ତୁ ୧୯ଶ ଶତାବ୍ଦୀର ଆରମ୍ଭ ବେଳକୁ ୟୁରୋପୀୟମାନେ ଏହି ଭାଷା ବ୍ୟବହାର କଲେ । ସେତେବେଳେ ସେଠାରେ ପଶୁମାନଙ୍କର ଲୋମ ଓ ଚମଡ଼ାର କାରବାର ଜୋରସୋରରେ ଚାଲିଥିଲା । ତେଣୁ ଏହି ବ୍ୟବସାୟିକ ଲିଙ୍ଗୁଆ ଫ୍ରାଙ୍କା ଭାଷାରେ ନାନା ପ୍ରକାର ବିକଳ ଇଂରାଜୀ, ଫରାସୀ ଓ ଏପରିକି ରୁଷୀୟ ଶବ୍ଦ ବି ଆସି ମିଶିଥିଲା । କିନ୍ତୁ ଏଥିଭିତରୁ ଅଧିକାଂଶ ଶବ୍ଦ ଥିଲା ଇଂରାଜୀ । ୧୯ଶ ଶତାବ୍ଦୀର ମଧ୍ୟ ଭାଗ ବେଳକୁ ଏହି ପିଗ୍‌ଡ଼ିନ୍ ଚିନୁକ୍ ଭାଷାରେ ମୋଟାମୋଟି ୫୦ଟି ଇଂରାଜୀ ଶବ୍ଦ ଥିଲା । ଚାଳିଶବର୍ଷ ପରେ ଏଥିରେ ୫୭୦ଟି ଇଂରାଜୀ ଶବ୍ଦ ଥିଲା । କିନ୍ତୁ ବିଂଶ ଶତାବ୍ଦୀ ବେଳକୁ ଚିନୁକ୍ ବୋଲି ଆଉ ଚଳିଲା ନାହିଁ । ଆଜି ଏଭଳି କୌଣସି ଭାଷା ନାହିଁ । ଇଂରାଜୀ ଭାଷା ହିଁ ଚଳୁଛି ।

ଇଂରେଜଭାଷାରୁ ଆଉ ଦୁଇଟି ବଣିକଙ୍କର ଭାଷା ଯଥା କ୍ରୁ ଇଂରାଜୀ ବା ଦରିଦଷ ଝଣ୍ଡିଆ ଇଂରାଜୀ ଓ ପିଗ୍‌ଡ଼ିନ୍ ଇଂରାଜୀ ଚଳୁଥିଲା । ପିଗ୍‌ଡ଼ିନ୍ ଇଂରାଜୀ ପଶ୍ଚିମ ଆଫ୍ରିକାର ଭାଷା ଥିଲା । ପିଗ୍‌ଡ଼ିନ୍ ଇଂରାଜୀରେ ଜାପାନ, ଦକ୍ଷିଣ ସାଗର, ହଙ୍ଗକଙ୍ଗ ଓ କାଲିଫର୍ଣ୍ଣିଆର ନାବିକମାନେ କଥାଭାଷା ହେଉଥିଲେ ।

ପିଗ୍‌ଡିନ୍ ଇଂରାଜୀରେ ଶବ୍ଦାବଳୀ ଥିଲା ଇଂରାଜୀ କିନ୍ତୁ ଏଥିରେ ଇଂରାଜୀ ଢ଼ଙ୍ଗର ପଦବିନ୍ୟାସ ନ ଥିଲା, ବାକ୍ୟ ଗଠନ ନଥିଲା, ଶବ୍ଦ ସାଙ୍ଗରେ ଶବ୍ଦର ସଂପର୍କ ଚୀନ ଭାଷାର ଧାଡରେ ହେଉଥିଲା । ଅଥବା ଇଂରାଜୀ ଶବ୍ଦରୁ ତିଆରି ବିନ୍ୟାସର ମାଧ୍ୟମରେ ହେଉଥିଲା । କଲିକତାରେ ଏହାକୁ 'ବୁଇନା ବଜାର ଇଂରାଜୀ' ବୋଲି କହୁଥିଲେ । ଏଥିରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ । କାରଣ ପିଗ୍‌ଡିନ ଇଂରାଜୀର ଆଦିସ୍ଥାନ ହେଲା ହଂକଂ ଓ ସେଭଳି ଅଞ୍ଚଳ ଯେଉଁଠାର ଅଧିକାଂଶ ବାସିନ୍ଦା ହେଲେ ଚୀନା ଓ ସେମାନେ ଥିଲେ ଏଠାରେ କାରବାରୀ । ପିଜ୍‌ଡିନ ଇଂରାଜୀ ହେଲା ଇଂରାଜୀ ଶବ୍ଦାବଳୀ ଓ ଚୀନା ବ୍ୟାକରଣର ଏକ ମିଶ୍ରିତ ରୂପ ।

ପ୍ରଶାନ୍ତ ମହାସାଗରର ଦ୍ୱୀପପୁଞ୍ଜମାନଙ୍କରେ ଗୋଟିଏ ଲିଙ୍ଗୁଆ ଫ୍ରାଙ୍କା ଚଳୁଛି । ଏହାକୁ 'ବେଚେ-ଡ-ମେରେ' ବୋଲି କୁହାଯାଏ । ବିଖ୍ୟାତ ପ୍ରଗତିବାଦୀ ଲେଖକ ଜ୍ୟାକ୍ ଲଣ୍ଡନଙ୍କର ଦକ୍ଷିଣ ସାଗରର ଓ ସେନଆ ଅଞ୍ଚଳର ଗଳ୍ପ ଓ ଉପନ୍ୟାସରେ ଏହି ଭାଷାର ସୂଚନା ଅଛି ।

ସୁଦୂର ପ୍ରାଚ୍ୟରେ ରୁଷୀୟ ବିପ୍ଳବ ପୂର୍ବରୁ ଏକ ବେଶ୍ ବ୍ୟାପକ ସାଧାରଣ ଭାଷା ଚଳୁଥିଲା । ଏହା ଥିଲା ଅଧା ରୁଷ ଅଧା ଚୀନା । ଏହାର ଚରିତ୍ର ଥିଲା କମ୍ପୁଚ କମାକାର କିନ୍ତୁ ତେବେ ବି ଏହି ଭାଷାର କିଛି ବିଧିବିଧାନ ଥିଲା ଓ ଏକ ବିଶେଷ ବ୍ୟାକରଣ ବି ଥିଲା ।

ଏହି ରୁଷ ଚୀନ ଖେଚେଡ଼ି ଭାଷା ଆଉ ନାହିଁ । ତେବେ ଅନ୍ୟାନ୍ୟ ପିଗ୍‌ଡିନ ଭାଷାଭିତରୁ କେତେକ ଉପନିବେଶବାଦର ବିଲୋପ ପରେ ଲୋପ ପାଇଗଲେ । ଶିକ୍ଷାର ବିକାଶ ସଙ୍ଗେ ସଙ୍ଗେ ଓ ଜାତୀୟ ଚେତନାର ଅଭିବୃଦ୍ଧି ଫଳରେ ଏଭଳି ବର୍ଣ୍ଣଶଙ୍କର ଭାଷାମାନଙ୍କର ଅସ୍ତିତ୍ୱ ଲୋପ ପାଇଗଲା ।

କିନ୍ତୁ ଏ ଭିତରୁ କୌଣସି କୌଣସି ଲିଙ୍ଗୁଆ ଫ୍ରାଙ୍କା ବଞ୍ଚିଗଲେ ଓ ବଢ଼ି ବଢ଼ି ପୁରାଦସ୍ତୁର ଜାତୀୟ ଭାଷାରେ ପରିଣତ ହୋଇଗଲେ । ଯେପରିକି 'ବେଚେ-ଡ-ମେରେ' ଭାଷା ଏବେ ନୂତନ ଗିନିର ହଜାର ହଜାର ବାସିନ୍ଦାଙ୍କର ଜାତୀୟ ଭାଷା ଏହି ଭାଷାର ନାମ ନିଓମେଲାନେସୀୟ ଭାଷା ହୋଇଯାଇଛି । ଏହା ସ୍କୁଲରେ ପଢ଼ାଯାଉଛି ଓ ଏହି ଭାଷାରେ ଖବର କାଗଜ ବି ଛପା ଗଲାଣି । ପିଗ୍‌ଡିନ୍ ଭାଷାକୁ ଇଂରାଜୀ ଏବେ ନିଗ୍ରୋ ଭାଷା

ଭାବରେ ଦେଖା ଦେଲାଣି । ଆଫ୍ରିକାର 'ସିଅରାଲିଓନ୍' ରାଷ୍ଟ୍ରର ରାଜଧାନୀ ଫ୍ରି ଟାଉନ୍‌ରେ ଏବେ ଏହି ଭାଷା ଚଳୁଛି । ଯେଉଁ ପିଗ୍‌ଡିନ୍ ଭାଷାମାନେ ଜାତୀୟ ଭାଷା ଭାବରେ ଏବେ ମାନ୍ୟତା ପାଇଛନ୍ତି ସେମାନଙ୍କ ଭିତରେ ଗିନିର ଷ୍ଟୁରନାମଭାଷା, କୁସାକ ଓ ପ.ପି.ଆ.ଟମଣ୍ଟୋ ଭାଷା ଓ ସୋଲୋମୋନ ଦ୍ୱୀପପୁଞ୍ଜର ଭାଷା ଉଲ୍ଲେଖନୀୟ ।

ଆଜି ପୃଥିବୀର ସ୍ୱୟଂସମ୍ପୂର୍ଣ୍ଣ ଭାଷାର ତାଲିକାରେ ଏଭଳି ଭାବରେ ଆଉ କେତେ ଗୁଡ଼ିଏ ଭାଷା ହିଁ ସ୍ଥାନ ପାଇଲେ । ତେଣୁ ଏକ ସର୍ବଜନ ବୋଧ ଭାଷାର ଖୋଜା ଲୋଡ଼ା ଏବେବି ଚାଲିଛି ।

## ଭାବନାର ବୀଜ ଗଣିତ

ମଧ୍ୟଯୁଗରେ ମଧ୍ୟଯୁଗର ଲାଟିନ ବଳୟ ଭାଙ୍ଗିଲା । ବୈଜ୍ଞାନିକ ନିଉଟନ ତାଙ୍କର ଲେଖାର ବହୁଳାଂଶ ଲାଟିନ ଭାଷାରେ ଲିପିବଦ୍ଧ କରି-ଥିଲେ । ଲେମୋନୋସଭ ଲାଭୋସିୟର ଓ ଫ୍ରାଙ୍କଲିନ୍ ଆପଣ ଆପଣା ମାତୃଭାଷାରେ ସେମାନଙ୍କର ବୈଜ୍ଞାନିକ ପ୍ରବନ୍ଧ ଗୁଡ଼ିକ ଲେଖିଲେ, ଆଉ ଲାଟିନରେ ଲେଖିଲେ ନାହିଁ । ସେହି କାଳରେ ପଣ୍ଡିତ ଓ ଦାର୍ଶନିକମାନଙ୍କ ଭିତରେ ଚିନ୍ତା ପଡ଼ିଲା ଲାଟିନ ତ ଅଚଳ ହୋଇଗଲା ତେବେ କେଉଁ ଭାଷାରେ ବୈଜ୍ଞାନିକ ଚିନ୍ତାଗୁଡ଼ିକ ଲିପିବଦ୍ଧ କରାଯିବ ? ସେମାନେ ଆଉ ମଧ୍ୟ ଆଶା କଲେ ଯେ କେବଳ ବୈଜ୍ଞାନିକ ଚିନ୍ତା ନୁହେଁ ସବୁପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ଲାଗି ଏଭଳି ଏକ ଭାଷା ହେବା ସମ୍ଭବ । ଏଥିରେ ପୁରୋଧା ହେଲେ ପ୍ରଥମେ ଫରାସୀ ଦାର୍ଶନିକ ପଣ୍ଡିତ ଡେକାର୍ଟ ।

୧୬୨୯ ମସିହାରେ ଡେକାର୍ଟ ଲେଖିଥିଲେ "ଗୋଟିଏ କୃତ୍ରିମ ଭାଷା ତିଆରି ହେବା ସମ୍ଭବ ଓ ସେହି ଭାଷାର ବିଜ୍ଞାନ ବି ତିଆରି ହୋଇ ପାରିବ । ଏଭଳି ଭାଷାରେ ଚାଷୀ ଠାରୁ ପଣ୍ଡିତ ଯାଏ ବି ଆପଣାର ଯୁକ୍ତି ଚିନ୍ତା ବାଢ଼ି ପାରିବେ ।" ଡେକାର୍ଟଙ୍କର ମତ ଥିଲା ଯେ ବିଶ୍ୱଜନ ଭାଷାର ଏଭଳି ଏକ ନ୍ୟାୟିକ ବୃନିଆଦି ଥିବ ଯାହା ବଳରେ ସବୁ ପ୍ରକାର ବୈଜ୍ଞାନିକ ଓ ମାନବିକ ଭାବର ଭଣ୍ଡାରର ଦ୍ୱାର ଖୋଲିଥିବ । ତାଙ୍କର ଭାବନା ଥିଲା ଯେ ସ୍ୱାଭାବିକ ସଂଖ୍ୟା ଯଥା ଏକ ଦୁଇ ତିନି ପରି ସବୁ ଗୁଡ଼ିକ ଧାରଣାକୁ ଯଥା ସ୍ଥାନରେ ତାଲିକା ଭୁକ୍ତ କରି ଏକ ଶୃଙ୍ଖଳାବଦ୍ଧ ଯୋଜନା କରାଯାଇ ପାରିବ । ଯେଭଳି କୌଣସି ଅଜଣା ଭାଷାର

ସବୁଗୁଡ଼ିକ ସଂଖ୍ୟାକୁ ଶୂନରୁ ଅସୀମଯାଏ ଶିଖି ବ୍ୟବହାର କରିପାରିବ ବା ଲେଖା ଯାଇପାରିବ ଠିକ୍ ସେହିଭଳି ଗୋଟିଏ ଉପାୟ ବାହାର କରିବାକୁ ପଡ଼ିବ ଯେପରିକି ମନୁଷ୍ୟ ମନରେ ଉପୁଜୁଥିବା ସବୁଗୁଡ଼ିକ ଭାବକୁ ପ୍ରକାଶ କରିବା ପାଇଁ ଶବ୍ଦ ଗୁଡ଼ିକ ବାହାର କରି ହେବ । ସବୁ ନିର୍ଭର କରୁଛି କେତେଗୁଡ଼ିଏ ସରଳ ଧାରଣା ଉପରେ । ଏ ଗୁଡ଼ିକ ପ୍ରତ୍ୟେକ ଲୋକର ପ୍ରତ୍ୟକ୍ଷ ଅଭିଜ୍ଞତାରେ ଥିବ ଓ ଏଥିରୁ ମନୁଷ୍ୟର ଚିନ୍ତାର ପ୍ରତ୍ୟେକ ଭାବ ପ୍ରକାଶ କରିବା ପାଇଁ ସବୁପ୍ରକାର ମାଲମସଲା ମିଳିବ ।

ଡେକାର୍ଟ ଏକ କୃତ୍ରିମ ଭାଷା ତିଆରିର ସାଧାରଣ ମୋଟାମୋଟି ସୂଚନା ଦେଇଥିଲେ । ଏହି ଭାଷାଟିକୁ ସେ 'ସୁନ୍ଦର ହତିଆର' ବୋଲି କହୁଥିଲେ । ସପ୍ତଦଶ ଶତାବ୍ଦୀର ଆଉ ଜଣେ ବଡ଼ ପଣ୍ଡିତ ଲିବ୍‌ନିଜ୍ ଏଭଳି ଏକ ଭାଷା ଗଢ଼ିବାର ପ୍ରଣାଳୀ ଦର୍ଶାଇଲେ । ତାଙ୍କର ମତ ଥିଲା ଯେ ସାଧାରଣ ବିଶ୍ବଜନ ଭାଷା 'ମନୁଷ୍ୟ ଚିନ୍ତାର ଶବ୍ଦାବଳୀ' ହେବ । ଏଥିରେ ଯେଉଁ ଶବ୍ଦ ଗୁଡିକ ରହିବ ସେମାନଙ୍କର ଅର୍ଥ ତ ଥିବ ତାହା ଛଡ଼ା ଏହି ଶବ୍ଦମାନଙ୍କ ଭିତରେ ଅନ୍ୟ ଶବ୍ଦ ସହିତ ସେମାନଙ୍କର ଅନ୍ତର୍ନିହିତ ସଂପର୍କ ବି ରହିଥିବ । ବୀଜଗଣିତରେ ଯେପରି ନିର୍ଣ୍ଣୟ-ସାପେକ୍ଷ ସଂଖ୍ୟାକୁ ଆମେ X ବୋଲି କହୁଥାଉଁ ଠିକ୍ ସେପରି କେତେଗୁଡ଼ିଏ ଦତ୍ତ ହୋଇଥିବା ସାଧାରଣ ଧାରଣା ବା ଭାବରୁ ଆହୁରି ଜଟିଳ ଧାରଣା X ବା ବୈଜ୍ଞାନିକ ଧାରଣା ପାଖରେ ପହଞ୍ଚିବାକୁ ହେବ । ସବୁ ଜଟିଳ ଧାରଣା ସରଳ ଧାରଣା ଗୁଡ଼ିକରୁ ଉତ୍ପତ୍ତି । ଗଣିତର ସତ୍ୟରୁ ହିଁ ନ୍ୟାୟିକ ସତ୍ୟ ବାହାର କରାଯାଇପାରେ ।

ତେବେ ଏଭଳି ଭାଷାରେ କଥା କିପରି କୁହାଯିବ ? ଲିବ୍‌ନିଜ୍ 'ମନୁଷ୍ୟ ଚିନ୍ତାର ଶବ୍ଦାବଳୀ'କୁ ଏକ ଧ୍ବନି ମୂଳକ ଭାଷାରେ ପରିଣତ କରିବା ପାଇଁ ଲାଟିନ ଶବ୍ଦାବଳୀର ପ୍ରଥମ ନଅଟି ବ୍ୟଞ୍ଜନ ବର୍ଣ୍ଣକୁ 1-b, 2-c, 3-d, 4-f, 5-g, 6-h, 7-I, 8-m, 9-n ଦଶ ବା ଶହ ପାଞ୍ଚୋଟି ସ୍ବରବର୍ଣ୍ଣ 10-a, 100-e, 4000-i, 10,000-O ଓ 10,0000-u ଭାବରେ ଲେଖା ହେବ । ଏହାଠାରୁ ଆହୁରି ଉଚ୍ଚ କଥା ଦୁଇଟି ସ୍ବରବର୍ଣ୍ଣର ମିଶ୍ରଣରେ ତିଆରି ହେବ (ଯଥା ଦଶଲକ୍ଷ=au ଇତ୍ୟାଦି ) । ତେଣୁ ୮୭୩୭୪୦ ସଂଖ୍ୟାଟି 'Mulodile fa' ଭାବରେ ଉଚ୍ଚାରିତ ହେବ ।

ଲିବ୍‌ନିଜଙ୍କର ଧାରଣା ହେଉଛି ଖୁବ୍ ମୂଲ୍ୟବାନ, ଅବଶ୍ୟ ଏହା ଫଳରେ ଏକ ବିଶ୍ୱଜନୀନ ଭାଷା ତିଆରି ହୋଇପାରିଲା ନାହିଁ । କିନ୍ତୁ ଏହା ଭାଷାତତ୍ତ୍ୱ, ଗାଣିତିକ ଯୁକ୍ତି ଓ କଂପ୍ୟୁଟର କ୍ଷେତ୍ର ପାଇଁ ଅଶେଷ ଭାବରେ ସାହାଯ୍ୟକାରୀ ହୋଇଛି । କାରଣ 'ଭାବନାର ବୀଜଗଣିତ' ଏକ ସଂକୀର୍ଣ୍ଣ ଓ କଠୋର ପର୍ମାଉଣ୍ଡା ମନୁଷ୍ୟ ଜ୍ଞାନର ସୀମା ଭିତରେ ସିନା ଚଳିବ କିନ୍ତୁ ଏହା ମାନବୀୟ ସ୍ୱାଭାବିକ ଭାଷା କ୍ଷେତ୍ରରେ ଚଳିବ କିପରି ? କାରଣ 'ଭାବ ଓ ଧାରଣାର' ଗୋଟାଏ ନିର୍ଦ୍ଦିଷ୍ଟ କିଏ ତିଆରି କରି ପାରିବ ? ଏଭଳି ଭାବ ଗୁଡ଼ିକର ଶ୍ରେଣୀ ବିଭାଗ ହେବ କିପରି ଓ କି ପ୍ରକାର ଆଇନ ଅନୁସାରେ ସେ ଗୁଡ଼ିକ ହେବ ? ତା'ଛଡ଼ା କେହି ଜାଣେ ନାହିଁ କେତୋଟି 'ଭାବ' ଏ ଭାବଜଗତରେ ରହିଛି । ସେମାନଙ୍କର ସଂଖ୍ୟା ତ ଅପରିମିତ । ତେଣୁ ଏଭଳି ଭାବର ଏକ ନିର୍ଦ୍ଦିଷ୍ଟ ତିଆରି କରିବା ସମୁଦ୍ର ବାଲିକଣାକୁ ହିସାବ କରିବା ସଙ୍ଗେ ସମାନ ! ପୁଣି ଏତିକି ହେଲା ଧାରଣା ଓ ଭାବନା କ୍ଷେତ୍ରର ଅସୁବିଧା । ତା'ଛଡ଼ା ମନୁଷ୍ୟର ବାସନା, ଅଭିଳାଷ, ପ୍ରବୃତ୍ତି, ଇତ୍ୟାଦି ଜିନିଷକୁ କୌଣସି 'ଭାବନାର ଶବ୍ଦାବଳୀ' ଦ୍ୱାରା ଶ୍ରେଣୀଭୁକ୍ତ କରାଯାଇ ପାରିବ ନାହିଁ । ମନୁଷ୍ୟର 'ହୃଦୟ ଗହନର ଜୀବନ' ଭିତରେ ଏତେ ଅପରିସୀମ ନାନାବିଧ, ଜଟିଳ ଓ ସଂଘାତ ପ୍ରତିଘାତମୟ ଭାବନାରାଜି ରହିଛି ଯେ ସେଗୁଡ଼ିକୁ ଗଣିତର ନିର୍ଦ୍ଦିଷ୍ଟରେ ସମ୍ଭାଳିବା ଅସମ୍ଭବ !

ଲିବ୍‌ନିଜ୍ ଆପଣାର 'ବିଶ୍ୱଭାଷା' ତିଆରି କରିବାର ଉଦ୍ୟମରେ ମୂଳରୁ ଏହି ପ୍ରତିବନ୍ଧକର ସମ୍ମୁଖୀନ ହୋଇଥିଲେ । ସେ ଆପଣାର କାର୍ଯ୍ୟ ଶେଷ କରି ପାରି ନ ଥିଲେ ଓ ଶେଷରେ ଆପଣାର 'ଭାବନାର ଭାଷା' ବିଷୟରେ କିଛି ଲେଖା ଛାଡ଼ି ଯାଇଥିଲେ । ତାଙ୍କ ପରେ ଏଭଳି ଏକ 'ବିଶ୍ୱ ଭାଷା' ତିଆରି କରିବାର ଚେଷ୍ଟା ବ୍ୟର୍ଥ ହୋଇଛି । କାରଣ ଏଭଳି କୃତ୍ରିମ ଭାଷା ବ୍ୟବହାରିକ ନିତିଦିନିଆ ଜୀବନ ଠାରୁ ବହୁତ ଦୂରରେ ରହିବ, ତେଣୁ ଏହାର କୌଣସି ଉପଯୋଗିତା ରହିବ ନାହିଁ ।

ତେବେ ଏକ 'ଅର୍ଥର ଭାଷା'ର ବିକାଶ ପାଇଁ ତ ବହୁ ଦିନରୁ ଚେଷ୍ଟା ଚାଲିଆସିଛି । ତେଣୁ ଏହି ବିକାଶ କ୍ଷେତ୍ରରେ ଏହି ଭାଷା ଭାଷାତତ୍ତ୍ୱର ସୀମା ପାର ହୋଇ ଗାଣିତିକ ଯୁକ୍ତିର ଚଉହଦ୍ଦିରେ ପ୍ରବେଶ କଲା । ଏକ

କର୍ତ୍ୟା 'ଭାଷାର ଗାଣିତିକ'କୁ ତ୍ୟାଗ କରି ବୈଜ୍ଞାନିକମାନେ 'ଭାବନାର ଗାଣିତିକ'ରେ ଲାଗିଲେ । ଏଥିରୁ କମ୍ପ୍ୟୁଟରତତ୍ତ୍ୱର ଜନ୍ମ ହେଲା, ଚିନ୍ତା କରୁଥିବା ଯନ୍ତ୍ରର ଜନ୍ମ ହେଲା ଓ ଅନ୍ୟାନ୍ୟ ଅଦ୍ଭୁତ ଯନ୍ତ୍ରପାତିର ଜନ୍ମ ହେଲା । ଏଗୁଡ଼ିକ ଅବଶ୍ୟ ଆମର ଆଲୋଚ୍ୟ ବିଷୟ ନୁହେଁ ।

## ଭୋଲାପ୍ୟୁକ୍ ଓ ଏସପେରାଣ୍ଟୋ

ସତ୍ୟ ହେଉ, ଭାଷଗତ ଭାବରେ ଏକ ସାର୍ବଜନୀନ ବିଶ୍ୱଭାଷା ପାଇଁ ଉଦ୍ୟମ ଏପର୍ଯ୍ୟନ୍ତ ଅବ୍ୟାହତ ରହିଛି । ଗତ ଶତାବ୍ଦୀର ଶେଷ ଭାଗରେ ୧୮୭୦ରେ ସ୍ଲେୟର ନାମକ ଜଣେ ଜର୍ମାନ କାଥଲିକ ପାଦ୍ରି ଗୋଟିଏ ବିଶ୍ୱ ଲିଖିତ ଭାଷା 'ଉଦ୍ଭାବନ' କରିଥିଲେ । ୧୮୭୯ରେ ସେ ଏଥିପାଇଁ ଏକ ଭାଷାର ନାମକରଣ ବି କରିଥିଲେ । ଭାଷାର ନାମ ଥିଲା 'ଭୋଲାପ୍ୟୁକ୍' । ଏହି ଭାଷାର ବ୍ୟାକରଣରେ କୌଣସି ରୂଢ଼ ପ୍ରୟୋଗ, ବା ବ୍ୟତିକ୍ରମ ନ ଥିଲା । ଏହାର ଉଚ୍ଚାରଣ ହେଉଥିଲା ଲେଖା ଅନୁସାରେ । ଏହାର ଶବ୍ଦଗୁଡ଼ିକ ଇଂରାଜୀ, ଜର୍ମାନ, ଲାଟିନ ଓ ଫରାସୀ ମୂଳଧାତୁରୁ ଆସିଥିଲା । ଇଂରାଜୀ WORLD ବା ବିଶ୍ୱରୁ VOL ଓ ଇଂରାଜୀ SPEAK ବା କୁହରୁ Piik ନେଇ ସେ ଆପଣା ଭାଷାର ନାମ-କରଣ କରିଥିଲେ । ଏପରିକି ଏହି ଭାଷାରେ 'ପର୍ତ୍ତୁଗାଲ' ଭଳି ନାମକୁ ବି ବଦଳାଇ କରାଯାଇ ଥିଲା 'ପୋର୍ତୁଗାନ୍ ।' ଏହି ବିଶ୍ୱଭାଷା କିଛି ଦିନ ଖୁବ୍ ଚହଳ ପକାଇଲା । ଏହାର ଉପରେ ଅର୍ଥାତ୍ ଏହି ଭାଷାକୁ ସୁସଂହତ କରିବା ଦିଗରେ ଭୁମୁଲ ଗଣ୍ଡଗୋଳ, ଯୁକ୍ତିତର୍କ ବି ଚାଲିଲା । ଏହି ଭାଷାରେ ଶହ ଶହ ବହି ଓ ପତ୍ରିକା ପୁସ୍ତିକା ଛପା ହେଲା । କିନ୍ତୁ ଏହି ଭାଷା ବଞ୍ଚିଲା ନାହିଁ । କାରଣ ମଣିଷ ମୁଖର ସ୍ପର୍ଶ ନ ପାଇଲେ କୌଣସି ଲିଖିତ ବା କଥିତ ଭାଷା ସାର୍ବଜନୀନ ହୋଇ ପାରେ ନାହିଁ । ବିଶ୍ୱ ଜନୀନ ଭାଷା ହେବା ତ ଦୂରର କଥା ।

ଭୋଲାପ୍ୟୁକ୍‌ରେ ଖାଲି ମନଗଢ଼ା ଖାନଖିଆଲି ମୂଳଧାତୁ ଥିଲା । ସେଥିଯୋଗୁଁ ଏହା ବ୍ୟର୍ଥ ହେଲାବୋଲି ଧାରଣାକରି ୧୮୮୭ରେ ପୋଲାଣ୍ଡର ଡାକ୍ତର ଜାମେନ୍‌ହଫ୍ 'ଏସପାରେଣ୍ଟୋ' ଭାଷା ଗଢ଼ିଲେ । ଏଥିରେ ଆନ୍ତର୍ଜାତିକ ଭାଷାମାନଙ୍କର ଶବ୍ଦ ଥିଲା । ଏହାର ବ୍ୟାକରଣ ସରଳ ଓ ଯୁକ୍ତିସିଦ୍ଧ ଥିଲା ।

ଭାଷାଟି ଶିଖିବା ମଧ୍ୟ ସହଜ ଥିଲା । ଏ ଭାଷାର ବହୁ ସମର୍ଥକ ଥିଲେ, ଏହାର କେତେକ ଦେଶରେ ବେଶ୍ ପ୍ରସାର ଲାଭ କରିଥିଲା । ତେବେ ବି ଏହା ବିଶ୍ୱଭାଷା ହୋଇପାରିଲା ନାହିଁ ।

ସେଇ ଏକା କାରଣ, ପ୍ରଥମେ କେତେକ ଭାବିଥିଲେ ଯେ ଏ ଭାଷାଟା ମାର୍ଜିତ ନୁହଁ ତେଣୁ ଆଜି ବି କେତେକ ଭାଷା ବିଶ୍ୱଭାଷା ହେବାର ଦାବୀ ରଖି ବାହାରିଲେ । ଇଡ୍ରୋ, ନୋଭିଆଲ, ଅକ୍ସିଡେଣ୍ଟାଲ, ଇତ୍ୟାଦି । ଏହି ଭାଷାର ସ୍ରଷ୍ଟାମାନେ ଖୁବ୍ ମଗଜବାଲା ଓ ଖ୍ୟାତନାମା ଭାଷାବିତ୍ ଥିଲେ । ଏହି ଭାଷା ଗଢ଼ଣରେ ବହୁ ପରିଶ୍ରମ, ବୁଦ୍ଧି କୌଶଳ ଖଟା ହୋଇ ଥିଲା କିନ୍ତୁ ଫଳ କିଛି ହେଲା ନାହିଁ ।

ସେଇ ଏକା କାରଣ, ଭାଷାର ଅଙ୍ଗସୌଷ୍ଠବ ବା ମାର୍ଜିତ ରୂପ ଉପରେ ଭାଷାର ଜନପ୍ରିୟତା ଓ ବିଶ୍ୱ ଜନପ୍ରିୟତା ନିର୍ଭର କରେ ନାହିଁ । ଭାଷା ଜନପ୍ରିୟ ହେବ ଯେତେବେଳେ ଲୋକେ ସେହି ଭାଷାକୁ ବ୍ୟବହାର କରିବାକୁ ଲୋଡ଼ିବେ, ତେଣୁ ତୁଣ୍ଡରେ ଧରିବେ । ତା'ହା ଏ ତୁଣ୍ଡରୁ ସେ ତୁଣ୍ଡକୁ ଯିବ । ତେଣୁ ଭାଷାଟା ଗୋଟାଏ ଛୁଞ୍ଚା କଥା ନୁହେଁ ଯେ ଭାଷାକୁ ସାହାଯ୍ୟ କରିବାପାଇଁ ତାହାକୁ ଲୋକେ ମିଛଟାରେ ତୁଣ୍ଡରେ ଧରିବେ । ଲୋକଙ୍କର ଦୈନନ୍ଦିନ ଜୀବନରେ ଯଦି ସେହି ଭାଷା ନ ହେଲେ ନ ଚଳେ ତେବେ ଯାଇ ସେ ଭାଷା ଜନପ୍ରିୟ ହେବ । ଜଣେ ଛାତ୍ର ବାଦ୍ କୌଣସି ବିଦେଶୀ ଭାଷା ଶିଖିବାକୁ ମନ ବଳେଇବ ଯଦି ସେହି ବିଦେଶୀ ଭାଷାରେ ଅନେକ ଉତ୍କୃଷ୍ଟ ସାହିତ୍ୟ ଅଛି ଯାହା ସେ ଆପଣା ମାତୃଭାଷା ସାହିତ୍ୟରେ ପାଉ ନାହିଁ ଅଥଚ ସେହି ସାହିତ୍ୟ ତା'ର ଲୋଡ଼ା । ପର୍ଯ୍ୟଟକ କୌଣସି ଦେଶରେ ପର୍ଯ୍ୟଟନ କଲାବେଳେ ଯଦି ଜାଣେ ଯେ ତା'ର ମାତୃଭାଷାରେ ତା'ର କାମ ଚଳିବ ନାହିଁ ତେବେ ଯାଇ ବିଦେଶୀ ଭାଷା ଶିଖିବ । ତେଣୁ ବିଶ୍ୱଭାଷାର ଆବଶ୍ୟକତା ଭାଷାଗତ ନୁହେଁ ସାମାଜିକ ।

ଏହି ସନ୍ଦର୍ଭରେ ବିଂଶ ଶତାବ୍ଦୀର ଭାଷା ଇତିହାସରୁ ଏକ ଜ୍ୱଳନ୍ତ ଉଦାହରଣ ଦିଆ ଯାଇପାରେ ।

ବହୁ ଲଢ଼େଇ ପରେ ୧୯୨୦ ସାଲରେ ଆୟର୍ଲାଣ୍ଡ ତା'ର ସ୍ୱାଧୀନତା ହାସଲ କଲା । ସେତେବେଳକୁ ସେଠାର ଲୋକେ ସେମାନଙ୍କର

ପୁରାତନ ମଧୁର ସେଲଟିକ୍ ଭାଷା ଭୁଲିଯାଇ ସାରିଥିଲେ ଓ ସାରା ଆୟର୍ଲେଣ୍ଡରେ ଇଂରାଜୀ ଭାଷା ଚଳୁଥିଲା । କେବଳ ସବୁଠାରୁ ଦୂର ମଛୁଆମାନଙ୍କର ଗାଁ ମାନଙ୍କରେ ପଶ୍ଚିମ ଉପକୂଳରେ ପ୍ରକୃତ ଆଇରିଶ ଭାଷା ଚଳୁଥିଲା; ସେଠି କିଛି ଲୋକ ଥିଲେ ଯେଉଁମାନେ ଆଦୌ ଇଂରାଜୀ ଜାଣି ନ ଥିଲେ । କିନ୍ତୁ ଏ ଲୋକମାନେ ଥିଲେ ବିଚ୍ଛିନ୍ନ ତେଣୁ ଆୟର୍ଲାଣ୍ଡର ସାଧାରଣ ଜନ-ଜୀବନରେ ଏମାନଙ୍କର କୌଣସି ପ୍ରଭାବ ନ ଥିଲା । ତେଣୁ ଏମାନଙ୍କ ମୁହଁର ଆଇରିଶ୍ ଭାଷା ବା ସେଲଟିକ୍ ଭାଷା ଏମାନଙ୍କର ମୁହଁରେ ହିଁ ରହିଲା । କିନ୍ତୁ ସେତେବେଳେ ଆଇରିଶ ଜାତୀୟ ବାଦୀମାନେ ଲୋକଙ୍କୁ ଆଇରିଶ ଭାଷାରେ କଥାଭାଷା ହେବାକୁ ଡାକରା ଦେଲେ । ସେଇ ଭାଷା ସ୍କୁଲ କଲେଜରେ ବି ଚଳିଲା । ଏବେ ଫଳରେ ଏହା ହୋଇଛି ଯେ ପ୍ରତ୍ୟେକ ଆଇରିଶ ଲୋକ ଯିଏ ସ୍କୁଲରୁ ପଢ଼ା ସାରି ଫେରିଛି ସିଏ ଆଇରିଶ ଭାଷାରେ ଲେଖି ପଢ଼ି ପାରୁଛି କିନ୍ତୁ କହିଲା ବେଳକୁ ଇଂରାଜୀ ଭାଷାରେ ହିଁ କଥା କହୁଛି ।

ଏହା କ'ଣ ଦେଶପ୍ରେମର ଅଭାବ ଯୋଗୁଁ ଘଟିଛି ? ମୋଟେ ନୁହେଁ । ଘଟଣାଟି ଅତି ସରଳ ଇଂରାଜୀ ସାରା ଆୟର୍ଲେଣ୍ଡରେ ଜନପ୍ରିୟ ପରିଚିତ ଭାଷା, ଅଥଚ ଆଇରିଶ ଜାଣିବା ଲୋକ ସଂଖ୍ୟା ଖୁବ୍ କମ୍ । ପ୍ରକୃତ ପକ୍ଷରେ, ଇଂରାଜୀରେ, ଇଂରାଜୀରେ କଥୋପକଥନ କରିବା ସହଜ । ଯଦି ଡବ୍ଲିନ ଓ ଅନ୍ୟାନ୍ୟ ଅଞ୍ଚଳରେ ଆୟର୍ଲଣ୍ଡରେ ବହୁତ ଲୋକ ଇଂରାଜୀ ଜାଣି ନ ଥାନ୍ତେ ଓ ଆଇରିଶ ଭାଷାରେ କଥା କହନ୍ତେ ତେବେ ସେହି ଲୋକମାନେ ବାଧ୍ୟ ହୋଇ ଆଇରିଶ ଭାଷାରେ କଥା କହନ୍ତେ ତେବେ ଏହି ସୁନ୍ଦର ପୁରୁଣା ଭାଷାଟି ପୁଣି ଜୀବନ ପାଇ ଉଠନ୍ତା ।

ଆମର ଭାରତରେ ଅବସ୍ଥା ସ୍ୱତନ୍ତ୍ର ସେ ପ୍ରକାର । ଇଂରାଜୀ ଭାଷା ପ୍ରତ୍ୟେକ ଭାରତୀୟଙ୍କ ମନରେ ବିଦେଶୀ ଦାସତ୍ୱର ସ୍ମୃତି ଜାଗରିତ କରୁଛି । ତେବେ ବି ଇଂରାଜୀ ଭାରତରେ ଚଳୁଛି । କାରଣ ଦକ୍ଷିଣ ଭାରତର ଜଣେ ତାମିଲଭାଷୀ ଯଦି କଲିକତାର ବଙ୍ଗଳାଭାଷୀ ସଙ୍ଗରେ ଇଂରାଜୀ ବ୍ୟତିରେକେ ଆଉ କେଉଁ ଭାଷା ମାଧ୍ୟମରେ କଥା ହୋଇ ନ ପାରେ ତେବେ କରିବା କ'ଣ ? ପ୍ରାଚୀନ ସଂସ୍କୃତ ଏକ ସମୟରେ ଭାବ ଆଦାନ

ସ୍ତବ ନତିର ବାହନ ଥିଲା । କିନ୍ତୁ ଏହିପରି ସଂସ୍କୃତ ଭଳି ଅପ୍ରଚଳ ହୋଇଗଲା ଓ ଇଂରାଜୀକୁ ଲୋକେ ବେଶି ଆଦର କଲେ ତେବେ କ'ଣ କରାଯିବ ? ଏଠାରେ ଆଉ ଏକ ଉଦାହରଣ ଦିଆଯାଇ ପାରେ । ଏବେ ଇସ୍ରାଇଲ ଦେଶରେ ରାଜଭାଷା ହେଲା ଏକ ନୂତନ ଭାବରେ ପ୍ରବର୍ତ୍ତିତ ପୁରାତନ ହିବ୍ରୁ । ଏବେ ଏହାର ନୂଆ ନାମ ହୋଇଛି ଇଭରିଟ୍ । ଏହି ଭାଷା ହଜାର ହଜାର ବର୍ଷ ହେଲା କେବଳ ଗ୍ରନ୍ଥରେ ଧରା ନ ଥିଲେ ଓ ଏହା ଅତ୍ୟନ୍ତ କାଠ ମିଠିଆ ଭାଷା ଥିଲା । ତେବେ ବି ଏହା ଭାଷା ଇସ୍ରାଏଲ ଦେଶର ବ୍ୟବହାରିକ ଜୀବନର ଭାଷା ରୂପେ ଚଳୁଛି ।

ଅବଶ୍ୟ ଏଥିପାଇଁ ବେନ୍ ୟେହୁଡା ନାମକ ଜଣେ ଇହୁଦୀ ବ୍ୟକ୍ତି ଅକ୍ଳାନ୍ତ ପରିଶ୍ରମ କରିଛନ୍ତି ଖୁବ୍ ସାହସ ଓ ଧୈର୍ଯ୍ୟ ଦେଖାଇଛନ୍ତି ତାହା ନ ହୋଇଥିଲେ ବାଇବେଲର ଲିଖିତ ଭାଷା ଦୁଇ ହଜାର ବର୍ଷ ପରେ ପୁଣି ଥରେ ଇହୁଦୀଙ୍କର ମାତୃଭାଷାର ଆସନ ନେଇ ନ ଥାନ୍ତା ।

କିନ୍ତୁ ସିଏ ଯେତେ ପରିଶ୍ରମ କରନ୍ତୁ ବା ସାହସ ଧୈର୍ଯ୍ୟ ଦେଖାନ୍ତୁ ତଥାପି ଗୋଟାଏ ଦୁଇ ହଜାର ବର୍ଷର ଅଚଳନ୍ତି କାଠମିଠିଆ ଭାଷା କେବେ ଆଉ ଥରେ ଜୀବନ୍ୟାସ ଲଭି ନ ଥାନ୍ତା । ଏହାର କାରଣ ହେଲା ଇସ୍ରାଏଲରେ ଏକ ନୂତନ ଭାଷାର ପ୍ରୟୋଜନ ଥିଲା, ଓ ହିବ୍ରୁ ଟିକେ ପଦେ ଦୁଇ ପଦ ପ୍ରତ୍ୟେକ ଇହୁଦୀଙ୍କ ମନରେ ଆଗରୁ ପଢ଼ିଥିଲା । ତେଣୁ ଇସ୍ରାଏଲର ନୂଆ ଜାତୀୟ ଚେତନା ଦୃଷ୍ଟିରୁ ଇସ୍ରାଏଲ ଯଦି ଏକ ନୂତନ ଭାଷାକୁ ଆବାହନ କଲା ତେବେ ତାହା ହିବ୍ରୁ ହେଲେ ମନ୍ଦ କ'ଣ ? ଇସ୍ରାଏଲରେ ଏକ ନୂତନ ଭାଷାର କାରଣ କ'ଣ ? କାରଣ ଯେଉଁ ଯେଉଁ ଲୋକେ ପୃଥିବୀର ବିଭିନ୍ନ ଅଞ୍ଚଳରୁ ଆସି ଏଠାରେ ବସବାସ କଲେ ସେମାନେ ବିଭିନ୍ନ ଭାଷା କହୁଥିଲେ । ୟେମେନରୁ ଯେଉଁ ଇହୁଦୀ ଆସିଥିଲେ ସେମାନେ ଆରବୀ ଭାଷା କହୁଥିଲେ ସେମାନେ କୌଣସି ୟୁରୋପୀୟ ଭାଷା ବୁଝୁ ନ ଥିଲେ । ହିଟଲର୍ଙ୍କ ଜର୍ମାନୀରୁ ଯେଉଁ ଇହୁଦୀମାନେ ଆସିଥିଲେ ସେମାନେ ଆରବୀ ଭାଷାର ବନ୍ଧୁ ବିସର୍ଗ ଜାଣି ନ ଥିଲେ । ଗ୍ରୀସର ସେଫାରଡ଼ିମ୍ମାନେ ସେମାନଙ୍କର ଗ୍ରିକ ଭାଷା ବା ସ୍ପେନୀୟ ଉପଭାଷା କହୁଥିଲେ ତେଣୁ ସେମାନେ ୟେମେନବାଲାଙ୍କୁ ବୁଝୁ ନଥିଲେ କି ଜର୍ମାନଙ୍କ କଥା ବୁଝୁ ନ ଥିଲେ । ତେଣୁ ହିବ୍ରୁ ବା ଇଭରିଟ୍ ଭାଷାର ଆବଶ୍ୟକତା ପଡ଼ିଲା ଓ

ତାହା ସହଜ ଲବ୍ଧ ଓ ଜୀବିକାର ସହାୟକ ଥିବାରୁ ସବୁଆଡ଼ୁ ସୁବିଧା-ଜନକ ହେଲା । କାରଣ ଏହି ଭାଷା ନ ଜାଣିଲେ କେହି କାମଦାମରେ ସହକର୍ମୀ ସଙ୍ଗି ସାଙ୍ଗେ କଥା ହୋଇ ପାରିବ ନାହିଁ । ସହରରେ ବାଟ ପଚାରି ପାରିବ ନାହିଁ ଦୋକାନରୁ ରୁଟି ଖଣ୍ଡେ କିଣି ପାରିବ ନାହିଁ କି ସ୍କୁଲରେ ପାଠପଢ଼ି ପାରିବ ନାହିଁ । ତେଣୁ ବ୍ୟବହାରିକ ଦିଗର ଦୃଷ୍ଟିରୁ ସାରା ଦେଶଟାଏ ଏକ ନୂଆ ଭାଷାକୁ ଗ୍ରହଣ କରିନେଲା ।

ଏହି ଉଦାହରଣରୁ ଏହି ସ୍ପଷ୍ଟ ଶିକ୍ଷା ହୁଏ ଯେ ନୂତନ ଭାଷା ଯେତେବେଳେ ଅଳ୍ପ ଆୟାସ୍ୟ ହୁଏ ସେତେବେଳେ ସାରା ଲୋକେ ତାହାକୁ ଗ୍ରହଣ କରନ୍ତି । ତେବେ ବିଜ୍ଞାନ ଲୋକଙ୍କ ପାଇଁ କଥା ଭାଷାର ଗୋଟାଏ ମଧ୍ୟବର୍ତ୍ତୀ ଭାଷା ହେଲେ ଯେ ଭଲ ହୁଅନ୍ତା ଏହି କଥାଟା ବହୁ କାଳଯାଏ ବୈଜ୍ଞାନିକ ମାନଙ୍କୁ ଘାରିଥିଲା । ସେମାନେ ମନେ କରିଥିଲେ ଯଦି ଏସପେରାଣ୍ଟୋ ଭ ଏଭଳି ଭାଷା ହୁଅନ୍ତା ତେବେ ଜଣେ ହଙ୍ଗେରୀୟ, ଜାପାନୀ, ସୋମାଲୀୟଙ୍କୁ ଏକାଧିକ ଭାଷା ଶିଖିବାର ଝଞ୍ଜାଳରୁ ମୁକ୍ତି ମିଳନ୍ତା । ତାହା ହେଲେ ଗୋଟିଏ ଏସପେରାଣ୍ଟୋ ଭାଷା ଶିଖି ହେଲେ ସବୁ ବୈଜ୍ଞାନିକଙ୍କ ସଙ୍ଗେ ଭାବର ଆଦାନ ପ୍ରଦାନ ହୋଇପାରନ୍ତା ।

ତେବେ ସଭା, ବୈଜ୍ଞାନିକ ଲେଖା, ଗବେଷଣା ଇତ୍ୟାଦି ତ ଏସପେରାଣ୍ଟୋ ଭାଷାରେ ହେବାର ସ୍ବନ୍ଧ ! କିନ୍ତୁ ସେ ଭାଷାରେ ଏ ସବୁକୁ ଅନୁବାଦ କରିବ କିଏ ? କରୁଛି କିଏ ?

ତେଣୁ ବିଜ୍ଞାନର ଲୌହ କାନୁନ-ଯାହାର ନାମ ହେଲା ଭାଷାଗତ ସମାଜବିଜ୍ଞାନହିଁ ଏ ଦିଗରେ ବଡ଼ ପ୍ରତିବନ୍ଧକ । ଅର୍ଥାତ୍ ବୈଜ୍ଞାନିକଙ୍କ ପାଇଁ ଏକ ସାଧାରଣ ମଧ୍ୟବର୍ତ୍ତୀ ଭାଷା ହେବା ଅସମ୍ଭବ । ତେବେ ଏହି ମଧ୍ୟବର୍ତ୍ତୀ ଭାଷାର ସନ୍ଧାନ ବିଜ୍ଞାନ ପାଇଁ ଗୋଟିଏ ଅପ୍ରତ୍ୟାଶିତ ସୁଫଳ ଦେଇ ପାରିଛି ।

ଲିବ୍‌ନିଜ୍‌ଙ୍କର 'ଭାବନାର ବୀଜଗଣିତ'ର ଧାରଣା କଂପ୍ୟୁଟର ଯନ୍ତ୍ରର ଭାଷାର ମୂଳଦୁଆ ପକାଇଛି । ୧୮୭୬ରେ ଏକ ଦଶମିକ ଶ୍ରେଣୀ ବିଭାଗର ସୃଷ୍ଟି ହୋଇଥିଲା । ଯେଉଁଥିରେ ଧାରଣା ଓ ଭାବକୁ ଶ୍ରେଣୀ ବିଭାଗ କରାଯାଇଥିଲା । ଏହା ଅବଶ୍ୟ କଥାଭାଷା କ୍ଷେତ୍ରରେ ବ୍ୟବହୃତ

ହେଲା ନାହିଁ । ଏହା ବ୍ୟବହୃତ ହେଲା ଲାଇବ୍ରାରୀ ବିଜ୍ଞାନରେ । ବିଭିନ୍ନ ଜ୍ଞାନର କ୍ଷେତ୍ରରେ ବହି ଗୁଡ଼ିକର ଶ୍ରେଣୀ ବିଭାଗ ଏହା ଫଳରେ ସୁଗମ ହୋଇ ଯାଇଛି । ଅର୍ଥାତ୍ ଲାଇବ୍ରାରୀରେ ବିଭିନ୍ନ ବିଷୟ ଯଥା ଡିଭିଜନ୍ ୬ ପ୍ରଯୁକ୍ତି ଜ୍ଞାନ, ୬୧ ଔଷଧ, ୬୧୬.୮ ସ୍ନାୟୁବିକ ରୋଗ ଇତ୍ୟାଦି ଶ୍ରେଣୀ ବିଭାଗ ସମ୍ଭବ ହୋଇଛି ।

'ଅର୍ଥର ଭାଷା' ମଧ୍ୟ ବ୍ୟବହାରରେ ଲାଗିଛି । ଏହା ଅବଶ୍ୟ ମନୁଷ୍ୟର ଭାଷା କ୍ଷେତ୍ରରେ ଲାଗିନାହିଁ ଲାଗିଛି ବିଜ୍ଞାନର ଭାଷ କ୍ଷେତ୍ରରେ । ଆଜି ସାରା ସଂସାରର ବୈଜ୍ଞାନିକ ଏକ ସ୍ୱତନ୍ତ୍ର ମଧ୍ୟବର୍ତ୍ତୀ ଭାଷା ତିଆରି କରିବାରେ ନିଯୁକ୍ତ ରହିଛନ୍ତି । ଏହି ଭାଷା ମନୁଷ୍ୟ ପାଇଁ ନୁହେଁ । ଏହା ଯନ୍ତ୍ର ପାଇଁ ଏକ ସାର୍ବଜନୀନ, ଆନ୍ତର୍ଜାତିକ ଭାଷା ରୂପେ କାର୍ଯ୍ୟ କରିବ ।

# ଯନ୍ତ୍ରରେ ଅନୁବାଦ

( କେବଳ 'ବିଶ୍ୱଭାଷା' ବୋଲି ନାମକରଣ ପାଇଲେ କୌଣସି ଭାଷା ବିଶ୍ୱଭାଷା ହୋଇପିବ ନାହିଁ । ତେଣୁ ସବୁ କୃତ୍ରିମ 'ବିଶ୍ୱଭାଷା' ଏ ଦିଗରେ ବ୍ୟର୍ଥ ହୋଇଛନ୍ତି । ତେବେ ବୈଜ୍ଞାନିକମାନେ ଏକ ସାର୍ବଜନୀନ ଭାଷା ପାଇଁ ଏବେ ବି ତତ୍ପର ଅଛନ୍ତି । ଏହି ଭାଷା ସାମାଜିକ କାରଣରୁ ମଣିଷର ବିଶ୍ୱଭାଷା ହୋଇ ପାରିବ ନାହିଁ; କିନ୍ତୁ ଯନ୍ତ୍ରର 'ବିଶ୍ୱଭାଷା' ହୋଇ ପାରିବ । )

## ମେସିନର ଚମତ୍କାର

ଏବେ ଆମେ ମେସିନ୍ ଚେସ୍ ଖେଳୁଛି, ବା ସଙ୍ଗୀତ ତିଆରି କରୁଛି ବା ଅନୁବାଦ କରୁଛି ବୋଲି କହିଲେ ଆଶ୍ଚର୍ଯ୍ୟ ହେଉ ନାହୁଁ । ଆଜି ଇଲେକ୍ଟ୍ରୋନିକ୍ କମ୍ପ୍ୟୁଟର ନାନା ପ୍ରକାର ଧନ୍ଦାରେ ବ୍ୟାପୃତ । ଅଥଚ ଆଜିକୁ ଦଶବର୍ଷ ତଳେ ଏକଥା କେବଳ ବୈଜ୍ଞାନିକ କାହାଣୀଥିଲା । ଏହା ସତ୍ୟ ହୋଇ ପାରେ ବୋଲି ବୈଜ୍ଞାନିକମାନେ କେବଳ କଳ୍ପନା କରୁଥିଲେ ।

ଯନ୍ତ୍ରର ଅନୁବାଦ କ୍ଷମତା କିପରି ସମ୍ଭବ ? ଯନ୍ତ୍ର ତ କୌଣସି ଭାଷା ଜାଣେ ନାହିଁ । ତା'ହେଲେ ସେ ଗୋଟିଏ ଭାଷାରୁ ଆଉ ଗୋଟିଏ ଭାଷାକୁ ଅନୁବାଦ କରିବ କିପରି ?

ଏ ବିଷୟରେ ଆଚ୍ଛା ଆଚ୍ଛା ଲୋକ ବି ସନ୍ଦେହ ପ୍ରକାଶ କରୁଥିଲେ । ସେମାନଙ୍କ ମତ ଥିଲା ଯେ ବିଭିନ୍ନ ଭାଷାରେ ଶବ୍ଦର ସୀମାରେଖା ଏତେ ଅସ୍ପଷ୍ଟ ଓ ଜଟିଳ, ସମସ୍ତ ଆନ୍ତର୍ଜାତିକ ଅର୍ଥମାଳା ଏତେ ବ୍ୟାପକ ଯେ ଯନ୍ତ୍ରର ଶକ୍ତି ଏଥିପାଇଁ ପର୍ଯ୍ୟାପ୍ତ ନୁହେଁ ।

ଏସବୁ ସନ୍ଦେହ ସତ୍ତ୍ୱେ ଜାନୁଆରୀ ସାତ ତାରିଖ ୧୯୫୪ରେ ନିଉୟର୍କର ଗୋଟିଏ କମ୍ପାନି ସର୍ବସାଧାରଣରେ ଗୋଟିଏ ମେସିନର

ପ୍ରଦର୍ଶନୀ ଦେଖାଇଥିଲେ । ମେସିନ୍‌ଟିର ନାମ ଥିଲା IBM 701 ରୁଷ ଭାଷାରୁ ଇଂରାଜୀକୁ ଗୋଟିଏ ଗଣିତର ବିଷୟ ଏହି ମେସିନ୍‌ଟି ଅନୁବାଦ କରିଥିଲା । ୧୯୫୫ ସାଲରେ ଏକ ସୋଭିଏଟ ଇଲେକ୍ଟ୍ରୋନିକ କଂପ୍ୟୁଟର ମେସିନ୍ ରୁଷ ଦେଶରେ ପ୍ରଥମ ଯାନ୍ତ୍ରିକ ଅନୁବାଦ କରିବାରେ ସମର୍ଥ ହୋଇଥିଲା । ତଥାପି ଅନୁବାଦ କ୍ଷେତ୍ରରେ ଯନ୍ତ୍ରର ଯାହାସବୁ ଅସୁବିଧା ରହିଛି ତାହା ଏପର୍ଯ୍ୟନ୍ତ ଦୂର ହୋଇ ନାହିଁ ।

ମନୁଷ୍ୟର ଭାଷା ହେଉଛି ନାନାବିଧ-ଅର୍ଥ-ସମୃଦ୍ଧ, ଜନସାଧ୍ୟ ଓ ଅତ୍ୟନ୍ତ ସମୃଦ୍ଧ । ଏଭଳି ଏକ ଭାଷ ହଠଆରକୁ ଇଲେକ୍‌ଟ୍ରୋନିକ କଂପ୍ୟୁଟରର ଯାନ୍ତ୍ରିକ ଭାଷାରେ ପରିଣତ କରିବା ଯେ କେତେ କଷ୍ଟସାଧ୍ୟ ତାହା କଳ୍ପନାତୀତ ।

## ମଣିଷର ଯାନ୍ତ୍ରିକ ଅନୁବାଦ

ଯନ୍ତ୍ରର ଉଦ୍ଭାବନ ପୂର୍ବରୁ ଗୋଟିଏ ଭାଷାରୁ ଅନ୍ୟ ଏକ ଭାଷାକୁ ଅନୁବାଦ କରିବାର ଅନେକ ପ୍ରଣାଳୀ ଥିଲା । ଏଥି ଭିତରୁ ଯାନ୍ତ୍ରିକ ଅନୁବାଦକୁ ଏକର ଯନ୍ତ୍ରର ଅନୁବାଦର ମଡେଲ ଭାବରେ ଧରାଯାଇଛି । ଯାନ୍ତ୍ରିକ ଅନୁବାଦକୁ କେବଳ ତା'ର ମାତୃଭାଷା ଜଣାଥିଲେ ଚଳିବ । ତାକୁ ଅନୁବାଦ କରୁଥିବା ଭାଷାର କେତେଗୁଡିଏ ଶବ୍ଦର ଅର୍ଥ, ଓ ତା'ର ବ୍ୟାକରଣ, ପଦବିନ୍ୟାସର ସୂତ୍ର ଦେଇଦେଲେ ସେ ସେହି ଭାଷାରୁ ଆପଣାର ମାତୃଭାଷାକୁ ଅନୁବାଦ କରି ଦେଇପାରିବ । ମନେ କରନ୍ତୁ ଗୋଟିଏ ବହିର ବାଁ ପଟ ପୃଷ୍ଠାରେ ଥିବା ମାତୃଭାଷାର ଶବ୍ଦ ଓ ଡାହାଣ ପାଖ ପୃଷ୍ଠାରେ ଥିବ ଅନୁବାଦ କରୁଥିବା ଭାଷାର ପ୍ରତିଶବ୍ଦ । ତାହା ବି ଆପଣା ମାତୃଭାଷାର ଲିପିରେ ଲେଖାଥିବ । ମନେ କରନ୍ତୁ ଓଡିଆରେ 'ବିଦାୟ' ଇଂରାଜୀରେ ଡାହାଣ ପୃଷ୍ଠାରେ ଲେଖାଥିବ 'Good Bye' ବା ରୁଷ ଭାଷା ହୋଇଥିଲେ ଡାହାଣ ପୃଷ୍ଠାରେ ଲେଖାଥିବ do Svidaniya 'ଦାଶଭିଦାନିୟା' ।

ଏଭଳି ଯାନ୍ତ୍ରିକ ଅନୁବାଦ ପ୍ରକୃତ ବ୍ୟବହାର କ୍ଷେତ୍ରରେ ମଧ୍ୟ ଘଟିଛି । ଜଣେ ହଙ୍ଗେରୀୟ ଭାଷାବିଦ୍ ମିହାଲି ଗାବୋର ଏଭଳି ଗୋଟିଏ International Key to Translation "ଅନୁବାଦ ପାଇଁ

ଆନ୍ତର୍ଜାତିକ ସୂତ୍ର" ତିଆରି କରିଥିଲେ । ଏଥିରେ ଛଅଟି ଇଉରୋପୀୟ ଭାଷା ଇଂରାଜୀ, ଫରାସୀ, ଜର୍ମାନ୍, ସ୍ପେନୀୟ, ହଙ୍ଗେରୀୟ ଓ ରୁଷୀୟ ଅନୁବାଦର ମୂଳ ସୂତ୍ର ଗୁଡ଼ିକ ଦିଆଯାଇଥିଲା । ଏହା ଫଳରେ ବିଦେଶୀ ଭାଷାର କୌଣସି ବିଧି ବିଧାନ ନ ଜାଣି ବି ଗୋଟିଏ ଭାଷାରୁ ଅନ୍ୟ ଭାଷାକୁ ଅନୁବାଦ କରିବା ସମ୍ଭବ ହେଉଥିଲା । ଅବଶ୍ୟ ଏଭଳି ଅନୁବାଦରେ ବହୁତ ସମୟ ଲାଗୁଥିଲା, ଓ ବେଳେ ବେଳେ ଏଭଳି ଶବ୍ଦ ଆସି ପହଞ୍ଚୁଥିଲା ଯାହାର ଅନୁବାଦ ସମ୍ଭବ ନ ଥିଲା ବା ସମ୍ଭବ ହେଲେ ବି କିମ୍ଭୁତ କିମାକାର ହୋଇଯାଉଥିଲା ।

ଏହି ମଣିଷର ଯାନ୍ତ୍ରିକ ଅନୁବାଦରୁ କଳ୍ପନା କରାଗଲା ଯେ ମେସିନ୍ ତ ଏଭଳି ଅନୁବାଦ ଅଧିକ ଶୀଘ୍ର କରିଦେଇ ପାରିବ ? କାରଣ ଏଥିରେ ତ ନୂଆ ଭାଷା ଜାଣିବା ଦରକାର ନାହିଁ । କିନ୍ତୁ ବିପଦ ହେଲା ଏହି ଯେ ମଣିଷ ଅନୁବାଦକ ଆପଣାର ମାତୃଭାଷା ଜାଣେ । ଅଥଚ ମେସିନର କୌଣସି ମାତୃଭାଷା ନାହିଁ । ମଣିଷ ଅନୁବାଦକ କୌଣସି ଅଜଣା ଭାଷାରୁ ଅନୁବାଦ କଲାବେଳେ ବି ମୋଟାମୋଟି ଅର୍ଥକୁ ନଜରରେ ରଖି ଶବ୍ଦ ଯୋଜନା କରେ ଓ ଶବ୍ଦ ନିର୍ବାଚନ କରେ । କିନ୍ତୁ ଯନ୍ତ୍ର ତ ଶବ୍ଦର ଅର୍ଥ ପାଇଁ ଆଦୌ ଖାତିର କରିବ ନାହିଁ । ଏପରିକି ଅତି ସଂକୀର୍ଣ୍ଣ ବିଶେଷ ଧରଣର ଜ୍ଞାନର ସୀମା ଭିତରେ ଯାହା ବି ମିଳେ ସେ ଗୁଡ଼ିକ ଭିତରୁ ପାଞ୍ଚ ଭାଗରୁ ଭାଗେ ଶବ୍ଦର ଏକାଧିକ ଅର୍ଥ ଅଛି । ଅର୍ଥାତ୍ ସେହି ଶବ୍ଦ ଗୁଡ଼ିକ ବିଭିନ୍ନ ଅର୍ଥବୋଧକ । ତେଣୁ ଯଥାର୍ଥ ଅର୍ଥ ବାଛିବାକୁ ହେଲେ ଆମକୁ ପାରିପାର୍ଶ୍ୱିକ ଶବ୍ଦମାନଙ୍କର ସାଧାରଣ ଅର୍ଥକୁ ବୁଝିବାକୁ ପଡ଼େ । ଓ ସମସ୍ତ ବିଷୟଟିର ଦୃଷ୍ଟିରୁ ଦେଖିବାକୁ ପଡ଼େ । ଯେପରି ବିଦେଶୀ ଭାଷା ବିଷୟରେ ଅଜ୍ଞ ଲୋକକୁ ଏକଥା କରିବାକୁ ଦେବ ନ ହେଲେ ଅନୁବାଦ ଅର୍ଥହୀନ ହୋଇଯିବ । କିନ୍ତୁ କଳ ତ କିଛି ବୁଝେ ନାହିଁ ତେଣୁ ଅର୍ଥର ଭରସା ଉପରେ ଚଳିବ ନାହିଁ । ତେଣୁ ଏଭଳି ପଦ୍ଧତିରେ ଯନ୍ତ୍ର ଠାରୁ ଅନୁବାଦ ଆଶା କରିବା ବୃଥା ।

ଦ୍ୱିତୀୟ ମହାଯୁଦ୍ଧ ବେଳେ ଶତ୍ରୁପକ୍ଷର ଗୁପ୍ତ କୋଡ୍‌କୁ ଯେତେ-ବେଳେ ଭାଷାରେ ଭାଷାନ୍ତର କରାଯାଉଥିଲା ସେତେବେଳେ କେତେ ଜଣେ ଭାଷାନ୍ତରକାରୀଙ୍କ ମୁଣ୍ଡରେ ଏକଥା ଢୁକିଥିଲା ଯେ ଯଦି କୋଡ୍‌କୁ ଭାଷାରେ

ଭାଷାନ୍ତର କରାଯାଇପାରିଲା ତେବେ ବିଦେଶୀ ଭାଷାର ଏକ ଉକ୍ତିର କୋଡ଼୍ ତାହାକୁ କାହିଁକି ମାତୃଭାଷାରେ ଭାଷାନ୍ତର କରାଯାଇ ନ ପାରିବ । ଏକଥା ହୋଇ ପାରୁଥିଲେ ମେସିନ୍ ଅନୁବାଦ ଏତେବେଳକେ ଗାଣିତିକ ପ୍ରକ୍ରିୟାରେ ହୋଇ ସାରନ୍ତା । କିନ୍ତୁ ପରେ ଦେଖାଗଲା ଯେ କୋଡ଼୍‌ରୁ ଅର୍ଥ ବାହାର କରିବା ଓ ଅନୁବାଦ କରିବା ଏକା କଥା ନୁହେଁ । କୋଡ଼୍‌ରୁ ଭାଷାକୁ ଆଣିଲାବେଳେ ବା ଭାଷାରୁ କୋଡ଼୍‌କୁ ନେଲା ବେଳେ ଆମ୍ଭେମାନେ ଭାଷା ସଙ୍ଗେ କୌଣସି ସଂପର୍କ ରଖୁନାହୁଁ । ଆମେ କେବଳ ଭାଷାର ବାହ୍ୟ ରୂପକୁ ପରିବର୍ତ୍ତନ କରି ତାକୁ ଆଉ ଏକ ଗାଣିତିକ ବା ସେ ଭଳି ରୂପ ଦେଉଁ । ଏହା ଅତି ଯାନ୍ତ୍ରିକ ପ୍ରକ୍ରିୟା ସାହାଯ୍ୟରେ ହୁଏ । କିନ୍ତୁ ଅନୁବାଦ କଲାବେଳେ ଆମକୁ ଭାଷାକୁ ବଦଳାଇବାକୁ ପଡ଼େ । ଅର୍ଥକୁ ସମୁଦାୟ ଅବିକଳ ଭାବରେ ଜଟିଳ ଓ ସୂକ୍ଷ୍ମ ଭାବ ପ୍ରକାଶର ଧାରାକୁ ବଦଳାଇବାକୁ ପଡ଼େ । ଯେଉଁଧାରା ଶତାବ୍ଦି ଶତାବ୍ଦି କାଳ ଲୋକଙ୍କ ଦ୍ୱାରା ମାର୍ଜିତ ଓ ଶାଣିତ ହୋଇଛି ଓ ଯାହା ସେହି ଜାତିର ଭାବନା ସ୍ରୋତ, ଇତିହାସ, ସଂସ୍କୃତି, ଆଚାର ବ୍ୟବହାର, ଚଳଣି ଇତ୍ୟାଦି ଦ୍ୱାରା ନିବିଡ଼ ଭାବରେ ପ୍ରଭାବିତ ହୋଇଛି । ତେଣୁ ଯନ୍ତ୍ର ଅନୁବାଦର ପ୍ରଧାନ ସମସ୍ୟା ହେଲା ଅର୍ଥର ସମସ୍ୟା । ଅନ୍ୟ କଥାରେ ଅନୁବାଦ ହେଉଛି ଏକ ଭାଷା ସ୍ଥାନରେ ଅନ୍ୟ ଏକ ଭାଷାର ଅଧିଷ୍ଠାନ । କେବଳ ହେଉ ଏକ ପ୍ରକାର ଭାବ ପ୍ରକାଶହିଁ ଏଥିରେ ସାଧାରଣ କଥା ।

ଏବେ କଂପ୍ୟୁଟର ଅନୁବାଦ ପାଇଁ ବହୁ ଗବେଷଣା ଚାଲିଛି । ଅନୁବାଦର ସମସ୍ୟା ବିଷୟରେ ଅନୁଧ୍ୟାନ କରିବାକୁ କଂପ୍ୟୁଟରର ମଧ୍ୟ ସାହାଯ୍ୟ ନିଆଯାଉଛି । ଅନୁବାଦ ପାଇଁ ଯାହା ମାଲମସଲା ଓ ପ୍ରୋଗ୍ରାମ ଓ ଆଇନ କରାଯାଉଛି ତାହାକୁ ଯଥା ଯଥ ଭାବରେ ବ୍ୟବହାର କଲେ ବାଞ୍ଛିତ ଫଳ ମିଳୁଛି କି ନାହିଁ ତାହା ପରୀକ୍ଷା କରାଯାଉଛି । ଗୋଟିଏ ସ୍ତରରେ ଏକଥା କୌଣସି ଭାଷାର କେ ସହିତ ଅନ୍ୟ ଭାଷାର ପ୍ରତିଶବ୍ଦକୁ ଉପଲବ୍ଧ କରାଯାଇଥିଲା । ମନେ କରନ୍ତୁ ଇଂରାଜୀ ଭାଷାର ଗୋଟିଏ ଶବ୍ଦ ସଲ୍ୟୁସନ ବା ଦ୍ରବିତ ବସ୍ତୁ । ଅନ୍ୟ ଅର୍ଥଟି ହେଉଛି ସମାଧାନ । ଏହାକୁ ରୁଷ ଭାଷାରେ ଅନୁବାଦ କଲାବେଳେ କଂପ୍ୟୁଟର କେଉଁ ଶବ୍ଦଟି ବାଛିବ ? କଂପ୍ୟୁଟରକୁ ଯଦି ଏକଥା କୁହାଯିବ ଯେ ସେହି ବାକ୍ୟ ଭିତରେ କୌଣସି

ଉପାସ୍ଥାନକ କିମ୍ବା ବିଷୟ ଥିବ ତେବେ ତାହା ହେବ ଭ୍ରମିତ ବସ୍ତୁ ଯଦି ତାହା ତାହାଛଡ଼ା ଅନ୍ୟ କିଛି ଥିବ ତେବେ ହେବ ସମାଧାନ ।

ଏଭଳି ଅତି ବ୍ୟାବହାରିକ ଆଭିମୁଖ୍ୟର ପ୍ରଗତି କେତେ ବାଟ ? ଏ ସିନା SOLUTION ନାମକ ଶବ୍ଦ ପାଇଁ ଚଳିଲା, ଏହାଠାରୁ ଯଦି ଆହୁରି ଜଟିଳ ଶବ୍ଦ କିଛି ଥିବ ଯେଉଁଥିରେ ଅତ୍ୟନ୍ତ ସୂକ୍ଷ୍ମ ଭାଷାଗତ ସମସ୍ୟା ଜାଗି କରୁଥିବ ତେବେ ଯନ୍ତ୍ର ଅକା ହୋଇ ବସିଯିବ । ତେଣୁ ଗୋଟାଏ କୌଣସି ଶୃଙ୍ଖଳା ବା ନିୟମ ନ ଥାଇ ଏଭଳି ଅନାଧୁନିଆ ଶବ୍ଦ ଗୁଡ଼ାରେ ଅନୁବାଦ ଚଳିବ କି ?

ତେଣୁ ମେସିନ୍ ଅନୁବାଦ ଏବେ ଭାଷାବିତ୍ ମାନଙ୍କର ସମସ୍ୟା । ଏହା ଗଣିତଜ୍ଞ ବା ଇନ୍ଜିନିଅରଙ୍କର ସମସ୍ୟା ନୁହେଁ । କେବଳ ଭାଷାତତ୍ତ୍ୱ-ବିତ୍ ମାନେହିଁ ଗୋଟିଏ ଭାଷା ନିର୍ଦ୍ଦିଷ୍ଟ ଗଣ୍ଡିବଦ୍ଧ ବିଷୟରେ ବୈଜ୍ଞାନିକ ବ୍ୟବସ୍ଥା ଦେଇ ପାରିବେ ଓ ଉପଯୁକ୍ତ ପଦ୍ଧତି ଉଦ୍ଭାବନ କରିପାରିବେ । ଜଣେ ଭାଷାବିତ୍ ହିଁ ବିଭିନ୍ନ ଭାଷାର ସଂସ୍ଥା ଭିତରେ ମେଳ ଓ ଅମେଳର ବିନ୍ଦୁ ଗୁଡିକ ସ୍ଥିର କରି ସେଥିରୁ ସାଧାରଣ ତତ୍ତ୍ୱ ଓ ଚେହେରା ଗୁଡ଼ିକୁ ସଂଗୃହୀତ ଓ ସନ୍ନିବିଷ୍ଟ କରିପାରିବେ ।

ଅନୁବାଦ ସଂକ୍ରାନ୍ତ ଗବେଷଣାର ପ୍ରଥମ ସ୍ତରରେ ଇଂରାଜୀରୁ ରୁଷ ବା ରୁଷରୁ ଇଂରାଜୀ ବା ଜର୍ମାନରୁ ଇଂରାଜୀ ଏଭଳି ଗୋଟିଏ ଭାଷାରୁ ଅନ୍ୟ ଭାଷାକୁ ଅନୁବାଦ କରିବାର ପ୍ରଶ୍ନ ଥିଲା । ସେତେବେଳେ ଗୋଟିଏ ଭାଷାର ବିଶେଷତ୍ୱକୁ ମେସିନ୍ର ଭାଷାରେ ଭାଙ୍ଗି ପୁଣି ଅନୁବାଦ କରିବାକୁ ଥିବା ଭାଷାର ବିଶେଷତ୍ୱରେ ତାହାକୁ ରୂପାନ୍ତରିତ କରିବାର ପ୍ରଶ୍ନ ଥିଲା । ଏଭଳି କ୍ଷେତ୍ରରେ ପ୍ରତ୍ୟେକ ଦୁଇଟି ଭାଷା ପାଇଁ ଗୋଟିଏ ଗୋଟିଏ ସ୍ୱତନ୍ତ୍ର ଓ ଆନୁଷଙ୍ଗିକ ପ୍ରକ୍ରିୟା ଉଦ୍ଭାବନ କରିବା ଥିଲା କାର୍ଯ୍ୟ । ମନେ କରନ୍ତୁ ଇଂରାଜୀ, ଓଡ଼ିଆ ଓ ଜର୍ମାନ ଭାଷାରୁ ରୁଷ ଭାଷାକୁ ଅନୁବାଦ କରିବାକୁ ହେବ । ଏଭଳି ସ୍ଥଳେ ଇଂରାଜୀ-ରୁଷ, ଓଡ଼ିଆ ରୁଷ ଓ ଜର୍ମାନ-ରୁଷ ଏଭଳି ତିନୋଟି ସେଟ୍ର ବିଧି ତିଆରି କରିବାକୁ ହେବ । ଓଲଟା ଦିଗରେ ରୁଷ ଭାଷାରୁ ଇଂରାଜୀ କଲାବେଳେ ଆଉ ଏକ ସେଟ ଆଇନ ତିଆରି କରିବାକୁ ହେବ । ଏଭଳି ଦେଖିଲେ ବୃଗେଟି ଭାଷାପାଇଁ ବାରେଟି ସେଟ, ପାଞ୍ଚୋଟି

ଭାଷା ପ୍ରତି ୨୦ଟି ସେଟ ଓ ୨୦ଟି ଭାଷା ପାଇଁ ୩୮୦ଟି ସେଟ୍ ଦରକାର ହେବ । ସାରା ପୃଥିବୀରେ ତ ହଜାର ହଜାର ଭାଷା ରହିଛି । ତେଣୁ ଏହି ଆଲଗୋରିଥିମ୍ ବା ଆଇନ ସହସ୍ରାଣ୍ଡ ସହସ୍ରାଣ୍ଡ ତ କାଠିକର ପାଠ ହୋଇଯିବ ।

ତେଣୁ ମନେ କରାଯାଉଛି ଯେ ଗୋଟିଏ ମଝି ମଝିକିଆ ଭାଷାରେ ସବୁ ଭାଷାକୁ ଆଣି ପାରିଲେ ସେଥିରୁ ଅନୁବାଦ କରିଦେଲେ କଥାଟା ଖୁବ ସରଳ ହୋଇ ଯିବ । ଏହାକୁ କୌଣସି ମଝିର ଗାଡ଼ିର ଜଙ୍କ୍ସନ ବା ମଧ୍ୟବର୍ତ୍ତୀ ଗିଅର ଭଳି ଚିନ୍ତା କରାଯାଇପାରେ । ଅର୍ଥାତ ମାଙ୍କେ ଗ୍ଲାସ୍ ଭାଷାର ବୋତାମ ଟିପି ସେହି ଭାଷାର ଲେଖକୁ ଭୁଞ୍ଜାଇ ଦିଅ ଓ ତୁମେ ଯଦି ଓଡ଼ିଆ ଭାଷାର ବୋତାମ 'ଆଉଟପୁଟ'ରେ ଟିପିବ ତେବେ ଓଡ଼ିଆ ଭାଷାରେ ସେହି ଲେଖା ଅନୁବାଦ ହୋଇ ବାହାରି ଆସିବ । ଏହା ହୋଇ ପାରିବ ?

ଯଦି ଏଭଳି ଏକ ମଧ୍ୟବର୍ତ୍ତୀ ଭାଷା ବାହାରି ପାରେ ତେବେ ହୋଇ ପାରିବ ।

## ମଧ୍ୟବର୍ତ୍ତୀ ଭାଷାର ବିତର୍କ

ଏହି ମଧ୍ୟବର୍ତ୍ତୀ ଭାଷାର ଗଢ଼ଣ ଏବେ ବି ବୈଜ୍ଞାନିକ ଆଲୋଚନା ଓ ବିତର୍କର ବସ୍ତୁ ହୋଇ ରହିଛି । କେତେକ କହୁଛନ୍ତି ବର୍ତ୍ତମାନ ପୃଥିବୀର ଗୋଟାଏ ସ୍ୱାଭାବିକ ଭାଷାକୁ ନିଅ, ଯଥା ଇଂରାଜୀ ବା ଫରାସୀ ବା ଜର୍ମାନ ବା ରୁଷ, ବା ସ୍ପେନୀସ୍ । ଏହାକୁ ମୂଳ କରି ଅନ୍ୟ ଭାଷାର ଅନୁବାଦ ପାଇଁ ସବୁ ବିଧି ବିଧାନ ତିଆରି କର । କିନ୍ତୁ କଥା ଏତେ ସହଜ ନୁହେଁ । ପ୍ରତ୍ୟେକ ଜୀବନ୍ତ ଭାଷାର ନିର୍ଦ୍ଦିଷ୍ଟ ଆଇନ ଅଛି ଓ ତାହାର ବି କେତେକ ବ୍ୟତିକ୍ରମ ଅଛି । କେଉଁ ଭାଷାରେ କାରକ ବିଭକ୍ତି ଅଛି ତ କାହାର 'ଆର୍ଟିକଲ' ( a, an, the ) ଅଛି ତ କାହାର ମୋଟେ ନାହିଁ । ବିଭକ୍ତି କାରକ ନ ଥିବା ଭାଷାକୁ ମଧ୍ୟବର୍ତ୍ତୀ ଭାଷା କରି ନେଲେ ପୁଣି କାରକ ବିଭକ୍ତି ଯୋଡ଼ିବାକୁ ଯନ୍ତ୍ରକୁ ଶିଖାଇବାକୁ ହେବ ଓ ଅନୂଦିତ ଭାଷାରେ ଯଦି କାରକ ବିଭକ୍ତି ଥାଏ ତେବେ ମହା ଅଡ଼ୁଆ । ରୁଷ ଭାଷାରେ ବା ତୁର୍କୀ ଭାଷାରେ a, an, the ନାହିଁ କିନ୍ତୁ ଇଂରାଜୀ ଓ ଫରାସୀ ଭାଷାରେ

ଅଛି । ଏହାଛଡ଼ା ଜୀବନ୍ତ ଭାଷା ଗୁଡ଼ିକ ଅତ୍ୟନ୍ତ ଜଟିଳ ଓ ନାନାବିଧ-ଅର୍ଥ-ବିଶିଷ୍ଟ ଶବ୍ଦରେ ଭରା । ତେଣୁ ଇଲେକ୍ଟ୍ରୋନିକ ଯନ୍ତ୍ର ଏଭଳି ଭାଷକୁ ମଧ୍ୟବର୍ତ୍ତୀ ଭାଷା ଭାବରେ ଆୟତ୍ତ କରିପାରିବ ନାହିଁ । ତେବେ ଯେଉଁ କୃତ୍ରିମ ଭାଷା ଯଥା ଏସ୍‌ପେରାଣ୍ଟୋ, ବା ଭଲପ୍ୟୁକ, ବା ଇଣ୍ଟରଲିଙ୍ଗୁଆ, ଇତ୍ୟାଦି ଥିଲା ସେ ଗୁଡ଼ିକ ନେଲେ କାମ ଚଳିବ ? ସେଥିରେ ବି ଚଳିବ ନାହିଁ । ଅବଶ୍ୟ ଏହି କୃତ୍ରିମ ଭାଷା ଗୁଡ଼ିକରେ ବ୍ୟାକରଣ ଅପେକ୍ଷାକୃତ ସରଳ, ଓ ଏମାନଙ୍କରେ ବ୍ୟତିକ୍ରମ ନାହିଁ । କିନ୍ତୁ ଏ ଗୁଡ଼ିକ ତ ସ୍ୱାଭାବିକ ଜୀବନ୍ତ ମାତୃଭାଷା ଅନୁକ୍ରମରେ ତିଆରି ହୋଇଛନ୍ତି, ତେଣୁ ଏମାନଙ୍କର ବି ଆର୍ଟିକଲ୍ ଅଛି, ବିଭକ୍ତି କାରକ ଓ ସମାସର ସଂସ୍ଥାନ ଅଛି । ତେଣୁ ଏ ଗୁଡ଼ିକ ବି ମଧ୍ୟବର୍ତ୍ତୀ ଭାଷା ହେବାର ଉପଯୋଗୀ ହେଉ ନାହାନ୍ତି ।

କେତେକ କହୁଛନ୍ତି ଯେ ଏହି ମଧ୍ୟବର୍ତ୍ତୀ ଭାଷାର ଏ ନିର୍ଦ୍ଦିଷ୍ଟ ଶବ୍ଦ ଭଣ୍ଡାର ଓ ବ୍ୟାକରଣ ରହିବ କିନ୍ତୁ ଏହି ଭାଷାକୁ ଧ୍ୱନିରେ ବା କଥାରେ କିଛି ହେବ ନାହିଁ । କାରଣ ଏହି ମଧ୍ୟବର୍ତ୍ତୀ ଭାଷାର ବାକ୍ୟାଂଶ ଗୁଡ଼ିକ ବିଭିନ୍ନ ସଙ୍କେତର ସମଷ୍ଟି ହେବ ଓ ତାହାକି ନିର୍ଦ୍ଦିଷ୍ଟ ଭାବର ପ୍ରକାଶକ ହେବ । ଏହାର ବ୍ୟାକରଣ ଓ ଶବ୍ଦ ବିଭିନ୍ନ ଜୀବନ୍ତ ଭାଷାର ବ୍ୟାକରଣ ଓ ଶବ୍ଦ ସଂପଦ ଭିତରୁ ସବୁଠୁଁ ସାଧାରଣ ଗୁଡ଼ିକ ନେଇ ଗଢ଼ା ହେବ । ଯାହା ସାଧାରଣ ନୁହେଁ, ତାହାକୁ ପରିତ୍ୟାଗ କରାଯିବ ।

ଅନ୍ୟମାନେ କହୁଛନ୍ତି ଏକଥା ହେବ ନାହିଁ । ବରଂ ବିଭିନ୍ନ ଜୀବନ୍ତ ଭାଷାର ଯେତେ ପ୍ରକାର ବିଶେଷତ୍ୱ ଅଛି ବ୍ୟାକରଣରେ ସେ ସବୁ ପାଇଁ ସ୍ଥାନ ରହିବ ଏହା ସବୁ ଭାଷାର ସବୁପ୍ରକାର ସୂକ୍ଷ୍ମ ଭାବ ପ୍ରକାଶ କରିବାର କ୍ଷମତା ରଖିବ । ତେବେ ଏକ ଭାଷରୁ ଅନ୍ୟ ଭାଷକୁ ଅନୁବାଦ କରିବାର ଯାନ୍ତ୍ରିକ ପ୍ରଣାଳୀରେ ଯେପରି କୌଣସି ପ୍ରକାର ଅର୍ଥ ଏପଟ ସେପଟ ନ ହୁଏ ।

ସୋଭିଏଟ ଦେଶର ଜଣେ ଯୁବକ ଗବେଷକ ଭବିଷ୍ୟତ ମଧ୍ୟବର୍ତ୍ତୀ ଭାଷାକୁ ବ୍ୟାପକ ସାଙ୍କେତିକତା ଭିତ୍ତିରେ ଗଢ଼ିବାର ପ୍ରସ୍ତାବ ଦେଇଛନ୍ତି । ତାଙ୍କର ପ୍ରସ୍ତାବ ଅନୁସାରେ ଏହି ଭାଷା କୌଣସି ଶାସ୍ତ୍ର ଶବ୍ଦ ସମ୍ବଳିତ ଭାଷା ହେବ ନାହିଁ । ଏହା କେବଳ ବିଭିନ୍ନ ଭାଷାମାନଙ୍କ ଭିତରେ ଥିବା

ଅର୍ଥଗତ ସଂପର୍କର ଗୋଟାଏ ଖସଡ଼ା ହେବ । ଉଦାହରଣ ସ୍ୱରୂପ ଓଡ଼ିଆରେ 'ଶ୍ରେଣୀ' ରୁଷରେ 'ରାଜ୍‌ର୍ୟାଡ୍' ଇଂରାଜୀରେ 'କ୍ଲାସ' ଚୀନ ଭାଷାରେ 'ଦେଙ୍ଗ' ଜାପାନୀରେ 'ଆଇ' ଇତ୍ୟାଦି ବିଭିନ୍ନ ଭାଷାରେ ସମାନ ଅର୍ଥ ବୋଧକ ଶବ୍ଦ ରହିଛି । ଏହି ଶବ୍ଦ ଗୁଡ଼ିକର ଏହି ଅର୍ଥଗତ ସାଦୃଶ୍ୟହିଁ ମଧ୍ୟବର୍ତ୍ତୀ ଭାଷାରେ ଗୋଟିଏ 'ଶବ୍ଦ' ହେବ । ଏମାନଙ୍କୁ ଗୋଟିଏ ଗୋଟିଏ ସଂଖ୍ୟା ଦ୍ୱାରା ଚିହ୍ନିତ କରାଯାଇପାରିବ ।

ତେବେ ପ୍ରଶ୍ନ ଉଠୁଛି ପଦ ବିନ୍ୟାସ କିପରି ହେବ ? କାରକ, ବଚନ, କ୍ରିୟାର କାଳ, ବିଭିନ୍ନ ଅବସ୍ଥା ଓ ବାଚ୍ୟ ?

ରୁଷୀୟ ଭାଷାରେ ବିଶେଷ୍ୟର ଲିଙ୍ଗ, ବଚନ ଓ କାରକ ଅଛି । ହଙ୍ଗେରୀୟ, ତୁର୍କୀ, ଚୀନା ଭାଷାରେ ବିଶେଷ୍ୟର କୌଣସି ଲିଙ୍ଗ ନାହିଁ । ଫାରସୀ ଓ ଚୀନ ଭାଷାରେ ବିଶେଷ୍ୟର କୌଣସି କାରକ ଯୁକ୍ତ ଥିବା ବିଭକ୍ତି ଚିହ୍ନ ନାହିଁ । ଚୀନା ବିଶେଷଣର ବଚନ ବି ନାହିଁ (ଓଡ଼ିଆ ସଙ୍ଗେ ତୁଳନୀୟ) । ଏକବଚନ ଓ ବହୁ ବଚନ ଏକାଭଳି ଶୁଭନ୍ତି । ଏକ ଭଳି ଲେଖା ଯାଆନ୍ତି ସଂଖ୍ୟା ଯଥା ଏକ, ଦୁଇ, ଇତ୍ୟାଦି ଯୋଡ଼ା ଯାଇ ବହୁବଚନ କରାଯାଇଥାଏ । ଏଭଳି ସ୍ଥଳେ ଭାଷା ଭିତରେ ଯେବେ ଏତେ ଫାଙ୍କ ଫାଙ୍କ ସେତେବେଳେ ଏଭଳି ଅର୍ଥର ଭାବ ଗୁଡ଼ିକ ଖାଲି ହୋଇଗଲେ ତ କାମ ଚଳିବ ନାହିଁ ।

ଏହି ସୋଭିଏଟ ଯୁବକ ମେଲଚୁକଙ୍କ ପ୍ରସ୍ତାବ ଅନୁସାରେ ମଧ୍ୟବର୍ତ୍ତୀ ଭାଷାର କୌଣସି ପଦ ବିନ୍ୟାସ ରହିବ ନାହିଁ । ସବୁ ପ୍ରକାର ପଦ ବିନ୍ୟାସର ଚିହ୍ନ ବା ସୂଚନା (ଲିଙ୍ଗ, ବଚନ, କାରକ, ବିଭକ୍ତି ବିଶେଷ୍ୟ ସ୍ଥଳରେ ) ଶବ୍ଦ ଭିତରେହିଁ ନିହିତ ରହିବ ବ୍ୟାକରଣରେ ନୁହେଁ । ଯଥା ତୁର୍କୀ ଶବ୍ଦ 'ତାଶ୍' (ପଥର) ମଧ୍ୟବର୍ତ୍ତୀ ଭାଷାରେ ଯୋଡ଼ାଏ ଶବ୍ଦ ହେବ ଗୋଟିଏ ଶବ୍ଦ 'ପଥର' ଆଉଟି 'ବହୁବଚନ' 'ରୁଷ ଶବ୍ଦ 'କାମେନ୍ହ୍' (ପଥର)ର ଚାରୋଟି ଶବ୍ଦ ହେବ । ଗୋଟିଏ ଶବ୍ଦ ହେବ 'ପଥର' ଦ୍ୱିତୀୟଟି 'ବହୁବଚନ' ତୃତୀୟଟି ହେବ 'ପୁଂଲିଙ୍ଗ' ଓ ଚତୁର୍ଥଟି 'କର୍ତ୍ତା କାରକ' । ସେହିପରି ଚୀନା ଶବ୍ଦ 'ଶହ୍‌ଟାଉ' (ପଥର) ଗୋଟିଏ ଶବ୍ଦ ହେବ କାରଣ ଚୀନ ଭାଷାରେ ଲିଙ୍ଗ, ବଚନ, ବା କାରକ ବିଭକ୍ତି ବିଶେଷ୍ୟ ପଦ କ୍ଷେତ୍ରରେ ନାହିଁ ।

ଶେଷୋକ୍ତ ପଦ୍ଧତିଟି କେତେ ପରିମାଣରେ ବୈଜ୍ଞାନିକ ଭଳି ମନେ ହେଉଛି । ଅବଶ୍ୟ ଏଭଳି ଏକ ମଧ୍ୟବର୍ତ୍ତୀ ଭାଷା ତିଆରି କରିବା ପାଇଁ ବହୁତ କାଳ ଲାଗିବ । ତାହା ହୋଇଗଲେ ବି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସମସ୍ୟାର ସମାଧାନ ପାଇଁ ଏବେ ବି ରହିଛି । ତାହା ପାଇଁ ସବୁ ଭାଷାର ସବୁ ବ୍ୟବହୃତ ଶବ୍ଦକୁ ଖୋଳି ତାଡ଼ି ତାହା ଭିତରୁ ଅର୍ଥର ଅଣୁ ସବୁ ଏକାଠି କରିବାକୁ ହେବ । ଏହା ହେଲେ ବି ଏକ ସ୍ୱତନ୍ତ୍ର ସୂଚନା ଭାଷା ତିଆରି କରିବାକୁ ହେବ । ଯାହା ଇଲେକ୍ଟ୍ରୋନିକ ଗାଣିତିକ-ସୂଚନା ଯନ୍ତ୍ର କ୍ଷେତ୍ରରେ ବ୍ୟବହାରରେ ଲାଗିବ । ଏ ବିଷୟରେ ବିସ୍ତାରିତ ଆଲୋଚନା ଆମେ ଆଗରୁ କରିଅଛୁଁ ।

ବିଜ୍ଞାନ ଏପରି କଥା ନେଇ କାରବାର କରେ ଯାହାର ଏକ ପ୍ରକାର ଅର୍ଥ ସବୁ କ୍ଷେତ୍ରରେ ହେବ ଓ ଯାହା ଅନ୍ୟ କଥାଠାରୁ ଅର୍ଥ ଭାବରେ ସବୁ କ୍ଷେତ୍ରରେ ସବୁକାଳରେ ସବୁ ସ୍ଥାନରେ ଅଲଗା ହେବ । ଭାଷାର ଶବ୍ଦ ତ ତାହା ନୁହେଁ । ଗୋଟିଏ ଭାଷାର ଶବ୍ଦର ତ ବିଭିନ୍ନ ଅର୍ଥ ହୋଇପାରେ । ଆଗରୁ ଇଂରାଜୀ 'SOLUTION' (ଓଡ଼ିଆ—(୧) ସମାଧାନ, (୨) ଦ୍ରବିତ ବସ୍ତୁ) କଥା ଆମେ ବି ଆଲୋଚନା କରିଅଛୁଁ ।

ପୃଥିବୀରେ ବହୁ ପାରିଭାଷିକ କଥା କମିଶନ, କମିଟି ଇତ୍ୟାଦି ବସି ବୈଜ୍ଞାନିକ ପାରିଭାଷିକ ଶବ୍ଦର ଆନ୍ତର୍ଜାତିକ ଅର୍ଥ ଠିକ୍ କରୁଛନ୍ତି । କିନ୍ତୁ ସେମାନେ ମନୁଷ୍ୟର ବିଭିନ୍ନ ଭାଷାର ଶବ୍ଦ କ୍ଷେତ୍ରରେ ଏକଥା କରିବାକୁ କେବେ ହେଲେ ଯିବେ ନାହିଁ । କାରଣ ଜୀବନ୍ତ ଭାଷା କାହାରି ଅନୁଶାସନ ବା ଫର୍ମୁଆ ମାନି ଚଳିବ ନାହିଁ ।

ଓଲଟା ଦିଗରେ ଗୋଟିଏ ଅର୍ଥ ପାଇଁ ତ ନାନାବିଧ ଶବ୍ଦ ଅଛି । ବିଭିନ୍ନ ଭାଷାରେ ଏଥିପାଇଁ ଏକ, ଦୁଇ, ପାଞ୍ଚ ଛଅଟି ବି ଶବ୍ଦ ରହିଛି । ଓଡ଼ିଆ ଭାଷାରେ 'ସଙ୍କେତ' ଶବ୍ଦର ଚିହ୍ନ, ଲେଖ, ଦାଗ, ଇତ୍ୟାଦି ଇଂରାଜୀରେ ଅଛି 'ସାଇନ' ସିମ୍ବଲ, ନୋଟ୍, ମାର୍କ, କୋଟେଶନ୍ ଇନ୍-ଡେକ୍ସ । ଜାପାନୀ ଭାଷାରେ ଅଛି 'ଚୋ' 'ଫୁଗୋ' ଓ 'କିଗୋ' ତେଣୁ ଗୋଟିଏ ଭାବର ଅର୍ଥ ଯେ ବିଭିନ୍ନ ଶବ୍ଦ ଦ୍ୱାରା ପ୍ରକାଶ ପାଏ ଏକଥାକୁ ବି ମଧ୍ୟବର୍ତ୍ତୀ ଭାଷାରେ ବ୍ୟବସ୍ଥା କରିବାକୁ ହେବ ।

# ଥେ'ର ସଉରସ୍ ପଦ୍ଧତି

ତଥାପି ବୈଜ୍ଞାନିକ ମାନଙ୍କର ଆଶା ରହିଛି ଯେ ଏକ ମଧ୍ୟବର୍ତ୍ତୀ ଭାଷା ବାହାରି ପାରିବ । ଯାହାକୁ କଂପ୍ୟୁଟର ଦେହରେ ଭର୍ତ୍ତି କଲେ କମ୍ପ୍ୟୁଟର ଯେ କୌଣସି ଭାଷାର ଲେଖାକୁ ଅନ୍ୟ ଯେ କୌଣସି ଭାଷାରେ ଅନୁବାଦ କରିଦେବ । ଏହି ଭାଷାର ଉଦ୍ଭାବନ ଦିଗରେ ଏବେ ଇଂଲଣ୍ଡର କେମ୍ବ୍ରିଜ ରେଷ୍ଟି ବ ସକ୍ରିୟ ହୋଇଛନ୍ତି । ସେମାନଙ୍କର ପଦ୍ଧତି ହେଉଛି ଥେସରସ ପଦ୍ଧତି ।

ଥେସରସ୍ ହେଉଛି ଏକ ବିଶେଷ ଧରଣର ଅଭିଧାନ । ଏଥିରେ ଶବ୍ଦଗୁଡିକ ବିଭିନ୍ନ ଗୋଷ୍ଠି, ଶ୍ରେଣୀ ଧାରଣା ଅନୁସରେ ଏକତ୍ର କରାଯାଇଥାଏ । ଏହି ଥୋସରସର ସବୁଠାରୁ ଜଣାଶୁଣା ନମୁନା ହେଲା ରୋଜେଟଙ୍କର ଥେସରସ୍ ଏହାର ପକେଟ ସଂସ୍କରଣ ଯେ କୌଣସି ରେଳବାଇ ବହି ଦୋକାନ ବା ସାଧାରଣ ବହି ଦୋକାନରେ ମିଳିବ । ଏହି ବହି ଗତ ଶତାବ୍ଦିର ମଝିଲା କାଳରେ ପ୍ରଥମେ ସଂକଳିତ ହୋଇଥିଲା । ଏବେ ଏହା ଲକ୍ଷ ଲକ୍ଷ ସଂଖ୍ୟାରେ ପରିବର୍ଦ୍ଧିତ ଓ ପରିମାର୍ଜିତ ସଂସ୍କରଣ ଭାବରେ ବାହାରି ସାରିଛି । ଏହି ଅଭିଧାନରେ ଶ୍ରେଣୀ ଗୁଡିକ ଉପଶ୍ରେଣୀ ବା ସେକ୍ସନ ଭାବରେ ବିଭକ୍ତ ଓ ସେକସନ ଗୁଡିକର ଉପବିଭାଗ ହେଉଛି କାଟିଗରିଜ୍ (ଧରଣ) ମୋଟରେ ଏଥିରେ ଛଅଟି ଶ୍ରେଣୀ । ତିରିଶଟି ସେକସନ୍ ଓ ଏକ ହଜାରରୁ ବେଶି ଧରଣ ବା କାଟିଗରି ରହିଛି । ଉଦାହରଣ ସ୍ୱରୂପ ଶ୍ରେଣୀ ବିଭାଗର Space ନାମକ ଶବ୍ଦ ନିଆଯାଉ । ଏହାର ସେକ୍ସନମାନେ ହେଲେ 'ସାଧାରଣ ଭାବରେ SPACE' । 'ଦୈର୍ଘ୍ୟ, ପ୍ରସ୍ଥ, ବେଧ, ଆକାର, ଗତି' ଇତ୍ୟାଦି ।

'ଗତି' ସେକ୍ସନ ପୁଣି ଅନେକ ଗୁଡ଼ିଏ କାଟିଗରିରେ ବିଭକ୍ତ । ସାଧାରଣ ଭାବରେ 'ଗତି' 'ଗତିର ବିଭିନ୍ନ ପରିମାଣ' 'ସ୍ଥଳ ସହିତ ଗତି' 'ଜଳ ସହିତ ସମ୍ପର୍କିତ ଗତି' ପୁଣି ଏଥିରୁ ଆହୁରି ଉପବିଭାଗ ହୋଇଛି ଯେଉଁଥିରେ ଅଛି 'ଭ୍ରମଣ' 'ନୌଯାତ୍ରା' 'ଆକାଶ ଯାତ୍ରା' 'ପର୍ଯ୍ୟଟକ' 'ନୌଯାତ୍ରୀ' । ଏହିପରି ଭାଷାର ସବୁ ଗୁଡିକ ଶବ୍ଦ ଏହି କ୍ୟାଟିଗରିରେ ବିଭକ୍ତ କରାଯାଇଛି ।

ଏହାଛଡ଼ା ଏକ ବର୍ଣ୍ଣାନୁକ୍ରମିକ ତାଲିକା ବି ଅଛି । ଯେଉଁଥିରୁ ଶବ୍ଦ କେଉଁ ଶ୍ରେଣୀର, କେଉଁ ସେକଶନ ଓ କେଉଁ କ୍ୟାଟିଗରୀରେ ପଡ଼ିବ ତାହା ସେହି ତାଲିକା ଦେଖିଲେ ଜାଣି ହେବ ।

ଯେଉଁଠି ଶବ୍ଦର ଅନେକ ଗୁଡ଼ିଏ ଅର୍ଥ ଅଛି ଯଥା 'Flat' ତେବେ ରୋଜେଟ୍‌ଙ୍କ ତାଲିକାରେ ତାହା ବିଭିନ୍ନ ଶ୍ରେଣୀ, ସେକଶନ୍ ଓ ତାଲିକାରେ କେଉଁ କେଉଁ ସ୍ଥାନରେ ଅଛି ଦର୍ଶାଇ ଦିଆଯାଇଛି । ଯଥା ଏହି ଫ୍ଲାଟ୍ ଶବ୍ଦଟି ୧୭୨ ନମ୍ବରରେ ଅନଡ଼, ୧୯୧ ନମ୍ବରରେ ରହିବା ଘର, ୨୦୭ରେ ମାପ୍ସ, ୨୧୩ରେ ଭୂମି ସହିତ ସମାନ୍ତର ଇତ୍ୟାଦି ଭାବରେ ଲେଖାଯାଇଛି । ତେଣୁ ଗୋଟିଏ ଶବ୍ଦର ବିଭିନ୍ନ ଅର୍ଥ ଥିଲେ ତାହା ବିଭିନ୍ନ ଶ୍ରେଣୀ, ସେକଶନ ବା କ୍ୟାଟିଗରୀରେ ମିଳିବ ।

ରୋଜେଟ୍‌ଙ୍କର ଏହି ବିଶେଷ ଧରଣ ଅଭିଧାନ ଇଂରାଜୀ ଭାଷା ଶବ୍ଦ ଗୁଡ଼ିକୁ ନେଇ ତିଆରି ହୋଇଥିଲା । ଏବେ ପୃଥିବୀର ବହୁ ଭାଷାରେ ଏଭଳି ବିଶେଷ ଧରଣର ଅଭିଧାନ ତିଆରି ହେଲାଣି, ଓ ଏହି ଥେସାରସର ପଦ୍ଧତି ଅନୁସାରେ ଏବେ ଶ୍ରେଣୀ ଗୁଡ଼ିକ କେବଳ ଇଂରାଜୀ ଭାଷାରେ ନୁହେଁ ଅନ୍ୟ ଭାଷାରେ ବି ଏପରି ଲେଖା ହେଲେଣି ଓ ଏଥିରୁ ସେକଶନ ଓ କ୍ୟାଟିଗରୀରେ ବିଭିନ୍ନ ଭାଷାର ଶବ୍ଦ ମାନଙ୍କୁ ନିଆ ହେଲାଣି । ଏପରି ଭାବରେ ମଧ୍ୟବର୍ତ୍ତୀ ଭାଷାର ଶବ୍ଦ ଭଣ୍ଡାର ତିଆରି ହେଉଛି ।

ଗୋଟିଏ ଥେସାରସ ସାହାଯ୍ୟରେ ଅନୁବାଦ କରିବା ହେଉଛି ଏକ ଅଜବ ବ୍ୟାପାର । ଏହା ଦ୍ୱାରା ଗୋଟା ଗୋଟା ପଦର ଅନୁବାଦ ହେବ । ବାକ୍ୟର ଅନୁବାଦ ହୁଏ ନାହିଁ । ଗୋଟିଏ ପଦରୁ ଗୋଟିଏ 'ଅର୍ଥଗତ ସୂତ୍ର' ବାହାର କରାଯାଏ । ସେହି ପଦର ଅର୍ଥ ଗୁଡ଼ିକ ଥେସାରସ୍‌ର ସଂଖ୍ୟା ଅନୁସାରେ ପ୍ରକାଶ କରାଯାଏ । ତା'ପରେ ଯେଉଁ ଭାଷାକୁ ଅନୁବାଦ କରାଯିବ, ସେହି ଭାଷାର 'ଅର୍ଥଗତ ସୂତ୍ର' ସନ୍ଧାନ କରାଯାଏ । ତାହା ହୋଇ ଗଲେ ଭାଷାନ୍ତର ହୋଇଯାଏ ।

ଥୋରସଡାଇସ ପଦ୍ଧତି ଠାରୁ ଆଉ ଟିକିଏ ଉନ୍ନତ ପଦ୍ଧତି ଏବେ ସେ.ଭଏଣ୍ଟ ରୂପରେ ଚାଲିଲାଣି । ଏହାକୁ 'ଅର୍ଥ-ଗତ ଭାଷା' ପଦ୍ଧତି କୁହାଯାଇ ପାରେ ।

ପୃଥିବୀର ସବୁ ଭାଷାରେ ହଜାର ହଜାର ବିଭିନ୍ନ ଶବ୍ଦ ଅଛି ଓ ପ୍ରତ୍ୟେକ ଶବ୍ଦର ସ୍ୱତନ୍ତ୍ର ଅର୍ଥ ଅଛି । ଆଉ ଟିକିଏ ତଳେଇ କରି ଦେଖିଲେ ଗୋଟିଏ ଶବ୍ଦର କେତେ ଗୁଡ଼ିଏ ମୌଳିକ ଅର୍ଥ ରହିଛି ।

ମନେ କରନ୍ତୁ ଆମେ ଆଠଟି ଶବ୍ଦ ନେଲେଇଁ । ବାପ, ମା, ପୁଅ, ଝିଅ, ମାମୁଁ, ମାଇଁ, ଭଣଜା, ଭାଣେଜି । ପ୍ରତ୍ୟେକର ନିର୍ଦ୍ଦିଷ୍ଟ ଗୋଟିଏ ଗୋଟିଏ ଅର୍ଥ ଅଛି । କିନ୍ତୁ ଆମେ ଯଦି ବାପ, ପୁଅ, ମାମୁଁ ଓ ଭଣଜା ଏହି ଚାରୋଟି ଶବ୍ଦ ନେଉଁ ତେବେ ସେମାନଙ୍କର ଗୋଟିଏ ସାଦୃଶ୍ୟ ଅଛି । ସେମାନେ ସଭିଏଁ ପୁଂଲିଙ୍ଗ । ତେଣୁ ଆମର ଗୋଟିଏ ମାନେ ଲିଙ୍ଗ ବାହାରିଲା । ପୁଂଲିଙ୍ଗ ହେଲା A ଓ ଯାହା ପୁଂ ନୁହେଁ ତାହା ହେଲା A

ପୁଣି ଅର୍ଥକୁ ବିଶ୍ଳେଷଣ କଲେ ବାପ, ମା ସଙ୍ଗେ ପୁଅ, ଝିଅଙ୍କର ପ୍ରତ୍ୟକ୍ଷ ସଂପର୍କ । ଝିଅର ମାଇଁ ସଙ୍ଗରେ ବା ପୁଅର ମାମୁଁ ସଙ୍ଗରେ ଅପ୍ରତ୍ୟକ୍ଷ ସଂପର୍କ ତେଣୁ ପ୍ରତ୍ୟକ୍ଷ ସଂପର୍କ ପାଇଁ ଯଦି B ଧରାଗଲା ତେବେ ଅପ୍ରତ୍ୟକ୍ଷ ସଂପର୍କ ହେଲା $\bar{B}$

ପୁଣି ଶେଷରେ ବାପ, ମା, ମାମୁଁ, ମାଇଁ ଙ୍କୁ ପୁଅ, ଝିଅ, ଭଣଜା, ଭାଣେଜି ସଙ୍ଗରେ ତୁଳନା କରାଗଲେ ଏମାନେ ଦୁଇଟି ସ୍ୱତନ୍ତ୍ର ବା ପୀଢ଼ିର ଲୋକ । ଯଦି ଏହି ପିଢ଼ିକୁ ଧରାଯାଏ C ତେବେ ତା'ର ପରବର୍ତ୍ତୀ ପିଢ଼ି ହେଲା $\bar{C}$ । ତେଣୁ ବାପ ହେଲା ABC, ମା ହେଲା $\bar{A}BC$, ମାମୁଁ ହେଲା $A\bar{B}C$, ମାଇଁ ହେଲା $\bar{A}\bar{B}C$, ପୁଅ ହେଲା $AB\bar{C}$, ଝିଅ ହେଲା $\bar{A}B\bar{C}$, ଭଣଜା ହେଲା $A\bar{B}\bar{C}$, ଭାଣେଜି ହେଲା $\bar{A}\bar{B}\bar{C}$ ।

ଆଗରୁ କୁହାଯାଇଛି ଆମେରିକାର ପେଣ୍ଟାଗନ ଓ କେଣ୍ଟ ର ଗାଣିତିକ-ସୂଚନା ଯନ୍ତ୍ର ପାଇଁ ଏକ ସ୍ୱତନ୍ତ୍ର ଅର୍ଥଗତ ଭାଷା ତିଆରି କରିଥିଲେ । ତେବେ ସେମାନେ ଏହି ଭାଷା ଟି ଧାତବ ଦ୍ରବ୍ୟ-ବିଦ୍ୟା ପାଇଁ ତିଆରି କରିଥିଲେ । କିନ୍ତୁ ନିତିଦିନିଆ କଥା ଭାଷାକୁ ଏହିଭଳି ଭାବରେ ତିଆରି କରିବାରେ ବହୁତ ଅଭ୍ୟାସ ଲୋଡ଼ା ତେବେ ଏକଥା କିଛି ବାଟ ଆଗେଇଲାଣି । ଏବେ

ଇଂରାଜୀରେ "ଏହା ନୂଆ କଥା ନୁହେଁ" ଭୁଞ୍ଜାଇ ଦେଲେ ଋଷରେ ତା'ର ଅନୁବାଦ ହେଉଛି 'ଏହା ଆଗରୁ ଜଣା ଅଛି ।"

## ମନୁଷ୍ୟର ଭାଷା ଓ ଯନ୍ତ୍ରର ଭାଷା

ଏଭଳି 'ଅର୍ଥଗତ ଗୁଣ' ଗୁଡ଼ିକ ଶିଖାଇ ଗବେଷକମାନେ ଯନ୍ତ୍ରକୁ ଅନୁବାଦ କରିବାକୁ ଥିବା ବିଷୟବସ୍ତୁର ଅର୍ଥ ବୁଝିଇ ପାରିବେ ବୋଲି ଆଶା କରୁଛନ୍ତି । ତେବେ ଯେଉଁ ଯନ୍ତ୍ର ଏକଥା କରି ପାରିବ ତାହା ନିଶ୍ଚୟ ଖୁବ୍ ଯାଉଁବାର ଯନ୍ତ୍ର । ଏଭଳି ଯାନ୍ତ୍ରିକ ଅର୍ଥ-ବୋଧ ପାଇଁ ସବୁ ଏକଦମ୍ ବେଶ୍ କେବଳ ଠୋକ ଓ ବାଧ୍ୟବାଧକତା ହେବା ଦରକାର । ଆମେରିକାର ବୈଜ୍ଞାନିକ-ମାନେ ଥୋରସାଇରସ, ପଦ୍ଧତିରେ ଏକ ଜପକଠାଇବିଆ 'ଅର୍ଥବୋଧ୍ୟମ୍' ମଧ୍ୟବର୍ତ୍ତୀ ଭାଷା ଯୋଗୁଁ ଇଂରାଜୀର ପ୍ରବଚନକୁ 'Out of ight, out of mind' —ଯାହାର ଅନୁବାଦ ହେବାର କଥା "ଆଖିରୁ ଅନ୍ତର ହେଲେ ମନରୁ ବି ଅନ୍ତର"—ଯନ୍ତ୍ର ଅନୁବାଦ କଲା—"ଦୃଷ୍ଟିଶକ୍ତି ନାସ୍ତି ମାନସିକ ଶକ୍ତି ନାସ୍ତି"="ଅନ୍ଧ ନିର୍ବୋଧ" !

ଯନ୍ତ୍ରର କଠୋର ଓ ସେକ ଠୋକ ଭାଷ ଏବେ ବୈଜ୍ଞାନିକ ଭାଷା ଉପରେ ବି ଆକ୍ରମଣାତ୍ମକ ପ୍ରଭାବ ପକାଇଲଣି । ଯେହେତୁ ଯନ୍ତ୍ର ବାଙ୍କେ, ଟେଢ଼ାଳିଆ ପେଞ୍ଚାଳିଆ କଥାକୁ ଧରି ପାରିବ ନାହିଁ ତେଣୁ ଯନ୍ତ୍ର ଆଗରେ ଯେଉଁ ସମସ୍ୟା ଥୋଇବାର ଇଚ୍ଛା, ତାହାକୁ ଅତିରେକ ପରିଷ୍କାର ଭାବରେ ଥୋଇବାକୁ ହେବ । ବୋଧହୁଏ ଯନ୍ତ୍ର (ଅନୁବାଦକ) ଯିଏ 'ଅର୍ଥବୋଧ୍ୟମ୍' କଣିକା ଉପରେ ନିର୍ଭର କରୁଛି ସିଏ ଅବଶ୍ୟ ମାନବବାଦୀର କାରୁକର୍ମୀ-ମାନଙ୍କୁ ଭାବପ୍ରକାଶରେ ଅଧିକ ସ୍ପଷ୍ଟ ଓ ଦ୍ୱିଧାହୀନ ହେବାକୁ ବାଧ କରିବ । ଫଳରେ ଆମ୍ଭେମାନେ ଶବ୍ଦଯୋଜନା ଓ ଶୈଳୀରେ ଅଧିକ ସ୍ପଷ୍ଟ, ସଂଯତ ଓ ଯଥାଯଥ ହେବାକୁ ବାଧ୍ୟ ହେବା ତେଣୁ ହୁଏତ ମଣିଷର ଲେଖା ଭିତରେ ଗୁଡ଼ାଏ ଆବୁରୁ ଜାବୁରୁ ବାକ୍ୟ, ଅଦରକାରୀ, ଶବ୍ଦ ଓ ବାକ୍ୟାଂଶ ରହିବ ନାହିଁ । ତେବେ କ'ଣ ଏହାର ମାନେ ହେଲା ଯେ ମଣିଷର ଭାଷା ଯନ୍ତ୍ରର ଭାଷାର ଚରିତ୍ର ଗ୍ରହଣ କରିଯିବ ? କେବେ ନୁହେଁ । ଜୀବନ୍ତ ଭାଷା ଭିତରେ ଏଭଳି ଜୀବନ୍ତ ସ୍ଫୁଲିଙ୍ଗ ରହିଛି ଯାହା କଦାପି 'ଅର୍ଥବୋଧ୍ୟମ୍' କଣିକା ଉପରେ ନିର୍ଭର କରିବ ନାହିଁ ।

---

# ଛାୟାପଥର ଭାଷା

(ଆଦିମ ମଣିଷ କେବଳ ତା'ର ପାଖଆଖର ଉପକଣ୍ଠସ୍ଥ ଭାଇ ବିରାଦରଙ୍କ ସଙ୍ଗେ ଭାବ ଆଦାନ ପ୍ରଦାନ କରୁଥିଲା । ତା'ପରେ ମଣିଷ ଧୀରେ ଧୀରେ ଅନ୍ୟ ଉପକଣ୍ଠ ଓ ଲୋକମାନଙ୍କର ଭାଷା ଅନୁଭବ କଲା । ବିଭିନ୍ନ ଭାଷାଭାଷୀଙ୍କ ଭିତରେ କଥୋପକଥନ ଚାଲିଲା । ଏବେ ପୃଥିବୀର ଯେ କୌଣସି ସ୍ଥାନର ମଣିଷ ଇଚ୍ଛା କଲେ ଦୋଭାଷୀ ସାହାଯ୍ୟରେ ଓ ବିଜ୍ଞାନର ଅନ୍ୟ ସବୁ ଆଧୁନିକ ଉପକରଣ ନେଇ ଭାବ ବିନିମୟ କରିପାରିବ ।

କିନ୍ତୁ ଯଦି ପୃଥିବୀ ବାହାରେ କୌଣସି ମଣିଷ ବା ମଣିଷ ଭଳି ବୁଦ୍ଧିମାନ ପ୍ରାଣୀ ଥାଆନ୍ତି ସେମାନଙ୍କ ସହିତ କଥାବାର୍ତ୍ତା ହୋଇପାରିବ କି ? ସେ ଭାଷା କିଭଳି ହେବ ? ଆଜି ବୈଜ୍ଞାନିକମାନେ ଏହି ଶୂନ୍ୟ-ଲୋକ ବା ଛାୟାପଥ ଭାଷା ଉଦ୍ଧାରରେ ଲାଗିଛନ୍ତି । ଯଦି ପୃଥିବୀ ବାହାରେ ମଣିଷ ଭଳି ବୁଦ୍ଧିମାନ ପ୍ରାଣୀ ବା ମନୁଷ୍ୟଠାରୁ ଅଧିକ ବୁଦ୍ଧିମାନ ପ୍ରାଣୀ ଥାଆନ୍ତି……… )

## ଇରୁଣ୍ଡି ବନ୍ଧରେ

ବିଜ୍ଞାନ-ଉପନ୍ୟାସ ବା ବିଜ୍ଞାନ କଳ୍ପନା-ଉପନ୍ୟାସରେ ଆମେ କେବେ କେବେ 'ପୃଥିବୀ ବାହାର ମଣିଷ' କଥା ଶୁଣିବାକୁ ପାଉ । ମନୁଷ୍ୟ ଏବେ ମହାଶୂନ୍ୟରେ ପ୍ରବେଶ କରିଛି ଓ ଅନ୍ୟ ଗ୍ରହମାନଙ୍କୁ ଉଡ଼ିଯିବାକୁ ଯୋଗାଡ଼ ଯନ୍ତ୍ର ଚଳେଇଛି । ତେଣୁ ଧୀରେ ଧୀରେ ଉପନ୍ୟାସ-କାହାଣୀର ଗୋଟିଏ ଗୋଟିଏ କଳ୍ପନା ସତ୍ୟ ହେବାରେ ଲାଗିଛି । ଆଜକୁ ବହୁ ବର୍ଷ ତଳେ ଜୁଲ୍ ଭର୍ଣ୍ଣ ନାମକ ବିଜ୍ଞାନ ଔପନ୍ୟାସିକ ଚନ୍ଦ୍ର ଅଭିଯାନ କଥା କଳ୍ପନା କରିଥିଲେ । ତାହା ସେବେ ଥିଲା କଳ୍ପନା । ଏବେ ତାହା ବାସ୍ତବ ହୋଇଛି । ତେଣୁ ମଙ୍ଗଳ, ଶୁକ୍ର ବା ବୃହସ୍ପତି ଅଭିଯାନ ଏବେ ଯେ କଳ୍ପନା ଭିତରେ ଅଛି ତାହା ବି ବାସ୍ତବ ଭିତରକୁ ଆସିବାର ସମ୍ଭାବନା ଖୁବ୍ ଉଜ୍ଜ୍ୱଳ ହେଲାଣି ।

ତେବେ କଥା ହେଉଛି ଏହି ଗ୍ରହଜଗତରେ ଅର୍ଥାତ୍ ସୌରଜଗତର ଏହି ଗ୍ରହମଣ୍ଡଳରେ ମନୁଷ୍ୟ କ'ଣ ତା' ଭଳି ବୁଦ୍ଧିମାନ ପ୍ରାଣୀ ବା ବସ୍ତୁ

ଭେଟିବ ? ଯଦି ଭେଟିବ ତେବେ ସେହି ପ୍ରାଣୀ ସାଙ୍ଗରେ ମନୁଷ୍ୟର କଉଣ ସମ୍ଭାଷଣ ହେବ, ଭାବ ବିନିମୟ ହେବ ?

ମନେ ହୋଇପାରେ ଏକଥା 'ଗଛ ନ ଦେଖୁଣୁ ନଙ୍ଗଳା' ହେବା କଥା । ଆଉ ସବୁ କାମ ଛାଡ଼ି ଯଦି ଜ୍ୟୋତି-ପ୍ରାଣି ବିଜ୍ଞାନୀ, କଂପ୍ୟୁଟର-ତନ୍ତ୍ରଜ୍ଞ, ଜ୍ୟୋତିର୍ବିଦ୍, ଗଣିତଜ୍ଞ ଓ ଭାଷା ଆଦାନ ପ୍ରଦାନ କ୍ଷେତ୍ରରେ କାର୍ଯ୍ୟ କରୁଥିବା ବିଶାରଦ ଲାଗନ୍ତି ତେବେ ତ ମଣିଷ କୃତାର୍ଥ ! ଏବେ ବିଜ୍ଞାନର ଏତେ ଉପଯୋଗ ହେଲେବି ପୃଥିବୀର ମନୁଷ୍ୟର ଦୁଃଖବେଦନା ତୁଟି ନାହିଁ । ଏବେ କୋଟି କୋଟି ନିରାହାର, ଅର୍ଦ୍ଧାହାର ରହିଛନ୍ତି । ପ୍ରାକୃତିକ ବିପଦ, ଯୁଦ୍ଧ, ମହାମାରୀ, ବେକାରି ଏବେ ବି ଦୁନିଆର ଅଧିକାଂଶ ଅଂଶ ଘୋଟି ରହିଛି । ତେଣୁ ବିଜ୍ଞାନୀମାନେ ଏକଥାରେ ମୁଣ୍ଡ ନ ପୂରାଇ ଚନ୍ଦ୍ରକୁ ନେଇ ଗଣୁଛନ୍ତି କାହିଁକି ? ଏଭଳି ଯୁକ୍ତି ଅଯଥାର୍ଥ ନୁହେଁ । ତେବେ ମନୁଷ୍ୟର ଜିଜ୍ଞାସୁ ବୃତ୍ତି ମହାଶୂନ୍ୟକୁ ଭେଦ କରି ସାରିଲାଣି । ଏ ଧରା ତଳର ଦୁଃଖ କ୍ଳେଶ ପାଇଁ ଉଦ୍ୟମ ତ ହେବ, ତାହା ଜଣେ ବୈଜ୍ଞାନିକ ବା ଦାର୍ଶନିକର କାର୍ଯ୍ୟ ନୁହେଁ । ତାହା ଧରାତଳବାସୀ ନିପୀଡ଼ିତ ଜନସାଧାରଣଙ୍କର କାର୍ଯ୍ୟ । କିନ୍ତୁ ତାହା ସତ୍ତ୍ୱେ ଦୁନିଆରେ ବିଜ୍ଞାନର ଅନୁସନ୍ଧାନ ଆଗକୁ ଆଗକୁ ଧାଇଁବ । ଧାଇଁବାକୁ ବାଧ୍ୟ । ଏହାହିଁ ତାହାର ଧର୍ମ ।

ମଣିଷର ଏହି ମହାଶୂନ୍ୟ ଯାତ୍ରାରେ କାହା ସଙ୍ଗେ ଭେଟ ହୋଇ ପାରେ ? ମଣିଷ କ'ଣ ଏହି ବିଶ୍ୱ ବ୍ରହ୍ମାଣ୍ଡରେ ଏକାକୀ ନାଁ ତାହାପରି ଚିନ୍ତା କରିପାରୁଥିବା ଲୋକ ଆଉ କେଉଁଠି ଅଛନ୍ତି ? ଯଦି ଥାଆନ୍ତି ତେବେ ମଣିଷ କି ସେମାନଙ୍କ କଥା ବୁଝି ପାରିବ ? ବିଭିନ୍ନ ଗ୍ରହରେ ଯଦି କୌଣସି କୌଣସି ସଂସ୍କୃତି ଥାଏ ତାହା ସଙ୍ଗେ କ'ଣ ମନୁଷ୍ୟ ସଂସ୍କୃତିର ବିନିମୟ ସମ୍ଭବ ?

ମୂଳରୁ କହିଦେଲେ ହୁଏତ ରସଭଙ୍ଗ ହେବ । କିନ୍ତୁ କହିଦେବା ଉଚିତ । ବୋଧହୁଏ ଏହି ବିଶ୍ୱବ୍ରହ୍ମାଣ୍ଡର ତାରକାଲୋକରେ ଛାୟାପଥରେ ମଣିଷର କେହି 'ଭାଇ' ନାହିଁ ।

ଏପର୍ଯ୍ୟନ୍ତ ମଣିଷର ମଙ୍ଗଳବାସୀ ସଙ୍ଗେ ଭେଟ ହୋଇ ନାହିଁ । ଶୁକ୍ରଗ୍ରହବାସୀ ସଙ୍ଗେ ବି ଦେଖା ମିଳି ନାହିଁ । ସୌର ଜଗତର କୌଣସି

ଗ୍ରହବାସୀ ସଙ୍ଗେ କେବେ ମନୁଷ୍ୟର ସାକ୍ଷାତ ହୋଇ ନାହିଁ । ଅଥବା ଯେଉଁ ଛାୟାପଥ ଭିତରେ ଆମର ସୌରଜଗତ ଅର୍ଥାତ ସୂର୍ଯ୍ୟ, ମଙ୍ଗଳ, ବୁଧ, ବୃହସ୍ପତି, ଶୁକ୍ର, ଶନି, ନେପଚ୍ୟୁନ, ଇଉରାନସ୍, ପ୍ଲୁଟୋ ଗ୍ରହମାନେ ଓ ସେମାନଙ୍କର ଭିତରୁ କେତେକଙ୍କର ଉପଗ୍ରହମାନେ ଅଛନ୍ତି ସେଥିରେ ତ ମଣିଷ ତା'ଛଡ଼ା ଅନ୍ୟ ବୁଦ୍ଧି ଥିଲା ଜନ୍ତୁକୁ ଭେଟି ନାହିଁ, ତାହା ବାହାରେ ବି ଛାୟା ପଥର ଅନ୍ୟ କୌଣସି ସୌର ଜଗତରୁ ବି କାହାରିକୁ ଦେଖି ନାହିଁ ।

ତେବେ ବି ବୈଜ୍ଞାନିକମାନେ ଅଣୁ ଓ ପରମାଣୁକୁ ଠଉରାଇବା ପୂର୍ବରୁ ତ ସେମାନଙ୍କର ଅସ୍ତିତ୍ୱ କଥା ଜାଣିଥିଲେ । ପେନସିଲ ଓ କାଗଜ ସେଇ ତ ଜ୍ୟୋତିର୍ବିଦ୍‌ମାନେ ଗ୍ରହ ଓ ଉଲ୍କାପିଣ୍ଡ ମାନଙ୍କୁ ଆବିଷ୍କାର କରୁଛନ୍ତି ।

ଆମର ପଦାର୍ଥ, ମନୁଷ୍ୟ ଜୀବ—ବିଜ୍ଞାନ, ସାମାଜିକ ବିଜ୍ଞାନର ବିଶାଳ ଆଇନ କାନୁନର ଭଣ୍ଡାରକୁ ଚାହିଁଲେ ଜଣାପଡ଼ୁଛି ଯେ ଏତେ ଗୁଡ଼ିଏ ପ୍ରାକୃତିକ ଆଇନ କେବଳ ଏହି ବିଶ୍ୱବ୍ରହ୍ମାଣ୍ଡର ସୂକ୍ଷ୍ମାତିସୂକ୍ଷ୍ମ ଅଂଶ ମନୁଷ୍ୟ ପାଇଁ ହୋଇଥିବ ? ଏଥିରୁ ସୂଚନା ମିଳୁଛି ଯେ ମଣିଷ କେବଳ ଏହି ବିଶ୍ୱର ବାସିନ୍ଦା ଓ ଏକମାତ୍ର ଅଧିବାସୀ ନୁହେଁ ଅନ୍ୟ ବୁଦ୍ଧିମାନ ପ୍ରାଣୀ ବୋଧହୁଏ ଅଛନ୍ତି ।

ଏକଥା କ'ଣ ହୋଇପାରେ ଯେ ଆମର ସୂର୍ଯ୍ୟର (ଯାହା ଆମର ଛାୟାପଥର ଗୋଟିଏ ମଧ୍ୟ ଜନ୍ମା ତାରା) କେବଳ ଗୋଟିଏ ଗ୍ରହ ରାଜ୍ୟ ଅଛି, ଅନ୍ୟ କୌଣସି ତାରାର ନାହିଁ । ପୁଣି ଯଦି ବା ଅନ୍ୟ ତାରାମାନଙ୍କର ବି ଗ୍ରହ ଅଛି ସେମାନେ କି ନିଷ୍ପ୍ରାଣ, ମୃତ ସେଠାରେ କ'ଣ ଆମର ପୃଥିବୀ ପରି ଜୀବନର ଉନ୍ମେଷ ହୋଇନାହିଁ ? ଏହି ପୃଥିବୀ କ'ଣ ଏକମାତ୍ର ଜୀବନ୍ୟାସ ମନ୍ତ୍ର ପାଇଛି ? ବିଶ୍ୱବ୍ରହ୍ମାଣ୍ଡର ଯେଉଁତକ ଅଞ୍ଚଳ ଏପର୍ଯ୍ୟନ୍ତ ଆବିଷ୍କାର ଭିତରକୁ ଆସିଛି ସେହି ଅଞ୍ଚଳ ଭିତରେ ଯେତେ ତାରା (ଅର୍ଥାତ୍ ଆମର ସୂର୍ଯ୍ୟ ଭଳି ବା ତା' ଠାରୁ ଆହୁରି ବଡ଼, ବହୁଗୁଣ ବଡ଼) ଅଛନ୍ତି ସେମାନଙ୍କର ସଂଖ୍ୟା ହେଲା ୧୦୦,୦୦୦,୦୦୦,୦୦୦,୦୦୦,୦୦୦,୦୦୦ (ଏକ ପରେ କୋଡ଼ିଏଟି ଶୂନ୍) । ଆମେରିକାର ଜ୍ୟୋତିର୍ବିଦ ହାରଲୋ

ଶେପଲି ମନେ କରନ୍ତି ଯେ ଏହି ଏକ କୋଡ଼ିଏ ଶୂନ ତାରା ମାନଙ୍କୁ ବେଢ଼ି ଅନ୍ତତଃ ଏକରେ କୋଡ଼ିଏ ଶୂନ୍ୟ ଅର୍ଥାତ୍ ଏକ ଶହ ନିୟୁତ ନିୟୁତ ଗ୍ରହ ଅଛନ୍ତି । ଏହି ଗ୍ରହମାନଙ୍କରେ ପରିସ୍ଥିତି ଏପରି ଥିବା ସମ୍ଭବ ଯେଉଁଥିରେ ଉଚ୍ଚସ୍ତରରେ ସଂଗଠିତ ଜୀବକୋଷ ଥିବେ । ଏମାନଙ୍କ ଭିତରେ ଗ୍ରହ ନିଶ୍ଚିତ ଭାବରେ ଥିବେ, ଯେଉଁଠି ବୁଦ୍ଧିମନ ପ୍ରାଣୀ ଅଛନ୍ତି ।

ମଣିଷ ଆପଣାର ଗ୍ରହର ଆବଦ୍ଧ କୋଠରୀରେ ଥିବା ଏକ ବନ୍ଦୀ ପ୍ରାଣୀ ନୁହେଁ । ଏହାଠାରୁ ବରଂ ଏକଥା ଆହୁରି ସମ୍ଭାବନାକୁ ଆସୁଛି ଯେ ଛାୟାପଥ ଅର୍ଥାତ୍ ଆମର ତାରକା ଜଗତ୍ ଲୋକାକୀର୍ଣ୍ଣ ସହର ଏବଂ ଏହାର କୌଣସି ଏକ କଣଗଡ଼ିଆ ସ୍ଥାନରେ ଆମର ପୃଥିବୀ ଗୋଟିଏ ସହରତଳି !

ତ୍ସିଓଲକୋଭସ୍କି ନାମକ ରୁଷ ବୈଜ୍ଞାନିକ ଥରେ ପଚାରିଥିଲେ "ଏହା କ'ଣ ସମ୍ଭବ ଯେ ଇଉରୋପରେ କେବଳ ଲୋକ ଅଛନ୍ତି ଆଉ ପୃଥିବୀରେ ଅନ୍ୟ କେଉଁଠି ଲୋକ ନାହାନ୍ତି । (ସେ କାଳେ ଇଉରୋପରେ ଏପରି ଧାରଣା ଥିଲା) ଏକଥା କ'ଣ ହୋଇ ପାରେ ଯେ ଗୋଟିଏ ଦ୍ୱୀପରେ ବାସିନ୍ଦା ବସବାସ କରୁଅଛନ୍ତି ଆଉ ବାକି ଦ୍ୱୀପ ସବୁ ଫାଙ୍କା । ଏହା କ'ଣ ହୋଇପାରେ ଯେ ବିରାଟ ବଣର ବଗିଚାରେ ଗୋଟିଏ ସେଉ ଗଛରେ ଫଳ ଭରି ହୋଇ ରହିଛି ଆଉ ବିପୁଳ ସଂଖ୍ୟାକ ଗଛ ଖାଲି ଶ୍ୟାମଳ ପତ୍ରରେ ଭରି ରହିଛି, ଗୋଟିଏ ହେଲେ ଫଳ ନାହିଁ । ଆଲୋକ-ପରିଦାର ବିଶ୍ଳେଷଣରୁ ଜଣାପଡୁଛି ଯେ ପୃଥିବୀ ଯେଉଁ ଉପାଦାନରେ ଗଢ଼ା ବିଶ୍ୱ ମଧ୍ୟ ସେହି ଉପାଦାନରେ ଗଢ଼ା । ତେଣୁ ଏଥିରୁ ପ୍ରମାଣ ମିଳୁଛି ଯେ ବିଶ୍ୱର ସବୁଠି ଜୀବନ ରହିଛି । ଅବଶ୍ୟ ଏହି ଜୀବନ ଅସୀମ ଭାବରେ ବିଚିତ୍ର ଓ ବହୁବିଧ ।

ଦିନେ ନା ଦିନେ ଏହି ତାତ୍ତ୍ୱିକ ସମସ୍ୟା ବ୍ୟବହାରର କ୍ଷେତ୍ର ଭିତରେ ପଡ଼ିବ—ଶୂନ୍ୟ-ଉଡ଼ାଣର ଯୁଗ ତ ଆରମ୍ଭ ମାତ୍ର ହୋଇଛି—ଦୂର ମହାଶୂନ୍ୟର ବିଜୟ ଏବେ ତ ସୁରୁ ହୋଇଛି ମାତ୍ର ।

ଏହି ବିଶ୍ୱଭିତରେ ଆମେ କାହାକୁ ଭେଟିବା, କ'ଣ ଭେଟିବା ? ଏଥିରେ ବୁଦ୍ଧିର କି ପ୍ରମାଣ ମିଳିବ ? ମନୁଷ୍ୟ ଭଳି ଲୋକେ ଅଛନ୍ତି ?

କିମ୍ବା ଶାଶ୍ୱତିକ ଭାବରେ ବିଭିନ୍ନ ବୁଦ୍ଧିର କୌଣସି କୌଣସି ମହାପ୍ରାଣୀ ଅଛନ୍ତି ? ସେମାନେ ସଭ୍ୟତାର କେଉଁ ସ୍ତରରେ ଅଛନ୍ତି ? ପ୍ରସ୍ତରଯୁଗ ସ୍ତରରେ ! ବା ଓଲଟା ଭାବରେ ଆମର ଏହି ସଭ୍ୟତା ସେମାନଙ୍କ ଆଖିରେ ପ୍ରସ୍ତର-ଯୁଗ ସ୍ତରର ଅର୍ଥାତ୍ ନିତାନ୍ତ ନିମ୍ନ ସ୍ତରର ? ହୁଏତ ସେମାନଙ୍କ ଠାରୁ ହଜାରେ ବା ହଜାର ହଜାର ବର୍ଷ ପଛରେ ଆମର ସଭ୍ୟତା ପଡ଼ିଛି । ରୁଷ ବିଜ୍ଞାନ ଔପନ୍ୟାସିକଙ୍କର ଆନ୍ଦ୍ରୋମେଡାରେ ସେ କଳ୍ପନା କରିଛନ୍ତି ଏ ବିଶ୍ୱବ୍ରହ୍ମାଣ୍ଡରେ ଏକ ବିରାଟ ବୃତ୍ତର ପରିଧି ଭିତରେ ବୁଦ୍ଧିମାନ ପ୍ରାଣୀ ରହିଛନ୍ତି ତାହାର ବାହାର ଆମର ଅଗମ୍ୟ । ଆମକୁ ଏହି ପରିଧୀ ଭିତରେ ହିଁ ଆମର ସଂପର୍କ ପ୍ରତିଷ୍ଠା କରିବାକୁ ହେବ । କେବଳ ଭବିଷ୍ୟତହିଁ ଏହି ପ୍ରଶ୍ନଗୁଡ଼ିକର ଉତ୍ତର ଦେବ ।

## ତାରକା ଜଗତ୍‌ରେ କଥୋପକଥନ

ମଣିଷ ଆଜ କେବଳ ସୌରଜଗତର ଅନୁସନ୍ଧାନରେ ସନ୍ତୁଷ୍ଟ ରହୁନାହିଁ । ସେ ଏହାଠାରୁ ଆହୁରି ଦୂରକୁ ତାରକାମାନଙ୍କ ଆଡ଼କୁ ଯିବାକୁ ଉଦ୍ୟମ କଲାଣି ତାରକା ଜଗତର ଦୂରତ୍ୱ ଆମର ସୌରଜଗତ୍‌ର ଗ୍ରହମାନଙ୍କ ଦୂରତ୍ୱ ଅପେକ୍ଷା କୋଟି କୋଟି ଗୁଣ ବେଶି । ପୃଥିବୀରୁ ଚନ୍ଦ୍ରକୁ ଆଲୋକ ପହଞ୍ଚିବାକୁ ଏକ ସେକେଣ୍ଡ ଲାଗେ, ସୂର୍ଯ୍ୟରେ ପହଞ୍ଚିବାକୁ ଲାଗେ ଆଠ ମିନିଟ୍ କିନ୍ତୁ ସବୁଠାରୁ ନିକଟବର୍ତ୍ତୀ ତାରା 'ପ୍ରେକ୍ସିମା ସେନଟରି'ରେ ପହଞ୍ଚିବାକୁ ୪.୨୭ ବର୍ଷ ଲାଗେ । ଆମର ସୌରଜଗତ୍‌କୁ ଗୋଟିଏ ପୋଷ୍ଟକାର୍ଡ ସଙ୍ଗେ ସମାନ ବୋଲି ଧରିଲେ ଆମର ନିକଟବର୍ତ୍ତୀ ତାରା ଅଧକିଲୋମିଟରର ଦୂରରେ ଅଛି ବୋଲି ଜଣାଯିବ । କିନ୍ତୁ ସେହି ତାରାଟି ଯେଉଁ ଛାୟାପଥର ଅଂଶ ଅର୍ଥାତ୍ ଯେଉଁ ଛାୟାପଥର ଭିତରେ ସେହି ତାରାଟି ଅବସ୍ଥିତ ସେହି ଛାୟାପଥର ଆୟତନ ଏ ପୃଥିବୀର ଛଅଭାଗରୁ ଭାଗେ ବା ବର୍ତ୍ତମାନ ଭାରତବର୍ଷର କ୍ଷେତ୍ରଫଳ ହେବ । ବର୍ତ୍ତମାନ ମନୁଷ୍ୟର ସବୁଠାରୁ ଦ୍ରୁତ ଗତି ଯାନ ବି ତାରକାମାନଙ୍କ ପାଖରେ ପହଞ୍ଚିବା ପାଇଁ ମନୁଷ୍ୟକୁ ହଜାର ହଜାର ବର୍ଷ ଏପରିକି ଲକ୍ଷ ଲକ୍ଷ ବର୍ଷ ଲାଗିଯିବ ।

ତେବେ ମନେ ହୋଇପାରେ ଏଭଳି ଅସମ୍ଭବ ବ୍ୟବସ୍ଥାରେ ମୁଣ୍ଡ ଖେଳାଇ ଲାଭ କ'ଣ ? କାରଣ କୌଣସି ମଣିଷ ହଜାରେ ଗୁଣ ଆୟୁଷ

ନେଲେ ଏ ତ ତାରକା ରାଜ୍ୟରେ ପହଞ୍ଚି ପାରିବ ନାହିଁ କିନ୍ତୁ ଏକଥାର ଆଉ ଏକ ଦିଗ ଅଛି । ତାରକା ରାଜ୍ୟ ସହିତ ସଂଯୋଗ ସ୍ଥାପନ କରିବାକୁ କେବଳ ସେଠାରେ ଯାଇ ସଶରୀରରେ ପହଞ୍ଚିବାର ପ୍ରୟୋଜନ ନାହିଁ । ଆମେ ସେଠାର ବୁଦ୍ଧିମାନ ଜୀବଙ୍କ ସହିତ ଦୃଷ୍ଟି ସ୍ଥିତି କିରଣ ବା 'କସ୍‌ମିକ୍ ରେ'ର ସଙ୍କେତରେ ଯୋଗସୂତ୍ର ସ୍ଥାପନ କରି ପାରୁ । ତାରକାମାନଙ୍କ ସହିତ କଥୋପକଥନ ପାଇଁ ରେଡ଼ିଓ ଅଛି ସବୁଠାରୁ ନିର୍ଭରଯୋଗ୍ୟ ସୁଦୂର-ପଥବାର୍ତ୍ତା ବ୍ୟବସ୍ଥା ।

ଗତ ପ୍ରାୟ ପନ୍ଦର ବର୍ଷ ହେଲା ଅର୍ଥାତ ୧୯୫୭ ସାଲ ଠାରୁ ଜ୍ୟୋତିର୍ବିଦ୍‌ମାନେ ମହାଶୂନ୍ୟରୁ ରେଡ଼ିଓ ସଙ୍କେତ ପାଉଛନ୍ତି କିନ୍ତୁ ଏହି ସଙ୍କେତ କୌଣସି ବୁଦ୍ଧିମାନ ପ୍ରାଣୀର ସଙ୍କେତ ନୁହେଁ ଏହା ପ୍ରାକୃତିକ ସଙ୍କେତ ।

ଗବେଷଣାଗାରରେ ରେଡ଼ିଓ ସଙ୍କେତ ଆମର ଗ୍ରହସ୍ଥିତ ବହୁ ଚନ୍ଦ୍ରରୁ ଆସୁଛି । ଏପରିକି ଆମର ଛାୟାପଥର କେନ୍ଦ୍ରରେ ଥିବା ନକ୍ଷତ୍ରମାନଙ୍କ ଠାରୁ ବି ଆସୁଛି । ଏଭଳି ଅନ୍ୟ ଛାୟାପଥର ତାରକାର ସଙ୍କେତ ପାଞ୍ଚ, ଆଠ, ଓ ଦଶ କୋଟି ଆଲୋକ-ବର୍ଷର ଦୂରତ୍ୱ ପାର ହୋଇ ଆସୁଛି । ଏହି ସଙ୍କେତ ଭିତରୁ କେତେକ ଅତ୍ୟନ୍ତ କ୍ଷୀଣ, କେତେକ ଖୁବ୍ ତେଜସ୍ୱାନ—ଅସମ୍ଭବ ଭାବରେ ତେଜସ୍ୱାନ । ଅନ୍ତର୍ନକ୍ଷତ୍ର ରେଡ଼ିଓ ଶବ୍ଦ ଭିତରେ ଗୋଟିଏ ସ୍ୱର ଅଛି ଯାହା ସବୁ ସ୍ୱରକୁ ବୁଡ଼ାଇ ଶୁଣାଯାଉଛି । ହାଇଡ୍ରୋଜେନ ଅଣୁମାନେ ଫାଙ୍କା ଶୂନ୍ୟରେ ପରସ୍ପର ସଙ୍ଗେ ସଂଘାତରେ ୨୧ ସେଣ୍ଟିମିଟର ତରଙ୍ଗ-ଦୈର୍ଘ୍ୟ ବିଶିଷ୍ଟ ରେଡ଼ିଓ ସଙ୍କେତମାନ ପଠାଇବାରେ ଲାଗିଛନ୍ତି । ଏଭଳି ଆକସ୍ମିକ ସଂଘାତ ମହାଶୂନ୍ୟର ସବୁ କୋଣରୁ ଆସୁଛି ଯେଉଁଗୁଡ଼ିକ ସବୁଠାରୁ ଶକ୍ତିଶାଳୀ ଦୃଶ୍ୟମାନ ଦୂରବୀକ୍ଷଣ ଯନ୍ତ୍ରର ପରିଧୀର ବାହାରେ । ତେବେ ଆମେ ଯଦି ଏଭଳି ଆକସ୍ମିକ ରେଡ଼ିଓ ସଙ୍କେତର ପ୍ରବାହ ଭିତରେ କିଛିଟା ନିୟମାନୁବର୍ତ୍ତିତା ବା ଶୃଙ୍ଖଳା ପାଆନ୍ତୁ ତେବେ ମନେ ହୁଅନ୍ତା ଯେ ଏହି ରେଡ଼ିଓ ସଙ୍କେତର ଅର୍ଥମୂଳକ ପ୍ରକୃତି ନୁହେଁ ନିଶ୍ଚୟ । କିନ୍ତୁ ଏ ପର୍ଯ୍ୟନ୍ତ ତାହାର କୌଣସି ସୂଚନା ମିଳିନାହିଁ ।

୧୯୬୦ ମସିହାରେ ଏହା ନିର୍ଦ୍ଧାରଣ କରିବାକୁ ଏକ ପ୍ରୟୋଗ ପରୀକ୍ଷା ହୋଇଥିଲା । ଅପ୍ରେଲ ୫ ଓ ୭ ତାରିଖରେ ଯୁକ୍ତରାଷ୍ଟ୍ର ଆମେରିକାର ଗ୍ରିନ ବ୍ୟାଙ୍କ ଦୂରଦର୍ଶନାଗାର ତାହାର ୨୫ ମିଟରବାଲା ରେଡ଼ିଓ ଥାଳାକୁ ଗୋଟିଏ ତାରକା ସଂସ୍ଥା ଦିଗରେ ଘୁରାଇଥିଲା । ବୈଜ୍ଞାନିକମାନେ ମନେ କରିଥିଲେ ଯେ ଏହି ତାରକା ସଂସ୍ଥା ବା ଛାୟାପଥ ଭିତରେ ଏଭଳି ଏକ ତାରା (ସୂର୍ଯ୍ୟ) ଅଛି ଯାହାର ପୃଥିବୀ ଭଳି ଦୁଇଟି ଗ୍ରହ ଅଛନ୍ତି । ସେହି ତାରକା ଦୁଇଟିର ନାମ ହେଲା 'ଏପ୍ସିଲନ୍ ଏରିଡ଼ାନି', ଓ 'ଟାଉ ସେଟି', ଏହି ତାରକାମାନଙ୍କରୁ ନିର୍ଗତ ହୋଇଥିବା ରେଡ଼ିଓ ଆବାଜକୁ ରେଡ଼ିଓ ଦୂରବୀକ୍ଷଣର ବିଶାଳ କାନ୍ ଦ୍ୱାରା ଶୁଣିବାର ଉଦ୍ୟମ କରାଯାଇ ଥିଲା । ସେ ଗୁଡ଼ିକ ବହୁଗୁଣିତ କରି ଟେପ୍‌ରେକର୍ଡରେ ରେକର୍ଡ କରାଯାଇ ଥିଲା ଓ ଶେଷରେ ଇଲେକ୍‌ଟ୍ରୋନିକ ମେସିନ୍ ଦ୍ୱାରା ସେଗୁଡ଼ିକୁ ବିଶ୍ଳେଷଣ କରାଯାଇଥିଲା । ପ୍ରଥମେ ମନେ ହୋଇଥିଲା ଯେ ଏ ଆବାଜଗୁଡ଼ିକ ଭିତରେ ଶୃଙ୍ଖଳା ଓ ନିୟମାନୁବର୍ତ୍ତିତା ରହିଛି । ତେଣୁ ଏଗୁଡ଼ିକ ପ୍ରାକୃତିକ ଆବାଜ ନ ହୋଇପାରେ ଏହା କୌଣସି ବୁଦ୍ଧିମାନ ପ୍ରାଣୀଠାରୁ ଆସିବା ସମ୍ଭବ । କିନ୍ତୁ ଏଭଳି ଆଶା କ୍ଷଣସ୍ଥାୟୀ ହେଲା । କାରଣ ଆବାଜର ତଥାକଥିତ ଶୃଙ୍ଖଳ ଓ ନିୟମାନୁବର୍ତ୍ତିତାର କାରଣ ଥିଲା ଉକ୍ତ ଗ୍ରାହକ ଯନ୍ତ୍ର ରେଡ଼ିଓ ଟେଲିସ୍କୋପ୍ ବା ଦୂରବୀକ୍ଷଣର ଭିତର ଗୋଳମାଳ । ସେ ଯନ୍ତ୍ରଗୁଡ଼ିକ ଭିତରୁ ଏଭଳି ଆବାଜ ଆସୁଥିଲା । ତେଣୁ 'ଟାଉ ସେଟି' ଓ 'ଏପସିଲନ୍ ଏରିଡାନି' ତାରକାଦ୍ୱୟର ଗ୍ରହ ଏପର୍ଯ୍ୟନ୍ତ ନୀରବ । ସେମାନଙ୍କ ଠାରୁ ସଙ୍କେତ ଆସିବାର କୌଣସି ଚିହ୍ନ ନାହିଁ ।

ସୃଷ୍ଟି ସ୍ଥିତ ବାସିନ୍ଦା ମାନଙ୍କ ସଙ୍ଗେ କଥା ଭାଷା ପାଇଁ ବା ଠିକ୍ ଭାବରେ କହିଲେ ସଙ୍କେତ ଆଦାନ ପ୍ରଦାନ ପାଇଁ ଏବେ ଇଞ୍ଜିନିଅର ଓ ବୈଜ୍ଞାନିକମାନେ ଓଜନଦାର ଆଲୋକ 'କଡ଼ି' ବ୍ୟବହାର କରୁଛନ୍ତି । ଏହାକୁ 'ଲେଜର' କୁହାଯାଉଛି । 'ଲେଜର'ର ଏଭଳି ଶକ୍ତି ଅଛି ତାହା ଖୁବ୍ ଉଚ୍ଚ ଶକ୍ତିମାନ ଆଲୋକ କଣିକାକୁ ତାରାମାନଙ୍କ ଭିତରେ ଥିବା ମହାଶୂନ୍ୟ ଭିତରେ ବି ନିକ୍ଷେପ କରି ଦୂର ଦୂରାନ୍ତରରେ ପହଞ୍ଚି ଯାଇ ପାରେ ଓ ଅଜଣା ଗ୍ରହମାନଙ୍କରେ ଆଲୋକ ସଙ୍କେତ ପହଞ୍ଚାଇ ଦେଇ-ପାରେ । ତେଣୁ ଅନେକ ବୈଜ୍ଞାନିକଙ୍କର ମତ ଯେ ଆମର ଛାୟାପଥର

ଅନ୍ୟାନ୍ୟ ସୌରଜଗତର ବାସିନ୍ଦାଙ୍କ ସଙ୍ଗେ ଆମେ ସଙ୍କେତ ଆଦାନ-ପ୍ରଦାନ ଭଳି କଥା ଏହି ବିଂଶ ଶତାବ୍ଦୀ ଭିତରେହିଁ ସାଧନ କରି ପାରିବୁଁ । ଏଭଳି ସଙ୍କେତ ଆଦାନ ପ୍ରଦାନ ସମ୍ଭବ ହେଲା ଏଥିରେ ଭାବ ବିନିମୟ ହେବ କିପରି ? ମନେ କରନ୍ତୁ ଜଣେ ବିଦେଶୀ ଲୋକ ଗୋଟିଏ ବସ୍ତୁକୁ ଦେଖାଇ ତା ଠାରୁ ଗୋଟିଏ ଆମର ଅଜଣା ଶବ୍ଦ ଉଚ୍ଚାରଣ କଲା । ତେବେ ଆମେ ତା'ର ଉତ୍ତରରେ କିଛିକାଳ ପରେ ସେହି ଶବ୍ଦଟିକୁ ଉଚ୍ଚାରଣ କରି ଜଣାଇବୁ ଯେ ଆମେ ତା'ର ସଙ୍କେତ ବୁଝିପାରିଲୁଁ । ଠିକ୍ ସେପରି ଅଜଣା ଗ୍ରହ 'କ'ରୁ ଯଦି କୌଣସି ସଙ୍କେତ ଆସେ ତେବେ ଆମେ କ'ଣ କରିବା ? ବିଖ୍ୟାତ ପଦାର୍ଥବିତ୍ ଓ ଐତିହାସିକ ଷ୍ଟଲ୍ଫ ଲିପଙ୍କ ମତରେ ଆମେ ଯେପରି ସଙ୍କେତ ପାଉଥିବା ତାହାକୁ ଠିକ୍ ସେହି ସଙ୍କେତକୁ ଫେରାଇ ସଙ୍କେତ ଦେବା । ତେବେ ଆମର ଦେଖିବା ଉଚିତ୍ ସଙ୍କେତ-ପ୍ରେରକ ଯେପରି ମନେକରେ ସେ ଆମର ପ୍ରତିସଙ୍କେତ ହେଉଛି ତା'ର ସଙ୍କେତର ହିଁ ପ୍ରତିଧ୍ୱନି । ତେଣୁ ସେ ଯେତିକି ସମୟ ଅନ୍ତରରେ ସଙ୍କେତ ପଠାଉଛି ଆମେ ସେହି ସମୟର ତାରତମ୍ୟ କରିଦେବା ଯେପରି ସେ ବୁଝିପାରିବ ଯେ ଆମର ସଙ୍କେତ ତା'ର ସଙ୍କେତର ଜବାବ; ପ୍ରାକୃତିକ ରେଡ଼ିଓ ପ୍ରତିଧ୍ୱନି ନୁହେଁ ।

ମନେ କରନ୍ତୁ ଏ କଥା ହେଲା । ଆମେ କହିଲୁଁ 'ହେଲୋ' ସେ କହିଲା 'ହଲୋ'—ଅର୍ଥାତ୍ ସେ ସଙ୍କେତ ଦେଲା ଓ ଆମେବି ପ୍ରତି ସଙ୍କେତ ଦେଲୁଁ । ତେଣିକି କ'ଣ ହେବ ।

## ମହାଶୂନ୍ୟର ଭାଷାତତ୍ତ୍ୱ

ଏଠାରେ ଏକ ବିଜ୍ଞାନ-ଉପନ୍ୟାସର ବର୍ଣ୍ଣନା ଦିଆଯାଉଛି—ପିଟର କହିଲେ "ଆମେ ଅମର ପରିଚୟ ଦେଉଛୁଁ ।" ଏତିକି କହି ସେ ଖୁବ୍ ସମ୍ଭ୍ରମ ସହକାରେ ଉଠି ଠିଆ ହେଲେ ଓ ସ୍ପଷ୍ଟ ଭାବରେ କହିଲେ । "ଆମେ ପୃଥିବୀ ବାସୀ । ଆମର ଗ୍ରହକୁ ଆମେ ପୃଥିବୀ କୋଲି କହୁଁ । ଏହା ଚୁମ୍ବା ପଥର ତୃତୀୟ ଦୁରନ୍ତ ପାହାଡର ବାହୁ ମୂଳରେ ଅବସ୍ଥିତ ।"

......ହଠାତ୍ କେତେଗୁଡ଼ିଏ ଉଦ୍‌ଭଟ ସଙ୍କେତ ଓ ରେଖା ଅଙ୍ଗନର ଉପରେ ତାଙ୍କୁ ସଟେ ଦେଖା ପଡ଼ିଲା । ସେଠୁଁ ପିଟର ସନ୍ତୁଷ୍ଟ ଗଳାରେ କହିଲେ ଆଃ, ସେମାନେ ଆମ ସଙ୍ଗେ କଥାବାର୍ତ୍ତା କରିବାକୁ ଇଚ୍ଛା କରୁଛନ୍ତି ।

ସେ କେତେ ମିନିଟ ପାଇଁ ଉଦ୍‌ଭଟ ଅଦ୍ଭୁତ ସଙ୍କେତ ଗୁଡ଼ିକୁ ନିରେଖିଲେ ତା'ପରେ ତାଙ୍କ ମୁହଁ ହସରେ ଉଜ୍ଜ୍ୱଳ ଦିଶିଲା ।

“ସେମାନେ ଗୋଟେ ପ୍ରକାର ଗାଣିତିକ ସୂତ୍ର ବା ସମୀକରଣ ଲେଖିଛନ୍ତି । ଏହାର ଗଠଣରୁ ଜଣାପଡ଼ୁଛି ଏଥିରେ ସନତା ଓ ଶକ୍ତିର ସୂତ୍ର କଥା ଲେଖା ରହିଛି । ଯାହା ପ୍ରକୃତିର ବିଶ୍ୱଜନୀନ ଆଇନ ।”

ଏଭୋଲି ପ୍ରକେଭ ନାମକ ଜଣେ ରୁଷୀୟ ବିଜ୍ଞାନ ଔପନ୍ୟାସିକ ଆପଣାର ବହି ‘ଗ୍ରି ଏଣ୍ଡ’ରେ ଧରାବାସୀଙ୍କ ସହିତ ଗ୍ରହପଥର ମଧ୍ୟ ଭାଗରେ ଥିବା ଗୋଟିଏ ଗ୍ରହର ବାସିନ୍ଦାଙ୍କର କଥୋପକଥନ ଏହିଭଳି ଭାବରେ ବର୍ଣ୍ଣନା କରିଛନ୍ତି । ସେଠୁଁ ସୂଚନା ନିମ୍ନ ପ୍ରକାରେ ହୋଇଛି— ଧରାବାସୀମାନେ ଅକ୍ଷରରେ ଲେଖିଛନ୍ତି ଓ ଏଠାର ଏକାଡେମୀବାଲା ପଣ୍ଡିତେ ତାହାକୁ ଖୁବ୍ ଜୋର ସ୍ପଷ୍ଟ ଗଳାରେ ଉଚ୍ଚାରଣ କରିଛନ୍ତି । ଏହାର ଜବାବରେ ‘ଗ୍ରି ଏଣ୍ଡ’ବାସୀମାନେ ସେମାନଙ୍କର ବର୍ଣ୍ଣମାଳାର ଅକ୍ଷର ଲେଖିଛନ୍ତି ଓ ସେମାନଙ୍କ ତରଫରୁ ଏକ ‘ଯାନ୍ତ୍ରିକ ଗଳାରୁ ଧ୍ୱନି ଉଚ୍ଚାରିତ ହୋଇଛି’ । ଉଭୟ ବର୍ଣ୍ଣମାଳାର ସଂଖ୍ୟାରେ ଗ୍ରିଏଣ୍ଡର ବର୍ଣ୍ଣମାଳାରେ ଅକ୍ଷର ସଂଖ୍ୟା ଅନ୍ତତଃ ଏକଶହ ।

ଏସବୁ ଅଦ୍ଭୁତ ଉଦ୍‌ଭଟ କଳ୍ପନା । କାରଣ ଆମେ ଅକ୍ଷର ଦେଖାଇଲା ମାତ୍ରେ ସେ ପଟେ ସେମାନେ ତାଙ୍କର ଅକ୍ଷର ଲେଖି ଦେଖାଇବେ ଓ ସେମାନଙ୍କର ଗଣିତ ସୂତ୍ର ପଢ଼ି ଆମେ ବିଶ୍ୱଜନୀନ ଆଇନର ସୂତ୍ର ବୋଲି ତାହାକୁ ଧରି ପାରିବା । ଏତ ଅତି ଅସମ୍ଭବ କଥା । ଏକଥା ତ ଆମର ଏହି ଗ୍ରହର ବଡ଼ବଡ଼ ଭାଷାଜ୍ଞାନୀ ମଣିଷ ଭିତରେ ବି ଚଳି ପାରୁ ନାହିଁ । କାରଣ ଇଣ୍ଡୋ-ଇଉରୋପୀୟ ଭାଷାମାନଙ୍କରେ ବିଶାଳ ସଂଖ୍ୟାର ଶବ୍ଦ ଓ ଯେ ଯାହା ମନେ ହୁଏ ଆପାତତଃ ବୋଧଗମ୍ୟ ତାହା ବି ପାପୁଆ, ଏସ୍କିମୋ, ଅଷ୍ଟ୍ରେଲିୟ ଆଦିବାସୀ ଉପଜାତି, ଓ ଆମାଜନ୍ ନଦୀତଟବାସୀ ‘ଭାରତୀୟ’ ଉପଜାତିମାନଙ୍କର ବୋଧଗମ୍ୟ ହେଉନାହିଁ ।

ଏବେ ଶୁନ୍‌—ଭାରତୀୟ ପୁରାତନ ଦାର୍ଶନିକ ଲେଖା ଗୁଡ଼ିକୁ ଯେଉଁ ବିଶେଷଜ୍ଞମାନେ ଅନୁବାଦ କରୁଛନ୍ତି ସେମାନେ ବି ତ ଅନେକ ଗୁଣାତ୍ମକ ଭାବକୁ ଅନୁବାଦ କରିବା ଅସମ୍ଭବ ବୋଲି କଲମ ଥୁଆ କରୁଛନ୍ତି । ତଥାପି ଏବେ ପୃଥିବୀ କ୍ଷେତ୍ରରେ ଯାହା ବି କିଛି ଅସୁବିଧା ଅଛି ତାହା ତ ସୃଷ୍ଟି ସ୍ଥିତିର ମହାପ୍ରାଣୀ ସହିତ ସଂପର୍କ ସ୍ଥାପନ କ୍ଷେତ୍ରରେ, ବା ମହା ଜାଗତିକ କଥୋପକଥନ ଆଗରେ ସାମାନ୍ୟ ପିଲାଖେଳ ପରି ମନେ ହେବ । ଯେତେ ପାର୍ଥକ୍ୟ ହେଲେ ବି ଆମେ ଧରାପୃଷ୍ଠବାସୀ ମଣିଷ, ଧରାବାସୀ ମଣିଷ । ଆମର ଆଚାର ବ୍ୟବହାର, ଭାଷା, ସଂସ୍କୃତି, ଲାଳନ ପାଳନ, ସବୁ ଗୋଟିଏ ଧରଣର ପ୍ରାଣୀର ଗୋଟିଏ ଗ୍ରହର ଜୀବନର ବିବର୍ତ୍ତନ ଏକକ ଚକ୍ର ଭିତରେ ସୀମାବଦ୍ଧ । କିନ୍ତୁ ବ୍ରହ୍ମାଣ୍ଡର ଗ୍ରହମାଳା ଭିତରେ ଏଭଳି ଏକତାର ପ୍ରଶ୍ନ ଉଠୁ ନାହିଁ ।

ଆମର ଏହି ଦୁନିଆ ସଭିଙ୍କର ଦୁନିଆ । ଅଷ୍ଟ୍ରେଲିଆର ଆଦିବାସୀ, ଆଲ୍‌ସେସୀୟ, ବୁଶମ୍ୟାନ୍, ଏ ସମସ୍ତେ ଏହି 'ପୃଥିବୀ ଦୁନିଆର ମଣିଷ । ଏମାନଙ୍କର ଢଙ୍ଗଢାଙ୍ଗ ଆମ ପକ୍ଷରେ ବୁଝିବା ଟିକିଏ ସହଜ । ଏକ ଗ୍ରହର 'ସନ୍ତାନ' ହୋଇ ଆମେ ଆମ ଭିତରେ ଏକ ସାଧାରଣ ଭାବବିନିମୟ ବ୍ୟବସ୍ଥା କରି ପାରିବୁ । କିନ୍ତୁ ଆଉ ଏକ ଗ୍ରହର ଜୀବଙ୍କ ସଙ୍ଗେ ଭାବ ବିନିମୟ ତ ଏତେ ସୋଜା କଥା ନୁହେଁ । ସେଠାରେ ତ ଘଟଣା ଆମ ଏଠାରୁ ବହୁତ ପ୍ରଭେଦ ଥାଇପାରେ । ସେଠାରେ ଦଶଶିର ରାବଣ ଥାଇପାରନ୍ତି । ମୁଣ୍ଡ ଥିଲେ ପାଦ ନ ଥାଇପାରେ, ମେରୁଦଣ୍ଡ ଥାଇପାରେ ନ ଥାଇପାରେ, ସେମାନଙ୍କର ମାନସିକ ଶକ୍ତି (ମସ୍ତିଷ୍କ) କ'ଣ ହୋଇଥିବ କିଏ ଜାଣେ ? ତେଣୁ ସେମାନଙ୍କର ଚଳଣି, ସଂସ୍କୃତି, ଭାଷା ! କଳ୍ପନାତୀତ କଥା !

ମନେ କରନ୍ତୁ ଏଭଳି ଲୋକ ଅଛନ୍ତି ଯେଉଁମାନଙ୍କର ଶାରୀରିକ ଗଠନ ଯୋଗୁଁ ସେମାନେ ସବୁ ଜିନିଷକୁ ନେଳି ନେଳି ଦେଖନ୍ତି । ସେମାନଙ୍କ ମନରେ ଏ ଭାବ କେବେ ଆସି ପାରିବ ନାହିଁ ସେମାନେ ସେହି ଗୋଟିଏ ବର୍ଣ୍ଣହିଁ ଦେଖୁଛନ୍ତି । ତେଣୁ ସେମାନଙ୍କ ପାଇଁ ନୀଳ ବର୍ଣ୍ଣର କିଛି ଅର୍ଥ ହିଁ ନାହିଁ । ତେଣୁ ସେମାନଙ୍କ ଭାଷାରେ ନୀଳବର୍ଣ୍ଣ ତ ନଥିବ ତା'ଛଡ଼ା ଆମେ ଯେତେ ପ୍ରକାର ନୀଳବର୍ଣ୍ଣ କଥା ଆମ ଭାଷାରେ ରଖିଛୁ

ଇଣ୍ଡିଗୋ ନୀଳବର୍ଣ୍ଣ, ମାଜେଣ୍ଟା ନୀଳବର୍ଣ୍ଣ, ଆକାଶୀ ନୀଳବର୍ଣ୍ଣ, ଇତ୍ୟାଦି ଇତ୍ୟାଦି ସେଗୁଡ଼ିକ ସେମାନଙ୍କ ପାଇଁ କେବଳ ହାଲୁକା, ଘନ, ବା ସାଧା, କଳା ଭାବରେ ଦିଶିବ କିନ୍ତୁ ତା ପାଖରେ ତ 'ନୀଳ' ଶବ୍ଦ ଟା ରହିବ ନାହିଁ । ସେମାନେ 'ନୀଳ' ବର୍ଣ୍ଣର ଜିନିଷ ଦେଖି ବାରିବା ପୂର୍ବରୁ ସେମାନଙ୍କୁ ତ ନୀଳ-ଇତର ବର୍ଣ୍ଣର ଜିନିଷ ଦେଖାଥିବା ଦରକାର । ତେବେ ଏଗୁଡ଼ିକ ହେଲା ଏହି ପୃଥିବୀ ଜଗତର ଖାମଖିଆଲ । କିନ୍ତୁ କୌଣସି ମହାକାଶଜୀବଙ୍କ କଥୋପକଥନରେ ତ ଏଭଳି ଖାମଖିଆଲ ହଜାର, ଲକ୍ଷ ଗୁଣ ପଡ଼ିବ ।

ତେଣୁ କେତେକ ବୈଜ୍ଞାନିକଙ୍କ ମତରେ ଅନ୍ୟ ଜଗତ୍‌ରେ ଥିବା ବୁଦ୍ଧିମାନ ପ୍ରାଣୀମାନଙ୍କ ସଙ୍ଗେ କଥୋପକଥନ ବ୍ୟବହାର କ୍ଷେତ୍ରରେ ଅସମ୍ଭବ । ତେବେ ବି ବହୁ ଗବେଷକ ଆଶା ଛାଡ଼ି ନାହାନ୍ତି । ସେମାନଙ୍କର ଆଶାର କାରଣ ହେଲା ଯେ ଏହି ବିଶ୍ୱବ୍ରହ୍ମାଣ୍ଡ ହେଲା ଏକକ-ଉପାଦାନ ବିଶିଷ୍ଟ, ସେହି ଅଣୁ, ପରମାଣୁ, ଯୌଗିକ ଉପାଦାନ ଏ ସବୁ ବ୍ରହ୍ମାଣ୍ଡକୁ ଗଢ଼ିଛନ୍ତି । ଆମର ଘରର ପାଖପଡ଼ିଶାରେ ହେଉ ବା ଆଣ୍ଡ୍ରୋମିଡା ଛାୟାପଥ ଭିତରେ ସୁଦୂରାନ୍ତରରେ ହେଉ ସେଇ ସମାନ ସମାନ ଉପାଦାନରେ ଏ ସାରା ବିଶ୍ୱବ୍ରହ୍ମାଣ୍ଡ ଗଢ଼ା । ଏକଥା ବି ଏବେ ଗବେଷକମାନଙ୍କ ଭିତରେ ଭୁମ୍ବୁକ ବିତର୍କର ବସ୍ତୁ ଯେ ପ୍ରୋଟିନ୍ ଜୀବନ କି ଏକମାତ୍ର ଜୀବନର ରୂପ ନାଁ ପ୍ରୋଟିନ୍‌ବିହୀନ ଜୀବନ ବି ସମ୍ଭବ ପାରେ । ବିଶ୍ୱବ୍ରହ୍ମାଣ୍ଡର ଯେଉଁ ଅଞ୍ଚଳରେ ଆମେ ରହୁଥାଉଁ ସେଠାରେ ବାସ୍ତବିକ ଦୂରଆର ଆଲୋକ ଓ ସୂଚନାକୁ ବହନ କରିବାର ଧାରାର ନୀତିପଦ୍ଧତି ଗୁଡ଼ିକ ଏକାପ୍ରକାରର । ତେଣୁ ଏହି ଏକତା ବା ସମାନତା ଏହି ବିଶିଷ୍ଟ ଶ୍ରେଣୀର ଗବେଷକଙ୍କ ମନରେ ଏହି ଆସ୍ଥା ସୃଷ୍ଟି କରିଛି ଯେ ମହାକାଶଜୀବଙ୍କ ସଂଯୋଗରକ୍ଷା ଦିଗରେ ଯେତେ ବା ପ୍ରତିବନ୍ଧକ ଆସୁନା କାହିଁକି, ସେଗୁଡ଼ିକ ଦୂର କରାଯାଇ ପାରିବ । ବହୁବିଧ ଭାଷାଗତ ବାଧା ପ୍ରତିବନ୍ଧକ ଥିଲେ ବି ଜଣେ ଲୋକ ଆଉ ଜଣେ ଲୋକର କହିବାର ଭାବ ବୁଝିପାରୁଛି । ଏପରି କି ଭାଷାର କୌଣସି ମେଳକ ନ ଥାଇ ଠାର, ଭ୍ରୂଇଁ, ମୁଦ୍ରା ଓ ନକ୍ସାରେ କେତେକ ପରିମାଣରେ ଭାବ ଆଦାନ ପ୍ରଦାନ ହୋଇ ପାରୁଛି । ଅସାଧାରଣ ଫରାସୀ ସଙ୍କେତାଳ ମାରସେଲ ମାରସିଓ କେବଳ ଠାର ଓ ସଙ୍କେତରେ ଯେଉଁଭଳି ଭାବ ପ୍ରକାଶ କରିଛନ୍ତି ତାହା ବି ସାର୍ବଜନୀନତାରେ ବିଖ୍ୟାତ ହୋଇଛି ।

ଆମେ ସମସ୍ତେ ପୃଥିବୀର ସନ୍ତାନ ତେଣୁ ଆଦାନ ପ୍ରଦାନ ଓ ପରସ୍ପର ଭାବ ବିନିମୟ ସମ୍ଭବ ହୋଇଛି । ଠିକ୍ ସେପରି ଏହି ଶେଷୋକ୍ତ ବୈଜ୍ଞାନିକ ଗବେଷକ ମନେ କରୁଛନ୍ତି ଯେ ବୁଦ୍ଧିମାନ ପ୍ରାଣୀଙ୍କ ଭିତରେ ପରସ୍ପର ବୁଝାମଣା ଓ ଭାବ ବିନିମୟ ଅବଶ୍ୟ ସମ୍ଭବ ହୋଇପାରେ । ସେମାନଙ୍କର ହାତ, ନାକ, ମୁଣ୍ଡ, ଅନେକ ବା ବହୁ ସଂଖ୍ୟକ ବା ଭିନ୍ନ ସଂଖ୍ୟାର ଅସମାନ । ତଥାପି ହେଲୁଶକ୍ତିର ପ୍ରାଣୀ ବା ଜୀବ ହୋଇଛି ଏକ ବିଶ୍ୱ ବ୍ରହ୍ମାଣ୍ଡର ସନ୍ତାନ ।

ଯଦି ଶୋଷେକ୍ତ ବିଶ୍ୱାସ ଓ ଆସ୍ଥା ହିଁ ଠିକ୍ ହୁଏ ତେବେ ସେହି ଭାବବିନିମୟର ମହାଜାଗତିକ ଭାଷା କପରି ହେବ ?

## ଗଣିତ ହିଁ ହେବ ମୂଳଦୁଆ

ଗଣିତକୁ ବିଶ୍ୱବ୍ରହ୍ମାଣ୍ଡର ଭାଷା ବୋଲି କୁହାଯାଇଛି । ଏହାର ଆଇନ୍ ତ ସାରା ସୌରଜଗତ ପାଇଁ ଖଟୁଛି । ମଙ୍ଗଳ, ବୁଧ, ଶୁକ୍ର ଓ ଆଣ୍ଡ୍ରୋମିଡା ନୀହାରିକାରେ ବି ଖଟୁଛି । '—ଅଯୁକ୍ତ ବାର ଅଯୁକ୍ତ' ଯେ ଯୁକ୍ତିରେ ପରିଣତ ହେବ ଏହା ସବୁଠି ଠିକ୍ । ସେହି କାରଣରୁ ବହୁଳ ସଂଖ୍ୟାର ବୈଜ୍ଞାନିକଙ୍କର ବିଶ୍ୱାସ ଯେ ବୁଦ୍ଧିମାନ ମନୁଷ୍ୟମାନଙ୍କ ସଙ୍ଗରେ ଏକ ମହାଜାଗତିକ କଥୋପକଥନ ପାଇଁ ଏକମାତ୍ର ଗଣିତହିଁ ବାହନର କାର୍ଯ୍ୟ କରିପାରେ ।

ତେବେ ବି ଏ କଥାରେ ନାସ୍ତି ଦଳ ବୈଜ୍ଞାନିକଙ୍କର ଯୁକ୍ତି ବି କମ୍ ଟାଣ ନୁହେଁ । ଚେକୋସ୍ଲୋଭାକିଆର ପ୍ରଫେସର କୋଲମାନ ଆଲୋଚନା ପ୍ରସଙ୍ଗରେ କହିଛନ୍ତି "ଯଦି ଆଣ୍ଡ୍ରୋମିଡା ନୀହାରିକାରେ କେହି ଜୀବ ଥିବେ ଯେଉଁମାନେ କଠିଣ ପଦାର୍ଥ ନୁହନ୍ତି, ଯେଉଁମାନେ ତରଳ ପଦାର୍ଥ ଓ ଏକ ତରଳ ବାୟୁମଣ୍ଡଳ ବା ସେହିଭଳି ମାଧ୍ୟମ ଭିତରେ ରହିଛନ୍ତି ତେବେ ସେମାନଙ୍କର ତ ଜ୍ୟାମିତି ବା ପାଟିଗଣିତ ନଥିବ ତେଣୁ ସେମାନେ ଜ୍ୟାମିତିକ ଓ ପାଟି ଗାଣିତିକ ସୂତ୍ରର କୌଣସି ଧାରଣା କରିପାରିବେ ନାହିଁ ତେଣୁ ଏହି ଦୁଇବିଜ୍ଞାନରୁ ଗୃହୀତ ଭାବ ବା ସୂତ୍ର ସାହାଯ୍ୟରେ ସେମାନଙ୍କ ସହିତ ଭାବ ବିନିମୟ ସମ୍ଭବ ନୁହେଁ ।" ବାସ୍ତବିକ କଥା । ଆମର ପାର୍ଥିବ ଇଉକ୍ଲିଡ୍ ବାଲା ଜ୍ୟାମିତି 'ତରଳ ବାସିନ୍ଦା'ମାନେ

ବୁଝିବେ କାହିଁ ? ତେବେ ଗଣିତଜ୍ଞମାନେ ଅଣପାର୍ଥିବ, ଅଣ-ଇଉକ୍ଲିଡ୍ ବାଲା ଜ୍ୟାମିତିର ଗୋଟାଏ ସଂପୂର୍ଣ୍ଣ ମହଲା ତିଆରି କରି ନାହାନ୍ତି । ଆଧୁନିକ ଗଣିତ (ଯଥା ଧରାତଳ-ମିତି [Topology] ଯାହାକୁ ଅନ୍ୟ କଥାରେ କୁହାଯାଉଛି ରବର-ସ୍ତରର ଜ୍ୟାମିତି) ଏତେ ଶକ୍ତିମାନରେ ନବକାର ଗୁଣ ଯୁକ୍ତ ଯେ, ଏହା ଯେ କୌଣସି ଜ୍ୟାମିତିକୁ ବୁଝିପାରିବ ଓ ତାହାକୁ ମଧ୍ୟ କଳ୍ପନା କରିପାରିବ ଯେ କୌଣସି ପାଟିଗଣିତ ବି ଆପୃଷ୍ଠ କରି ପାରିବ ଓ ଯେ କୌଣସି ଯୁକ୍ତି ବିଦ୍ୟାଗଣିତକୁ ବି ଦଖଲରେ ଅଣିପାରିବ (ଯଥା ଆମର ଏଠାର ଯୁକ୍ତି ଦୁଇ-ଦାମିଆ ସତ୍ୟ ବା ମିଥ୍ୟା—କିନ୍ତୁ ଏପରି ବି ପୃଥିବୀ ବା ଗ୍ରହ ଥାଇପାରେ ଯେଉଁଠି ତିନଦାମିଆ, ଚାରି ଦାମିଆ, ଓ ବହୁ-ଦାମିଆ ଯୁକ୍ତିବିଦ୍ୟା ଚଳୁଥିବ । ଯଥା—ଗୋଟିଏ ତ୍ରିଭୁଜର ତିନିବାହୁ ଆଉ ଗୋଟିଏ ତ୍ରିଭୁଜର ତିନିବାହୁ ସଙ୍ଗେ ସମାନ ହେଲେ ତ୍ରିଭୁଜ ଦୁଇଟି ସର୍ବତୋଭାବେ ସମାନ । ଇଉକ୍ଲିଡ୍ଙ୍କର ଏହି ଜ୍ୟାମିତିକ ଉପପାଦ୍ୟର ଯୁକ୍ତି ହେଉଛି ହୁଏତ ଏହି କଥନଟି ସତ୍ୟ ବା ଏହି କଥନଟି ମିଥ୍ୟା । କିନ୍ତୁ ଏପରି ବି ଜ୍ୟାମିତି ହୋଇ ପାରେ ଯେଉଁଠି ଏପରି ଉପପାଦ୍ୟ ସତ୍ୟ ନୁହେଁ ମିଥ୍ୟା ନୁହେଁ ! ସେପରି ସ୍ଥଳେ ଯୁକ୍ତିର ଦୁଇଟି ମୂଲ୍ୟ ନାହିଁ ତାହାର ଦୁଇରୁ ଅଧିକ ମୂଲ୍ୟ ହୁଏ ଆଉ ଯୁକ୍ତି—ବହୁ-ଦାମିଆ ଯୁକ୍ତି )

ଆଜକୁ ବହୁବର୍ଷ ପୂର୍ବେ ଯେତେବେଳେ ରେଡିଓ ଓ ଅନ୍ୟାନ୍ୟ ଦୂରଗାମୀ ସମ୍ବାଦ ପ୍ରେରଣ ବ୍ୟବସ୍ଥା ଉଦ୍ଭାବିତ ହୋଇ ନଥିଲା ସେତେବେଳେ ବୈଜ୍ଞାନିକମାନେ ଭାବୁଥିଲେ ଯେ ପୃଥିବୀର ଗୋଟାଏ ବଡ଼ ପଡ଼ିଆ ଅଞ୍ଚଳ ବେଛି ଯଥା ସାଇବେରିଆରେ ଗୋଟାଏ ସମକୋଣୀ ତ୍ରିଭୁଜର ତିନୋଟି ବିଶାଳ ବାହୁ ତିଆରି କରି ତାକୁ ପ୍ରଚଣ୍ଡ ଆଲୋକରେ ଉଜ୍ଜ୍ୱଳ କରିବେ ଓ ତାହା ଜରିଆରେ ମଙ୍ଗଳ-ଗ୍ରହବାସୀଙ୍କୁ ପୃଥିବୀ-ବାସୀଙ୍କର ଗାଣିତିକ ସଙ୍କେତ ଜଣାଇବେ ଯେ ପୃଥିବୀ ଗ୍ରହରେ ବୁଦ୍ଧିମାନ ପ୍ରାଣୀମାନେ ଅଛନ୍ତି ।

୧୮୯୬ ମସିହାରେ ଚସିଓଲକୋଭସ୍କି ତାଙ୍କର 'ଅନ୍ୟାନ୍ୟ ଗ୍ରହବାସୀଙ୍କ ସହିତ କଥୋପକଥନ ସମ୍ଭବ କି' ନାମକ ଏକ ନିବନ୍ଧରେ ମନେ କରିଥିଲେ ଯେ ପୃଥିବୀ ସଙ୍ଗେ ମହାଜାଗତିକ କଥୋପକଥନ ପାଇଁ ପ୍ରଥମ

ସେମାନେ ହେବେ ମଙ୍ଗଳ ଗ୍ରହବାସୀ ଲୋକେ (ଅବଶ୍ୟ ଏବେ ମଙ୍ଗଳଗ୍ରହବାସୀ କୌଣସି ପ୍ରାଣୀ ଅଛନ୍ତି କେବଳ ସେଥିର ସନ୍ଦେହ ପ୍ରକାଶ ପାଉଛି—ଯଦିଚ ବିତର୍କ ଚାଲିଛି ) ସେ ଯାହା ହେଉ ଏଭଳି ସଙ୍କେତ ହେବ ସଂଖ୍ୟାର ସଙ୍କେତ ଏବଂ ଧ୍ୱନି ଥିଲ ତ୍‌ସିଓଲକୋଭସ୍କିଙ୍କର କଳନା । ବହୁ ଗାଣିତିକ ଗବେଷକ ଏବେ ଏକ, ଦୁଇ, ତିନି, ଚାରି, ପାଞ୍ଚ ଆଦି ଗଣିତର ଭଗ୍ନାଂଶ ହୀନ ସଂଖ୍ୟାକୁ ମହାଶୂନ୍ୟକୁ ପ୍ରେରଣ କରିବା ପକ୍ଷରେ ମତ ଦିଅନ୍ତି । ନତୁବା 'ପାଏ' ସଂଖ୍ୟାକୁ ପ୍ରେରଣ କରିବାକୁ କହୁଛନ୍ତି । 'ପାଏ' ହେଉଛି ଗୋଟିଏ ବୃତ୍ତର ପରିଧି ସହିତ ତାହାର ବ୍ୟାସାର୍ଦ୍ଧର ଲମ୍ବର ଅନୁପାତ । ଏହା ସାରା ପୃଥିବୀର ସବୁ ଗଣିତ ଶାସ୍ତ୍ର ବିଦ୍‌ଙ୍କର ବୋଧଗମ୍ୟ । ସେମାନେ ଏହା ଜରିଆରେ କେବଳ ଖବର ବା ସୂଚନାକୁ ଗଣିତର ଅକ୍ଷର ଜରିଆରେ ପଠାଇବାକୁ ଉଦ୍ୟମ କରୁନାହାନ୍ତି ସେମାନେ ଏହା ଜରିଆରେ ମନୁଷ୍ୟ ସଂସ୍କୃତି, ଗଣିତ ଓ ଅନ୍ୟାନ୍ୟ ବିଜ୍ଞାନକୁ ବି ମହାଜାଗତିକ ଅଞ୍ଚଳରେ ଜଣାଇବାକୁ ଚେଷ୍ଟା କରୁଛନ୍ତି ।

## ଲିଙ୍କୋଜ (ମହାଜାଗତିକ ଭାଷା)

ଓଲନ୍ଦାଜ ଗଣିତଜ୍ଞ ଡକ୍ଟର ହାନ୍‌ସ ଫ୍ରିଉଡେନ୍‌ଥାଲ ଗାଣିତିକ ଯୁକ୍ତି, ଧରାତଳ-ମିତି ଓ ଗଣିତର ଅନ୍ୟାନ୍ୟ ଗୁଣାତ୍ମକ କ୍ଷେତ୍ରର ଜଟିଳ ଗଣିତ ବିଦ୍ୟାରେ ଜଣେ ପ୍ରଧାନ ବିଶେଷଜ୍ଞ । ୧୯୬୦ ମସିହାରେ 'ଯୁକ୍ତିର ବିଷୟ ଓ ଗଣିତର ମୂଳଦୁଆ' ନାମକ ତାଙ୍କର ଆଲୋଚନା ମାଳାରେ ସେ ମହାଜାଗତିକ ଭାବ ବିନିମୟ ପାଇଁ ଏକ ଭାଷାର ସନ୍ଧାନ ଦେଇଛନ୍ତି । ଏହାର ନାମ ସେ ରଖିଛନ୍ତି ଲିଙ୍କୋଜ ବା ଲିଙ୍ଗୁଆ କସ୍‌ମିକା ବା ମହାଜାଗତିକ ଭାଷା ।

ଲିଙ୍କୋଜ୍‌ର ଯୁକ୍ତି ହେଲା ଯେ ବିଶ୍ୱବ୍ରହ୍ମାଣ୍ଡରେ ଯଦି ଗୋଟିଏ ଏକକ କାନୁନ ଅଛି ଓ ସବୁ ପ୍ରକୃତିକ ନିୟମ ସମାନ ତେବେ ପୃଥିବୀର ମଣିଷ ଅନ୍ୟ ଜଗତରେ ଥିବା ମନୁଷ୍ୟଭଳି ଜୀବ ସହିତ ଭାବ ବିନିମୟ ସଂପର୍କ ପ୍ରତିଷ୍ଠା କରି ପାରିବ । ତେବେ ଲିଙ୍କୋଜ୍ ହେଉଛି ଏଭଳି ଭାଷା ବା ଭାବ ବିନିମୟ ସ୍ଥାପନ ପାଇଁ ଗୋଟିଏ ବିନ୍ୟାସ ସ୍କିମ୍ ବା ଯୋଜନା ଏହା ଭାଷାର ମୂର୍ତ୍ତିମନ୍ତ ଓ ଶାରୀରିକ ଚେହେରା ନୁହେଁ । ତେବେ ବି ଏହି ଭାଷାର

ଶବ୍ଦହୀନ ଅକ୍ଷର ଗୁଡ଼ିକ ଗ୍ରାଫ୍ ବା ନକ୍ସାର ଚିହ୍ନ ବା ସଙ୍କେତ । ସେମାନଙ୍କର ଅର୍ଥ ଗୁଡ଼ିକ ଆମର ଶାରୀରିକ ରୂପ ବା ମୂର୍ତ୍ତି ବସ୍ତୁ ସହିତ ମେଳ ଖାଇବା ଦରକାର ଯଥା '!' କହିଲେ ଆମେ ବୁଝୁଁ ଛି ଛି ବା ଧିକ୍କାର । ଅଥବା ବୁଝୁଁ "କେତେ ଅଦ୍ଭୁତ କଥା !" ବା 'ସତେ !'

ଏହି ଭାଷା ଶିକ୍ଷା କହିବାର ପ୍ରଥମରୁ ଲେଖକ ଗଣିତଜ୍ଞଙ୍କର ବିଶ୍ୱାସ ଯେ ଗାଣିତିକ ଧାରା ବା ସଂଖ୍ୟା ସବୁପ୍ରକାର 'ମନୁଷ୍ୟବତ୍' ବା 'ମନୁଷ୍ୟଭିନ୍ନ' ଗ୍ରହାନ୍ତର ଜୀବର ବୋଧଗମ୍ୟ ହେବ ଏକଥା ବିଶ୍ୱାସ କରାଯାଇଛି । ଏହାର ଭୂମିକାଟି ଆମର ସାଧାରଣ ମନୁଷ୍ୟ ଭାଷାରେ ଲେଖା ଯାଇଛି । ତା'ପର ଠାରୁ ଏହାର ଲେଖା ଏଭଳି ହୋଇଛି ଯେ ଏହାକୁ କି ପୃଥ୍ୱୀର ମଙ୍ଗଳ କି ଆନ୍ଦ୍ରୋମିଡା ସବୁ ସ୍ଥାନର ମଣିଷକୁ ବୁଝିବାକୁ ହେଲେ ଏକ ନିର୍ଦ୍ଦିଷ୍ଟ ମାନସିକ ଶୃଙ୍ଖଳା ଗ୍ରହଣ କରିବାକୁ ହେବ । ପ୍ରଥମେ ବୁଦ୍ଧିମାନ ଜୀବଙ୍କ ପ୍ରତି କେତେଗୁଡ଼ିଏ ଆହ୍ୱାନ ପ୍ରଦାନ ସଙ୍କେତ ପଠାଇବାର ବ୍ୟବସ୍ଥା ଏହି ଭାଷାରେ ଦିଆଯାଇଛି । ଏଗୁଡ଼ିକ ହେଉଛି ପଲ୍ସ କୋଡ୍ ସଙ୍କେତ । ଏଗୁଡ଼ିକ ବହୁବାର ଦିଆଯିବ, ଏଗୁଡ଼ିକ ବିଭିନ୍ନ ସମୟାନ୍ତରରେ ଦିଆଯିବ । ତା'ପରେ ମୂଳ ଗଣିତକୁ ମନୁଷ୍ୟର ଭାବ ଆଦାନ ପ୍ରଦାନ ସଙ୍ଗେ ଯୋଡ଼ିବାକୁ ହେବ । ପ୍ରଥମେ ମହାକାଶୀୟ ନକ୍ସା ବା ଗ୍ରାଫ୍ ସଙ୍କେତର ନମୁନା ହେଲା ଏକ ଅଳ୍ପସ୍ଥାୟୀ ଆଲୋକ ଫ୍ଲାଶ୍ ବା ପିଚ୍ଛୁଳା କମ୍ପା ଗୋଟିଏ ରେଡିଓର ଗୁଞ୍ଜନ (ହମ୍) ଏହାର ନକ୍ସା ବା ଗ୍ରାଫ ସଙ୍କେତ ହେଲା ବିନ୍ଦୁ (ଡଟ୍) । ତା'ପରେ ଗ୍ରହାନ୍ତରର ଲୋକ ବା ସଂବାଦ ଗ୍ରାହକ ବୁଝିବେ ଜଣେ କିଏ କଥା ଭାଷା ଆରମ୍ଭ କଲା । ଏହାପରେ ଆଉ କେତୋଟି ବିନ୍ଦୁ ତା'ପରେ > 'ଠାରୁ ବଡ଼' ଚିହ୍ନ ଓ ତା'ପରେ ଆଉ ଦୁଇଟା ବିନ୍ଦୁ ···

•••> • .

ସେହି > କୁ ·····> ·· ପାଞ୍ଚୋଟି ବିନ୍ଦୁ ଓ ଦୁଇଟି ବିନ୍ଦୁ ମଝିରେ ଦିଆଯାଇଛି ପୁଣି··········> ··· ଦଶ ଓ ପାଞ୍ଚଟି ବିନ୍ଦୁ ମଝିରେ ଦିଆଯାଇଛି । ତା'ପରେ < ଚିହ୍ନ ଅର୍ଥାତ୍ 'ଠାରୁ ଛୋଟ' ଠିକ୍ ସେହି ଭଳି ଭାବରେ ବ୍ୟବହାର କରାଯାଇଛି—

·· < ···

···· <·········

· <· ·

ତା'ପରେ ସମାନ ଚିହ୍ନ = ବ୍ୟବହାର କରାଯାଇଛି ।

··· = ···

·· = ··

····· = ·····

ଅର୍ଥାତ୍ ଏଠାରେ ଗଣିତଜ୍ଞ ଫ୍ରିଉଡେନ୍‌ଥାଲ ଗ୍ରହାନ୍ତରର ମନୁଷ୍ୟଭଳି ବୁଦ୍ଧିମାନ ଜୀବକୁ ମନୁଷ୍ୟର ଏପର୍ଯ୍ୟନ୍ତ ଶିଖିଥିବା ସଙ୍କେତ ଗୁଡ଼ିକ ଶିଖାଉଛନ୍ତି । ସେ ଗ୍ରହାନ୍ତରର ଜୀବକୁ କହିବାକୁ ଚାହିଁଛନ୍ତି > ଯେଉଁ ଜିନିଷ ପରେ ଲାଗିଥିବ ସେହି ଜିନିଷ ହେଉଛି ବଡ଼ ତେଣୁ ତିନୋଟି ବିନ୍ଦୁ ଦୁଇଟି ବିନ୍ଦୁ ଠାରୁ ବଡ଼ ଓ ପାଞ୍ଚୋଟି ବିନ୍ଦୁ ଦୁଇଟି ବିନ୍ଦୁ ଠାରୁ ବଡ଼, ବା ଦୁଇଟି ବିନ୍ଦୁ ତିନୋଟି ବିନ୍ଦୁ ଠାରୁ ଶ୍ରେଷ୍ଠ ବା ତିନୋଟି ବିନ୍ଦୁ ତିନୋଟି ବିନ୍ଦୁ ସଙ୍ଗେ ସମାନ । ଏହା ଫଳରେ >, <, =, ଓ ସଂଖ୍ୟାଗୁଡ଼ିକର ବଡ଼ ସାନ ଶିଖା ଯାଇଛି ।

ତା ପରେ ସେ ଶିଖାଉଛନ୍ତି $. = 1 \cdot\cdot = 10 \cdots = 100$ ଇତ୍ୟାଦି । ଅର୍ଥାତ୍ ଯେ କୌଣସି ଗ୍ରହାନ୍ତର ଜୀବ (ମଙ୍ଗଳ ହୋଇଥିଲେ ପୃଥିବୀର ବା ପୃଥିବୀର ହୋଇଥିଲେ ମଙ୍ଗଳର) ଏହି ଗଣିତର ସତ୍ୟ ଗୁଡ଼ିକ ହୃଦୟଙ୍ଗମ କରି ପାରିଲେ ତେଣିକି ପାଟିଗଣିତର ମିଶା, ଫେଡ଼, ଗୁଣ, ହରଣ ର ଆଇନ ଗୁଡ଼ିକ ବାରମ୍ବାର ଦେଖାଇ ଏକ ଧାରଣା ସୃଷ୍ଟି କରାଯାଇ ପାରିବ । ଠିକ ସଙ୍କେତ ଅନୁସାରେ ଏଗୁଡ଼ିକ ହେବ—

$$1 \times 0 = 0, 0 \times 1 = 0, 1 \times 1 = 1, 0 \times 0 = 0$$

ପାଟିଗଣିତର ସୂତ୍ର ଗୁଡ଼ିକ ଶେଷ କରି ଲିଙ୍କୋଜ୍‌ର ଉତ୍ପତ୍ତି ତା ବୀଜଗଣିତର କାର୍ଯ୍ୟ ଗ୍ରହଣ କରିଛନ୍ତି । ଏହାଫଳରେ ସେ ଏକ ନିର୍ଗୁଣ ସଂଖ୍ୟାର ଭାବ ବ୍ୟବହାର କରିଛନ୍ତି—

$$a + \text{ICO} > a + 10$$

$$a + 11 < a + 100$$

ତା'ପରେ ବୀଜଗଣିତ ବ୍ୟବହାର କରି ଫ୍ରିଉଡେନ୍‌ଥାଲ ଗଣିତରେ ମନୁଷ୍ୟର ବୁଦ୍ଧିଚାଳନା ବ୍ୟବହାର କରିଛନ୍ତି—ଗୋଟିଏ ସୂକ୍ଷ୍ମର ଭାବ । ତେଣୁ a କ'ଣ ? a ଏକ ଅଜଣା ପରିମାଣ ଏବଂ ଅଜଣା ପରିମାଣକୁ

ଜାଣିବ କିପରି ? ଏଭଳି ଭାବରେ ବୀଜଗଣିତରେ ପ୍ରଶ୍ନର ଅବତାରଣା କରାଯାଇଛି ଓ ବୀଜଗଣିତର ଏକ ମୂଳ ତତ୍ତ୍ୱାଧାରର ଧାରାବାହିକ ବିଶ୍ଳେଷଣ କରି ଶେଷରେ ଗଣିତର ସାଧାରଣ ଧାରଣା ଦିଆଯାଇଛି ।

ଏଣିକି ବାଣ୍ଟ ବନ୍ଦ, କାରଣ ଉଚ୍ଚ ଗଣିତକୁ ବୁଝାଇବା ପାଇଁ ସୂତ୍ର, ଗ୍ରାଫ ଇତ୍ୟାଦି ଯେତିକି ଲୋଡ଼ା ସେତିକି ଲୋଡ଼ା ଭାଷା । ଗଣିତ ହେଉଛି ଏକ ନିର୍ଗୁଣ ବିଜ୍ଞାନ । ଏହା ଅଦୃଶ୍ୟ ସଂଖ୍ୟା ବା କାଗଜ କଲମର ସଂଖ୍ୟା ଉପରେ ନିର୍ଭର କରି ଲେଖାଯାଏ । ତେବେ ଏହି କାଗଜ କଲମର ସଂଖ୍ୟା ଦେଇ ସିନା ଆମର ଅଙ୍କ ବିଦ୍ୟାରେ ଦଖଲ କଥା ଆମର ମନୁଷ୍ୟଭଳି ଗ୍ରହାନ୍ତର ଜୀବଙ୍କୁ ବୁଝାଯାଇପାରିବ କିନ୍ତୁ ଏଭଳି ଛକ କଟା ସଂଖ୍ୟାର ଭାଷାରେ ଆମର ଜୀବନର ଚଳଣି, ଚିନ୍ତନସ୍ୱପ୍ନ ଓ ଆଚରଣ କଥା କିପରି ବୁଝାଯିବ ? ଗଣିତର ସୂତ୍ର ଓ ଆଇନ ଗୁଡ଼ିକ ସାରା ବିଶ୍ୱ ପାଇଁ ଏକ ଜାହା ନହେଲେ ଏ ଗ୍ରହ ନକ୍ଷତ୍ର, ପୃଥିବୀ, ସୌରଜଗତର ସବୁକାର୍ଯ୍ୟ ବିଗିଡ଼ି ଯାଆନ୍ତା କିନ୍ତୁ ଆଚରଣ, ପାପପୁଣ୍ୟ ଜ୍ଞାନ ଓ ସଂସ୍କୃତି ତ ଆମର ଏହି ଗ୍ରହରେ ଜାଗାଠାରୁ ଜାଗାରେ ଅନ୍ତର । ଏପରିକି ଗୋଟିଏ ଗ୍ରେଟ ଦେଶର, ବିଭିନ୍ନ ଜାତି ବା ବର୍ଣ୍ଣ ଭିତରେ ଅନ୍ତର !

ଆଧୁନିକ ବିଜ୍ଞାନ-ଉପନ୍ୟାସରେ ଗ୍ରହାନ୍ତର ଜୀବଙ୍କର ଆଚରଣ, ଅତିଥି ସତ୍କାର, ସ୍ୱାଗତ ଭଙ୍ଗୀ, ଭେଟିଦାନ ଇତ୍ୟାଦି ନାନା କଳ୍ପନାର ଆତିଶଯ୍ୟ ଦେଖାଯାଏ । 'ମହାକାଶବୃକ୍ଷ' ନାମକ ଗୋଟିଏ ସୋଭିଏଟ ବିଜ୍ଞାନ ଉପନ୍ୟାସରେ ଏଭଳି କଳ୍ପନାର କଳ୍ପଲୋକର ବିବରଣୀ ଦିଆଯାଇଛି । ଶୁକ୍ର ଗ୍ରହର ମନୁଷ୍ୟମାନଙ୍କର ତିନୋଟି ଲେଖାଏଁ କଳା ଆଖି ଓ ସବୁଜ ଚେପ୍ଟାଳିଆ ପାଟି । ସେମାନେ ଖାଇବା ଜିନିଷ ଆଣି ଧରାତଳବାସୀ ମହାକାଶଚାରୀମାନଙ୍କୁ ଭେଟି ଦେଉଛନ୍ତି । ତୃଷ୍ଣାପୂର୍ଣ୍ଣ ନୟନରେ ଆଖି ମିଟିକା ମାରି ମର୍ତ୍ତ୍ୟର ମାନବର ଢଙ୍ଗରେ ସେମାନେ ଅତିଥିମାନଙ୍କୁ ତାଙ୍କ ସଙ୍ଗରେ ଯିବାକୁ ଇସାରା ଦେଉଛନ୍ତି ଇତ୍ୟାଦି ।

କିନ୍ତୁ ଏ କଥା ବି ହୋଇପାରେ ଯେ ସେହି ଗ୍ରହାନ୍ତର ଜୀବ ହସ୍ତହୀନ, ବର୍ତ୍ତୁଳାକାର, ଜଳବାସୀ, ବା ମାଙ୍କଡ଼ସା ପରି ବୃକ୍ଷକୋଟରବାସୀ ବା ଆମେ ଯାହା ଜୀବ ବୋଲି କଳ୍ପନା କରୁଁ ତାହାଠାରୁ ଆହୁରି ଅଦ୍ଭୁତ ଉଦ୍‌ଭଟ ? ବା ହୋଇପାରେ ବହୁ ସଂଖ୍ୟକ ଜୀବ ନ ହୋଇ ଗୋଟିଏ

ମାନ ଗଣାଳ ହସ୍ତଗୋଡ଼ ଯାହା ସାରା ଗ୍ରହକୁ ଘୋଟି ରହିଛି ! ତେବେ ଏଭଳି ଅଦ୍ଭୁତ ବସ୍ତୁପୁଞ୍ଜର ମହାଶୂନ୍ୟର ଶାବକୁ ଆମେ ଆମର ଆଚରଣ, ଆସ୍ଥା, ଇତ୍ୟାଦି ବୁଝାଇବୁ କିପରି ?

ଅବଶ୍ୟ ଲିଙ୍କୋଜ୍ ଭାଷାରେ ଏହି ଆଚରଣ, ଆଦବକାଏଦା ବୁଝାଇବା ପାଇଁ ଚେଷ୍ଟା କରାଯାଇଛି । ଯଥା ଗଣିତକୁ ବିଷୟରେ ଆଲୋଚନା ବେଳେ 'କ' ଗୋଟିଏ ସମସ୍ୟା ଥୋଇଛି 'ଖ' ତାହାକୁ ଭୁଲ ଭାବରେ କଷିଛି 'ଗ' ତାହାକୁ ଠିକ୍ ଭାବରେ କଷିଛି ତେଣୁ 'ଖ'ର ହେଉଛି 'ନିକୃଷ୍ଟ' 'ଗ'ର ହୋଇଛି 'ଉତ୍ତମ' ଇତ୍ୟାଦି । ଏଭଳି ବାର ଚଉଦଟି ଉଦାହରଣ ଜରିଆରେ ଲିଙ୍କୋଜ୍ ଭାଷା, ଆମେ କାହାକୁ ଉତ୍କୃଷ୍ଟ କହିବା କାହାକୁ ନିକୃଷ୍ଟ କହିବା ତାହାର ଉଦାହରଣ ଦେଇଛି । ଯେପରି ବୁଦ୍ଧିମାନ ପ୍ରାଣୀ ସେଥିରୁ ଆମର ଭଲମନ୍ଦ ଧାରଣା ହୃଦୟଙ୍ଗମ କରି-ପାରିବ । ପୁଣି ଆଦବକାଏଦା ଦେଖାଇବା ପାଇଁ—'କ' ଗୋଟିଏ ସମସ୍ୟା ଥୋଇଛି 'ଖ' ତାହାର ସମାଧାନ କରି ଦେଇଛି 'ଗ' ତାହାର ସମାଧାନରେ ଭୁଲ କାଢ଼ିଛି 'ଘ' ସମାଧାନ କରିଛି କିନ୍ତୁ ବହୁତ ବିଳମ୍ବରେ ଏଠାରେ ସମାଧାନର ମୂଲ୍ୟ ହେଉଛି 'ଉତ୍ତମ' । 'ଘ' କ୍ଷେତ୍ରରେ ସମାଧାନ ମିଥ୍ୟା ନୁହେଁ କିନ୍ତୁ ଉତ୍କୃଷ୍ଟ ନୁହେଁ ତେଣୁ 'ମଝି ମଝିଆ' ଇତ୍ୟାଦି । ଏଭଳି ଭାବରେ ଲିଙ୍କୋଜ ଭଲମନ୍ଦ ଧାରଣାର ଅନେକ ଗୁଡ଼ିଏ ଭାବର ସଙ୍କେତ ହୋଇ ପାରିଛି । କାଇଦା ବା ଭଦ୍ରାମି ବିଷୟରେ ଶିଖେଇବାକୁ ଯାଇ 'କ' ଗୋଟିଏ ସମସ୍ୟା ଥୋଇଛି ଓ 'ଗ'କୁ ସମାଧାନ କରିବାକୁ କହିଛି କିନ୍ତୁ 'ଘ' ତାହାକୁ ସମାଧାନ କରିଦେଇଛି । ଏଇଠି 'କ' କହିଛି 'ଖରାପ' କାରଣ "ତୁମକୁ ଯେଉଁ ପ୍ରଶ୍ନ ପଚରାଯାଇଛି ତାହା ତୁମେ ଉତ୍ତର କର । ଅନ୍ୟର ପ୍ରଶ୍ନର ଉତ୍ତର କରନାହିଁ ।" ଏହାହିଁ ଆଦବ କାଏଦ ଶିକ୍ଷା।

'ଆସ୍ଥାର ବ୍ୟବହାର' ପରିଚ୍ଛେଦରେ ଲିଙ୍କୋଜ୍ ଭାଷା 'ପ୍ରମାଣ-କର' ଧାରଣାଟିକୁ ଅନୁପ୍ରବିଷ୍ଟ କରାଇଛି । 'ପ୍ରମାଣକର' ଅର୍ଥ ହେଲେ "ଅଧିକ ବା ଊଣା ଭାବରେ ପ୍ରକୃତ କଥାକୁ ପ୍ରକାଶ କରିବା" ଓ ଏଥିରୁ 'ଭୁଲବୁଝାମଣା' 'ଭୁଲ-ଉଚ୍ଚାରଣ' ବିଷୟ ଗୁଡ଼ିକ ବୁଝାଇବା ପାଇଁ ଚେଷ୍ଟା କରାଯାଇଛି । ଏକଥା ବି ସୂଚିତ ହୋଇ ଯାଇଛି ଯେ "ଗ୍ରାହକ କୌଣସି

ଗୋଟିଏ ସୂଚନାରୁ ଉପସଂହାର କରିପାରେ ଯେ ଜଣେ କୌଣସି ପ୍ରଶ୍ନର ଉତ୍ତର ଜାଣେ କିନ୍ତୁ କହିବାକୁ ଇଚ୍ଛା କରୁନାହିଁ ।”

‘ଆଚରଣ ବ୍ୟବହାର’ ପରିଚ୍ଛେଦରେ କହିବା ଲୋକଠାରୁ ଯାଚାସ୍ବତ କରୁଥିବା, ଇଚ୍ଛା କରୁଥିବା ଓ ଦେଖୁଥିବା ଲୋକଙ୍କ ସଂଖ୍ୟା ବେଶି ହୋଇ ପାରେ ଏଭଳି ଧାରଣା ଦିଆଯାଇଛି । ଜୀବଜନ୍ତୁ ମନୁଷ୍ୟଠାରୁ ଭିନ୍ନ । ଜୀବ ଇଚ୍ଛାକରେ କିନ୍ତୁ କହିପାରେ ନାହିଁ । ମଣିଷ ହିଁ କହିପାରେ । ପୃଥିବୀରେ ତିନିଶହ କୋଟି କଥା କହି ପାରୁଥିବା ଜୀବ ଅଛନ୍ତି ।

ପରବର୍ତ୍ତୀ ଅଧ୍ୟାୟ ଆରମ୍ଭରେ ଲିଙ୍କୋଜ୍‌ର ରଚୟିତା ଫ୍ରିଉଡେଣ୍ଥାଲ ଲେଖିଛନ୍ତି “ଏପର୍ଯ୍ୟନ୍ତ ‘ହୋମ୍’ ଶ୍ରେଣୀର ଲୋକେ ଭ୍ରାନ୍ତ ବ ହୋଇପାରନ୍ତି । ଆମେ ଏକମାତ୍ର ବସ୍ତୁର ଲୋଡ଼କୁଁ ଯାହା ଦେଖା ଯାଏ ।” ମନୁଷ୍ୟ ଗୋଷ୍ଠୀର କ୍ରିୟା କଳାପ ଯେଉଁ ମୌଳିକ ଶାରୀରିକ ଆଇନ ଉପରେ ପ୍ରତିଷ୍ଠିତ ତାହା ବି ସେ ଶିଖାଇଛନ୍ତି । ଯଥା “ଖୁବ୍ ଅଳ୍ପ ସମୟ ଭିତରେ ଜଣେ ଲୋକ ଗୋଟିଏ ସ୍ଥାନରୁ ଆଉ ଗୋଟିଏ ସ୍ଥାନକୁ ଯାଇପାରେ ନାହିଁ ।” “ଯଦି ଗୋଟିଏ ଜିନିଷ ଖୁବ୍ ବଡ ଥାଏ ତେବେ ଜଣେ ମଣିଷ ତାକୁ ଟେକି ନେଇ ପାରେ ନାହିଁ ତେବେ ଅନେକ ଲୋକ ମିଶି ଟେକି ନେଇ ପାରନ୍ତି ।” କୌଣସି ବସ୍ତୁର ଘନତା ଓ ଗତିକୁ ଗୋଟିଏ ପକ୍ଷରେ ବ୍ୟବହାରିକ ଦୃଷ୍ଟିରୁ ମନୁଷ୍ୟର ଆଚରଣ ବ୍ୟବହାର ଦ୍ଵାରା ଓ ଅନ୍ୟ ପକ୍ଷରେ ପଦାର୍ଥ ବିଦ୍ୟାର ଆଇନ ଦ୍ଵାରା ସ୍ଵତଃସିଦ୍ଧ ଭାବରେ ଦର୍ଶାଯାଇଛି । ମା ଓ ବାପଙ୍କୁ ନିମ୍ନଲିଖିତ ମତରେ ବୁଝେଇ ଦିଆଯାଇଛି “ମଣିଷର ଜନ୍ମ ପୂର୍ବରୁ ମଣିଷର ଦେହର ଅସ୍ତିତ୍ୱ ଥାଏ । ଏକଥା ମଧ୍ୟ କେତେକ ଜୀବଙ୍କର କ୍ଷେତ୍ରରେ ସତ୍ୟ ।”

“ଗୋଟିଏ ମନୁଷ୍ୟର ବ୍ୟକ୍ତିଗତ ଅସ୍ତିତ୍ୱ ପୂର୍ବରୁ ଏହାର ଦେହ ମାଆ ଦେହର ଗୋଟିଏ ଅଂଶ ହିସାବରେ ଥାଏ ।” ଏଠାରେ ଫ୍ରିଉଡେନ୍‌ଥାଲ ଜୀବ ବିଜ୍ଞାନର ଆଇନ ଓ ପ୍ରାଥମିକ ପଦାର୍ଥ ବିଜ୍ଞାନର ଆଇନ ଯେଉଁଗୁଡିକ ମନୁଷ୍ୟମାନେ ଶିଖିଛନ୍ତି ତାହାକୁ ବୁଝାଇଛନ୍ତି ।

ତାଙ୍କର ଆଲୋଚନା ଶେଷରେ ଫ୍ରିଉଡେନ୍‌ଥାଲ ଆପେକ୍ଷିକ ତତ୍ତ୍ୱର ମୌଳିକ ସୂତ୍ରକୁ ଦେଇଛନ୍ତି ଓ ଶେଷରେ ଆଇନଷ୍ଟାଇନଙ୍କର ବିଖ୍ୟାତ ସୂତ୍ର $E = mc^2$ ବୁଝାଇଛନ୍ତି ।

ତେବେ ଲିଙ୍କୋଜର ଶିକ୍ଷା ସମାପ୍ତ ହୋଇନାହିଁ । କେବଳ ପ୍ରଥମ ଖଣ୍ଡ ସରିଛି । ଦ୍ୱିତୀୟ ଖଣ୍ଡରେ ଫ୍ରିଉଡେନ୍‌ଥାଲ ବସ୍ତୁ, ଜୀବନ ଓ ମନୁଷ୍ୟ ଆଚାର ବ୍ୟବହାର ବିଷୟରେ ଅଧିକ ପ୍ରାଞ୍ଜଳ ଆଲୋଚନା କରିବାକୁ ମନସ୍ଥ କରିଛନ୍ତି ।

## ମହାଜାଗତିକ ଭାଇ, ନମସ୍କାର !

ମନୁଷ୍ୟ ପୃଥିବୀ ବାହାର ଗ୍ରହ ଓ ଗ୍ରହାନ୍ତରମାନଙ୍କ ବୁଦ୍ଧିମାନ ଜୀବଙ୍କ ସହିତ ଭାବ ବିନିମୟ ପାଇଁ ଏକ ମହାଜାଗତିକ ଭାଷା ଲେଖିଛି । ଲିଙ୍କୋଜ୍ ଏହି ଭାଷାର ପ୍ରଥମ ପଦକ୍ଷେପ । ଏହା ଅଣ-ପୃଥିବୀ ଭାବ ବିନିମୟ କ୍ଷେତ୍ରରେ ଏକ ମୌଳିକ ଗବେଷଣା ଓ ଆଲୋଚନା । ହୋଇପାରେ ଯେ ତାରାର ମହାଶୂନ୍ୟରୁ ଆମେ ଯଦି ନିୟମିତ ଓ ଶୃଙ୍ଖଳାବଦ୍ଧ ସଙ୍କେତ ପାଉ ଓ ତାହା ଦ୍ୱାରା ପ୍ରାପ୍ତ ନିଶ୍ଚିତ ହେଉଁ ଯେ ଏହି ସଙ୍କେତ ପ୍ରାକୃତିକ କାରଣରୁ ନୁହେଁ ଏହା କୌଣସି ମନୁଷ୍ୟଭଳି ଜୀବର ସଙ୍କେତ ତେବେ ସେହି ସଙ୍କେତର ଅନୁସରଣ କରି ଆମେ ଲିଙ୍କୋଜ୍ ବା ତା'ଠାରୁ ଆହୁରି ମାର୍ଜିତ ମହାଜାଗତିକ ଭାଷାରେ ଭାବ ବିନିମୟ କରିପାରିବାରେ ସମର୍ଥ ହେବୁ ।

ଆପଣ ବହିର ମୁଖବନ୍ଧରେ ଫ୍ରିଉଡେନ୍‌ଥାଲ୍ ଏକଥା ଦର୍ଶାଇଛନ୍ତି ଯେ ଆଜିର ମଣିଷ ସହିତ ସମାନ ବିକାଶ ଲଭିଥିବା ଜୀବ କେବଳ ତାଙ୍କର ଲିଙ୍କୋଜ୍‌ର ସଙ୍କେତ ବୁଝିବାକୁ ସମର୍ଥ ହେବ । ଆମର ମନୁଷ୍ୟଠାରୁ ନିମ୍ନ ସ୍ତରର ବୁଦ୍ଧିବାଲା ଜୀବ ପାଇଁ ଲିଙ୍କୋଜ୍ କାମ ଦେବ ନାହିଁ । ତାହା ପାଇଁ ଅନ୍ୟ ଏକ ଭାବ ବିନିମୟ ମାଧ୍ୟମ ବାହାର କରିବାକୁ ପଡ଼ିବ ।

ତେବେ ଏଥିରେ ସନ୍ଦେହ ନାହିଁ ଯେ ଯିଏ ବା ଏହି ଭାଷା ତିଆରି କରୁ ସେ ଜଣେ ଗାଣିତିକ ଯୁକ୍ତିବିଦ୍ ନିଶ୍ଚୟ ହୋଇଥିବ । ତାଙ୍କର ଗଣିତ ଚିନ୍ତା ସଙ୍କେତତତ୍ତ୍ୱ ବିଷୟରେ ଦକ୍ଷତା ଥିବ । ଅର୍ଥାତ୍ ପ୍ରାକୃତିକ ବିଜ୍ଞାନ ଭିତରେ ସବୁଠାରୁ ନିର୍ଗୁଣ ବିଦ୍ୟା ଯାହା ଆମର ନିତିଦିନିଆ ବ୍ୟବହାରରେ ଦରକାର ପଡ଼େ ନାହିଁ ତାହା ମନୁଷ୍ୟର ପାର୍ଥିବ କ୍ରିୟାକଳାପରେ ଓ ତା'ର ମହାଜାଗତିକ ଉଦ୍ୟମରେ ସହାୟକ ହେବ ।

ଅନ୍ୟ ଲୋକରେ ଥିବା ଜୀବ ସହିତ ଭାବ ବିନିମୟ ସହଜ ବ୍ୟାପାର ନୁହେଁ । ତଥାପି ସେହି ବ୍ୟାପାର ସମାଧାନ ହୋଇପାରିବ ଠିକ୍

ଯେପରି ପୃଥିବୀର ବିଭିନ୍ନ ଜାତିର ମଣିଷଙ୍କ ଭିତରେ ଭାବ ବିନିମୟ ବ୍ୟାପାରର ସମାଧାନ ହୋଇ ପାରିଛି । ଆମରି ଛାୟାପଥ ଆମର ତାରକା ରାଜ୍ୟର ଘର । ପୃଥିବୀର ଲୋକେ ଯେପରି ଏକ ଗ୍ରହର ସନ୍ତାନ, ଓ ସେମାନେ ଯେଉଁ ବିପୁଳ ସଂଖ୍ୟକ ଭାଷାରେ କଥା କହନ୍ତି ତାହାକୁ ପରସ୍ପର ବୁଝିବାର ବାଟ ବାହାରି ପାରିଛି, ଠିକ୍ ସେପରି ଆମରି ଛାୟାପଥରେ ବାସ କରୁଥିବା ସବୁପ୍ରକାର ବୁଦ୍ଧିମାନ ଜୀବଙ୍କର ଭାଷା ବୁଝିବା ପାଇଁ କିଛି ନା କିଛି ଗୋଟାଏ ଉପାୟ ବାହାରିବ ହିଁ ବାହାରିବ, କାରଣ ସେମାନେ ସମସ୍ତେ ଏକ ବିରାଟ ବିଶ୍ୱବ୍ରହ୍ମାଣ୍ଡର ସନ୍ତାନ ।

ମନୁଷ୍ୟ ସମାଜର ଭାବ ଆଦାନ ପ୍ରଦାନର ବାହନ ଭିତରେ ଠାର, ଇସାରା, ଇଙ୍ଗିତ, ବାଜା ବଜାଇବା, ସୁର ସ୍ୱର ଓ ଫିସ ଫିସ କଥା, ଟ୍ରାଫିକ୍ ସଙ୍କେତ, ସଡ଼କ ସଙ୍କେତ, ମୁଖର ଭଙ୍ଗୀ, ମନୁଷ୍ୟର ଆଙ୍ଗୁଳ ବ୍ୟବହାର ବା ହାବ ଭାବ ର ଭାଷା, ଯନ୍ତ୍ରର ଭାଷା, ସଂଖ୍ୟାର ଭାଷା, ପ୍ରୋଗ୍ରାମ, ଆଲଗୋରିଥମ୍ ଇତ୍ୟାଦି ସବୁ ଆସି ଯାଉଛି ।

କିନ୍ତୁ ଏମାନଙ୍କ ଭିତରୁ କୌଣସି ଗୋଟିଏ ଭାବ ବିନିମୟ ପଦ୍ଧତି ନମନୀୟତା, ସାର୍ବଜନୀନତା ଓ ସୁଦକ୍ଷତାରେ ଆମର ନିତିଦିନିଆ ସାଧାରଣ ମନୁଷ୍ୟ ଭାଷାକୁ ବଳିଯାଇ ପାରି ନାହାନ୍ତି । ଏହାହିଁ ଏତେ କଥାରେ ଏହି ବହିରେ କୁହାଯାଇଛି । ଏଠାରେ ଆମର ସମୃଦ୍ଧିମୟ ଭାଷାଗତ ଐତିହ୍ୟ, ଏହାର ଅନୁସନ୍ଧାନର ରୋକଠୋକ ଚରିତ ଓ ଏହି "ବିସ୍ମୟ ଠାରୁ ବିସ୍ମୟ"ର ରହସ୍ୟ ଉଦ୍‌ଘାଟନ କରିବାର ଉଦ୍ୟମ କରାଯାଇଛି ।

ରହସ୍ୟର କିଛି ଉଦ୍‌ଘାଟନ ହୋଇଛି । ତଥାପି ଭାଷା ସମ୍ମୁଖରେ ଆମେ ଅବାକ୍ ବିସ୍ମୟରେ ଛିଡ଼ା ହୋଇ ରହିଥାଉଁ । ଏହାର ରହସ୍ୟ ଉଦ୍‌ଘାଟନ ଫଳରେ ଆମରି ମାତୃ ଭାଷା ଆମର ଆହୁରି ପ୍ରିୟ ହୋଇଛି । ଏହାର ସୂକ୍ଷ୍ମତମ ସୌନ୍ଦର୍ଯ୍ୟ ଆଡ଼କୁ ଆମକୁ ଆକୃଷ୍ଟ କରିଛି ଓ ପୃଥିବୀର ଭିନ୍ନ ଜାତିର ଭାଷା ଶିଖିବାକୁ ଆମର ଅଭିଳାଷ ନ ହେଲେ ବି କୌତୁହଳ ଉଦ୍ରେକ କରିଛି ।